ନବ ଦିଗନ୍ତ

ଗୁରୁଚରଣ ପଟ୍ଟନାୟକ

Digitized by srujanika@gmail.com

ନବ ଦିଗନ୍ତ

ଗୁରୁଚରଣ ପଟ୍ଟନାୟକ

Digitized by srujanika@gmail.com

ନବ ଦିଗନ୍ତ

ଲେଖକ: ଗୁରୁଚରଣ ପଟ୍ଟନାୟକ ।। ପ୍ରକାଶକ: ଗୁରୁଚରଣ ପଟ୍ଟନାୟକ, ଅନନ୍ତ ଆଲୋକ, ଶଙ୍କରପୁର, କଟକ-୧୨ ।। ବିତରକ: ନବଯୁଗ ଗ୍ରନ୍ଥାଳୟ, ୭-ଶକ୍ତିନଗର, କଟକ-୧୨ ।। ଅକ୍ଷର ସଜ୍ଜା: ସ୍ପୁଟ୍ନିକ୍, ୭-ଶକ୍ତିନଗର, କଟକ-୧୨ ।। ମୁଦ୍ରଣ: ଲକ୍ଷ୍ମୀ ଅଫସେଟ୍, କଟକ-୧୦ ।। ପ୍ରଥମ ସଂସ୍କରଣ: ମାର୍ଚ୍ଚ ୨୦୦୭

ମୂଲ୍ୟ: ଟ.୧୦୦.୦୦ ମାତ୍ର

NABA DIGANTA

Writer: Guru Charan Patnaik ¶ *Publisher:* Guru Charan Patnaik, Ananta Alok, Sankarpur, Cuttack-12 ¶ *Distributor:* Nabajuga Granthalaya, 7-Shakti Nagar, Cuttack-12. ¶ *D.T.P.:* Sputnik, 7-Shakti Nagar, Cuttack-12 ¶ *Press:* Laxmi Offset, Cuttack-10. ¶ *First Oriya Edition:* March 2007

¶ *Price:* Rs. 100/- Only.

Digitized by srujanika@gmail.com

ଲେଖକର କଥା...

ଏ ଲେଖାଗୁଡ଼ିକ ବିଭିନ୍ନ ସମୟରେ ଲିଖିତ । ସମୟର ବ୍ୟବଧାନ ହେତୁ ସେଥିରେ କିଛି ପରିବର୍ତ୍ତନ ଦରକାର କରେ । ଏବେ ତାହା କରି ନିଜକୁ ମୂଳରୁ ପାଣ୍ଡିତ୍ୟର ପରିଚୟ ଦେବାର ପ୍ରୟାସ, ଏକ ଆତ୍ମ ମର୍ଯ୍ୟାଦାହୀନ କାର୍ଯ୍ୟ । ତେଣୁ ସେଥିପ୍ରତି ମୁଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ । କେତେକ ସ୍ଥାନରେ ସୋଭିଏତ ଋଷ ଓ ଆମେରିକାର ଆଲୋଚନାରେ ସୋଭିଏତର ଉତ୍‌କର୍ଷକୁ ଦୃଢ଼ ଭାବେ ଦର୍ଶାଯାଇଛି । ଅଥଚ ସେଇ ସୋଭିଏତ ଋଷ ଆଜି ଆଉ ନାହିଁ । ତାହା ଭାଜି ପଡ଼ିଛି । ତାହାର ଅର୍ଥ ନୁହେଁ ଯେ ସମାଜବାଦ ବିଲୋପ ହୋଇଛି । ସେହିପରି ଅନ୍ୟ ଦିଗରେ ଆମେରିକା ସାମ୍ରାଜ୍ୟବାଦର ଉତ୍‌କର୍ଷତାକୁ ପ୍ରମାଣ କରେ ନାହିଁ । ବରଂ ତାର ଅପକର୍ଷ ବର୍ତ୍ତମାନ ଜଗତିକରଣ ଅଭିଯାନ ଦ୍ୱାରା ପ୍ରତିପାଦିତ ।

ନଦୀ ଗିରି କନ୍ଦରରୁ ବାହାରି ଜଳଧିରେ ମିଶିଯାଏ । ବାଧା ବିଘ୍ନ ଯେତେ ଅଲଙ୍ଘନୀୟ ହେଲେ ବି କେହି ତାର ପଥରୋଧ କରି ପାରେନା । ସେହିପରି ମଣିଷ ପଶୁ ସ୍ତରରୁ ବାହାରି ବିକାଶ ଧାରାରେ ମାନବିକତାରେ ଆତ୍ମପ୍ରକାଶ କରେ । ପ୍ରତିବନ୍ଧକ ଯେତେ ବିରାଟ ଭୀଷଣ ହେଲେ ବି, କେହି ତାର ପଥରୋଧ କରି ପାରେନା, ସମସ୍ତେ ତା ଆଗରେ ହାର ମାନନ୍ତି । ପଶୁତ୍ୱକୁ ପ୍ରତିହତ କରିବା ମଣିଷର ଅନ୍ତର୍ନିହିତ ପ୍ରକୃତି । ସେଇ ହେତୁ ମାନବତ୍ୱର ବିଜୟ ଅପରିହାର୍ଯ୍ୟ । ସଦା ବର୍ଦ୍ଧିଷ୍ଣୁ ମାନବତା ତାର ଅନନ୍ତ ସାଗରକୁ ଆଲିଙ୍ଗନ କରିବ । ମଣିଷ ତାକୁ ଯେଉଁ ଭାବରେ, ଯେଉଁ ପ୍ରକାରେ, ଯେଉଁ ନାମରେ ଡାକୁ ନା କାହିଁକି ତାହାହିଁ ସମାଜବାଦ । ଅପ୍ରତିହତ ମାନବତାର ସେହି ନବଦିଗନ୍ତ ।

Digitized by srujanika@gmail.com

ସୂଚୀ

➢	ନବଯୁଗ ଓ ନବ ମୂଲ୍ୟବୋଧର ରୂପକାର ପ୍ରାବଂଧିକ ଗୁରୁଚରଣ ପଟ୍ଟନାୟକ — *ପ୍ରଫେସର ବିଜୟ କୁମାର ଶତପଥୀ*	୫
➢	ଗୋପବଂଧୁ ଓ ଭଗବତୀ	୨୨
➢	ସମୟର ସୁଅରେ	୨୯
➢	ଆଭିମୁଖ୍ୟର ଅବକ୍ଷୟ	୩୯
➢	ସାହିତ୍ୟ-ସମାଲୋଚନାର ଉତ୍ତର	୫୯
➢	ବୌଦ୍ଧିକ ସଂକଟ ଓ ଆତ୍ମ-ଆନ୍ତରିକତା	୭୫
➢	ଓଡ଼ିଆ ସାହିତ୍ୟ ପରିଚୟ ସମ୍ପର୍କରେ ପଦେ	୯୦
➢	ସଂସ୍କୃତି ଓ ଅପସଂସ୍କୃତି	୯୮
➢	ସାହିତ୍ୟ ସମାଲୋଚନାର ସମସ୍ୟା	୧୨୩
➢	ସାଂପ୍ରତିକ ପ୍ରଗତି ସାହିତ୍ୟ	୧୩୫
➢	ମୁଁ କାହିଁକି ଲେଖେ	୧୪୩
➢	ଆଜିର ଦିନରେ ନବଯୁଗ ସାହିତ୍ୟ ସଂସଦ	୧୫୩

❑

Digitized by srujanika@gmail.com

ନବଯୁଗ ଓ ନବ ମୂଲ୍ୟବୋଧର ରୂପକାର ପ୍ରାବଂଧିକ ଗୁରୁଚରଣ ପଟ୍ଟନାୟକ

ପ୍ରଫେସର ବିଜୟ କୁମାର ଶତପଥୀ

ପ୍ରଗତିବାଦୀ ଚିନ୍ତା ଚେତନାର ବ୍ୟାଖ୍ୟାକର, ତଦବିଦ୍ ଓ ପ୍ରାବଂଧିକ ଭାବରେ ଶ୍ରୀଯୁକ୍ତ ଗୁରୁଚରଣ ପଟ୍ଟନାୟକ ଓଡ଼ିଶାରେ ସୁପରିଚିତ । ଭଗବତୀ ଚରଣ ପାଣିଗ୍ରାହୀ ପ୍ରାଣନାଥ ପଟ୍ଟନାୟକଙ୍କର ସତୀର୍ଥ ଓ ୰ କବି ଅନନ୍ତ ପଟ୍ଟନାୟକଙ୍କର ସାନଭାଇ ଗୁରୁଚରଣଙ୍କର ପ୍ରବଂଧ ଓ ସାହିତ୍ୟ ସମାଲୋଚନା ଗୁଡ଼ିକ ଗତାନୁଗତିକତା ଠାରୁ ଦୂରତ୍ୱ ରକ୍ଷା କରିଛି । ଜୀବନଧର୍ମୀ ତଥା ଅଂଗୀକାରବଦ୍ଧ ସାହିତ୍ୟର ଭୂମିକା ରଚନା କରି ମାନବର ଜୀବନଚର୍ଯ୍ୟା ସହିତ ଏହାର ନିବିଡ଼ ସଂପର୍କକୁଦେଖାଇ ଦେବା ଦିଗରେ ଶ୍ରୀଯୁକ୍ତ ପଟ୍ଟନାୟକ ୧୯୩୪ ମସିହା ଠାରୁ ନିରବଚ୍ଛିନ୍ନ ଉଦ୍ୟମ କରି ଆସିଛନ୍ତି । ମାନବ ଜୀବନର ସହଭାଗୀ ଓ ସମଭାଗୀ ଭାବରେ ସାହିତ୍ୟ ଓ ସଂସ୍କୃତିକୁ ବିଚାର କରି ଏଥିରେ ପ୍ରତିଫଳିତ ହୋଇଥିବା ନବ ମୂଲ୍ୟବୋଧକୁ ସମାଜ ବିକାଶର ପରିଣାମ ଭାବରେ ସେ ଗ୍ରହଣ କରିଛନ୍ତି । ଏହି ବିକାଶ ପାଇଁ ଦ୍ୱନ୍ଦ୍ୱ ଅପରିହାର୍ଯ୍ୟ । ସେ ଦୃଷ୍ଟିରୁ ସାମାଜିକ ଜୀବନର ଅନ୍ତଃସ୍ଥଳକୁ ବିକ୍ଷୁବ୍ଧ କରି ଚାଲିଥିବା ଦ୍ୱନ୍ଦ୍ୱର ଚିତ୍ରପଟଗୁଡ଼ିକ ତାଙ୍କର ପ୍ରବଂଧ ଓ ସମାଲୋଚନା ଉପସ୍ଥାପନ କରିବାସଂଗକୁ ବିକାଶ ଓ ବିନାଶର ହେତୁଗୁଡ଼ିକୁ ଠାବ କରିବାରେ ସମର୍ଥ ହୋଇଥାଏ ।

ଏଠାରେ ଏହାର ଉଲ୍ଲେଖ ଯୋଗ୍ୟ ଯେ ୧୯୩୪ ମସିହା ଠାରୁ ବିଭିନ୍ନ ପତ୍ର ପ୍ରତିକାରେ ଶ୍ରୀଯୁକ୍ତ ପଟ୍ଟନାୟକ ଅର୍ଥନୈତିକ, ରାଜନୈତିକ ଓ ସମାଜ ତାତ୍ତ୍ୱିକ ପ୍ରବଂଧମାନ ରଚନା କରି ଆସୁଛନ୍ତି । ସ୍ୱାଧୀନତା ପୂର୍ବରୁ ଓ ପରେ ସାହିତ୍ୟ ଓ ରାଜନୀତିରେ ପ୍ରଗତିବାଦୀ ଆନ୍ଦୋଳନର ଅଗ୍ରଗାମୀ ପୁରୁଷ ଶ୍ରୀ ପଟ୍ଟନାୟକ 'ସାରଥି', 'ଆଧୁନିକ' ପ୍ରଭୃତି ପତ୍ରିକାରେ ପ୍ରବଂଧ ରଚନା କରିବା ସହିତ ସ୍ୱାଧୀନତା ପରବର୍ତ୍ତୀ କାଳରେ 'କୋଟି କଣ୍ଠେ', 'ନୂଆଦୁନିଆ' , 'ମୁକ୍ତିଯୁଦ୍ଧ' ପ୍ରଭୃତି ପତ୍ରପତ୍ରିକାରେ ଗୁରୁତ୍ୱପୂର୍ଣ୍ଣ ପ୍ରବଂଧମାନ ରଚନା କରିଛନ୍ତି ।

Digitized by srujanika@gmail.com

ଓଡ଼ିଶାର ପ୍ରଥମ କମ୍ୟୁନିଷ୍ଟ, ନବଯୁଗ ସାହିତ୍ୟ ସଂସଦର ଅନ୍ୟତାମ ପ୍ରତିଷ୍ଠାତା ଭାବେ ବିଦିତ ଗୁରୁଚରଣ ୧୯୩୮-୩୯ ମସିହାରେ ଲେଖିଥିବା ଏକ ପ୍ରବଂଧ ପ୍ରତି ଆମେ ଏଠାରେ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଛୁ । ପ୍ରବଂଧଟି ହେଉଛି 'ଭାରତରେ ଇଂରେଜ ରାଜ' । ପ୍ରାବଂଧିକଙ୍କୁ ସେତେବେଳେ ମାତ୍ର ଅଠର ବର୍ଷ । ପ୍ରବଂଧଟିରେ ସେ କଠୋର ସମାଲୋଚନା କରିଥିଲେ ଇଂରେଜ ସରକାରର ସାମ୍ରାଜ୍ୟବାଦୀ ନୀତି ଓ ଔପନିବେଶିକ ଅର୍ଥନୀତିକୁ । ଏହି ପୁସ୍ତକଟି ସେତେବେଳେ ଇଂରେଜ ସରକାର ଦ୍ୱାରା ବ୍ୟାଜ୍ୟାପ୍ତ ହୋଇଥିଲା । 'ସାରଥି' ପତ୍ରିକାରେ ୧୯୩୪ ମସିହାରେ ପ୍ରକାଶ ପାଇଥିବା ତାଙ୍କର 'ଭିତରିଯୁଦ୍ଧ ଓ ପ୍ରତିକାର', 'ନବଭାରତ'ରେ ପ୍ରକାଶ ପାଉଥିବା 'ଆଧୁନିକ ଭାରତ' (ତୁଳା ୧୩୪୨ ସଂଖ୍ୟା), 'ଭାରତର କୃଷକ' ('ନବଭାରତ' – କୁମ୍ଭ ୧୩୪୨ ସଂଖ୍ୟା) ଓ ନବଯୁଗ ସାହିତ୍ୟ ସଂସଦର ଅଧିବେଶନରେ ସେ ପାଠ କରିଥିବା ଓ ପରେ 'ନବଭାରତ'ରେ ପ୍ରକାଶ ପାଇଥିବା (ଧନୁ ୧୩୪୨ ସଂଖ୍ୟା) 'ସମସାମୟିକ ଇତିହାସର ଗତିଧାରା' ପ୍ରଭୃତି ପ୍ରବଂଧରେ ସେ ନିଜର ପ୍ରଗତିଶୀଳ ଆଭିମୁଖ୍ୟକୁ ସ୍ପଷ୍ଟ କରିଦେଇଛନ୍ତି । 'ଭିତରିଯୁଦ୍ଧ ଓ ତାର ପ୍ରତିକାର' ପ୍ରବଂଧରେ ପ୍ରାବଂଧିକ ପକ୍ଷ ଓ ପ୍ରତିପକ୍ଷ ମଧ୍ୟରେ ବାହ୍ୟତଃ ହେଉଥିବା ଯୁଦ୍ଧକୁ ଗ୍ରହଣ କରି ନାହାନ୍ତି । ତାଙ୍କ ଦୃଷ୍ଟିରେ ଏହା ହେଉଛି ସମାଜର ଅନ୍ତର୍ନିହିତ ସ୍ତରରେ ଚାଲିଥିବା ଦ୍ୱନ୍ଦ୍ୱ ଓ ସଂଘର୍ଷ । ତେବେ ଏହି ସଂଘର୍ଷ ମଧ୍ୟରୁ ଯେଉଁ ସତ୍ୟର ଉଦ୍‌ଭାସ ଘଟୁଛି ତାକୁ ସେକାଳରେ ସତର୍କତାର ସହିତ ଲକ୍ଷ୍ୟ କରିଛନ୍ତି ପ୍ରାବଂଧିକ । ତାଙ୍କ ମତରେ ଏହି ଯୁଦ୍ଧ ମଧ୍ୟରେ ନିହିତ ମୁକ୍ତିର ସୋପାନ । ପ୍ରାବଂଧିକ ବକ୍ତବ୍ୟ ହେଲା – "ଏଥିରେ ହତାଶ ହେବାର କାରଣ ନାହିଁ, ମୁକ୍ତିର ରାସ୍ତା ଅଛି । ସେଥିରେ ପ୍ରଥମ ସୋପାନ ହେଉଛି 'ଶ୍ରମଜୀବୀମାନଙ୍କର ଏକତା' । ଏହା ଯେତିକି ଟାଣ ହେବ ଶକ୍ତି ସେତିକି ବଢ଼ିବ । ବର୍ତ୍ତମାନ ଧର୍ମଘଟ କରିବା ଖଜଣା ବନ୍ଦ କରି କିଛି ମଜୁରୀ ବଢ଼ିଗଲେ ବା ଖଜଣା କମିଗଲେ କିଛି ହେଲା ତାହା ନୁହେଁ । ଧର୍ମଘଟଯେ ଖଜଣାର ମାପକାଠି, ଏଇ ପାହାଚ ଦେଇ ଯିବାକୁ ହେବ । ରାଜନୈତିକ କ୍ଷମତା ହାତକୁ ନ ଆସିବାଯାଏ ଅର୍ଥନୈତିକ ସମତାର ପରିବର୍ତ୍ତନ ଜନକ କ୍ଷଣିକ ମାତ୍ର । ସେଥିପାଇଁ ସଂପୂର୍ଣ୍ଣ ରାଜନୈତିକ କ୍ଷମତା ଶ୍ରମଜୀବୀମାନଙ୍କ ହାତରେ ରହିବା ଦରକାର ! ହେ ଶ୍ରମଜୀବୀ ଭାଇମାନେ ! ସେଥିପାଇଁ ପ୍ରସ୍ତୁତ ହୁଅ" ।

'ନବଭାରତ' ପତ୍ରିକାରେ ପ୍ରକାଶ ପାଇଥିବା 'ଆଧୁନିକ ଭାରତ'ରେ ଭାରତବର୍ଷର

Digitized by srujanika@gmail.com

ରାଜନୈତିକ ଓ ଅର୍ଥନୈତିକ ବିବର୍ତ୍ତନର ଆଲେଖ୍ୟ ଦେଖିବାକୁ ମିଳେ । ଇତିହାସର ବସ୍ତୁବାଦୀ ଧାରଣା ଅନୁଯାୟୀ ପ୍ରାବଂଧିକ ଏଥିରେ ଭାରତବର୍ଷର ସାମାଜିକ ବ୍ୟବସ୍ଥାର ପଟ୍ଟପରିବର୍ତ୍ତନକୁ ସୂଚାଇଦେଇଛନ୍ତି । ତାଙ୍କ ମତରେ ଇଂରେଜ ସରକାରର ଔପନିବେଶିକ ଅର୍ଥନୀତି ଭାରତବର୍ଷରେ ସୃଷ୍ଟି କରିଛି ଏକ ଶ୍ରମିକ ଶ୍ରେଣୀ । ଦିନେନା ଦିନେ ଏହି ଶ୍ରମିକ ଶ୍ରେଣୀ ପୁଞ୍ଜିବାଦ ତଥା ସାମ୍ରାଜ୍ୟବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ବିଜୟ ଲାଭ କରିବ ଏଥିରେ ସନ୍ଦେହ ନାହିଁ । ଭାରତ ବଜାରରେ ପୁଞ୍ଜିବାଦୀ ଅର୍ଥନୀତିର ବିପୁଳ ପ୍ରତିଯୋଗିତାକୁ ପ୍ରାବଂଧିକ ସେ କାଳରେ ଲକ୍ଷ୍ୟ କରିବା ସଂଗେ ସଂଗେ ଏହା ଯେ ଅଚିରେ ଆଉ ଏକ ବିଶ୍ୱଯୁଦ୍ଧକୁ ଜନ୍ମଦେବ ସେ ବିଷୟରେ ଭବିଷ୍ୟତ ବାଣୀ ମଧ୍ୟ କରିଛନ୍ତି । ଏହା ଶ୍ରୀ ପଟ୍ଟନାୟକଙ୍କ ପୁରୋଦୃଷ୍ଟିର ପରିଚାୟକ । ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ ପ୍ରସୂତ ଅର୍ଥନୀତିର ରୂପରେଖକୁ ନିମ୍ନ ଲିଖିତ ଭାବରେ ବିଶ୍ଳେଷଣ କରିଛନ୍ତି ପ୍ରାବଂଧିକ ।

"ଘରର ପୁଞ୍ଜିକୁ ବିଶେଷ ଲାଭାଂଶରେ ଉପନିବେଶମାନଙ୍କରେ ଲଗାଇବା ହେଉଛି ସାମ୍ରାଜ୍ୟବାଦର ଉନ୍ନତିର ଚରମ ସୀମା । ଏହାଠାରୁ ସାମ୍ରାଜ୍ୟବାଦ ଆଉ ଉପରକୁ ଉଠି ପାରିବ ନାହିଁ – ନିଜର ପତନ ଆଡ଼କୁ ଗତିକରିବ । ବ୍ରିଟିଶ ସାମ୍ରାଜ୍ୟବାଦ ଭାରତରେ ପୁଞ୍ଜି ଖଟାଇବା ଦ୍ୱାରା ଗୋଟାଏ ଟେକାରେ ଦୁଇଟା ପକ୍ଷୀ ମାରିବାର ଉପାୟ ଧରିଲେ । ପ୍ରଥମେ ନିଜର ଅଧିକ ପୁଞ୍ଜି ସଂଗେ ଭାରତୀୟ ପୁଞ୍ଜିପତିମାନଙ୍କ ଅଳ୍ପ ପୁଞ୍ଜି କଳ କାରଖାନାମାନଙ୍କରେ ଲଗାଇ ସେମାନଙ୍କୁ ନିଜ ହାତକୁ ଘେନି ଆସିଲେ । ଦ୍ୱିତୀୟରେ ଏ କଳକାରଖାନା ତିଆରି ମାଲ ଉପରେ ସ୍ୱଦେଶୀ ମୋହର ବାଡ଼େଇ ଦେବାରୁ ତେଣେ ବିଲାତି ବର୍ଜନ ବିଶେଷ ବାଧିଲା ନାହିଁ । ତେଣୁ ଖଣି, ଚା ବଗିଚା କିମ୍ବା କରଜ ବା ଶାସନତନ୍ତ୍ରରେ ନିଜ ପୁଞ୍ଜି ଖଟାଇ ଲାଭ ସବୁ ଦରମା କମିସନ ଓ କଳକାରଖାନା ଲାଭ ରୂପରେ ଏବଂ କୃଷକମାନଙ୍କ ଠାରୁ ଆସୁଥିବା କରକୁ ସୁଧ ନାମରେ ନେଇ ଚାଲିଲେ । ଏଠାରେ କଳକାରଖାନାମାନଙ୍କରେ ପୁଞ୍ଜି ଲଗାଇବା ଦ୍ୱାରା କମ୍ ମଜୁରୀ ପାଖରେ କଞ୍ଚାମାଲ ଓ ଆମଦାନୀ ଶୁଳ୍କ (import duty)ରୁ ତ୍ରାହିପାଇ ବିଶେଷ ଲାଭବାନ ହେଲେ । ଏସବୁ ଶୋଷଣ ନୀତିରେ ନିଶ୍ଚୟତା (Security) ଦେଲା । ଏଠାରେ ସୁଦୃଢ଼ ସାମ୍ରାଜ୍ୟବାଦୀ ସରକାର ଓ ବ୍ରିଟିଶ ସାମ୍ରାଜ୍ୟବାଦ ଭାରତକୁ ଶିଳ୍ପ ପ୍ରଧାନ କରିବା ସଂଗେ ସଂଗେ ଏଠାରେ ଏକ ସର୍ବହରା ଶ୍ରମିକଶ୍ରେଣୀ ସୃଷ୍ଟି କରିଦେଇଛି । ଏ ଶ୍ରମିକ ଶ୍ରେଣୀ ଯେ ଦିନେ ସଂଗଠିତ

Digitized by srujanika@gmail.com

ହୋଇ ପୁଞ୍ଜିବାଦୀ ଶାସନତନ୍ତ୍ର ଧ୍ୱଂସ କରି ସୋଭିଏତ ସ୍ଥାପନର କାରଣ ହେବେ ଏଥିରେ ସନ୍ଦେହ ନାହିଁ । କାରଣ ଇତିହାସର ଗତିରୋଧ କରିବ କିଏ ?" ସେହି 'ନବ ଭାରତ' ରେ ପ୍ରକାଶିତ 'ଭାରତର କୃଷକ' (ନବଭାରତ- ୨ୟ ବର୍ଷ ନବମ ସଂଖ୍ୟା କୁମ୍ଭ ୧୩୪୨) ଓ 'ସାମ୍ରାଜ୍ୟବାଦ' (ନବ ଭାରତ – ୧ଦଶ ବର୍ଷ ୧୦ମ ସଂଖ୍ୟା – ମାଘ ୧୩୪୬) ପ୍ରବଂଧ ଦୁଇଟି । ପ୍ରଗତିଶୀଳ ଚିନ୍ତା ଓ ଚେତନାରେ ଭାସ୍ୱର । 'ଭାରତର କୃଷକ ପ୍ରବଂଧରେ ପ୍ରାବଂଧିକ ପରାଧିନ ଭାରତବର୍ଷରେ ଶୋଷଣ ଓ କଷଣ ସହି ଜୀବନ ଧାରଣ କରୁଥିବା କୃଷକମାନଙ୍କର ସମସ୍ୟା ଉପସ୍ଥାପନ କରିଛନ୍ତି । ଗୋଟିଏ ଦିଗରେ ଜମିଦାର ଓ ଅନ୍ୟଦିଗରେ ଇଂରେଜ ସରକାର କିପରି ଭାରତବର୍ଷ କୃଷକମାନଙ୍କର ମେରୁଦଣ୍ଡ ଭାଙ୍ଗିଦେଇଛନ୍ତି ତାର ଚିତ୍ର ରହିଛି ଉପରୋକ୍ତ ପ୍ରବଂଧରେ । ସାମ୍ରାଜ୍ୟବାଦୀ ଶକ୍ତିର ଲୀଳା କିପରି ଭୟଙ୍କର ତାର ରୂପରେଖ ଦେଖିବାକୁ ମିଳେ 'ସାମ୍ରାଜ୍ୟବାଦ' ପ୍ରବଂଧରେ ।

'ନବଯୁଗ ସାହିତ୍ୟ ସଂସଦ'ର ଉତ୍ସବରେ ପଠିତ ଓ ପରେ 'ନବଭାରତ'ରେ (କୁମ୍ଭ ୧୩୪୨ ସଂଖ୍ୟା) ପ୍ରକାଶିତ 'ସମସାମୟିକ ଇତିହାସର ଗତିଧାରା' ପ୍ରବଂଧଟି ଇତିହାସର ବସ୍ତୁବାଦୀ ବ୍ୟାଖ୍ୟା ସଂପର୍କୀୟ ଏକ ଚମତକାର ପ୍ରବଂଧ । ପ୍ରାବଂଧିକ ଏଥିରେ ଆଧୁନିକ ଇତିହାସର ସୀମାରେଖାକୁ ପ୍ରଥମ ମହାସମର କିମ୍ବା ବିଂଶ ଶତରେ ପ୍ରାରମ୍ଭଠାରୁ ନିର୍ଦ୍ଦେଶ କରି ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦର ବିକାଶ ପର୍ବ ସହିତ ବିଶ୍ୱରେ ଆତ୍ମପ୍ରକାଶ କରିଥିବା ସଂକଟର ଚିତ୍ରକୁ ଦର୍ଶାଇ ଦେଇଛନ୍ତି । ପ୍ରବଂଧଟିରେ ନିହିତ ଗୁରୁଚରଣଙ୍କର ଶାଣିତ ଇତିହାସ ଓ ଅର୍ଥନୀତି ସଚେତକ ଦୃଷ୍ଟିକୋଣ ତଥା ସମାଜତତ୍ତ୍ୱ ଆଧାରିତ ସିଦ୍ଧାନ୍ତ ।

ଏହି ଦୃଷ୍ଟିଭଂଗୀର ଯଥାର୍ଥ ରୂପାୟନ ମଧ୍ୟ ଘଟିଛି ତାଙ୍କର ମାର୍କ୍ସବାଦୀ ସାହିତ୍ୟର ଆଲୋଚନା ଓ ସମୀକ୍ଷା ଗୁଡିକରେ ପୁଣି ମାର୍କ୍ସୀୟ ସୌନ୍ଦର୍ଯ୍ୟ ସିଦ୍ଧାନ୍ତକୁ ଦେଇ ପ୍ରବଂଧ ରଚନା ବେଳେ । ସଂସ୍କୃତି ଓ ସାହିତ୍ୟକୁ ମାର୍କ୍ସବାଦୀ ଚେତନାର ମାନଦଣ୍ଡରେ ସେ ବିଚାର କରିଛନ୍ତି ତାଙ୍କର 'ଓଡିଆ ସାହିତ୍ୟର ମତି ଓ ଗତି', 'ସୃଷ୍ଟି ଦୃଷ୍ଟି କୃଷ୍ଟି' ଓ 'ସଂକଟରେ ସାହିତ୍ୟ, ସଭ୍ୟତା ଓ ସଂସ୍କୃତି' ପ୍ରଭୃତି ଗ୍ରନ୍ଥରେ ସ୍ଥାନିତ ହୋଇଥିବା ପ୍ରବଂଧ ଗୁଡିକରେ । ଓଡିଆ ସାହିତ୍ୟର ମତି ଓ ଗତି (ପ୍ରକାଶକାଳ-୧୯୬୮) ଗ୍ରନ୍ଥରେ ଥିବା ପ୍ରବଂଧ ଗୁଡିକ ପୂର୍ବରୁ 'ଧରିତ୍ରୀ', 'ଡଗର', 'ଆସନ୍ତାକାଲି', 'ସାମ୍ମୁଖ୍ୟ' ଓ କୋଟି ପ୍ରଭୃତି ପତ୍ରିକାମାନଙ୍କରେ

Digitized by srujanika@gmail.com

ପ୍ରକାଶ ପାଇଥିଲା । ଏସବୁ ପ୍ରବଂଧ ଗୁଡ଼ିକ ପ୍ରାବଂଧିକଙ୍କର ସମାଜ ପ୍ରତି ଅଂଗୀକାର ବଦ୍ଧ ଦୃଷ୍ଟି କୋଣକୁ ପ୍ରକଟ କରିଥାଏ । 'ଲେଖା ଓ ଲେଖକ', 'ସମାଜ ଓ ସାହିତ୍ୟ', 'ସତ୍ୟ ଓ ସାହିତ୍ୟ', 'ଶିବ ଓ ସାହିତ୍ୟ', 'ବୌଦ୍ଧିକ ସଂକଟ ଓ ଆତ୍ମଅନ୍ତରିତତା', 'ଓଡ଼ିଆ ସାହିତ୍ୟ ପରିଚୟ ସଂପର୍କରେ ପଦେ', 'ସାହିତ୍ୟ ସମାଲେଚନାର ଉତ୍ତର', 'ସାହିତ୍ୟ, ସମାଲେଚନାର ସମସ୍ୟା', 'ନୂତନ ସମାଲେଚନାର ସ୍ୱରୂପ', '୧୯୬୭-କବିତାର ଦିଗଦର୍ଶନ' ପ୍ରଭୃତି ଏଗାରଗୋଟି ପ୍ରବଂଧ ସ୍ଥାନ ପାଇଥିବା ଏହି ସଂକଳନର ମହତ୍ତ୍ୱ ହେଲା ଯେ ଏଥିରେ ସାହିତ୍ୟ ଓ ସଂସ୍କୃତିର ଜୀବନ ଧର୍ମୀ ବ୍ୟାଖ୍ୟା ପ୍ରସ୍ତୁତ କରାଯାଇଛି । ଓଡ଼ିଆ ସାହିତ୍ୟର ସମାଲୋଚନା, ଲେଖା ବା ଲେଖକର ନିନ୍ଦା, ପ୍ରଶଂସା, ଯଶଗାନ ପୁଣି ଉଦ୍ଧୃତି କଣ୍ଟକିତ ଓ ଟୀକା ଟିପ୍ପଣୀ ମଣ୍ଡିତ ହୋଇ, ନାନା ବ୍ୟାଖ୍ୟାରେ ପରିପୂର୍ଣ୍ଣ ହୋଇଥିବାବେଳେ ଗୁରୁଚରଣଙ୍କ ଏ ଗ୍ରନ୍ଥଟିକୁ ଏକ ବ୍ୟତିକ୍ରମ ଭାବରେ ନିଶ୍ଚୟ ସ୍ୱୀକାର କରିବାକୁ ପଡ଼ିବ । ଉପରୋକ୍ତ ପ୍ରବଂଧ ଗୁଡ଼ିକରେ ସେ ଯଥାର୍ଥରେ ଆମ ସାହିତ୍ୟର ଗତି ପ୍ରବାହକୁ ତଥା ପ୍ରବୃତ୍ତି ସମୂହକୁ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦର ପରିଣାମ ଭାବରେ ଗ୍ରହଣ କରି ଏହା କିପରି କୌଣସି ଏକ ସାହିତ୍ୟିକ ଧ୍ୟାନ ଧାରଣା ବା ଚିନ୍ତାଧାରା ରୂପେ ଉଭା ହେଉଛି ତାହା ସେ ପ୍ରତିପାଦନ କରିଛନ୍ତି ।

ସମାଜ ଜୀବନରେ କ୍ରିୟାଶୀଳ ଓ ପ୍ରତିକ୍ରିୟାଶୀଳ ଶକ୍ତି ଗୁଡ଼ିକ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଲାଗିରହିଛି ଓ ଯାହା ସମାଜକୁ ଅଗ୍ରଗାମୀ କରାଇବା ଦିଗରେ ପଥପରିଷ୍କାର କରିଦେଇଛି ସେ ସଂପର୍କରେ ଆଜିର ଲେଖକ ସଚେତନ ହେବାଏକାନ୍ତ ପ୍ରୟୋଜନ । 'ଲେଖା ଓ ଲେଖକ' ପ୍ରବଂଧରେ ପ୍ରାବଂଧିକ ଗୁରୁଚରଣ ସେଥିପାଇଁ କହନ୍ତି – "ଲେଖକ ଯେତେ ଚେଷ୍ଟାକଲେବି ସେ ଦ୍ୱନ୍ଦ୍ୱରୁ ଖସିଯାଇ ନପାରେ । କାରଣ ସେ ସାମାଜିକ ବିକାଶର ନିୟମରୁ ବିଚ୍ଛିନ୍ନ ନୁହେଁ, ସେଥିରେ ବଂଧା । ସମାଜର ଅଗ୍ରଗତିକୁ ଆଖିରେ ରଖି ନିର୍ଭୀକ ଭାବେ ନୂତନ ଯୁଗର ସ୍ରଷ୍ଟା ନହୋଇ, ତାପଛରେ ଘୋଷାଡ଼ି ହୋଇ, ବ୍ୟାଧିଗ୍ରସ୍ତ କ୍ଷୟିଷ୍ଣୁ ସମାଜର ପ୍ରତୀକ ହୋଇ ସେ ଚାଲିବ କାହିଁକି ? ତେଣୁ ସେ ଲୋକଙ୍କ ପାଇଁ ଲେଖିବାକୁ ଗଲେ ତାକୁ ଏଇ ବିକାଶପଥର ଯାତ୍ରୀ ହେବାକୁ ପଡ଼ିବ । ଏଇ ହେଲା ଅତି ସାଧାରଣ ଭାବେ ଲେଖା ଓ ଲେଖକର ସମସ୍ୟା । ଆଜି ଯେଉଁ ଲେଖକ ସାହିତ୍ୟିକ ଓ ବୁଦ୍ଧିଜୀବୀ ମାନେ ସତ୍ୟ,ନ୍ୟାୟ ଓ ମାନବ-ମୁକ୍ତିର ପକ୍ଷପାତୀ ଏବଂ ସମାଜବାଦୀ ସମାଜ ପ୍ରତିଷ୍ଠାଲାଗି ଇଚ୍ଛୁକ, ସେମାନଙ୍କର ସର୍ବ ପ୍ରଥମ କର୍ତ୍ତବ୍ୟ ହେଉଛି – ନିଜର ମତକୁ ସେମାନେ ଦୃଢ଼ ଭାବେ ସାବ୍ୟସ୍ତ କରନ୍ତୁ ଓ

Digitized by srujanika@gmail.com

ନିର୍ଭୀକ ଭାବରେ ତାକୁ ଜନସାଧାରଣଙ୍କ ପାଖକୁ ନେଇ ଯାଆନ୍ତୁ ।

କଳା ଓ ସାହିତ୍ୟ ସତ୍ୟ, ଶିବ ଓ ସୁନ୍ଦରର ପ୍ରତିଫଳନ ବୋଲି କୁହାଯାଇଥାଏ । ତେବେ ଏହି ସତ୍ୟ, ଶିବ ଓ ସୁନ୍ଦର କୌଣସି ମନଗଢା ବା ଅମୂର୍ତ୍ତ କଥାନୁହେଁ । ଏହା ସମାଜ ଜୀବନର କଠୋର ବାସ୍ତବତା ମଧ୍ୟରୁ ଜାତ । 'ସତ୍ୟ ଓ ସାହିତ୍ୟ' 'ଶିବ ଓ ସାହିତ୍ୟ', 'ସୁନ୍ଦର ଓ ସାହିତ୍ୟ' -ଏ ତିନିଗୋଟି ପ୍ରବଂଧରେ ସତ୍ୟଶିବ ଓ ସୁନ୍ଦରର ସେହି ସମାଜନିଷ୍ଠ ବ୍ୟଖ୍ୟା କରିଛନ୍ତି ପ୍ରାବଂଧିକ ଗୁରୁଚରଣ । ସେ କହିଛନ୍ତି - "ସୌନ୍ଦର୍ଯ୍ୟ ଆପଣାର ସ୍ଥିତି, ଗତି ଓ ବିକାଶଲାଗି ଯେତେବେଳେ ଏକ ଦିଗରେ ପ୍ରତ୍ୟେକ ଜିନିଷର ଅନ୍ତର୍ନିହିତ ମର୍ମକୁ ଉଦଘାଟିନ କରେ, ଅନ୍ୟ ଦିଗରେ ପ୍ରକୃତିର ମହାନ ବିଚିତ୍ରତାକୁ ଆହରଣକରେ ଓ ସମାଜର ବ୍ୟାପକ ଦୃଷ୍ଟି ସହିତ ଆପଣାକୁ ସାମିଲ କରେ ସେତେବେଳେ ତାହା ମିଥ୍ୟା ପ୍ରବଂଚନା, ଅନୈକ୍ୟ ଓ ସଂକୀର୍ଣ୍ଣତା ଆଦିକୁ ବର୍ଜନକରି ସତ୍ୟଉପରେ ଆପଣାକୁ ପ୍ରତିଷ୍ଠିତ କରେ । ଯେତେବେଳେ ସୌନ୍ଦର୍ଯ୍ୟ ବୋଧ ମାନବର ଜୀବନ ଓ ସୃଷ୍ଟି ମଧ୍ୟରେ ଆପଣାକୁ ରୂପାୟିତ କରେ, ମନୁଷ୍ୟର ପ୍ରାଣକୁ ସୁନ୍ଦର, ସୁମହତ କମନୀୟ ଓ ଗରୀୟାନ କରି ଗଢିବା ମଧ୍ୟରେ ଆତ୍ମ ପ୍ରକାଶ କରେ, ସେତେବେଳେ ତାହା ସକଳ ଧ୍ୱଂସ ନିର୍ଯ୍ୟତନା, ଦୁଃଖ ଓ କୁତ୍ସିତତାକୁ ଅପସାରିତ କରି ଶିବର ଅନୁସରଣ କରେ । ଏହିଠାରେ ଘଟେ ସତ୍ୟ ଶିବ ଓ ସୁନ୍ଦରର ସମନ୍ୱୟ । ଏହି ସମନ୍ୱୟ ଘଟାଇବା ହେଲା ଭାରତୀୟ ଆଦର୍ଶ ଐତିହ୍ୟ ଓ ପରଂପରା । ବର୍ତ୍ତମାନ ଅବସ୍ଥାରେ ତାର ସଚେତନ ପ୍ରୟୋଗ ଦ୍ୱାରାହିଁ କେବଳ ସାହିତ୍ୟ ଆପଣାର ମହତ ଉଦ୍ଦେଶ୍ୟସାଧନ କରିପାରେ, ଆଉ ସାହିତ୍ୟିକ ଆପଣାର ଗୁରୁ ଗୌରବମୟ କର୍ତ୍ତବ୍ୟ ସଂପାଦନ କରିପାରେ । (ପୃ - ୬୨-୬୩- 'ସୁନ୍ଦର ଓ ସାହିତ୍ୟ')

'ଓଡିଆ ସାହିତ୍ୟ ପରିଚୟ ସଂପର୍କରେ ପଦେ', 'ସାହିତ୍ୟ ସମାଲୋଚନାର ଉତ୍ତର', 'ସାହିତ୍ୟ ସମାଲେଚନାର ସମସ୍ୟା', 'ନୂତନ ସମାଲୋଚନାର ସ୍ୱରୂପ', '୧୯୬୨ କବିତାର ଦିଗଦର୍ଶନ' ପ୍ରଭୃତି ଏହି ଗ୍ରନ୍ଥର ପ୍ରବଂଧ ଗୁଡିକରେ ଶ୍ରୀ ପଟ୍ଟନାୟକ ଆଧୁନିକ ଓଡିଆ କବିତା ତଥା ସମାଲୋଚନାର ସ୍ୱରୂପକୁ ମାର୍କ୍ସବାଦୀ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରିଛନ୍ତି । ସାହିତ୍ୟ ସହ ରାଜନୀତି, ଦର୍ଶନ ବିଜ୍ଞାନ ଆଦିର ସଂପର୍କ ପୁଣି ସାହିତ୍ୟର ସ୍ୱାଧୀନତା ସଂପର୍କରେ ଉଚ୍ଚକୋଟୀର ତାତ୍ତ୍ୱିକ ବ୍ୟାଖ୍ୟା ଲକ୍ଷ୍ୟ କରାଯାଏ ତାଙ୍କର 'ସୃଷ୍ଟି, ଦୃଷ୍ଟି, ଓ କୃଷ୍ଟି'

Digitized by srujanika@gmail.com

ପ୍ରବଂଧ ସଂକଳନରେ (ପ୍ରକାଶକାଳ - ୧୯୭୬) । ସାହିତ୍ୟର ସ୍ୱାଧୀନତା ତଥା ପ୍ରତିବଂଧକକୁ ନେଇ ରଚିତ 'ସାହତ୍ୟର ସ୍ୱାଧୀନତା'ରେ ପ୍ରାବଂଧିକଙ୍କ ମୌଳିକ ଦୃଷ୍ଟିକୋଣ ପ୍ରତିଭାତ । ଏଥିରେ ସେ ପ୍ରତିପାଦନ କରିଛନ୍ତି ଯେ ଯେଉଁ ଐତିହାସିକ ବିକାଶ ଭିତର ଦେଇ ସ୍ୱାଧୀନତାର ଜନ୍ମ ଓ ବିକାଶ ଠିକ୍ ତାରି ଭିତରେ ସାହିତ୍ୟ ଜନ୍ମ ରହିଛି ଓ ବିକାଶଲାଭ କରିଛି । ଦୁହେଁ କେବଳ ସମତାଳରେ ନୁହେଁ, ସମଲକ୍ଷ୍ୟ ଦିଗରେ ଗତିକରନ୍ତି । ମନୁଷ୍ୟର ଚରମବିକାଶ । ମାନବିକାତାର ଅବାଧ ଉପଲବ୍ଧି ଆଉ ତାରି ପୂର୍ଣ୍ଣ ଆନନ୍ଦ ଏଇ ଦିଗରେ ସ୍ୱାଧୀନତାର ସଂଗାମ ଓ ସାହିତ୍ୟର ଅବିଶ୍ରାନ୍ତ ଉଦ୍ୟମ । ତେଣୁ ସାହିତ୍ୟିକ ପକ୍ଷରେ ସେହି ଅପରିହାର୍ଯ୍ୟତା, ସ୍ୱାଧୀନତାର ସଂଗ୍ରାମରେ ଅବତୀର୍ଣ୍ଣ ହେବା ଯେପରି ସ୍ୱାଭାବିକ, ସ୍ୱାଧୀନତାର ସଂଗ୍ରାମୀ ପକ୍ଷରେ ସାହିତ୍ୟକୁ ତାର ସେଇ ସ୍ୱାଭାବିକ ଉଦ୍ୟମରେ ଅଗ୍ରସର କରାଇନେବା ସେହିପରି ଆବଶ୍ୟକ ।

ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ଅବସ୍ଥାରେ ପ୍ରତିକ୍ରିୟା, ପ୍ରତିବିପ୍ଳବୀ ଶକ୍ତିଙ୍କ ମତ, ଓ ଆଦର୍ଶ ବିରୁଦ୍ଧରେ ସଂଗ୍ରାମ ଭିତର ଦେଇହିଁ ସାହିତ୍ୟର ସ୍ୱାଧୀନତା ପ୍ରସ୍ଫୁଟିତ ହୋଇଛି ଓ ହେବ । ମାର୍କ୍ସବାଦୀ ଚେତନାର ତତ୍‌ବିଦମାନେ ଭାରତବର୍ଷର ସାହିତ୍ୟ ଓ ସଂସ୍କୃତିକୁ ମାର୍କ୍ସବାଦୀ ମାନଦଣ୍ଡ ଦୃଷ୍ଟିରୁ ଯେପରି ବିଚାର କରିଛନ୍ତି ସେହି ପ୍ରକାରର ଉଦ୍ୟମ ଆମେ ଲକ୍ଷ୍ୟକରୁ ଗୁରୁଚରଣ ପଟ୍ଟନାୟକଙ୍କର 'ସଂକଟରେ ସାହିତ୍ୟ ସଭ୍ୟତା ଓ ସଂସ୍କୃତି' ପ୍ରବଂଧ ସଂକଳନରେ । ଏଗୁଡ଼ିକରେ ସେହିପରି ପ୍ରତିଭାତ ପ୍ରଗତିଶୀଳ ଚେତନା ଓ ବିଶ୍ଳେଷଣର ଚମତକାରିତା । ଏଥିରେ ଥିବା ପ୍ରଥମ ତିନିଗୋଟି ପ୍ରବଂଧ ଯଥା - ବିକାଶ, ବଂଧନ ବିପ୍ଳବ, 'ମୋକ୍ଷରଶୃଂଖଳ', 'ବିଷ ବୃକ୍ଷର ଫଳ' ରେ ପ୍ରାବଂଧିକ ବେଦ ଉପନିଷଦର ତତ୍ତ୍ୱ, ଚାତୁର୍ବର୍ଣ୍ଣ୍ୟ ପ୍ରଥା ଓ ବୌଦ୍ଧ ଦର୍ଶନର ଧାରା ଆଦିକୁ ଶ୍ରୀ ପଟ୍ଟନାୟକ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ ଓ ସମାଜ ବିକାଶର ଧାରା ଅନୁଯାୟୀ ବିଶ୍ଳେଷଣ କରିଛନ୍ତି । ମଣିଷର ସକଳ ସାମାଜିକ ସଂପର୍କ ଉତ୍ପାଦନ ପ୍ରଣାଳୀ ଦ୍ୱାରା ନିୟନ୍ତିତ । ବସ୍ତୁ ସ୍ଥିତିର ରୂପାନ୍ତର ଚେତନା ଜଗତରେ ରୂପାନ୍ତର ଆଣେ । ଏହି ଖିଅକୁ ଧରି ପ୍ରାବଂଧିକ ଆମ ସମାଜ ବ୍ୟବସ୍ଥାର ବିବର୍ତ୍ତନ ଓ ସାମାଜିକ ସଂପର୍କର ହେତୁ ଗୁଡ଼ିକ ବ୍ୟାଖ୍ୟା କରିଛନ୍ତି । 'ବିକାଶ, ବଂଧନ, ବିପ୍ଳବ' ପ୍ରବଂଧରେ ପ୍ରାବଂଧିକ ସେଥିପାଇଁ କହନ୍ତି- "ତା ହେଲେ ଭାରତର ସଭ୍ୟତା ସଂସ୍କୃତି ଓ ତାର ଐତିହ୍ୟ, ଆଧାତ୍ମିକତା ଯାହା ଆମ ସମାଜର କାହ୍ୟଗଢଣ ତାକୁ ଜାଣିବାକୁ ହେଲେ ତାର ସେଇ ଭିତ୍ତି

Digitized by srujanika@gmail.com

ଖୋଜିବାକୁ ହେବ । ଦେଖିବାକୁ ହେବ, କେଉଁ ପ୍ରକାର ଉତ୍ପାଦନ ପ୍ରଣାଳୀ ଭିତରୁ ତାର ଉଦ୍‌ଭବ । କିପରି ତଦ୍ୱାରା ନିର୍ଦ୍ଧାରିତ ହୁଏ ଏବଂ ଅନ୍ୟଦିଗରେ ତା ମଧ୍ୟ କିପରି ସେହି ଉତ୍ପାଦନ ପ୍ରଣାଳୀକୁ ପ୍ରଭାବିତ କରେ । ତେଣୁ ଭାରତର ସେହି ଐତିହ୍ୟର ବୈଶିଷ୍ଟ୍ୟ ବୁଝିବାକୁ ହେଲେ ଭାରତର ଉତ୍ପାଦନ ପ୍ରଣାଳୀର ବୈଶିଷ୍ଟ୍ୟ ଦେଖିବାକୁ ହେବ । ତାହାହିଁ କେବଳ ଭାରତର ସମସ୍ତଦିଗ - ତାର ଗୌରବ ଅଗୌରବ, ଉନ୍ନତି, ଅବନତ ଉତବର୍ଷ ଅପକର୍ଷ ଶେଷରେ ତାର ଅଗ୍ରଗତି ଓ ଅଧୋଗତିର ରହସ୍ୟ ଉଦ୍‌ଘାଟିନ କରିପାରେ । (ବିକାଶ, ବଂଧନ, ବିପ୍ଳବ - ସୃଷ୍ଟି ଦୃଷ୍ଟି, ଓ କୃଷ୍ଟି - ପୃ - ୩-୪)

ଉକ୍ତ ସଂକଳନରେ ଥିବା ଅନ୍ୟ ଦୁଇଗୋଟି ପ୍ରବଂଧ 'ସାଂପ୍ରତିକ ପ୍ରଗତି ସାହିତ୍ୟ' ଓ 'ଆଭିମୁଖ୍ୟର ଅବକ୍ଷୟ' ରେ ପ୍ରାବଂଧିକ ଭାରତ ସାହିତ୍ୟର ମର୍ମ ଓ ଓଡିଆ ସାହିତ୍ୟର ଅବକ୍ଷୟ ଦିଗ ଗୁଡିକ ସଂପର୍କ ବିଶ୍ଳେଷଣ କରିଛନ୍ତି । ଓଡିଆ ସମାଲୋଚନା ସାହିତ୍ୟର ପରଂପରାକୁ ସମୃଦ୍ଧ କରିଥିବା ଶ୍ରୀ ପଟ୍ଟନାୟକଙ୍କ ଆଉ କେତେକ ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ ହେଲା - 'ଖଣ୍ଡା ଓ କଲମ' 'ଧର୍ମ ଓ ରାଜନୀତି', 'ଜଗତ ଦର୍ଶନରେ ଜଗନ୍ନାଥ' ଓ 'ଜଗନ୍ନାଥ ଦର୍ଶନରେ ଜଗତ' । ଏସବୁ ବ୍ୟତୀତ ବିଭିନ୍ନ ସାମାଜିକ ସମସ୍ୟା, ଆନ୍ଦୋଳନର ପର୍ଚ୍ଚ ଭୂମିକୁ ନେଇ ଓ ମାର୍କ୍ସବାଦୀ ବିଚାର ଧାରାକୁ ନେଇ ଶ୍ରୀ ପଟ୍ଟନାୟକ ଯେଉଁ ସବୁ ପ୍ରବଂଧମାନ ରଚନାକରିଛନ୍ତି ତା' ମଧ୍ୟରୁ କେତେ ଗୋଟି ହେଲା– ୧୯୪୮ ମସିହାରେ ଗଂଜାମର ତାକରଡ଼ାଠାରେ କୃଷକ ଆନ୍ଦୋଳନର ପଟ୍ଟଭୂମିରେ ଲିଖିତ 'ଗଂଜାମରେ ରକ୍ତ ପ୍ରଭାତ', ମାର୍କ୍ସବାଦ ସଂପର୍କୀୟ ପୁସ୍ତକ 'କମ୍ୟୁନିଜିମ୍ କଣ' (୧୯୬୮), 'ମାର୍କ୍ସ ଓ ମାର୍କ୍ସବାଦ' (୧୯୬୯) ପ୍ରଭୃତି । ସ୍ୱାଧୀନତା ପରବର୍ତ୍ତୀ କାଳରେ ସେ 'କୋଟିକଣ୍ଠ' ଓ 'ନୂଆଦୁନିଆ' ପ୍ରଭୃତି ପତ୍ରିକାରେ ଅନେକ ପ୍ରବଂଧ ଓ ସମାଲୋଚନା ଲେଖିଛନ୍ତି । ସେ ଗୁଡିକ ମଧ୍ୟରୁ କେତୋଟି ହେଲା - 'ମୂଲିଆର ଦାସତ୍ୱ ବଂଧନ ଚୂର୍ଣ୍ଣକର' (ନୂଆଦୁନିଆ-୧୯୫୪), 'ମାନବ ସମାଜର ନୂତନ ଯୁଗ ପ୍ରବର୍ତ୍ତକ କାର୍ଲମାର୍କ୍ସ' (ନୂଆଦୁନିଆ-୧୦-୦୫-୬୮), 'ମାର୍କ୍ସ ଓ ଶ୍ରେଣୀ ସଂଗ୍ରାମ' (ନୂଆଦୁନିଆ-୭-୬-୬୮), 'ମାର୍କ୍ସ ଓ ଉଦ୍‌ବୃତ୍ତ ମୂଲ୍ୟ' (ନୂଆ ଦୁନିଆ - ୧୦-୦୭-୬୮), 'ସାହିତ୍ୟ ଦୃଷ୍ଟିକୋଣର ଭିତ୍ତି' (ନୂଆ ଦୁନିଆ ଭଗବତୀ ବିଶେଷ - ୧୯୭୮), 'ଓଡିଶାରେ ପାର୍ଟିର ଜନ୍ମ' (ନୂଆ ଦୁନିଆ - ପାର୍ଟି ଜୟନ୍ତୀ ବିଶେଷ - ୧୯୭୫) ପ୍ରଭୃତ । ମାର୍କ୍ସୟ ଦର୍ଶନ ଓ କମ୍ୟୁନିଷ୍ଟ ପାର୍ଟିର ଇତିହାସ ଦୃଷ୍ଟିରୁ ଏଇସବୁ

Digitized by srujanika@gmail.com

ପ୍ରବଂଧ ଗୁଡିକ ଗୁରୁତ୍ୱପୂର୍ଣ୍ଣ ।

କେନ୍ଦ୍ର ସାହିତ୍ୟ-ଏକାଡେମୀ ପୁରସ୍କାର ଲାଭ କରିଥିବା ଶ୍ରୀଯୁକ୍ତ ପଟ୍ଟନାୟକଙ୍କର 'ଜଗତ ଦର୍ଶନରେ ଜଗନ୍ନାଥ' ଓ ତାର ପରବର୍ତ୍ତୀ କାଳରେ ରଚିତ 'ଜଗନ୍ନାଥ ଦର୍ଶନରେ ଜଗତ' ଗ୍ରନ୍ଥ ଦୁଇଟି ଏଠାରେ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ । କାରଣ ଏଯାବତ ଜଗନ୍ନାଥଙ୍କ ସଂପର୍କରେ ତଥା ଜଗନ୍ନାଥ ଚେତନାକୁ ଭିତ୍ତିକରି ଯେଉଁ ଶତାଧିକ ଗ୍ରନ୍ଥ ରଚିତ ହୋଇଛି ତାଠାରୁ ଭିନ୍ନ ଏ ଗ୍ରନ୍ଥ ଦୁଇଟି । ଏକଥା ସତଯେ ଭକ୍ତି ଓ ଗବେଷଣା ତଥା ସତ୍ୟାନୁସଂଧାନ ଦୁଇଟି ଯାକ ଭିନ୍ନ କଥା ନିଶ୍ଚୟ । ଓଡିଶାରେ ଜଗନ୍ନାଥଙ୍କୁ କେନ୍ଦ୍ରକରି ବିପୁଳ ସାହିତ୍ୟ ସୃଷ୍ଟି ହୋଇଛି ସତ, ଯାବତୀୟ ଧର୍ମଧାରଣାର ପ୍ରଲେପ ଜଗନ୍ନାଥଙ୍କ ଠାରେ ବୋଳା ହୋଇଛି ସତ, କିନ୍ତୁ ସତ୍ୟକୁ ଅନାବରଣ କରିବାର ପ୍ରଚେଷ୍ଟା ଏଗୁଡିକର ହୋଇନାହିଁ । ପ୍ରାବଂଧିକ ଗୁରୁଚରଣ ଏଥିରେ ଯେପରି ସତ୍ୟାନୁସଂଧାନରେ ବ୍ରତୀ ହୋଇଛନ୍ତି ତାହା ଆମକୁ ଅଭିଭୂତ କରେ । ଉକ୍ତ ଗ୍ରନ୍ଥର ପ୍ରେରଣା ସଂପର୍କରେ ସେ ଆରମ୍ଭରୁ କହିଛନ୍ତି - "ଅତୀତ ଯଦି ସତ୍ୟରୁ କିଛି ପ୍ରଦାନ କରେ ତେବେ ଭବିଷ୍ୟତ ତା'ଠାରୁ ଅଧିକ ସତ୍ୟକୁ ଲୁକକାୟିତ କରି ରଖେ । ତେଣୁ ମଣିଷର ଅଗ୍ରଗତି ନିର୍ଭର କରେ ସେହି ସତ୍ୟର ଅନ୍ୱେଷଣ ଉପରେ । ସେହି ଅତୀତ ଓ ଭବିଷ୍ୟତର ସମନ୍ୱୟ ହେଲେ ଜଗନ୍ନାଥ । ସେହି ସମନ୍ୱୟର ସଂକେତ ଭାବରେ ତାଙ୍କର ଏହି ଅନୁଶୀଳନୀ । ସେ ଦିଗରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମଣିଷ ବିଚାରର ମାନ, ତାର ତଉଲ କରିବାର ପ୍ରଣାଳୀ । ଅତୀତକୁ ବର୍ତ୍ତମାନର ସ୍ତର ମାନ ଓ ନିକିତିରେ ତଉଲିବା ଯେପରି ସମ୍ଭବ ନୁହେଁ ସେହିପରି ବର୍ତ୍ତମାନଙ୍କୁ ଅତୀତର ମାନ ସ୍ତର ବା ମାଗୁଣିରେ ମାପିବାକୁ ଯିବା ହାସ୍ୟାସ୍ପଦ । ତଦ୍ୱାରା ଅତୀରେ ଅଚଳନ୍ତି ଧାରଣା ଓ ବିଶ୍ୱାସ, ଭବିଷ୍ୟତକୁ ବାନ୍ଧି ଧରେ, ତା'ର ଗତିକୁ ପ୍ରତିରୋଧ କରେ । ଦ୍ୱିତୀୟରେ ଅତୀତର ଅବଦାନକୁ ଯେତେ ସ୍ୱୀକାର କଲେବି ପ୍ରତି ମଣିଷର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ତାହାଠାରୁ ସର୍ବଦା ଅଧିକ । ଅଲଘଂନୀୟ ଭବିଷ୍ୟତର ସେହି ଦାବୀ ଅତୀତ ଗଲାଣି, ତାହାଠାରୁ କେବଳ ଶିକ୍ଷାଇ ନେଇ ହେବ, ତାକୁ ଆଉ ବଦଳାଇବା ବା ଗଢିହେବ ନାହିଁ । କିନ୍ତୁ ଆସୁଛି ଭବିଷ୍ୟତ, ତାହାଲାଗି ଆଗକୁ ଅନାଇବାକୁ ହେବ । ତେଣୁ ଜଗନ୍ନାଥଙ୍କ ଆଲୋଚନା ଇତିହାସର ନିରବଚ୍ଛିନ୍ନ ସ୍ରୋତରେ କେବଳ ଅତୀତର ଅନାବରଣ ନୁହେଁ, ତାହା ଭବିଷ୍ୟତର ନିୟନ୍ତ୍ରଣ ମଧ - ଯାହାକି ଧର୍ମ ବିଶ୍ୱାସ ଦ୍ୱାରା ସଦା ଉପେକ୍ଷିତ । ସେହିମାନେ ଜଗନ୍ନାଥଙ୍କ

Digitized by srujanika@gmail.com

ଅନାବରଣକୁ ଯମଭଳି ଭୟ କରନ୍ତି, ଯାହାଙ୍କର ଭବିଷ୍ୟତ ଜଗନ୍ନାଥଙ୍କ ଜାଗତିକ ଦୀପ୍ତିର ଆଲୋକରେ ଚିର ଅଂଧକାରମୟ" । ('କାହିଁକି ଏ ପ୍ରେରଣା' ? ଜଗତ ଦର୍ଶନରେ ଜଗନ୍ନାଥ)

ଅଠର ଗୋଟି ପର୍ବ ବିଶିଷ୍ଟ ଏହି ଗ୍ରନ୍ଥଟିରେ ପ୍ରାବଂଧିକ ଜଗନ୍ନାଥଙ୍କ ଠାରେ ଆରୋପିତ ଧର୍ମ ଓ ସାଂପ୍ରଦାୟିକତାର ପରସ୍ତ ପରସ୍ତ ପ୍ରଲେପକୁ ପୋଛି ଦେବା ପାଇଁ ଉଦ୍ୟମ କରିଛନ୍ତି । ଫଳରେ ଜଗନ୍ନାଥ ତାଙ୍କ ନିଜସ୍ୱ ରୂପରେ ପ୍ରକଟିତ ହେଲେ କିପରି ଦିଶନ୍ତେ ତାର ନକ୍ସା ସେ ପ୍ରସ୍ତୁତ କରିଛନ୍ତି । ଜଗନ୍ନାଥକ ସେହି ନିର୍ମଳ ଓ ଅନାବିଳ ରୂପ ମଧ୍ୟରେ ସେ ଆବିଷ୍କାର କରିଛନ୍ତି ସମଗ୍ର ବିଶ୍ୱ ମାନବ ଉଦ୍ଦେଶ୍ୟରେ ନିହିତ ଥିବା ବାର୍ତ୍ତା । ଏହାହିଁ ପ୍ରରୋଦୃଷ୍ଟି ଜଗନ୍ନାଥ ଚେତନାର । ପ୍ରାବଂଧିକ ଧର୍ମ ଓ ସଂପ୍ରଦାୟର ସଂକୀର୍ଣ୍ଣତାର ଉର୍ଦ୍ଧ୍ୱକୁ ଉଠି ଜଗନ୍ନାଥଙ୍କ ଭାବଟିକୁ ଗ୍ରହଣ କରିଛନ୍ତି । ସମୟ କ୍ରମେ ଧର୍ମ ବଦଳିଯାଏ କିନ୍ତୁ ଭାବ ସହଜାତ ତଥା ସ୍ୱଭାବଗତ ହୋଇ ବିରାଜୁଥାଏ ।

ଶ୍ରୀ ପଟ୍ଟନାୟକଙ୍କର 'ଜଗନ୍ନାଥ ଦର୍ଶନରେ ଜଗତ' ଗ୍ରନ୍ଥଟିକୁ ଜଗତଦର୍ଶନରେ ଜଗନ୍ନାଥ ଗ୍ରନ୍ଥର ଏକ ପରିପୂରକ କୃତି ବୋଲି ବିଚାର କରାଯାଇ ପାରେ । ଏଥିରେ ଜଗନ୍ନାଥ ଦର୍ଶନ ଅର୍ଥାତ ସାମ୍ୟ, ମୈତ୍ରୀ, ପ୍ରୀତିର ଦର୍ଶନରେ ସମଗ୍ର ଜଗତକୁ ଓ ମାନବ ଜାତିକୁ ଦେଖିବାର ପ୍ରୟାସ କରିଛନ୍ତି ପ୍ରାବଂଧିକ । ଏଠାରେ ପୂର୍ବ ଗ୍ରନ୍ଥଟିପରି ଶ୍ରୀପଟ୍ଟନାୟକଙ୍କର ଯୁକ୍ତିନିଷ୍ଠ ଅବତାରଣା ଓ ଜଗନ୍ନାଥ ତତ୍ତ୍ୱର ଜୀବନ ଧର୍ମୀ ବ୍ୟାଖ୍ୟା ପାଠକକୁ ଅଭିଭୂତ କରିବାଦିଗରେ ସମର୍ଥ । ସମୟର ପ୍ରତିକୂଳରେ ଯାଇ ପ୍ରାବଂଧିକ ଉକ୍ତଗ୍ରନ୍ଥରେ ମାନବ ସଭ୍ୟତାର ଧର୍ମ ଧାରଣାର ଚିତ୍ର ପଟ କେବଳ ଥୋଇ ନାହାନ୍ତି । ସେ ନେଇ ସମାଜ ବୁକୁରେ ଦେଖାଦେଇଥିବା ଦ୍ୱନ୍ଦ୍ୱ ଓ ବିରୋଧକୁ ମଧ୍ୟ ଉପସ୍ଥାପନ କରିଛନ୍ତି । ଅଷ୍ଟିକ ସଭ୍ୟତା, ବେଦ ଉପନିଷଦ ପୁଣି ଗୀତାରେ ନିହିତ ଆତ୍ମା ଓ ପରମାତ୍ମାଙ୍କ ସଂପର୍କ ସେ ନେଇ ଦର୍ଶନରେ ଗଢି ଉଠିଥିବା ଯାବତୀୟ ମତବାଦର ଅନୁଶୀଳନ ଓ ମନ୍ଥନ ପ୍ରମାଣକରିଦିଏ ତାଙ୍କର ତୀକ୍ଷଣ ମେଧାଶକ୍ତି ଶାଣିତବିଚାର ବୋଧ । ଏହି ମନ୍ଥନ ଜାତ ଅମୃତକୁ ସେ 'ଜଗନ୍ନାଥ ଦର୍ଶନରେ ଜଗତ' ଗ୍ରନ୍ଥରେ ସଂପାଦି ଯାଇଛନ୍ତି ବୋଲି ସ୍ୱୀକାର କରିବାକୁ ହେବ । ଉକ୍ତଗ୍ରନ୍ଥର ମୁଖବଂଧରେ ଯେଉଁ କୌତୁହଳଟି ତାଙ୍କର ଲେଖକୀୟ ସତ୍ତାକୁ ବାରମ୍ୱାର ବିକ୍ଷୁବ୍ଧ କରିଛି ତାର ଅବତାରଣା ଶ୍ରୀ ପଟ୍ଟନାୟକ୍ ନିମ୍ନଲିଖିତ ଭାବରେ କରିଛନ୍ତି ।

Digitized by srujanika@gmail.com

"ଏବେ ମୂଳ ପ୍ରଶ୍ନ ହେଲା -- ଜଗନ୍ନାଥଙ୍କର କିଛି ଏକ ଖାସ୍ ଦର୍ଶନ ଅଛିକି ? ସେଇ ଦର୍ଶନରେ କିଛି ସାହିତ୍ୟ ମୂଲ୍ୟ ବା ଗୁରୁତ୍ୱ ରହିଛିକି ? ଯଦିଥାଏ, ତେବେ କଣ ତାର ତାତ୍ପର୍ଯ୍ୟ ? ଏହାର ଆଲୋଚନା ବା ଉତ୍ତର କେହି ଦାବି କରିବାର ଜଣାନାହିଁ । ବୋଧହୁଏ, ସମସ୍ତେ ଧରିନିଅନ୍ତି ଯେ ଆମର ସମସ୍ତ ସାହିତ୍ୟଟା ଜଗନ୍ନାଥଙ୍କୁ ଧରି, ତାଙ୍କରି ଚାରିପଟେ ଘୁରିବାରେ ଲାଗିଛି । ପ୍ରକୃତରେ କିନ୍ତୁ ତାହା ଜଗନ୍ନାଥ ଦର୍ଶନର ଜଗତର ସାହିତ୍ୟ ନୁହେଁ, ଧର୍ମର ସାହିତ୍ୟ, ଏକ ନିର୍ଦ୍ଦିଷ୍ଟ ଧର୍ମର ସାହିତ୍ୟ । କହିବାକୁ ଗଲେ ବ୍ୟକ୍ତି ମଣିଷର ନିଜ ଦର୍ଶନର ସାହିତ୍ୟ । ଯେଉଁଠି ଜଗନ୍ନାଥ ଦର୍ଶନଙ୍କୁ ମୂଳଭୂ ଦର୍ଶନ କୋଲି ସ୍ୱୀକାର କରାନଯାଏ ସେଠି ତାର ସାହିତ୍ୟକୁ ସ୍ୱାଗତ କରିବାର ପ୍ରଶ୍ନ ଆସୁଚି କୁଆଡୁ ? କାରଣ ମଣିଷର ନିଜ ଦୃଷ୍ଟିରେ ସୃଷ୍ଟ ଜଗନ୍ନାଥ ଓ ଜଗତର ବାସ୍ତବତା ମଧ୍ୟରେ ସୃଷ୍ଟ ଜଗନ୍ନାଥ - ଏଦୁଇ ଜଗନ୍ନାଥ ଏକ ନୁହନ୍ତି, ଭିନ୍ନ ଭିନ୍ନ । ତାଙ୍କ ଦୃଷ୍ଟି ମଧ୍ୟ ସେହିପରି ସଂପୂର୍ଣ୍ଣ ଫରକ୍ ପରସ୍ପରର ବିପରୀତ । ଗୋଟିଏ ହେଲା ମଣିଷର ନିଜର କାର୍ଯ୍ୟ ସେଠି ମଣିଷ ନିଜ ଦୃଷ୍ଟିରେ ଜଗନ୍ନାଥଙ୍କୁ ସୃଷ୍ଟିକରେ । ନିଜର ଇଚ୍ଛା ଓ ଆବଶ୍ୟକତା ଅନୁଯାୟୀ ତାକୁ ଗଢେ । ତାଙ୍କ ଠାରେ ନିଜର ଇପ୍‌ସିତ ରୂପ ,ଗୁଣ ଭାବ ଶକ୍ତି ଆଦି ସ୍ଥାପନ କରେ ଏବଂ ଜଗତକୁ ବିଚାର କରେ ସେଇ ଜଗନ୍ନାଥଙ୍କ ଦୃଷ୍ଟିରେ । ଜଗନ୍ନାଥଙ୍କ ସେଇ ଦୃଷ୍ଟିହିଁ ମଣିଷର ନିଜର ଦୃଷ୍ଟି ତାର ଆତ୍ମନିଷ୍ଠ ଦୃଷ୍ଟି ।

ଗୁରୁଚରଣ ସାହିତ୍ୟକୁ ଏକ ସୌଖିନ ବିଳାସ ବୋଲି କେବେ ଭାବି ନାହାନ୍ତି । ସାହିତ୍ୟିକ ହେବାର ଅଭିପ୍ରାୟ ନେଇ ସେ ମଧ୍ୟ ସାହିତ୍ୟ ସୃଷ୍ଟି କରି ନାହାନ୍ତି । ସାହିତ୍ୟ ହେଉଛି ତାଙ୍କ ବିପ୍ଳବୀ ଜୀବନର ଅବିଚ୍ଛିନ୍ନ ଅଂଶ । ଗଣଚେତନାକୁ ଉଦ୍‌ବୁଦ୍ଧ କରିବା ଓ ଗଣ ଚେତନାର ବାର୍ତ୍ତାବହ ରୂପେ କାଳଜୟୀ ବୈପ୍ଳବିକ ମୂଲ୍ୟବୋଧ ନିର୍ମାଣ ଓ ନୂତନତାର ଆବାହନ ହେଉଛି ତାଙ୍କ ଦୃଷ୍ଟିରେ କଳା ଓ ସାହିତ୍ୟର ଅସଲ ଉଦ୍ଦେଶ୍ୟ । ଖ୍ରୀଷ୍ଟୋଫର କଡ୍‌ୱେଲଙ୍କ ପରି ସେ ଅନୁଭବ କରନ୍ତି - Art changes the emotional content of mans consciousness so that he can react more subtly and deeply to the world This prentantion of inner reality because it is achieved by men in association and has a complexity beyond the power of one man to achieve also

Digitized by srujanika@gmail.com

exposes hearts of his fellow men and raises the whole communal felling of society to a new plene of complexity. It makes possible new levels of concious sympathy understanding and affection between men watching the new levels material onganisation achieved by economic production .

(Illution and Reality Page -155)

ଶ୍ରୀ ପଟ୍ଟନାୟକ ଜନ୍ମ ଗ୍ରହଣ କରିଥିଲେ ୧୯୧୭ ମସିହା ଅକ୍ଟୋବର ମାସରେ ତାଙ୍କୁ ଏବେ ନବେବର୍ଷ ହେଲା । ତାଙ୍କର ଲେଖନୀ ଓ ରାଜନୈତିକ କର୍ମୀ ଜୀବନର ହୀରକ ଜୟନ୍ତୀ ମଧ୍ୟ ଏଇ ଦୁଇହଜାର ଛଅ ଅକ୍ଟୋବର ମାସଠାରୁ ପାଳିତ ହେବାକଥା ସେଦୃଷ୍ଟିରୁ ଏବେ ପ୍ରକାଶ ପାଉଥିବା ତାଙ୍କ ଏଇ ଗ୍ରନ୍ଥଟିର ମହତ୍ତ୍ୱ ଯଥେଷ୍ଟ ଅଛି । ଏଥିରେ ସନ୍ନିବେଶିତ ଏଗାରଟି ଯାକ ପ୍ରବଂଧ ତାଙ୍କର ବିପୁଳ ଅନୁଭୂତି ମଣ୍ଡିତ ରାଜନୈତିକ ଓ ସାହିତି୍ୟ ଜୀବନର ନିର୍ଯ୍ୟାସକୁ ପ୍ରକାଶ କରିବାରେ ସକ୍ଷମ । ଏହି ପ୍ରବଂଧ ଗୁଡ଼ିକ ମଧ୍ୟରୁ ଚାରିଗୋଟି ('ସାହିତ୍ୟ ସମାଲୋଚନାର ସମସ୍ୟା', 'ସାହିତ୍ୟ ସମାଲେଚନାର ଉତ୍ତର', 'ଓଡ଼ିଆ ସାହିତ୍ୟ ପରିଚୟ ସଂପର୍କରେ ପଦେ', ବୌଦ୍ଧିକ ସଂକଟ ଓ ଆତ୍ମ ଆନ୍ତରିତତା,– 'ଓଡ଼ିଆ ସାହିତ୍ୟର ମତି ଓ ଗତି' ସଂକଳନରେ ସ୍ଥାନିତ ହୋଇଥିଲା ବେଳେ ଅନ୍ୟ ଚାରିଗୋଟି ପ୍ରବଂଧ 'ସମୟର ସୁଅରେ ସାଂପ୍ରତିକ ପ୍ରଗତି ସାହିତ୍ୟ', 'ଆଭିମୁଖ୍ୟର ଅବକ୍ଷୟ', 'ସଂସ୍କୃତି ଓ ଅପସଂସ୍କୃତି' ପୂର୍ବରୁ 'ସଂକଟରେ ସାହିତ୍ୟ ସଭ୍ୟତା ସଂସ୍କୃତି' ଗ୍ରନ୍ଥରେ ସଂକଳିତ ହୋଇଛି । ଏହା ବ୍ୟତୀତ ଆଉଦୁଇଟି ନୂତନ ପ୍ରବଂଧ ଏହି ସଂକଳନର କଳେବର ମଣ୍ଡନ କରିଛି । ଗୁରୁଚରଣ କୌଣସି ଗ୍ରନ୍ଥରେ ସ୍ଥାନ ପାଇନଥିବା ଦୁଇଟି ପ୍ରବଂଧ ହେଲା - 'ଗୋପବଂଧୁ ଓ ଭଗବତୀ' ଅନ୍ୟଟି 'ନବଯୁଗ ସାହିତ୍ୟ ସଂସଦ' । ପ୍ରଥମଟିରେ ତୁଳନାତ୍ମକ ଦୃଷ୍ଟିକୋଣରୁ ସେ ଓଡ଼ିଶାର ଦୁଇ ପ୍ରମୁଖ ଜନନାୟକ ଗୋପବଂଧୁ ଓ ଭଗବତୀଙ୍କର ବ୍ୟକ୍ତିତ୍ୱର ମୂଲ୍ୟାଙ୍କନ କରିବା ସଂଗେ ସଂଗେ ଦୁହିଁଙ୍କର ଜୀବନ ଦୃଷ୍ଟିକୁ ଉପସ୍ଥାପନ କରିଛନ୍ତି । ଦ୍ୱିତୀୟଟିରେ ନବଯୁଗ ସାହିତ୍ୟ ସଂସଦର ଆଭିମୁଖ୍ୟ କିପରି ଅନ୍ୟ ସାହିତ୍ୟ ସଂସଦଠାରୁ ନିଆରା ତାହା ପ୍ରାବଂଧିକ ମଧ୍ୟ ଦର୍ଶାଇଛନ୍ତି । 'ନବଯୁଗ ସାହିତ୍ୟ ସଂସଦ' ପ୍ରବଂଧଟିକୁ ଶ୍ରୀ

Digitized by srujanika@gmail.com

ପଟ୍ଟନାୟକ ଲିଖିତ ଭାଷଣ ଭାବରେ ଉପସ୍ଥାପନ କରିଥିଲେ ନବଯୁଗ ସାହିତ୍ୟ ସଂସଦର ୭୦ତମ ବାର୍ଷିକୀ ପାଳନର ଅବସରରେ କଟକର ରାମଚନ୍ଦ୍ର ଭବନଠାରେ । ଗୁରୁଚରଣଙ୍କ ପ୍ରବଂଧ କଳାର ମୂଲ୍ୟାଙ୍କନରେ ହାତ ଦେଇଥିବା ମୋପରି ଜଣେ ଅକିଞ୍ଚନ ସେଦିନ ସଭାରେ ବକ୍ତା ଭାବରେ ଯୋଗଦେଇଥିଲା । ସେ ଲକ୍ଷ୍ୟ କରିଥିଲା ବେଶ୍ ନିବିଡ଼ ଭାବରେ ଗୁରୁଚରଣ ପ୍ରବଂଧଟି ପାଠ କଲାବେଳେ କିପରି ଆବେଗ କଂପିତ ହୋଇ ଉଠୁଛନ୍ତି । ସେ ଫେରିଯାଇଛନ୍ତି ସମୟର ପ୍ରତିଲୋମରେ ସତୁରୀବର୍ଷ ତଳକୁ ଓ କୈଶୋରର ଦୀପ୍ତି ସେଦିନପରି ଟିଟିକି ଉଠୁଛି ତାଙ୍କର ମୁଖମୁଣ୍ଡଳରେ । ଲିଖିତ ପ୍ରବଂଧଟିର କେତେକ କପି ମଧ୍ୟ ସେଦିନ ସଭାରେ ବଣ୍ଟା ଯାଇଥିଲା । ସେଦିନ ସେଇସଭାରେ ଉପସ୍ଥିତ ଗୁଣୀଜନ ଉପଲବ୍ଧି କରିଥିଲେ ଯେ ଗୁରୁଚରଣ 'ନବଯୁଗ ସାହିତ୍ୟ ସଂସଦ' ପ୍ରବଂଧଟି କେବଳ ଏକ ଐତିହାସିକ ଦଲିଲ ନୁହେଁ ଏହା ଯଥାର୍ଥରେ ୧୯୩୫ ପରବର୍ତ୍ତୀ କାଳୀନ ଓଡିଶାର ସାମାଜିକ ସାଂସ୍କୃତିକ ରୂପାନ୍ତରର ଚିତ୍ରପଟ ଯାହା ଔପନିବେଶିକ ଅର୍ଥନୀତି ଓ ସାମ୍ରାଜ୍ୟ ବାଦୀ ଶାସନ ତନ୍ତ୍ରର ଅଂଧାରୀ କାରା ମଧ୍ୟରେ ରୂପ ନେଇଥିଲା ।

'ଗୋପବଂଧୁ ଓ ଭଗବତୀ-ଏ ଦୁଇ ଜନନାୟକ ଥିଲେ ପ୍ରଗତିଶୀଳ ଚିନ୍ତା, ଚେତନାର ବାହକ । ଜଣେ ଉଦାର ନୈତିକ ମାନବତାବାଦର ଉପାସକ ହେଲା ବେଳେ ଆଉ ଜଣେ ଥିଲେ ବୈଜ୍ଞାନିକ ସାମ୍ୟବାଦର ପ୍ରବକ୍ତା । ଜାତୀୟ ଜୀବନର କର୍ଣ୍ଣଧାର ଏ ଦୁଇଜଣଙ୍କ ବ୍ୟକ୍ତିତ୍ୱ ଆକଳନ କଲାବେଳେ ପ୍ରାରମ୍ଭରୁ ଶ୍ରୀପଟ୍ଟନାୟକ କରିଛନ୍ତି - "ଭଗବତୀଙ୍କୁ ମାପିବାଲାଗି ଗୋପବଂଧୁଙ୍କ ମାନଦଣ୍ଡ କେବଳ ଆବଶ୍ୟକ ନୁହେଁ, ଖୋଦ ସେହି ଗୋପବଂଧୁଙ୍କ ପ୍ରତି ମଧ୍ୟ ଦୃଷ୍ଟିଦେବା ଦରକାର ତାଙ୍କୁ ନଦେଖିଲେ ଭଗବତୀଙ୍କୁ ଦେଖିହେବ ନାହିଁ, ଯେହେତୁ ଗୋପବଂଧୁଙ୍କ ସୃଷ୍ଟି ଓ ଇତିହାସ ଉପରେହିଁ ଭଗବତୀଙ୍କ ଜନ୍ମ ଓ ବିକାଶ ଆଉ ସେ ସେହି ଇତିହାସର ଗତିଧାରାର ବାହକ । ସେମିତି ଗୋପବଂଧୁଙ୍କୁ ଠିକ ଭାବେ ବୁଝିବାକୁ ହେଲେ ତାକୁ ଭଗବତୀଙ୍କ ଆଖିରେ ଅନାଇବାକୁ ହେବ, ତାଙ୍କରି ଦର୍ଶନର ଚକ୍ଷୁରେ ଦେଖିବାକୁ ହେବ । କାରଣ ଇତିହାସପ୍ରତି ତାଙ୍କର ଦୃଷ୍ଟିକୋଣ ଏକ ମାତ୍ର ବୈଜ୍ଞାନିକ ଦୃଷ୍ଟିକୋଣ । ତାହା ଦ୍ୱନ୍ଦ୍ୱ ମୂଳକ ବସ୍ତୁବାଦ ଉପରେ ପ୍ରତିଷ୍ଠିତ । ସେଥିଯୋଗୁ ଜଣଙ୍କୁ ବାଦଦେଇ ଅନ୍ୟ ଜଣଙ୍କର ବିଚାର ଅସମ୍ଭବ ।"

Digitized by srujanika@gmail.com

ଉକ୍ତ ପ୍ରବଂଧରେ ଗୋପବଂଧୁ ଓ ଭଗବତୀଙ୍କୁ ଇତିହାସର ଆହ୍ୱାନୀ ସୃଷ୍ଟି ଭାବରେ ପ୍ରାବଂଧିକ ବିଚାର କରିଛନ୍ତି ପୁଣି ଏ ଦୁହିଁଙ୍କୁ ସେ ଦେଖିଛନ୍ତି ଇତିହାସର ସ୍ରଷ୍ଟାଭାବରେ । ଉଭୟେ ନିପୀଡିତ ପ୍ରଜାକୁଳ ପାଇଁ ବାଖିତ ହୋଇଥିଲେ, ସେମାନଙ୍କ ପାଇଁ ସଂଗ୍ରାମ କରିଥିଲେ । ଜାତୀୟ ଜୀବନକୁ ଆତ୍ମତ୍ୟାଗ ବଳରେ ମହିମା ମଣ୍ଡିତ କରିବାଥିଲା ଦୁଇଜଣଙ୍କର ଲକ୍ଷ୍ୟ । ତେବେ ସାଧନର ମାର୍ଗରେ ଥିଲା କିଞ୍ଚିତ ପାର୍ଥକ୍ୟ । ତାର କାରଣ ହେଉଛି ଇତିହାସର ଦୁଇ ଭିନ୍ନ ପ୍ରେକ୍ଷାପଟରୁ ଦୁହିଁଙ୍କର ଜନ୍ମ । ଏହି ପରିବର୍ତ୍ତନ ପ୍ରକ୍ରିୟାଯୋଗୁ ଦୁହିଁଙ୍କର ଜୀବନ ଦର୍ଶନ ଓ ବିଚାର ଧାରାରେ ପାର୍ଥକ୍ୟ ଲକ୍ଷ୍ୟକରାଯାଏ । ଗୋପବଂଧୁଙ୍କ କର୍ମମୟ ଜୀବନର ଆରମ୍ଭ ଓ ବିକାଶ ହେଲା ବେଳକୁ ଭାରତ ବର୍ଷରେ ଜାତୀୟତାବାଦର ଉନ୍ମେଷ ପର୍ବ । କିନ୍ତୁ ଭଗବତୀଙ୍କ କର୍ମମୟ ଜୀବନର ଆରମ୍ଭ ବେଳକୁ ବିଶ୍ୱର ଖଟିଖିଆ, ମୂଲିଆ ଓ ସର୍ବହରାମାନଙ୍କର ଆନ୍ତର୍ଜାତୀୟତାବାଦ ପ୍ରତିଷ୍ଠାପାଇଁ ଜୋରଦାର ସଂଗ୍ରାମଆରମ୍ଭ ହୋଇଗଲାଣି । ଭାରତବର୍ଷରେ ମାର୍କ୍ସବାଦର ପ୍ରଚାର ପ୍ରସାର ହେବା ଫଳରେ ଏ ଦେଶର ନବୋଦିତ ବୁର୍ଜୁଆଗୋଷ୍ଠୀ ତଥା ଉପନିବେଶବାଦୀ ଶକ୍ତି ସହ ସଂଗ୍ରାମ ପାଇଁ ଜନତା ପ୍ରସ୍ତୁତ ହେଲେଣି । ତେଣୁ ଇତିହାସର ବିବର୍ତ୍ତନ ଗୋପବଂଧୁ ଓ ଭଗବତୀଙ୍କ କାର୍ଯ୍ୟ ପ୍ରଣାଳୀରେ ପାର୍ଥକ୍ୟ ଆଣିବା ସ୍ୱାଭାବିକ । ଗୁରୁଚରଣ ଏହାକୁ ଦର୍ଶାଇ ଦେଇଛନ୍ତି ନିମ୍ନଲିଖିତ ଭାବରେ ।

"ଗୋପବଂଧୁଙ୍କ ଲକ୍ଷ୍ୟଥିଲା ସ୍ୱାଧୀନତା । ତାହା ଅତି ଯୁକ୍ତିଯୁକ୍ତ ଓ ସ୍ୱାଭାବିକ । ଏବେ ଭଗବତୀଙ୍କ ଲକ୍ଷ୍ୟହେଲା ସ୍ୱାଧୀନତା ନୁହେଁ, ତା' ଠାରୁ ଅଧିକ, ବୈଜ୍ଞାନିକ ସମାଜବାଦ – କେବଳ ଗୋରା ଶାସନ ଶୋଷଣର ବିଲୋପନୁହେଁ, କଳାଶୋଷଣର ମଧ୍ୟ ବିଲୋପ, ମଣିଷ ଉପରେ ମଣିଷ ଶୋଷଣର ବିଲୋପ । ଗୋପବନ୍ଧୁଙ୍କ ଆଦର୍ଶଥିଲା ଜାତୀୟତାବାଦ କିନ୍ତୁ ଭଗବତୀ କେବଳ ସେଇଠି ଅଟକିଯାଇ ନାହାନ୍ତି । ସେ ଘୋଷଣା କରିଛନ୍ତି ଆନ୍ତର୍ଜାତୀୟତାବାଦ । ସେ ବିଶ୍ୱାସ କରୁଥିଲେ ଦୁନିଆରେ ସବୁ ଶୋଷକଙ୍କ ବିରୁଦ୍ଧରେ ସମଗ୍ର ଶୋଷିତଶ୍ରେଣୀ ଏକଜୁଟହେବା ଦରକାର, ନିଜର ମୁକ୍ତି ସଂଗ୍ରାମରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ । ଗୋପବନ୍ଧୁ ସ୍ୱାଧୀନତା ସଂଗ୍ରାମରେ ସମସ୍ତଙ୍କୁ ଏକଜୁଟ କରିବାକୁ ଚେଷ୍ଟା କରିଛନ୍ତି । ଭଗବତୀ ଦେଖିଛନ୍ତି ଯେ ସ୍ୱାଧୀନତା ସଂଗ୍ରାମରେ ଶ୍ରମିକ ଶ୍ରେଣୀର ନେତୃତ୍ୱ ରହିବା ଆବଶ୍ୟକ ନହେଲେ ସ୍ୱାଧୀନତାର ଫଳ ପ୍ରଭୃତି ଶ୍ରମଜୀବୀ ଜନ ସାଧାରଣ ଭୋଗ କରିପାରିବେ ନାହିଁ, କି ତାହା ପ୍ରକୃତ ସ୍ୱାଧୀନତା ନହୋଇପାରେ" ।

Digitized by srujanika@gmail.com

ପ୍ରାବଂଧିକ ଆଲୋଚନା ପ୍ରସଂଗରେ ଦର୍ଶାଇଛନ୍ତି ଯେ ଗୋପବଂଧୁ ଭଗବାନ ଓ ଧର୍ମବିଶ୍ୱାସ ଉପରେ ଆସ୍ଥା ପୋଷଣ କଲାବେଳେ ଭଗବତୀ ଥିଲେ ତାର ବିରୋଧୀ । ବ୍ୟକ୍ତିମାନଙ୍କର ମୁକ୍ତି ପାଇଁ ଗୋପବଂଧୁ ଭାବବାଦ ତଥା ଧର୍ମଧାରଣାକୁ ଗୁରୁତ୍ୱଦେଲା ବେଳେ ଭାଗବତୀ ଗଣ ସଂଗ୍ରାମମଧ୍ୟଦେଇ ମୁକ୍ତିର ଆଲୋକ ଦେଖିବା ପାଇଁ ଆହ୍ୱାନ କରିଥିଲେ । ପ୍ରବଂଧର ଉପସଂହାରରେ ପ୍ରାବଂଧିକ ଅତ୍ୟନ୍ତ ଯୁକ୍ତିଯୁକ୍ତ ଭାବରେ ସ୍ୱୀକାର କରିଛନ୍ତି ଯେ – ଇତିହାସର କ୍ରମ ବିକାଶଧାରାରେ ଗୋପବଂଧୁ ଓ ଭଗବତୀ ଦୁଇଟି ଧାରାର ଅନିବାର୍ଯ୍ୟ ସୃଷ୍ଟି । ସେ ଦୁହିଁଙ୍କ ସମୟ ହେଉଛି ଦୁଇଟି ଯୁଗର ସଂକେତ ।

'ନବଯୁଗ ସାହିତ୍ୟ ସଂସଦ' ପ୍ରବଂଧରେ ପ୍ରାବଂଧିକ ଆପଣର ତୁଳନାତ୍ମକ ଦୃଷ୍ଟିକୋଣର ରୂପାୟନ ଘଟାଇ ଏହା କିପରି ଅନ୍ୟାନ୍ୟ ସାହିତ୍ୟ ସଂସଦମାନଙ୍କ ଠାରୁ ନିଆରା ତାହା ସେ ପ୍ରତିପାଦନ କରିଛନ୍ତି । ରାମଚନ୍ଦ୍ର ଭବନରେ ପ୍ରଦତ୍ତ ଉକ୍ତ ଲିଖିତ ଅଭିଭାଷଣଟିର ପ୍ରାରମ୍ଭ ବେଶ୍ ଆବେଗ ମଣ୍ଡିତ । ଶ୍ରୀ ପଟ୍ଟନାୟକ କହିଛନ୍ତି – "ମୋର ପରମ ସୌଭାଗ୍ୟ ଯେ ଆଜି ନବଯୁଗ ସାହିତ୍ୟ ସଂସଦର ୭୦ ତମ ବାର୍ଷିକୀ ପାଳନର ପ୍ରସ୍ତୁତି ଉପଲକ୍ଷେ ମୁଁ ଆଜି ତାର ଶେଷ ସ୍ମାରକୀ ଭାବରେ ଆପଣଙ୍କ ଆଗରେ ଉପସ୍ଥିତ । ନା ପୁଣି ଅନନ୍ତ ପଟ୍ଟନାୟକଙ୍କ ୧୮ତମ ଶ୍ରାଦ୍ଧ ଦିବସରେ, ଯିଏକି ତାର ପ୍ରତିଷ୍ଠାତା ଭିତରୁ ଅନ୍ୟତମ । ଘୋର ଦୁର୍ଭାଗ୍ୟର ବିଷୟ ସେହି ନବଯୁଗର ସେଦିନର ସେଇ କର୍ତ୍ତା, ଜନ୍ମଦାତା ଓ ତାର ବାର୍ତ୍ତାର ବାହକଙ୍କ ମଧ୍ୟରୁ ଆଉ ଆମ ଗହଣରେ କେହି ନାହାନ୍ତି । ଫଳରେ ସେଇ ସଂସଦର ଲକ୍ଷ୍ୟ, ଆଦର୍ଶ, ଆଭିମୁଖ୍ୟର ନିର୍ଦ୍ଦେଶକୁ ବର୍ତ୍ତମାନ ଅବସ୍ଥାରେ ଯଥାଯଥଭାବେ ଉପସ୍ଥାପିତ କରିବାର ଗୁରୁଦାୟିତ୍ୱକୁ ଏଡ଼ିଦେଇ ଯିବା ମୋ ପକ୍ଷେ ସମ୍ଭବ ନୁହେଁ । (ମୋ ଭିତରେ) ସଂସଦର ସେଇ ଶେଷ ସନ୍ତକ ଲିଭିଯିବା ପୂର୍ବରୁ ତାର ଯଥାର୍ଥ କର୍ତ୍ତବ୍ୟ ସଂପାଦନ ମୋତେ କରିବାକୁ ହେବ" । ପ୍ରାବଂଧିକ ସାଧାରଣ ସାହିତ୍ୟ ଓ ନବଯୁଗ ସାହିତ୍ୟ ସଂସଦ ମଧ୍ୟରେ ତଫାତ୍ ଦର୍ଶାଇ ଏହାର ନିର୍ଦ୍ଦିଷ୍ଟ ଆଭିମୁଖ୍ୟକୁ ଦର୍ଶାଇଛନ୍ତି । ତାହା ହେଲା ନବଯୁଗର ନିର୍ମାଣ ସଂଗକୁ ଅଂଗୀକାର ବଦ୍ଧ ସାହିତ୍ୟିକ ଭାବନା ଓ ପ୍ରଚେଷ୍ଟାକୁ ଭବିଷ୍ୟତ ପର୍ଯ୍ୟନ୍ତ ସଂପ୍ରସାରିତ କରିନେବା । ନବଯୁଗ ସାହିତ୍ୟ ସଂସଦରେ ଏହି ଅଂଗୀକାର ବଦ୍ଧ ପୁରୋଦୃଷ୍ଟି ସଂପନ୍ନ ସାହିତ୍ୟିକ ବିଚାରଧାରାର ଯେଉଁ ବୈଶିଷ୍ଟ୍ୟଗୁଡ଼ିକ ଆଲୋଚ୍ୟ ପ୍ରବଂଧରେ ପ୍ରତିପାଦିତ ହୋଇଛି ତାହାହେଲେ –

Digitized by srujanika@gmail.com

(କ) ସାହିତ୍ୟକୁ ସୌଖିନ ଓ ମନୋରଂଜନ ଧର୍ମୀ ବୋଲି ନ ବିଚାରି ତାକୁ ସେ ପରିବେଶରୁ ମୁକ୍ତ କରି ସଂଗ୍ରାମଶୀଳ ଆଭିମୁଖ୍ୟ ପ୍ରଦାନ କରିବା ଓ ଗଣମୁକ୍ତି ପାଇଁ ଡାକରାଦେବା ।

(ଖ) ଚିର ବିକଶିତ ଅଖଣ୍ଡ ମାନବତାବାଦର ଉଦ୍‌ଘୋଷଣ କରିବା ।

(ଗ) ବିଶ୍ୱମାନବର କଲ୍ୟାଣ ନିମିତ୍ତ ବ୍ୟକ୍ତିସ୍ୱାର୍ଥକୁ ଜଳାଞ୍ଜଳି ଦେବା ।

(ଘ) ଭବିଷ୍ୟତର ନିର୍ମାଣ ପାଇଁ ଯତ୍ନଶୀଳ ହେବା ।

ପ୍ରାବଂଧିକ କଳିଯୁଗକୁ ଶ୍ରେଣୀ ସଂଘର୍ଷର ଯୁଗ, ସତ୍ୟଯୁଗକୁ ସମାଜବାଦର ଯୁଗ ବୋଲି ଅଭିହିତ କରିଛନ୍ତି । ତାଙ୍କ ମତରେ – "କଳିକୁ ଶ୍ରେଣୀ ସଂଘର୍ଷର ଯୁଗ, ସତ୍ୟଯୁଗକୁ ସମାଜବାଦର ଯୁଗ ତାକୁ ଯେଉଁ ଭାବରେ ନାଆଁ ଦିଅନା କାହିଁକି ତାର ମୂଳ ଚରିତ୍ର ଅନୁସୃତ ମାର୍ଗ ଆଉ ଅନ୍ତିମ ଲକ୍ଷ୍ୟ ସମାଜ । ସତ୍ୟପ୍ରତିଷ୍ଠା ଲାଗି ଯେପରି ଅସତ୍ୟନିଧନ ଦରକାର, ସାମ୍ୟର ପ୍ରତିଷ୍ଠାଲାଗି ସେଇ ଅସାମ୍ୟର ବିଲୋପ ଆବଶ୍ୟକ । ଆସାମୀ ଦ୍ୱାରା ଯେପରି ସତ୍ୟର ପ୍ରତିଷ୍ଠା ନାଇଁ, ସେହିପରି ଅସତ୍ୟଦ୍ୱାରା ସାମ୍ୟର ପ୍ରତିଷ୍ଠା ଅସମ୍ଭବ । ପୂରାକାଳରେ ସେଇ ଭାରତୀୟ ଶାସ୍ତ୍ରରେ ମାନବିକ ଭାବନା, କଳ୍ପନା ଓ କାମନା ଯାହା ସତ୍ୟଯୁଗ ଭାବେ ପ୍ରଚାରିତ ତାହାହିଁ ମାନବତାର ସର୍ବଶ୍ରେଷ୍ଠ ନିଦର୍ଶନ । ତାହା ଏବେ ବାସ୍ତବତାରେ ରୂପାୟିତ ହୁଏ ସମାଜବାଦ ନାମରେ" । ସାମ୍ୟବାଦ ହିଁ ସତ୍ୟଯୁଗ ପ୍ରତିଷ୍ଠାକରିପାରେ । ଏହିକଥାକୁ ଅନ୍ୟ ଭାବରେ ମଧ୍ୟ ପ୍ରକାଶ କରାଯାଇ ପାରିବ । ତାହାହେଲା – ସତ୍ୟଯୁଗ ନାମକ ଏକ ଯୁଗର ପରିକଳ୍ପନାକୁ ବାସ୍ତବାୟିତ କରାଯାଇ ପାରିବ ସାମ୍ୟବାଦର ଆବାହନ ତଥା ପ୍ରତିଷ୍ଠା ମଧ୍ୟଦେଇ । ସତ୍ୟ ପ୍ରତିଷ୍ଠା ବା ସତ୍ୟଯୁଗ ସମ୍ଭବହୁଏ ଶୋଷଣକୁ ନିର୍ମୂଳ କଲେ । ମାର୍କ୍ସବାଦ ଏଇ ଶୋଷଣର ବିଲୋପପାଇଁ ସତ୍ୟପ୍ରତିଷ୍ଠା ପାଇଁ କିପରି ଆହ୍ୱାନ ଦିଏ ପ୍ରାବଂଧିକ ତାହା ଦର୍ଶାଇଛନ୍ତି । ମାନବ, ମାନବ ବାଦ ଓ ସାହିତ୍ୟ ମଧ୍ୟରେ ଥିବା ସଂପର୍କ ଦର୍ଶାଇ ନବଯୁଗ ସାହିତ୍ୟ ସଂସଦ କିପରି ଏହାର ପ୍ରତିଷ୍ଠା ନିମିତ୍ତ ଓ ସତ୍ୟଯୁଗର ଆଗମନ ନିମିତ୍ତ ଶୁଭଶଂଖ ବାଦନ କରିଥିଲା ତାର ଚିତ୍ର ପ୍ରବଂଧରେ ପ୍ରଦତ୍ତ, ନବଯୁଗର ସାହିତ୍ୟିକ ମାନବ ଉଦ୍ଦେଶ୍ୟରେ ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ବାର୍ତ୍ତା ହେଲା- ଏହା ଜଣାଇଦିଏ ନବଯୁଗ ସାହିତ୍ୟିକ ଜଣେ ସାଧାରଣ ସାହିତ୍ୟ ସ୍ରଷ୍ଟାନୁହେଁ । ସେ ଜଣେ ନୂଆ ଯୁଗର ସୃଷ୍ଟିକର୍ତ୍ତା, ତାର ଚିନ୍ତା ଭାବନାର

Digitized by srujanika@gmail.com

ଦୃଷ୍ଟି - ସଦା ଗତିଶୀଳ, ତାହା କଦାପି ସଂକୀର୍ଣ୍ଣ, ସୀମିତ ହୋଇ ନପାରେ । ସେଥିରେ ଅବରୋଧ ମାତ୍ରେ ତାହା ଯେଉଁ କାରଣରୁ ଆସୁନା କାହିଁକି ତାକୁ ସଦା ଆଘାତ କରିବା ତାର ଅଲିଖିତ ଧର୍ମ । ଫଳର କଳିଯୁଗ ବିନାଶ ସତ୍ୟଯୁଗର ବିକାଶଦିଗରେ ତାର ଗତି ଅପରିହାର୍ଯ୍ୟ । ତେଣୁ ସତ୍ୟଯୁଗର ସଂଧାନରେ ତାର ଧର୍ମର ପ୍ରକାଶ, ଧର୍ମର ପ୍ରଚାର, ତାର କର୍ମର ପ୍ରଜ୍ୱଳନ କରିବା ହେଲା ନବଯୁଗ ସାହିତ୍ୟିକର ସ୍ୱତଃସ୍ଫୁର୍ତ୍ତ ସ୍ୱାଭାବିକ କର୍ତ୍ତବ୍ୟ ।

ଶ୍ରୀଯୁକ୍ତ ଗୁରୁଚରଣ ପଟ୍ଟନାୟକଙ୍କ ପ୍ରବଂଧଗୁଡ଼ିକ ନିବିଡ଼ ସମାଜ ଦୃଷ୍ଟି ଦ୍ୱାରା ଅନୁପ୍ରେରିତ ବୋଲି ପୂର୍ବରୁ କୁହାଯାଇଛି । ସେଥିପାଇଁ ସମାଜର ବିକାଶ ଧାରା ଓ ଇତିହାସର ପ୍ରକ୍ରିୟା ମଧ୍ୟରୁ ସେ ଆବିଷ୍କାର କରିଛନ୍ତି ଦୃଢ଼ ମାନବିକ ସତ୍ୟ । ସତ୍ୟ ପ୍ରତିଷ୍ଠା ଓ ସତ୍ୟାନୁସଂଧାନ ଏକ କାଳ୍ପନିକ ବ୍ୟାପାର ନୁହେଁ । ଦ୍ୱନ୍ଦ୍ୱ ଓ ଅଗ୍ରଗତି ମଧ୍ୟରେ ସତ୍ୟ ପ୍ରତିଷ୍ଠିତ ହୁଏ । ଏଣେ ପୁଣି ନୂତନ ସତ୍ୟପାଇଁ ଦ୍ୱନ୍ଦ୍ୱାତ୍ମକ ରୀତିରେ ପ୍ରଥ ପ୍ରସ୍ତୁତ ହେଉଥାଏ । ସଭ୍ୟତା, ସମାଜ, ସାହିତ୍ୟ, କଳା, ସଂସ୍କୃତି ତଥା ମୂଲ୍ୟବୋଧ କ୍ଷେତ୍ରରେ ଦ୍ୱନ୍ଦ୍ୱ ଓ ବିକାଶର ଏହି ଧାରା ଯେପରି ରୂପାୟିତ ତାହା ଦର୍ଶାଇଦେବାପାଇଁ ନିଷ୍ଠାପର ଉଦ୍ୟମ କରିଛନ୍ତି ପ୍ରାବଂଧିକ ଓ ସମାଲୋଚକ ଗୁରୁଚରଣ ପଟ୍ଟନାୟକ । ସେ ଦୃଷ୍ଟିରୁ ପ୍ରଥାବଦ୍ଧ ଓ ଗତାନୁଗତିକ ସାହିତ୍ୟ ସମୀକ୍ଷାଠାରୁ ସେ ନିଜର ସ୍ୱାତନ୍ତ୍ର୍ୟ ରକ୍ଷାକରନ୍ତି ।

ସାହିତ୍ୟର ବିକାଶପର୍ବକୁ ବିଭିନ୍ନ ଯୁଗ ଓ ଯୁଗୀୟ ମୂଲ୍ୟବୋଧ ଦୃଷ୍ଟିରୁ ସମୀକ୍ଷକମାନେ ବିଶ୍ଳେଷଣ କରିଥାନ୍ତି । ଏହା ଗଢ଼ି ଉଠେ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପୃଷ୍ଠଭୂମିକୁ ନେଇ । ନବଯୁଗ ସାହିତ୍ୟ ସଂସଦ ଯେଉଁ ନବଯୁଗର ଗାଥା ଗାନ କରିଥିଲା ତାହା ସାହିତ୍ୟର ଅନ୍ୟାନ୍ୟ ଯୁଗୀୟ ପ୍ରବୃତ୍ତି ଠାରୁ ଅଲଗା । ପରିବ୍ୟାପ୍ତ ଜୀବନ ଦୃଷ୍ଟି, ସାମ୍ୟବାଦର ରାଗିଣୀ ଶୁଣାଇଦ୍ବା ଏହି ସଂସଦର ଅନ୍ୟତମ ଉଦ୍‌ଗାତା ଗୁରୁଚରଣ ପ୍ରବଂଧକଳାରେ ତେଣୁ ଲକ୍ଷ୍ୟକରାଯାଏ ସେହି ନବଯୁଗର ବାର୍ତ୍ତା ଓ କର୍ମପ୍ରେରଣା ।।

❑

Digitized by srujanika@gmail.com

ଗୋପବଂଧୁ ଓ ଭଗବତୀ

ଭଗବତୀଙ୍କ ମୃତ୍ୟୁର ତେତିଶ ବର୍ଷ ହୋଇଗଲା । ସେ ଏବେ ଇତିହାସରେ ପରିଣତ ହେଲେଣି । ଇତିହାସ ତାଙ୍କର ମୂଲ୍ୟାୟନ ପ୍ରତି ନିର୍ଲିପ୍ତଭାବେ ଦୃଷ୍ଟିଦେବା ଉଚିତ । ୧୯୪୩ରେ ମୃତ୍ୟୁ ବେଳକୁ ତାଙ୍କର ବୟସ ମାତ୍ର ୩୪ ବର୍ଷ । ସେ ଗଞ୍ଜାମର ଅନାହାରଗ୍ରସ୍ତ ଅଞ୍ଚଳରେ ରିଲିଫ ଦେବାକୁ ଯାଇ ନାଳରକ୍ତ ରୋଗ ଧରି ଫେରିଲେ; ସେଥିରୁ ଆଉ ଉଠି ନାହାନ୍ତି । ଏହି କ୍ଷୁଦ୍ର ଜୀବନକାଳ ଭିତରେ ବାଲ୍ୟ ଜୀବନରେ ବିଦ୍ୟା ଅଧ୍ୟୟନ ଗୋଟାଏ ବିଶେଷ ଭାଗହେବା ସ୍ୱାଭାବିକ । ତାଙ୍କର ପ୍ରକୃତ କର୍ମର ସମୟ ହେଲା ୧୯୩୪/୩୫ ରୁ ୧୯୪୩; ଏଇ ଆଠ ବର୍ଷ । ସେଥି ମଧ୍ୟରୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱକାଳ କଟିଛି ଜେଲରେ କିନ୍ତୁ "ମଣିଷ ଜୀବନ ବର୍ଷ ମାସ ଦିନ୍ ଦଣ୍ଡ ନୁହେଁ, କର୍ମ ହିଁ ତାର ଏକମାତ୍ର ମାନଦଣ୍ଡ" ଗୋପବନ୍ଧୁଙ୍କର ଏହି ମହାନ ଉକ୍ତିଟି ଭଗବତୀଙ୍କ କ୍ଷେତ୍ରରେ ଅକ୍ଷରେ ଅକ୍ଷରେ ସତ୍ୟ ।

ଭଗବତୀଙ୍କୁ ମାପିବା ଲାଗି ଗୋପବନ୍ଧୁଙ୍କ ମାନଦଣ୍ଡ କେବଳ ଆବଶ୍ୟକ ନୁହେଁ, ଖୋଦ ସେହି ଗୋପବନ୍ଧୁଙ୍କ ପ୍ରତି ମଧ ଦୃଷ୍ଟି ଦେବା ଦରକାର । ତାଙ୍କୁ ନ ଦେଖିଲେ ଭଗବତୀଙ୍କୁ ଦେଖି ହେବ ନାହିଁ, ଯେହେତୁ ଗୋପବନ୍ଧୁଙ୍କ ସୃଷ୍ଟି ଓ ଇତିହାସ ଉପରେ ହିଁ ଭଗବତୀଙ୍କ ଜନ୍ମ ଓ ବିକାଶ ଆଉ ସେ ସେହି ଇତିହାସର ଗତିଧାରାର ବାହକ । ସେମିତି ଗୋପବନ୍ଧୁଙ୍କୁ ଠିକଭାବେ ବୁଝିବାକୁ ହେଲେ ତାଙ୍କୁ ଭଗବତୀଙ୍କ ଆଖିରେ ଅନାଇବାକୁ ହେବ, ତାଙ୍କରି ଦର୍ଶନର ଚକ୍ଷୁରେ ଦେଖିବାକୁ ହେବ । କାରଣ ଇତିହାସ ପ୍ରତି ତାଙ୍କର

Digitized by srujanika@gmail.com

ଦୃଷ୍ଟିକୋଣ ଏକମାତ୍ର ବୈଜ୍ଞାନିକ ଦୃଷ୍ଟିକୋଣ । ତାହା ଦ୍ୱନ୍ଦମୂଳକ ବସ୍ତୁବାଦ ଉପରେ ପ୍ରତିଷ୍ଠିତ । ସେଥିଯୋଗୁଁ ଜଣଙ୍କୁ ବାଦଦେଇ ଅନ୍ୟଜଣଙ୍କର ବିଚାର ଅସମ୍ଭବ ।

ଗୋପବନ୍ଧୁଙ୍କ ମୃତ୍ୟୁ ଘଟିଛି ସ୍ୱାଧୀନତାର ୧୯ ବର୍ଷ ପୂର୍ବରୁ । ସେତେବେଳେ ରାଜନୀତିରେ ଭଗବତୀଙ୍କ ଜନ୍ମ ନାହିଁ । ଅଥଚ ଭଗବତୀଙ୍କ ମୃତ୍ୟୁ ହେଲା ସ୍ୱାଧୀନତାର ଚାରି ବର୍ଷ ଆଗରୁ । ଗୋପବନ୍ଧୁଙ୍କ ବେଳେ ସ୍ୱାଧୀନତା ଏକ ସୁଦୂର ଲକ୍ଷ୍ୟ ବ୍ରିଟିଶର ନିରଙ୍କୁଶ ଶାସନ, ଜନସାଧାରଣ କୁସଂସ୍କାରଗ୍ରସ୍ତ, "ଆତ୍ମ-ଚେତନାହୀନ, ଦମ୍ଭ ସାହସ ଶୂନ୍ୟ, ନିଜର ଭବିଷ୍ୟତ ଲକ୍ଷ୍ୟ ଓ ପନ୍ଥା ସମ୍ବନ୍ଧରେ ଅନଭିଜ୍ଞ, ପ୍ରଚଳିତ ଉତ୍ପାଦନ ପ୍ରଣାଳୀରେ କ୍ଷୁଦ୍ର କୃଷି ଅର୍ଥନୀତିର ପ୍ରାଧାନ୍ୟ, ସେହି ଅନୁସାରେ ସଂକୀର୍ଣ୍ଣ ଚିନ୍ତାଧାରାର ପ୍ରତିଫଳନ – ଏହି ଅବସ୍ଥା ଭିତରୁ ଗୋପବନ୍ଧୁଙ୍କର ଜନ୍ମ । ସେ ଚାହିଁଛନ୍ତି ତାର ପରିବର୍ତ୍ତନ । ଆଉ ସେହି ପରିବର୍ତ୍ତନର ପକ୍ରିୟା ଭିତରେ ଜନ୍ମ ନେଇଛନ୍ତି ଭଗବତୀ । ସେତେବେଳକୁ ଓଡ଼ିଶା ୧୯୨୨ ଓ ୧୯୩୦।୩୨ର ଦୁଇଟା ସଂଗ୍ରାମ ଲଢ଼ିଛି । ତାର ଆତ୍ମବିଶ୍ୱାସ ଆସିଛି, ତାର ଲକ୍ଷ୍ୟ ପରିଷ୍କାର ହୋଇଛି । କୃଷକ ଆନ୍ଦୋଳନ ଓ ଶ୍ରମିକ ଧର୍ମଘଟର ପ୍ରଭାବ ପଡୁଛି, ଗଡ଼ଜାତ ଆନ୍ଦୋଳନ ହେଉଛି ଏବଂ ନୂତନ ଆନ୍ତର୍ଜାତିକ ଚିନ୍ତାଧାର ଓଡ଼ିଶାରେ ପ୍ରବେଶ କରୁଛି, କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଢ଼ିଛଇ, ବିଶ୍ୱଯୁଦ୍ଧ ଆରମ୍ଭ ହୋଇଛି । ସେତେବେଳ ପ୍ରଶ୍ନ ଉଠୁଛି ସ୍ୱାଧୀନତାର୍-ଶେଷ ସଂଗ୍ରାମ ହେବ କିପରି ଏବଂ ସ୍ୱାଧୀନତା ପରେ ଆଉ କଣ ? ଏ ଦୁଇ ଅବସ୍ଥାର ପାର୍ଥକ୍ୟର ପ୍ରତିଫଳନ ଘଟିଛି ଦୁହିଁଙ୍କ ଜୀବନରେ, କହିବାକୁ ଗଲେ ସେମାନେ ସେ ଦୁଇ ଅବସ୍ଥା, ତାର ସମସ୍ୟା ଓ ସମାଧାନର ପ୍ରତିମୂର୍ତ୍ତି ।

ଗୋପବନ୍ଧୁଙ୍କ ପୂର୍ବରୁ ଥିଲା ବ୍ରିଟିଶ ସରକାର ପାଖରେ ପ୍ରାର୍ଥନା, ପିଟିସନର ଯୁଗ । ସେ ତାକୁ ଭାଙ୍ଗିଛନ୍ତି, ଘୋଷଣା କରିଛନ୍ତି ମାନବର ମୌଳିକ ଅଧିକାର,– ସ୍ୱାଧୀନତା ।

ସେଇ ସ୍ୱାଧୀନତା ସଂଗ୍ରାମକୁ କଂଗ୍ରେସ ଅହିଂସା ଓ ସତ୍ୟାଗ୍ରହର ପରିସର ଭିତରେ ବାନ୍ଧି ଦେଇଚି । ସେଥିରେ ଦୋଦୁଲ୍ୟମାନ ଭାବ ଦେଖାଇଛି, ବୃଟିଶ ସହିତ ସାଲିସ କରିଛି । ଭଗବତୀ ଚେଷ୍ଟା କରିଛନ୍ତି ତାକୁ ଭାଙ୍ଗିବାକୁ, ସେ ଘୋଷଣା କରିଛନ୍ତି ସାଲିସହୀନ ସଂଗ୍ରାମ । ବାଡ଼ି ପଛେ ଭାଙ୍ଗୁ, କିନ୍ତୁ ସାପ ମରୁ ।

ଗୋପବନ୍ଧୁଙ୍କ ଲକ୍ଷ୍ୟ ଥିଲା ସ୍ୱାଧୀନତା । ତାହା ଅତି ଯୁକ୍ତିଯୁକ୍ତ ଓ ସ୍ୱାଭାବିକ । ଏବେ

Digitized by srujanika@gmail.com

ଭଗବତୀଙ୍କ ଲକ୍ଷ୍ୟ ହେଲା କେବଳ ସ୍ୱାଧୀନତା ନୁହେଁ, ତାଠାରୁ ଅଧିକ, ବୈଜ୍ଞାନିକ ସମାଜବାଦ – କେବଳ ଗୋରା ଶାସନ ଶୋଷଣର ବିଲୋପ ନୁହେଁ, କଳା ଶୋଷଣର ମଧ୍ୟ ବିଲୋପ, ମଣିଷ ଉପରେ ମଣିଷର ଶୋଷଣର ବିଲୋପ ।

ଗୋପବନ୍ଧୁଙ୍କ ଆଦର୍ଶଥିଲା, ଜାତୀୟତାବାଦ । କିନ୍ତୁ ଭଗବତୀ କେବଳ ସେଇଠି ଅଟକି ଯାଇନାହାନ୍ତି । ସେ ଘୋଷଣା କରିଛନ୍ତ ଆନ୍ତର୍ଜାତୀୟତାବାଦ । ସେ ବିଶ୍ୱାସ କରୁଥିଲେ ଦୁନିଆରେ ସବୁ ଶୋଷକଙ୍କ ବିରୋଧରେ ସମଗ୍ର ଶୋଷିତ ଶ୍ରେଣୀ ଏକଜୁଟ ହେବା ଦରକାର, ନିଜର ମୁକ୍ତି ସଂଗ୍ରାମରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ ।

ଗୋପବନ୍ଧୁ ସ୍ୱାଧୀନତା ସଂଗ୍ରାମରେ ସମସ୍ତଙ୍କୁ ଏକଜୁଟ କରିବାକୁ ଚେଷ୍ଟା କରିଛନ୍ତି ଭଗବତୀ ଦେଖିଛନ୍ତି, ସେ ସ୍ୱାଧୀନତା ସଂଗ୍ରାମରେ ଶ୍ରମିକ ଶ୍ରେଣୀର ନେତୃତ୍ୱ ରହିବା ଆବଶ୍ୟକ । ନ ହେଲେ ସ୍ୱାଧୀନତାର ଫଳ ପ୍ରକୃତ ଶ୍ରମଜୀବୀ ଜନସାଧାରଣ ଭୋଗ କରିପାରିବେ ନାହିଁ, କି ତାହା ପ୍ରକୃତ ସ୍ୱାଧୀନତା ବି ହୋଇ ନ ପାରେ ।

ଓଡ଼ିଶାର ଦୀନଦରିଦ୍ରଙ୍କ ପାଇଁ ସଦାସର୍ବଦା ଗୋପବନ୍ଧୁଙ୍କ ପ୍ରାଣ କାନ୍ଦିଛି, ବନ୍ୟା ମରୁଡ଼ିରେ ସେ ସେମାନଙ୍କୁ ଢୋକ ଦେଇ ବଞ୍ଚାଇବାରେ ଲାଗିଛନ୍ତି । ଭଗବତୀ ଅନାହାରଗ୍ରସ୍ତ ଅଞ୍ଚଳରେ ରିଲିଫ ଦେବାକୁ ଯାଇ ମରିଛନ୍ତି । କିନ୍ତୁ ସେମାନଙ୍କ ପାଇଁ କାନ୍ଦିନାହାନ୍ତି – ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ତାଙ୍କ ମନରେ କ୍ରୋଧ ସଞ୍ଚାର କରିଛି, ସେ ଚାହିଁଛନ୍ତି ତାର ଅବସାନ; ଯେଉଁ ଶାସକ-ଶୋଷକ ଶ୍ରେଣୀ ସେଥିଲାଗି ଦାୟୀ, ସେମାନଙ୍କ ବିରୋଧରେ ଅଭିଯାନ ତେଣୁ, ରିଲିଫ ସହିତ ଗଣ-ଆନ୍ଦୋଳନ ହୋଇଛି ଏକ ନୂତନ କାର୍ଯ୍ୟକ୍ରମ ।

ଗୋପବନ୍ଧୁ 'ନେତା' ନୁହନ୍ତି, ଲୋକଙ୍କର ଲୋକ । ତେଣୁ ତାଙ୍କର ଦୃଷ୍ଟି ପଡ଼ିଛି ନିପୀଡ଼ିତ ପ୍ରଜାକୂଳ ନିର୍ଯ୍ୟାତିତ ଓଡ଼ିଆ ଶ୍ରମିକଙ୍କ ଉପରେ । ସେ ତାଙ୍କ ପାଖରେ ଠିଆ ହୋଇଛନ୍ତି । ସେମାନଙ୍କୁ ସଙ୍ଗଠିତ କରିବାର ଉଦ୍ୟମ କରିଛନ୍ତି । ସେତେବେଳେ ଓଡ଼ିଶାରେ ଶ୍ରମିକଶ୍ରେଣୀ ନାହିଁ । ଓଡ଼ିଆ ଶ୍ରମିକ କଲିକତାରେ । ତେଣୁସେଠାକୁ ଯାଇ ସେ ଗଢ଼ିଛନ୍ତି ସେମାନଙ୍କ ସଂଗଠନ । ସେ ଚାହିଁଛନ୍ତି ସେମାନଙ୍କ ଅବସ୍ଥାର ଉନ୍ନତି । କିନ୍ତୁ ଭଗବତୀଙ୍କ ବେଳକୁ ଶ୍ରମିକ ଆନ୍ଦୋଳନର ଆରମ୍ଭ ମାତ୍ର । ସେ ସେଥିରେ ଭାଗ ନେଇଛନ୍ତି, ସେଥିପ୍ରତି ତାଙ୍କର ଦୃଷ୍ଟିକୋଣ ହୋଇଛି କେବଳ ସେମାନଙ୍କ ଆଶୁ ଅର୍ଥନୈତିକ ଉନ୍ନତି ନୁହେଁ,

Digitized by srujanika@gmail.com

ସେମାନଙ୍କୁ ଶ୍ରେଣୀ ସଚେତନ କରିବା, ଯଦ୍ଦ୍ୱାରା କି ସେମାନେ କ୍ଷମତା ଦଖଲ କରିବାକୁ ସମର୍ଥ ହେବେ । ଭଗବତୀଙ୍କ ଚକ୍ଷୁରେ ଶ୍ରମିକ କେବଳ ଶୋଷିତ ଶ୍ରେଣୀ ନୁହେଁ ସବୁ ଠାରୁ ବିପ୍ଳବୀ ଶ୍ରେଣୀ, ଯିଏ କି ଭବିଷ୍ୟତର ଅଧିକାରୀ । କାରଣ ପ୍ରକୃତ ସ୍ୱାଧୀନତାର ଆଦର୍ଶ ସହିତ ତାର ବାସ୍ତବ ଜୀବନ ପ୍ରଣାଳୀ ଅଙ୍ଗାଙ୍ଗୀ ଭାବେ ସଂଶ୍ଳିଷ୍ଟ । ଶ୍ରମିକ ଶ୍ରେଣୀର ଆଦର୍ଶ କହେ ଯେ ସମାଜର ସବୁ ଶ୍ରମଜୀବୀ ଶୋଷିତ ମଣିଷକୁ ମୁକ୍ତି କଲେ ଶ୍ରମିକ ଶ୍ରେଣୀ ନିଜକୁ କେବେ ମୁକ୍ତ କରି ପାରିବ ନାହିଁ । ତା ଛଡା ସମାଜର କୌଣସି ପ୍ରକାର ଶୋଷଣ ପ୍ରକ୍ରିୟା ସହିତ ସେ ସଂଶ୍ଳିଷ୍ଟ ନୁହେଁ, ଅର୍ଥାତ ସେ ଅନ୍ୟ କାହାକୁ ଶୋଷଣ କରେ ନାହିଁ । ତେଣୁ ତାର ଧର୍ମ ହେଲା ସବୁ ପ୍ରକାର ଶୋଷଣର ବିଲୋପ ଏବଂ ସେହି ଶୋଷଣର ବିଲୋପ ଲାଗି ହିଁ ସେସବୁ ଶୋଷିତ ମଣିଷର ମୁକ୍ତିରେ ଆଗ୍ରହୀ ।

ଗୋପବନ୍ଧୁ ରାଜା ଜମିଦାରଙ୍କ ଅତ୍ୟାଚାରରେ ବିଚଳିତ ହୋଇପଡ଼ିଛନ୍ତି, ବିଦ୍ରୋହ କରିଛନ୍ତି । ଛିଡ଼ା ହୋଇଛନ୍ତି ପ୍ରଜାକୁଳ ପାଖରେ । ସେଥିଲାଗି ନିର୍ଯାତନା ଭୋଗିଛନ୍ତି । ଭଗବତୀ ଠିକ ସେଇ ପଥ ଅନୁସରଣ କରିଛନ୍ତି । ଢେଙ୍କାନାଳ ରାଜାର ଅତ୍ୟାଚାର ବିରୋଧରେ କେବଳ ସତ୍ୟାଗ୍ରହ କରିବାକୁ ଯାଇ ନାହାନ୍ତି, ମୋଗଲବନ୍ଦୀରେ ଜମିଦାରି ବିରୋଧୀ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି । ଫରକ ହେଉଚି ଗୋପବଂଧୁ ତାକୁ ଦେଖିଛନ୍ତି ମାନବିକ ଦୃଷ୍ଟିରୁ । ଭଗବତୀଙ୍କ ଦୃଷ୍ଟିକୋଣ କେବଳ ମାନବିକ ନୁହେଁ , ତାହା ମୁଖ୍ୟତଃ ବୈପ୍ଳବିକ, ଶ୍ରେଣୀର ସଂଗ୍ରାମ, ମାନବ ସମାଜ ଅନ୍ତହୀନ ଉନ୍ମେଷ ।

ଗୋପବନ୍ଧୁଙ୍କ ପ୍ରତିଭା ଓ କାର୍ଯ୍ୟ କେବଳ ଏତିକିରେ ସୀମାବଦ୍ଧ ନୁହେଁ । ତା ବହୁମୁଖୀ, ସମାଜ ସଂସ୍କାର ଠାରୁ ଆରମ୍ଭ କରି ଶିକ୍ଷା, ସାହିତ୍ୟ କ୍ଷେତ୍ର ଯାଏ, ପ୍ରସାରିତ ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ରକୁ ସେ ପ୍ରତିଭା ପ୍ରଭାବିତ କରିଛି । ସାହିତ୍ୟ କ୍ଷେତ୍ରରେ ଗୋପବନ୍ଧୁ ଯେପରି ଏକ ନୂତନ ଯୁଗ "ସତ୍ୟବାଦୀ ଯୁଗ"ର ମୁଖ୍ୟକର୍ତ୍ତା, ଭଗବତୀ ସେହିପରି ଏକ ନୂତନ ଯୁଗ "ଆଧୁନିକ ଯୁଗର"ମୁଖ୍ୟ ବାର୍ତ୍ତାବହ । ଏ ସବୁର ବିଶଦ ଆଲୋଚନା ଏଠାରେ ସମ୍ଭବ ନୁହେଁ ।

ଗୋଟାଏ ଫରକ ହେଉଛି – ଗୋପବନ୍ଧୁ ଧର୍ମ ଓ ଭଗବାନ ବିଶ୍ୱାସୀ – ଭଗବତୀ ତାକୁ ସ୍ୱୀକାର କରନ୍ତି ନାହିଁ, ତାର ପୂରା ବିରୋଧୀ । ଭଗବତୀଙ୍କ ମତରେ ଏହା ସବୁ

Digitized by srujanika@gmail.com

ମଣିଷ ସୃଷ୍ଟ । ସମାଜ ବିକାଶର ଏକ ଅବସ୍ଥାରେ ଏହା ଦେଖାଦେଇଛି, ଅନ୍ୟ ଏକ ଅବସ୍ଥାରେ ଏହାର ବିଲୋପ ସୁନିଶ୍ଚିତ ।

ତେବେ ଗୋପବନ୍ଧୁ ଧର୍ମର ମହତ ଦିଗଗୁଡ଼ିକୁ ନେଇଛନ୍ତି । ତାକୁ ବ୍ୟବହାର କରିଛନ୍ତି ସେହି ଦରିଦ୍ର ନାରାୟଣଙ୍କ ସେବା ଓ ଉନ୍ନତି ଦିଗରେ ତାହା ହୋଇଛି ତାଙ୍କ ଆନ୍ଦୋଳନର ଏକ ପ୍ରଧାନ ଉପାୟ ଆଉ ତାକୁ ନିଜ କ୍ଷେତ୍ରରେ ଚିରନ୍ତନ ଜନ୍ମ ମୃତ୍ୟୁର ସଂସାର ଜଞ୍ଜାଳରୁ ମୁକ୍ତ ହୋଇ, ଭଗବାନଙ୍କ ସହିତ ବିଲୀନ ହେବା ବା ମୋକ୍ଷପ୍ରାପ୍ତି ହୋଇଛି ତାଙ୍କର ଜୀବନ ଆଦର୍ଶ ।

ଭଗବତୀ ଏହି ବ୍ୟକ୍ତିମାନବର ମୁକ୍ତି ଅନ୍ୟବାଟରେ ଲୋଡ଼ିଛନ୍ତି । ଗଣର ମୁକ୍ତିରେ ସେହି ବ୍ୟକ୍ତିମାନବର ମୁକ୍ତି ଦେଖିଛନ୍ତି । ସେଥିଲାଗି ଭଗବାନଙ୍କ ଉପରେ ବିଶ୍ୱାସ କରିନାହାନ୍ତି । ସେ ଆଶ୍ରା କରିଛନ୍ତି ସାମାଜିକ ବିକାଶର ବୈଜ୍ଞାନିକ ନିୟମକୁ । ତେଣୁ ଦୁଃଖ, ଶୋକ, ଅନ୍ୟାୟ, ଅତ୍ୟାଚାର ଯେଉଁଥିରେ ଗୋପବନ୍ଧୁ ଜର୍ଜରିତ ହୋଇ ମୋକ୍ଷ ଲାଗି ଭଗବାନଙ୍କ ପାଖକୁ ଧାଇଁ ଯାଇଛନ୍ତି, ଭଗବତୀ ଚାହିଁଛନ୍ତି ଏହି ମର୍ତ୍ତ୍ୟରେ ତାର ନିରାକରଣ । ଆଉ ସେ ଦିଗରେ ପ୍ରଧାନ ଅନ୍ତରାୟ ହେଉଛି ବ୍ୟକ୍ତିଗତ ସମ୍ପତ୍ତି । ତାହା ଏକ ଦିଗରେ ମଣିଷକୁ ଯେପରି ନିଃସ୍ୱ, ଦରିଦ୍ର ଓ ଅମଣିଷ କରିଦିଏ, ଅନ୍ୟ ଦିଗରେ ସେହି ସମ୍ପତ୍ତିର ମାଲିକକୁ ମଧ୍ୟ ସେହିପରି ନିର୍ବୋଧ ଅମଣିଷରେ ପରିଣତ କରେ । ନିଜର ମାଲିକପଣିଆ ମଣିଷକୁ ଏତେ ଘାରେ ଯେ ସେ ବାସ୍ତବ ଜଗତର ସମ୍ପଦ ସୌନ୍ଦର୍ଯ୍ୟର ଉପଭୋଗ କରିପାରେ ନାହିଁ । ସେ ସବୁବେଳେ ସମସ୍ତଙ୍କ ଭିତରେ ତାର ବିନିମୟ ମୂଲ୍ୟ ଖୋଜେ, ସେ କେତେ ଟଙ୍କାର ଅଧିକାରୀ ତାହାହିଁ ମାପୁଥାଏ । ଯେହେତୁ ଜଣେ ଅନ୍ୟକୁ ମାନବିକ ସମ୍ପଦରୁ ବଞ୍ଚିତ କରେ, ସେ ନିଜେ ମାନବିକ ସମ୍ପଦରୁ ବଞ୍ଚିତ ହୁଏ ।

ଗୋପବନ୍ଧୁ ମଧ୍ୟ ସେହି ବ୍ୟକ୍ତିଗତ ସମ୍ପତ୍ତି ନେଇ ପ୍ରଶ୍ନ କରିଛନ୍ତି, ସେ, ସେତେବେଳେ 'ସମାଜର' ଅଗ୍ରଲେଖା ଲେଖିଥିଲେ, "ଜଣେ କାହିଁକି କୋଟୀଶ୍ୱର, ଆଉ ଜଣେ କାହିଁକି ଦିନରାତି ଖଟିଖଟି ପେଟପୂରା ଗଣ୍ଡେ ଖାଇବାକୁ ପାଉ ନାହିଁ । ସମାଜରେ ଏ ବିଷମ ଅବସ୍ଥା ରହିବା ଉଚିତ ନୁହେଁ । ଦେଶ ସବୁ ସମ୍ପତ୍ତି ସମଗ୍ର ଜାତିର । ଏହା ସମସ୍ତଙ୍କ କୋଠ ସମ୍ପତ୍ତି ।" ଗୋପବନ୍ଧୁ ନିଜର ବାସ୍ତବ ଅଭିଜ୍ଞତାରୁ ଆସି ପହଞ୍ଚିଛନ୍ତି ସେଇ ବ୍ୟକ୍ତିଗତ

Digitized by srujanika@gmail.com

ସମ୍ପତ୍ତିର ବିଲୋପ ଓ କୋଠ ସମ୍ପତ୍ତିର ସୃଷ୍ଟିରେ ।

୧୯୨୫ ଶେଷକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ସମ୍ମିଳନୀ ହୋଇଛି । ସେମାନେ, ମୁଷ୍ଟିମେୟ ଅଜ୍ଞାତଲୋକ କେତେଜଣ – ତାଙ୍କୁ ଦେଖୁଛି କିଏ, କିଏ ବା ତାଙ୍କୁ ପଚାରେ ? କିନ୍ତୁ ସେଥିପ୍ରତି ଦୃଷ୍ଟି ପଡ଼ିଛି ଗୋପବନ୍ଧୁଙ୍କର । ମହାନ ପୁରୁଷ ହିଁ ବର୍ତ୍ତମାନର କ୍ଷୁଦ୍ର ନଗଣ୍ୟବୀଜ ଭିତରେ ଭବିଷ୍ୟତର ମହାଦ୍ରୁମକୁ ଦେଖିପାରେ । ତେଣୁ ତାଙ୍କ ମୃତ୍ୟୁର ଦୁଇବର୍ଷ ପୂର୍ବରୁ, ସେହି କମ୍ୟୁନିଷ୍ଟ ସମ୍ମିଳନୀ ୨।୩ ଦିନ ପରେ ସାପ୍ତାହିକ 'ସମାଜ'ର ଅଗ୍ରଲେଖାରେ ସେ ଲେଖିଛନ୍ତି –

"ଭିନ୍ନ ଭିନ୍ନ ଶ୍ରେଣୀର ଲୋକଙ୍କ ମଧ୍ୟରେ ଅବସ୍ଥାର ଏପରି ବିଷମ ବିଚ୍ଛେଦ ଘୁଞ୍ଚାଇ ସମସ୍ତଙ୍କୁ ସମାନ ସୁଖ ଶାନ୍ତି ଅଧିକାର ଦେବା କମ୍ୟୁନିଷ୍ଟ ବା କୋଠବାଦୀଙ୍କର ଯଦି ନୀତି ହୁଏ; ତାହା ଗରିବ ଲୋକଙ୍କୁ ନିଶ୍ଚୟ ଭଲ ଲାଗିବ । ପ୍ରଜା ଓ ମଜୁରିଆ ଏ କଥା ଶୁଣି ମୁଣ୍ଡିଆ ମାରିବେ । ମାତ୍ର ଏମାନଙ୍କର ନୀତି ଓ କାର୍ଯ୍ୟ ଯଦି ବିଧାତାଙ୍କ ଇଙ୍ଗିତରେ ଆସିଥାଏ, ତେବେ ଏହାର ପ୍ରଭାବରେ ଦିନେ ସମାଜ ଶାସନର ବ୍ୟବସ୍ଥା ଯେ ନ ବଦଳିବ ବୋଲି କିଏ କହିପାରେ !"

(ସମାଜ ତା ୨-୧-୧୯୨୬)

'ସମାଜ'ର ସେହି ଅଗ୍ରଲେଖାରେ ସମୟର ପ୍ରୟୋଜନ ଅନୁଯାୟୀ ଆସିଛନ୍ତି ଭଗବତୀ । ଆଜି କମ୍ୟୁନିଷ୍ଟ ପାର୍ଟିର ସେହି ନୀତି ପୃଥିବୀର ବହୁସ୍ଥାନରେ ପ୍ରତିଷ୍ଠିତ । ସମାଜବାଦ ପ୍ରତିଷ୍ଠା ଏବେ ଭାରତର ଲକ୍ଷ୍ୟ । ଫରକ ହେଉଛି, ଗୋପବନ୍ଧୁ ଏହାକୁ କହିଛନ୍ତି ବିଧାତାଙ୍କ ଇଙ୍ଗିତ, ଭଗବତୀ ତାକୁ କହିଛନ୍ତି ସାମାଜିକ ପରିବର୍ତ୍ତନର ଅପରିହାର୍ଯ୍ୟ ନିୟମ, ଲୋକମାନଙ୍କ ସଂଗ୍ରାମ ଦ୍ୱାରା ସୃଷ୍ଟ ।

ଗୋପବନ୍ଧୁ, ଭଗବାନଙ୍କ ଇଙ୍ଗିତରେ ନିଜେ ନିମିତ୍ତ ମାତ୍ର ହୋଇ ଆତ୍ମୋତ୍ସର୍ଗ କରିଯାଇଛନ୍ତି । ସେ ନିଜର ଦେହକୁ ଏ ମାଟିରେ ମିଶାଇ ତା ଉପରେ ଆମକୁ ଚଳାଇ ଦେଇଛନ୍ତି । ଆଉ ଭଗବତୀ ପ୍ରାକୃତିକ ବିକାଶର ଅପରିହାର୍ଯ୍ୟ ନିୟମକୁ ଧରି ଏ ସମାଜକୁ ଭାଙ୍ଗିବା ଓ ଗଢ଼ିବାର ଆହ୍ୱାନ ଜଣାଇଛନ୍ତି, ସେହି ବିପ୍ଳବ ଆଣିବାରେ ଆତ୍ମୋତ୍ସର୍ଗ କରିଛନ୍ତି ।

Digitized by srujanika@gmail.com

ଗୋପବନ୍ଧୁଙ୍କ ଜୀବନର ଲକ୍ଷ୍ୟ ସ୍ୱାଧୀନତା ଏବେ ବହୁଦିନରୁ ଆସିଲାଣି । କିନ୍ତୁ ତାଙ୍କର ସେହି ଦରିଦ୍ର ନାରାୟଣଙ୍କ ଦୁଃଖ ଯାଇନାହିଁ । ସେମାନଙ୍କ ଆଖିରୁ ଲୋତକର ଧାର ଶୁଖିନାହିଁ । ତେଣୁ ତାଙ୍କର ପରିକଳ୍ପିତ ସ୍ୱାଧୀନତା ଆଜି ବି ପୂର୍ଣ୍ଣାଙ୍ଗ ନୁହେଁ । ତାହା କେବଳ ଆସିପାରେ ଭଗବତୀଙ୍କ ନିର୍ଦ୍ଦେଶିତ ନୀତି, ବିଚାର ଓ କର୍ମଧାରା ଦ୍ୱାରା ।

ଗୋଟିଏ ବ୍ୟକ୍ତିଗତ ଗୁଣ ଗୋପବନ୍ଧୁ ଓ ଭଗବତୀଙ୍କ ମଧ୍ୟରେ ଅତିମାତ୍ରାରେ ବିଦ୍ୟମାନ । ଦୁହେଁ ବଡ଼ ଥଟ୍ଟଲି, ଅନ୍ୟଙ୍କୁ ହସାନ୍ତି, ନିଜେ ହସି ହସି ଗଡ଼ିଯାନ୍ତି । ହସିବାଟା କିନ୍ତୁ ଛୋଟ କଥା ନୁହେଁ । ଜୀବନରେ କେତେଜଣ ହସିପାରନ୍ତି ? ଚିର ଅଭାବ, ଅନାଟନ, ଦୁଃଖ ନିର୍ଯାତନା ମଧ୍ୟରେ ପ୍ରତି ମୁହୂର୍ତ୍ତରେ ପେଶିହୋଇ କିଏ ହସିପାରେ – ସେ ହସିପାରେ – ଯିଏ ନିଜର ଅନ୍ତିମ ବିଜୟରେ ନିଃସନ୍ଦେହ, ନିଜର ନୀତି ଆଦର୍ଶରେ ଦୃଢ଼, ନିଜର ସହକର୍ମୀଙ୍କ ପ୍ରତି ଯା'ର ସ୍ନେହ ଅତି ଅନାବିଳ, ଏବଂ ଯିଏ ଜାଣେ ନିଜର ଜୀବନକୁ ସେ ଜଗତର ସର୍ବଶ୍ରେଷ୍ଠ ମହାନ କାର୍ଯ୍ୟରେ ନିୟୋଗ କରୁଛି – ସେଠାରେ କୌଣସି ଦୁଃଖ ଅନୁତାପର ପ୍ରଶ୍ନ ନାହିଁ – ସେହି କେବଳ ଅତି ଦୁର୍ଦ୍ଦିନ ଭିତରେ ହସିପାରେ, ନିଜର ବନ୍ଧୁଗଣଙ୍କୁ ହସାଇ ପାରେ, ଆଉ ହସେ ସମସ୍ତଙ୍କୁ ଉଡ଼ାଇ ଦେଇପାରେ ।

ଏହା ଗୋପବନ୍ଧୁ ଓ ଭଗବତୀଙ୍କ ତୁଳନା ନୁହେଁ । କାରଣ ତୁଳନା କେବଳ ସମାନ ଜିନିଷ ବା ସମସାମୟିକଙ୍କ ମଧ୍ୟରେ ହୋଇପାରେ । ଏହା ଓଡ଼ିଶାର କ୍ରମବିକାଶ ଧାରାର ଦୁଇଟି ଯୁଗ ମାତ୍ର; ଆଉ ଗୋପବନ୍ଧୁ, ଭଗବତୀ ସେହି ଧାରାର ଅନିବାର୍ଯ୍ୟ ସୃଷ୍ଟି । ଆଜିର ନୂତନ ପରିସ୍ଥିତିରେ ଭଗବତୀଙ୍କ ମଧ୍ୟରେ ଗୋପବନ୍ଧୁ ରୂପାୟିତ । ଗୋପବନ୍ଧୁଙ୍କର ସେହି ଅପୂରଣୀୟ ଆଶା ଓ ଆକାଙ୍‌କ୍ଷା ଭଗବତୀଙ୍କ ମତାଦର୍ଶ ମଧ୍ୟରେ କେବଳ ଉଦ୍‌ଜୀବିତ ଓ ପରିପୂର୍ଣ୍ଣ ହୋଇପାରେ ।

(ସମାଜର ସୌଜନ୍ୟରୁ)

❑

Digitized by srujanika@gmail.com

ସମୟର ସୁଅରେ

ପ୍ରତ୍ୟେକ ବିଷୟ ସମୟ ବକ୍ଷରେ ଘଟେ । ସମୟ ଗଡ଼ିବା ସହିତ ଅନେକ ଜିନିଷ ଲୁଚିଯାଏ ଅନେକ ଜିନିଷ ସୃଷ୍ଟ ହୋଇ ଉଠେ, ଅନେକ ମରିଯାଏ, ଅନେକ ଗଢ଼ିଉଠେ । ସୃଷ୍ଟି ଓ ସଂହାର ଏ ଉଭୟଙ୍କୁ ନେଇ ସମୟ ଗଢ଼ା । ସମୟ କାହାକୁ ଛାଡ଼ି ନାହିଁ । ସମୟ ମଧ୍ୟ ନିଜକୁ ଛାଡ଼େ ନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ନିଜର 'ସମୟ ପୂରାଇ' ଦେବା ଦ୍ୱାରା ହିଁ ତାହା ସମୟଭାବେ ଆତ୍ମପ୍ରକାଶ କରେ । ତା ହେଉ ନଥିଲେ, ତାହା ସମୟ ପଦବାଚ୍ୟ ହୁଅନ୍ତା ନାହିଁ । ତେଣୁ ତାହା କେବଳ ମୃତ୍ୟୁ ଲାଗି ମୃତ୍ୟୁ ନୁହେଁ, ନୂତନ ଜନ୍ମ ଲାଗି ମୃତ୍ୟୁ, କେବଳ ଧ୍ୱଂସ ଲାଗି ଧ୍ୱଂସ ନୁହେଁ, ନୂତନ ସୃଷ୍ଟି ଲାଗି ଧ୍ୱଂସ, ସେଇଥିଯୋଗୁ ସମୟର ଅଗ୍ରଗତି ଅଛି ପାଶ୍ଚାତ୍‌ଗତି ନାହିଁ । ଆଉ ଯେହେତୁ ସମୟ ବିଶ୍ୱ ପ୍ରକୃତି ଭିତରେ ଅବସ୍ଥିତ ଓ ତାରି ଭିତରେ ଦେଇ ପ୍ରବାହିତ, ତେଣୁ ସେଇ ସମୟ ଭିତରେ ହିଁ ଏ ଜଡ଼ ପ୍ରକୃତି ଭଙ୍ଗା ଗଢ଼ା ଭିତରେ ଦେଇ ପ୍ରବାହିତ, ତେଣୁ ସେଇ ସମୟ ଭିତରେ ହିଁ ଏ ଜଡ଼ ପ୍ରକୃତି ଭଙ୍ଗା ଗଢ଼ା ଭିତର ଦେଇ ବିକାଶଲାଭକରେ । ଶେଷରେ ଜଡ଼ ପ୍ରକୃତି ଚେତନା ଲାଭ କରିଛି, ମଣିଷର ରୂପ ମଧ୍ୟ ନେଇଛି । ମଣିଷର ସେହି ଚେତନା, ସମୟ ଭଳି ବିକାଶର ଅନନ୍ତ ପଥରେ ଅଗ୍ରସର ।

କିନ୍ତୁ ସମୟକୁ ମୃତ୍ୟୁ ବୋଲି ଭାବିଲେ, "କାଳ ପୁରିଗଲା" ବୋଲି ଧାରିଲେ, ଭୟ ଆସେ । ମଣିଷ ତା ପାଖରୁ ଦୂରେଇ ରହିବାକୁ ଚେଷ୍ଟା କରେ । ତାର ସବୁ ଚେଷ୍ଟା ଓ କାର୍ଯ୍ୟ ହୁଏ କିପରି କୌଣସିମତେ ନିଜକୁ ବଞ୍ଚାଇ ରଖିବା, ନିଜେ ଜୀଇଁ ରହିବା, ଯାହାକି ସମୟ

Digitized by srujanika@gmail.com

ବକ୍ଷରେ ସମ୍ଭବ ନୁହେଁ । ଅନ୍ୟ ଦିଗରେ ସମୟକୁ ସୃଷ୍ଟି ବୋଲି ଗ୍ରହଣ କଲେ, ଯେତେ ଦୁଃଖ କଷ୍ଟ ଆସୁ ପଛେ ସେ ତାର ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରେ, ତାର ଆଗମନକୁ ସ୍ୱାଗତ ଜଣାଏ । ଏପରି ବ୍ୟକ୍ତି ଅଛନ୍ତି ଓ ସେମାନେ ଏତେଦୂର ଅଗ୍ରଗାମୀ, ଯେ ଓଲଟି ସମୟ ସେମାନଙ୍କୁ ସ୍ୱାଗତ ଜଣାଏ । ସେଠି ନିଜକୁ କୌଣସି ମତେ ଜୀଆଇଁ ରଖିବା ମଣିଷର ଲକ୍ଷ୍ୟ ହୋଇ ରହେ ନାହିଁ । ସୃଷ୍ଟି ହୁଏ ମନୁଷ୍ୟର ଲକ୍ଷ୍ୟ, ସେଥିଲାଗି ସେ ନିଜକୁ ବଳି ଦେଇପାରେ ।

ଦୁନିଆରେ ସବୁଠାରୁ କଷ୍ଟକର ବିଷୟ ହେଲା ସମୟକୁ ବୁଝିବା, ଆଉ ସମସ୍ତଙ୍କର ଚେଷ୍ଟା ସେ ସମୟକୁ ବୁଝିବାପାଇଁ । କାରଣ ସମସ୍ତେ ଚାହାନ୍ତି ସମୟ ଅନୁସାରେ ଚଳିବେ, ସେହି ଅନୁସାରେ ଚାଲିବେ । ଅନେକ ପାରନ୍ତି ନାହିଁ । ପଛରେ ପଡ଼ିଯାଆନ୍ତି, ବା ମୃତ୍ୟୁବରଣ କରନ୍ତି । ସେମାନେ ସମୟକୁ ବୁଝନ୍ତି ନାହିଁ ଯେହେତୁ ସମୟର ଅଗ୍ରଗତି ଅଛି, ପଶ୍ଚାତ୍‌ଗତି ନାହିଁ, ତେଣୁ ତାହା ହିଁ ହେଲା ସୃଷ୍ଟି ଓ ବିକାଶ । ସମୟକୁ ବୁଝିବାକୁ ହେଲେ ସେହି ସୃଷ୍ଟି ଓ ବିକାଶ ନିୟମକୁ ବୁଝିବାକୁ ହେବ । ସେହି ଅନୁସାରେ ଚାଲିବାକୁ ପଡ଼ିବ । ସେହି ବିକାଶର ନିୟମ ହେଲା ଦ୍ୱନ୍ଦ୍ୱମୂଳକ ବାସ୍ତୁବାଦର ନିୟମ ।

ସେହି ନିୟମ ଅନୁସାରେ ବର୍ତ୍ତମାନର ସମୟ ହେଲା ପୁଞ୍ଜିବାଦରୁ ସମାଜବାଦକୁ ରୂପାନ୍ତର ବା ଯାତ୍ରାର ଯୁଗ । ରାଜନୀତି ଓ ଅର୍ଥନୀତିରୁ ଆରମ୍ଭ କରି ସାହିତ୍ୟ ପର୍ଯ୍ୟନ୍ତ ପ୍ରତିଟି କଥାକୁ ଏଇ ଯୁଗର ଆହ୍ୱାନ ଅନୁସାରେ ବିଚାର କରିବାକୁ ହେବ । ଯେଉଁଠି ଏ ଆହ୍ୱାନକୁ ଏଡ଼ି ଦିଆଯାଏ' ବା ତା ବିରୁଦ୍ଧରେ ଯିବାର ଚେଷ୍ଟା ହୁଏ, ସେଠାରେ ସଂକଟ ଅନିବାର୍ଯ୍ୟ ।

ଏଇ ଦେଖ, ଆମ ଦେଶରେ କେବଳ ଅର୍ଥନୈତିକ ସଂକଟ ନୁହେଁ, ରାଜନୈତିକ ସଂକଟ ମଧ୍ୟ ଦେଖା ଦେଇଛି । ଅର୍ଥନୀତିକ ଜୀବନ ଓ ଶାସନ ମଧ୍ୟ ଅସ୍ଥିର । ତେଣୁ ସ୍ଲୋଗାନ ଉଠେ ଦୃଢ଼ ସରକାର ଗଠନ ଲାଗି ଭୋଟଦିଅ । କିନ୍ତୁ ଦୃଢ଼ ସରକାର ଗଠନ ହେବ କିପରି ? ସମୟର ଗତି ବା ବିକାଶର ନିୟମ ବିରୁଦ୍ଧରେ ଗତି କରି କିଏ କେବେ ଦୃଢ଼ ହୋଇ ଠିଆ ହେଲାଣି ? ବର୍ତ୍ତମାନ ସମୟର ଗତି ହେଲା ସମାଜବାଦ ଦିଗକୁ, ଏତେବେଳେ ପୁଞ୍ଜିବାଦ ମାର୍ଗରେ ଗତି କରିବା ଦ୍ୱାରା କଣ କେବେ ହେଲେ ଦୃଢ଼ତା

Digitized by srujanika@gmail.com

ଆସିପାରେ ? ଅନେକ ଚାହାନ୍ତି ସେ ଦୃଢ଼ତା ସେମାନେ ଆଣିବେ ବଳ ପ୍ରୟୋଗ ଦ୍ୱାରା, ଏକଛତ୍ରବାଦୀ ଶାସନ ମାରଫତରେ । କିନ୍ତୁ ସମୟର ଗତି, ବିକାଶର ନିୟମ ଆଗରେ ଦୁନିଆର ସବୁ ପ୍ରତାପୀ ଶକ୍ତିଶାଳୀ ଶାସନ ଟଳି ପଡ଼ିଛନ୍ତି, ସେଇପରି ଏହାର ଧ୍ୱଂସ ମଧ୍ୟ ଅନିର୍ବାର୍ଯ୍ୟ ।

ଏହା କେବଳ ଆମ ଦେଶର କଥା ନୁହେଁ, ସବୁ ପୁଞ୍ଜିବାଦୀ ଦେଶର ଅବସ୍ଥା । ଆଜି ସବୁ ପୁଞ୍ଜିବାଦୀ ଦେଶର ଅର୍ଥନୀତି ଅସ୍ଥିର ଓ ସଂକଟଗ୍ରସ୍ତ । ତାକୁ ରୋକିବା, ସେଥିରୁ ଉଦ୍ଧାର ପାଇବା ଲାଗି ଯେତେ ଯେତେ ଉପାୟ ପ୍ରୟୋଗ କରାଯାଉଛି, ତାହା କର୍ଣ୍ଣର ରଥଚକ ଭଳି ଅଧିକ ଭୂତଳଗାମୀ ହେଉଛି । ଏଇ ଅର୍ଥନୈତିକ ଅସ୍ଥିରତା ବହୁ ଦେଶରେ ରାଜନୈତିକ ଅସ୍ଥିରତାରେ ପରିଣତ ହେଲାଣି ! ଏଥିରୁ ମୁକ୍ତିର ଏକମାତ୍ର ମାର୍ଗ ହେଲା, ଅଣପୁଞ୍ଜିପତି ମାର୍ଗରେ ସମାଜବାଦ ଦିଗକୁ ଅଗ୍ରସର ହେବା, ଅନ୍ୟପନ୍ଥା ନାହିଁ । କାରଣ ତାହାହିଁ ନୂତନ ବିକାଶ, ନୂତନ ଜୀବନ୍ ଓ ସୃଷ୍ଟିକୁ ଆଶ୍ରା କରେ । ତାହାହିଁ ବର୍ତ୍ତମାନର ସମୟ ।

ଏ ସମୟ ଯେ ହଠାତ ଆସି ପହଞ୍ଚି ଯାଏ, ତା ନୁହେଁ । ତା ଆସିଲା ଆଗରୁ ବହୁ ଇସରା ଦିଏ, ଡାକମାରେ । ଏପରିକି ଶୋଇଲା ଲୋକଙ୍କୁ ବି ଉଠାଇ ଦିଏ । କିନ୍ତୁ ଯିଏ ଚେଇଁ କରି ଶୋଇ ରହେ, ପୁଞ୍ଜିବାଦର ଅନିବାର୍ଯ୍ୟ ଧ୍ୱଂସ ଓ ସମାଜବାଦର ଅପରିହାର୍ଯ୍ୟ ବିଜୟକୁ ପ୍ରତି ମୁହୂର୍ତ୍ତରେ ଦେଖୁଥିଲେସୁଦ୍ଧା ନିଜର ସଂକୀର୍ଣ୍ଣ ସ୍ୱାର୍ଥ ରକ୍ଷା ଲାଗି, କତରା ଘୋଡ଼ାଇ ହୋଇ ବଞ୍ଚିବାର ଚେଷ୍ଟାକରେ, ସେ କଣ ଯମ ହାତରୁ କେବେ ହେଲେ ବର୍ତ୍ତି ପାରେ ?

ଏମାନେ ଜାଣନ୍ତି ଏ ଯମଦଣ୍ଡ ତାଙ୍କ ପାଇଁ ଥୁଆ । ଯମ ଦଣ୍ଡରୁ ରକ୍ଷା ପାଇବା ଲାଗି ଲୋକ ହରିନାମ ଜପିଲାଭଳି ଏମାନେ ଏବେ ସମାଜବାଦର ନାମ ଜପିବାକୁ ଆରମ୍ଭ କଲେଣି । ଏପରି କୌଣସି ପୁଞ୍ଜିପତି ଦଳ ନାହିଁ ଯିଏକି ସମାଜବାଦକୁ ନିଜର ଲକ୍ଷ୍ୟ ବୋଲି ଘୋଷଣା ନକରେ । ତାଙ୍କର ଏକମାତ୍ର ଉଦ୍ଦେଶ୍ୟ, ସମାଜବାଦର ଜପାମାଳି ଧରି ପୁଞ୍ଜିବାଦୀ ପଥରେ ଅଗ୍ରସର ହେଲେ ଲୋକେ ତାଙ୍କୁ ଚିହ୍ନି ପାରିବେ ନାହିଁ । ସେମାନେ ସମୟକୁ ଠକି ଦେବେ, ସମାଜବାଦ ସମୟ ଯମ ଆଉ ତାଙ୍କୁ ଛୁଇଁବ ନାହିଁ । ଏହା ଏକ

Digitized by srujanika@gmail.com

ଦିଗରେ ବର୍ତ୍ତମାନର ସମୟକୁ, ସମାଜବାଦ ଦିଗରେ ଯାତ୍ରାର ଯୁଗ ବୋଲି ଯେପରି ପ୍ରତିପାଦିତ କରେ , ସେଇପରି ଅନ୍ୟ ଦିଗରେ ଜଣାଇଦିଏ ଯେଉଁମାନେ କାର୍ଯ୍ୟତଃ ଏହାର ବିରୋଧ କରନ୍ତି ତାଙ୍କର ସେଥିରୁ ପରିତ୍ରାଣ ନାହିଁ ।

ସେହିପରି ଯିଏ ସମୟକୁ ଆଗରୁ ଚିହ୍ନିପାରେ, ତାର ଭବିଷ୍ୟତ ଆହ୍ୱାନର ଉତ୍ତର ଦିଏ, ଓଲଟି ସମୟ ତା ପଛରେ ଗୋଡ଼ାଏ । କାରଣ ସିଏ ସମୟର ନିଜର ଲକ୍ଷ୍ୟ ଆକାଂକ୍ଷା ଓ ଅଭିମୁଖ୍ୟକୁ ପ୍ରକାଶ କରେ । ସିଏ ସମୟକୁ ଆଗେଇ ନେବା ଦ୍ୱାରା ତା ଦେହରେ ନିଜକୁ ଅଙ୍ଗୀଭୂତ କରିଦିଏ । ତାକୁ ସମୟ ଠାରୁ ବିଚ୍ଛିନ୍ନ କରି ହୁଏ ନାହିଁ । ତାକୁ ହତ୍ୟା କରିବାକୁ ଚେଷ୍ଟା କରିବା ଅର୍ଥ, ସେହି ସମୟକୁ ହତ୍ୟା କରିବା, ଯାହାକି ମୃତ୍ୟୁର ଉର୍ଦ୍ଧ୍ୱରେ । ସେଇପରି ଏକ ବିଷୟ ହେଲା ମାର୍କସବାଦ-ଲେନିନବାଦ । ଏହାକୁ ବହୁଲୋକେ ହତ୍ୟା କରିବାକୁ ଯାଇ ନିଜେ ହତ ହେବାରେ ଲାଗିଛନ୍ତି ।

ଅତଏବ ଯିଏ ସମୟକୁ ଆଶ୍ରା କରେ, ତାର ମୃତ୍ୟୁ ନାହିଁ, ତାର ସ୍ଥିତି ସୃଷ୍ଟି ଲାଗି । ସମୟ ଯେତେ ଅତୀତ ହେଲେ ବି ତାହା ଲିଭେ ନାହିଁ, ଟିକିଏ ଉଖାରି ଦେଲେ ପୁଣି ଫୁଟି ଉଠେ । କାରଣ ସମୟ ବକ୍ଷରେ ତାହା ଲିପିବଦ୍ଧ ।

ଅତଏବ ଜନ୍ମମୃତ୍ୟୁ,– ସମୟର ସେ ପ୍ରବାହ ଭିତରେ ପ୍ରଶ୍ନ ନୁହେଁ, କେତେ ଦିନ ବଂଚିବ । ପ୍ରଶ୍ନ ହେଉଛି କିପରି ବଞ୍ଚିବ, କେଉଁଥିପାଇଁ ବଞ୍ଚିବ, କେଉଁ ଲକ୍ଷ୍ୟ ନେଇ ବଂଚିବ ? ଏଥିଲାଗି ଉପଦେଶର ଆବଶ୍ୟକତା ନାହିଁ । ଏକ ଅଭିଜ୍ଞତାକୁ ଦେଖାଯାଉ, ତାକୁ ସାହିତ୍ୟ କ୍ଷେତ୍ରରେ ଦେଖାଯାଉ । ଯେଉଁଠି ସାଧାରଣତଃ ନିଜକୁ ସ୍ରଷ୍ଟା ବୋଲାଉଥିବା ଲୋକଙ୍କର ଅଭାବ ନାହିଁ ।

ବହୁ ଦିନ ଆଗେ, ପ୍ରାୟ ୪୩ ବର୍ଷ ତଳେ 'ଆଧୁନିକ' ନାମରେ ଏକ ମାସିକ ପତ୍ରିକା ପ୍ରକାଶ ପାଇଥିଲା । ତାର ମାତ୍ର ୬ଟି ସଂଖ୍ୟା ପ୍ରକାଶ ପାଇଛି । କହିବାକୁ ଗଲେ ଜନ୍ମ ସହିତ ତାର ମୃତ୍ୟୁ ଘଟିଛି । ତାପରେ, ଇତି ମଧ୍ୟରେ ଆଉ ଦୁଇଟି ସଂସ୍ଥା ପକ୍ଷରୁ ଆଉ ଦୁଇଥର 'ଆଧୁନିକ', ପ୍ରକାଶନର ଉଦ୍ୟମ ହୋଇଛି । କାରଣ 'ଆଧୁନିକ' ନାମଗ୍ରହଣ କରିବାର ଆବଶ୍ୟକତା ଉକ୍ତ ଉଦ୍ୟୋକ୍ତାଗଣ ଅନୁଭବ କରିଛନ୍ତି । ତାର ଏକମାତ୍ର ଉଦ୍ଦେଶ୍ୟ ହେଲା 'ଆଧୁନିକର' ଉତ୍ତରାଧିକାରୀ ସ୍ୱତ୍ୱର ଐତିହ୍ୟ ଓ ପରମ୍ପରା ଦାବୀ କରିବା । ଉଦ୍ୟମ

Digitized by srujanika@gmail.com

ପ୍ରଶଂସନୀୟ । କିନ୍ତୁ ବାସ୍ତବରେ ତାହା ଜରାଗ୍ରସ୍ତ ଲୋକର ଯୌବନ ପିପାସାରେ ପରିଣତ ହେଲା । ପଦ୍ମଲୋଚନ ନାଁରେ ଡାକିଲେ କଣା ପଦ୍ମଲୋଚନ ହୁଏ ନାହିଁ । ପ୍ରଥମ ବା ମୂଳ 'ଆଧୁନିକ'ର ମୃତ୍ୟୁ ହେଲା ଅର୍ଥଭାବ ଯୋଗୁଁ ନୁହେଁ । ଆଦର୍ଶ, ଲେଖା, ନିଷ୍ଠା, ଦକ୍ଷତା ଓ ଆଗ୍ରହ ଅଭାବରୁ । ପଦେ କଥା କହିଲେ ସମୟ ସହିତ ତା ପାଦ ମିଳାଇ ଚାଲିପାରିଲାନାହିଁ, ବା ତା ବିରୁଦ୍ଧରେ ଗଲା ।

'ଆଧୁନିକ'କୁ ଯେ ବାରମ୍ବାର ପ୍ରକାଶ କରିବାର ଉଦ୍ୟମ ହେଉଛି, ତାହା ପ୍ରମାଣ କରେ ଯେ ଓଡ଼ିଆ ସାହିତ୍ୟ ପ୍ରତି ତାର କିଛି ଅବଦାନ ରହିଛି । ତାର ପ୍ରକାଶନର ଆବଶ୍ୟକତା ଅନୁଭୂତ ହୁଏ । ସେ ଅବଦାନ କଣ ତାହା ଅଧ୍ୟାପକ ଶ୍ରୀ ନଟବର ସାମନ୍ତରାଏଙ୍କ ଗବେଷଣା ଦ୍ୱାରା ପ୍ରମାଣିତ । କିନ୍ତୁ 'ଆଧୁନିକ' ସହିତ ସଂପୃକ୍ତ ଲୋକେ କେବେହେଲେ ସେପରି ଦାବୀ ଉଠାଇ ନାହାନ୍ତି 'ଆଧୁନିକ'ର ସେହି ଅବଦାନକୁ କିଏ ଗ୍ରହଣ କରେ, କିଏବା ନୀରବରେ ଏଡ଼ିଦିଏ, କିଏ ବା ତାକୁ ଖଣ୍ଡନ କରିଥାଏ । ସେହି ଖଣ୍ଡନକାରୀଙ୍କ ମଧ୍ୟରୁ ଓଡ଼ିଆ ସାହିତ୍ୟର ଜଣେ ଶ୍ରେଷ୍ଠ ରଥୀ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ମତ ଓ ଯୁକ୍ତିର ଆଲୋଚନା କରାଯାଉ । ତାଙ୍କ ଦ୍ୱାରା ପ୍ରଣିତ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମରେ' ସେ ଏ ବିଷୟଟି ଆଲୋଚନା କରିଛନ୍ତି । ସତ୍ୟ ଓ ସମୟକୁ ଖଣ୍ଡନ କରିବାରେ ପରିଣତି କଣ, ଉକ୍ତ ଆଲୋଚନା ତାର ଜ୍ୱଳନ୍ତ ନିଦର୍ଶନ ।

'ଆଧୁନିକ' ଓ 'ନବଯୁଗ ସାହିତ୍ୟ ସଂସଦ', ଏ ଦୁଇଟି, ଗୋଟିଏ ସଂସ୍ଥା ଗୋଟିଏ ସମୟ ଓ ଗୋଟିଏ ଆଦର୍ଶର ବିଷୟ । ଗୋଟିଏ ଯୁଗ ଦ୍ୱାରା ପରିଚିତ । ସେ ସମ୍ବନ୍ଧରେ ସୁରେନ୍ଦ୍ରବାବୁ ତାଙ୍କ ପୁସ୍ତକରେ ଲେଖିଛନ୍ତି, 'ଏତେ ଦୀର୍ଘ ଭୂମିକାର ପ୍ରୟୋଜନ ଆବଶ୍ୟକ ନଥିଲା, ଯଦି ଏଯୁଗର ପ୍ରକୃତି ଓ ପ୍ରବୃତ୍ତି ସମ୍ପର୍କରେ ଏକ ଭ୍ରାନ୍ତ ଧାରଣା ପ୍ରଚାରିତ ହୋଇ ଐତିହାସିକ ତଥ୍ୟର ସ୍ୱୀକୃତି ଲାଭ କର ନଥାନ୍ତା" । ଅତଏବ 'ଆଧୁନିକ'– 'ନବଯୁଗ ସାହିତ୍ୟ ସଂସଦ ଯୁଗ' ଯେଉଁ ଐତିହାସିକ ସ୍ୱୀକୃତି ଲାଭ କରିଛି, ତାହା ଭ୍ରାନ୍ତ ଧାରଣା ଉପରେ ପ୍ରତିଷ୍ଠିତ, ତାକୁ ଖଣ୍ଡନ କରି ସତ୍ୟ ପ୍ରତିଷ୍ଠା କରିବା ହେଲା ସୁରେନ୍ଦ୍ର ବାବୁଙ୍କ ଉଦ୍ଦେଶ୍ୟ । ସତ୍ୟର ପ୍ରତିଷ୍ଠାକୁ କିଏ ବା ସ୍ୱାଗତ ନକରିବ ? ତାଙ୍କର ସେ ଉଦ୍ୟମ ପ୍ରତି ଦୃଷ୍ଟି ଦିଆଯାଉ ।

Digitized by srujanika@gmail.com

ସୁରେନ୍ଦ୍ରବାବୁଙ୍କ ବକ୍ତବ୍ୟ ହେଲା, 'ନବଯୁଗ ସାହିତ୍ୟ ସଂସଦ'ର ଗଠନ ଓଡ଼ିଶାର ବୌଦ୍ଧିକ ସମାଜରେ ଏକ କ୍ଷୀଣ ଆଲୋଡ଼ନ । ଏକ ଆନ୍ଦୋଳନ କ୍ଷୀଣ କି ବଳିଷ୍ଠ ତାହା ବ୍ୟକ୍ତି ବିଶେଷଙ୍କ ଖୁସି ଉପରେ ନିର୍ଭର କରେ ନାହିଁ । ତାହା ନିର୍ଭର କରେ ସେହି ଆନ୍ଦୋଳନର ପ୍ରଭାବ ଓ ପରକାଷ୍ଠା ଉପରେ । ତେବେ ସେହି କ୍ଷୀଣ ଆନ୍ଦୋଳନର ଅର୍ଥ କଣ, ତା ସୁରେନ୍ଦ୍ରବାବୁ ପରବର୍ତ୍ତୀ ବାକ୍ୟରେ ବୁଝାଇଛନ୍ତି । "ମାର୍କସବାଦୀ ଚିନ୍ତାଧାରା ଓଡ଼ିଆ ସାହିତ୍ୟକୁ ରୋମାଣ୍ଟିକ ସ୍ୱପ୍ନପ୍ରବଣତା ଓ ଛାୟାବାଦୀ ଭାବପ୍ରବଣତାରୁ ମୁକ୍ତ କରି, ଏହାକୁ ଦେଇଥିଲା ଏକ ବସ୍ତୁବାଦୀ ତୀକ୍ଷ୍ଣତା" । ଏଠାରେ ମାର୍କସବାଦୀ ଚିନ୍ତାଧାରା ଦୁଇଟି କାର୍ଯ୍ୟ ସମ୍ପାଦନ କଲା । ଓଡ଼ିଆ ସାହିତ୍ୟକୁ ରୋମାଣ୍ଟିକ ସ୍ୱପ୍ନ ପ୍ରବଣତା ଓ ଛାୟାବାଦୀ ଭାବପ୍ରବଣତାରୁ ମୁକ୍ତ କଲା, ଦ୍ୱିତୀୟରେ ତାକୁ ବସ୍ତୁବାଦୀ ତୀକ୍ଷ୍ଣତା ପ୍ରଦାନ କଲା । ଏକ ପୁରାତନ ବିଷୟକୁ ଭାଙ୍ଗିଲା, ତା ସ୍ଥାନରେ ଏକ ନୂତନ ବିଷୟ ସୃଷ୍ଟି କଲା । ଯାହାକି ଓଡ଼ିଆ ସାହିତ୍ୟରେ ଆଗରୁ ନଥିଲା । ଏ ବସ୍ତୁବାଦ ବିଷୟଟି ସଂପୂର୍ଣ୍ଣ ନୂଆ । ତେଣୁ ଏ ପରିବର୍ତ୍ତନ ଏକ ନୂତନ ଗୁଣାତ୍ମକ ପରିବର୍ତ୍ତନ । ପୁରାତନର ପ୍ରଭାବରୁ ମୁକ୍ତି ଓ ଗୁଣାତ୍ମକ ଭାବେ ନୂତନର ପ୍ରତିଷ୍ଠା – ଏ ରୂପାନ୍ତର କଣ ? ଏ କ୍ଷୀଣ ଆଲୋଡ଼ନ ନା ମୌଳିକ ପରିବର୍ତ୍ତନ ?

ସେ ପୁଣି ଲେଖିଛନ୍ତି, 'ନବଯୁଗ ସାହିତ୍ୟ ସଂସଦ ସମସାମୟିକ ଓଡ଼ିଆ କବିତାକୁ ଯେ ଆତ୍ମିକ ବା ଆଙ୍ଗିକ ଦୃଷ୍ଟିରୁ ସାର୍ବିକଭାବେ ପ୍ରଭାବିତ କରି ପାରିଥିଲା, ଏପରି ଅନୁମାନ କରିବା ଉଚିତ ନୁହେଁ ।' ଏହାର ସୋଜାମାନେ ହେଲା, ନବଯୁଗ ସାହିତ୍ୟ ସଂସଦ ଓଡ଼ିଆ ସାହିତ୍ୟର ଭାବ ଓ ଭାଷା, ଆଧାର ଓ ଆଧେୟ କାହାକୁ ପ୍ରଭାବିତ କରି ପାରି ନାହିଁ । କିନ୍ତୁ ଏହାର ଠିକ ପରବର୍ତ୍ତୀ ବାକ୍ୟଟି ହେଉଚି, "କିନ୍ତୁ ଭଗବତୀ ଚରଣଙ୍କ ପ୍ରଭାବ ଓ ପ୍ରେରଣା ଓଡ଼ିଆ କବିତାରେ ଆଣିଥିଲା ଏକ ନୂତନ ଉଚ୍ଚାରଣ, ପ୍ରମୂର୍ତ୍ତ ହୋଇ ଉଠିଥିଲା କବିତାର ଏକ ନୂତନ ଭାବମୂର୍ତ୍ତି, ସବୁଜ ଗୋଷ୍ଠୀର କାଳିନ୍ଦୀଚରଣ ଓ ବୈକୁଣ୍ଠ ସୁଦ୍ଧା 'ନବଯୁଗ'ର ଭାବଧାରାରେ ପ୍ରଭାବିତ ହୋଇ ସବୁଜ ପରୀର ଅଞ୍ଚଳ ଛାଡ଼ି ଉଡ଼ାଇଥିଲେ ବିପ୍ଳବର ଲାଲ ଝଣ୍ଡା ।"

ଏଠି ଲେଖକଙ୍କର କେଉଁ ବାକ୍ୟଟି ଠିକ୍ ? କବିତା ରାଜ୍ୟରେ ଏଇ ଯେଉଁ ନୂତନ ଉଚ୍ଚାରଣ ଓ ଭାବମୂର୍ତ୍ତି ଆସିଲା, ବିପ୍ଳବର ଲାଲଝଣ୍ଡା ଉଠିଲା, ତାହା କଣ "ଆତ୍ମିକ ଓ ଆଙ୍ଗିକ ଦୃଷ୍ଟିରୁ ସାର୍ବିକ ପ୍ରଭାବ" ନୁହେଁ ? ସାହିତ୍ୟ ରାଜ୍ୟରେ ବିପ୍ଳବର ଲାଲଝଣ୍ଡା ଉଠିବାଟା

Digitized by srujanika@gmail.com

ଏକ କ୍ଷୀଣ ଆନ୍ଦୋଳନରୁ ନା ଏକ ମୌଳିକ ରୂପାନ୍ତର ? ବିପ୍ଳବର ଲାଲଝଣ୍ଡା ହଁ, ଦୁନିଆର ସବୁ ଦେଶରେ ସବୁ ସମୟରେ ଏକ ମୌଳିକ ପରିବର୍ତ୍ତନକୁ ଘୋଷଣା କରିଆସୁଛି ।

ସେ ତାକୁ ପୁଣି ବ୍ୟାଖ୍ୟା କରି ଲେଖିଛନ୍ତି, "ମାର୍କସପନ୍ଥୀ (?) କବିମାନଙ୍କର କାବ୍ୟ ନିଷ୍ଠାଥିଲା କିନ୍ତୁ ତତ୍ତ୍ୱ ନିଷ୍ଠା ନଥିଲା । ତେଣୁ ଏ ଯୁଗର ନୂତନ କବିତାକୁ ମାର୍କସବାଦର ନିୟାମକ ଦୃଷ୍ଟିରୁ ବିଚାର କରିବା ଉଚିତ ହେବ ନାହିଁ ।" "ମାର୍କସବାଦୀ ଚିନ୍ତାଧାରା ଓଡ଼ିଆ ସାହିତ୍ୟକୁ ମୁକ୍ତ କରି ଏହାକୁ ଦେଇଥିଲା ଏକ ବାସ୍ତୁବାଦୀ ସୂକ୍ଷ୍ମତା ।" ପ୍ରଶ୍ନ ହେଉଛି, ଯଦି ସେଠି ତତ୍ତ୍ୱର ନିଷ୍ଠା ନ ଥିଲା, ତେବେ ଉକ୍ତ "ବସ୍ତୁବାଦୀ ସୂକ୍ଷ୍ମତା" ପ୍ରଦାନ କଲା କିପରି ? ତାର ପ୍ରଭାବରେ ଉପରୋକ୍ତ ପରିବର୍ତ୍ତନମାନ କିପରି ବା ଘଟିଲା ?

ସୁରେନ୍ଦ୍ରବାବୁଙ୍କ ସର୍ବଶେଷ ରାୟ ହେଲା, "ତଥାପି ଏଇ ନୂତନ କବିତା ପରବର୍ତ୍ତୀ ରୋମାଣ୍ଟିକ ଧାରାରେ ଆଙ୍ଗିକ ଓ ତାତ୍ତ୍ୱିକ ଦୃଷ୍ଟିରୁ ଆଣିଥିଲା କେତେକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ।" (ଠିକ୍ ଏଇ ବିଷୟଟିକୁ ଏଥିପୂର୍ବରୁ ଯେ ସେ ଅସ୍ୱୀକାର କରୁଥିଲେ ତାହା ଦର୍ଶାଯାଇଛି) । ସେ ପରିବର୍ତ୍ତନଗୁଡ଼ିକ କଣ, ତା ସେ ଗୋଟି ଗୋଟି କରି ମଧ୍ୟ ବର୍ଣ୍ଣନା କରିଛନ୍ତି ।

"(କ) କବିତାରେ ପୋଷାକୀ ଭାଷା ପରିବର୍ତ୍ତେ ରୋକ୍‌ଠୋକ୍ ଗଦ୍ୟର ଭାଷା, (ଖ) କବିତାରେ ବାକ୍-ରୀତି, (ଗ) ଏହାର ସ୍ୱାଭାବିକ ପରିଣତି ରୂପେ, ଛନ୍ଦରେ ଅନୁଶାସନର ମୁକ୍ତି ଓ ଗଦ୍ୟ କବିତା, ମୁକ୍ତ ଛନ୍ଦ ପ୍ରଭୃତିର ପରିବର୍ତ୍ତନ । (ଘ) ଘଷରା ରେଙ୍କକୀ ପରି ବହୁ ବ୍ୟବହୃତ ପୁରୁଣା ଉପମା ପରିବର୍ତ୍ତେ ନିତ୍ୟ ନୂତନ ରୂପ-କଳ୍ପର ପ୍ରୟୋଗ । (ଙ) କବିତାରେ ନୂଆ ପରୀକ୍ଷା ଓ ଅନୁଶୀଳନ ।"

ଏଠାରେ ସୁରେନ୍ଦ୍ରବାବୁ ସାହିତ୍ୟ ଦୃଷ୍ଟିରୁ ଯେଉଁ ସବୁ ପରିବର୍ତ୍ତନ ଉପସ୍ଥାପିତ କରିଛନ୍ତି, ସେଭଳି ବିଶ୍ଳେଷଣ ଓ ବିଶଦ ବର୍ଣ୍ଣନା ଅନ୍ୟତ୍ର ବିରଳ । ଅନ୍ୟ ଦିଗରେ ତାହା ସେହି 'ଆଙ୍ଗିକ ଓ ତାତ୍ତ୍ୱିକ' – ଭାବ ଭାଷା, ରୂପଛନ୍ଦ ରୀତି ଆଦି – କ୍ଷେତ୍ରରେ ନୂତନ ଓ ମୌଳିକ ପରିବର୍ତ୍ତନର ଏକ ଦୃଢ଼ ସ୍ୱୀକୃତି । ଠିକ୍ ଯେଉଁ ଭ୍ରାନ୍ତ ଧାରଣାର ଐତିହାସିକ ସ୍ୱୀକୃତିକୁ ଖଣ୍ଡନ କରିବା ଲାଗି ସେ ଅସି ଉନ୍ମୁକ୍ତ କରି ଧାଇଁ ଆସିଛନ୍ତି, ନିଜର ସମସ୍ତ ଶକ୍ତି ଓ ଯୁକ୍ତି ନିୟୋଗ କରିଛନ୍ତି, ତାର ଶେଷ ପରିଣତି ହେଉଛି ଯେ ସେ ନିଜେ ନିଜକୁ ଖଣ୍ଡନ କରନ୍ତି ।

Digitized by srujanika@gmail.com

ଯାହାକୁ ଖଣ୍ଡନ କରିବାକୁ ବସିଛନ୍ତି ତାକୁ ଅଧିକ ଦୃଢ଼ଭାବେ ପ୍ରତିପାଦିତ କରିଛନ୍ତି । ନିଜକୁ ନିଜେ ଖଣ୍ଡନ କଲେ, ନିଜର କଥା ଯେ ମୂଲ୍ୟହୀନ ହୋଇଯାଏ ଓ ନିଜକୁ ଲୋକହସା ହେବାକୁ ପଡ଼େ ଏହା କଣ ଲେଖକ ଜାଣନ୍ତି ନାହିଁ ? ଭଲ କରି ଜାଣନ୍ତି । ରାବଣ ମଧ ତାର କାନ୍ଥଯାକ ଲେଖିଥିଲା, "ସୀତା ହରଣ ରାବଣ ମରଣ" । ତେବେ ସୁଦ୍ଧା ସେ ସେଥିରୁ କ୍ଷାନ୍ତ ହେଲା ନାହିଁ କାହିଁକି ?

ସୁରେନ୍ଦ୍ର ବାବୁଙ୍କୁ କ୍ଷେତ୍ରରେ, ଏହାର ଉତ୍ତର ତାଙ୍କର ସେଇ ଲେଖାରୁ ମିଳେ । ସୁରେନ୍ଦ୍ରବାବୁ କେବଳ ଜଣେ ସାହିତ୍ୟିକ ନୁହନ୍ତି, ସେ ଜଣେ ରାଜନୀତିଜ୍ଞ ମଧ । ସେ କେବଳ ସାହିତ୍ୟିକ ଉପଲବ୍ଧିରେ ଚଳନ୍ତି ନାହିଁ, ରାଜନୈତିକ ଆଦର୍ଶର ଅନୁସରଣରେ ମଧ ଚାଲନ୍ତି । ତାଙ୍କର ମତାଦର୍ଶ ହେଲା ମାର୍କସବାଦ ବିରୋଧୀ, କମ୍ୟୁନିଷ୍ଟ ବିରୋଧୀ – ସମାଜର ଅଧିକାଂଶ ଲୋକଙ୍କର, ବିଶେଷକରି ଶ୍ରମଜୀବୀ ଲୋକଙ୍କର ଇଚ୍ଛା ଆକାଂକ୍ଷା ଓ ସ୍ୱାର୍ଥର ବିରୋଧୀ । ଯେଉଁଠି କେବଳ ସାହିତ୍ୟିକ ଉପଲବ୍ଧି ରହିଛି, ସେଠି ସତ୍ୟରେ ପହଂଚିବା ଅପେକ୍ଷାକୃତ ସହଜ । କାରଣ ତାହା ବାସ୍ତବତାକୁ ପ୍ରତିଫଳିତ କରିବ । ତା ହେଉଛି ଜନ ଜୀବନର ବାସ୍ତବତା, ତାର ସୁଖ ଦୁଃଖ ସଂଗ୍ରାମ ଆଦିର ଆଭିମୁଖ୍ୟ । ସେ କ୍ଷେତ୍ରରେ ରାଜନୈତିକ ଲକ୍ଷ୍ୟ ଓ ଆଦର୍ଶ ଯଦି ଜନସ୍ୱାର୍ଥ ଓ ଆକାଂକ୍ଷାର ପ୍ରତିକୂଳ ହୁଏ, ସେଇ ଦୃଷ୍ଟିକୋଣରୁ ଉକ୍ତ ପ୍ରତିଫଳନକୁ ଆହରଣ କରାଯାଏ, ତେବେ ତାହା ବିକୃତ ଓ ଦୋଷଯୁକ୍ତ ହେବା ସ୍ୱାଭାବିକ । ସାହିତ୍ୟିକ, ସାଧାରଣତଃ ତାର ରଚନା ଭିତରେ ନିଜର ସୃଷ୍ଟ ଚରିତ୍ରମାନଙ୍କୁ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ କରାଏ । ସେମାନଙ୍କ ଅଭିନୟକୁ ଲକ୍ଷ୍ୟ କରେ କିନ୍ତୁ ସାହିତ୍ୟିକ, ଯେଉଁଠି ରାଜନୀତି କରେ, ସେଠାରେ ସେ ନିଜେ ଭୂମିକା ଗ୍ରହଣ କରେ, ନିଜେ ଅଭିନୟରେ ଅବତୀର୍ଣ୍ଣ ହୁଏ । ସାହିତ୍ୟିକ ଚରିତ୍ରସବୁ କାଳ୍ପନିକ, କିନ୍ତୁ କିନ୍ତୁ ଏଠି ସେ ରକ୍ତମାଂସ ଦେହଧାରୀ ଏକ ବାସ୍ତବତା । ସାହିତ୍ୟର ଚରିତ୍ର ସବୁ ସାହିତ୍ୟିକ ସହିତ ତାର ବିଚାର ବୁଦ୍ଧି ଦ୍ୱାରା ସଂଯୁକ୍ତ । ଏଠି ସେ କେବଳ ନିଜର ବିଚାର ବୁଦ୍ଧି, ଉପଲବ୍ଧି ଦ୍ୱାରା ଚାଲେ ନାହିଁ, ନିଜର ଇଚ୍ଛା ସ୍ୱାର୍ଥ ଓ ଅଭିଳାଷ ଦ୍ୱାରା ମଧ ପରିଚାଳିତ ହୁଏ । ପଇସା ଆସିଲେ ତା ଘରକୁ ଆସେ, କ୍ଷତି ହେଲେ ସେ ସହେ, ମାଡ଼ ବସିଲେ, ତା ନିଜ ଦେହକୁ କାଟେ । ସବୁଥିରେ ସେ ନିଜେ ଜଡ଼ିତ । ସେ ଦୃଷ୍ଟିରେ ଦୁନିଆକୁ ଦେଖେ । ଶେଷରେ ଏପରି ହୁଏ, ଯା ଅଛି ତାକୁ ନାହିଁ ବୋଲି କହେ, ଆଉ ଯା ନାହିଁ ତା ରହିଛି

Digitized by srujanika@gmail.com

ବୋଲି ପ୍ରଚାର କରେ, ଯାହା ତାର ସ୍ୱାର୍ଥ ଓ ଆଦର୍ଶକୁ ସୁହାଏ । ଲୋକ ଯେତେ ଜ୍ଞାନୀ, ମହତ ଓ ଉଦାତ୍ତ ହେଲେ ବି ଏଥିରୁ ସେ ସହଜେ ଉଧୁରି ପାରେ ନାହିଁ ।

ତେଣୁ ଏଠି ସୁରେନ୍ଦ୍ର ବାବୁ ମାର୍କସବାଦ ବିରୁଦ୍ଧରେ ତାଙ୍କର ଅଭିଯାନ ଆରମ୍ଭ କରିଛନ୍ତି । ଲେଖିଛନ୍ତି, "ମାର୍କସବାଦ ବୁନିୟାଦ ଦୃଷ୍ଟିରୁ ବିଚାରକଲେ ସେକସ୍‌ପିଅରଙ୍କ 'ହାମଲେଟ' ବୁର୍ଜୁଆ ଅବକ୍ଷୟ ଯୁଗର ପ୍ରତୀକ ।" ତା ମାନେ ତାହା ପରିତେଜ୍ୟ । କିନ୍ତୁ ମାର୍କସବାଦ ବୁନିୟାଦର ଦୃଷ୍ଟି କ'ଣ, ସେ ତାର କୌଣସି ସୂଚନା ଦିଅନ୍ତି ନାହିଁ ଏବଂ କିଏ ତାହା କହିଛନ୍ତି ତା ମଧ୍ୟ ପ୍ରକାଶ କରନ୍ତି ନାହିଁ । ତେଣୁ ତାକୁ ତାଙ୍କର ନିଜସ୍ୱ ମତ ବୋଲି ଧରିବାକୁ ହେବ । ଆଉ ତାହା ଯେ ମାର୍କସଙ୍କର ଓ ମାର୍କସବାଦୀ ସମାଜର ନୁହେଁ, ତା ସେ ନିଜେ ସ୍ୱୀକାର କରନ୍ତି । କହିଛନ୍ତି "ସେକ୍‌ସପିଅରଙ୍କ ଏଇ ନାଟକଟି ମାର୍କସବାଦର ମକ୍‌କା ମଦିନା ଋଷିଆରେ ବହୁଳ ଭାବେ ଆଦୃତ । ସ୍ୱୟଂ ମାର୍କସ ସୁଦ୍ଧା ସାମନ୍ତବାଦୀ ଯୁଗର ସେକ୍‌ସପିଅରଙ୍କ ପ୍ରଶଂସାରେ ଶତମୁଖ ।" ଅର୍ଥାତ ଯାହା ମାର୍କସବାଦ ବୁନିୟାଦ ଦୃଷ୍ଟିରେ 'ଅବକ୍ଷୟ ଯୁଗର ପ୍ରତୀକ' ତାହା ମାର୍କସବାଦୀ ସମାଜଦ୍ୱାରା ଆଦୃ୍ୟତ ଓ ମାର୍କସଙ୍କ ଦ୍ୱାରା ପ୍ରଶଂସିତ । ତେଣୁ ଏ ଆକ୍ଷେପ କାହା ପ୍ରତି ?

ଏଇ କମ୍ୟୁନିଷ୍ଟ ବିରୋଧିତା ପରବର୍ତ୍ତୀ ବାକ୍ୟରେ ଆହୁରି ପରିଷ୍କାର ହୋଇଉଠିଛି । "ଯେଉଁ ଷ୍ଟାଲିନ୍‌ଧ୍ୱି ଓଡ଼ିଶାର କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ଭଗବତୀଚରଣ ପାଣିଗ୍ରାହୀଙ୍କୁ ବସିଛି ଷ୍ଟାଲିନ୍ ଟେକି ଦେଇଅଛି ବାହାରେ" ବୋଲି ଭଜନ କରୁଥିଲେ ପରବର୍ତ୍ତୀ କାଳରେ ସେହି ଷ୍ଟାଲିନଙ୍କର କି ପରିଣତି ହୋଇଛି ଇତିହାସର ଛାତ୍ରମାନେ ତାହା ଜାଣନ୍ତି ।"

ପ୍ରଥମତଃ ଏଠି ମୂଳ ତଥ୍ୟଗତ ପ୍ରମାଦ ରହିଛି । ଭଗବତୀ "ଷ୍ଟାଲିନ୍" ନୁହେଁ, "ଲେନିନ୍" ନାମ ବ୍ୟବହାର କରିଛନ୍ତି । କିନ୍ତୁ 'ଲେନିନ୍'ଙ୍କ ନାମ ଦ୍ୱାରା ତ କମ୍ୟୁନିଷ୍ଟଙ୍କୁ ଆକ୍ରମଣ କରି ହେବନାହିଁ, ତେଣୁ ସୁରେନ୍ଦ୍ରବାବୁ ସେଠି ଲେନିନ୍‌ଙ୍କୁ ବାଦ ଦେଇ ଷ୍ଟାଲିନ୍‌ଙ୍କୁ ଯୋଡ଼ିଛନ୍ତି ।

କୁହାଯାଇପାରେ ଏ ତଥ୍ୟଗତ ପ୍ରମାଦ ଇଚ୍ଛାକୃତ ନୁହେଁ, ଭୁଲରେ ହୋଇଯାଇ ପାରିଥାଏ । କିନ୍ତୁ ସାହିତ୍ୟ-ଇତିହାସ ଲେଖକ ପକ୍ଷରେ ତାହା ଯେ ଅକ୍ଷମଣୀୟ ଏଥିରେ ସନ୍ଦେହ ନାହିଁ । କିନ୍ତୁ ସେହି ଭୁଲ ତଥ୍ୟକୁ ଭିତ୍ତିକରି ଏକ ସିଦ୍ଧାନ୍ତକୁ ଧାଇଁଯିବା ଯେ

Digitized by srujanika@gmail.com

ଇଚ୍ଛାକୃତ, ତାକୁ ତ ଅସ୍ୱୀକାର କରିହେବ ନାହିଁ । ଏପରିକି "ଷ୍ଟାଲିନ୍" ହେଲେ ବି, ତାଙ୍କ ସହିତ ଓଡ଼ିଆ ସାହିତ୍ୟର କି ସଂପର୍କ ? ତାଙ୍କର ପରିଣତି ଓଡ଼ିଆ ସାହିତ୍ୟକୁ କିପରି ପ୍ରଭାବିତ କରେ ତାହା ମଧ୍ୟ ସେ ଦର୍ଶାଇ ନାହାନ୍ତି । ଏକେତ ତଥ୍ୟ ଦିଗରୁ ଭଲ, ଦୁଇରେ ଆଲୋଚନା ଦିଗରୁ ଅପ୍ରାସଙ୍ଗିକ ଓ ସଂପର୍କହୀନ । କିନ୍ତୁ ଯେହେତୁ କମ୍ୟୁନିଷ୍ଟଙ୍କୁ ଆକ୍ରମଣ କରିବାକୁ ହେବ, ସେଥିପାଇଁ ମିଥ୍ୟା ହେଲେ ବି ବରଣୀୟ "

ସତ୍ୟକୁ ହତ୍ୟା ଓ ଇତିହାସକୁ ବିକୃତ କରିବାକୁ ଗଲେ, ସୁନା ନିଆଁରେ ପଡ଼ି ଉଜ୍ଜ୍ୱଳ ହେଲା ଭଳି ତାହା ଅଧିକ ବଳିଷ୍ଠ ହୁଏ । ଅନ୍ୟ ଦିଗରେ ତାହା 'ବୁମେରାଙ୍ଗ' ହୋଇ ଓଲଟି ନିକ୍ଷେପକଲା ଲୋକକୁ ଆଘାତ କରେ । ଏହାହିଁ ହୋଇଛି ସୁରେନ୍ଦ୍ରବାବୁଙ୍କ ଆଲୋଚନାର ପରିଣତି । ମାର୍କସବାଦ ଓ କମ୍ୟୁନିଜମର ବିରୋଧିତାରେ ମଜିଗଲେ, ମଣିଷ ଶେଷରେ ବିଚାରଶୂନ୍ୟ ହୋଇପଡ଼େ । ଏପରିକି ନିଜେ ଉପହାସିତ ହେଉଥିଲେ ବି ତାକୁ ଭ୍ରୂକ୍ଷେପ କରେ ନାହିଁ ।

ଏହାର ଏକମାତ୍ର କାରଣ ସମୟର ଗତିକୁ ନ ବୁଝିବା, ସମୟକୁ ସୃଷ୍ଟି ବୋଲି ନଧରି ତାକୁ ମୃତ୍ୟୁ ବୋଲି ବିଚାରିବା ।

ବର୍ତ୍ତମାନ ସମୟର , ଏ ଯୁଗର ଗତି ହେଲା ପୁଞ୍ଜିବାଦରୁ ସମାଜବାଦକୁ; ଦୁଃଖ ଶୋଷଣ ପୂର୍ଣ୍ଣ ସମାଜରୁ ଶୋଷଣହୀନ, ସୁଖମୟ ସମାଜକୁ । ସେଥିରେ ପୁଞ୍ଜିବାଦୀ ସମାଜର ଧ୍ୱଂସ ସମାଜବାଦୀ ସମାଜର ସୃଷ୍ଟି ଅନିବାର୍ଯ୍ୟ । ଏହି ପ୍ରକ୍ରିୟା ଏକ ସଂଙ୍ଗରେ ଚାଲିଛି ସେଇଥିଲାଗି ଯେଉଁମାନେ ସମୟକୁ ମୃତ୍ୟୁଭାବେ ଦେଖନ୍ତି ସେମାନେ ଏ ଅଗ୍ରଗତିକୁ ଯମ ଭଳି ଭୟ କରନ୍ତି । ତାକୁ ସବୁମତେ ବାଧା ଦିଅନ୍ତି । ଯେଉଁମାନେ ସୃଷ୍ଟିର ପକ୍ଷପାତୀ ସେମାନେ ସମୟର ଅଗ୍ରଗତିକୁ ସ୍ୱାଗତ ଜଣାନ୍ତି ; ଆଗେଇ ଯାଆନ୍ତି ତାକୁ ପାଛୋଟି ଆଣିବାରେ, ଆଲିଙ୍ଗନ କରିବା ପାଇଁ ।

ସେଇହେତୁ ସାମ୍ରାଜ୍ୟବାଦ ଓ ତାର ସମର୍ଥକଗଣ, ସମୟର ହତ୍ୟା ଲାଗି ଯୁଦ୍ଧ ଓ ଧ୍ୱଂସ ଚାହୁଁଥିଲାବେଳେ, ମାର୍କସବାଦ୍ ଓ କମ୍ୟୁନିଷ୍ଟମାନେ ଚାହାନ୍ତି ସୃଷ୍ଟି ଲାଗି, ଶାନ୍ତି, ମୈତ୍ରୀ ଓ ସ୍ୱାଧୀନତା । ଏହାର ମୁଖ୍ୟ ଚାଳକ ହେଲେ ଶ୍ରମିକ ଶ୍ରେଣୀ – ଶ୍ରମଜୀବୀ ଜନସାଧାରଣ – ଦୁନିଆର ସବୁ ସୃଷ୍ଟି ଏକମାତ୍ର ଆଧାର । କାରଣ, ସୃଷ୍ଟିହିଁ ତାର ଜୀବନ ।

❑

Digitized by srujanika@gmail.com

ଆଭିମୁଖ୍ୟର ଅବକ୍ଷୟ

ପ୍ରାୟ ବର୍ଷକ ତଳେ, ୧୯୮୨ ଡିସେମ୍ବର ମାସରେ ଓଡ଼ିଶା ସାହିତ୍ୟ ଏକାଡେମୀର ରଜତ ଜୟନ୍ତୀ ବେଶ ଜାକଜମକରେ ପାଳିତ ହୋଇଥିଲା । କୁହାଯାଏ, ସେଥିରେ ୨୫/୨୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । କେତେ ତାକୁ 'ମିନି ବାଲିଯାତ୍ରା' ଆଖ୍ୟା ଦେଇଥାନ୍ତି । ସେତେବେଳେ ରାଜ୍ୟରେ ଘୋର ପ୍ରାକୃତିକ ବିପର୍ଯ୍ୟୟ – ବାତ୍ୟା, ବନ୍ୟା, ମରୁଡ଼ି ଏକ ସାଙ୍ଗରେ ଓଡ଼ିଶାକୁ ଗ୍ରାସ କରିଥାଏ । ଚାରିଆଡ଼େ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କର ଚିତ୍କାର । ଏଭଳି ଅସମୟରେ ଏ ପ୍ରକାର ଆଡ଼ମ୍ବରପୂର୍ଣ୍ଣ ଉତ୍ସବକୁ ଅନେକ ସମାଲୋଚନା କରନ୍ତି । ଘରେ ବିପତ୍ତି ପଡ଼ିଲାବେଳେ କେହି ଆନନ୍ଦ ଉତ୍ସବରେ ମାତେ ନାହିଁ, ଏହା ଅବଶ୍ୟ ଠିକ୍ । ତେବେ ସେହି ଅସମୟ ଓ ଅପବ୍ୟୟ ଆଦିର ସମାଲୋଚନା ରାଜନୀତି ଦୃଷ୍ଟିରୁ ସମୀଚୀନ ହୋଇପାରେ, କିନ୍ତୁ ସାହିତ୍ୟ ପ୍ରତି ଅବଦାନର ସମୀକ୍ଷା ଦିଗରୁ ତାହା ଆଦୌ ବିଚାର୍ଯ୍ୟ ନୁହେଁ । ପିରାମିଡ, ତାଜମହଲ ଓ କୋଣାର୍କ ଆଦି ଯେତେ ମହାନ୍ କୀର୍ତ୍ତି ଠିଆହୋଇଛି, ତା ଭିତରୁ କେଉଁଟି ଲୋକଙ୍କର ଦୁଃଖ-ଦୈନ୍ୟ, ହାଡ-ମାଂସରେ ଗଢ଼ା ହୋଇନାହିଁ ? ଖୋଳି ବସିଲେ ଇତିହାସ ତଳୁ କେତେ କବର ନ ବାହାରିବ ? ଆଜି କ'ଣ ତା କାହାର ମନକୁ ଟିକେହେଲେ ସ୍ପର୍ଶ କରେ ? ସମସ୍ତେ ସେମାନଙ୍କର ରୂପ, ବିଭବ, କଳା, କୌଶଳରେ ମୁଗ୍ଧ, ପ୍ରଶଂସାରେ ଶତମୁଖ । ସେଥିଲାଗି ପୁଣି ଗର୍ବ, ଗୌରବର ଦାବୀ । ମଣିଷର ଶୋଷଣଉପରେ ପ୍ରତିଷ୍ଠିତ ଯେ କୌଣସି ସମାଜରେ ଏହା ଘଟିବା ସ୍ୱାଭାବିକ । ଯେତେ ଦିଗରୁ ସମାଲୋଚନା ହେଲେ ବି, ପ୍ରତ୍ୟେକ କିନ୍ତୁ ତାଙ୍କ ନିଜସ୍ୱ ଅବଦାନ ଦ୍ୱାରା ହିଁ ଆପଣାର

Digitized by srujanika@gmail.com

ସାର୍ଥକତାକୁ ପ୍ରମାଣ କରନ୍ତି । ଏଣୁ ଜୟନ୍ତୀର ସାର୍ଥକତାକୁ; ସାହିତ୍ୟ ପ୍ରତି ତା'ର ଅବଦାନ ଦୃଷ୍ଟିରୁ ହିଁ ଦେଖିବାକୁ ହେବ । ଦୁଃଖର ବିଷୟ, ସେପରି କିଛି ବିଚାର ପ୍ରକାଶ ପାଇଲା ଭଳି ମନେ ହୁଏ ନାହିଁ ।

କୌଣସି ଜୟନ୍ତୀ ପାଳନ, କେବଳ ତାର ପରିପକ୍ୱ ବୟସର ସୂଚନା ଦିଏ ନାହିଁ;ସେଥି ସହିତ ପରିପକ୍ୱ ଜ୍ଞାନ ଓ ବିଚାର ବୁଦ୍ଧିର ମଧ୍ୟ ପରିଚୟ ଦେଇଥାଏ । ଏଥିପୂର୍ବରୁ କେତେକ ବର୍ଷ ତଳେ ଉତ୍କଳ ସାହିତ୍ୟ ସମାଜର ହୀରକ ଜୟନ୍ତୀ ପାଳିତ ହୋଇଥିଲା । ଉକ୍ତ ଜୟନ୍ତୀର ଅବଦାନ ଓ ତାତ୍ପର୍ଯ୍ୟ ନେଇ ଏ ପର୍ଯ୍ୟନ୍ତ କୌଣସି ସମୀକ୍ଷା ବୋଧହୁଏ ପ୍ରକାଶ ପାଇନାହିଁ । ତାହା କେବଳ ଓଡ଼ିଶାର ସାହିତ୍ୟ ରାଜ୍ୟରେ ଅକ୍ରିୟତାର ନିଦର୍ଶନ ନୁହେଁ, ତା ମଧ୍ୟ ଅନ୍ୟ ଦିଗରେ ଜଣାଇଦିଏ ଯେ, ଉକ୍ତ ଜୟନ୍ତୀ ସାହିତ୍ୟ କ୍ଷେତ୍ରରେ କିଛି ଆଲୋଡନ ଆଣିବାରେ ସମର୍ଥ ହୋଇ ପାରିନାହିଁ । ସେଥିରେ ଏପରି କୌଣସି ନୂତନତ୍ୱ ନଥିଲା ଯାହାକି ମଣିଷର ମନକୁ ଆଘାତ କରିବ ବା ପ୍ରାଣକୁ ଚଞ୍ଚଳ କରିଦେବ – ସାହିତ୍ୟରେ ଏକ ଗୁଣାତ୍ମକ ପରିବର୍ତ୍ତନ ସୂତ୍ରପାତର ସୂଚନା ଦେବ ।

ଏବର ରଜତ ଜୟନ୍ତୀ ପାଳନ କେବଳ ଆଡ଼ମ୍ବର ନୁହେଁ, ଆଲେଚନାରେ ହୀରକ ଜୟନ୍ତୀକୁ ବଳି ପଡ଼ିଛି । ସେଠାରେ ସାହିତ୍ୟର ବିଭିନ୍ନ ଦିଗ – କବିତା, କ୍ଷୁଦ୍ରଗଳ୍ପ, ସମାଲୋଚନା, ଶିଳ୍ପ ଓ ସାହିତ୍ୟ, ସାହିତ୍ୟ ଓ ରାଷ୍ଟ୍ର ଏବଂ ଆଦିବାସୀ ସଂସ୍କୃତି ଆଦି ବିଷୟମାନ ଆଲୋଚିତ ହୋଇଛି । ପ୍ରତ୍ୟେକ ବିଷୟରେ ଏକାଧିକ ପ୍ରବନ୍ଧ ପଠିତ ହୋଇଛି । ଏପରି ଏକ ଉଦ୍ୟମ ନୂଆ ନ ହେଲେ ବି ସ୍ୱାଗତଯୋଗ୍ୟ । ଏହିପରି ଦିନେ ଚାଳିଶ ବର୍ଷ ତଳେ ନବଯୁଗ ସାହିତ୍ୟ - ସଂସଦ ପକ୍ଷରୁ ସାହିତ୍ୟର ବିଭିନ୍ନ ବିଷୟ ନେଇ ଏକ ସପ୍ତାହବ୍ୟାପୀ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ସେହି ଆଲୋଚନା ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟରେ ଏକ ନୂତନ ଯୁଗ ଆଣିବାରେ ସୂତ୍ରପାତ କଲା । ସେଠାରେ ନାହିଁ ଥିଲା କୌଣସି ଆଡ଼ମ୍ବର, କି ଅର୍ଥର ଆକର୍ଷଣ, କିମ୍ବା ଆତ୍ମସ୍ୱୀକୃତି ଲାଭର ପ୍ରଚ୍ଛନ୍ନ ଆକାଙ୍କ୍ଷା । ହୀରକ ଜୟନ୍ତୀ ଭଳି ତା ପଛରେ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ନଥିଲା, କି ରଜତଜୟନ୍ତୀ ଭଳି ସରକାରୀ ଅନୁକମ୍ପା ତା ଉପରେ ଆଷାଢ଼ର ମେଘ ଭଳି ଛାଏଁ ଅଜାଡ଼ି ହୋଇ ପଡ଼ି ନଥିଲା । ବରଂ, ତାହା ତତ୍କାଳୀନ ସରକାରଙ୍କର ଆକ୍ରୋଶ ଭାଜନ ହୋଇଥିଲା । ବର୍ତ୍ତମାନ

Digitized by srujanika@gmail.com

ଜୟନ୍ତୀର ଅବଦାନ, ଓ ତାର ନେତୃତ୍ୱର ପରିଣତି ଭବିଷ୍ୟତ ବିଚାର କରିବ । ତେବେ ଜୟନ୍ତୀରେ ଉପସ୍ଥାପିତ ଆଭିମୁଖ୍ୟରୁ ତାର ଭବିଷ୍ୟତ ଅନୁମାନ କରିବା ଅସ୍ୱାଭାବିକ ହେବନାହିଁ, ବିଶେଷକରି ସାହିତ୍ୟ ଏକାଡ଼େମୀ ଯେତେବେଳେ ସରକାରୀ ସାହାଯ୍ୟ ଓ ନେତୃତ୍ୱରେ ପରିଚାଳିତ ।

ଏକାଡେମୀର ସଭାପତି ଶ୍ରୀ ସୁରେନ୍ଦ୍ର ମହାନ୍ତି ସେହି ଆଭିମୁଖ୍ୟର ଗୁରୁତ୍ୱ ଓ ତାତ୍ପର୍ଯ୍ୟ ବିଷୟରେ ବେଶ ସଚେତନ । ତାଙ୍କର ସ୍ୱାଗତ ଭାଷଣରେ ସେ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରି, କହିଛନ୍ତି, "ନିର୍ଦ୍ଦିଷ୍ଟ ବକ୍ତବ୍ୟ ନଥିଲେ ସାହିତ୍ୟ କେବଳ ମନୋରଞ୍ଜନ ପଣ୍ୟ ହେବ ସିନା, ସମାଜରେ କୌଣସି ରେଖାପାତ କରିବ ନାହିଁ ।" କଥାଟି ନିରାଟ ସତ୍ୟ । ସେଇ "ରେଖାପାତ' ଦିଗରେ ତାଙ୍କର ନିର୍ଦ୍ଦିଷ୍ଟ ବକ୍ତବ୍ୟ କଣ ? "ସାହିତ୍ୟ ଓ ସମାଜ ମଧ୍ୟରେ ସମ୍ପର୍କ ପୂର୍ଣ୍ଣ ପ୍ରତିଷ୍ଠିତ ହେଉ, ଏହାହିଁ ଆମ୍ଭମାନଙ୍କର କାମନା ।" ଏ କଥାଟି ପୂରା ଠିକ୍ । ହେଲେ ବି, ତାହା ନୂଆ ନୁହେଁ, କି ନିର୍ଦ୍ଦିଷ୍ଟ ନୁହେଁ । "ସର୍ବେ ଭବନ୍ତୁ ସୁଖିନଃ" ଭଳି ତାହା ଏକ ନିତ୍ୟ ଶାଶ୍ୱତ ପବିତ୍ର କାମନା । ଯୁଗ ଯୁଗ ହେଲା ତାହା ପ୍ରଚାରିତ ଓ ଉଚ୍ଚାରିତ ହେଉଥିଲେ ବି ତଦ୍ୱାରା କାହାରି ଦୁଃଖ ଯାଇନାହିଁ, କେହି ଜଣେ ସୁଖ ପାଇନାହିଁ। ସେମିତି ସାହିତ୍ୟ ସମାଜ ସମ୍ପର୍କର ଏହି ମହତ ଉପଦେଶ । ତାହା କେତେବେଳ କିଏ ବା ନ କହୁଛି ? ପୁଣି ସେହି ଚିରନ୍ତନ ସତ୍ୟକୁ ଉଚ୍ଚାରଣ କରିବା ଦ୍ୱାରା ତା ସାହିତ୍ୟର ଅଗ୍ରଗତିକୁ କିପରିବା ସାହାଯ୍ୟ କରୁଛି ? ବର୍ତ୍ତମାନର ନିର୍ଦ୍ଦିଷ୍ଟ ଅବସ୍ଥାରେ ସାହିତ୍ୟର ସେହି ନିର୍ଦ୍ଦିଷ୍ଟ କର୍ତ୍ତବ୍ୟକୁ ତାହା କଣ ପ୍ରକାଶ କରେ ? ନିର୍ଦ୍ଦିଷ୍ଟ ବକ୍ତବ୍ୟ ଅଭାବରେ ସାହିତ୍ୟ ତାର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ସମ୍ପାଦନ କରିବ କିପରି ? ଠିକ୍ ସେଇଥି ଯୋଗୁ ତ, ସୁରେନ୍ଦ୍ର ବାବୁ ଚାହୁଁଛନ୍ତି ନିର୍ଦ୍ଦିଷ୍ଟ ବକ୍ତବ୍ୟ । ଅଥଚ, ତାଙ୍କ ବକ୍ତବ୍ୟ କହେ ନାହିଁ, ସେହି ନିର୍ଦ୍ଦିଷ୍ଟ ବକ୍ତବ୍ୟ କ'ଣ ?

ସାହିତ୍ୟ ରାଜ୍ୟରେ ନିର୍ଦ୍ଦିଷ୍ଟ ଅଭାବ କ'ଣ,ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ କେଉଁଠି, ତାହା କେଉଁ ନିର୍ଦ୍ଦିଷ୍ଟ ଅନୁକୂଳ ଓ ପ୍ରତିକୂଳ ଅବସ୍ଥା ଦେଇ ଗତି କରେ, ତାହା ନିର୍ଦ୍ଦିଷ୍ଟ ଭାବେ କ'ଣ ପାଇଁ ଓ କାହା ବିରୁଦ୍ଧରେ ନିଜର ସ୍ୱର ଉତ୍ତୋଳନ କରିବ, ତାହା ସେହି ଆଲୋଚନାରେ ପ୍ରକାଶ ପାଏ ନାହିଁ । ଅଥଚ, ସେଇଠି ସଭାପତି ଆଉ ଏକ ଚିରନ୍ତନ ସତ୍ୟର ଆଶ୍ରୟ ନେଇ ଆସ୍ଫାଳନ କରି କହିଛନ୍ତି, "ଲେଖନୀ ଖଡ଼ଗ ଠାରୁ ବଳି ଆହୁରି ତୀକ୍ଷଣ ଓ ଶକ୍ତିଶାଳୀ ।"

Digitized by srujanika@gmail.com

କଥାଟା ପୂରା ଠିକ୍ । କିନ୍ତୁ ପ୍ରଶ୍ନ ହେଉଛି, ସେ ଖଡ୍‌ଗ କାହା ହାତରେ କେଉଁ ଉଦ୍ଦେଶ୍ୟରେ ବ୍ୟବହୃତ ହେବ ? ଖଡ୍‌ଗ କେବଳ ବୀରତ୍ୱର ନିଦର୍ଶନ ନୁହେଁ, ତାହା ମଧ୍ୟ କାପୁରୁଷଙ୍କର ଅଳଙ୍କାର । ତାହା ମଧ୍ୟ ପ୍ରତିବିପ୍ଳବୀଙ୍କ ହାତରେ ବିକାଶକୁ ହତ୍ୟା କରିବାର ହତିଆର ଏବଂ ଭୀରୁଙ୍କ ହାତରେ ଆତ୍ମସମର୍ପଣର ଆଧାର ହୁଏ ଆଉ ଘୋର ନୈରାଶ୍ୟବାଦୀଙ୍କ ହାତରେ ବେଳେବେଳେ କେତେଠି ଆତ୍ମହତ୍ୟାର ଉପାୟ ମଧ୍ୟ ହୋଇଥାଏ । ନିର୍ଦ୍ଦିଷ୍ଟ ବକ୍ତବ୍ୟ ଅଭାବରୁ ଖଡ୍‌ଗର ସେହି ନିର୍ଦ୍ଦିଷ୍ଟ ବ୍ୟବହାରକୁ ସେ ପ୍ରକାଶ କରିନାହାନ୍ତି । ଏହା କ'ଣ ବିମୂର୍ତ୍ତ ସତ୍ୟର "ମନୋରଞ୍ଜନ"ର ଆବରଣରେ ସେହି କଠୋର, ମୂର୍ତ୍ତ ନିର୍ଦ୍ଦିଷ୍ଟ ସତ୍ୟକୁ ଆବୃତ କରିବାର ଉଦ୍ୟମ ନୁହେଁ ? ଏହା ଇଚ୍ଛାକୃତ କି ଅନିଚ୍ଛାକୃତ, ସେ ଅନ୍ୟ ଏକ ବିଷୟ । ପ୍ରଶ୍ନ ହେଉଛି, ସେଥିପ୍ରତି ସେ କେତେଦୂର ସଚେତନ । ଏହା ଯଦି ରଜତ ଜୟନ୍ତୀର ଆଭିମୁଖ୍ୟ ହୁଏତାର ଅବଦାନର ରୂପ କ'ଣହେବ ?

ସୁରେନ୍ଦ୍ରବାବୁଙ୍କ ମତରେ, "ଆଜି କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ପ୍ରାୟ ସବୁ ସାହିତ୍ୟରେ ଆସିଛି ଅବକ୍ଷୟ କାଳ ।" 'ସବୁ' ଭିତରକୁ ନ ଯାଇ ଆମ ସାହିତ୍ୟରେ ତା'ର ପ୍ରତିଫଳନକୁ ଲକ୍ଷକରି ସେ କହିଛନ୍ତି, "ଆମେ ଝରକା କବାଟ କିଳି ସାହିତ୍ୟ ସୃଷ୍ଟି କରିଯାଉଛୁ ।" ଏକମାତ୍ର କାରଣ, "ସାହିତ୍ୟ ସମାଜ ମଧ୍ୟରେ ସମ୍ପର୍କ ଚ୍ୟୁତି ।" ଶେଷରେ ସେ ଜାଁପାଲ ସାତ୍ରେଙ୍କ ଉଦ୍ଧୃତି ଦ୍ୱାରା ନିଜର ବକ୍ତବ୍ୟ ଶେଷ କରିଛନ୍ତି – "କାହାପାଇଁ ଆମେ ଲେଖୁଛୁ ତାହା ଆମେ ଜାଣୁନାହୁଁ ।" ଏହାହିଁ କ'ଣ ଓଡ଼ିଶାର ସାହିତ୍ୟ, ସାହିତ୍ୟ ଏକାଡେମୀର ଦିଗ୍‌ଦର୍ଶନ ? ତା'ର ବଳିଷ୍ଠ ନେତୃତ୍ୱର ପରିଚୟ ।

ଝରକା କବାଟ କିଳି ସାହିତ୍ୟ ରଚନାର ଅନ୍ୟ ନାମ ହେଉଛି, 'ନିର୍ମଳ' ସାହିତ୍ୟ ସୃଷ୍ଟି; ଯାହାକି ବାହାରର କୌଣସି ପ୍ରଭାବ ଦ୍ୱାରା ପ୍ରଭାବିତ ନୁହେଁ, ବା କୌଣସି ପ୍ରକାରର ମତବାଦ ଦ୍ୱାରା ଅପମିଶ୍ରିତ ନୁହେଁ । ତାହା ନିର୍ମଳ ବ୍ରହ୍ମଙ୍କ ଭଳି ନିର୍ଲିପ୍ତ ଓ ନିର୍ବିକାର । ଲୋକଙ୍କ ଜୀବନର ସୁଖ ଦୁଃଖ, ଭଲ ମନ୍ଦ ତାଙ୍କ ପ୍ରାଣର ଆବେଗ ଆକାଙ୍କ୍ଷା ତାକୁ ସ୍ପର୍ଶ କରେ ନାହିଁ । ସମାଜର ଅବସ୍ଥା ଓ ଦେଶର ସମସ୍ୟା ପ୍ରତି ତାହା ସମ୍ପୂର୍ଣ୍ଣ ଉଦାସୀନ ଓ ଅନାସକ୍ତ ପଦେ କଥାରେ, ତାହା ବାସ୍ତବତାର ଊର୍ଦ୍ଧ୍ୱରେ ।

କିନ୍ତୁ ବାସ୍ତବ ଜୀବନରୁ ଜୀବନର ପ୍ରବାହରୁ ବିଚ୍ୟୁତ ହେବା ଅର୍ଥ, ମଣିଷରସୃଜନଶୀଳ

Digitized by srujanika@gmail.com

କର୍ମର ଧାରାରୁ, ତା'ର ଅନ୍ତର୍ନିହିତସମ୍ପର୍କରୁ ବିଛିନ୍ନ ହୋଇଯିବା । ବାସ୍ତବ ସମ୍ପର୍କରୁ ପରିହାର କରିବାର ପରିଣତି ହେଉଛି ଯାହା ଅବାସ୍ତବ, ଅପାର୍ଥିବ ଓ ଅଳିକ, ତାକୁହିଁ ନିଜର ଆଧାର କରିବା । ତା ଅର୍ଥ, ବସ୍ତୁନିଷ୍ଠ ବାସ୍ତବତା ଠାରୁ ଆତ୍ମନିଷ୍ଠ ଆତ୍ମତତ୍ତ୍ୱକୁ ଅଧିକ ବାସ୍ତବ ବୋଲି ଗ୍ରହଣ କରିବ, ଆତ୍ମକେନ୍ଦ୍ରିକ ଯୋଇଉଠିବା । ନିଜର ଚିନ୍ତା ରାଜ୍ୟରେ ହିରଣ୍ମୟ ହର୍ମ୍ୟ ରଚନାକରି,ଖୋସା ଭିତରେ ଟସର-ପୋକଭଳି ନିଜକୁ ସବୁ ଠାରୁ ନିବୁଜ କରି ରଖିବା । ଫଳରେ, ତଦ୍ୱାରା ଅହମିକା ଆତ୍ମ ବଡ଼ିମାର ସଂକୀର୍ଣ୍ଣ ପରସର ମଧ୍ୟରେ ନିଜକୁ ଆବଦ୍ଧ କରି ଆମେ ତା'ରି ଭିତରେ ହିଁ ଘୁରିବୁଲୁ । ତେଣୁ ମୁକ୍ତ ହେବା ପରିବର୍ତ୍ତେ ଅବରୁଦ୍ଧ ହୋଇ ରହୁ । ସେଠି ସାହିତ୍ୟ, ସ୍ଥାୟୀହେବା ପରିବର୍ତ୍ତେ ହୁଏ 'କ୍ଷଣସ୍ଥାୟୀ, ଆଉ ସେପରି 'ନିର୍ମଳ'ସାହିତ୍ୟ ସାହିତ୍ୟର ସ୍ୱଚ୍ଛ ନିର୍ଝରର ପ୍ରବାହ ନ ହୋଇ ହୁଏ, ଆବଦ୍ଧ ଆବର୍ଜନାର ଟୁବି ଗଡ଼ିଆ ।

ନିର୍ମଳ ବ୍ରହ୍ମର ଆରାଧନା, ପ୍ରକୃତ ମଣିଷ-ବ୍ରହ୍ମକୁ ଉପେକ୍ଷା କରୁଥିଲା ଭଳି ନିର୍ମଳ ସାହିତ୍ୟ ସେବା ପ୍ରକୃତ ସାହିତ୍ୟିକ ମୂଲ୍ୟବୋଧକୁ କ୍ଷୁଣ୍ଣ କରେ । ସାହିତ୍ୟ ସଂସ୍କୃତି ପଥରେ କଣ୍ଟକ ସଦୃଶ ହୁଏ । ଲୋକଙ୍କୁ ଓ ସମାଜକୁ ବିପଥଗାମୀ କରେ । ଶେଷରେ ଶୋଷକ ଶ୍ରେଣୀ, ସାମ୍ରାଜ୍ୟବାଦୀଙ୍କ ହାତରେ ଅସ୍ତ୍ର ସ୍ୱରୂପ କାର୍ଯ୍ୟ କରିଥାଏ । ସେପରି ସାହିତ୍ୟକାରୀଗଣ ସମାଜରେ ବ୍ରାହ୍ମଣଙ୍କ ଭଳି ଆପଣାକୁ ଏକ ଉଚ୍ଚ ସ୍ୱତନ୍ତ୍ର ସମ୍ପ୍ରଦାୟ ବୋଲି ଜ୍ଞାନ କରନ୍ତି । ଅନୁରୂପ ଆସନ ଓ ସମ୍ମାନ ଦାବୀ କରିଥାଆନ୍ତି । ବ୍ରାହ୍ମଣମାନେ ଧର୍ମର ଧ୍ୱଜା ଧରିବାଭଳି, ସେମାନେ ସାହିତ୍ୟ ଧ୍ୱଜା ଧାରଣ କରନ୍ତି । ବ୍ରହ୍ମପ୍ରାପ୍ତି କେବଳ ବ୍ରାହ୍ମଣଙ୍କ ଜରିଆରେ ସମ୍ଭବ ହେଲା ଭଳି, ସାଧାରଣ ଲୋକଙ୍କର ସାହିତ୍ୟ ବିକାଶ କେବଳ ସେହିମାନଙ୍କ ଆଶ୍ରୟରେହିଁ ସାଧିତ ହୋଇପାରେ । ସଂସ୍କୃତ-ଭାଷା ବୁଝି ନପାରି ଲୋକ ଯେପରି ବ୍ରାହ୍ମଣଙ୍କ ମୁହଁକୁ ବିସ୍ମୟରେ ଅନାଇ ରହେ ଓ ନିଜର ଭାଷାକୁ ନିମ୍ନ ଦୃଷ୍ଟିରେ ଦେଖେ, ସେହିପରି ନିର୍ମଳ ସାହିତ୍ୟର ରୂପବିଭୋରରେ ବିହ୍ୱଳିତ-ମଣିଷ, ନିଜର ସାଧାରଣ ଜୀବନର ବାସ୍ତବ ସମ୍ପର୍କକୁ ହେୟ ମନେକରେ । ତେବେବି ନିର୍ମଳ ସାହିତ୍ୟ ମଧ୍ୟ, ସୃଷ୍ଟିର ଡାକ ଦିଏ । ଲୋକମନ ହରଣ ଦିଗରେ ପରୀକ୍ଷା ଚଳାଏ । ନିଜ ଲାଗି ଆଦର ଅଭ୍ୟର୍ଥନା ସୃଷ୍ଟି କରିବା ହୁଏ ତାର ଉଦ୍ଦେଶ୍ୟ । ତା'ର ସେଇ ସୃଷ୍ଟି ବେଳେ ସାହିତ୍ୟର ଉପରର ରୂପବିଭିବ, ଶୈଳୀ ସୌନ୍ଦର୍ଯ୍ୟ ଭିତରେ ମୁଖ୍ୟତଃ ହେ ସୀମାବଦ୍ଧ । ପୁଞ୍ଜିବାଦୀ ବଜାରର ପଣ୍ୟ ହିସାବରେ ବ୍ୟାପକ ପ୍ରସାର

Digitized by srujanika@gmail.com

ଲାଭକରି, ତାହା ଲୋକପ୍ରିୟତା ହାସଲ କରେ ସତ, କିନ୍ତୁ ତାହା କେବେ ହେଲେ ସୃଷ୍ଟିର କର୍ତ୍ତବ୍ୟ ପାଳନରେ ସମର୍ଥ ହୁଏ ନାହିଁ । ଏକ ସ୍ଥାନରେ ଅଚଳ ରହି ନିଜ ରୂପକୁ ଯେତେ ସୁନ୍ଦର, ନିଜ ସ୍ୱରକୁ ଯେତେ ଲାଳିତ ମଧୁର କଲେବି, ଆଗକୁ ଗୋଡ଼ ନପଡ଼ିଲେ ଲୋକ କଣ କେବେହେଲେ ଆଗେଇ ପାରେ ? ନୂତନ ଭାବ ବିନା କ'ଣ କେବେ ନୂତନ ସୃଷ୍ଟି ସମ୍ଭବ ? ଏଇଠି ଆସେ ସାହିତ୍ୟରେ ସୌନ୍ଦର୍ଯ୍ୟ ଓ ବ୍ୟବହାର୍ଯ୍ୟ ମଧ୍ୟରେ ପାର୍ଥକ୍ୟ । ସେ ଦୁହିଁଙ୍କର ସମ୍ପର୍କ ଛିନ୍ନ ହୁଏ । ଦୁହେ ପରସ୍ପରଠାରୁ ଦୂରେଇ ଯାଆନ୍ତି । ସେହି ସାହିତ୍ୟିକଗଣ କେବଳ ସୌନ୍ଦର୍ଯ୍ୟ ଉପରେ ଜୋର ଦେଇ ତାକୁଇ ନିଜର ଆଧାର କରନ୍ତି । ବ୍ୟବହାର୍ଯ୍ୟ ସହିତ ସୌନ୍ଦର୍ଯ୍ୟର ସଂଯୋଗକୁ ଛିନ୍ନ କରିବା ଅର୍ଥ ଯାହା ବ୍ୟବହାରର ଅଯୋଗ୍ୟ, ମଣିଷ ସମାଜ ପକ୍ଷରେ ଅଦରକାରୀ, ସମାଜର ବିକାଶ ପଥରେ ପ୍ରତିବନ୍ଧକ, ତାକୁ ପରିହାର ଓ ପ୍ରତିହତ କରିବା ନୁହେଁ, ତାକୁ ରକ୍ଷା କରିବା ହୁଏ ଧର୍ମ । ସାମାଜିକ କ୍ଷେତ୍ରରେ ତାହା ଶ୍ରେଣୀଶୋଷଣ ଓ ସାହିତ୍ୟ କ୍ଷେତ୍ରରେ ତା' ତାରି ଆଦର୍ଶଗତ ପ୍ରତିଫଳନର ଧାରା ଛଡ଼ା ଆଉ କ'ଣ ହୋଇପାରେ ? ତେଣୁ ସୌନ୍ଦର୍ଯ୍ୟବାଦ, ନବ-ସୌନ୍ଦର୍ଯ୍ୟବାଦ, ନିର୍ମଳ ସାହିତ୍ୟ ଆଦିର ଆଖ୍ୟା ଦେଇ ଏଇ ଉତ୍କଟ ସତ୍ୟକୁ ଢାଙ୍କିବାର ଚେଷ୍ଟା ହୁଏ ।

ଜୀବନକୁ ପ୍ରକାଶ କରିବା, ନୂତନ ଜୀବନକୁ ରୂପଦେବା ଓ ତା'ର ଉତ୍କର୍ଷ ସାଧନକୁ ଯଦି ସାହିତ୍ୟ ନିଜର ଲକ୍ଷ୍ୟ ରୂପେ ଗ୍ରହଣ କରେ, ତେବେ ସେ ଦିଗରେ ଆପଣାକୁ ଉତ୍ସର୍ଗ କରିବା ଦ୍ୱାରାହିଁ ସାହିତ୍ୟ କେବଳ ନିଜର ଜୀବନକୁ ପ୍ରକାଶ ଓ ନିଜର ଉତ୍କର୍ଷ ସାଧନ କରିବାରେ ସମର୍ଥ ହୋଇପାରେ । ତେଣୁ ତାକୁ ନିଜକୁ, ନୂତନ ସୃଷ୍ଟିର ଗୁଣରେ ଗୁଣାନ୍ୱିତ କରିବାକୁ ହେବ । ତାହାହିଁ ତାକୁ ଉତ୍କର୍ଷର ସୋପାନ ଆହରଣ କରିବାରେ ଉପାଦାନ ଯୋଗାଏ । ସାହିତ୍ୟ ନିଜ ଜୀବନକୁ ପ୍ରଜ୍ଜ୍ୱଳିତ କରିବା ଦ୍ୱାରାହିଁ ଭବିଷ୍ୟତର ଦିଗବଳୟକୁ ଆଲୋକିତ କରେ । ତେଣୁ ସାହିତ୍ୟକୁ, ନିଜସ୍ୱ ଲକ୍ଷ୍ୟ, ରୀତି, ପଦ୍ଧତି, ମୂଲ୍ୟ ଓ ସୌନ୍ଦର୍ଯ୍ୟବୋଧ ପ୍ରତି ସଦା ଅନୁରକ୍ତ ରହିବାକୁହିଁ ହେବ । ସେଇ ଆବଶ୍ୟକତାର ଉପଲବ୍ଧି ଓ ତା'ର ସେଇ ବିକାଶର ଅନୁଶୀଳନଦ୍ୱାରାହିଁ ସାହିତ୍ୟ କେବଳ ମଣିଷ ସମାଜ ଓ ତା'ର ପରିବେଶର ମର୍ମଭେଦ କରିପାରେ । ତାଙ୍କର ଗଭୀର ପ୍ରଦେଶର ସୁପ୍ତଐଶ୍ୱର୍ଯ୍ୟକୁ ଉଦ୍‌ଘାଟନ କରିପାରେ, ଏବଂ ତାହା କରିବା ଭିତରେ ସାହିତ୍ୟ ତା'ର ନିଜର ସର୍ବଶ୍ରେଷ୍ଠ ମୂଲ୍ୟ ଓ ସୌନ୍ଦର୍ଯ୍ୟବୋଧକୁ ସେମାନଙ୍କ ନିବିଡ଼ ସମ୍ପର୍କସହ ପ୍ରକାଶ କରେ । ତାହା ନିର୍ଦ୍ଦିଷ୍ଟ ଯୁଗର

Digitized by srujanika@gmail.com

ସାହିତ୍ୟ କୃତିର ଶ୍ରେଷ୍ଠ ନିଦର୍ଶନ ରୂପେ ଦେଖାଦିଏ ।

ଅତଏବ ବସ୍ତୁନିଷ୍ଠ ବାସ୍ତବତା, ଯେତେ ଅଧିକ ସାହିତ୍ୟିକ ନୀତି ରୀତି ଓ ପଦ୍ଧତିର ମୂଲ୍ୟନେଇ ଯେତେ ନିପୁଣତା ସହ ନିର୍ଦ୍ଦିଷ୍ଟ ଓ ସତ୍ୟନିଷ୍ଠ ଭାବେ ରୂପାୟିତ ହୁଏ, ତାହା ସୌନ୍ଦର୍ଯ୍ୟବୋଧ ସମ୍ପୃକ୍ତ ଯୁଗର ପରିସର ମଧ୍ୟରେ ସେତେ କମ ସୀମାବଦ୍ଧ ହୋଇରହେ । ସେଠି ସାହିତ୍ୟ ନିର୍ଦ୍ଦିଷ୍ଟ ବାସ୍ତବତାକୁ ପ୍ରକାଶ କଲେ ସୁଦ୍ଧା ସେଇ ଯୁଗର ସୃଷ୍ଟିର ସୀମାକୁ ଅତିକ୍ରମ କରିଯାଏ ।

ସାହିତ୍ୟ ଯଦି ସତ୍ୟନିଷ୍ଠ ତେବେ ବାସ୍ତୁବତାର ଭାବମୂର୍ତ୍ତି ନିର୍ଦ୍ଦିଷ୍ଟ ଭାବେ, ଲେଖକର ଚିନ୍ତା ଓ ଚେତନା ଭିତରେ ପ୍ରତିଫଳିତ ହେବା ସ୍ୱାଭାବିକ । ଲେଖକ ଅବଶ୍ୟ ନିଜର ଦୃଷ୍ଟିକୋଣ ଅନୁସାରେ ତାର ବ୍ୟାଖ୍ୟା ଓ ବିଚାର କରିବ । ନିଜର ଶକ୍ତି ଓ ପ୍ରତିଭା ଅନୁଯାୟୀ ତାକୁ ଉପସ୍ଥାପିତ କରିବ । ସଂକ୍ଷେପ଼ର କହିଲେ, ତାହା ହେଉଛି ବସ୍ତୁନିଷ୍ଠ ବିଶ୍ୱର ଆତ୍ମନିଷ୍ଠ ପ୍ରତିଫଳନ । ଅତଏବ ସେହି ପ୍ରତିଫଳନ, ସାମାଜିକ ଚେତନାର ଏକ ରୂପ । ତାହା ଆବଶ୍ୟ ତା'ର ଭୌତିକ ଭିତ୍ତିଠାରୁ ଆପେକ୍ଷିକଭାବେ ସ୍ୱାଧୀନ । ଲେଖକ ଆପଣକୁ ଯେତେ ନିର୍ମଳ, ଅଣମତାଦର୍ଶବାଦୀ, ନିର୍ଲିପ୍ତ ସାହିତ୍ୟିକ ବୋଲି ଦାବୀ କରୁନା କାହିଁକି, ସେ ସାମାଜିକ ଧ୍ୟାନଧାରଣାର ଊର୍ଦ୍ଧ୍ୱରେ ନାହିଁ, କି ରହି ନ ପାରେ । ପାଣି ଭିତରେ ରହି ଓଦା ନ ହେଲା ଭଳି ତା ଏକ ଅସ୍ୱାଭାବିକ ଘଟଣା । ସଂସାର ବନ୍ଧନରୁ ମୁକ୍ତ ଅରଣ୍ୟବାସୀ ମନୁଷ୍ୟ ପକ୍ଷରେ ମଧ୍ୟ ତାହା ଘଟିନାହିଁ । ତେଣୁ ଲେଖକର ଲେଖାରେ ତା'ର ଦୃଷ୍ଟିକୋଣ ପ୍ରକାଶ ପାଏ, ତା'ର ଭାବଧାରା ଗଢ଼ିଉଠେ, ତାହା ପ୍ରକାଶ କରେ ତାର ପ୍ରତ୍ୟକ୍ଷର ପଦ୍ଧତି । ତେଣୁ ସାମାଜିକ ବ୍ୟକ୍ତିଭାବେ ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ ବିଚାର ତାଙ୍କର ଲେଖାରେ ରୂପ ନିଏ ।

କିନ୍ତୁ ଅନେକ କ୍ଷେତ୍ରରେ ଲେଖକର ନିଜସ୍ୱ ମତ, ଆଦର୍ଶ, ଆଉ ଏଣେ ତା'ର ଲେଖାରେ ପ୍ରତିଫଳିତ ମତାଦର୍ଶର ବାର୍ତ୍ତା, ସମାନ ଓ ଅନୁରୁପ ନୁହେଁ । ଯାନ୍ତ୍ରିକ ଭାବେ ତା ପରସ୍ପରକୁ ଅନୁକରଣ କରେନାହିଁ । ଲେଖକର ନିଜର ମତ, ଇଚ୍ଛା ଓ ଅଭିପ୍ରାୟ, ରକ୍ଷଣଶୀଳ ଓ ବିକାଶର ପରିପନ୍ଥୀ ହୋଇପାରେ, କିନ୍ତୁ ଯେହେତୁ ସାହିତ୍ୟ-ସତ୍ୟନିଷ୍ଠଭାବେ ବିଭିନ୍ନ ଦିଗରୁ ବାସ୍ତବତାର ମର୍ମ ପ୍ରକାଶକରେ, ମଣିଷ ପ୍ରାଣର ପ୍ରକୃତ ଆକାଂକ୍ଷା ଉଦଘାଟନ କରେ, ତେଣୁ ସେ ସାହିତ୍ୟକୃତି ସାହିତ୍ୟିକର ନିଜସ୍ୱ ମତ ଓ ଅଭିପ୍ରାୟକୁ ଅତିକ୍ରମ କରିଯାଏ,

Digitized by srujanika@gmail.com

ପରାହତ କରେ । ପ୍ରତିଭାଶାଳୀ ଲେଖକଙ୍କ କ୍ଷେତ୍ରରେ ଏହା ବେଶ୍ ପରିସ୍ଫୁଟ । ସେମାନେ ନିଜର ମତ ଯାହା ହେଉନା କାହିଁକି, ତାକୁ ସାବ୍ୟସ୍ତ କରିବାର ଉଦ୍ୟମ ନକରି ସାହିତ୍ୟସୃଷ୍ଟିର ମହତ ନିୟମକୁହିଁ ଅନୁସରଣ କରନ୍ତି । ତେଣୁ ମରଶରୀର ଅସ୍ତ ଲଭିବା ସହିତ ନିଜର ଇଚ୍ଛା ଓ ଆଶର ଅବସାନ ଘଟିଲେ ହେଁ, କାଳ କାଳ ଧରି ଜୀବନ୍ତ ଓ ଜାଗ୍ରତ ରହେ ସେ ସାହିତ୍ୟର ସୃଷ୍ଟି । ଅନ୍ୟଦିଗରେ ଆତ୍ମକେନ୍ଦ୍ରୀକ ଦୃଷ୍ଟି, ଯାହା ଆତ୍ମଗରିମା, ଆତ୍ମପ୍ରତିଷ୍ଠା, ଅହମିକାକୁ ଉତ୍ସାହିତ ଓ ସାବ୍ୟସ୍ତ କରିବାରେ ଚେଷ୍ଟିତ ସେପରି ସାହିତ୍ୟ ସୃଷ୍ଟି ଲେଖକ ଜୀଇ ଥାଉଁ ଥାଉଁ ମଧ୍ୟ ଲୋପ ପାଇଥାଏ ।

ସାହିତ୍ୟ ରାଜ୍ୟରେ ଝରକା, କବାଟ କିଳି ସୃଷ୍ଟି କରିବାର ଉଦ୍ୟମ ସାହିତ୍ୟ କ୍ଷେତ୍ରରେ ଏକ ଆଭିଜାତ୍ୟ ମନୋଭାବ ପ୍ରକାଶ କରେ । ସାଧାରଣ ପାଠକ ଓ ସାହିତ୍ୟିକ ମଧ୍ୟରେ ବ୍ୟବଧାନ ଆଣେ । ତାହା ଲୋକଙ୍କ ସହିତ, ସମାଜ ସହିତ ସମ୍ପର୍କ ହରାଇବା ଦ୍ୱାରା ସାହିତ୍ୟ ଲୋକଜୀବନର ପ୍ରାକୃତିକ ନିର୍ଝରରୁ ତାର ପ୍ରାଣଶକ୍ତି ଆହରଣ କରିପାରେ ନାହିଁ । ତାହା ରୁଗ୍‌ଣ ଓ ଶୁଷ୍କ ହୋଇଯାଏ । ତେଣୁ ଯାହାକୁ କହନ୍ତି ତାହା ରୀତିବାଦୀ ବା ଫରମାଲିଷ୍ଟିକ୍ ରୂପ ଧାରଣ କରେ । ଏହିପରି କେତେକ ସାହିତ୍ୟ ରାଜ୍ୟରେ ନିଜର ଅଗ୍ରଣୀ ଭୂମିକାକୁ ଦର୍ଶାଇବା ଲାଗି "ସାହିତ୍ୟରେ ବିପ୍ଳବ" ଡାକ ଦିଅନ୍ତି । କିନ୍ତୁ ତାଙ୍କ ମତରେ ସାହିତ୍ୟହିଁ ହେଉଛି "କେବଳ ପ୍ରକୃତ ବାସ୍ତବ", ଆଉ ସେ ବାସ୍ତବତାକୁ ଝରକା କବାଟ କିଳି ଉପଲବ୍ଧି କରାଯାଏ । ସେ ପ୍ରକାର "ସାହିତ୍ୟ ବିପ୍ଳବ" କିନ୍ତୁ 'ସାମାଜିକ ବିପ୍ଳବର' ଊର୍ଦ୍ଧ୍ୱରେ ରହେ । ତେଣୁ ଯେଉଁମାନେ ସାମାଜିକ ବିପ୍ଳବକୁ ଯମ ଭଳି ଭୟ କରନ୍ତି, କଂସ ଭଳି ତାକୁ ହତ୍ୟାକରିବାକୁ ବସନ୍ତି, ସେମାନେ ସେହି "ସାହିତ୍ୟର ବିପ୍ଳବର" ବାର୍ତ୍ତାବହମାନଙ୍କୁ ଆଦରରେ ଆଲିଙ୍ଗନ କରନ୍ତି, ସେପରି ସାହିତ୍ୟର ପ୍ରସାର କାମନା କରନ୍ତି । ଅତଏବ, ସୁରେନ୍ଦ୍ରବାବୁ ସାହିତ୍ୟ ରାଜ୍ୟରେ ଲାଗିଥିବା ରୋଗର ଲକ୍ଷଣ ପ୍ରକାଶ କରିଛନ୍ତି, କିନ୍ତୁ ତା'ର ନିଦାନ ଓ ଆରୋଗ୍ୟର ଉପାୟ ଦର୍ଶାଇ ନାହାନ୍ତି । ଏପରିକି ତା ଖୋଜିବାର ପ୍ରୟାସ ସୁଦ୍ଧା ପ୍ରକାଶ ପାଏ ନାହିଁ । ସେ ପ୍ରୟାସର ଆବଶ୍ୟକତା ଅନୁଭବ ନକରିବା ପ୍ରକାଶ କରେ, ବାସ୍ତବରେ ଆମର ସାହିତ୍ୟ ଆଉ ସାହିତ୍ୟିକ କେତେଦୂର ରୋଗଗ୍ରସ୍ତ ।

ରୋଗ ହେଲା ମୂଖ୍ୟତଃ ଦୁଇଟି - "ସବୁ ସାହିତ୍ୟରେ ଅବକ୍ଷୟ କାଳ", ଆଉ

Digitized by srujanika@gmail.com

ଓଡ଼ିଆ ସାହିତ୍ୟ ସେହି କାଳଧର୍ମର ଅଧୀନ । ଦ୍ୱିତୀୟରେ, ଝରକା କବାଟ କିଳି ସାହିତ୍ୟ ସୃଷ୍ଟି କରିବା । ଏ ହେଲା ମୂଳଗଣ୍ଠି । ଓଡ଼ିଆ ସାହିତ୍ୟକୁ ଆଗେଇବାକୁ ହେଲେ ସେ ଗଣ୍ଠି ଖୋଲିବାକୁ ହେବ, ତା ଛଡ଼ା ଅନ୍ୟବାଟ ନାହିଁ । ଅଥଚ ଠିକ ସେହି ବିଷୟରେ ସୁରେନ୍ଦ୍ରବାବୁ ନିରୁତ୍ତର । କିନ୍ତୁ, ଆଗେଇବାକୁ ହେଲେ ସାହିତ୍ୟକୁ ଠିକ ତାରି ଉତ୍ତର ଦେବାକୁ ହିଁ ହେବ ।

ସବୁଠାରେ 'ଅବକ୍ଷୟ' : ଏହା କେବଳ ସୁରେନ୍ଦ୍ର ବାବୁଙ୍କ କଥାର କଥା ନୁହେଁ । ସେମିତି ଶ୍ରୀମତୀ ଗାନ୍ଧୀ ମଧ୍ୟ କହନ୍ତି, ଦୂର୍ନୀତି କେବଳ ଆଜି ଦେଖାଦେଇ ନାହିଁ, ତା ସବୁକାଳେ ରହିଆସିଅଛି । ଅର୍ଥମନ୍ତ୍ରୀ ସେମିତି ଘୋଷଣା କରନ୍ତି, ମୁଦ୍ରାସ୍ଫୀତି କେବଳ ଆମଦେଶରେ ନାହିଁ, ସବୁଦେଶରେ ଲାଗିଛି । ଏମାନେ ସମସ୍ତେ ସମସ୍ୱରରେ ସେଇ ଗୋଟିଏ କଥା କହନ୍ତି-ଏ ସବୁ ବ୍ୟାଧି ଏକ ବିଶ୍ୱଜନୀନ ପ୍ରକ୍ରିୟା, ତାହା ସବୁକାଳରେ ସର୍ବତ୍ର ବିଦ୍ୟମାନ । ତାହା ବିଧିନିର୍ଦ୍ଦିଷ୍ଟ, ସେଥିରୁ ଉଦ୍ଧାରର ଉପାୟ ନାହିଁ । ସେଥିଲାଗି କାହାକୁ ଦୋଷ ଦେଇ ହେବନାହିଁ, କିମ୍ବା ନିଜେ ଦୁଃଖ କରି ଲାଭ ନାହିଁ । ତାକୁ ମାନିନିଅ । ତାହା ପାଖରେ ଆତ୍ମସମର୍ପଣ କର-ଅସହାୟ ଭାବେ । ଏହା ସୁରେନ୍ଦ୍ରବାବୁଙ୍କ "ସାହିତ୍ୟ ସମାଜର ସମ୍ପର୍କ ଚ୍ୟୁତିକୁ", ନୁହେଁ, ତାହା ସମାଜ ଓ ସାହିତ୍ୟ ଭିତରର ନିବିଡ଼ ସମ୍ପର୍କକୁ ହିଁ ପ୍ରକାଶ କରେ । ଜଣାଇଦିଏ, ରାଜ୍ୟ ଅନୁଗତ ସାହିତ୍ୟ, ଯେଉଁ ଶ୍ରେଣୀ ସମାଜକୁ ଶାସନ କରେ, ତାରି ଧାରଣା ସାହିତ୍ୟରେ ପ୍ରାଧନ୍ୟ ବିସ୍ତାର କରେ । ସମାଜ ଓ ସାହିତ୍ୟ ଉଭୟ ସମତାଳରେ ଚାଲିଛନ୍ତି, ଦୁହେଁ ସମାନ ରୋଗଗ୍ରସ୍ତ, ଦୁହିଁଙ୍କ ରୋଗମୁକ୍ତି ଆବଶ୍ୟକ ।

ସାହିତ୍ୟ ଯଦି ନିର୍ଦ୍ଦିଷ୍ଟ ସାମାଜିକ ଅବସ୍ଥାର ପ୍ରତିଫଳନ ହୁଏ ତେବେ ସାହିତ୍ୟକୁ ଅବକ୍ଷୟରୁ ମୁକ୍ତ କରିବାକୁ ହେଲେ, ସେହି ନିର୍ଦ୍ଦିଷ୍ଟ ଭୌତିକ, ସାମାଜିକ ଅବସ୍ଥାର ପରିବର୍ତ୍ତନ ଲୋଡ଼ା । ସେହି ସାମାଜିକ ପରିବର୍ତ୍ତନ ଲାଗି ଲଢ଼ିବାକୁ ହେବ । ସେମିତି ସାହିତ୍ୟିକ ବିଚାର, ଯଦି ସାମାଜିକ ବିକାଶକୁ ପ୍ରଭାବିତି, ତ୍ୱରାନ୍ୱିତ କରୁଥାଏ, ତେବେ ସମାଜରୁ ଅବକ୍ଷୟକୁ ଦୂର କରିବାକୁ ହେଲେ ସାହିତ୍ୟକ ଦୃଷ୍ଟି ଓ ବିଚାରରେ ଅନୁରୂପ ପରିବର୍ତ୍ତନ ଆବଶ୍ୟକ । ତେଣୁ ସାହିତ୍ୟ ରାଜ୍ୟରେ ସେଥିଲାଗି ଲଢ଼ିବାକୁ ହେବ । ଯେହେତୁ ଏ ଦୁହେଁ ଅଙ୍ଗାଙ୍ଗୀଭାବେ ଜଡ଼ିତ, ଏକକୁ ଦେଖିଲାବେଳକୁ ଅନ୍ୟପ୍ରତି ଆଖି ବୁଜି ଦିଆଯାଇ ନପାରେ, ତେଣୁ ଦୁହେଁ ଏକଇ ସଂଗ୍ରାମରେ ଅବିଚ୍ଛେଦ୍ୟ ଅଙ୍ଗ ।

Digitized by srujanika@gmail.com

ପ୍ରଥମତଃ, ସଂସାରଟା କସ୍ମିନକାଳେ କେବଳ ଅବକ୍ଷୟକୁ ନେଇ ଚାଲିନାହିଁ । ଏ ବିଶ୍ୱ, ପ୍ରକୃତି, ମଣିଷ, ସମାଜ, ସାହିତ୍ୟ କେହି କୌଣସି ଯୁଗରେ କେବଳ ଅବକ୍ଷୟର ଆଧାର ନୁହନ୍ତି । ସେମାନେ ମଧ୍ୟ ଅଭିବୃଦ୍ଧିର ସଂବାହକ । କ୍ଷୟ ଓ ବୃଦ୍ଧି ଏକ ଦ୍ୱନ୍ଦାତ୍ମକ ପ୍ରକ୍ରିୟା, ତାହାହିଁ ସୃଷ୍ଟି ଓ ବିକାଶର ଅବିଶ୍ରାନ୍ତ ପ୍ରବାହ । ସେଇ ପ୍ରବାହ ଭିତରେ ପୁରାତନ କ୍ଷୟପ୍ରାପ୍ତ ହୋଇ ଲୋପ ପାଏ-ନୂତନ ଜନ୍ମ ନେଇ ବୃଦ୍ଧିଲାଭ କରେ । ପ୍ରତ୍ୟେକ କ୍ଷେତ୍ରରେ ନୂତନ ଓ ପୁରାତନ, ବୃଦ୍ଧି ଓ କ୍ଷୟର ଅବିରାମ ସଂଘର୍ଷ ହେଉଛି ବିକାଶର ଅପରିହାର୍ଯ୍ୟ ନିୟମ । ପ୍ରତ୍ୟେକ ଅବକ୍ଷୟ କାଳରେ, ସୃଷ୍ଟି ଓ ଅଭିବୃଦ୍ଧିର ଅଙ୍କୁର ଯେପରି ବିଦ୍ୟମାନ, ପ୍ରତ୍ୟେକ ଅଭିବୃଦ୍ଧି ଭିତରେ ଅବକ୍ଷୟର ବୀଜ ସେହିପରି ଲୁକ୍‌କାୟିତ । ଏଠାରେ ଏକାଡେମୀର ସଭାପତିଙ୍କ ଦୃଷ୍ଟି କ୍ଷୟିଷ୍ଣୁ ଓ ମୃତ୍ୟୁମୁଖୀ ତାକୁ ଆଶ୍ରାକରିବାର ପ୍ରବଳ ଆକାଂକ୍ଷା ନେଇ ସେ ଭବିଷ୍ୟତ ପ୍ରତି ଆଶାଶୂନ୍ୟ-ଏଣୁ 'କାହାପାଇଁ ଲେଖୁଛୁ'- ଏହି ରୋଗର ଯନ୍ତ୍ରଣା ଅନୁଭବ କରିଛନ୍ତି, କିନ୍ତୁ ଉପଶମର ବାଟ ଖୋଜି ନାହାନ୍ତି ।

ଅଥଚ, ବାଟ ଅତି ପରିଷ୍କାର, ଯେହେତୁ ଅବକ୍ଷୟ ଓ ଅଭିବୃଦ୍ଧି ଆଜି ପ୍ରତ୍ୟେକଙ୍କ ଆଖି ଆଗରେ କେବଳ ସ୍ପଷ୍ଟ ନୁହେଁ; ତାହା ପ୍ରତ୍ୟେକ ଲୋକକୁ, ଆଉ ଦେଶର ଜୀବନକୁ ଦିନ-ପ୍ରତିଦିନ ଆଘାତ ଦେବାରେ ଲାଗିଛି । ଆଜି ଦୁନିଆରେ ସମାଜବାଦ ଓ ପୁଞ୍ଜିବାଦ ଛଡ଼ା ଆଉ କ'ଣ ତୃତୀୟ ପନ୍ଥାଅଛି ? ଦୁନିଆରେ ପ୍ରତ୍ୟେକ ବିଷୟ, ଏଇ ଦୁଇ ବ୍ୟବସ୍ଥା, ଦୁଇ ମତ, ନୀତିର ସଂଘର୍ଷ ଦ୍ୱାରା ନିୟନ୍ତିତ । ଏହା ପ୍ରତ୍ୟେକ କ୍ଷେତ୍ରରେ ପ୍ରକାଶ ପାଏ । ସାହିତ୍ୟ ସେଥିରୁ ବହିର୍ଭୁତ ନୁହେଁ । ଏହି ଦୁଇଙ୍କ ମଧ୍ୟରେ ସମାଜବାଦ ବ୍ୟବସ୍ଥା-ତାର ଧ୍ୟାନ ଧାରଣା ଓ ମତାଦର୍ଶ କ୍ରମାଗତ ବୃଦ୍ଧି, ପ୍ରସାର ଲଭୁଥିଲାବେଳେ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ବ୍ୟବସ୍ଥା ଓ ତାର ଧ୍ୟାନ ଧାରଣା ମତାଦର୍ଶ କ୍ରମାଗତ ସଙ୍କୁଚିତ ଓ କ୍ଷୟପ୍ରାପ୍ତ ହେବାରେ ଲାଗିଛି । ତାହା ସଂକଟଗ୍ରସ୍ତ ଆକର୍ଷଣଶୂନ୍ୟ, ଭବିଷ୍ୟତହୀନ । ତା' କେବଳ ମୃତ୍ୟୁର ଆହ୍ୱାନ ଦେଇପାରେ ସିନା, ସୃଷ୍ଟିର ଶକ୍ତି ସମାର୍ଥ୍ୟ ତା'ର ନାହିଁ । ସୁରେନ୍ଦ୍ର ବାବୁଙ୍କ ସାହିତ୍ୟିକ ପ୍ରାଣ ତା'ର ଉପସର୍ଗକୁ ଅନୁଭବ କରେ । ସାହିତ୍ୟରେ ତା'ର ପ୍ରତିଫଳନକୁ ଅବକ୍ଷୟର ଆଖ୍ୟାଦିଏ, କିନ୍ତୁ ତାକୁ ଅନାବୃତ କରିପାରେ ନାହିଁ । ବୃହତ ଶକ୍ତିଙ୍କ ନାମରେ ସୋଭିଏତ, ଓ ଆମେରିକାକୁ ସବୁ ବିଷୟରେ ସମାନ ଭାବରେ ଦାୟୀ କଲା ଭଳି ଏଠାରେ ଅବକ୍ଷୟ ପୂର୍ବରୁ 'ସବୁକୁ' ଯୋଗ କରିବାର ଉଦ୍ୟମ ହୁଏ । ଏକ ଦିଗରେ ପୁଞ୍ଜିବାଦୀ ବ୍ୟବସ୍ଥା, ଓ

Digitized by srujanika@gmail.com

ତାର ମତାଦର୍ଶ ପ୍ରତି ସୁରେନ୍ଦ୍ର ବାବୁଙ୍କ ପ୍ରଗାଢ଼ ଆସ୍ଥା, ଆସକ୍ତି ଓ ଅନୁରକ୍ତି, ଅନ୍ୟ ଦିଗରେ ସମାଜବାଦୀ ବ୍ୟବସ୍ଥା ଓ ତା'ର ମତାଦର୍ଶ ପ୍ରତି ପ୍ରବଳ ବିତୃଷା ଓ ବିରୋଧିତା, ସେଇ ଅବକ୍ଷୟର ପ୍ରକୃତ କାରଣ ଉଦ୍‌ଘାଟନ କରି, ତାକୁ ଅତିକ୍ରମ କରିବାରେ ଓ ଅଭିବୃଦ୍ଧି ଦିଗରେ ଅଗ୍ରସର ହେବାରେ ପ୍ରଧାନ ଅନ୍ତରାୟ ସୃଷ୍ଟି କରେ । ଯାହାକୁ କହନ୍ତି ବୁକୁ ଫାଟେ, ମୁଖ ଫିଟେ ନାହିଁ । ଏହାହିଁ ବର୍ତ୍ତମାନ ଲେଖକର ବିରୋଧିତା, ଯାହାକି ସମାଜରେ ଲାଗିଥିବା ବିରୋଧିତାରୁ ବିଚ୍ଛିନ୍ନ ନୁହେଁ । ଅତଏବ, ଯାହା ଦୈନନ୍ଦିନ ଜୀବନରେ ଦୁଃଖ ଦୈନ୍ୟର ଆବାହକ, ସାମାଜିକ ବ୍ୟବସ୍ଥା ଭାବରେ ମରଣୋନ୍ମୁଖ, ଭୌତିକ ବିଚାରରେ ବିପର୍ଯ୍ୟସ୍ତ, ସେହି ମତାଦର୍ଶ ପୁଣି ସାହିତ୍ୟ ରାଜ୍ୟରେ ଭବିଷ୍ୟତ ସୃଷ୍ଟିର ପ୍ରେରଣା ହେବ, ତାହା ଆଶା କରିବା ଏକ ବିରାଟ ଆତ୍ମପ୍ରତାରଣା ।

ସାହିତ୍ୟକୁ ବୁଝିବା ଓ ବୁଝାଇବାକୁ ଯାଇ ବହୁବାଦ-ବାସ୍ତବବାଦ, ପ୍ରକୃତିବାଦ, ଆଶାବାଦ ଓ ନିରାଶାବାଦ ଆଦି ବ୍ୟବହାର କରାଯାଏ-ସେମିତି ବନ୍ଧୁ ଧର୍ମ, ଜୀବନଧର୍ମୀ, ମାନବ ଧର୍ମୀ, ପଳାୟନଧର୍ମ ଆଦିର ଆଶ୍ରୟ ନିଆଯାଏ । ପୁଣି ବହୁ ପ୍ରକାରର ମୂଲ୍ୟବୋଧ ମଧ୍ୟ ଆବିଷ୍କାର କରାଯାଇଥାଏ । ଏସବୁର ବ୍ୟାଖ୍ୟା, ବିଶ୍ଳେଷଣ ଓ ବ୍ୟବହାର ନେଇ ଭିନ୍ନ ଭିନ୍ନ ମତ ରହିଛି । ମୂଲ୍ୟାଙ୍କନରେ ଏ ଯେତେ ପଦ୍ଧତି ବ୍ୟବହୃତ ହୁଏ ତା'ର ଉଦ୍ଦେଶ୍ୟ ହେଲା ସାହିତ୍ୟ କ୍ଷେତ୍ରରେ ମାନବିକ ଭାବ, ତା'ର ପରିପ୍ରକାଶ ଓ ତା'ର ପ୍ରଗତି ଆଉ ପରିଣତିକୁ ମାପିବା, ପଦେ କଥାରେ, ମାନବିକତାକୁ ଲକ୍ଷ୍ୟ କରିବା ବା ଦେଖିବା । କାରଣ ମଣିଷହିଁ ସବୁର ମୂଳ । ସବୁରି ଉପରେ ମାନବ ସତ୍ୟ, ତା'ର ଉପରେ ନାହିଁ । ତେଣୁ ପ୍ରତ୍ୟେକ, ବିଭିନ୍ନ ଦିଗରୁ ନିଜର ବିଚାର ଓ ଉପଲବ୍ଧି ଅନୁଯାୟୀ ମାନବିକତା ବ୍ୟାଖ୍ୟା କରି ଚାଲିଛନ୍ତି । ସେ ବିଚାର, ଯେତେ ସ୍ୱାଗତଯୋଗ୍ୟ ବା ନିନ୍ଦନୀୟ ହେଉ ପଛେ, ସବୁର ସ୍ଥିତି, ଭିତ୍ତି ଓ ଉଦ୍ଦେଶ୍ୟ ହେଉଛି ମଣିଷ । ବିନା ମଣିଷରେ ମାନବିକତା ନାହିଁ । ମାନବିକତା ବିନା ସାହିତ୍ୟ ପ୍ରାଣଶୂନ୍ୟ ଓ ଲକ୍ଷ୍ୟହୀନ, ଆଉ ଭୟଙ୍କରୀ ।

ତେବେ ମାନବିକତା ଏକ ବିମୂର୍ତ୍ତ ଧାରଣା । କିନ୍ତୁ ଅତି ନିର୍ଦ୍ଦିଷ୍ଟ ମୂର୍ତ୍ତିମନ୍ତ ହେଉଛି, ରକ୍ତମାଂସ ଦେହଧରୀ ମଣିଷ । ମଣିଷର ବିକାଶ, ମଣିଷ ସହ ମଣିଷର ସମ୍ପର୍କ ଓ ମଣିଷ ସମାଜ ସହ ତାର ପରିବେଶ, ପକୃତିର ବିକାଶ ଭିତରେ ମାନବିକତା ଆପଣଙ୍କୁ ଉନ୍ମୁକ୍ତ ଓ

Digitized by srujanika@gmail.com

ବିକଶିତ କରାଏ । କିନ୍ତୁ ଏ ସମସ୍ତ ଆଜି ପରମାଣୁ ଧ୍ୱଂସର ଉପକଣ୍ଠରେ ଉପସ୍ଥିତ । ସେ ଧ୍ୱଂସ ମୁଖରୁ କି ମଣିଷ, କି ପ୍ରାଣୀ ଜଗତ, କି ଏଇ ପକୃତ ପୃଥିବୀ କାହାରି ବର୍ତ୍ତୀବାର ପ୍ରଶ୍ନ ନାହିଁ । ସେ ଧ୍ୱଂସ ପରେ ପୁଣି ଯେ କେବେ ପୃଥିବୀ ବକ୍ଷରେ ନୂତନ ଜୀବନ ଅଙ୍କୁରିତ ହେବ କି ନାହିଁ କିଏ ବା କହିବ ?

ଆମ ସାଧାରଣ ସାହିତ୍ୟ ଏ ବିଷୟରେ ଆଦୌ ଚିନ୍ତା କରେ ନାହିଁ, ତାର ବିଚାରରେ, ଏଇଟା ବୋଧ ହୁଏ ରାଜନୀତିର ପ୍ରଶ୍ନ, ସାହିତ୍ୟର ପରିସରଭୁକ୍ତ ନୁହେଁ । ଏହା କେବଳ ଏକ ଭ୍ରାନ୍ତ ଧାରଣା ନୁହେଁ ବର୍ତ୍ତମାନ ନିର୍ଦ୍ଦିଷ୍ଟ ଅବସ୍ଥାରେ ତାହା ଏକ ଆତ୍ମଘାତୀ ଧାରଣା । ଅନ୍ୟ ସମୟରେ ସାହିତ୍ୟ ଭୁଲ କଲେ ବି ବଞ୍ଚି ଯାଉଥିଲା । ବର୍ତ୍ତମାନ ସେ ଭୁଲର ସଂଶୋଧନ ନାହିଁ । ଯେତେବେଳେ ମଣିଷ, ତାର ସଭ୍ୟତା ପରିବେଶ ସବୁକିଛି ସମୂହ ଧ୍ୱଂସର ସମ୍ମୁଖୀନ ସେତେବେଳେ ସାହିତ୍ୟର ନିଜର ଅସ୍ତିତ୍ୱ ରହିବ କେଉଁଠି ? ସେ ବଞ୍ଚି ରହିବ କାହାକୁ ଧରି ? ପୂର୍ବରୁ ସବୁ ଯୁଦ୍ଧଠାରୁ ବର୍ତ୍ତମାନର ପରମାଣୁ ଯୁଦ୍ଧର ଧ୍ୱଂସଲୀଳା ଯେପରି ଗୁଣାତ୍ମକଭାବେ ଫରକ, ସାହିତ୍ୟର ମାନବିକତାର ଆହ୍ୱାନ ଓ ସେ ଦିଗରେ ତାର କର୍ତ୍ତବ୍ୟ ସେହିପରି ପୂର୍ବର ସବୁ ବ୍ୟାଖ୍ୟାଠାରୁ ଗୁଣାତ୍ମକ ଭାବେ ଫରକ ହେବା ସ୍ୱାଭାବିକ । ଏହା ସାହିତ୍ୟିକକୁ ସ୍ମରଣ ରଖିବାକୁ ହେବ ।

ବୈଜ୍ଞାନିକ ମତରେ ପରମାଣୁ ଧ୍ୱଂସରେ କାହାରି ରକ୍ଷା ନାହିଁ । ଯେଉଁମାନଙ୍କ ଉପରେ ପରମାଣୁ ବୋମାର ଆଘାତ ସିଧାସଳଖ ଲାଗିବ, ସେଇମାନେ ହିଁ ଭାଗ୍ୟବାନ । ସେମାନଙ୍କ ପାର୍ଥିବ ଶରୀର ନିମିଷେକ ମଧ୍ୟରେ ଅନ୍ତର୍ଦ୍ଧାନ ହୋଇଯିବ । ଯେଉଁମାନେ ବଞ୍ଚି ରହିବେ, ସେମାନେ ଅଧିକ କଲବଲ ହୋଇ ମରିବେ । ତାଙ୍କରି ଚିକିତ୍ସା ଲାଗି ନାହିଁ ଥିବେ ଡାକ୍ତର, କି ଡାକ୍ତରଖାନା । ଥିଲେ ବି, ସେମାନଙ୍କୁ କେହି ମୃତ୍ୟୁମୁଖରୁ ରକ୍ଷାକରିପାରିବେ ନାହିଁ । ତେଣୁ ଲୋକେ ଯେପରି କଲବଲ ନ ହୋଇ, ସହଜରେ ମରିପାରିବେ ସେଥିଲାଗି ଆତ୍ମହତ୍ୟାକାରୀ ବଟିକା ଏବଠୁ ପ୍ରସ୍ତୁତ ହେଲାଣି । ପରମାଣୁ ବିସ୍ଫୋରଣ ଫଳରେ ସମଗ୍ର ବାୟୁମଣ୍ଡଳ ଦୂଷିତ ଓ ପରିବର୍ତ୍ତିତ ହୋଇଯିବ । ସୂର୍ଯ୍ୟକିରଣ ପୃଥିବୀ ଉପରେ ପଡ଼ିପାରିବ ନାହିଁ । ଘୋର ଅନ୍ଧକାର ଓ ପ୍ରବଳ ଥଣ୍ଡା ଏପରି ପୃଥିବୀକୁ ଗ୍ରାସ କରିବ ଯେ ସେଥିରେ କୌଣସି ପ୍ରାଣୀ ପକ୍ଷରେ ବଞ୍ଚିବା ସମ୍ଭବ ହେବ ନାହିଁ । ସୂର୍ଯ୍ୟ କିରଣ ଅଭାବରୁ ଉଦ୍ଭିଦ

Digitized by srujanika@gmail.com

ଜଗତ ମଧ୍ୟ ଲୋପ ପାଇବ । ସେ ଭୟାବହ ଧ୍ୱଂସଲୀଳା କଳ୍ପନାର ବାହାରେ ।

ସେହି ଭୟାବହ ଧ୍ୱଂସ ପୂର୍ବରୁ, ଧ୍ୱଂସର ପ୍ରଥମ ଶିକାର ହୁଏ ସାହିତ୍ୟ । ଯୁଦ୍ଧଖୋରମାନେ ଭଲକରି ଜାଣନ୍ତି ମଣିଷର ମାନବିକତାକୁ ଧ୍ୱଂସ ନକରି ମଣିଷ ସମାଜ, ସମସ୍ତ ପ୍ରାଣୀ ଜଗତ, ଓ ପୃଥିବୀକୁ ଧ୍ୱଂସ କରାଯାଇ ନପାରେ । ମଣିଷ ଭିତରେ ମନୁଷ୍ୟତାର ଭାବ ଜାଗ୍ରତ ରହିଥିଲେ ତାହା ତାଙ୍କର ସେହି ଘୃଣ୍ୟ ଷଡ଼ଯନ୍ତ୍ରକୁ ପ୍ରତି ପଦେ ପଦେ ପ୍ରତିହତ କରୁଥିବ । ସେହି ମାନବିକତାର ଅଟଳ ଓ ସତ୍ୟନିଷ୍ଠ ପ୍ରହରୀ ହେଉଛି ସାହିତ୍ୟ । ତାକୁ ପରାହତ ନକରି ସେହି ନାରକୀୟ ଧ୍ୱଂସ ପଥରେ ପ୍ରବେଶ କରାଯାଇନପାରେ । ତେଣୁ ମାନବ ସମାଜକୁ ଧ୍ୱଂସ କଲା ପୂର୍ବରୁ ମାନବିକତା ମୂଲ୍ୟବୋଧକୁ ଧ୍ୱଂସ କରିବାକୁ ହେବ-ପ୍ରଚାର ଦ୍ୱାରା । ଯେଉଁମାନେ ମାନବିକତା ଦିଗରେ ବ୍ୟାକୁଳତା ପ୍ରକାଶ କରନ୍ତି, ସେମାନଙ୍କୁ ତେଣୁ ବିଭ୍ରାନ୍ତ କରିବାର ଉଦ୍ୟମ ହୁଏ । ମାନବିକତାର ବ୍ୟାଖ୍ୟା ଓ ବିଶ୍ଳେଷଣକୁ ଏପରି ଗୁଢ଼ ରହସ୍ୟାତ୍ମକ ଭାବେ ଉପସ୍ଥାପିତ କରାଯାଏ, ଯାହାର ପ୍ରକୃତ ଉଦ୍ଦେଶ୍ୟ ମଣିଷ ସହଜେ ଧରି ପାରିବ ନାହିଁ । ସେ ଏକ ବିକୃତ ଭେଜାଲ ମାନବିକତାର ଶୀକାର ହେବ । ପତଙ୍ଗ ନିଆଁ ପ୍ରତି ଅକୃଷ୍ଟ ହେଲାଭଳି ସେଇ ଭେଜାଲ ମାନବିକତାର ଅଳିକ ଧାରଣାର ସାହିତ୍ୟ ପ୍ରତି ଆକୃଷ୍ଟ ହେବ । ସାହିତ୍ୟ ଭିତରୁ ମାନବିକତାକୁ ମାରି ନ ପାରିଲେ ଅନ୍ତତଃ ତାକୁ କର୍ତ୍ତବ୍ୟଚ୍ୟୁତ କରିବା ହେଉଛି ଯୁଦ୍ଧଖୋର ପ୍ରଚାରରେ ମୁଖ୍ୟ ଉଦ୍ଦେଶ୍ୟ ।

ବର୍ତ୍ତମାନ ସାହିତ୍ୟ ଆଗରେ ସେଇ ମାନବିକତାର ଧାରଣା ପୂର୍ବ ଭଳି ଏକ ବିମୂର୍ତ୍ତ, ସ୍ୱର୍ଗୀୟ, ନୈର୍ବ୍ୟକ୍ତିକ ବାଷ୍ପୀୟ ଧାରଣା ନୁହେଁ । ତାକୁ ଖୋଜିବା ଲାଗି ଯୁକ୍ତିତର୍କ ଶାସ୍ତ୍ର ପୁରାଣ ଦରକାର କରେ ନାହିଁ । ତାହା ଏକ ଅତି ସ୍ପଷ୍ଟ, ନିର୍ଦ୍ଦିଷ୍ଟ ଓ ବାସ୍ତବ-ରକ୍ତମାଂସ ଦେହଧାରୀ ମଣିଷ ରୂପରେ ଦଣ୍ଡାୟମାନ । ମଣିଷ ଓ ମାନବିକତା ଆଜି ଏକ ଓ ଅଭିନ୍ନ । ଜଣକୁ ବାଦଦେଇ ଅନ୍ୟର ଅସ୍ତିତ୍ୱ ରକ୍ଷା କରାଯାଇ ନ ପାରେ । ମଣିଷ ତାର ସମାଜ ଓ ପରିବେଶ, ପ୍ରକୃତିକୁ ରକ୍ଷା କରିବା ଠାରୁ ବଳି ସାହିତ୍ୟ ଆଗରେ ଅଧିକ ଜରୁରୀ, ଅଧିକ ଗୁରୁତ୍ୱପୂର୍ଣ୍ଣ, ଅଧିକ ମାନବିକ କର୍ତ୍ତବ୍ୟ ଆଉ କିଛି ନାହିଁ । ଅତୀତରେ ସାହିତ୍ୟକୁ କେବେହେଲେ ଏପରି ଏକ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିନଥିଲା । ଏହା ପୂର୍ବଭଳି ମଣିଷର କୌଣସି ଏକ ଅମାନବୀୟ ଧାରଣା ଚରିତ୍ର ଇଚ୍ଛା ଓ ବିଶ୍ୱାସ ବିରୁଦ୍ଧରେ ସଂଗ୍ରାମ

Digitized by srujanika@gmail.com

ନୁହେଁ, ବର୍ତ୍ତମାନ ସଗ୍ରାମ ହେଉଛି ଖୋଦ୍ ମଣିଷର ସେଇ, ଅସ୍ତିତ୍ୱକୁ ରକ୍ଷା କରିବା-ତାର ସେଇ ଅନ୍ତର୍ନିହିତ ମାନବିକ ସତ୍ତା ଓ ତାର ପ୍ରକୃତିକୁ ରକ୍ଷା କରିବାର ସଂଗ୍ରାମ । ସାଧାରଣ ପାଶବିକତା, ଅମାନୁଷିକତା ଆଦି ଶବ୍ଦର ପ୍ରୟୋଗ, ବର୍ତ୍ତମାନର ଯୁଦ୍ଧଖୋରଙ୍କର ପ୍ରକୃତ ପରିଚୟ ନୁହେଁ । ତେଣୁ ସେହିପରି ପୂର୍ବର ଗତାନୁଗତିକ ମାନବିକତାର ଧାରଣା ବର୍ତ୍ତମାନ ସାହିତ୍ୟର ସେଇ ମହାନ କର୍ତ୍ତବ୍ୟପୂରଣ ଲାଗି ଯଥେଷ୍ଟ ନୁହେଁ । ଯୁଗ ଯୁଗ ଧରି ସମାଜର କେନ୍ଦ୍ରିଭୂତ ପାଶବିକତା ଯେପରି ଆଜି ଅତି ଉଲଗ୍ନ ଭାବେ ଯୁଦ୍ଧଖୋର ରୂପରେ ମୂର୍ତ୍ତିମନ୍ତ, ସେମିତି ତାକୁ ପ୍ରତିହତ କରିବାକୁ ହେଲେ ସମାଜର ଯୁଗ ଯୁଗ ଧରି ପୁଞ୍ଜିଭୂତ ମାନବିକତାର ସକାଳ ନିଦର୍ଶନକୁ ଐକ୍ୟବଦ୍ଧ କରି, ଏକ ବିଶ୍ୱବ୍ୟାପୀ ଶକ୍ତିରେ ପରିଣତ କରିବାକୁ ହେବ । ଏହା ଅତି ସର୍ବନିମ୍ନ ସର୍ବଶ୍ରେଷ୍ଠ, ସର୍ବପ୍ରଧାନ କର୍ତ୍ତବ୍ୟ, ଏବଂ ଅତି ନିର୍ଦ୍ଦିଷ୍ଟ ଅପରିହାର୍ଯ୍ୟ କର୍ତ୍ତବ୍ୟ ମଧ୍ୟ ।

ଯେହେତୁ ଏଠାରେ ସାହିତ୍ୟର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ କର୍ତ୍ତବ୍ୟ, କୌଣସି ମଣିଷ ବା ସମାଜର ହୃଦୟ ପରିବର୍ତ୍ତନ ନୁହେଁ, ସେମାନଙ୍କ ମୂଳ ସତ୍ତାକୁ ରକ୍ଷାକରିବା, କୌଣସି ପ୍ରାଣୀ ପ୍ରତି ଦୟା ଅନୁକମ୍ପାର ପ୍ରଦର୍ଶନ ନୁହେଁ, ସମସ୍ତ ପ୍ରାଣୀ ଜଗତର ପ୍ରାଣରକ୍ଷା କରିବା, କୌଣସି ପ୍ରାକୃତିକ ଶୋଭା ଓ ସୌନ୍ଦର୍ଯ୍ୟର ବର୍ଣ୍ଣନା ନୁହେ, ଖୋଦ୍ ସେଇ ପ୍ରକୃତିର ଅସ୍ତିତ୍ୱ ରକ୍ଷା, ଏବଂ ଯେହେତୁ ଏସବୁ ବିଷୟ ପରସ୍ପର ସହିତ ଏତେ ନିବିଡ଼ ଭାବେ ଜଡ଼ିତ ଯେ ଏକକୁ ଛାଡ଼ି ଅନ୍ୟକୁ ରକ୍ଷା କରାଯାଇ ନପାରେ, ତେଣୁ ବର୍ତ୍ତମାନର ମାନବିକତା ପୂର୍ବଭଳି ଆଉ କ୍ଷଣିକ, ଆଂଶିକ, ସଂକୀର୍ଣ୍ଣ, ସୀମାବଦ୍ଧ ଧାରଣା ଭିତରେ ଆବଦ୍ଧ ରହି ନ ପାରେ । ତା ସ୍ଥାନ କାଳ ପାତ୍ରର ଉର୍ଦ୍ଧ୍ୱରେ । ତାହା କେବଳ ନିଜର ବିସ୍ତାରକୁ ପ୍ରକାଶ କରେ ନାହିଁ, ତାହା ଏକ ବିରାଟ ଗୁଣାତ୍ମକ ରୂପାନ୍ତରର ସୂଚନା ଦିଏ । ତା ଯେତେ ଗଭୀର ଓ ବ୍ୟାପକ, ତାର ତାତ୍ପର୍ଯ୍ୟର ପରିଣତି ସେହିପରି ସର୍ବସ୍ଥାନ ସର୍ବକାଳ ବ୍ୟାପୀ । ସେ ମାନବିକତାର ପ୍ରଭାବ ସେହିପରି ସୁଦୂରପ୍ରସାରୀ । ଅତଏବ ଯେଉଁଠି ମୂର୍ତ୍ତ ବିମୂର୍ତ୍ତ ମାନବିକତାର ସମନ୍ୱୟ, ସେଠି ସାହିତ୍ୟକୁ ତାର କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେଲେ ତାକୁ ତାର ଆଶୁ ଓ ଅନ୍ତିମ ଲକ୍ଷ୍ୟକୁ ସମନ୍ୱିତ କରିବାକୁ ହେବ ।

ତେଣୁ ପରମାଣୁ ଧ୍ୱଂସ ବିରୋଧରେ ଶାନ୍ତିର ଆହ୍ୱାନ ଦେବା, ମଣିଷ ପ୍ରାଣରେ

Digitized by srujanika@gmail.com

ଶାନ୍ତିର ଆବେଗ ଜାଗ୍ରତ କରି ମଣିଷ ସମାଜ ପ୍ରାଣୀ ଜଗତ ଓ ତାଙ୍କର ପରିବେଶକୁ ରକ୍ଷା କରିବା ଦିଗରେ ଅଗ୍ରସର ହେବା ଦ୍ୱାରାହିଁ କେବଳ ସାହିତ୍ୟ, ନିଜର ଆତ୍ମା ଓ ଅସ୍ତିତ୍ୱକୁରକ୍ଷା କରିପାରେ । ନିଜର କର୍ତ୍ତବ୍ୟ ସମ୍ପାଦନ କରିବାରେ ସମର୍ଥ ହେବ । ସାହିତ୍ୟର ସେହି ନିର୍ଦ୍ଦିଷ୍ଟ ଆଶୁ କର୍ତ୍ତବ୍ୟ, ଆଉତ ତାର ଆତ୍ମା ଆଜି ଗୋଟିଏ ସୂତାରେ ବନ୍ଧା । ସାହିତ୍ୟ ନିଜର ବିଷୟରେ ନିଜେ ଯେତେ ସଚେତନ ନୁହେଁ, ତା ଅପେକ୍ଷା ଶତଗୁଣସଚେତନ ହେଉଛନ୍ତି ସେଇ ଯୁଦ୍ଧଖୋରଗଣ ସାହିତ୍ୟ ବିଷୟରେ ସେମାନେ ଭଲକରି ଜାଣନ୍ତି, ମାନବିକତାର ରକ୍ଷା ଦିଗରେ, ଲେଖନୀ ଖଡ୍‌ଗ ରୂପେ ବ୍ୟବହୃତ ହେଉଥିବାଯାଏ, ତାଙ୍କର ଘୃଣ୍ୟ ଉଦ୍ଦେଶ୍ୟ ସାଧନ ଅସମ୍ଭବ । ତେଣୁ ସେମାନେ ତାଙ୍କର ପ୍ରଚାରିତ ସାହିତ୍ୟ ଦ୍ୱାରା ମାନବିକତାର ସେଇ ଆଦର୍ଶ, ଆବେଗ, ଆହ୍ୱାନକୁ ହତ୍ୟା କରିବାର ଉଦ୍ୟମ କରନ୍ତି । ସାହିତ୍ୟକୁ ତାର ମହାନ କର୍ତ୍ତବ୍ୟପଥରୁ ବିଚ୍ୟୁତ କରି ତାକୁ ପଣ୍ୟଭାବେ ବ୍ୟବହାର କରନ୍ତି । ସେମାନେ ତାକୁ ଏମିତି ଉତ୍ସାହିତ କରନ୍ତି, ଯେପରିକି ସାହିତ୍ୟ ତାର ଶୈଳୀ, ସୌନ୍ଦର୍ଯ୍ୟ, ଭାଷା, ବିଭବ ଭିତର ଦେଇ ଅଲକ୍ଷ୍ୟରେ ସେଇ ଧ୍ୱଂସର ଆବଶ୍ୟତାର ଆଡ଼କୁ ଆଗେଇଯିବା, ବା ସେଥିପ୍ରତି ଉଦାସୀନ, ଅନାସକ୍ତଭାବ ଗ୍ରହଣ କରିବ, ଶତ୍ରୁ ମିତ୍ରର ସୀମାରେଖାକୁ ଭୁଲିଯିବ । ଏପରିକି ସେଥିପ୍ରତି ସାହିତ୍ୟର ନୀରବତା ମଧ୍ୟ ସେମାନଙ୍କ ପ୍ରତି ସମର୍ଥନର ନିଶ୍ଚୟତା ସୃଷ୍ଟି କରେ ।

ସେହି ପାଶ୍ଚାତ୍ୟ ଯୁଦ୍ଧଖୋରଙ୍କର ପ୍ରଚ୍ଛର ଏପରି କଳା କୌଶଳରେ ପରିବେଷ୍ଟିତ ଯେ, ତାର ଆବରଣ ଭେଦକରିବା ଆମ ସାହିତ୍ୟ ପକ୍ଷରେ ସହଜ ସାଧ୍ୟ ନୁହେଁ । "ଆଜି ଶାନ୍ତି ନାହିଁ ତ କାଲି ଜୀବନ ନାହିଁ" କହି, ଏପରିକି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧି ଶାନ୍ତି ଲାଗି ଯେଉଁ ବ୍ୟାକୁଳତା ପ୍ରକାଶ କରନ୍ତି, ଏଠି ସରକାରୀ ସଂସ୍ଥା ଏକାଡେମୀର ଜୟନ୍ତୀରେ ତାର କ୍ଷୀଣ ପ୍ରତିଧ୍ୱନି ସୁଦ୍ଧା କେଉଠି ହେଲେ ଶୁଣାଯାଏ ନାହିଁ । ଏହା କ'ଣ ଆକସ୍ମିକ, ନା ଉଦ୍ଦେଶ୍ୟମୂଳକ, ନା ସାଧରଣ ଅଜ୍ଞତାର ନିଦର୍ଶନ, ନା ମୃତ୍ୟୁ ବିରୋଧରେ ଜୀବନର ଆହ୍ୱାନ ଜଣାଇବାଟା ରାଜନୀତି ହୋଇଯିବ ବୋଲି, ଆମ ସାହିତ୍ୟକମାନେ ତା ପାଖ ମାଡ଼ନ୍ତି ନାହିଁ । ଅଥଚ ଜୟନ୍ତୀ ହେଉଛି ଓଡ଼ିଶାର ସୁବିଖ୍ୟାତ, ସୁପ୍ରତିଷ୍ଠିତ, ଲେଖକ, ସାହିତ୍ୟକ ବୁଦ୍ଧି ଜୀବୀଙ୍କ ଏକ ସମାବେଶ ।

Digitized by srujanika@gmail.com

ଏ ସବୁର ପ୍ରଧାନ କାରଣ ଆମ ସାହିତ୍ୟ ସତ୍ୟ, ବାସ୍ତବତା ପ୍ରତି ଭୟଭୀତ । ତାକୁ ବୁଝିବାକୁ ଚେଷ୍ଟା କରିବା ଦୂରର କଥା, ତାକୁ ଆଡ଼ଆଖିରେ ଅନାଇବାକୁ ସୁଦ୍ଧା ପ୍ରସ୍ତୁତ ନୁହେଁ । ତେଣୁ ଝରକା, କବାଟ କିଳିଦିଏ । ଯେଉଁମାନେ ସେଇ ଝରକା କବାଟ କିଳାକୁ ଲକ୍ଷ୍ୟ କରନ୍ତି ଏବଂ ତା ହେଉଛି ବୋଲି ଚିତ୍କାର କରନ୍ତି, ସେମାନେ ମଧ୍ୟ ତାକୁ ଖୋଲିବାର ପ୍ରୟାସ କରନ୍ତିନାହିଁ । କାରଣ ସତ୍ୟ କେତେବେଳେ ହେଲେ ବିମୂର୍ତ୍ତ ନୁହେଁ-ତାହା ସଦାବେଳେ ମୂର୍ତ୍ତ, ନିର୍ଦ୍ଦିଷ୍ଟ । ଏବର ସେଇ ସତ୍ୟ ମୂର୍ତ୍ତ, ନିର୍ଦ୍ଦିଷ୍ଟ ବାସ୍ତବତା ଆମର ଯୁଗ ଯୁଗର ବଦ୍ଧମୂଳ ଚିନ୍ତା ଓ ସ୍ୱାର୍ଥ ସହିତ ଖାପ ଖାଏନାହିଁ । ବିରୋଧ କରେ । ତେଣୁ ଆମେ ତାର ବିରୋଧ କରୁ । ତାକୁ ଏଡ଼ିଦେଇ ଯିବାକୁ ଚାହୁଁ । ତଦ୍ୱାରା ସାହିତ୍ୟର ମୂଳ ଆତ୍ମା ଓ ମର୍ମକୁ ଏଡି ଦିଆଯାଏ, ଯାହାର ପରିଣତି ହୁଏ କାହାପାଇଁ ବା କଅଣ ଲେଖିବାକୁ ହେବ ବୁଝିପାରୁନା ।

ଦୃଷ୍ଟାନ୍ତ ସ୍ୱରୂପ ମାନବିକତା-ତାହା ମୁଖ୍ୟତଃ ମଣିଷ ସହ ମଣିଷର ସମ୍ପର୍କ ଦ୍ୱାରା ପରିଚିତ । ମଣିଷ ସହ ମଣିଷର ସେଇ ସମ୍ପର୍କ ଖାଦ୍ୟ ଖାଦକର ସମ୍ପର୍କ ହେବ, କି ଭାଇବନ୍ଧୁ ସାଥୀ ସୋଦରର ସମ୍ପର୍କ ହେବ, ତାହା କଣ ସାହିତ୍ୟର ବିଚାର୍ଯ୍ୟ ବିଷୟ ନୁହେଁ ? ଏହାରି ଉପରେ ନିଜର ରାୟ ଅନୁସାରେ ସାହିତ୍ୟ ପକ୍ଷଭୁକ୍ତ । ନିଜର ମାନବିକତାର ପରିଚୟ ଦିଏ । ସାହିତ୍ୟ ଆରମ୍ଭରୁ ଦ୍ୱିତୀୟ ବିଷୟଟିକୁ ଆପଣାର କରିବାର ଚେଷ୍ଟାକରିଆସୁଛି । ତାର ଜୟଗାନ କରେ । ସେଇ ଚିରନ୍ତନ ସତ୍ୟ, ମାନବିକ ବିକାଶର ବର୍ତ୍ତମାନ ପର୍ଯ୍ୟାୟରେ ଅତି ନିର୍ଦ୍ଦିଷ୍ଟ ରୂପରେ ଉପସ୍ଥିତ । ବର୍ତ୍ତମାନ ବାସ୍ତବ ଚିତ୍ର ହେଲା– ଏକ ଦିଗରେ ଅତି ବିକଟାଳ ଧ୍ୱଂସ, ଅନ୍ୟ ଦିଗରେ ସେହିପରି ଏକ ବିରାଟ ବରାଭୟ । ଦୁନିଆଟା ଆଜି ଅତି ଉଲଗ୍ନ ଭାବେ ଶାନ୍ତି ଓ ଯୁଦ୍ଧ, ସୃଷ୍ଟି ଓ ସଂହାର, ଜୀବନ ଓ ମୃତ୍ୟୁ ଏଇ ଦୁଇ ଖଣ୍ଡରେ ବିଭକ୍ତ । ସେଠି ନିରପେକ୍ଷତାର ସ୍ଥାନ ନାହିଁ । କେତେ ଅବକ୍ଷୟ ଘଟିଲେ ମଣିଷତାର ସମସ୍ତ ମଣିଷଜାତି, ତାର ଯୁଗଯୁଗର ସୃଷ୍ଟି ସଭ୍ୟତା ଓ ଜନ୍ମଦାତ୍ରୀ ଏଇ ଧରିତ୍ରୀକୁ ପୋଡ଼ି, ଜାଳି ଧ୍ୱଂସ କରିବା ଦିଗରେ ଉଦ୍ୟମକରେ, ଏହାର ବିଚାର ନ କରି ସାହିତ୍ୟ କଣ ନିଜର ମାନବିକତାର ଲକ୍ଷ୍ୟ କେବେହେଲେ ପୂରଣ କରିପାରିବ ? ନିଜର ଅନ୍ତରାତ୍ମାକୁ ଉନ୍ମୁକ୍ତ ଓ ବିକଶିତ କରିପାରିବ ?

ଅନ୍ୟ ଦିଗରେ ସେମିତି ସୃଷ୍ଟି ଓ ଜୀବନ, କେତେଦୂର ସଜୀବ ସୃଜନ ଶୀଳ ହେଲେ

Digitized by srujanika@gmail.com

ତା ଭୂମିଷ୍ଠ ହେବା ସହିତ ତାର କୁଆଁ କୁଆଁ ଡାକ ଶାନ୍ତିର ଆହ୍ୱାନର ଝଂକୁରିତ ହୁଏ (ସୋଭିଏତ ବିପ୍ଳବରେ,ଲେନିନଙ୍କ ପ୍ରଥମ ଇସ୍ତାହାର ହେଉଛି ଶାନ୍ତିର ଇସ୍ତାହାର), ତାର ବିକାଶରେ ମଣିଷର ପରାଧୀନତାର ଶୃଙ୍ଖଳ ଭାଜିପଡ଼େ, ତାହା ନିଜେ ଅମୋଘ ଅସ୍ତ୍ରର ଅଧିକାରୀ ହୋଇ ସୁଦ୍ଧା ପୂର୍ଣ୍ଣ ନିରସ୍ତ୍ରୀକରଣ ଡାକଦିଏ, ନିଜେ ପରମାଣୁ ଯୁଦ୍ଧ ବିପଦର ସମ୍ମୁଖୀନ ହେଲେ ବି, ନିଜେ ପରମାଣୁ ଅସ୍ତ୍ର ଆଗ ନିକ୍ଷେପ ନକରିବ ବୋଲି ନିଜଆଡୁ ଏକତରଫା ଘୋଷଣା କରେ, ଏବଂ ଶେଷରେ ନିଜ ଦେଶରେ ମଣିଷ ସହ ମଣିଷର ସେଇ (-ଭାଇ, ବନ୍ଧୁ ସାଥି ସହୋଦର) ସମ୍ପର୍କକୁ ମାନବିକ ସମ୍ପର୍କରେ ରୂପାୟିତ କରିବା ସଙ୍ଗେ ସଙ୍ଗେ ଦୁନିଆର ସମସ୍ତ ମାନବ ଜାତିକୁ ନିଜର ଭାଇବନ୍ଧୁର ଆସନ ପ୍ରଦାନ କରେ, ସେମାନଙ୍କୁ ପରମାଣୁ ଯୁଦ୍ଧ ଧ୍ୱଂସ ମୁହଁରୁ ରକ୍ଷା କରିବା ପାଇଁ ଶାନ୍ତିର ଅବିଶ୍ରାନ୍ତ ଅଭିଯାନ ଚଳାଏ, – ସାହିତ୍ୟଏ ସବୁକୁ ବିଚାରକୁ ନ ନେଇ କଣ କେବେହେଲେ ନିଜର ମହତ ଉଦ୍ଦେଶ୍ୟ ସାଧନ କରିପାରେ ? ନିଜର ମୂଲ୍ୟବୋଧକୁ ପ୍ରତିଷ୍ଠିତ, ସୌନ୍ଦର୍ଯ୍ୟବୋଧ କୁ ପ୍ରସ୍ଫୁଟିତ କରିବାରେ ତାହା କଣ କେବେହେଲେ ସକ୍ଷମ ହେବେ ।

ସାହିତ୍ୟ ପ୍ରତି ଏହାର ତାତ୍ପର୍ଯ୍ୟ କେବଳ ଏତିକିରେ ସୀମିତ ନୁହେଁ । ପୁରାଣ ଯୁଗରେ ସାହିତ୍ୟ ଦେବାସୁରଙ୍କର ଯୁଦ୍ଧ ଭଳି ଯେତେ ଯେତେ ଅଦ୍ଭୁତ କଳ୍ପନା କରିଛି, ଇତିହାସରେ ଯେତେ ସବୁ ଯୁଦ୍ଧର ବିବରଣୀ ଲିପିବଦ୍ଧ, ଶେଷରେ ସବୁଠାରେ ଶାନ୍ତି ଆସୁଛି ସେଇ ଯୁଦ୍ଧ, ହିଂସା ରକ୍ତପାତ ଉପାୟରେ । କିନ୍ତୁ ସେଇ ଶାନ୍ତି, ଦେବତା, ଅସୁର ବା ମାନବ କାହାରି କ୍ଷେତ୍ରରେ, ସ୍ୱର୍ଗ, ମର୍ତ୍ତ, ପାତାଳ ଯେଉଁଠି କସ୍ମିନକାଳେ, ଯୁଦ୍ଧ, ହିଂସା ରକ୍ତପାତକୁଦୂର କରିବାରେ ସମର୍ଥ ହୋଇନାହିଁ । କାରଣ ତାହା ହେଉଛି ଯୁଦ୍ଧ ଦ୍ୱାରା ଶାନ୍ତି ହିଂସା ଦ୍ୱାରା ହିଂସାର ନିବାରଣ । ହତ୍ୟା ଦ୍ୱାରା ହତ୍ୟାର ବିଲୋପ । ତେଣୁ ତା ଡାକି ଆଣିଛି ଅଧିକରୁ ଅଧିକ ଯୁଦ୍ଧ, ନାହିଁ ନଥିବା ଅଧିକ ହିଂସା ରକ୍ତପାତକୁ, ଯାର ପରିଣତି ହେଉଛି ବର୍ତ୍ତମାନ ସେଇ ବିଶ୍ୱବ୍ୟାପୀ ପରମାଣୁ ଯୁଦ୍ଧର ପ୍ରସ୍ତୁତି ।

ତେଣୁ ସେହି କରାଳ ଶକ୍ତିକୁ ପରାସ୍ତ କରିବା ପ୍ରତ୍ୟେକ ଲୋକର ସର୍ବପ୍ରଥମ କର୍ତ୍ତବ୍ୟ । ସାହିତ୍ୟିକକୁ ସେଇଥିଲାଗି ପ୍ରତ୍ୟେକ ପ୍ରାଣରେ ସେହି ମାନବିକ ଭାବ ଜାଗ୍ରତ ଓ ସଞ୍ଚାରିତ କରିବାକୁ ହେବ । ସେହି ମାନବିକ ଶକ୍ତିର ମିଳନ, ଦେବତାମାନଙ୍କ ସମସ୍ତ

Digitized by srujanika@gmail.com

ଶକ୍ତିର ମିଳନ ଅପେକ୍ଷା ଅଧିକ ଶ୍ରେଷ୍ଠ, ବଳିଷ୍ଠ ଓ ମହାୟାନ, ଏବଂ ପୁଣି ତା ହେଉଛି ଶାନ୍ତିପୂର୍ଣ୍ଣ ଉପାୟରେ ବିଶ୍ୱ ଶାନ୍ତିର ପ୍ରତିଷ୍ଠା ଚିରଦିନ ପାଇଁ । ଯାହାକି ଦେବତାମାନେ ସୁଦ୍ଧା କରିବାରେ ସମର୍ଥ ନୁହନ୍ତି । ଯେହେତୁ, ସେମାନେ ଦେବତା । ମାନବିକ ଗୁଣର ଅଧିକାରୀ ନୁହନ୍ତି, ମାନବିକତାଶୂନ୍ୟ ।

ଅତଏବ, ସାହିତ୍ୟ ଆଗରେ ଆଜିର ପ୍ରଶ୍ନ ତାହା ମଣିଷକୁ କେଉଁ ଭୂମିକା ଅର୍ପଣ କରିବ ? – ଡାକୁ, ଖୁନୀ, ଆତତାୟୀ, ମାନବ ଓ ମାନବତାର ହତ୍ୟାକାରୀର ଭୂମିକାରେ ଠିଆ କରିବ, ନା ତା ଲାଗି ଭାଇ, ବନ୍ଧୁ ସାଥୀ ସହୋଦରର ସମ୍ପର୍କ – ମାନବିକତାର ଭୂମିକା ସୃଷ୍ଟି କରିବ ?

ବିଶ୍ୱ ଶାନ୍ତି ଦିଗରେ ସାହିତ୍ୟର ସେଇ ପ୍ରଚେଷ୍ଟା, ମାନବିକତାର କି ଯେ ବିସ୍ଫୋରଣ ସୃଷ୍ଟି କରିବ ତା ଏବେ ସୁଦ୍ଧା ସାହିତ୍ୟର କଳ୍ପନାତୀତ । ପରମାଣୁ ବିସ୍ଫୋରଣରେ ଦୁନିଆ ଧ୍ୱଂସ ହେବ, ନା ମାନବିକତାର ବିସ୍ଫୋରଣରେ ତାହା ମହାମାନବିକତାର ରୂପ ଧାରଣ କରିବାରେ ଅଗ୍ରସର ହେବ, ତାର ରୋକଠୋକ ଉତ୍ତର ସାହିତ୍ୟକୁ ଦେବାକୁ ପଡ଼ିବ । ଭୟ, ଭ୍ରାନ୍ତି, ସନ୍ଦେହ , ସଂକୀର୍ଣ୍ଣତା, ସ୍ୱାର୍ଥପରତା, ନିଃସଙ୍ଗତା ନୃଶଂସତା ଓ ଅନ୍ୟ ପ୍ରତି ଉଦାସୀନତା ମନୋଭାଗ ଆଦି, ଯେତେ ଅଣମାନବିକ ଗୁଣ, ଯାହା ବିରୁଦ୍ଧରେ ସାହିତ୍ୟ ଆଜନ୍ମରୁ ଡାକ ଦେଇ ଆସିଛି– ଯେଉଁଥିରୁ ତା ଏପର୍ଯ୍ୟନ୍ତ ନିଜକୁ ସୁଦ୍ଧା ମୁକ୍ତ କରିପାରିବ ନାହିଁ. – ମାନବିକତାର ସେଇ ବିସ୍ଫୋରଣ କିନ୍ତୁ ସେ ସବୁକୁ ଚିରଦିନ ପାଇଁ ଲୋପ କରିଦେବ ।

ଅନ୍ୟଦିଗରେ ମଣିଷ ପ୍ରତ୍ୟେକଟି ନିର୍ଦ୍ଦିଷ୍ଟ ଅଣମାନବିକ ଭାବ-ଧାରଣା, ଆଚାର, ବ୍ୟବହାର ଓ ମନୋଭାବ ବିରୁଦ୍ଧରେ ପ୍ରତ୍ୟେକ କ୍ଷେତ୍ରରେ ନିର୍ଭୀକ ଭାବେ ଅଗ୍ରସର ହେବା ହେଉଛି ଆଜି, ସେଇ ମାନବିକତାର ବିସ୍ଫୋରଣ ସୃଷ୍ଟି କରିବା ଦିଗରେ ପ୍ରସ୍ତୁତିର ପ୍ରକ୍ରିୟା । ବିନ୍ଦୁ ବିନ୍ଦୁ ଜଳ ମିଶି ସାଗର ସୃଷ୍ଟି ହେଲାଭଳି, ପ୍ରତ୍ୟେକଟି ପ୍ରାଣର ସେଇ ମାନବିକ ଭାବର ସଂମିଶ୍ରଣରେ ସୃଷ୍ଟି ହେବ ମାନବିକତାର ଏକ ଅସୀମ ଅଗାଧ ପାରାବାର ।

ଏ ପର୍ଯ୍ୟନ୍ତ ମଣିଷ କେବଳ ଏଇ ଧରଣୀ ବକ୍ଷରେ ଠିଆ ହୋଇଥିଲା, ସେ ପୃଥିବୀକୁ ଦେଖୁଥିଲା ଖଣ୍ଡିତ ଭାବେ – ବିଭିନ୍ନ ଦେଶ, ରାଜ୍ୟ ଓ ଅଞ୍ଚଳ ଭାବେ । ସେମିତି ସମଗ୍ର

Digitized by srujanika@gmail.com

ମଣିଷ ଜାତିକଥା କହିଲା ବେଳେ ତାହା ଥିଲା କେବଳ ତାର ଏକ କଳ୍ପନାର ବିଷୟ କହି କାର୍ଯ୍ୟତଃ ତାହା ଥିଲା ବିଭିନ୍ନ ଜାତି, ଉପଜାତି, ବର୍ଣ୍ଣ, ଧର୍ମରେ ବିଭକ୍ତ ।

ସେ କେବେହେଲେ ଏ ପୃଥିବୀକୁ ଗୋଟିଏ ରୂପରେ ଦେଖିନାହିଁ, କି ମଣିଷ ଜାତିକୁ ବାସ୍ତବରେ ଗୋଟାଏ ଭାବେ ଭେଟିନାହିଁ । ଏବେ କିନ୍ତୁ ସେ ଅବସ୍ଥା ପୂରାପୂରି ବଦଳି ଯାଇଛି । ମଣିଷ ଆଜି ମହାକାଶଚାରୀ, ମହାକାଶରେ ପ୍ରତିଦିନ ଛୁଟି ଚାଲିଛି ତାର ଅନ୍ତରୀକ୍ଷର ଯାନ । ସେଠାରେ ସେ ତାର ସ୍ଥାୟୀ ଆସ୍ଥାନ ରଚନା କଲାଣି । ଅଚିରେ ସେଠି ଏକ ନୂତନ ପୃଥିବୀ ଗଢ଼ିବାରେ ସମର୍ଥ ହେବ । ମଣିଷ ମହାକାଶରୁ ସେ ଆମର ଏ ପୃଥିବୀକୁ ଆଉ ଆଂଶିକ ଭାବେ ଦେଖେ ନାହିଁ, ତାକୁ ଦେଖେ କେବଳ ସମଗ୍ର ଗୋଟାଏ ଭାବେ । ତା ଆଗରେ ସେଠି ପୃଥିବୀଟା ପୂର୍ବଭଳି ବିଭିନ୍ନ ଜାତି, ବର୍ଣ୍ଣର ଲୋକ ନୁହେଁ । ଯେବେ ଅନ୍ୟ କୌଣସି ଗ୍ରହ, ନକ୍ଷତ୍ରରୁ କୌଣସି ଜୀବନ ଆସି ମଣିଷକୁ ସେଠି ଭେଟିବ,ସେ ତାକୁ ଗ୍ରହଣ କରିବ ପୃଥିବୀର ଲୋକ ହିସାବରେ, ସମଗ୍ର ମଣିଷ ଜାତିର ପ୍ରତିଭୂ ରୂପରେ ।

ଆଜିର ବାସ୍ତବତା ପୃଥିବୀକୁ, ମଣିଷ ଜାତିକୁ, ଗୋଟାଏ କରିଦିଏ । ଯାହା ଦିନେ ସାହିତ୍ୟର କଳ୍ପନାରେ ଥିଲା ତାହା ଆଜି ବାସ୍ତବରେ ରୂପାୟିତ ହୁଏ । ସାହିତ୍ୟ ଯଦି ମହାକାଶଚାରୀ ହୁଏ – ଯାହାକି ସେ ନିଶ୍ଚୟ ହେବ,- ସେ ସ୍ୱଚକ୍ଷୁରେଦେଖିବ ତା ପୃଥିବୀ କେଉଁ କ୍ଷୁଦ୍ର କେତେ ସୁନ୍ଦର, ତା ଲାଗି କେତେ ଅନୁରାଗୀ । ସେ ଅନ୍ତରୀକ୍ଷରୁ ଆହରଣ କରିବ ପୃଥିବୀ ଗୋଟାକର ଶୋଭା ଓ ତାର ସୌନ୍ଦର୍ଯ୍ୟ; ଅନୁଭବ କରିବ ସମସ୍ତ ମଣିଷ ଜାତିର କୃତିତ୍ୱ ଓ ମହତ୍ତ୍ୱ, ଆଉ ସ୍ୱତଃ ନିର୍ଝରିତ ହେବ ସାହିତ୍ୟ ପ୍ରାଣର ପ୍ରଶୁପ୍ତ ସଞ୍ଜିବନୀର ନିର୍ଝର । ସେ ଦେଖିବ ତାରାଙ୍କ ଭଳି ପୃଥିବୀ ତାର ଜୁଳୁଜୁଳୁ କରି ଅନାଏ, ଟିପିଟିପି ହୋଇ ହସେ, ଆଉ ତାର ସେହି ଆକର୍ଷଣ ସୃଷ୍ଟି କରିବ ତା ପ୍ରାଣରେ ନୈସର୍ଗିକ ଆବେଗର ଜୁଆର । ଯେଉଁ ମଣିଷ ଏତେକାଳ ଧରି ତାର ମା' ଏଇ ଧରିତ୍ରୀ ଉପରେ ନିଜର ସବୁପ୍ରକାର ଅଳି ଅଦୌତି ଓ ଦୌରାତ୍ମ୍ୟ ସୃଷ୍ଟିକରି ଆସୁଛି, ସେ ଏବେ ପ୍ରକୃତି ସନ୍ତାନ ଭାବେ ଅର୍ପଣ କରିବ ନିଜର ସ୍ନେହ, ଶ୍ରଦ୍ଧା ଆଉ ସମ୍ମାନ । ନିଜର ମା' ପ୍ରତି କୌଣସି ସମାନ ଅନ୍ୟାୟ, ଅନାଚାରକୁ କେବେହେଲେ ବରଦାସ୍ତ କରିପାରିବ ନାହିଁ । ଏଇ ସବୁ ବାସ୍ତବତା ପ୍ରତି ସ୍ୱତଃସ୍ଫୂର୍ତ୍ତ ଆକର୍ଷଣ ଓ ସହଜାତ ଆବେଗରେ ହିଁ ସବୁସାହିତ୍ୟ ଓ ସାହିତ୍ୟିକ ପରାକାଷ୍ଠା ପରୀକ୍ଷିତ ।

Digitized by srujanika@gmail.com

ଏବେ ଯେତେବେଳେ ମଣିଷ ଅନ୍ତରୀକ୍ଷରୁ ଆମକୁ ନିରୀକ୍ଷଣ କରେ, ଆମେ ଓଡ଼ିଆ ସାହିତ୍ୟରେ ଅଗ୍ରଗତିର ଡାକରା ଦେଉ । କିନ୍ତୁ ୯ରକା କବାଟ କିଳି ସାହିତ୍ୟ ରଚନା କରୁ । ପରମାଣୁ ଯୁଦ୍ଧର ବିପଦ, ଯେତେବେଳେ ମଣିଷ ଜାତିକୁ ଧ୍ୱଂସ କରିବାକୁ ଉଦ୍ୟତ, ସେତେବେଳେ ଆମେ ଓଡ଼ିଆ ସାହିତ୍ୟରେ ବହୁପ୍ରକାର ମୂଲ୍ୟବୋଧର ଆଲୋଚନା କରୁ, କିନ୍ତୁ ନିର୍ଦ୍ଦିଷ୍ଟ ବକ୍ତବ୍ୟ ଖୋଜି ପାଉନା । ସେହିପରି ରାଜ୍ୟର ଉନ୍ନୟନ ଯୋଜନା ଭିତରେ ଦାରିଦ୍ର୍ୟ ସୀମାତଳେ ପଡ଼ିଥିବା ଲୋକଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଇ(ଷଷ୍ଠ ଯୋଜନା ଚିଠାରେ) ଶହେକେ ୮୮ରେ ପହଞ୍ଚିଲାବେଳେ ଲୋକଙ୍କ ପ୍ରାଣରେ ପୁଲକ ଓ ସମାଜରେ ବିକାଶ ପ୍ଲାବନ ସୃଷ୍ଟିର ଲକ୍ଷ୍ୟ ନେଇ, ଆମର ସାହିତ୍ୟ କାହା ପାଇଁ ଲେଖିବ ବୁଝିପାରେନା । ଏହା ଅର୍ଥ ସତ୍ୟକୁ ଆମେ ନିର୍ଦ୍ଦିଷ୍ଟ ଭାବେ ଦେଖିବାକୁ ଚାହୁଁନା । ସତ୍ୟ ପ୍ରତି ଦୃଷ୍ଟିକୁ ନିର୍ଦ୍ଦିଷ୍ଟ କରିବା ଦ୍ୱାରା ହିଁ ନିର୍ଦ୍ଦିଷ୍ଟ ବକ୍ତବ୍ୟ ସ୍ୱତଃ ଆତ୍ମପ୍ରକାଶ କରେ । ସେଠି କାହାପାଇଁ ଲେଖିବୁ ପ୍ରଶ୍ନର ଅବକାଶ ରହେନାହିଁ । ତାହା ପ୍ରକାଶ ଲାଗି ଅବଶ୍ୟ ଯେଉଁ ନିଷ୍ଠା ଓ ନିର୍ଭୀକତା ଆବଶ୍ୟକ, ତାହା ହାସଲ କରିବାକୁ ହେବ ।

❑

Digitized by srujanika@gmail.com

ସାହିତ୍ୟ-ସମାଲୋଚନାର ଉତ୍ତର

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସାଧାରଣ ସାଧୁତା ଏବଂ ସାମ୍ବାଦିକ ଶାଳୀନତାର ଅଭାବର ଶୀକାର ହୋଇ ଏହା ଲେଖୁଛି । ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ, ଭାରତୀୟ ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶିତ "ସମସାମୟିକ ଭାରତୀୟ ସାହିତ୍ୟ"ରେ ଓଡ଼ିଆ ସାହିତ୍ୟ ସମ୍ପର୍କରେ ଶ୍ରୀଯୁକ୍ତ ମାୟାଧର ମାନସିଂହଙ୍କ ଏକ ପ୍ରବନ୍ଧ ପ୍ରକାଶ ପାଇଲା । ସେ ପ୍ରବନ୍ଧର ମୋର ଏକ ସମାଲୋଚନା 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା । ତା' ପରେ ଶ୍ରୀଯୁକ୍ତ ମାନସିଂହଙ୍କ ସଂପାଦିତ 'ଝଙ୍କାର'ରେ ଉକ୍ତ ସମାଲୋଚନାର ଏକ ଦୀର୍ଘ ଉତ୍ତର ପ୍ରକାଶ ପାଇଲା । ତେଣୁ ସେ ବିଷୟରେ ମୋର ଯାହା ବକ୍ତବ୍ୟ, ତାହା ସାଧାରଣ ଭଦ୍ରତା ଖାତିରିରେ ସେହି 'ଝଙ୍କାର'କୁ ପଠାଇଲି । ୪/୫ ମାସ ପ୍ରାୟ ବିତିଗଲେ ମଧ୍ୟ ତାହା ଝଙ୍କାରରେ ପ୍ରକାଶ ପାଇଲା ନାହିଁ । ଲେଖାଟି ଫେରସ୍ତ ଆଣିବା ଲାଗି ମୋର ଲୋକ ବାରମ୍ବାର ଝଙ୍କାର ଅଫିସକୁ ଦଉଡ଼ି ଦଉଡ଼ି ଫେରିଲେ । ମୁଁ ମଧ୍ୟ ଫେରସ୍ତଲାଗି 'ଝଙ୍କାର' ସମ୍ପାଦକଙ୍କ ପାଖକୁ ୩ ଖଣ୍ଡ ଚିଠି ଦେଲି । କୌଣସି ଉତ୍ତର ମିଳିଲା ନାହିଁ । ଶେଷରେ ୩/୮/୫୮ ରେ ମୁଖ୍ୟ ସଂପାଦକ ଡକ୍ଟର ମହତାବଙ୍କୁ ମଧ୍ୟ ତାହା ଜଣାଇଲି । ଲେଖା ଫେରସ୍ତ ବା ଚିଠିର ଉତ୍ତର ତ ଦୂରର କଥା, ମୂଳରୁ ଚିଠିର ପ୍ରାପ୍ତି ସ୍ୱୀକାର ମଧ୍ୟ ହେଲା ନାହିଁ । ଶୁଣିବାକୁ ପାଇଲି ଯେ, ଲେଖାଟି 'ଝଙ୍କାର' ଫାଇଲରୁ ଯାଇ ଜଣେ ସଂପୃକ୍ତ ସମ୍ପାଦକଙ୍କ ପାଖରେ ଗଚ୍ଛିତ ଅଛି । ଏହିପରି କିଛିଦିନ ଗଡ଼ିଗଲେ, ସେ ଲେଖାର ଆଉ ଆବଶ୍ୟକତା ରହିବ ନାହିଁ ଏବଂ ଉକ୍ତ ଆଲୋଚନା ମଧ୍ୟ ଲୋକେ ଭୁଲିଯିବେ, ଏ ଆଶାରେ ବୋଧେ ତାକୁ ରଖିଦିଆ ହୋଇଥିଲା । ଏହା

Digitized by srujanika@gmail.com

ସାହିତ୍ୟ ଆଲୋଚନାର ସୁସ୍ଥ ଲକ୍ଷଣ ନୁହେଁ, ତେଣୁ ଶେଷରେ 'ଡଗର'ର ଦ୍ୱାରସ୍ଥ ହେଲି ନ୍ୟାୟର ଆଶା ରଖି-ବର୍ତ୍ତମାନ ପୁଣି ଥରେ ଲେଖିବାକୁ ପଡୁଥିବାରୁ କେତେକ କ୍ଷେତ୍ରରେ ମୂଳ ଲେଖାଠାରୁ ଏହା ଛାଡ଼ରା ହୋଇଯାଇପାରେ ।

ସମାଲୋଚନାର ଉତ୍ତରରେ ଶ୍ରୀଯୁକ୍ତ ମାନସିଂହଙ୍କ ବକ୍ତବ୍ୟ ହେଉଛି ତାଙ୍କର ଓଡ଼ିଆ ସାହିତ୍ୟ ସମ୍ପର୍କରେ ଲିଖିତ ପ୍ରବନ୍ଧଟି "ସମସାମୟିକ ଓଡ଼ିଆ ସାହିତ୍ୟର ଯଥାର୍ଥ ଅବଧାରଣାର ଚେଷ୍ଟା" .... "ସମାଲୋଚକ ନିକିତିରେ ଏକ ଖାଣ୍ଟି ସାହିତ୍ୟର ତଉଲ," ଓଡ଼ିଆ ସାହିତ୍ୟର ଏକ ଯଥାର୍ଥ ଏଷ୍ଟିମେଟ୍ ବା ସେହି ଲକ୍ଷ୍ୟରେ ଏକ ଅକପଟ ଚେଷ୍ଟା"..... "ସାହିତ୍ୟର" "ଐତିହାସିକ ବିଚାର" ଦୃଷ୍ଟିରୁ ଉକ୍ତ ପ୍ରବନ୍ଧଟି ଲିଖିତ । "ସ୍ତୁତି କରିବାର" ତାଙ୍କର "ଉଦ୍ଦେଶ୍ୟ ନୁହେଁ" କି ନିନ୍ଦା କରିବାର ତାଙ୍କର ଲକ୍ଷ୍ୟ ନୁହେଁ," ...... ତେଣୁ ତାହା ଏକ "ଖାଣ୍ଟି ନିରପେକ୍ଷ ସମାଲୋଚନା" ଦଳମତ ନିର୍ବିଶେଷରେ "ଏକ ଓ୍ୱାଜିବ କଥା ।"

ଡକ୍ଟର ମାନସିଂହଙ୍କ ଲେଖାଟି କେତେଦୂର ଖାଣ୍ଟି ଓ ଓ୍ୱାଜିବ୍ ତାହା ତାଙ୍କ ଛଡ଼ା ଅନ୍ୟ କେହି ଏପର୍ଯ୍ୟନ୍ତ କହିବାକୁ ସାହାସ କରି ନାହାନ୍ତି । ସେ ସମ୍ପର୍କରେ ଭାରତୀୟ ସାହିତ୍ୟ ଏକାଡ଼େମୀ ସମ୍ପାଦକଙ୍କର ଯେଉଁ ସାର୍ଟିଫିକେଟ୍ ଉଦ୍ଧାର କରିଛନ୍ତି, ସେଥିରେ ତ କୌଣସି ଓ୍ୱାଜିବର ସୂଚନା ନାହିଁ ବରଂ ସେପରି ସାର୍ଟିଫିକେଟ୍ ଯେ କୌଣସି ଅଣଓଡ଼ିଆ ଲୋକ, ଯେ କୌଣସି ଓଡ଼ିଆ ଲୋକକୁ ଦେଇପାରେ । ଯା' ହେଉ ସମାଲୋଚନା ଫଳରେ, ସେ ତାଙ୍କ ତ୍ରୁଟିକୁ ପରୋକ୍ଷ ଭାବେ ଗ୍ରହଣ କଲେ ମଧ୍ୟ ବହୁ କୈଫିୟତ ଭିତରେ ତାକୁ ଉଡ଼ାଇ ଦେବାକୁ ଅନବରତ ଉଦ୍ୟମ କରିଛନ୍ତି । ତେଣୁ ତାଙ୍କର ମୂଳପ୍ରବନ୍ଧରେ କୌଣସି ପ୍ରକାର ପରିବର୍ତ୍ତନର ଆବଶ୍ୟକତା ଉପଲବ୍ଧି କରି ନାହାନ୍ତି । ଫଳରେ ତାଙ୍କ ଲେଖା ଓ କୈଫିୟତ କେତେକ କ୍ଷେତ୍ରରେ ପରସ୍ପର ବିରୋଧୀ ।

ତାଙ୍କର ମୁଖ୍ୟ ଅଭିଯୋଗ ହେଲା-ତାଙ୍କ ଲେଖାକୁ ସଂଗତିହୀନ ଭାବେ ଉଦ୍ଧାର କରାଯାଇଛି । ତାଙ୍କର ବ୍ୟଞ୍ଜନା ଧରି ହୋଇନାହିଁ, ଏପରିକି ତାଙ୍କ ଇଂରାଜୀ ଶବ୍ଦର ଅର୍ଥ ବୁଝିପାରି ନାହିଁ । ଶେଷରେ ତାଙ୍କ ପ୍ରତି ଅଭିସନ୍ଧିମୂଳକ ଷଡ଼ଯନ୍ତ୍ର ହୋଇଛି ବୋଲି ତାଙ୍କର ଅଶଙ୍କା । ପଦେ କଥାରେ କହିଲେ ଏସବୁ ଅଭିଯୋଗ ଅସତ୍ୟ ଓ ଭିତ୍ତିହୀନ ।

Digitized by srujanika@gmail.com

ଅତି ଦୁଃଖର ବିଷୟ ଯେ ଏ ସମାଲୋଚନାକୁ ଆକ୍ରମଣ ଭାବେ ସେ ଗ୍ରହଣ କରିଛନ୍ତି । ତାକୁ "ଉପଭୋଗ୍ୟ" ବୋଲି କହି, ଚତୁର୍ଦ୍ଦିଗରୁ ଆକ୍ରମଣ କରିଛନ୍ତି । ନିଜକୁ ନିର୍ଭୁଲ ବୋଲି ପ୍ରମାଣିତ କରିବାକୁ ଯାଇ ନିଜର ଆତ୍ମଚରିତର ନଜିର ଦେଇଛନ୍ତି । ସମାଲୋଚନାର କୌଣସି ସ୍ଥଳରେ ଉଠି ନଥିବା "ବାମପନ୍ଥୀ ସାହିତ୍ୟ" "ବୁର୍ଜୁୟା ସାହିତ୍ୟ" ଆଦି କଥା ଉତ୍‌ଥାପନ କରି ଖୁଞ୍ଚା ମାରିଛନ୍ତି । ଶେଷରେ, 'ମସ୍କୋମତ କମ୍ରେଡ୍" "ହିଂସାତ୍ମକ ସାମ୍ୟବାଦ" "ରୁଷିଆର କନ୍‌ସେନ୍‌ଟ୍ରେସନ କ୍ୟାମ୍ପ," ଓ 'ଗୁଳି' ଇତ୍ୟାଦିରେ ଆଣି ପହଞ୍ଚିଛନ୍ତି । ଫଳରେ ତାଙ୍କ ଲେଖାଟି ଉତ୍ତର, ଆତ୍ମଚରିତ ଏବଂ ଆକ୍ରମଣ, ଏହିପରି ତିନି ଭାଗରେ ବିଭକ୍ତ ହୋଇପଡ଼ିଛି ।

ଏଠି ତାଙ୍କର ଆତ୍ମଚରିତ ନେଇ କିଛି କହିବାର ନାହିଁ. କାରଣ କବି ମାନସିଂହଙ୍କ ଜୀବନୀ ନୁହେଁ, ତାଙ୍କର ଏକ ନିର୍ଦ୍ଦିଷ୍ଟ ଲେଖାହିଁ ଆମର ଆଲୋଚ୍ୟ ବିଷୟ ତେଣୁ ସେ କେତେବେଳେ କ'ଣ କରିଛନ୍ତି, କହିଛନ୍ତି, ଭାବିଛନ୍ତି, କାହାକୁ କେମିତି ନିର୍ଭୀକ ଭାବେ "ଭର୍ତ୍ସନା" କରିଛନ୍ତି, କିପରି ଅନ୍ୟାୟ ବିରୁଦ୍ଧରେ ଦମ୍ଭର ସହିତ ଛିଡ଼ା ହୋଇଛନ୍ତି ଓ ତାର ପ୍ରମାଣ ଲାଗି ସ୍ୱର୍ଗତଃ ଆତ୍ମାକୁ ସାକ୍ଷୀ ମାନିଛନ୍ତି; ଏସବୁ ବର୍ଣ୍ଣନା ଦ୍ୱାରା ଲେଖକଙ୍କ ଆତ୍ମବିଜ୍ଞାପନ ଘଟିପାରେ; କିନ୍ତୁ ତଦ୍ୱାରା ଆମ ଆଲୋଚ୍ୟ ପ୍ରବନ୍ଧର ଗୋଟିଏ ଅକ୍ଷରସୁଦ୍ଧା ଏପାଖ ସେପାଖ ହେବ ନାହିଁ । କବିର ଜୀବନୀ ଦ୍ୱାରା ତା'ର ଲେଖାର ବିଚାର ହୁଏ ନାହିଁ । ସବୁ ଯୁଗରେ କବିର ଜୀବନୀ ଅପେକ୍ଷା ତା'ର ଲେଖା ହିଁ ମହତ । ତେଣୁ ସାଧାରଣଲୋକ କବିର ଲେଖାକୁ ଅନୁସରଣ କରେ, ତାର ଜୀବନୀକୁ ଆଦର୍ଶ କରେ ନାହିଁ । ଏପରି କି ବ୍ୟାସ ଓ କାଳିଦାସଙ୍କ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ । ସେ ପ୍ରକାର ଚର୍ଚ୍ଚା ଆଶୋଭନୀୟ । ଶ୍ରୀଯୁକ୍ତ ମାନସିଂହ ଉଚିତ ମନେ କଲେ ବି ଅନ୍ୟାମାନଙ୍କ ପକ୍ଷରେ ଏହା ଅସୁନ୍ଦର ।

ଶ୍ରୀଯୁକ୍ତ ମାନସିଂହଙ୍କ ଆକ୍ରମଣ ଏହା ଦୁଇ ଭାଗରେ ବିଭକ୍ତ । ଗୋଟିଏ ସାହିତ୍ୟ, ନୀତିଗତ, ଅନ୍ୟଟି ତାସଲ୍ୟପୂର୍ଣ୍ଣ, ବ୍ୟକ୍ତିଗତ । ଡକ୍ଟର ମାନସିଂହ ମୋର ରାଜନୈତିକ ମତବାଦ ଭଲ କରି ଜାଣନ୍ତି । ତେଣୁ ନିର୍ବାଚନ ବେଳେ ରାସ୍ତାକଡ଼ରେ କମ୍ୟୁନିଷ୍ଟଙ୍କ ବିରୁଦ୍ଧରେ ଯାହା ପ୍ରଚାର ହୁଏ, ଏଠାରେ ସାହିତ୍ୟାଲୋଚନା ବେଳେ ତାକୁ ହିଁ ପୁନରାବୃତ୍ତି କରିଛନ୍ତି ।

Digitized by srujanika@gmail.com

କମ୍ୟୁନିଜ୍‌ମର ଜନ୍ମଦିନୁ ସ୍ଥାନ କାଳ ନମାନି ଏମିତି ଏଲେ ଲୋକ କମ୍ୟୁନିଜିମ ବିରୋଧୀ ପ୍ରଚାରରେ ମାତିଛନ୍ତି । କିନ୍ତୁ କମ୍ୟୁନିଷ୍ଟ ଜାରାଭାନ୍‌ର ଗତି ବନ୍ଦ ହୋଇ ନାହିଁ ।

ଏଠାରେ ସେ ପ୍ରକାର ଆକ୍ରମଣ ବା ଲେଖକଙ୍କର ଅନ୍ୟ କାହାକୁ ସନ୍ତୋଷ କରିବା ଉଦ୍ଦେଶ୍ୟରେ ହୋଇପାରିଥାଏ ! ତେବେ ତଦ୍ୱାରା ତାଙ୍କର ଯୁକ୍ତି ଅଣୁମାତ୍ର ବଳିଷ୍ଠ ହେଉନାହିଁ । କାରଣ ଏଠି 'ରକ୍ଷ' ବା ହିଂସାତ୍ମକ ସାମ୍ୟବାଦ "ଆମର ବିଚାର୍ଯ୍ୟ ବିଷୟ ନୁହେଁ । ତେଣୁ ତାକୁ ଟାଣିଅଣି, ସେଥିଯୋଗୁ ଅନ୍ୟକୁ ଆକ୍ରମଣ କରିବା, ଏବଂ ତଦ୍ୱାରା ଉତ୍‌ଥାପିତ ସମାଲେଚନାକୁ ଖଣ୍ଡନ କରିବାକୁ ଉଦ୍ୟମ କରିବା, କେବଳ ଚପଳତା ନୁହେଁ, ନିଜର ଯୁକ୍ତି ଓ ମତଦୁର୍ବଳତାର ପରିଚୟ ଏବଂ ସୌଜନ୍ୟ-ଅଭାବର ପ୍ରମାଣ । ବ୍ୟକ୍ତିଗତ ସ୍ତରରୁ ନୀତିଗତ ସ୍ତରକୁ ଉଠିବାଦ୍ୱାରା ହିଁ କେବଳ ପ୍ରକୃତ ସମାଲୋଚନା ସମ୍ଭବପର । ସେ ବ୍ୟକ୍ତିଗତ ଆକ୍ରମଣ ଉଦ୍ଦେଶ୍ୟରେ କେତେକ ସମସ୍ୟାକୁ ଉଖାରିଛନ୍ତି । କିନ୍ତୁ ତାକୁ ସିଧାସଳଖ ସ୍ପଷ୍ଟ ଭାବେ ଉପସ୍ଥାପିତ କରି ସେ ବିଷୟର ଆଲୋଚନା ଦାବୀ କରି ନାହାନ୍ତି । ତା' ହେଉଛି ସାହିତ୍ୟରେ ଦୃଷ୍ଟିକୋଣ !

ଆବଶ୍ୟ ଏଠାରେ ଏହା ଆମର ବିଚାର୍ଯ୍ୟ ନୁହେଁ । ଆଉ ମଧ ନାନା ପ୍ରଶ୍ନ ଓ ଆକ୍ରମଣର ଆଳରେ ପ୍ରକୃତ ବିଷୟକୁ ଆଡ଼େଇ ଦେଇ ଯିବାର, ଏବଂ ଚିନ୍ତାଧାରାରେ ଆବିଳତା ଆଣିବାର ଯେଉଁ ପ୍ରଚେଷ୍ଟା ହୋଇଛି ତାକୁ ଅନୁସରଣ କରାଯାଇ ନ ପାରେ । ଏବେ ସେ ନୀତିଗତ ଆଲୋଚନା ପଛକୁ ରଖି ମୂଳ ପ୍ରବନ୍ଧ ଧରାଯାଉ ।

ଡକ୍ଟର ମାନସିଂହଙ୍କର ପ୍ରବନ୍ଧ ଘେନି ମୁଖ୍ୟ ସମାଲୋଚନା ହେଲା, ତାହା ବାସ୍ତବ ଭିତ୍ତି ଉପରେ ପ୍ରତିଷ୍ଠିତ ନୁହେଁ, ବ୍ୟକ୍ତିଗତ ଦୃଷ୍ଟି କୋଣରୁ ଲିଖିତ । ସେଥିରେ ସାହିତ୍ୟ ଇତିହାସ ବିକୃତ ହୋଇଛି, ଆହୁରି ଆକ୍ରୋଶ ଫୁଟିଉଠିଛି, ଅଭିସନ୍ଧି ଦେଖା ଦେଇଛି, ଦେଶପ୍ରେମ ଓ ଜାତୀୟତା ପରିତ୍ୟକ୍ତ ହୋଇଛି । ତାହା ସାଧାରଣ ସୁରୁଚି ଓ ଶାଳୀନତାକୁ ଲଂଘନ କରିଛି ।

ସେ ତାଙ୍କ ଲମ୍ବା ଉତ୍ତରରେ ଏସବୁକୁ ଅସ୍ୱୀକାର କରିଛନ୍ତି । ତାଙ୍କର ଯୁକ୍ତି ଓ ଜୀବନର ନିଜସ୍ୱ ବ୍ୟାଖ୍ୟା ଦ୍ୱାରା ତାକୁ ଅପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ଏ ବିଷୟରେ ତାଙ୍କର ବକ୍ତବ୍ୟ ଉପରେ ବର୍ଣ୍ଣନା କରାଯାଇଛି । ତେଣୁ ନିଜ ଲେଖାରେ ସେ କିଛି ପରିବର୍ତ୍ତନ

Digitized by srujanika@gmail.com

କରିବାକୁ ରାଜି ନୁହନ୍ତି । କେବଳ ମାତ୍ର "ବନ୍ଧ୍ୟା ଆତ୍ମକଥା" ଗାନ୍ଧୀ ଆନ୍ଦୋଳନ ଦ୍ୱାରା ପ୍ରଭାବିତ, ଏହି ଉଲ୍ଲେଖଯୋଗ୍ୟ କଥାଟି ଲେଖିବାକୁ ଭୁଲିଯାଇଛନ୍ତି ବୋଲି ଜଣାଇଛନ୍ତି ।

ଡକ୍ଟର ମାନସିଂହ ଲେଖିଛନ୍ତି, ସେ କେବେହେଲେ ସତ୍ୟବାଦୀ ସାହିତ୍ୟର ନିନ୍ଦା କରି ନ ପାରନ୍ତି ଏବଂ ସେ କେବେ କିପରି ଓ କେଉଁଠି ତା'ର ପ୍ରଶଂସା କରିଛନ୍ତି, ତାର ଏକ ଲମ୍ବା ତାଲିକା ଦେଇଛନ୍ତି । ଏଠାରେ ଏହାହିଁ କ'ଣ ପ୍ରଶ୍ନ ? ପ୍ରଶ୍ନ ହେଉଛି, ତାଙ୍କ ଲିଖିତ ନିର୍ଦ୍ଦିଷ୍ଟ ପ୍ରବନ୍ଧରୁ ଭାରତ ତଥା ଭାରତ ବାହାରର ପାଠକମାନେ ଓଡ଼ିଆ ସାହିତ୍ୟର କି ପରିଚୟ ପାଇବେ ? ପାଠକମାନେ ତ ଆଉ ସେଠି ସତକଥା ଜାଣିବା ପାଇଁ କବି ମାନସିଂଙ୍କ ଜୀବନବୃତାନ୍ତ ପଢ଼ିବାକୁ ପାଇବେ ନାହିଁ । ସେଠି ସେମାନେ ପଢ଼ିବେ ଗାନ୍ଧୀ ଆନ୍ଦୋଳନ, ଜାତୀୟ ଆନ୍ଦୋଳନ, ଓଡ଼ିଶାର ସାଂସ୍କୃତିକ କ୍ଷେତ୍ରରେ "ଶୂନ୍ୟତା" (Vacum) ସୃଷ୍ଟି ତା'ର (Disastrous effects) ଏ ପର୍ଯ୍ୟନ୍ତ ଦୂର ହୋଇପାରି ନାହିଁ ।

ଏ ଗାନ୍ଧୀ ଆନ୍ଦୋଳନ ହୋଇଥିଲା ୧୯୨୧ ସାଲରେ । ତା' ପରେ ସେ "ବନ୍ଧ୍ୟାତ୍ୱ" (sterile) ଘୁଞ୍ଚିଲା କେବେ ? ଯେତେବେଳେ ମହତାବଙ୍କ ଉପନ୍ୟାସ ଓ 'କମଳାୟନ' ପ୍ରକାଶ ପାଇଲା ଅର୍ଥାତ୍ ୧୯୪୭-୪୮ ସାଲରେ । ଏହାର ତାତ୍ପର୍ଯ୍ୟ ହେଲା ଏହି ୨୬/ ୨୭ ବର୍ଷ କାଳ ଧରି ଓଡ଼ିଶାରେ ଗାନ୍ଧି ଓ ଜାତୀୟ ଆନ୍ଦୋଳନର କୌଣସି ଉଲ୍ଲେଖଯୋଗ୍ୟ ଜାତୀୟ ଦେଶପ୍ରେମୀ ସାହିତ୍ୟ ସୃଷ୍ଟି ହେଲା ନାହିଁ ।

ତେବେ ଏ ଦୀର୍ଘ ସମୟ ଧରି ଆମର ଲେଖକମାନେ କଣ ଲେଖୁଥିଲେ ? ଜଗବନ୍ଧୁ ସିଂ, କୁନ୍ତଳାକୁମାରୀ, ଗୋଦାବରୀଶ ମହାପାତ୍ର, ନୀଳକଣ୍ଠ, କାଳିନ୍ଦୀ, ଗୋଦାବରୀଶ ମିଶ୍ର, ବାଞ୍ଛାନିଧି ବାବୁ, ଲକ୍ଷ୍ମୀକାନ୍ତ, ରାମପ୍ରସାଦ ସିଂ, କବି ବୀର କିଶୋର, ସଚ୍ଚି ରାଉତରାୟ, ଅନନ୍ତ ପଟ୍ଟନାୟକ, ନିତ୍ୟାନନ୍ଦ ମହାପାତ୍ର ଏହିପରି ବହୁକବି ଓ ଲେଖକମାନଙ୍କର ଲେଖାର ମୁଖ୍ୟ ବିଷୟବସ୍ତୁ କଣ ଥିଲା ? ସେ ସମୟ ଭିତରେ ଏମିତି କୌଣସି ଲେଖକ ନାହାନ୍ତି, ଯିଏ ଜାତୀୟ ଭାବ ଦ୍ୱାରା ଅନୁପ୍ରାଣିତ ନ ହୋଇଛି ଏବଂ ଏପରି କୌଣସି ସାହିତ୍ୟ ନାହିଁ ଯାହା ଦେଶପ୍ରେମ ଓ ସ୍ୱାଧୀନତା ଆବେଗରେ ଉଦ୍‌ବେଳିତ ହୋଇ ନାହିଁ ।

ଆବଶ୍ୟ "ସାହିତ୍ୟ-ଐତିହାସିକ" ମାନସିଂହ ସେସବୁକୁ ଗ୍ରହଣ କରନ୍ତି ନାହିଁ । ତାଙ୍କର ବକ୍ତବ୍ୟ ହେଲା, "ଯଦି କେହି କହନ୍ତି ଯେ କଂଗ୍ରେସ ଆନ୍ଦୋଳନ ବେଳେ ବ୍ରିଟିଶକୁ

Digitized by srujanika@gmail.com

ଗାଳିଦେଇ ବା ଲୋକଙ୍କୁ ଉତ୍ତେଜିତ କରି ଯେଉଁ ସବୁ ସଙ୍ଗୀତ ଲେଖା ହେଉଥିଲା, ତାକୁଇ ଆମେ ସାହିତ୍ୟ ବୋଲି ଗ୍ରହଣ କରିବା, ସେଥିରେ ମୁଁ ଏକମତ ହୋଇ ନ ପାରେ । କାରଣ ଏଗୁଡ଼ିକ ଆଧୁନିକ ପ୍ରୟୋଜନର ବହୁତ ଦୂରରେ ସାହିତ୍ୟରେ ପୁଣି ସ୍ଥାୟିତ୍ୱ ରହିଛି ତ ।”

ଏହି ଦୀର୍ଘକାଳ ଭିତରେ ଓଡ଼ିଶାର ସ୍ଥାୟୀ ସାହିତ୍ୟ କେତେ ସୃଷ୍ଟି ହୋଇଛି ବା ଆମ ସାହିତ୍ୟକମାନଙ୍କର ସାହିତ୍ୟ କେତେଦୂର ଚିରନ୍ତନ ତାହା ଏକ ଭିନ୍ନ ବିଷୟ । ଏଠାରେ ଶ୍ରୀ ମାନସିଂହ ସାହିତ୍ୟର, ତଉଲ ହେଲା-ତାହା ବ୍ରିଟିଶଙ୍କୁ କେବଳ ଗାଳି ବା ଉତ୍ତେଜନାକାରୀ ହୋଇ ନଥିବ, ତାହାର ଆଧୁନିକ ପ୍ରୟୋଜନୀୟତା ଓ ସ୍ଥାୟିତ୍ୱ ଥିବ ।

ସ୍ୱାଧୀନତା ସଂଗ୍ରାମ ଓ ସେଥିରେ ଜୟଲାଭ ଲାଗି ସମଗ୍ର ଜାତିକୁ ସଂଜୀବିତ କରିବା, ଆଧୁନିକ ନା ଅତୀତକାଳୀନ ପ୍ରୟୋଜନ ? ଶ୍ରୀଯୁକ୍ତ ମାନସିଂ ତାଙ୍କର ଉପରୋକ୍ତ ତଉଲ ମହାତାବଙ୍କ ପ୍ରତି ପ୍ରୟୋଗ କରି ଲେଖିଛନ୍ତି, “ଶ୍ରୀଯୁକ୍ତ ମହତାବଙ୍କ ଉପନ୍ୟାସର ସାହିତ୍ୟିକ ମୂଲ୍ୟ ବେଶି ନୁହେଁ । ତେବେ ମୋ ପ୍ରବନ୍ଧରେ ଏହା କହିବା ଦରକାର ନ ଥିଲା । ସାହିତ୍ୟର ଅନ୍ତର୍ନିହିତ ମୂଲ୍ୟ ସଙ୍ଗେ ସଙ୍ଗେ, ଗୋଟାଏ ବହିର ସାମୟିକ’ ମୂଲ୍ୟ ରହିଥାଏ । ପାୟୋନିୟର ସମ୍ମାନ ପାଇବା କଥା ଅଗ୍ରଣୀ ଭାବରେ । ଏହି ଭାବରେ ହିଁ ମହତାବଙ୍କ ଉପନ୍ୟାସ ବରାବର ଉଲ୍ଲେଖ କରାଯାଇପାରେ, ଓଡ଼ିଆ ସାହିତ୍ୟ ଇତିହାସରେ, କେବଳ ଗାନ୍ଧି ଆନ୍ଦୋଳନ ସମ୍ପର୍କରେ –”

ଡକ୍ଟର ମାନସିଂଙ୍କ ଉକ୍ତି ଅନୁସାରେ, ମହତାବଙ୍କ ଉପନ୍ୟାସର ସାହିତ୍ୟିକ ମୂଲ୍ୟ ବେଶି ନ ଥିଲେ ବି ସାମୟିକ ମୂଲ୍ୟ ଅଛି । ସାହିତ୍ୟରେ ସାମୟିକ ମୂଲ୍ୟ କ’ଣ କେବଳ ଉପନ୍ୟାସରେ ଆବଦ୍ଧ ଥାଏ ?

ଏଠାରେ ସ୍ୱତଃ ପ୍ରଶ୍ନ ଉଠେ, ତା’ ହେଲେ ଅନ୍ୟବେଳକୁ ଲେଖକ ଆଧୁନିକ ପ୍ରୟୋଜନୀୟତା, ସାହିତ୍ୟରେ ସ୍ଥାୟିତ୍ୱ, ସାହିତ୍ୟକ ମୂଲ୍ୟ ଆଦି ଲୋଡ଼ିବାର ରହସ୍ୟ କଣ ? ଏହା ପରେ ପାୟୋନିୟର ପ୍ରଶ୍ନ । ଏ ସମ୍ପର୍କରେ ଜାତୀୟ ଆନ୍ଦୋଳନର ଜଣେ ଯୋଦ୍ଧା ଭାବେର ଶ୍ରୀ ମହତାବ, ମାନସିଂହଙ୍କ ଅପେକ୍ଷା ଅଧିକ କହିପାରିବେ । ତେବେ ଉପନ୍ୟାସ କ୍ଷେତ୍ରରେ ମହତାବଙ୍କ ଉପନ୍ୟାସ ପ୍ରକାଶ ହେବାର ୧୬ ବର୍ଷ ଆଗରୁ “ମାଟିର ମଣିଷ” ପ୍ରକାଶ ପାଇ ନ ଥିଲା କି ? ହୋଇପାରେ, ଲେଖକଙ୍କ ଦୃଷ୍ଟିରେ ତାର ସାହିତ୍ୟିକ ବା

Digitized by srujanika@gmail.com

ସାମୟିକ ମୂଲ୍ୟ ନ ଥିବାରୁ ତାହା ଆଗ ପ୍ରକାଶ ପାଇଲେ ବି ପାୟୋନିୟର ସ୍ଥାନ ପାଇଲା ନାହିଁ । ଏହିଭଳି ରାମପ୍ରସାଦ, ଗୋଦାବରୀଶ ମହାପାତ୍ରଙ୍କ ବହୁ ଗଳ୍ପ ଉପନ୍ୟାସ ପାୟୋନିୟର ଶ୍ରେଣୀରୁ ବହିର୍ଭୁତ ହୋଇ ନ ପାରେ । ଏହା କଣ ସାହିତ୍ୟର ଖାଣ୍ଟି ଡଉଲ ନା ଡବଲ ଷ୍ଟାଣ୍ଡାର୍ଡ ? ଏହା ତ ସାହିତ୍ୟରେ ରାମ ଲକ୍ଷଣ ଗୌଣୀର ପ୍ରଚଳନ ଭଳି ।

'କମଳାୟନ' ସମ୍ବନ୍ଧରେ ଡକ୍ଟର ମାନସିଂହ ଲେଖିଛନ୍ତି "ଗାନ୍ଧୀ-ଆନ୍ଦୋଳନକୁ କାବ୍ୟ ଆକାରରେ ରୂପ ଦେବା ପାଇଁ ପରୀକ୍ଷା ସ୍ୱରୂପ ଆରମ୍ଭ ହୋଇଥିଲା । ପରେ ଯଦି ଓ ପ୍ଲଟ ଅନ୍ୟ ଆକାର ଧରିଛି, ସେଥିପାଇଁ ଗାନ୍ଧୀ-ଆନ୍ଦୋଳନର, କାବ୍ୟଫଳ ଓଡ଼ିଶାରେ ଅନ୍ତତଃ କିଛି ହେଲେ ଅଛି, ତାହା ଜଣାଇବା ପାଇଁ ଏହି ପୁସ୍ତକର ଉଲ୍ଲେଖ କରାଯାଇଛି ।

ଭଲ କଥା । ଯାହା ପରୀକ୍ଷା ସ୍ୱରୂପ ହୋଇପାରେ । ଭିନ୍ନ ରୂପ ଧରିଲା, ତାହା ସତ୍ୟର ବିକୃତ ପ୍ରକାଶ ହେଲେ ବି ଅନ୍ତତଃ କିଛି ହେଲେ ଜଣାଇ ଦେଲା ତ ! ତେବେ ଯେଉଁଠି ପ୍ଲଟ ଅନ୍ୟ ଆକାର ନ ଧରିଛି ସେପରି ଉଲ୍ଲେଖଯୋଗ୍ୟ ଗୀତ, କାବ୍ୟ, ସଙ୍ଗୀତ, ପ୍ରବନ୍ଧ, ରଖାଗଲା ନାହିଁ କାହିଁକି ? ବୋଧହୁଏ, ଯାହା ବହୁ ଲୋକଙ୍କୁ ପ୍ରେରଣା ଦେଇଛି, ସେମାନଙ୍କ ଚିନ୍ତାରାଜ୍ୟକୁ ଚହଲାଇ ଦେଇ କର୍ମତତ୍‌ପର କରିଛି, ତାହା ସବୁ ସାହିତ୍ୟ ପଦବାଚ୍ୟ ନୁହେଁ । ଆଉ 'କମଳାୟନ' ସେସବୁ ଦୁର୍ଗୁଣରୁ ମୁକ୍ତ ବୋଲି ତା'ରି ସ୍ଥାୟିତ୍ୱ ରହିଲା । ଏ ସମ୍ପର୍କର ବିଷୟଟିକୁ ଶ୍ରୀଯୁକ୍ତ ମାନସିଂ ଅତି କ୍ଷୁଦ୍ର ଓ ବ୍ୟକ୍ତିଗତ ଦୃଷ୍ଟିରୁ ଲେଖିଛନ୍ତି, ସେଇ ଦୃଷ୍ଟିରୁ ସମାଲୋଚନା ହୋଇଛି ବୋଲି ଧରି ନେଇଛନ୍ତି । ଏଠାରେ ବ୍ୟକ୍ତିଗତ ଈର୍ଷା ବା ଦ୍ୱେଷର ପ୍ରଶ୍ନ ନାହିଁ । ସେ ବାହାରେ ଯଥାର୍ଥ ଭାବେ ସମ୍ମାନିତ ହେବା ସୁଖର କଥା । ଓଡ଼ିଆ ହିସାବରେ ସେଥିରେ ଆମର ବି ଭାଗ ରହିବ । ତେଣୁ, "କମଳାୟନ" ବା ମହତାବଙ୍କ ନାମ ଉଲ୍ଲେଖ କରିଦେଲେ ବୋଲି ଯେ ପାପ ହୋଇଗଲା, ତା ନୁହେଁ ।

ପ୍ରଶ୍ନ ହେଉଛି, ଡକ୍ଟର ମାନସିଂହ ଏକା ଗାରରେ ଓଡ଼ିଶାର ୨୬।୨୭ ବର୍ଷ ପ୍ରାୟ ଏକ ଚତୁର୍ଥାଂଶ ଶତାବ୍ଦୀର ସାହିତ୍ୟ ଓ ସାହିତ୍ୟିକ ମାନଙ୍କୁ ଅତି ନିଷ୍ଠୁର ଭାବେ ହତ୍ୟା କରିଛନ୍ତି । ସେମାନଙ୍କ ପ୍ରତି ଘୋର ଅନ୍ୟାୟ ଓ ଅକ୍ଷମଣୀୟ ଅପରାଧ କରିଛନ୍ତି ଏବଂ ଯେଉଁ ସମୟ ମଧ୍ୟରେ ଓଡ଼ିଶାର ରାଜନୈତିକ, ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ବିରାଟ ଆଲୋଡ଼ନ ଆସିଚି, ଅଗ୍ରଗତି ଦେଖା ଦେଇଛି, ଗୁଣାତ୍ମକ ପରିବର୍ତ୍ତନ ଘଟିଛି,

Digitized by srujanika@gmail.com

ପଦେ କଥାରେ ସେ, ନୂତନ ଯୁଗର ଆବିର୍ଭାବକୁ, ତା'ର ଅତିବାସ୍ତବ ନଗ୍ନ ଓ ଜ୍ୱଳନ୍ତ ପଭାବକୁ ସାହିତ୍ୟ ଇତିହାସରୁ ପୋଛି ଦେବାକୁ ବସିଛନ୍ତି । ଏହାଦ୍ୱାରା ସାହିତ୍ୟ-ଇତିହାସକୁ କେବଳ ବିକୃତ ଓ ଖଣ୍ଡିତ କରାଯାଉ ନାହିଁ, ଓଡ଼ିଶା ଲୋକଙ୍କର ଦେଶାତ୍ମବୋଧକୁ ମଧ୍ୟ କଳଙ୍କିତ କରାଯାଉଛି । ସମାଲୋଚନା ଉତ୍ତରରେ, ସତ୍ୟବାଦୀଯୁଗ ପ୍ରତି ପ୍ରଶଂସାର ଯେତେକ ପ୍ରମାଣପତ୍ର ଉପସ୍ଥାପିତ କଲେ ବି ତା'ର ପ୍ରଭାବକୁ ଲୋପ କରାଯାଇଛି ।

ଏହା ସ୍ପଷ୍ଟ ପ୍ରମାଣ କରେ ଯେ, ବିଭିନ୍ନ ସମୟରେ ସତ୍ୟବାଦୀଯୁଗର ଯଶଗାନ ଶ୍ରୀଯୁକ୍ତ ମାନସିଂଙ୍କର ସାହିତ୍ୟନିଷ୍ଠା, ସୁସ୍ଥ ବିଚାର ଏବଂ ବାସ୍ତବ ବିଶ୍ୱାସ ଉପରେ ପ୍ରତିଷ୍ଠିତ ନୁହେଁ । ସାମୟିକ ମୂଲ୍ୟ ଆହରଣ ଦିଗରୁ ହିଁ ତାହା ନିୟନ୍ତ୍ରିତ ।

ଡକ୍ଟର ମାନସିଂହ ଜଣାଇଛନ୍ତି, ଯେ, ତାଙ୍କ ପ୍ରବନ୍ଧରେ "କମଳାୟନ" ଲେଖକଙ୍କର ନାମ ସେ ଦେଇ ନାହାନ୍ତି । ଆଉ ମଧ୍ୟ ବଙ୍ଗଳାରେ ସେପରି "ଚେଷ୍ଟା" ହୋଇ ନାହିଁ ବୋଲି ଶ୍ରୀ ଅନ୍ନଦାଶଙ୍କରଙ୍କ ସାର୍ଟିଫିକେଟ ଉଦ୍ଧାର କରିଛନ୍ତି । ତା' ଅର୍ଥ, ସେ ଆତ୍ମବଡ଼ିମା ବା ଆତ୍ମପ୍ରତିଷ୍ଠା ଉଦ୍ଦେଶ୍ୟରେ ତାହା ଲେଖି ନାହାନ୍ତି । "କମଳାୟନ" ଲେଖକଙ୍କର ନାମ ପ୍ରକାଶ ଅପ୍ରକାଶ ସହିତ ଯାଏ ଆସେ ନାହିଁ । କଥା ହେଉଛି, ବିଷୟଟି କେତେଦୂର ସତ୍ୟ ଏକ ଚତୁର୍ଥାଂଶ ଶତାବ୍ଦୀର ଲେଖକମାନଙ୍କୁ କବର ଦେଇ, ତା ଉପରେ ଦଣ୍ଡାୟମାନ ହେବାକୁ ଚେଷ୍ଟା କଲେ ଆତ୍ମ ବଡ଼ିମା ହେବ ନାହିଁକି ? ଏପରିକି, ତାଙ୍କର ଏଇ ଆଠପୃଷ୍ଠା-ବ୍ୟାପୀ ଉତ୍ତର ଭିତରେ ପ୍ରାୟ ଶତାଧିକ ବାର ପ୍ରଥମ ପୁରୁଷର ବ୍ୟବହାର, ତା'ର ପ୍ରମାଣ ପରି ମନେ ହେବ । ଅତଏବ, ମହତାବଙ୍କ ଉପନ୍ୟାସ ଓ "କମଳାୟନ" ସମ୍ପର୍କରେ ମୂଳ ଆଲୋଚନାରେ ଯେଉଁ "ସ୍ତୁତିଗାନ" ଓ ଆତ୍ମବିଜ୍ଞପ୍ତି ହୋଇଥିଲା, ତାହା ଏବେ ମାନସିଂହଙ୍କ କୈଫିୟତ ଦ୍ୱାରା ବଳିଷ୍ଠ ହୋଇଛି ।

କେତେକ ଶବ୍ଦ ସମ୍ପର୍କରେ ଆଲୋଚନା କରାଯାଉ । ଯଥା ଭାଣ୍ଡାଲିଜମ୍, ଅଣ୍ଡର ଗ୍ରାଜୁଏଟ, ଟେକସ୍‌ଟବୁକ, ବେଙ୍ଗଲସ୍ ଟ୍ରେଡ଼ମାର୍କ, ପିପଲସ୍ ପୋଏଟ । ଏ ସମ୍ପର୍କରେ ମାନସିଂହ ନାନା ଉତ୍ତର ଦେଇ ବୁଝେଇବାକୁ ଉଦ୍ୟମ କରିଛନ୍ତି । କିନ୍ତୁ ଏଗୁଡ଼ିକ କେବଳ ସ୍ୱଚ୍ଛ, ସରଳ ଓ ନିରୀହ ଶବ୍ଦ ନୁହନ୍ତି । ଏହା ସବୁ ଏକ ନିର୍ଦ୍ଦିଷ୍ଟ ଚିନ୍ତା, ସଂବଦ୍ଧ, ଦୃଷ୍ଟିକୋଣ ଓ ମନୋଭାବର ପରିଚୟ । ଏବେ ବିଚାର କରାଯାଉ ।

Digitized by srujanika@gmail.com

ଅଣ୍ଡର ଗ୍ରାଜୁଏଟ । ଶ୍ରୀଯୁକ୍ତ ମାନସିଂହ କହନ୍ତି, ସବୁଜ ଲେଖକମାନେ ଅଣ୍ଡର ଗ୍ରାଜୁଏଟ ଥିଲାବେଳେ କବିତା ଲେଖୁଥିଲେ । ସେ ଅବସ୍ଥାରେ କବିତା ଲେଖିବା ଏକ "ଗୌରବ" ର କଥା । ତାଙ୍କୁ ସେ "ଗୌରବ" ଦେବା ପାଇଁ ସେଇ ଶବ୍ଦ ସବୁ ବ୍ୟବହାର କରିଛନ୍ତି ଏବଂ କମନସେନସ୍'ର ଅଭାବରୁ ମୁଁ ତାହା ବୁଝିପାରିଲି ନାହିଁ । କାରଣ ଓଡ଼ିଶାର ଲୋକେ ଏହା ଜାଣନ୍ତି । ନିଶ୍ଚୟ ବାହାରେ ଜଣାଇବା ପାଇଁ ସେ ଏହା ଲେଖିଛନ୍ତି । ତେଣୁ ଏ ଗୌରବ କଥାକୁ କ'ଣ ଅଧିକ ଗୌରବଜନକ ଭାବେ 'ଛାତ୍ର' ବୋଲି କୁହାଯାଇପାରି ନ ଥାନ୍ତା ? ଡକ୍‌ଟର ମାନସିଂହଙ୍କ ପାଖରେ କଣ ଭାଷାର ଅଭାବ ଅଛି ? ଏମିତି 'ଅଣ୍ଡର-ଗ୍ରାଜୁଏଟ' ଅବସ୍ଥା ପ୍ରସିଦ୍ଧି ଲାଭ କରିଥିବା ଅନ୍ୟମାନଙ୍କ ପ୍ରତି ଏହି ଶବ୍ଦ ପ୍ରୟୋଗ ନ କରି ସେମାନଙ୍କୁ ସେ ଗୌରବରୁ ବଞ୍ଚିତ କଲେ କାହିଁକି ? "ଖା, ଭୁଞ୍ଜ, ଗିଳ" ଗୋଟିଏ ଜିନିଷ । କେହି ସଂଭ୍ରମ, ସୌଜନ୍ୟ ବା ଗୌରବରେ "ଗିଳିବାକୁ ଆ" ବୋଲି ଡାକେ ନାହିଁ । ଏହାହିଁ ହେଲା 'କମନସେନ୍‌ସ' ।

'ଟେକସ୍‌ଟ ବୁକ୍' ଲେଖା ଘେନି ଡକ୍ଟର ମାନସିଂହ କହନ୍ତି, ସେ ଯାକୁ ମଧ୍ୟ ଗୌରବ ରୂପେ ବ୍ୟବହାର କରିଛନ୍ତି । ଖୁବ୍ ବଡ଼ବଡ଼ ଲୋକ ପାଠ୍ୟପୁସ୍ତକ ଲେଖିଛନ୍ତି ଏବଂ ସେ ନିଜେ ମଧ୍ୟ ଲେଖନ୍ତି । ଏଥିରେ ଦ୍ୱିମତ ହେବାର କିଛି ନାହିଁ । ତେବେ ଗୌରବ ଭାବରେ ସେ କିପରି ଉଲ୍ଲେଖ କରିଛନ୍ତି, ତାହା ଦେଖାଯାଉ । "ସବୁଜମାନଙ୍କୁ ହଳଦିଆ ବନିଯିବାକୁ ଅତି ଅଳ୍ପ ସମୟ ଲାଗିଲା । ସେ ଲେଖକମାନଙ୍କ ମଧ୍ୟରୁ ଓଡ଼ିଶାରେ ଜଣେ ମାତ୍ର ଏବେ କର୍ମରତ ରହି କେବଳ ପାଠ୍ୟ-ପୁସ୍ତକ ରଚନାରେ ବ୍ୟସ୍ତ ।" (The Green required only a short time to turn yellow, The only writer of the whole group, who is still active in Orissa is now busy with text books) ଏ ମନ୍ତବ୍ୟର ବିଚାରକ ପାଠକମାନେ ।

"ବେଙ୍ଗଲ ଟ୍ରେଡ ମାର୍କ" ସମ୍ପର୍କରେ ଡକ୍ଟର ମାନସିଂହଙ୍କର ମତ ବଡ଼ ଦୃଢ଼ । ସେ କହନ୍ତି, "ସବୁଜ-ସାହିତ୍ୟ ଓଡ଼ିଶାର ଐତିହ୍ୟ ସଙ୍ଗେ ସମ୍ପର୍କହୀନ । ଓଡ଼ିଶାର ମାର୍ଗ ଅନପେକ୍ଷ, ଅଧିକାଂଶ ବଙ୍ଗଳାର ଅନୁକରଣ ।" ଏହା କେତେ ପରିମାଣରେ ଠିକ୍ କି ଭୁଲ, ତାହା ବର୍ତ୍ତମାନର ବିଚାର୍ଯ୍ୟ ବିଷୟ ନୁହେଁ । ତେବେ ସେଇ କଥାକୁ ବଙ୍ଗଳାରେ ଟ୍ରେଡ଼ମାର୍କ

Digitized by srujanika@gmail.com

ବଦଳରେ ବଙ୍ଗଳା ଦ୍ୱାରା ବିଶେଷ ପ୍ରଭାବିତ ବୋଲି କଣ କୁହାଯାଇ ପାରି ନ ଥାନ୍ତା ? ବାହାରର ପ୍ରଭାବର ଦିଗରୁ, ନିଜେ ଲେଖକଙ୍କ ସମ୍ମାନ ଦୃଷ୍ଟିରୁ ମଧ୍ୟ ଏହା ସୁରୁଚିର ପରିଚୟ ଦେଇଥାନ୍ତା ।

ଏ ବିଷୟ ଲେଖିଲାବେଳେ ଡ଼କ୍ଟର ମାନସିଂହ ଏକ ଆହ୍ୱାନ ଦେଇଛନ୍ତି – "ବର୍ତ୍ତମାନ ବି କପ୍ରେଡ଼ ପଟ୍ଟନାୟକଙ୍କୁ ମୁଁ ଗୋଟାଏ ପରୀକ୍ଷା କରିବାକୁ ଅନୁରୋଧ କରେଁ । ସେ ଅ-ସବୁଜ ଯେ କୌଣସି କାବ୍ୟ ଓ କବିତାକୁ ବଙ୍ଗଳାକୁ ଅନୁବାଦ କରନ୍ତୁ । ପୁଣି ସବୁଜ ଓ ତଥାକଥିତ ସାମ୍ୟବାଦୀ କବିତାକୁ ବଙ୍ଗଳାକୁ ଅନୁବାଦିତ କରନ୍ତୁ । ତା' ହେଲେ ଏମାନଙ୍କ ପାରିବାରିକ ସମ୍ପର୍କ ସେ ବୋଧହୁଏ ସହଜରେ ଧରିପାରିବେ । ମୋର ମନେହୁଏ, ଦ୍ୱିତୀୟ ଶ୍ରେଣୀର ଅଧିକାଂଶ କବିତାରେ କେବଳ ଅକ୍ଷର ବଦଳାଇଲେ ହିଁ କର୍ମସମ୍ପନ୍ନ ହେବ । ତାହା ହିଁ ପ୍ରାମଣ କରିବ ମୋର ଅଭିମତ ଓ ଏମାନଙ୍କର ଓଡ଼ିଶାର ମାଟି ଓ ଜନତାର ନାଡ଼ି ସଙ୍ଗେ ସମ୍ପର୍କ କେତେ ଟାଣ ଓ ଗଭୀର .. ।"

ସବୁଜ ଓ ସାମ୍ୟବାଦୀ କବିତା ଏଠାରେ ଆଲୋଚ୍ୟ ବିଷୟ ନୁହଁ । ତେବେ ଓଡ଼ିଆ ମାଟି ସହ ଲେଖକ ତାଙ୍କ ସମ୍ପର୍କରୁ ଖୁବ୍ ଗଭୀର ଓ ଟାଣ ବୋଲି ମନେ କରନ୍ତି । ଅଥଚ, କବି ମାନସିଂହଙ୍କ ପୂଜାରିଣୀ ସେଇ ସବୁଜ ଦଳ ଦ୍ୱାରା ପ୍ରକାଶିତ ହୋଇଛି । ତାଙ୍କର ଏକ ପ୍ରସିଦ୍ଧ କବିତାକୁ ଏବେ ପରୀକ୍ଷା କରାଯାଉ ।

"ସହକାର-ତଳ ବାୟୁ ଉତ୍‌ଥଳ
ହୋଇଗଲା ପ୍ରିୟା ଗନ୍ଧେ,
ଶିଥିଳ ଚିକୁର ଚୁମ୍ବନାକୁଳ
ପଡ଼ିଲା ପୂପସୀ ସ୍କନ୍ଧେ ।"

(ଏଇ ସହକାର ତଳେ-ଧୂପ-ପୃ-୩୨)

ବଙ୍ଗଳା ଅନୁବାଦରେ

"ସହକାର ତଳ ବାୟୁ ଉତ୍‌ଥଲ
ହଏଗେଲ ପ୍ରିୟା ଗନ୍ଧେ,

Digitized by srujanika@gmail.com

ଶିଥିଳ-ଚିକୁର,　　　　ଚମ୍ପନାକୁଲ
ପଡ଼ିଲ ରୂପସୀ ସ୍କନ୍ଧେ ।"

ଏଥିରେ କେତୋଟି ଅକ୍ଷର ବଦଳାଇଲେ କର୍ମସମ୍ପନ୍ନ ହେଉଛି ତାହା ପାଠକମାନେ ବିଚାର କରିବେ । ତେବେ କିଏ କହିପାରେ, ତାଙ୍କର କାବ୍ୟ ସାହିତ୍ୟରେ ଏହା ସମ୍ଭବ ନୁହେଁ । ଏବେ, ସେହି ପ୍ରସିଦ୍ଧ "କମଳାୟନ" କୁ ନିଆଯାଉ ।

"ସେ କାଳେ କଲେଜେ ଥିଲେ ଯେତେ ଅଧ୍ୟାପକ,
ତାଙ୍କ ମଧ୍ୟେ ଜନ-ମାନ୍ୟ ପଣ୍ଡିତ ପାଠକ,
ଥିଲେ ଅବିନାଶ ଚନ୍ଦ୍ର ଘୋଷ ସୁପ୍ରସିଦ୍ଧ,
ବ୍ରାହ୍ମଧର୍ମୀ ବଂଗଦେଶୀ ଇଙ୍ଗଦେଶ ବିଦ୍ଧ-
ଆହାର, ବିହାର, ଚିନ୍ତା ସମସ୍ତ ସ୍ୱଦେଶୀ,
ଗମ୍ଭୀର, ଚରିତ୍ରବାନ, ନ ପାରନ୍ତି ଘେଷି,
ଇତର ଉଦୟର ପାଶେ ଇଂରେଜ ଅଧ୍ୟକ୍ଷ,
ମନେ ମନେ ତାଙ୍କ ପ୍ରତି ରହିଥେ ସଂସକ"

(କମଳାୟନ-୪୨ ପୃଷ୍ଠା)

ଏହାର ବଙ୍ଗଳା ଅନୁବାଦ ଅନାବଶ୍ୟକ । ଏଥିରେ ବଙ୍ଗଳା ଶବ୍ଦର ଅଭାବ ନାହିଁ । ଏହିପରି ବହୁ ଉଦାହରଣ ଦ୍ୱାରା ପତ୍ରିକା ପୃଷ୍ଠା ପୂର୍ଣ୍ଣ କରାଯାଇପାରେ । ଦୁଃଖର କଥା ତେବେ, ଏଇ ବିଷୟଟି କେବଳ ଓଡ଼ିଶାରେ ଆବଦ୍ଧ ନୁହେଁ; ଦୁଇ ବର୍ଷ ତଳେ ସ୍ୱାଧୀନତା ଦିବସ ଉପଲକ୍ଷେ ଦିଲ୍ଲୀର କବି ସମ୍ମିଳନୀରେ, କବି ମାନସିଂହଙ୍କ ଦ୍ୱାରା ପଠିତ କବିତା ସମ୍ପର୍କରେ ବଙ୍ଗଳା 'ଦେଶ' ପତ୍ରିକା ୧୯୫୬ ଫେବୃୟାରୀ ୨୨ ତାରିଖ ସଂଖ୍ୟାରେ ଲେଖିଥିଲେ - "ଉଡ଼ିଶ୍ୟାର କବି ଡକ୍ଟର ମାୟାଧର ମାନସିଂହେର କବିତା ରବୀନ୍ଦ୍ର ନାଥେର, "ଭାରତ ତୀର୍ଥ" କବିତାର ଅଂଶବିଶେଷ ଆଶ୍ଚର୍ଯ୍ୟ ଭାବେ ଉଡ଼ିୟା ରୂପାନ୍ତରେ ପ୍ରବିଷ୍ଟ ହୟେଛେ ।"

Digitized by srujanika@gmail.com

ଯଦି କେହି କହିପାରନ୍ତି, ବଙ୍ଗଳା ଲୋକ ଆମ ପ୍ରତି ଅସୂୟାପରବଶ ହୋଇ ଏପରି ଲେଖିଥିବେ, ତେବେ "ଦେଶ" ପତ୍ରିକାର ସେଇ ସମାଲୋଚକ ଏ ବର୍ଷର (୧୯୫୯) କବି-ସମ୍ମିଳନୀ ଉପଲକ୍ଷେ ଓଡ଼ିଆ କବିତାକୁ ପ୍ରଶଂସା କରିବାକୁ ପଛାଇ ନାହାନ୍ତି । "ଦେଶ"ର ଅଭିମତ ସହିତ ଆମେ ଏକମତ ହଉ ବା ନ ହଉ, ତାହା ତାତ୍ପର୍ଯ୍ୟହୀନ ନୁହେଁ । ସବୁଜ ଉପରେ ବଙ୍ଗଳା କବିତାର ପ୍ରଭାବ ସ୍ୱୀକାର କଲେ ମଧ୍ୟ ସେମାନେ ଏପରି ସାର୍ଟିଫିକେଟ ହାସଲ କରିବାକୁ ସମର୍ଥ ହୋଇ ନାହାନ୍ତି ।

ଏବେ "ଭ୍ୟାଣ୍ଡାଲିଜିମ" ଶବ୍ଦକୁ ଦେଖାଯାଉ ! ଏଇ ଶବ୍ଦର ଅର୍ଥ ବୁଝିବାକୁ ଡକ୍‌ଟର ମାନସିଂହ ଅଭିଧାନ ଦେଖିବାକୁ ପରାମର୍ଶ ଦେଇଛନ୍ତି । ଆମ ଭଳିଆ ଚାଷୀ, ମୂଲିଆ ଅପାଠୁଆ ଲୋକଙ୍କର ଭୁଲ ହେବାର ଆଶଙ୍କା ସବୁବେଳେ । ତେବେ 'ଅକସ୍‌ଫୋର୍ଡ ଅଭିଧାନ' ଅନୁସାରେ ଅର୍ଥ ହେଉଛି, 'ବାର୍ବରସ', ଅର୍ଥାତ୍ ବର୍ବରୋଚିତ ଏବଂ "ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଧ୍ୱଂସ" । ଏ ଶବ୍ଦ ଏକ ରୁଢ଼ି ପ୍ରୟୋଗ । ଯେଉଁ ଧ୍ୱଂସ କାର୍ଯ୍ୟ "ଭ୍ୟାଣ୍ଡାଲ" ବା ବର୍ବର ଲୋକଙ୍କ ଦ୍ୱାରା ସମ୍ଭବ ହୁଏ, ତାକୁ ଭାଣ୍ଡାଲିଜିମ ବା ବାର୍ବରସ କୁହାଯାଏ । କଳାପାହାଡ଼ କେବଳ ଧ୍ୱଂସ ପାଇଁ ଓଡ଼ିଶାର ଶିଳ୍ପକଳାକୁ ଧ୍ୱଂସ କଲା-ଆଉ ସତ୍ୟବାଦୀ ସ୍କୁଲକୁ ଏକ ମହତ କାର୍ଯ୍ୟ ପାଇଁ ଧ୍ୱଂସ କରି ଦିଆଗଲା । ଏ ଦୁଇଟିଯାକ ଅର୍ଥ କଣ ସମାନ ? ଗୋଟିଏ ବର୍ବରୋଚିତ ଧ୍ୱଂସ ଅନ୍ୟଟି ଗୋଟିଏ ମହାନ ଆଦର୍ଶ ପାଇଁ ଏକ ମହାମାନବୋଚିତ ତ୍ୟାଗ । ଏ ଦୁଇଟି ଧ୍ୱଂସ ଭିତରେ ଡାକୁ ଓ ଡାକ୍ତରର ଛୁରୀ ଭଳି ଆକାଶ ପାତାଳ ପ୍ରଭେଦ । ଏଠରେ ଡକ୍ଟର ମାନସିଂହ କେଉଁ ଅର୍ଥରେ ଏ ଶବ୍ଦକୁ ପ୍ରୟୋଗ କରିଛନ୍ତି ।

ଲେଖକ ଅଭିଧାନ ଶବ୍ଦ ଅର୍ଥର ଫାଙ୍କରେ ଖସିଯିବାକୁ ଚେଷ୍ଟା କରିଛନ୍ତି । ଯେଉଁ ସତ୍ୟବାଦୀ ସ୍କୁଲର ଶିକ୍ଷକ ହେବେ ବୋଲି ସେ ସ୍ୱପ୍ନ ଦେଖିଥିଲେ, ତା'ପ୍ରତି ଏପରି ଶବ୍ଦ ପ୍ରୟୋଗ ଦେଖି ସେ ଚମକି ଉଠିଛନ୍ତି । ଅତ୍ମରକ୍ଷା ପାଇଁ କହିଛନ୍ତି, ତାହା ହେଉଛି "ବ୍ୟଞ୍ଜନା" ଓ ତାକୁ ଶ୍ରୀ ପଟ୍ଟନାୟକ ଧରିପାରି ନାହାନ୍ତି ।

ଯଦି କବି ମାନସିଂହଙ୍କର ପୁଣି ସନ୍ଦେହ ଥାଏ, ତେବେ ତାକୁ ପୁଣି ଅନୁସରଣ କରାଯାଉ । ଇତିହାସର ଅଭିଜ୍ଞତା କହେ, ପ୍ରତ୍ୟେକ ସ୍ଥଳରେ ବର୍ବରୋଚିତ ଧ୍ୱଂସ ପରେ

Digitized by srujanika@gmail.com

'ଶୂନ୍ୟତା' ଆସେ, ହତାଶ ସୃଷ୍ଟିହୁଏ, ଅନ୍ଧାର ଯୁଗ ଦେଖାଦିଏ । କିନ୍ତୁ ଅନ୍ୟ ପକ୍ଷରେ, ଏକ ମହାନ ତ୍ୟାଗ କିମ୍ବା ଗଠନଜନିତ ଧ୍ୱଂସ ପରେ ଏକ ନୂତନ ଯୁଗର ଆଭାସ ମିଳେ-ନୂତନ ସୃଷ୍ଟି ସମ୍ଭବ ହଏ । ଏଠାରେ କବି ମାନସିଂହ ସତ୍ୟବାଦୀ ସ୍କୁଲର ଧ୍ୱଂସରେ ପ୍ରଥମ ବିଷୟଟିକୁ ହିଁ ଦେଖିଛନ୍ତି । ତେଣୁ "ଶୂନ୍ୟତା", "ନୈରାଶ୍ୟ", "କ୍ଷତି", "ପ୍ରତିବନ୍ଧକ" ଆଦି ଶବ୍ଦ ପ୍ରୟୋଗ କରିଛନ୍ତି । ତେଣୁ ଜଣାଇଛନ୍ତି ତାର "disatrous effect" ଏପର୍ଯ୍ୟନ୍ତ ଯଥାଯଥ ଭାବେ ଦୂର ହୋଇପାରିଲା ନାହିଁ ଯାହାର ଅର୍ଥ ହେଉଛି-ସତ୍ୟବାଦୀ ସ୍କୁଲ ଏପରି କାମ କରିଗଲେ, ଯାହାପାଇଁ ଆମକୁ ଏବେ ମଧ୍ୟ ଅନୁତାପ କରିବାକୁ ପଡୁଛି ଏବଂ ଘାଣ୍ଟି ହେବାକୁ ହେଉଛି । ଅନ୍ୟ ଏକ ଚିନ୍ତାଧାରା ହେଲା-ତାହା ଦଧୀଚିଙ୍କ ଆତ୍ମବଳିଦାନ ପରି ଏହା ଏକ ମହାନ୍ ଦାନ, ଯାହାଯୋଗୁ ହିଁ ଓଡ଼ିଶାରେ ଏକ ନୂତନ ଯୁଗର ସୃଷ୍ଟି ସମ୍ଭବ ହୋଇଛି; ପ୍ରତ୍ୟେକ କ୍ଷେତ୍ରରେ ଆଲୋକ ଓ ଅଗ୍ରଗତିର ଦ୍ୱାର ଉନ୍ମୁକ୍ତ ହୋଇଛି । ତାର ନିର୍ଦ୍ଦେଶ ହେଉଛି-ଉକ୍ତ 'disastrous effect' କୁ ଦୂର କରିବା ନୁହେଁ, ସେଇ ସମୁଜ୍ଜ୍ୱଳ ଐତିହ୍ୟକୁ ଆଗେଇନେବା-ଜାତୀୟ ସାଧନାର ପ୍ରତ୍ୟେକ ସ୍ତରରେ ଖେଳାଇ ଦେବା ।

ଏଣୁ ଏହା ସୁସ୍ପଷ୍ଟ ଯେ, ଏହି ଦୁଇ ଚିନ୍ତାଧାରା ମଧ୍ୟରେ ସାଲିସ ଅସମ୍ଭବ । କୌଣସି ଅଭିଧାନର ଶବ୍ଦାର୍ଥ ବାଢ଼ି ମଧ୍ୟ ଏହାକୁ ଘୋଡ଼ାଯାଇ ନ ପାରେ ଏବଂ ଡକ୍ଟର ମାନସିଂହ ଯେଉଁ ଶବ୍ଦାର୍ଥ ବାହାର କରିଛନ୍ତି, ତାହା ମଧ୍ୟ ଭ୍ରମପୂର୍ଣ୍ଣ ।

ତେଣୁ ଏହା "ବ୍ୟଞ୍ଜନା" ନୁହେଁ, ଓଡ଼ିଶାର ଜାତୀୟ ଚେତନା ଓ ଆନ୍ଦୋଳନ ପ୍ରତି ବିଦ୍ରୁପ । ଏହା ଡକ୍ଟର ମାନସିଂହଙ୍କ ମାନସିକ ପ୍ରକ୍ରିୟାର ପ୍ରତିଫଳନ । ଯଦି ସେ ପ୍ରକୃତରେ ଦ୍ୱିତୀୟୋକ୍ତ ଚିନ୍ତାଧାରାଟି ଗ୍ରହଣ କରନ୍ତି, ତେବେ ସେ ପ୍ରକାଶ୍ୟରେ, ଦ୍ୱିଧାହୀନ ଭାବେ ଏହା ସ୍ୱୀକାର କରିବା ଉଚିତ ଏବଂ ସେଇ ଅନୁସାରେ ନିଜ ପ୍ରବନ୍ଧ ସଂଶୋଧନ କରିବା ଆବଶ୍ୟକ । ଏବେ "ବ୍ୟଞ୍ଜନା" କହିଦେଇ, ତେଣେ ମୂଳ ପ୍ରବନ୍ଧକୁ ନ ବଦଳାଇବା, ସଚେତ ବୁଦ୍ଧିଜୀବୀର ଲକ୍ଷଣ ନୁହେଁ ।

"ପିପୁଲସ୍ ପୋଏଟ୍"- ଏ ସମ୍ପର୍କରେ ସମାଲୋଚନା ହେଲା, ଇନଭଟେଡ୍ ଭିତରେ ତାକୁ ରଖି ବିଦ୍ରୂପ କରାଯାଇଛି । କବି ମାନସିଂହଙ୍କ ଉତ୍ତର ହେଉଛି- ପ୍ରଗତିଶୀଳମାନେ ନିଜକୁ ନିଜେ ସେଇଭଳି ଆଖ୍ୟା ଦେଇଛନ୍ତି । ତେଣୁ ତାହା ଲେଖିବା ଦ୍ୱାରା ସେ କୌଣସି

Digitized by srujanika@gmail.com

ଅପରାଧ କରି ନାହାନ୍ତି । ଅନ୍ୟ ଦିଗରେ କହିଛନ୍ତି, 'ସାହିତ୍ୟ-ଐତିହାସିକ' ଏଇ ସ୍ୱତଃ ପ୍ରତିଷ୍ଠିତ ଦାବୀକୁ ବିନା ବିଚାରରେ ଗ୍ରହଣ କରିନେବା କ'ଣ 'କମ୍ରେଡ୍‌ଙ୍କ' ମତ ? ଏହାର ଅର୍ଥ, ଡକ୍ଟର ମାନସିଂହ ପ୍ରଗତିଶୀଳ ଲେଖକମାନଙ୍କୁ ବିଦ୍ରୂପ କରିବା ପାଇଁ ତାଙ୍କ ସ୍ୱପ୍ରଚାରିତ ମତକୁ ଅନ୍ୟମାନେ ଧରିନେବେ, ଏହି ଉଦ୍ଦେଶ୍ୟରେ ହିଁ ଲେଖିଛନ୍ତି ।

'ପିପୁଲ୍‌ସ ପୋଏଟ' ବୋଲି କିଏ କେବେ ଦାବୀ କରିଛନ୍ତି, ଜଣାନାହିଁ । କବିମାନେ କେତେବେଳେ ନିଜକୁ 'ଗାଉଁଲି କବି', 'ବୀରହୀ କବି', 'ପ୍ରେମିକ କବି', 'ଚିରନ୍ତନ କବି' ଇତ୍ୟାଦି ନାନା ଭାବରେ ଲେଖିଥାନ୍ତି । ଏହାକୁ ତ କେହି କେବେ 'ପଦବୀ' ଅର୍ଥରେ ଗ୍ରହଣ କରେ ନାହିଁ । ତେବେ 'ପିପୁଲ୍‌ସ ପୋଏଟ' ଏକ ଐତିହାସିକ ଧାରାର ସୃଷ୍ଟି । ଏହା ପ୍ରତ୍ୟେକ ସାହିତ୍ୟରେ ଦେଖାଯାଏ । ପ୍ରକୃତ ଅନୁଭବ ଦ୍ୱାରା ଏହାର ଆବିର୍ଭାବ ଘଟିପାରେ । ହେଲେ ବି, ଯଦି ସେ ବିଷୟରେ ମତଦ୍ୱୈଧ ହେଲା, ତାର ସମାଧାନର ଉପାୟ ଜଣ ଭାରତୀୟ ସାହିତ୍ୟ କ୍ଷେତ୍ରରେ ଅନ୍ୟମାନଙ୍କୁ ବିଦ୍ରୂପ କରିବା ଦ୍ୱାରା ସମାଧାନ ହେବ ? ଡକ୍ଟର ମାନସିଂହ ଯେତେ ନିରୀହ ଭାବରେ କଥାଟି କହିଛନ୍ତି, ସେହି ନିରୀହ ଉଦ୍ଦେଶ୍ୟରେ ତାହା ଲିଖିତ ନୁହେଁ ।

ଏପରିକି ତାଙ୍କ ଲେଖାରେ ସେ ବ୍ୟକ୍ତିଗତ ଖୋଞ୍ଚା ମାରିବାକୁ ମଧ୍ୟ ଛାଡ଼ିନାହାନ୍ତି । ତା' ମଧ୍ୟ କୁଳବୃଦ୍ଧ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ଦେଖାଯାଏ । ତାଙ୍କୁ କୁହାଯାଇଛି, ସେ 'ଦୀର୍ଘ ଜୀବନ ଧରି ବନ୍ଧ୍ୟା ବନ୍ୟ ରାଜନୀତି (Baren wild politics) କରି ପୁଣି ସୃଜନଶୀଳ ସାହିତ୍ୟକୁ ଫେରିଆସିଲେ ।' ପଣ୍ଡିତ ନୀଳକଣ୍ଠଙ୍କ ରାଜନୀତି ସହିତ ମତଦ୍ୱୈଧ ଥାଇପାରେ । କିନ୍ତୁ ସାହିତ୍ୟଚର୍ଚ୍ଚା ବେଳେ ଏ ପ୍ରକାର ଆଶୋଭନୀୟ ଶବ୍ଦ ପ୍ରୟୋଗ କାହିଁକି ? ଏହାକୁ କ'ଣ ଡକ୍ଟର ମାନସିଂହ ଭଦ୍ରୋଚିତ ମନେ କରନ୍ତି ।

ଡକ୍ଟର ମାନସିଂହ ପ୍ରଗତିଶୀଳ ଭାବ ଓ ଆଦର୍ଶକୁ ସ୍ୱାଗତ କରି ପାରିନାହାନ୍ତି ବୋଲି ସମାଲୋଚନା ହୋଇଥିଲା । ତା'ର ଉତ୍ତରରେ ସେ ଏକ ଲମ୍ବା ତାଲିକା ଦେଇଛନ୍ତି । ସେଥିରେ ସେ କେବେ, କିମିତି, କାହାର କାହାର ପ୍ରଗତିଶୀଳ ପ୍ରବନ୍ଧ; କବିତା ଆଦିକୁ ପ୍ରକାଶ କରିଥିଲେ ଏବଂ ତାଙ୍କୁ ସ୍ୱାଗତ ଜଣାଇଥିଲେ; ତାର ଏକ ହିସାବ ଦେଇଛନ୍ତି । ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି, ସେ ପ୍ରଗତିଶୀଳ ଭାବର ସ୍ୱାଗତକାରୀ । ତାହା ଯଦି

Digitized by srujanika@gmail.com

ସତ୍ୟ ବୋଲି ଧରାଯାଏ; ତେବେ ଆଲୋଚ୍ୟ ପ୍ରବନ୍ଧରେ ସେ ଜାତୀୟ ସାମ୍ୟବାଦୀ ଭାବଧାରାକୁ ଯେପରି ଭାବରେ ଚିତ୍ରିତ କରିଛନ୍ତି; ତାହା ସେ କରି ନ ଥାନ୍ତେ ବା ତା'ର ସମାଲୋଚନାର ସୂଚନା ପାଇଲାକ୍ଷଣି ନିଜର ଲେଖାକୁ ନିଜେ ପରିବର୍ତ୍ତନ କରିଥାଆନ୍ତେ । ଯିଏ "ଯୁଗ ଯୁଗ ଧରି ଏଇ ନୂତନ ଭାବଧାରାକୁ ସ୍ୱାଗତ ଜଣାଇ ଆସିଲେ", ଏଠି ତାଙ୍କର 'ସାହିତ୍ୟ ଇତିହାସ'ରେ ତାର ବିପରୀତ ରୀତି ପରିସ୍ଫୁଟ ହେଲା କିମିତି ?

ଡକ୍ଟର ମାନସିଂହ କବିତା ଓ ପରାକାଷ୍ଠାର ନିଦର୍ଶନ ରୂପେ ଦୁଇ ଜଣ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର ପେଶ କରିଛନ୍ତି । ତାହା ଅତ୍ୟନ୍ତ ଲଜ୍ଜା ଓ ଦୁଃଖର କଥା । ମନ୍ତ୍ରୀଙ୍କ ପ୍ରଶଂସାପତ୍ର ଚାକିରୀ ବା ପରମିଟ ହାସଲରେ ଲାଗେ । ତା' ଦ୍ୱାରା କବିର ଓଜନ ବଢ଼େ ନାହିଁ । ଯେଉଁ ମନୋଭାବ ଜନସାଧାରଣଙ୍କ ପ୍ରତି ବିମୁଖ, ଅନ୍ୟ ଅପର ଦିଗରେ ଥଟ୍ଟା ପରିହାସ, ବିଦ୍ରୂପ କରିବା ଦିଗକୁ ଘେନିଯାଏ, ସେହି ମନୋଭାବ ହିଁ ଆବଶ୍ୟକ ସ୍ଥଳେ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବାକୁ ବାଧ କରେ ।

ଶେଷରେ କବି ମାନସିଂହ ପଶ୍ନ କରିଛନ୍ତି, "ଶ୍ରୀ ପଟ୍ଟନାୟକ କଣ ସାହିତ୍ୟକ-ମୋ ପ୍ରବନ୍ଧର ପ୍ରତିବାଦ କରିବାକୁ ଧାଇଁ ଆସିଲେ କାହିଁକି ?" ନିଜେ ମୁଦେଇ ହେଲା ପରେ, ପୁଣି ବିଚାରକ ହୋଇ ରାୟ ଦେଇଛନ୍ତି- "ଆଜି କମ୍ରେଡ଼ ପଟ୍ଟନାୟକଙ୍କ ପ୍ରତିବାଦ ସୂଚାଇ ଦେଉଚି, ବାମପନ୍ଥୀ ସାହିତ୍ୟ, ବାମପନ୍ଥୀ ଦଳର ଏକ ପ୍ରଚାର ବିଭାଗ ।"

କଥାଟି ଅତି ସରଳ । ଯିଏ ଯେଉଁ ମତ ପୋଷଣ କରେ, ସେ ତା'ର ପ୍ରଚାର ଚାହେଁ । ସେଥିଯୋଗୁଁ "ପ୍ରଚାର ସମିତି," 'ପ୍ରକାଶନୀ' ଆଦି ଗଢ଼ା ହେଉଛି । ଏପରି ପ୍ରଚାର ବିଭାଗ ଅନ୍ୟମାନଙ୍କର ସିନା ଅଛି, କିନ୍ତୁ ଦୁଃଖର କଥା ବାମପନ୍ଥୀମାନଙ୍କର ନାହିଁ । ତେବେ ଏଠି କବି ମାନସିଂହଙ୍କ ଲେଖାର ପ୍ରତିବାଦ ଦ୍ୱାରା ସେ କେମିତି "ବାମପନ୍ଥୀ ସାହିତ୍ୟ, ବାମପନ୍ଥୀ ଦଳର ପ୍ରଚାର ବିଭାଗ" ହୋଇଗଲା, ବୁଝାପଡୁ ନାହିଁ । ଏହା ଏକ ଅଦ୍ଭୁତ ଯୁକ୍ତି । "ବାମପନ୍ଥୀ" ଶବ୍ଦ ପ୍ରୟୋଗ ଦ୍ୱାରା ଅନ୍ୟମାନଙ୍କ ମନରେ ସନ୍ଦେହ ବୁଣି ନିଜକୁ ଅପରାଧରୁ ମୁକ୍ତ କରିବାର ଚେଷ୍ଟା ନୁହେଁ ତ ? ଏଠାରେ କୌଣସି ଦଳ, ନୀତି ଓ ମତବାଦର ପ୍ରଶ୍ନ ନାହିଁ । ସାଧାରଣ ଘଟଣାର ବିକାଶ, ବାସ୍ତବ ଜାତୀୟବାଦୀ ଜନସାଧାରଣଙ୍କର ଦୃଷ୍ଟିକୋଣରୁ ସମସ୍ତ ଆଲୋଚନା ।

Digitized by srujanika@gmail.com

ପ୍ରଶ୍ନ ହେଉଛି, କାହିଁକି ଲେଖିଲି ? ବାସ୍ତବିକ, ମୁଁ ଏଥିପାଇଁ ଡକ୍ଟର ମାନସିଂହଙ୍କ ପାଖରେ ବିଶେଷଭାବେ ଋଣୀ । ତାଙ୍କର ଲେଖା ହିଁ ମୋତେ ଲେଖିବା ପାଇଁ ପ୍ରେରଣା ଓ ଉତ୍ତେଜନା ଯୋଗାଇଛି । ଦୃଢ଼ ଧାରଣା ହେଲା, ତାଙ୍କ ଉକ୍ତ ଲେଖା ଓ ମତବାଦକୁ ଖଣ୍ଡନ ନ କରିବା ଅର୍ଥ ବୁଦ୍ଧିଜୀବୀର ମାନସିକ ବିଭ୍ରାଟ ଓ ନୀତିହୀନତାକୁ ଉତ୍ସାହିତ କରିବା ଏବଂ ଓଡ଼ିଶାର ଜାତୀୟ ଇତିହାସକୁ କଳଙ୍କିତ କରିବାରେ ସାହାଯ୍ୟ କରିବା । ଏଥିରେ ଆଶ୍ଚର୍ଯ୍ୟ ହେବା ବା ଆକ୍ଷେପ କରିବାର କାରଣ କ'ଣ ଅଛି ?

ଡକ୍‌ଟର ମାନସିଂହଙ୍କର ଏପରି ପ୍ରଶ୍ନ କାହିଁକି ? ସାହିତ୍ୟ ଆଲୋଚନା କ'ଣ ଅନ୍ୟମାନଙ୍କ ପକ୍ଷରେ ଅନ୍ୟାୟ ନାଁ ଅପରାଧ ? ସାହିତ୍ୟ କଣ କା'ର ମୌରସୀ ସମ୍ପତ୍ତି ଯେ, ସେଠି ଅନ୍ୟ କାହାରି ପ୍ରବେଶ ନିଷେଧ ? ପ୍ରକୃତ ଲେଖକ ଓ ସାହିତ୍ୟିକ ନିଜର ମତର ବିରୋଧ ହେଲେ ବି ସାହିତ୍ୟ କ୍ଷେତ୍ରରେ ନୂତନ ପ୍ରବେଶକୁ ନିଶ୍ଚୟ ସ୍ୱାଗତ ଜଣାଇବ । ତାହା ତ ଚାକିରୀ ବା ରାଜନୀତି ନୁହେଁ ଯେ କିଏ କାହାକୁ ଗାଦିରୁ ବେଦଖଲ କରିବାର ଭୟ ହେବ । ଆଲୋଚନା, ସମାଲୋଚନା ଦ୍ୱାରା ପ୍ରକୃତ ସତ୍ୟ ଉଦ୍‌ଘାଟିତ ହେବ । ସାମୟିକ ପ୍ରଚେଷ୍ଟା ସାଂସ୍କୃତିକ ଅଭିବୃଦ୍ଧିକୁ ସାହାଯ୍ୟ କରିବ । ସାହିତ୍ୟିକ ନହୋଇ ସାହିତ୍ୟ ଆଲୋଚନା ସମ୍ପର୍କରେ ପ୍ରଶ୍ନ, ବ୍ରାହ୍ମଣ ନ ହୋଇ ଶାସ୍ତ୍ର ଅଧ୍ୟୟନ କଲାଭଳି ହୋଇଛି । ନ୍ୟସ୍ତ ସ୍ୱାର୍ଥବାଦୀମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥରାଜ୍ୟରେ ଯେପରି ଅନ୍ୟର ପ୍ରବେଶକୁ ସହ୍ୟ କରିପାରନ୍ତି ନାହିଁ, ଏଠାରେ କବି ମାନସିଂହଙ୍କ ପ୍ରଶ୍ନ,ସେହି ମନୋଭାବର ପରିଚୟ ଦେଉଛି ।

ପରିଶେଷରେ, "ସମସାମୟିକ ଭାରତୀୟ ସାହିତ୍ୟ"(Contemporary Indian Literature)ରେ ପ୍ରକାଶିତ କବି ମାନସିଂହଙ୍କର ପ୍ରବନ୍ଧ ସଂପର୍କରେ ହୋଇଥିବା ସମାଲୋଚନାରେ କୌଣସି ପ୍ରକାର ପରିବର୍ତ୍ତନର ଆବଶ୍ୟକ ନାହିଁ। ବରଂ ଶ୍ରୀଯୁକ୍ତ ମାନସିଂହଙ୍କ ଉତ୍ତର, ଉକ୍ତ ସମାଲୋଚନାକୁ ଅଧିକ ପୂର୍ଣ୍ଣାଙ୍ଗ ଓ ପରିପୁଷ୍ଟ କରିଛି । ଓଡ଼ିଶାର ସାହିତ୍ୟିକମାନଙ୍କୁ ଏପରି ବିକୃତ, କଳଙ୍କିତ ଚିତ୍ରଣରୁ ରକ୍ଷା କରିବାକୁ ପଡ଼ିବ । ଏ ସମ୍ପର୍କରେ ଓଡ଼ିଶାର ସାହିତ୍ୟ-ଏକାଡେମୀ, ଲେଖକଗୋଷ୍ଠୀ ଏବଂ ସାଧାରଣ ସାହିତ୍ୟପ୍ରେମୀମାନେ ବିଶେଷ ଦୃଷ୍ଟିଦେବେ ବୋଲି ଆଶା ।

❑

Digitized by srujanika@gmail.com

ବୌଦ୍ଧିକ ସଂକଟ ଓ ଆତ୍ମ-ଆନ୍ତରିକତା

ଏବେ ସମାଜବାଦର ଅଗ୍ରଗତି ଫଳରେ ଆସନ୍ନ ଧ୍ୱଂସର ସମ୍ମୁଖୀନ ପୁଞ୍ଜିପତି ଶ୍ରେଣୀ ଆତ୍ମରକ୍ଷା ଦିଗରେ ବହୁ କୌଶଳ ଓ ବ୍ୟବସ୍ଥା ଅବଲମ୍ବନ କରୁଛି । ତାହା କେବଳ ଅପପ୍ରଚାର, ଦମନ, ଚକ୍ରାନ୍ତ ଯୁଦ୍ଧ ଓ ହତ୍ୟା ମଧ୍ୟରେ ସୀମାବଦ୍ଧ ରହି ନାହିଁ, ତାହା ମାର୍କସବାଦ ଓ କମ୍ୟୁନିଜମ ବିରୁଦ୍ଧରେ ଦର୍ଶନ, ଅର୍ଥନୀତି, ସାମାଜିକ ବିଜ୍ଞାନ, ସାହିତ୍ୟ ଆଦି ମନୁଷ୍ୟ ଜୀବନର ବିଭିନ୍ନ ବୌଦ୍ଧିକ କ୍ଷେତ୍ରକୁ ମଧ୍ୟ ବ୍ୟାପିଛି । ପୁଞ୍ଜିବାଦ ଯେଉଁଠି ଯେତିକି ଉନ୍ନତ ଓ ବଳିଷ୍ଠ , ଏହି କୌଶଳ ଅବଲମ୍ବନ ସେଠାରେ ସେତିକି ସୂକ୍ଷ୍ମ ଓ ବହୁମୁଖୀ, ତେଣୁ ଏ ଦିଗରେ ନେତା ପୁଞ୍ଜିର ସମ୍ରାଟ ଆମେରିକା, ସେହି ଅବଲମ୍ବନ ବା ଆକ୍ରମଣକୁ ପୃଥିବୀ ବ୍ୟାପୀ କରିବାକୁ ଅନବରତ ଉଦ୍ୟମକରୁଛି ।

ଦୈନ୍ୟ, କ୍ଳେଶ ଓ ଯନ୍ତ୍ରଣାଯୁକ୍ତ ପୁଞ୍ଜିବାଦୀ ସମାଜିକ ବ୍ୟବସ୍ଥାକୁ ଅନୁଭବ କରି କ୍ରମବର୍ଦ୍ଧିଷ୍ଣୁ ସୁଖକର ଉନ୍ନତଶୀଳ ସମାଜବାଦୀ ସାମାଜିକ ବ୍ୟବସ୍ଥା ପ୍ରତି ଆକୃଷ୍ଟ ହୋଇ ପଡୁଥିବା ସାଧାରଣ ଲୋକ ଓ ବିଶେଷ କରି ବୁଦ୍ଧିଜୀବୀମାନଙ୍କର ଚିନ୍ତା ରାଜ୍ୟର ବିଭ୍ରାନ୍ତି ସୃଷ୍ଟି କରିବା, ସେମାନଙ୍କ ଜରିଆରେ ମାର୍କସବାଦ ଓ କମ୍ୟୁନିଜମ୍ ବିରୁଦ୍ଧରେ ବିରୋଧିତାର ଭାବପ୍ରସାର କରିବା ହେଲା ତାର ଉଦ୍ଦେଶ୍ୟ । ଆମର କେତେକ ବୁଦ୍ଧିଜୀବୀ ପୁଞ୍ଜିର ପ୍ରଲୋଭନରେ ସେ ପ୍ରଚାରର ଶୀକାର ହେଉଛନ୍ତି, ଆଉ ବା କିଏ ନିଜର ବୌଦ୍ଧିକ ଅସାଧୁତା ବା "ପରାକାଷ୍ଠା" ଯୋଗୁଁ ଅଥବା ନିର୍ବୋଧ ସାରଲ୍ୟ ଯୋଗୁଁ ଯେପରି ପ୍ରଚାର ପାଖେ ଆତ୍ମସମର୍ପଣ କରୁଛନ୍ତି । ଏବେ ସେହିପରି ଏକପ୍ରଚାରର ପ୍ରତିଫଳନ ଘଟିଛି (୧ମବର୍ଷ

Digitized by srujanika@gmail.com

ନବମ ଓ ଦଶମ ସଂଖ୍ୟା 'ସମ୍ମୁଖରେ' ପ୍ରକାଶିତ)– "ଯାନ୍ତ୍ରିକ ସମାଜ ଓ ଆତ୍ମ-ଆନ୍ତରିକତା" ଶିରୋନାମାରେ ଲିଖିତ ଶ୍ରୀମାନ ସୀତାକାନ୍ତ ମହାପାତ୍ରଙ୍କର ଲେଖାରେ ।

ଲେଖକ ଯନ୍ତ୍ର ସମାଜ ଓ ସଭ୍ୟତାର ନାନାପ୍ରକାର ବୌଦ୍ଧିକ ଆଇଡ଼ିଆ ଓ ଶବ୍ଦ ଆଡ଼ମ୍ବରର ଘଟାଟୋପ ମଧ୍ୟରେ ଗୋଟିଏ କଥା ଉପସ୍ଥାପିତ କରିଛନ୍ତି,– "ମାର୍କସଙ୍କ ଊନବିଂଶ ଶତାବ୍ଦୀର ଯନ୍ତ୍ର ସଭ୍ୟତା ଓ ସମାଜର ବିଶ୍ଳେଷ ସମ୍ପୂର୍ଣ୍ଣ ରୂପେ ଅକାମୀ ।" ଏହା କହିଛନ୍ତି ଯେତେବେଳେ କି ମାର୍କସବାଦ ଦ୍ୱାରା ଅନୁପ୍ରାଣିତ ଓ ପରିଚାଳିତ ପୃଥିବୀର ଏକ ବିରାଟ ଭୂଖଣ୍ଡର ୧୦୦ କୋଟିରୁ ଊର୍ଦ୍ଧ୍ୱ ଲୋକ ପୁଞ୍ଜିବାଦର ସମସ୍ତ ପ୍ରଚାର ଓ ପ୍ରତିରୋଧକୁ ଧ୍ୱଂସ କରି ସମାଜବାଦୀ ସମାଜ ଗଢ଼ିଲେଣି, ଯେଉଁମାନେ ତାହା ଗଢ଼ିବାରେ ସମର୍ଥ ହୋଇ ନାହାନ୍ତି ସେପରି ଦେଶ ଓ ଲୋକେ ସେ ଦିଗକୁ ପୁଣି ଅଧିକ ଅଧିକ ଆକୃଷ୍ଟ ହେଉଛନ୍ତି, ବିଶ୍ୱର ଜନସାଧାରଣ ପୁଞ୍ଜିବାଦ ଓ ସମାଜବାଦ ଏ ଦୁଇ ବ୍ୟବସ୍ଥାର ସ୍ୱରୂପ ପ୍ରତିଦିନ ସ୍ୱଚକ୍ଷୁରେ ଦେଖନ୍ତି; ଆଉ ଯେତେବେଳେ କି ମାର୍କସବାଦ ଆଦର୍ଶରେ ପରିଚାଳିତ ଋଷ, ପୁଞ୍ଜିବାଦୀ ନୀତିରେ ନିୟନ୍ତ୍ରିତ ଆମେରିକାକୁ ପ୍ରକାଶ୍ୟ ଆହ୍ୱାନ ଦେଇ କହୁଛି- 'ଆସ, ଯୁଦ୍ଧ ଆୟୋଜନ ବନ୍ଦ କର, ପୂର୍ଣ୍ଣ ନିରସ୍ତ୍ରୀକରଣ କର, ଶାନ୍ତିପୂର୍ଣ୍ଣ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୁଅ, ଲୋକଙ୍କର ଆଗରେ ପ୍ରମାଣ କର; ପୁଞ୍ଜିବାଦ ନା ସମାଜବାଦ - କେଉଁ ସାମାଜିକ ଜୀବନ ମୁକ୍ତ ଓ ସ୍ୱାଧୀନ, ଦୁଃଖ ଦୈନ୍ୟହୀନ, ଆନନ୍ଦମୟ; କିଏ ମନୁଷ୍ୟର ସମସ୍ତ ଆଶାଆକାଙ୍‌କ୍ଷାକୁ ରୂପାୟିତ କରିପାରେ .... ।' ସର୍ବପ୍ରଥମେ ଏହି ବାସ୍ତବ ଅବସ୍ଥା ଲେଖକଙ୍କର ମତକୁ ମନୁଷ୍ୟ ଜୀବନର ସତ୍ୟ ଅଭିଜ୍ଞତା ଦ୍ୱାରା ହିଁ ଖଣ୍ଡନ କରୁଛି ।

ସମାଜବାଦର ଏହି ବିରାଟ ଆହ୍ୱାନ ଓ ଦୃଢ଼ ଆତ୍ମବିଶ୍ୱାସ ପଛରେ ରହିଛି ମାର୍କସବାଦ । ମାର୍କସବାଦୀ ଦର୍ଶନ, ଅର୍ଥନୀତି ଓ ସମାଜ ବିଜ୍ଞାନର ଏକ ଯୁଗାନ୍ତକାରୀ ଆବିଷ୍କାର ହେଲା ଉଦ୍‌ବୃତ୍ତ ମୂଲ୍ୟ ବା Surplus Value । ଏହା ଦ୍ୱାରା ମାର୍କସ କେବଳ ଶୋଷଣକୁ ବିଶେଷ କରି ପୁଞ୍ଜିବାଦୀ ଶୋଷଣର ରୂପକୁ ଉଲଗ୍ନ କରି ଥୋଇଦେଇ ନାହାନ୍ତି, ସେହି ଶୋଷଣ ଉପରେ ପ୍ରତିଷ୍ଠିତ ଅର୍ଥନୈତିକ, ସାମାଜିକ ନୀତି, ଆଦର୍ଶ ଓ ଦର୍ଶନର ମୁଖା ମଧ୍ୟ ଖୋଲି ଦେଇଛନ୍ତି । ବର୍ତ୍ତମାନ ସମାଜରେ ପୁଞ୍ଜିବାଦର ବିରୋଧିତା, ଆଉ ଅନ୍ତର୍ବିରୋଧିତା ଯୋଗୁଁ ତାର ଅନିବାର୍ଯ୍ୟ ପତନ, ଏବଂ ସେ ପତନ ଘଟାଇବା ଲୋକ "କବର ଖୋଳାଳୀ ମାନଙ୍କର

Digitized by srujanika@gmail.com

" ଜନ୍ମ, ବୃଦ୍ଧି, ବିକାଶ ଓ ବିଜୟକୁ -ସର୍ବହରାର ବିଜୟକୁ ଯାବ୍ୟସ୍ତ କରିଛନ୍ତି । ତାହା ଆଜି ଇତିହାସର ଗତି ଦ୍ୱାରା ପ୍ରତିପାଦିତ । ତାହାକୁ ଅକାମୀ ବୋଲି ଉଡ଼ାଇଦେବାକୁ ଯିବା କେବଳ ଅକାମୀ ନୁହେଁ ଚରମ ଅଜ୍ଞତା, ଏବଂ ସେହି ଅଜ୍ଞତାବଶତଃ ପୁଞ୍ଜିବାଦୀ ଚିନ୍ତାଧାରାର ସହଜ ଶିକାର ହେବା ସ୍ୱାଭାବିକ କଥା ।

ମାର୍କସବାଦକୁ ଖଣ୍ଡନ କରିବାକୁ ଯାଇ ଲେଖକ କହିଛନ୍ତି - ଉଦ୍‌ବୃତ୍ତ ମୂଲ୍ୟ ଓ ଶ୍ରମର ଅନ୍ତରିତତା (alienation) ଆତ୍ମନିର୍ବାସନ (estrangement) ମାର୍କସବାଦୀ ଦର୍ଶନ ସମାଜିକ ଓ ଶିଳ୍ପ ପରିସ୍ଥିତିର ପରିବର୍ତ୍ତନ ସହିତ ତାର ମୂଲ୍ୟ ଓ ସତ୍ୟତା ହରାଇ ବସିଲା ।"

ବର୍ତ୍ତମାନ ପାଇଁ ଶ୍ରମର' 'ଅନ୍ତରିତତା' ଓ "ଆତ୍ମ-ନିର୍ବାସନ ତତ୍ତ୍ୱର" ଦାର୍ଶନିକ ବିଚାରକୁ ପଛକୁ ରଖାଯାଉ, ତାର ବ୍ୟାବହାରିକ ଦିଗ ଉଦ୍‌ବୃତ୍ତ ମୂଲ୍ୟର ଆଲୋଚନା ହେଉ । ଲେଖକ କହନ୍ତି, ପରିସ୍ଥିତିର ପରିବର୍ତ୍ତନ ହେତୁ ଉଦ୍‌ବୃତ୍ତ ମୂଲ୍ୟ ସତ୍ୟତା ହରାଇଲା, ଅର୍ଥାତ୍ ମିଥ୍ୟା ହୋଇ ଉଠିଲା ବା ଅଚଳ ଅକାମୀ ହୋଇପଡ଼ିଲା । ଏଠାରେ ପ୍ରଶ୍ନ ଉଠିବ ଉଦ୍‌ବୃତ୍ତ ମୂଲ୍ୟ କ'ଣ ? ପରିସ୍ଥିତିର କି ପ୍ରକାର ପରିବର୍ତ୍ତନ ଘଟୁଛି ।

ସିଧାସଳଖ କଥାରେ କହିଲେ ଉଦ୍‌ବୃତ୍ତ ମୂଲ୍ୟ ବୋଇଲେ ଶୋଷଣ । ପୁଞ୍ଜିପତି ଶ୍ରମିକକୁ ଯେଉଁ ମୂଲ୍ୟ ଦେଇ ଯେତେ ଘଣ୍ଟା ଲାଗି କିଣେ ବା କାମକରାଏ, ଶ୍ରମିକର ଶ୍ରମଶକ୍ତି ସେଇ ସମୟ ଭିତରେ ତାର କିଣା ମୂଲ୍ୟ ତୁଳନାରେ ଅଧିକମୂଲ୍ୟ ସୃଷ୍ଟି କରେ । ଏହା ହେଲା ଉଦ୍‌ବୃତ୍ତ ମୂଲ୍ୟ । ଏ ଉଦ୍‌ବୃତ୍ତ ମୂଲ୍ୟର ଦାମ୍ ଶ୍ରମିକ ପାଏ ନାହିଁ । ଏହା ପାଉଥିଲେ ପୁଞ୍ଜିପତିର ଲାଭ ରହନ୍ତା ନାହିଁ । ଏହାକୁ ପୁଞ୍ଜିପତି ବିନା ପଇସାରେ ନିଏ ବା ଅପହରଣ କରେ, ଶୋଷଣ କରେ । ଏହି ଉଦ୍‌ବୃତ୍ତ ମୂଲ୍ୟର ଉତ୍ପାଦନ ହେଲା, ପୁଞ୍ଜିବାଦୀ ଉତ୍ପାଦନ ପ୍ରଣାଳୀର ପ୍ରଧାନ ଓ ପରମ ନିୟମ । ମାର୍କସଙ୍କ ଭାଷାରେ, "Production of surplus value is absolute law of this mode of production (Capital)", ତେଣୁ ଉଦ୍‌ବୃତ୍ତ ମୂଲ୍ୟ ସତ୍ୟତା ହରାଇବା ଦ୍ୱାରା, ପୁଞ୍ଜିବାଦୀ ଉତ୍ପାଦନ ପ୍ରଣାଳୀର ପରମ ନିୟମ ମଧ୍ୟ ଲୋପ ପାଇଛି । ପୁଞ୍ଜିବାଦୀ ଉତ୍ପାଦନ ପ୍ରଣାଳୀ ଆଉ ଶୋଷଣର ପ୍ରଣାଳୀ ହୋଇ ରହିନାହିଁ । ପୁଞ୍ଜିବାଦ ଆଉ ପୁଞ୍ଜିବାଦ ନ ହୋଇ ପଥ ଉନ୍ମୁକ୍ତ

Digitized by srujanika@gmail.com

କରି ଦେଇଛି ଶୋଷଣହୀନ ସମାଜର । ଅତଏବ ଶୋଷଣ ବିରୁଦ୍ଧରେ ଲଢ଼ିବା ବା ତାକୁ ଲୋପ କରିବାର ପ୍ରଶ୍ନ ଆଉ ଏ ସମାଜରେ ଉଠୁନାହିଁ । ତେଣୁ 'ଶୋଷଣହୀନ' ପୁଞ୍ଜିବାଦକୁ ଗ୍ରହଣ କରିବାକୁ ହେବ, ଏ ହେଲା ଲେଖକଙ୍କ ମତର ବ୍ୟାବହାରିକ ପରିଣତି । ଏହାର ଉତ୍ତର ନିଷ୍ପ୍ରୟୋଜନ । ଯଦି ଏ ବିଷୟରେ କାହାରି ସନ୍ଦେହ ଥାଏ, ଏହା ବୁଝିବାକୁ ସେ ଅସମର୍ଥ ହୁଏ ତେବେ ସେ ଏ ବିଷୟରେ ପୁଞ୍ଜିପତିର କାରଖାନାରେ ଶ୍ରମ୍ ବିକୁଥିବା ଯେ କୌଣସି ଶ୍ରମିକକୁ ପ୍ରଶ୍ନ କରିପାରେ କିମ୍ବା ସେଠାରେ ନିଜର ଶ୍ରମ ବିକ୍ରୟ କରି ଦେଖିପାରେ ସେ ଉଦ୍‌ବୃତ୍ତ ମୂଲ୍ୟ ସୃଷ୍ଟି କରି ଶୋଷିତ ହେଉଛି କି ନାହିଁ । କାରଣ କର୍ମ ହିଁ ସର୍ବଶ୍ରେଷ୍ଠ ଉପଲବ୍‌ଧି ।

ପରିସ୍ଥିତିର ପରିବର୍ତ୍ତନ ଦର୍ଶାଇ ଲେଖକ ଯୁକ୍ତି ବାଢ଼ିଛନ୍ତି, "କିନ୍ତୁ ଊନବିଂଶ୍ ଶତାବ୍ଦୀର ଶେଷ ପାଦରେ ଓ ବିଶେଷକରି ବିଂଶ ଶତାବ୍ଦୀରେ କଳକାରଖାନାମାନଙ୍କ ସଂଗଠନ ଓ ଶ୍ରମ ପରିସ୍ଥିତିର ଅଭୂତପୂର୍ବ ଉନ୍ନତି, ଶ୍ରମିକ୍‌ର ବେତନହାର ଓ ମଜୁରୀ, ପେନ୍‌ସନ, ଛୁଟି, ଦୈନନ୍ଦିନ ସମୟର ନିୟନ୍ତ୍ରଣ, ବିଭିନ୍ନ ଶ୍ରମ ଆଇନର (ଦେଶୀୟ ତଥା ଆନ୍ତର୍ଜାତିକ ଶ୍ରମିକ ସଂଘ ତରଫରୁ) ପ୍ରଚଳନ, ଅଧିକ ବୋନସ, ପିଲାମାନଙ୍କର ଶିଳ୍ପ ଶିକ୍ଷାର ସୁବ୍ୟବସ୍ଥା ଏବଂ ସର୍ବୋପରି ଡିରେକ୍ଟର ମାନେଜିଂବୋର୍ଡ଼ ଇତ୍ୟାଦିରେ ଶ୍ରମିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ ଓ ପରିଚାଳକ ଶ୍ରେଣୀର ସୃଷ୍ଟି, ମାର୍କସଙ୍କ ଶତାବ୍ଦୀର ଯନ୍ତ୍ରସଭ୍ୟତା ଓ ସମାଜ ବିଶ୍ଳେଷଣକୁ ସମ୍ପୂର୍ଣ୍ଣ ଅକାମୀ କରିଦେଲା .... ଏବଂ ପୁଞ୍ଜିବାଦ ଯେ ନିଜକୁ ଏପରି ଭାବରେ ସୁଧାରି ନେଇ ବଦଳାଇ ଦେଇ ପାରିବ ତାହା କଳ୍ପନାରେ ନ ଥିଲା ।"

ଲେଖକଙ୍କ ବକ୍ତବ୍ୟ ହେଲା, ଏହି ଯେଉଁ ଉପରୋକ୍ତ ସୁଖ ସୁବିଧା ପୁଞ୍ଜିବାଦ ଶ୍ରମିକକୁ ପ୍ରଦାନ କଲା ଏହା ହେଲା ପୁଞ୍ଜିବାର ନିଜକୁ ସୁଧୁରେଇବାର, ବଦଳେଇବାର ଲକ୍ଷଣ, ତାର ହୃଦୟ ପରିବର୍ତ୍ତନ । ଏହି ହେଲା ପରିବର୍ତ୍ତିତ ପରିସ୍ଥିତି । ଏ ଅବସ୍ଥାରେ ମାର୍କସଙ୍କ ସାମାଜିକ ବିଶ୍ଳେଷଣ ସମ୍ପୂର୍ଣ୍ଣ ଅକାମୀ, ନିପଟ ଅଚଳନ୍ତି ।

ମାତ୍ର ପ୍ରଥମରେ ଠିକ୍ ଏହି ଅବସ୍ଥାରେ, ଅର୍ଥାତ୍ ବିଂଶ ଶତାବ୍ଦୀର ପ୍ରାରମ୍ଭରେ, ମାର୍କସଙ୍କ ସାମାଜିକ ବିଶ୍ଳେଷଣର ଭିତ୍ତି ଉପରେ ଲେନିନ୍ ପୁଞ୍ଜିବାଦ କିପରି ସାମ୍ରାଜ୍ୟବାଦୀ ସ୍ତରରେ ପ୍ରବେଶକରି ଅଧିକ ଅର୍ଥପିପାସୁ ଉତ୍କଟ ଶୋଷଣକାରୀ ହୋଇ ପଡ଼ିଛି ଏବଂ କେବଳ

Digitized by srujanika@gmail.com

ନିଜ ଭିତରେ ଆବଦ୍ଧ ନରହି ସମଗ୍ର ପୃଥିବୀକୁ ଲୁଣ୍ଠନ କରି କିପରି ବୀଭତ୍ସ ଦମନ, ହତ୍ୟା ଓ ବିଶ୍ୱଗ୍ରାସୀ ଯୁଦ୍ଧର ତାଣ୍ଡବ ଲୀଳା ଚଳାଇଛି ତାହା ଦର୍ଶାଇଛନ୍ତି ଆଉଗୁଷରେ ସର୍ବହରାର ବିଜୟ ଆଣି ଓ ପୁଞ୍ଜିବାଦର ଧ୍ୱଂସକୁ ସଂଗଠିତ କରି ସେହି ବିଶ୍ଳେଷଣର ସତ୍ୟତା ପ୍ରତିପାଦିତ କରିଛନ୍ତି । ଏ ଇତିହାସକୁ କେଉଁ ଅନ୍ଧ ବା ଅସ୍ୱୀକାର କରିପାରେ ? ଏହି ହେଲା ଊନବିଂଶ ଶତାବ୍ଦୀର ଶେଷ ଭାଗ ଓ ବିଂଶ ଶତାବ୍ଦୀରେ ପୁଞ୍ଜିବାଦର ଇତିହାସ । ଲେଖକଙ୍କ ମତ ବା ବାସ୍ତବ ଘଟଣା କେଉଁଟା ଠିକ୍, ତାହା ପାଠକମାନଙ୍କର ବିଚାର୍ଯ୍ୟ ।

ଦ୍ୱିତୀୟରେ ଶ୍ରମିକକୁ ପୁଞ୍ଜିପତି ସମସ୍ତ ସୁବିଧା, ସ୍ୱର୍ଗସୁଖ ପ୍ରଦାନ କରିଛି ବୋଲି ଧରି ନେଲେ ସୁଦ୍ଧା ପ୍ରଶ୍ନ ହେଉଛି, ପୂର୍ବପରି ଏବେ ଶ୍ରମିକ ତାର ଶ୍ରମଶକ୍ତି ପୁଞ୍ଜିପତି ପାଖରେ ବିକ୍ରୟ କରୁଛି କି ନାହିଁ ? ସେ ଯେଉଁ ସମସ୍ତ ମୂଲ୍ୟ ସୃଷ୍ଟି କରୁଛି ଅର୍ଥାତ୍ ତାର ସୃଷ୍ଟି ସମ୍ପଦର ସେ ଏବେ ମଧ ମାଲିକ କି ? ଉତ୍ପାଦନର ଉପକରଣରୁ, କଳକାରଖାନା ଆଦିରୁ ପୂର୍ବପରି ସେ ବଞ୍ଚିତ ହୋଇ ରହିଛି କି ନା ତା ଉପରେ ଆପଣାର ମାଲିକାନା କାଏମ କରି ପାରିଛି ? ମିଲର ଉତ୍ପନ୍ନରୁ ଲାଭତକ ଯାଏ କାହା ପାଖକୁ ? ସମାଜରୁ ଅର୍ଥନୈତିକ ବୈଷମ ଲୋପ ପାଇଛି କି? ଆଜି ଏ ଧନସମ୍ପଦ କାହା ପାଖରେ ଠୁଳ ? ଏସବୁ ପ୍ରଶ୍ନର ରୋକଠୋକ ଉତ୍ତର ଲେଖକଙ୍କ ମତରେ ଅସାରତାକୁ ପ୍ରମାଣକରେ ।

ତୃତୀୟରେ; ପୁଞ୍ଜିବାଦର ଆପଣାକୁ ସୁଧାରି ବଦଳାଇବା ବା ହୃଦୟ ପରିବର୍ତ୍ତନର ପ୍ରଶ୍ନ । ଏହା ଉଠାଇବା ଅର୍ଥ, କେବଳ ଇତିହାସକୁ ନୁହେଁ, ଲୋକଙ୍କୁ ବୋକାବେକୁବ ଭାବି ତାଙ୍କର ଦୈନନ୍ଦିନ ଅଭିଜ୍ଞତାକୁ ଓଲଟାଇବାକୁ ଚେଷ୍ଟାକରିବା । ସମଗ୍ର ଇତିହାସରେ ଏପରି ଏକ ଦୃଷ୍ଟାନ୍ତ ଅଛି କି ଯେଉଁଠି ପୁଞ୍ଜିପତି ଶ୍ରେଣୀ ନିଜ ସ୍ୱାର୍ଥକୁ ବଳି ଦେଇ ଶ୍ରମିକକୁ ସୁବିଧା ସୁଯୋଗ ପ୍ରଦାନ କରିଛି ? ପ୍ରତ୍ୟେକଟି ସୁବିଧା ହାସଲଲାଗି ଶ୍ରମିକ ଶେଣୀକୁ ଅଶେଷ ଯନ୍ତ୍ରଣା, ଅସୀମ ତ୍ୟାଗ ଓ କଠୋର ସଂଗ୍ରାମର ଭିତର ଦେଇ ଯିବାକୁ ପଡ଼ିଛି । ଏପରି କୌଣସି ଦେଶ ନାହିଁ ଯାର ରାଜପଥ ଶ୍ରମିକର ରକ୍ତରେ ରଞ୍ଜିତ ହୋଇ ନାହିଁ ବା ହେଉ ନାହିଁ । ଶ୍ରମିକର ପ୍ରତ୍ୟେକଟି ସୁବିଧାଲାଭ ପଛରେ ରହିଛି ତାର ନିଜର ସଂଗ୍ରାମ, ସମାଜବାଦୀ ବ୍ୟବସ୍ଥାର ପ୍ରଭାବ ଓ ଚାପ, ପୁଞ୍ଜିର ହୃଦୟ-ପରିବର୍ତ୍ତନ ନୁହେଁ । ଏହି ହୃଦୟ-ପରିବର୍ତ୍ତନ ତତ୍ତ୍ୱକୁ ନିର୍ଭୁଲ ବୋଲି ଧରିଲେ ବୁଝିବାକୁ ହେବ, ଆମର ଜାତୀୟ ସ୍ୱାଧୀନତା-ସଂଗ୍ରାମର

Digitized by srujanika@gmail.com

ସମସ୍ତ ତ୍ୟାଗ ଓ ବଳିଦାନ ମୂଲ୍ୟହୀନ, ନିରର୍ଥକ । କାରଣ ବୁଝିବାକୁ ହେବ, ବ୍ରିଟିଶ ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦର ହୃଦୟ ପରିବର୍ତ୍ତନ ହେତୁ ହିଁ ଆମେ ଆମର ସ୍ୱାଧୀନତା ଲାଭ କଲେ । ତେଣୁ ଏପରି ଉକ୍ତି କେବଳ ପୁଞ୍ଜିର ରକ୍ଷକ ଓ ଶ୍ରମିକ-ବିରୋଧୀ ନୁହେଁ, ଏହା ସତ୍ୟର ଅପଳାପ, ଇତିହାସକୁ; ସମଗ୍ର, ଲୋକ-ସାଧାରଣଙ୍କ ଅଭିଜ୍ଞତାକୁ ପୋଛି ଦେବାର ଚେଷ୍ଟା; ଆମର ଦେଶପ୍ରେମ ଓ ଜାତୀୟତାର ବିରୋଧୀ ମଧ୍ୟ ।

ଶେଷରେ, ଲେଖକଙ୍କ ବକ୍ତବ୍ୟର ବାସ୍ତବ ପରୀକ୍ଷା ଲାଗି ପୁଞ୍ଜିବାଦର ସର୍ବଶ୍ରେଷ୍ଠ ବିକାଶସ୍ଥଳୀ ଆମେରିକାରେ ପ୍ରବେଶ କରାଯାଉ; ସେଠାରେ ଲାଭ, ମଜୁରୀ ଓ ଶ୍ରମିକର ଅବସ୍ଥା ତୁଳନା କରାଯାଉ ।

ଲାଭ ଓ ମଜୁରୀ ବୃଦ୍ଧିର ମାତ୍ର ।

	୧୯୨୯ ରୁ ୧୯୪୨ ୧୪ ବର୍ଷ	୧୯୪୩ ରୁ ୫୬ ୧୪ ବର୍ଷ	କେତେ ଗୁଣରେ ବୃଦ୍ଧି
କରପୋରେଟ ଲାଭ	୮୨.୯	୪୫୧.୧	୫.୪
ମଜୁରୀ ଓ ଦରମା	୫୩୧.୬	୧୭୬୯.୫	୩.୩

(ହଜାର ନିଯୁତ ଡ଼ଲାରେ)

ଅର୍ଥାତ୍ ପ୍ରଥମ ୧୪ ବର୍ଷ ତୁଳନାରେ ଦ୍ୱିତୀୟ ୧୪ ବର୍ଷରେ ମଜୁରୀ ୩.୩ ଗୁଣ ବଢ଼ିଲାବେଳେ ଲାଭର ମାତ୍ରା ବଢ଼ିଛି ୫.୪, ଦେଢ଼ଗୁଣରୁ ଅଧିକ । ମନେ ରଖିବାକୁ ହେବ, ଏ ବୃଦ୍ଧି ପ୍ରକୃତ ମଜୁରୀ ବୃଦ୍ଧି ନୁହେଁ । ଏହି ସମୟରେ ଯୁଦ୍ଧ-ପୂର୍ବ ତୁଳନାରେ ଶ୍ରମିକ ସଂଖ୍ୟା ବଢ଼ିଯାଇଛି, ତେଣୁ ଦରଦାମ୍ ମଧ୍ୟ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି । ୧୯୩୯ର ମଜୁରୀ ତୁଳନାରେ ୧୯୫୭।୬୨ରମଜୁରୀ ଜଣା, ୧୯୬୦ରେ ପ୍ରକୃତ ମଜୁରୀ ୧୯୩୯ ତୁଳନାରେ ଶତକଡ଼ା ୭ ଅଧିକ । ଅଥଚ ଏହି ସମୟରେ ଘଣ୍ଟାପ୍ରତି ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଛି ଶତକଡ଼ା ୭୭ ଭାଗ । ଏହିପରି ଫ୍ରାନ୍‌ସରେ ୧୯୫୪ ଯାଏ ମଜୁରୀର ସ୍ତର ଜଣାଥିଲା ୧୯୩୮ ସ୍ତର ତୁଳନାରେ ବିଲାତରେ ମଜୁରୀର ସ୍ତର ୧୯୫୬ ପର୍ଯ୍ୟନ୍ତ ସମାନ ହୋଇ ନଥିଲା । ଯୁଦ୍ଧପୂର୍ବ ସ୍ତର ସହିତ ଆମେରିକାରେ ଶ୍ରମିକ ମାସକୁ ୨

Digitized by srujanika@gmail.com

ହଜାର ଡଲାର ବା ୧୦ ହଜାର ଟଙ୍କା ମଜୁରୀ ପାଏ । ଏହାଦ୍ୱାରା ତାର ଆବଶ୍ୟକ ମଧ୍ୟ ପୂରଣ ହୋଇପାରେ ନାହିଁ । 'ପ୍ରଫେସର ହେଲର କମିଟି ଅନୁସାରେ' ୧୯୪୪ରେ ୪ ଜଣ ଲୋକ ବିଶିଷ୍ଟ ପରିବାରର ଆୟ ସର୍ବନିମ୍ନ ଆବଶ୍ୟକତା ଠାରୁ ଊଣା ଥିଲା ଶତକଡ଼ା ୧୯ ଭାଗ । ୧୯୬୧କୁ ସେ ଊଣାର ମାତ୍ରା ବୃଦ୍ଧି ପାଇ ଶତକଡା ପହଞ୍ଚିଥିଲା ୨୯ ଭାଗ । ସେ ୧୯୫୫ରେ ପଶ୍ଚିମ ଜର୍ମାନୀରେ ୪ ଜଣ ବିଶିଷ୍ଟ ପରିବାର ମାସିକ ସର୍ବନିମ୍ନ ଆବଶ୍ୟକତା ଥିଲା ୪୪୫ ମାର୍କ । ତେବେ ବି ଶତକଡ଼ା ୭୦ ଭାଗ ଶ୍ରମିକ ଏହା ଠାରୁ କମ୍ ମଜୁରୀ ପାଉଥିଲେ । ଏହା ଛଡ଼ା ପୁଞ୍ଜିବାଦର ଆଉ ଏକ ବୀଭତ୍ସ ଅଙ୍ଗ ହେଲା ବେକାର ସମସ୍ୟା । ଭଲ ବ୍ୟବସାୟ ଚାଲିଥିଲାବେଳେ ମଧ୍ୟ ଆମେରିକାରେ ବେକାର ସଂଖ୍ୟା ପ୍ରାୟ ୩୦ ଲକ୍ଷ, ଅଧାବେକାରଙ୍କ ସଂଖ୍ୟା ହୁଏ ଆହୁରି ଅଧିକ ।

ପୁଣି ଏଥି ସଙ୍ଗକୁ ଯଦି ୧୯୬୦ରେ ଆମେରିକା ପୁଞ୍ଜିପତିଙ୍କର ବୈଦେଶିକ ଶୋଷଣ ପରିମାଣକୁ ଦେଖାଯାଏ, ସେମାନେ ଲାଭ, ସୁଧ ଇତ୍ୟାଦି ଆକାରରେ ଯାହା ପାଆନ୍ତି ତାହା ଆମ ଭାରତର ୪୫ କୋଟି ଲୋକଙ୍କର ଜାତୀୟ ଆୟ ସହିତ ସମାନ । ଏହା ସବୁ ହେଲା ଶ୍ରମିକଙ୍କୁ ପୁଞ୍ଜିବାଦର ଅବଦାନ । ପୁଞ୍ଜିବାଦର ଆପଣାକୁ ସୁଧାରିବାର, ପରିବର୍ତ୍ତନ କରିବାର ନମୁନା । ଉଦ୍‌ବୃତ୍ତ ମୂଲ୍ୟ ଶୋଷଣର ଅବସାନ । ଆଉ ମାର୍କସବାଦ ଅକାମି ହେବାର ଦୃଷ୍ଟାନ୍ତ ।

ଏବେ ଶ୍ରମର ଅନ୍ତରିତତା ନିର୍ବାସନ ତତ୍ତ୍ୱର ଆଲୋଚନା କରାଯାଉ । ଅନ୍ତରିତତା, ତତ୍ତ୍ୱ କେବଳ ଉଦ୍‌ବୃତ୍ତ ମୂଲ୍ୟ ପ୍ରଶ୍ନରେ ସୀମାବଦ୍ଧ ନୁହେଁ । ଏହା ଏକ ଦାର୍ଶନିକ ଓ ବୈଜ୍ଞାନିକ ସମସ୍ୟା । ଏହା ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ । ଏହା ଦ୍ୱାରା ମାର୍କସ ମଣିଷ ସହିତ ପ୍ରକୃତିର, ମଣିଷ ସହିତ ମଣିଷର ବା ସମାଜର, ମନୁଷ୍ୟ ସହିତ ତାର ନିଜର ସତ୍ତାର ବିରୋଧିତା ବିଷୟ ପ୍ରକାଶ କରିଛନ୍ତି । ଏହି ସମସ୍ୟାର ଅବସାନ ଦ୍ୱାରା କିପରି ଉପରୋକ୍ତ ବିରୋଧିତାର ଅବସାନ ଘଟିବ, ମନୁଷ୍ୟ ତାର ଅପହୃତ ଆତ୍ମସତ୍ତା ଫେରି ପାଇବ ଓ ପ୍ରକୃତରେ ମୁକ୍ତ ଓ ସ୍ୱାଧୀନ ହେବ, ତାହା ଦର୍ଶାଇଛନ୍ତି । ଲେଖକ ଯେପରି ଏହି ସମସ୍ୟାକୁ ଏକା ଗାରକେ ଉଡ଼ାଇ ଦେବାକୁ ଉଦ୍ୟମ କରିଛନ୍ତି । ଏହି ହିମାଳୟକୁ ଯେକା ଫିଙ୍ଗିବା ନୁହେଁ ତ ।

Digitized by srujanika@gmail.com

ମାର୍କସ କହିଛନ୍ତି "An immidiate consequence of the fact that man is estranged from the produce of his labour, from his life activity, from his species being in the estran gement of man from man" ।

ମନୁଷ୍ୟ ଯେ ତାର ଶ୍ରମର ଉତ୍ପନ୍ନ ଫଳରୁ ତାର ଜୀବନର କର୍ମରୁ, ତାର ଜୀବସତ୍ତାରୁ ନିର୍ବାସିତ ଏ ଘଟଣାର ସଦ୍ୟ ପରିଣାମ ହେଉଛି ମନୁଷ୍ୟ ଠାରୁ ମନୁଷ୍ୟର ବିଚ୍ଛେଦ ବା ନିର୍ବାସନ ।

ଏହାର ଆଲୋଚନା ଏହି କ୍ଷୁଦ୍ର ଲେଖାର ପରିସର ମଧ୍ୟରେ କଷ୍ଟସାଧ୍ୟ ହେଲେ ମଧ୍ୟ ମୋଟାମୋଟି କୁହାଯାଇପାରେ, ଶ୍ରମିକ ପ୍ରକୃତି ବିନା କିଛି ସୃଷ୍ଟି କରିପାରେ ନାହିଁ । ପ୍ରକୃତି ଉପରେ ହିଁ ତାର ଶ୍ରମ ପ୍ରତିଫଳିତ । ତାରି ଭିତରେ ହିଁ ତାର ଶ୍ରମ କ୍ରିୟାଶୀଳ, ସେହି ପ୍ରକୃତି ଦେହରୁ ଓ ତାହାରି ଦ୍ୱାରା ଶ୍ରମିକ ଉତ୍ପାଦନ କରେ । ଏହାହିଁ ମୌଳିକ କଥା ।

ଏହାର ଅର୍ଥ, ଶ୍ରମ ଯେଉଁ ବସ୍ତୁ ଉପରେ କାର୍ଯ୍ୟ କରେ ତାହା ବିନା ତିଷ୍ଠି ପାରେ ନାହିଁ । ସେହି ବସ୍ତୁ ହେଲା ଶ୍ରମର ତିଷ୍ଠିବାର ଉପାୟ । ତାକୁ ପ୍ରକୃତି ଯୋଗାଏ । ସେହିପରି ଅନ୍ୟ ଦିଗରେ ସଂକୀର୍ଣ୍ଣ ଅର୍ଥରେ ପ୍ରକୃତି ଶ୍ରମିକକୁ ଦୈହିକ ଭାବେ ବଞ୍ଚିବାର ଉପାୟ (ଦ୍ରବ୍ୟ) ମଧ୍ୟ ଯୋଗାଇ ଥାଏ ।

କିନ୍ତୁ ଶ୍ରମିକ ତାର ଶ୍ରମ ଦ୍ୱାରା ପ୍ରକୃତି ବା ବହିର୍ଜଗତରୁ ଯେତେ ଯେତେ ଆହରଣ କରେ ସେଥିରୁ ସେତେ ସେ ନିଜକୁ, ଜୀବନର ଉପାୟରୁ ଦୁଇଟି ଦିଗରୁ ବଞ୍ଚିତ କରେ । ଅର୍ଥାତ୍ ବହିର୍ଜଗତ ସେତେ ତାର ଶ୍ରମର ଅଧିକୃତ ବସ୍ତୁ ହୋଇ ରହେ ନାହିଁ, ଶ୍ରମ ତିଷ୍ଠିବାର ଉପାୟ ହୋଇ ରହେ ନାହିଁ, ସଦ୍ୟ ଅର୍ଥରେ ଶ୍ରମିକ ଲାଗି ଦୈହିକ ଅସ୍ତିତ୍ୱ ରକ୍ଷାର ଉପାୟ ହୋଇ ମଧ୍ୟ ରହେ ନାହିଁ । ଦୁଇଟି ଦିଗରୁ ସେ ହୁଏ ବସ୍ତୁର ଦାସ । ପ୍ରଥମରେ, ସେ ଶ୍ରମର ବସ୍ତୁ ପାଇବା ଭିତର ଦେଇ କାମ ପାଏ, ଦ୍ୱିତୀୟରେ କାମର ଭିତର ଦେଇ ସେ ଜୀବନ ଧାରଣ ବା ଦୈହିକ ଅସ୍ତିତ୍ୱ ରକ୍ଷାର ଉପାୟ ପାଏ, ତ ଦ୍ୱାରା ସେ ପ୍ରଥମେ ନିଜକୁ 'ଶ୍ରମିକ' ଭାବେ ଦ୍ୱିତୀୟରେ ଜଣେ ଦେହଧାରୀ ପୁରୁଷ ଭାବେ ରକ୍ଷା କରେ । ଦାସତ୍ୱର ଶେଷକଥା ହେଉଛି ଯେ ସେ କେବଳ ଶ୍ରମିକ ଭାବରେ ନିଜକୁ ଦେହଧାରୀ ପୁରୁଷ ଭାବେ ରକ୍ଷା

Digitized by srujanika@gmail.com

କରିପାରେ । କେବଳ ଜଣେ ଦେହଧାରୀ ପୁରୁଷ ଭାବେ ସେ ହେଉଛି ଶ୍ରମିକ । ସେ ମୁକ୍ତ ମାନବ ନୁହେଁ, ଅନ୍ୟର ଦାସ, ତାର ମାନବ ସତ୍ତାର ନିର୍ବାସନା ଘଟିଛି ବସ୍ତୁ ମଧ୍ୟରେ ।

ଏ ନିର୍ବାସନ, ଅର୍ଥନୀତିରେ କିପରି ପ୍ରକାଶ ପାଉଛି ତାର ଦୃଷ୍ଟାନ୍ତ ମାର୍କସ୍ ଦେଉଛନ୍ତି- ଶ୍ରମିକ ଯେତେ ଅଧିକ ମୂଲ୍ୟ ସୃଷ୍ଟି କରେ ସେ ସେତେ ମୂଲ୍ୟହୀନ ହୁଏ, ତାର କର୍ମ ଯେତେ ବଳିଷ୍ଠ ଓ ବିଶାଳ ହୁଏ ସେ ସେତେ ଅସମର୍ଥ ଓ ଶକ୍ତିହୀନ ହୁଏ । ପୁଞ୍ଜିବାଦୀ ଅର୍ଥନୀତି ଶ୍ରମିକ ଓ ଉତ୍ପାଦନ ମଧ୍ୟରେ ଏହି ପ୍ରତ୍ୟକ୍ଷ ସଂପର୍କକୁ ବିଚାର ନ କରିବା ଦ୍ୱାରା ଶ୍ରମର ପ୍ରକୃତି ମଧ୍ୟରେ ନିର୍ବାସନର ଅନ୍ତର୍ନିହିତତାକୁ ଘୋଡ଼ାଇ ରଖେ । ଶ୍ରମିକ ଓ ତାର ଉତ୍ପାଦନ ମଧ୍ୟରେ ସଂପର୍କ ହେଉଛି-ଶ୍ରମିକ ବିରାଟ ପ୍ରାସାଦ ତିଆରି କରେ, ନିଜେ ରହେ କୁଡ଼ିଆରେ; ସମସ୍ତ ଧନ ସଂପଦ ସୃଷ୍ଟି କରେ, ନିଜେ ସଢ଼େ ଚରମ ଦାରିଦ୍ର୍ୟରେ, ବିରାଟ ମେସିନ ତିଆରି କରେ, ସେ ନିଜେ ହୁଏ ବେକାର । ଶ୍ରମ ସହିତ ତାର ଉତ୍ପନ୍ନର ଏବଂ ଶ୍ରମିକ ସହିତ ତାର ଉତ୍ପାଦନର ଏହି ହେଲା ସଂପର୍କ, ଏହା ହେଲା ନିର୍ବାସନର ଗୋଟିଏ ଦିଗ ।

ଏ ନିର୍ବାସନ କେବଳ ଶ୍ରମର ଉତ୍ପାଦନ କ୍ରିୟାର ଫଳ ଉତ୍ପନ୍ନରେ ପ୍ରକାଶ ପାଏ ନାହିଁ, ଏହା-ଉତ୍ପାଦନ କ୍ରିୟା ଭିତରେ ବି ପ୍ରକାଶ ପାଏ । ଶ୍ରମିକ ପ୍ରତ୍ୟେକ ଉତ୍ପାଦନ କ୍ରିୟା ଭିତରେ ନିଜକୁ ନିର୍ବାସନ କରେ । ଶ୍ରମର ଉତ୍ପନ୍ନ ନିର୍ବାସିତ ହେଲାବେଳେ ଉତ୍ପାଦନ କ୍ରିୟା ଭିତରେ ନିଜକୁ ସେ ନିର୍ବାସନ କରି ଲାଗିଥାଏ । ଶ୍ରମର ଉତ୍ପନ୍ନ ନିର୍ବାସିତ ହେଲାବେଳେ, ଉତ୍ପାଦନ କଳା ଭିତରେ ସକ୍ରିୟ ନିର୍ବାସନ ଅର୍ଥାତ୍ କର୍ମର ନିର୍ବାସନ ହେବା ସ୍ୱାଭାବିକ । ତେଣୁ ଶ୍ରମର ବସ୍ତୁରୁ ନିର୍ବାସନ ହେଉଛି ସେହି ଶ୍ରମର କ୍ରିୟା ଭିତରେ ପୁଞ୍ଜୀଭୂତ ନିର୍ବାସନ ବା ଆନ୍ତରିକତାର ପରିଣାମ-ଶ୍ରମିକର ଉତ୍ପାଦନ କ୍ରିୟା ହେଉଛି ନିର୍ବାସନ କ୍ରିୟା । ପଶୁ-ଜଗତଠାରୁ ମନୁଷ୍ୟ ଜନ୍ମ ନେଇଛି ଶ୍ରମ ଉତ୍ପାଦନ ଜରିଆରେ । ଏହା ହେଲା ପଶୁ ମନୁଷ୍ୟ ମଧ୍ୟରେ ପାର୍ଥକ୍ୟର ସୀମାରେଖା । ମନୁଷ୍ୟଠାରୁ ଯେତେବେଳେ ଶ୍ରମର ଉତ୍ପାଦନ ନିର୍ବାସିତ ହୋଇଗଲା, ମନୁଷ୍ୟ ମାନବିକ ସତ୍ତା ହରାଇଲା; ଅନ୍ତରିତ ହୋଇ ସେ ହେଲା ପଶୁ ।

ଉତ୍ପାଦନ କ୍ରିୟା ଭିତରେ ଶ୍ରମ ନିର୍ବାସିତ ହେବା ଫଳରେ ତାହା ଶ୍ରମିକର ନିଜସ୍ୱ ନହୋଇ ଏକ ବହିଃଶକ୍ତି ହୋଇ ଠିଆହେଲା । ତାହା ଆଉ ତାର ଅପରିହାର୍ଯ୍ୟ ସତ୍ତା ହୋଇ ରହିଲା ନାହିଁ । ଏହାର ପରିଣାମକୁ ବର୍ଣ୍ଣନା କରି ମାର୍କସ ଲେଖିଛନ୍ତି, “That in his

Digitized by srujanika@gmail.com

work, therefore, he does not affirm himself but denies, himself, does not feel content but unhappy, does not develop freely his physical and mental energy but mortifies his body and ruins his mind. The worker, therefore, only feels himself outside his work, and in his work feels outside himself. He is at home when he is not working, and when he is working he is not at home. His labour, therefore, not voluntary labour, but coerced, it is forced labour. It is not the satisfaction of a need, is merly a means to satisfy needs external to it. Its alien character emerges clearly in fact as soon as no physical or other compulsion exists, labour is shunned like the plague. External labour, labour in which man alienates himself, is a labour of self sacrifice, of mortification. Lastly, external charactor of labour for the worker appears in the fact that is if not his own, but some one else's, that it does not belong to him, that in it he belongs not to himself but to another... It belong to another, it is loss of his self."

ତେଣୁ ଏ ଅନ୍ତରିତତା ଦ୍ୱାରା ଶେଷରେ ମନୁଷ୍ୟର ହେଉଛି ଆତ୍ମସତ୍ତାର ବିନାଶ । ଏହି ବିନାଶର ସମାଧାନ ହୋଇଗଲାଣି ବା ତାର ସତ୍ୟତା ଏବେ ପୁଞ୍ଜିବାଦୀ ଜଗତରେ ଲୋପ ପାଇଗଲାଣି ବୋଲି କହିବା ନିର୍ବୋଧତା । ପୁଞ୍ଜିବାଦୀ ପ୍ରଣାଳୀରେ ତ ଏହାର ପ୍ରକାଶ ଅତି ଜାଜ୍ୱଲ୍ୟମାନ । ତେବେ ସମାଜବାଦୀ ସମାଜ ଏପରିକି ରୁଷ ବର୍ତ୍ତମାନ ଯେଉଁ କମ୍ୟୁନିଷ୍ଟ ସମାଜ ନିର୍ମାଣର ପ୍ରୋଗ୍ରାମ ନେଇଛି, ତାହା ଏହାର ସମାଧାନ ବା ଅବସାନ ଆଣିବା ଦିଗକୁ ଗତି କରୁଛି । ଆଜି ସେ ସ୍ତରରେ ମଧ୍ୟ ଏହାର ସତ୍ୟତା ଦୂରହେବ ନାହିଁ । ଏହା କମ୍ୟୁନିଜିମର ଅନ୍ତିମ ପର୍ଯ୍ୟାୟର ବିଷୟ ଯେଉଁଠି ସୁଖ ଓ ଶ୍ରମ ହେବ ଏକ ଓ ସମାନ; ଶ୍ରମ ମନୁଷ୍ୟର ଆବଶ୍ୟକତାର ପୂରଣର । ଏକ ଉପାୟ ନ ହୋଇ ହେବ ଏକ ଆବଶ୍ୟକତା ପୁରଣ ତାହା ନ ହେବା ଯାଏ ମନୁଷ୍ୟ ତାର ପୂର୍ଣ୍ଣ ଅନ୍ତରିତ ସତ୍ତା ଫେରି ପାଇବ ନାହିଁ ।

Digitized by srujanika@gmail.com

ତେଣୁ ଏ ଅନ୍ତରିତତା ଫଳରେ ମନୁଷ୍ୟ ପ୍ରକୃତ ମନୁଷ୍ୟ ଭଳି ସ୍ୱାଧୀନ ଭାବରେ କାମ କରେ ନାହିଁ । ସେ ପଶୁ ଭଳି ଖାଏ, ପିଏ, ବଂଶ ବୃଦ୍ଧି କରେ, ଖୁବ୍ ବେଶି ହେଲେ ବସବାସ ନିର୍ମାଣ କରେ, ପୋଷାକପତ୍ର ପରିଧାନ କରେ । ତାର ମାନବିକ କାର୍ଯ୍ୟ ନିର୍ବିଶେଷ ଭାବରେ ହୁଏ ପଶୁର କାର୍ଯ୍ୟ । ଏହା ଦର୍ଶାଇ ମାର୍କସ କହିଛନ୍ତି "ଯାହା ପାଶବିକ ତାହା ହୁଏ ମାନବିକ; ଏବଂ ଯାହା ମାନବିକ ତାହା ହୁଏ ପାଶବିକ" ।

ଅତଏବ ଶ୍ରମକ୍ରିୟା ମଧ୍ୟରେ ଉତ୍ପାଦନ କର୍ମ ସହିତ ଶ୍ରମର ଯେଉଁ ସମ୍ପର୍କ, ସେହି ସମ୍ପର୍କ ଯୋଗୁଁ ଶ୍ରମିକର ନିଜର କର୍ମ କିପରି ଏକ ବିରୋଧୀ କର୍ମ ହୋଇ ଠିଆହୁଏ, ତାର କର୍ମ ନିର୍ଯାତନାରେ, ତାର ଶକ୍ତି ଦୁର୍ବଳତାରେ ରୂପାନ୍ତରିତ ହୁଏ, ଏବଂ କାମ କରିବା ଛଡ଼ା ଜୀବନ ବୋଇଲେ ତାର ଅନ୍ୟ କିଛି ରହେ ନାହିଁ, ଆଉ ସେ କାମ ବି ମନୁଷ୍ୟ ଉପରେ ନିର୍ଭର କରେ ନାହିଁ କି ତାର ଆୟତ୍ତାଧୀନ ନୁହେଁ ଓ ତାର ନିଜ ବିରୁଦ୍ଧରେ ପରିଚାଳିତ-ଏସବୁକୁ ବର୍ଣ୍ଣନା କରି ମାର୍କସ ଲେଖଇଛନ୍ତି-ଶ୍ରମର ଉତ୍ପନ୍ନଫଳ, ପଦାର୍ଥମାନଙ୍କର ନିର୍ବାସନ ହେଉଥିଲା ଏବେ ହେଲା ଆତ୍ମ-ନିର୍ବାସନ ।

ପୁଣି ଦେଖାଯାଉ, ମନୁଷ୍ୟ ଏକ ପ୍ରଜାତି ସତ୍ତା (Species being) । ତାର କାରଣ ସେ କେବଳ ବ୍ୟାବହାରିକ କର୍ମରେ ଓ ତାତ୍ତ୍ୱିକ କ୍ଷେତ୍ରରେ ପ୍ରଜାତି (species) ନିଜର ଆଦର୍ଶ ବା ଉଦ୍ଦେଶ୍ୟ ବୋଲି କେବଳ ଗ୍ରହଣ କରେ ନାହିଁ, ସେ ମଧ୍ୟ ନିଜକୁ ଜୀର୍ଣ୍ଣ ପ୍ରକୃତରେ ଜୀବନ୍ତ ପ୍ରଜାତି ବୋଲି ବିଚାର କରେ । କାରଣ ସେ ନିଜକୁ ବିଶ୍ୱଜନୀନ (universal) ବୋଲି ବିଚାରେ, ତେଣୁ ଏକ ସ୍ୱାଧୀନ ସତ୍ତା ଭାବେ ବିଚରଣ କରେ । ମନୁଷ୍ୟ ଓ ପଶୁ ଦୁହେଁ ଦୈହିକ ଭାବେ ଅଜୈବିକ ପ୍ରକୃତି ଉପରେ ବଞ୍ଚନ୍ତି, କିନ୍ତୁ ପଶୁ ତୁଳନାରେ ମନୁଷ୍ୟ ଅଧିକ ବିଶ୍ୱଜନୀନ । ମନୁଷ୍ୟର ବିଶ୍ୱଜନୀନତା, କାର୍ଯ୍ୟଦକ୍ଷତା, ପ୍ରକାଶ ପାଏ ପ୍ରମସ୍ତ ପ୍ରକୃତିକୁ ତାର ଅଜୈବିକ ଶରୀର କରିବାରେ, ଅର୍ଥାତ୍ ପ୍ରକୃତିରୁ ଜୀବନଧାରଣର ଉପାୟ ଓ ଜୀବନ-କର୍ମର ଅସ୍ତ୍ର ବା ବସ୍ତୁ ଆହରଣ କରିବାରେ । ପ୍ରକୃତିକୁ ନିଜର ଅଜୈବିକ ଶରୀରରେ ରୂପାନ୍ତରିତ କରିବାରେ ସେ ଯେତେଦୂର ଅଗ୍ରସର, ସେଇଥିରେ ତାର ବିଶ୍ୱଜନୀନତା ସେତେଦୂର ପ୍ରକଟିତ ।

ମନୁଷ୍ୟ ପ୍ରକୃତ ଉପରେ ବଞ୍ଚେ । ବଞ୍ଚିବା ଲାଗି ସର୍ବଦା ପ୍ରକୃତି ସହିତ ତାକୁ

Digitized by srujanika@gmail.com

ସଂଯୁକ୍ତ ହୋଇ ରହିବାକୁ ହେବ । ମନୁଷ୍ୟର ଶାରୀରିକ ଓ ଆଧ୍ୟାତ୍ମିକ ଜୀବନ ପ୍ରକୃତ ସହିତ ସଂଯୁକ୍ତ, ଅର୍ଥାତ୍ ମନୁଷ୍ୟ ନିଜେ ନିଜ ସହିତ ସଂଯୁକ୍ତ, କାରଣ ମନୁଷ୍ୟ ହେଉଛି ପ୍ରକୃତିର ଏକ ଅଙ୍ଗ । ଯେତେବେଳେ ମନୁଷ୍ୟର ନିଜର ସକ୍ରୀୟ କାର୍ଯ୍ୟବଳୀ, ତାର ଜୀବନର କର୍ମ, ତାହାରିଠାରୁ ପ୍ରକୃତ ଓ ଆପଣାକୁ ନିର୍ବାସିତ କରେ, ସେତେବେଳେ ନିର୍ବାସିତ ଶ୍ରମ ମନୁଷ୍ୟଠାରୁ ପ୍ରଜାତି (species) ନିର୍ବାସିତ କରିଦିଏ । ଫଳରେ ତା ଲାଗି ପ୍ରଜାତି ଜୀବନ ବ୍ୟକ୍ତିଗତ ଜୀବନ ଧାରଣର ଉପାୟରେ ହିଁ ପରିଣତ ହୁଏ । ପ୍ରଥମେ ତାହା ତାର ପ୍ରଜାତି ସତ୍ତା (species being) ଓ ବ୍ୟକ୍ତିଗତ ଜୀବନକୁ ନିର୍ବାସନ କରେ । ଦ୍ୱିତୀୟରେ ତାହା ବ୍ୟକ୍ତିଗତ ଜୀବନକୁ ନିର୍ବିଶିଷ୍ଟ ରୂପରେ ପ୍ରଜାତିର ଜୀବନର ଲକ୍ଷ୍ୟ କରିଦିଏ । ତେଣୁ ଶ୍ରମ, ଜୀବନ, କର୍ମ, ଉତ୍ପାଦନ-ଜୀବନ ଏକ ଆବଶ୍ୟକତା ପୂରଣର ଉପାୟ, କେବଳ ଦୈହିକ ଅସ୍ତିତ୍ୱରକ୍ଷାର ଉପାୟ ଭାବରେ ଦେଖାଦିଏ; ମନୁଷ୍ୟ ପଶୁତୁଲ୍ୟ ହୁଏ ।

ପଶୁ ମନୁଷ୍ୟ ମଧ୍ୟରେ ଫରକ ରହିଛି ଜୀବନ କର୍ମରେ । ପଶୁ ତାର ଜୀବନ କର୍ମ ସହିତ ସମାନ । ତା ଠାରୁ ତାକୁ ପୃଥକ କରାଯାଇ ନ ପାରେ । କିନ୍ତୁ ମନୁଷ୍ୟର ଜୀବନ-କର୍ମ ତାର ଇଚ୍ଛା, ତାହା ଚେତନାର ବସ୍ତୁ । ତା'ମାନେ ତାହା ଚେତନଶୀଳ ଜୀବନ-କର୍ମ । ଏହି ଚେତନଶୀଳ ଜୀବନକର୍ମ ଯୋଗୁଁ ସେ ହେଲା ପ୍ରଜାତିସତ୍ତା, କିମ୍ବା ଯେହେତୁ ସେ ଜୀବସତ୍ତା, ତେଣୁ ସେ ଚେତନଶୀଳ ସତ୍ତା । ଅର୍ଥାତ୍ ତା ଲାଗି ତାର ଜୀବନ ହେଉଛି ଲକ୍ଷ୍ୟ ବା ଆଦର୍ଶ । ସେଥିଯୋଗୁଁ ତାର କର୍ମ ସ୍ୱାଧୀନ କର୍ମ । କିନ୍ତୁ ନିର୍ବାସିତ ଶ୍ରମ ଏହି ସମ୍ପର୍କକୁ ଓଲଟାଇ ଦିଏ । ଫଳରେ ମନୁଷ୍ୟ ଚେତନଶୀଳ ସତ୍ତା ହୋଇଥିବାରୁ ତାର ଜୀବନକର୍ମ ତାର ନିର୍ଯ୍ୟାସ ସତ୍ତାକୁ (essential being) । କେବଳ ନିଜର ଅସ୍ତିତ୍ୱରକ୍ଷା, ଜୀବନ ଧାରଣର ଏକ ଉପାୟରେ ପରିଣତ କରେ । ସେ ହୁଏ ଜୀବନ ସର୍ବସ୍ୱ ।

ଆଲୋଚନା କଲେ ଦେଖାଯିବ, ମନୁଷ୍ୟ ଅଜୈବିକ ପ୍ରକୃତି ଉପରେ କାର୍ଯ୍ୟ କରି ତାର ବ୍ୟାବହାରିକ କର୍ମ ଦ୍ୱାରା ଏକ ବସ୍ତୁଗତ ଜଗତ ସୃଷ୍ଟି କରେ, ନିଜର ଚେତନଶୀଳ ସତ୍ତାର ପ୍ରମାଣ ଦିଏ । ସେ ସତ୍ତା ଜୀବକୁ ତାର ନିଜର ନିର୍ଯ୍ୟାସ ସତ୍ତା ବା ନିଜକୁ ଜୀବସତ୍ତା ବୋଲି ଗ୍ରହଣ କରେ । କିନ୍ତୁ ପଶୁପକ୍ଷୀମାନେ ମଧ୍ୟ ଉତ୍ପାଦନ କରନ୍ତି । ସେମାନଙ୍କର ବସା ବାନ୍ଧିବା ଆଦି କାର୍ଯ୍ୟ ଏକମୁଖୀ । ମନୁଷ୍ୟର କାର୍ଯ୍ୟ ବିଶ୍ୱଜନୀନ । ପଶୁର ଉତ୍ପାଦନ

Digitized by srujanika@gmail.com

କେବଳ ନଗଦ ଦୈହିକ ପ୍ରୟୋଜନୀୟତାର ତାଡ଼ନାରେ । ମନୁଷ୍ୟ ଦୈହିକ ପ୍ରୟୋଜନୀୟତା ଠାରୁ ମୁକ୍ତ ହୋଇ ମଧ୍ୟ ଉତ୍ପାଦନ କରେ ଓ ପ୍ରକୃତ ଉତ୍ପାଦନ ହେଉଛି ପ୍ରୟୋଜନୀୟତାର ତାଡ଼ନାରୁ ମୁକ୍ତିରେ । ପଶୁ କେବଳ ନିଜକୁ ଉତ୍ପନ୍ନ କରେ, ମନୁଷ୍ୟ ସମସ୍ତ ପ୍ରକୃତିକୁ ଉତ୍ପନ୍ନ କରେ । ପଶୁର ଉତ୍ପନ୍ନ, ସଙ୍ଗେ ସଙ୍ଗେ; ତାର ଦୈହିକ ଶରୀର ଅଧୀନ, ମନୁଷ୍ୟ ଅବାଧରେ ତାର ଉତ୍ପନ୍ନର ସମ୍ମୁଖୀନ ହୁଏ । ପଶୁ ଯେଉଁ ଜୀବ ଜଗତ ଭୁକ୍ତ, ତାର ପ୍ରୟୋଜନ ବା ଷ୍ଟାଣ୍ଡାର୍ଡ ଅନୁଯାୟୀ ଉତ୍ପନ୍ନ କରି ଜାଣେ ଓ ପ୍ରତ୍ୟେକ କ୍ଷେତ୍ରରେ ବସ୍ତୁ ପ୍ରତି ସହଜାତ ଷ୍ଟାଣ୍ଡାର୍ଡକୁ କିପରି ପ୍ରୟୋଗ କରିବାକୁ ହେବ ଜାଣେ । ତେଣୁ ମନୁଷ୍ୟ ସୌନ୍ଦର୍ଯ୍ୟର ନିୟମ ଅନୁସାରେ ଜିନିଷ ଗଢ଼େ ।

ଅର୍ଥାତ୍ ବସ୍ତୁଗତ ଜଗତକୁ କାମରେ ଲଗାଇବାଦ୍ୱାରା ମନୁଷ୍ୟ ନିଜକୁ ଏକ ପ୍ରଜାତି ସତ୍ତା ବୋଲି ପ୍ରକୃତରେ ପ୍ରତିପାଦିତ କରେ । ସେହି ଉତ୍ପାଦନ ଲାଗି ଓ ସେହି ଉତ୍ପାଦନ ଜରିଆରେ ପ୍ରକୃତି ତାର କାମ, ତାର ବାସ୍ତବତା ଭଳି ପ୍ରତୀୟମାନ ହୁଏ । ଶ୍ରମର ବସ୍ତୁ ହେଉଛି ଜୀବନର ବସ୍ତୁରୂପ ଚ୍ଚାରଣ ମନୁଷ୍ୟ କେବଳ ବୌଦ୍ଧିକ ଭାବରେ ଚେତନା ଭିତରେ ନିଜର ପ୍ରତିମୂର୍ତ୍ତି ଗଢେ ନାହିଁ, ସକ୍ରିୟ ଭାବେ ବାସ୍ତବତାରେ ମଧ୍ୟ ନିର୍ମାଣ କରେ । ସେଥିଯୋଗୁଁ ସେ ଯେଉଁ ଜଗତ ନିର୍ମାଣ କରେ ସେ ତାକୁ ନିଜେ ଚିନ୍ତନ କରେ । କିନ୍ତୁ ନିର୍ବାସିତ କର୍ମ, ତାର ସୃଷ୍ଟିକୁ, ଉତ୍ପାଦନକୁ ତାର ଜୀବନ ଠାରୁ, ବସ୍ତୁଗତ ଭାବେ ତାର ପ୍ରକୃତ ଜୀବ ଠାରୁ, ଛିନ୍ନ କରିଦିଏ । ଫଳରେ ତଦ୍ୱାରା ପଶୁ ତୁଳନାରେ ମନୁଷ୍ୟ ଯେଉଁ ଉତ୍କର୍ଷ ଓ ସୁଯୋଗର ଅଧିକାରୀ,ତାହା ତାର ବୈପରୀତ୍ୟରେ ରୂପାନ୍ତରିତ ହୁଏ। ସେହିପରି ମନୁଷ୍ୟର ସ୍ୱତଃସ୍ଫୁର୍ତ୍ତ କର୍ମ, ସ୍ୱାଧୀନ କର୍ମର ଅଧୋଗତି ଏହି ନିର୍ବାସିତ ଶ୍ରମ ଯୋଗୁଁ ଘଟିଥାଏ। ତେଣୁ ମନୁଷ୍ୟର ଜୀବ-ଚେତନା ଏପରି ରୂପାନ୍ତରିତ ହୁଏ ଯେ, ତାର ଜୀବନ ହୁଏ ଏକ ଉଦ୍‌ଭାବନର ପାତ୍ର ।

ଅତଏବ ନିର୍ବାସିତ ଶ୍ରମ, ମନୁଷ୍ୟ ଜୀବସତ୍ତା – ତାର ପ୍ରକୃତି ଓ ତାର ଆଧ୍ୟାତ୍ମିକ ଜୀବସମ୍ପଦ ଉଭୟକୁ ବିରୋଧୀ ସତ୍ତାରେ ରୂପାନ୍ତରିତ କରେ, ତାର ବ୍ୟକ୍ତିଗତ ଅସ୍ତିତ୍ୱରକ୍ଷା ବା ଜୀବନଧାରଣ ଲାଗି ଏକ ଉପାୟରେ ପରିଣତ କରେ । ନିର୍ବାସିତ ଶ୍ରମ ମନୁଷ୍ୟକୁ ବହିଃପ୍ରକୃତି, ତାର ଆଧ୍ୟାତ୍ମିକ ନିର୍ଯ୍ୟାସ, ତାର ମାନବିକ ସତ୍ତା ଠାରୁ ନିର୍ବାସନ କଲା ଭଳି,

Digitized by srujanika@gmail.com

ମନୁଷ୍ୟକୁ ତାର ଶରୀରରୁ ନିର୍ବାସନ କରେ ।

ତେଣୁ ମନୁଷ୍ୟ ଯଦି ତାର ଶ୍ରମର ଉତ୍ପନ୍ନ, ତାର ଜୀବନକର୍ମ, ତାର ଜୀବ ସତ୍ତାରୁ ନିର୍ବାସିତ ହୋଇଯାଏ, ପରିଣାମରେ ମନୁଷ୍ୟରୁ ମନୁଷ୍ୟର ନିର୍ବାସନ ଘଟେ । ମନୁଷ୍ୟ ଅନ୍ୟ ଲୋକର ସମ୍ମୁଖୀନ ହେଲା ଭଳି ନିଜେ ନିଜର ସମ୍ମୁଖୀନ ହୁଏ । ମନୁଷ୍ୟ ନିଜ ପାଖରେ ହୁଏ ପର ବା ନିଜର ପରିପନ୍ଥୀ । ମନୁଷ୍ୟର ଜୀବ ପ୍ରକୃତି ମନୁଷ୍ୟଠାରୁ ନିର୍ବାସିତ ହେବା ଅର୍ଥ, ଜଣେ ଅନ୍ୟ ପାଖରୁ ନିର୍ବାସିତ ହୁଏ । ମନୁଷ୍ୟ ମନୁଷ୍ୟର ସମ୍ପର୍କ ହୁଏ ଖାଦ୍ୟ ଖାଦକର ସମ୍ପର୍କ ।

ଏହାର ଅର୍ଥନୈତିକ ବିଶ୍ଳେଷଣ ହେଲା, ଯଦି ମୋର ଉତ୍ପନ୍ନ ମୋଠାରୁ ନିର୍ବାସିତ, ଏକ ବିରୋଧୀ ଶକ୍ତି ଭାବେ ଦେଖା ଦେଲା, ତେବେ ତାହା କାହାର ଆୟତ୍ତାଧୀନ ? ଯଦି ମୋର କର୍ମ ମୋର ନୁହେଁ ତାହା ଯଦି ଏକ ବିରୋଧୀ ବାଧ୍ୟତାମୂଳକ କର୍ମ, ତେବେ ତାର ଅଧିକାରୀ କିଏ ? ନିଶ୍ଚୟରେ, ତାହା ମୁଁ ନୁହେଁ, ଅନ୍ୟ ଏକ ସତ୍ତା । ଯଦି ଶ୍ରମିକର ଉତ୍ପାଦନ ଶ୍ରମିକର ନୁହେଁ ଓ ତାହା ଏକ ବିରୋଧୀ ଶକ୍ତି ଭାବେ ଶ୍ରମିକ ସମ୍ମୁଖରେ ଦଣ୍ଡାୟମାନ, ବୁଝିବାକୁ ହେବ, ଶମିକ ବ୍ୟତୀତ ଅନ୍ୟ ଜଣେ ତାର ଅଧିକାରୀ । ସେଥିଯୋଗୁଁ ଶ୍ରମିକର କର୍ମ ତା ପ୍ରତି ଯନ୍ତ୍ରଣାଦାୟକ ହେଲାବେଳେ ଅନ୍ୟ ଜଣକ ପକ୍ଷରେ ଆନନ୍ଦକର ।

ଏ ବିରୋଧୀ ଶକ୍ତି ଭଗବାନ ବା ପ୍ରକୃତି ନୁହେଁ, ମନୁଷ୍ୟ ନିଜେ । ଏହା ପ୍ରକାଶ ପାଏ ଉତ୍ପାଦନ ସମ୍ପର୍କରେ – କିଏ ଉତ୍ପାଦନର ଉପକରଣ, ଜମିଜମା କଳକାରଖାନାର ମାଲିକଏବଂ କିଏ ସେଥିରୁ ବଞ୍ଚିତ, ଏଇଥିରେ । ତେଣୁ ବ୍ୟକ୍ତିଗତ ଶ୍ରମର ପ୍ରକୃତି ଓ ଶ୍ରମିକ ପ୍ରତି ତାର ବାହ୍ୟ ସମ୍ପର୍କର ଫଳ ଓ ତାର ଅପରିହାର୍ଯ୍ୟ ପରିଣାମ ହେଲା ବ୍ୟକ୍ତିଗତ ସମ୍ପତ୍ତି । ଅର୍ଥାତ୍ ଅନ୍ତରିତ ଶ୍ରମ ଅର୍ଥାତ୍ ଅନ୍ତରିତ ମନୁଷ୍ୟ, ନିର୍ବାସିତ ଶ୍ରମ, ନିର୍ବାସିତ ଜୀବନ, ନିର୍ବାସିତ ମନୁଷ୍ୟରୁ ବ୍ୟକ୍ତିଗତ ସମ୍ପତ୍ତି ଉଦ୍‌ଭବ ।

ଏ ଲେଖାର ପରିସର ମଧ୍ୟରେ ଆନ୍ତରିତାର ସମସ୍ତ ଦିଗକୁ ଉପସ୍ଥାପିତ କରିବାସମ୍ଭବ ନୁହେଁ । କେତେକ ମୂଳ କଥାର ମାତ୍ର ସୂଚନା ଦିଆଯାଉଛି । ଏଥିରେ କେତେକ ଠାରେ ମାର୍କସଙ୍କ ବକ୍ତବ୍ୟକୁ ସେହିଭଳି ଉପସ୍ଥାପିତ କରିବାର ଚେଷ୍ଟା ହୋଇଛି, ଅନ୍ତରିତତା ମନୁଷ୍ୟର ଜୀବନକୁ ଗ୍ରାସ କଲାବେଳେ ତାହା ସର୍ବବ୍ୟାପୀ ସମାଜର ପ୍ରେତ୍ୟକ ସ୍ତରରେ ବ୍ୟାପ୍ତ ।

Digitized by srujanika@gmail.com

ସଂକ୍ଷେପରେ କହିଲେ, ଅର୍ଥନୈତିକ କ୍ଷେତ୍ରରେ ପ୍ରକାଶ ପାଇଛି – ମାର୍କସଙ୍କ ଭାଷାରେ "fetishism of commodities" ବା ପଣ୍ୟଦ୍ରବ୍ୟର ଅନ୍ଧ ପୂଜାରେ, ମନୁଷ୍ୟ ହୋଇଛି ପଣ୍ୟର ଦ୍ରବ୍ୟର ଅନ୍ଧ ପୂଜାରେ, ମନୁଷ୍ୟ ହୋଇଛି ପଣ୍ୟର ଦାସ; ରାଜନୀତିରେ ଏହା ଆତ୍ମପ୍ରକାଶ କରିଛି ରାଷ୍ଟ୍ରର ରହସ୍ୟରେ– ମନୁଷ୍ୟ ହୋଇଛଇ ରାଷ୍ଟ୍ରର ଦାସ । (ବୁର୍ଜୁଆମାନଙ୍କ ଭାଷାରେ ଏହା ହେଉଛି ଶ୍ରେଣୀ ବହିର୍ଭୁତ; ସବୁ ଶ୍ରେଣୀର ଉର୍ଦ୍ଧ୍ୱରେ ଦଣ୍ଡାୟମାନ) । ଆଧାତ୍ମିକ କ୍ଷେତ୍ରରେ ଏହା ଆତ୍ମପ୍ରକାଶ କରିଛି ମନୁଷ୍ୟର ବିକଳ୍ପ ସୃଷ୍ଟିରେ । ଏଠି ଅନ୍ତରିତ ଜଗତର ଚିନ୍ତା ଅନ୍ତରିତ ହୋଇ ତାର ବାସ୍ତବତା ହରାଇ ଦେଖା ଦିଏ ମାୟା ରୂପରେ । ମନୁଷ୍ୟ ବିରୁଦ୍ଧରେ ଧର୍ମ, ଭଗବାନ ଓ ଭାବବାଦୀ ଦର୍ଶକର ଦୃଷ୍ଟିକୋଣରେ ଅନ୍ତରିତ ଜଗତ ହୁଏ ବାସ୍ତବ, ବାସ୍ତବ ଜଗତ ମାୟାରେ ପରିଣତ ହୁଏ, ମନୁଷ୍ୟ ହୁଏ ତାର ଦାସ ।

ସାମାଜିକ କ୍ଷେତ୍ରରେ ଏହାର ପୃଷ୍ଠଭୂମି ହେଲା – ଆଦିମ ଯୁଗରେ ମନୁଷ୍ୟ ଥିଲା ପ୍ରକୃତିର ଦାସ । ସେ ପ୍ରକୃତି ମଧ୍ୟରେ ନିଜର ସତ୍ତାକୁ ହରାଇଥିଲା । ସେ ନିଜକୁ ଚିହ୍ନି ପାରି ନଥିଲା । ପ୍ରକୃତି ଥିଲା ତାର ନିୟନ୍ତା, ସେ ପ୍ରକୃତିର ନିୟନ୍ତା ନ ଥିଲା । ପ୍ରକୃତି ଥିଲା ତାର ସମ୍ପତ୍ତି, ଜୀବନ । ତାର ସତ୍ତା ଥିଲା ନିଜ ବହିର୍ଭୂତ ପ୍ରକୃତି ମଧ୍ୟରେ । ସେତେବେଳେ ବ୍ୟକ୍ତିଗତ ସମ୍ପତ୍ତି ମଧ୍ୟରେ । ପ୍ରକୃତ ମନୁଷ୍ୟ-ସତ୍ତା ମନୁଷ୍ୟ ପାଖରେ ନଥାଏ । ତାର ସମ୍ପର୍କ ଖାଦ୍ୟ ଖାଦକର । ସମାଜବାଦୀ ସମାଜରେ ଶୋଷଣ ଲୋପ ହୁଏ, ସମ୍ପତ୍ତି ହୁଏ ସାମାଜିକ; କିନ୍ତୁ ମନୁଷ୍ୟର ସତ୍ତା ସମ୍ପତ୍ତି ଭିତରେ ନିର୍ବାସିତ ହୋଇଥାଏ । କାରଣ ସେଠାରେ ଶ୍ରମ ଅନୁଯାୟୀ ଫଳ ପାଇବାର ନୀତି ପ୍ରତିଷ୍ଠିତ । ମନୁଷ୍ୟର ସତ୍ତା ସେହି ସମ୍ପତ୍ତି ଭିତରେ ନିର୍ବାସିତ କାରଣ ପ୍ରକୃତି ଉପରେ କର୍ତ୍ତୃତ୍ୱ ଏପର୍ଯ୍ୟନ୍ତ ଆସି ନାହିଁ କି ପ୍ରାଚୁର୍ଯ୍ୟ ଆସି ନାହିଁ ସେ ଅଭାବ ମଧ୍ୟରେ ସତ୍ତାର ନିର୍ବାସନ ଘଟିଛି । ମାନବିକତା ଏହି ଅଭାବ ଦ୍ୱାରା ସୀମାବଦ୍ଧ । ସର୍ବୋଚ୍ଚ କମ୍ୟୁନିଷ୍ଟ ସମାଜରେ ଶୋଷଣ ତ ନଥାଏ । ପରିପୂର୍ଣ୍ଣ ପ୍ରାଚୁର୍ଯ୍ୟ ପ୍ରକୃତି ଉପରେ ଅଖଣ୍ଡ କ୍ଷମତା ପ୍ରତିଷ୍ଠିତ ରଖେ । ସେଠାରେ ମନୁଷ୍ୟ ପ୍ରକୃତିର ଦାସ ନୁହେଁ; ସୁଖ ଓ ଶ୍ରମର ମିଳନ । ଶ୍ରମରେ ମନୁଷ୍ୟ ଆନନ୍ଦ ପାଇବ ଓ ଆନନ୍ଦ ଲାଗି ଶ୍ରମ କରିବ । ବାଧ୍ୟବାଧକତାର ପ୍ରଶ୍ନ ନାହିଁ । ସେ ପୂର୍ଣ୍ଣ, ସ୍ୱାଧୀନ । ସମାଜ ହେବ ବ୍ୟକ୍ତିର ମିଳନାତ୍ମକ ସତ୍ତା । ବ୍ୟକ୍ତି ମନୁଷ୍ୟ ସତ୍ତାର ନିର୍ବାସନ ନୁହେଁ, ତାର ଘଟିବ ପରିପୂର୍ଣ୍ଣ ବିକାଶ । ମନୁଷ୍ୟ ହେବ ପୂର୍ଣ୍ଣ ମନୁଷ୍ୟ, ଅନ୍ତରିତତାର ହେବ ଅନ୍ତରିତ ।

□

Digitized by srujanika@gmail.com

ଓଡ଼ିଆ ସାହିତ୍ୟ ପରିଚୟ ସମ୍ପର୍କରେ ପଦେ

ଭାରତୀୟ ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶିତ "ସମସାମୟିକ ଭାରତୀୟ ସାହିତ୍ୟ" (Contemporary Indian Literature) ପୁସ୍ତକ ଖଣ୍ଡିକରେ ଭାରତର ପ୍ରତ୍ୟେକ ପ୍ରାନ୍ତୀୟ ସାହିତ୍ୟ ସମ୍ପର୍କରେ ପ୍ରବନ୍ଧମାନ ପ୍ରକାଶ ପାଇଛି । ଉକ୍ତ ପୁସ୍ତକଟି ଭାରତ ଓ ଭାରତ ବାହାରର ପାଠକମାନଙ୍କ ଉଦ୍ଦେଶ୍ୟରେ ଲିଖିତ । ଓଡ଼ିଆ ସାହିତ୍ୟ ସମ୍ପର୍କରେ ଡକ୍ଟର ମାୟାଧର ମାନସିଂହଙ୍କ ପ୍ରବନ୍ଧଟି ସେଥିରେ ସ୍ଥାନ ପାଇଛି ଏବଂ ଉକ୍ତ ଲେଖାଟିରେ ପ୍ରକାଶିତ ମନ୍ତବ୍ୟ ଲେଖକଙ୍କର ବ୍ୟକ୍ତିଗତ ମତ ବୋଲି ସାହିତ୍ୟ ଏକାଡେମୀ ଆରମ୍ଭରୁ ପରିଷ୍କାର କରି ଦେଇଛନ୍ତି ।

ଓଡ଼ିଆ ସାହିତ୍ୟ ସମ୍ପର୍କରେ ଲେଖିବା ଲାଗି ଶ୍ରୀ ମାନସିଂହଙ୍କ ଦକ୍ଷତାକୁ କେହି ପ୍ରଶ୍ନ କରି ନପାରେ । ତେବେ ଲେଖକ ଯେତେ ଦକ୍ଷ ହେଲେ ବି ସେ କେତେକ ପରିସ୍ଥିତିର ପରିସରରେ ଆବଦ୍ଧ । ପ୍ରଥମତଃ, ଲେଖାରେ ଲେଖକଙ୍କର ବ୍ୟକ୍ତିଗତ ଦୃଷ୍ଟିକୋଣ ନିଶ୍ଚୟ ପ୍ରତିଫଳିତ ହେବ । ଦ୍ୱିତୀୟରେ, ସାହିତ୍ୟ-ମୂଲ୍ୟ ତଉଲିବା ଲାଗି କୌଣସି ଏକ ନିର୍ଦ୍ଦିଷ୍ଟ ବା ସମାନ ନିର୍ଣ୍ଣୟକ ନାହିଁ । ତାହା ସାଧାରଣତଃ ବିଭିନ୍ନ ଲୋକଙ୍କ ପାଇଁ ବିଭିନ୍ନ ମୂଲ୍ୟବୋଧ ସୃଷ୍ଟି କରେ । ତେଣୁ କୌଣସି ସାହିତ୍ୟିକ ପ୍ରବନ୍ଧ ବା ଆଲୋଚନା ସମସ୍ତଙ୍କ ମନକୁ ଘେନିଲା ଭଳି ହୋଇ ନ ପାରେ । ଏହା ସତ୍ତ୍ୱେ କେତେକ ମୌଳିକ ନୀତି, ପରମ୍ପରା ଆଉ ଐତିହାସିକ ଘଟଣା ସମ୍ପର୍କରେ ସମସ୍ତେ ଏକମତ ହେବା ସ୍ୱାଭାବିକ । ବିଚିତ୍ରତା ଭିତରେ ସମତା ହେଉଛି ପ୍ରାକୃତିକ ନିୟମ ।

Digitized by srujanika@gmail.com

ଏ ଲେଖାର ଉଦ୍ଦେଶ୍ୟ ହେଲା ଓଡ଼ିଆ ସାହିତ୍ୟକୁ ଓଡ଼ିଶା ବାହାରେ ଏପରିକି ଆନ୍ତର୍ଜାତୀୟ କ୍ଷେତ୍ରରେ ପରିଚିତ କରାଇବା । ତେଣୁ ଲେଖାଟି ଯେତେଦୂର ସମ୍ଭବ ସୁରୁଚି ସମ୍ପନ୍ନ, ଓଜଃପୂର୍ଣ୍ଣ ହୁଏ ଏବଂ ଘଟଣାର ସତ୍ୟତାକୁ ପ୍ରତିପାଦିତ କରେ ସେଥିପ୍ରତି ଦୃଷ୍ଟି ରହିବା ସର୍ବପ୍ରଧାନ କର୍ତ୍ତବ୍ୟ । ଯଦି କେହି ତା ଭିତରେ ଆମର ତ୍ରୁଟି ଓ ଦୁର୍ବଳତାର ଆଲୋଚନାକୁ ଆବଶ୍ୟକ ମନେ କରେ, ତେବେ ତାହା ସାମାଜିକ ବିକାଶଧାରାର ଏକ ଅନିବାର୍ଯ୍ୟ ଅନୁଶୀଳନ ଭାବେ ଉପଯୁକ୍ତ ସ୍ଥାନରେ ସ୍ୱତଃ ପରିସ୍ଫୁଟ ହେବା ଉଚିତ ।

ଐତିହାସିକ ବିଶ୍ଳେଷଣ ଅନୁଯାୟୀ ଆଲୋଚନା କରା ନ ଗଲେ ଏବଂ ସମଗ୍ର ସାହିତ୍ୟର ବିକାଶଧାରା ଉପରୁ ଦୃଷ୍ଟି ଖସି ଆସି ବ୍ୟକ୍ତିବିଶେଷଙ୍କ ସାହିତ୍ୟ ଉପରେ ନିବଦ୍ଧ ହୋଇଗଲେ, ତାହା କେବଳ ଅବାସ୍ତବ ହେବ ନାହିଁ, ଅନ୍ୟ ଦିଗରେ ଲେଖାଟି ଆକ୍ରୋଶମୂଳକ ଚର୍ଚ୍ଚା ବା ଅନାବଶ୍ୟକ ପ୍ରଶଂସାରେ ଦୂଷିତ ହୋଇ ଉଠିବ । ବାସ୍ତବ ବସ୍ତୁଗତ (Objective) ଛାଡ଼ି ମନୋଗତ (Subjevtive) ଦୃଷ୍ଟି କୋଣ ଧରିଲେ ଏ ପ୍ରକାର ଫଳ ଉପୁଜିବା ସ୍ୱାଭାବିକ ।

ଅତି ଦୁଃଖର ବିଷୟ ଯେ, ଶ୍ରୀଯୁକ୍ତ ମାନସିଂହ ସେ ପ୍ରକାର ଦୃଷ୍ଟିଭଙ୍ଗୀ ନେଇ ନାହାନ୍ତି । ଫଳରେ ତାଙ୍କ ଲେଖାରେ ଇତିହାସ ବିକୃତ ଓ ସାହିତ୍ୟର ବିକାଶ ବିକଳାଙ୍ଗ ହୋଇପଡ଼ିଛି, ଜାତୀୟ ଦେଶପ୍ରେମର ଭାବ ପରିତ୍ୟକ୍ତ ହୋଇଛି ଏବଂ ବ୍ୟକ୍ତିଗତ ଆଦର ଆକ୍ରୋଶ, ଫୁଟିଉଠିଛି; ସେଥିଯୋଗୁ ସାଧାରଣ ରୁଚି ଓ ସାମାଜିକ ଶାଳୀନତାରୁ ଦୂରେଇ ଯିବାକୁ ଲେଖକ କୁଣ୍ଠାବୋଧ କରି ନାହାନ୍ତି । ପ୍ରତିକ୍ରିୟାଶୀଳ ଦୃଷ୍ଟିଭଙ୍ଗୀ ସହ ବ୍ୟକ୍ତିଗତ ବିଦ୍ୱେଷର ସମ୍ମିଶ୍ରଣର ଭିତ୍ତି ଉପରେ ଲେଖାଟି ବହୁ କ୍ଷେତ୍ରରେ ଗଢ଼ି ଉଠିଛି । ତାଙ୍କର ସମସାମୟିକ କବି ଓ ଲେଖକଙ୍କ ପ୍ରତି ଏହା ସାଧାରଣତଃ ଉଦ୍ଦିଷ୍ଟ ।

ଅନ୍ୟ ଦିଗରେ ଲେଖକଙ୍କ ମନରେ ବାସ୍ତବତାକୁ ଏଡ଼ି ଦେବା କଷ୍ଟକର ହୋଇଛି । ତେଣୁ ବାସ୍ତବ ଘଟଣା ଓ ତାଙ୍କର ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀ, ଏହାର ଅସମାହିତ ସଂଘର୍ଷ ଯୋଗୁଁ ଉକ୍ତ ଲେଖାଟିରେ ପରସ୍ପର ବିରୋଧୀ ଭାବ ଓ ମତାମତ ମଧ୍ୟ ପ୍ରକାଶ ପାଇଛି ।

ଏବେ ଉକ୍ତ ଲେଖାଟି ସମ୍ପର୍କରେ ଆଲୋଚନା କରାଯାଉ । ବିଭିନ୍ନ ଲେଖକଙ୍କର ଲେଖା ସମ୍ପର୍କରେ ପ୍ରକାଶିତ ତାଙ୍କର ମନ୍ତବ୍ୟ କେତେ ଦୂର ଭୁଲ ବା ନିର୍ଭୁଲ ତାହା ସାହିତ୍ୟକମାନେ ବିଚାର କରିବେ । ସେ ସମ୍ପର୍କରେ ମତପାର୍ଥକ୍ୟ ଘଟିବା ସ୍ୱାଭାବିକ । କିନ୍ତୁ

Digitized by srujanika@gmail.com

ଐତିହାସିକ ଘଟଣାବଳୀ ନେଇ ତ ମତଦ୍ୱୈଧର ଅବକାଶ ନାହିଁ । ଏଠାରେ ସେମିତି କେତୋଟି ନିର୍ଦ୍ଦିଷ୍ଟ ଦୃଷ୍ଟାନ୍ତ ନିଆଯାଇପାରେ ।

"ଗାନ୍ଧି-ସାଇକ୍ଲୋନ" ଦେଶ ଉପରେ ବୋହିଗଲା-ଏପରି ଶବ୍ଦ ଯୋଜନାର ଅର୍ଥ କ'ଣ ? ଏହା କ'ଣ ଝଡ଼ପରି ଜାତୀୟ ସମ୍ପଦକୁ ନଷ୍ଟ କଲା ? ଏହା ଆମର ଜାତୀୟ ସଂଗ୍ରାମ ପ୍ରତି ତାଚ୍ଛଲ୍ୟ ଓ ଦେଶପ୍ରେମ ପ୍ରତି ବିଦ୍ରୁପ ନୁହେଁ କି ? ୧୯୨୧ ଅସହଯୋଗ **ଭାରତର ଜାତୀୟ ସଂଗ୍ରାମ,** ଏହା କଣ ଏପରି ଚିତ୍ରଣଯୋଗ୍ୟ ବିଷୟ ?

ଆଉ ଟିକିଏ ଭାବିବାକୁ ଗଲେ, ପ୍ରକୃତରେ ଏହା କଣ ଝଡ଼ ପରି ଏକ ସାମୟିକ ଘଟଣା ? ଏହା କଣ ଆମର ଜାତୀୟ-ଜୀବନ, ସାମାଜିକ ବିକାଶ ତଥା ସାହିତ୍ୟ କ୍ଷେତ୍ରରେ ସ୍ପଷ୍ଟ ଚିହ୍ନ ଛାଡ଼ିଦେଇ ଯାଇ ନାହିଁ ? ଆମର ସାହିତ୍ୟିକମାନେ କଣ ଏହା ଦ୍ୱାରା ଅନୁପ୍ରାଣିତ, ଆଉ ସାହିତ୍ୟ ଏହାଦ୍ୱାରା ପ୍ରଭାବିତ ହୋଇନାହିଁ ?

ଦେଶର ମୁକ୍ତି ଓ ସାହିତ୍ୟର ବିକାଶ ଦିଗରୁ ବିଚାର କଲେ "ସତ୍ୟବାଦୀ ସାହିତ୍ୟିକମାନଙ୍କ" "ଉର୍ବର" ଜୀବନ କଣ "ବ୍ୟର୍ଥ" ହୋଇଛି ? ସେମାନଙ୍କର ସେତେବେଳର ଲେଖା ଓ କାର୍ଯ୍ୟ ବିନା ଓଡ଼ିଶାର ଜାତୀୟ ଜୀବନ ଓ ସାହିତ୍ୟର ଅଗ୍ରଗତି ସମ୍ଭବ ହୋଇଥାନ୍ତା ? ଯାହା ଇତିହାସ ପ୍ରମାଣ କରିସାରିଛି ତା ବିଷୟରେ ଆଲୋଚନା ନିଷ୍ପ୍ରୟୋଜନ :

ଅସହଯୋଗ ଆନ୍ଦୋଳନ- "ପ୍ରଳୟ ଗୋଟାଏ ଗତିରୋଧ ଆଣିଲା, ଓଡ଼ିଶାର ସାଂସ୍କୃତିକ ଜୀବନରେ ଶୂନ୍ୟତା ସୃଷ୍ଟି କଲା ।" ଏହା କେତେ ପରିମାଣରେ ସତ୍ୟ ? ଯେଉଁ ଅସହଯୋଗ ସଂଗ୍ରାମ ଦେଶର ଚେତନା ଉପରେ ଆଘାତ ଦେଇ ଇତିହାସର ଅଗ୍ରଗତିର ମାର୍ଗ ଉନ୍ମୁକ୍ତ କଲା, ବିଳଷ୍ଠ ଦେଶପ୍ରେମ ଓ ସ୍ୱାଧୀନ ଚିନ୍ତାର ଭାବ ଜାଗ୍ରତ କଲା, ତାହା କଣ ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ 'ଅବରୋଧ' ଓ ଶୂନ୍ୟତା ସୃଷ୍ଟି କରିଛି ? ସାହିତ୍ୟ ଓ ସଂସ୍କୃତି ଜାତୀୟ-ଜୀବନଠାରୁ ବିଚ୍ଛିନ୍ନ ନୁହେଁ । ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ, କୃପାସିନ୍ଧୁ ପ୍ରଭୃତି ଯେଉଁମାନେ ଜାତୀୟ କାବ୍ୟ, କବିତା, ନାଟକ, ପ୍ରବନ୍ଧ ଆଦି ରଚନା କରୁଥିଲେ ସେମାନଙ୍କର ସେ ଲେଖାସବୁର ମୂଳ ଉତ୍ସ ଥିଲା କେଉଁଠି । କେଉଁ ପ୍ରେରଣା ସେମାନଙ୍କୁ ଅସହଯୋଗ ଭିତରକୁ ଟାଣି ନେଇଥିଲା ।

ସତ୍ୟବାଦୀ ସ୍କୁଲକୁ "ସମୂହ ଜନସ୍ୱାର୍ଥେ ଲାଗି ବଳି ଦେଇ ସଂଗ୍ରାମରେ ଝାସ ହେବା-

Digitized by srujanika@gmail.com

ଏ ପର୍ଯ୍ୟନ୍ତ ଘଟିଥିବା ସାଂସ୍କୃତିକ ବର୍ବରତାମୂଳକ ବ୍ୟଭିଚାରର ଏକ ଅତି ନିର୍ବୋଧଜନକ କାମ ।" ଆଉ ତାର "ଶୋଚନୀୟ ପରାଭବ ଯଥାଯଥ ଭାବେ ନିରାକୃତ ହୋଇପାରି ନାହିଁ ।

ଏହା କ'ଣ ସତ୍ୟ ? ଏହା ହୋଇଥିଲେ ଓଡ଼ିଶାର ସତ୍ୟବାଦୀ ଯୁଗ ବୋଲି ଏକ ଅଧ୍ୟାୟ ସୃଷ୍ଟି ହୋ ନଥାନ୍ତା । 'ସତ୍ୟବାଦୀ ଲେଖକମାନେ' ନିଜର ଲେଖନୀ ଦ୍ୱାରା ନୁହେଁ, ତା ସଙ୍ଗେ ତାଙ୍କର କାମ ଦ୍ୱାରା ଏକ ସାମାଜିକ ଆଲୋଡ଼ନ ସୃଷ୍ଟି କରିଛନ୍ତି, ଯାହାର ପ୍ରଭାବ ଫଳରେ ନୂତନ ସାହିତ୍ୟ ଓ ସାହିତ୍ୟିକମାନେ ଗଢ଼ି ଉଠିଛନ୍ତି ।

ଯାହା ଦେଖାଯାଏ, ଅସହଯୋଗର ଯୁଗାନ୍ତକାରୀ ଘଟଣାରେ ଲେଖକ ସ୍ତମ୍ଭିତ; ବିଚଳିତ ଓ ବ୍ୟଥିତ ହୋଇ ପଡ଼ିଛନ୍ତି ।" ବର୍ବରତାମୂଳକ ବ୍ୟଭିଚାର"- ଲୋକ କେତେଦୂର ପ୍ରତିକ୍ରିୟାଶୀଳ ହେଲେ ଏପରି ଚିନ୍ତା ତା ମନକୁ ସ୍ପର୍ଶ କରିପାରେ ?

ବାସ୍ତବିକ, ତାହା ରଙ୍ଗୀନ ସ୍ୱପ୍ନ ନୁହେଁ, ଶୁଷ୍କ ବାସ୍ତବତା; କିନ୍ତୁ ପାଷାଣ ତଳୁ ବାହାରୁଥିବା ଜଳ ଯେପରି ସ୍ୱଚ୍ଛ, ସୁସ୍ୱାଦୁ ଏବଂ ସ୍ୱାସ୍ଥ୍ୟ ପକ୍ଷରେ ହିତକର; ସେଇପରି ସଂଗ୍ରାମ ଭିତରୁ ଜାତ ହେଉଥିବା ରସ, ସାହିତ୍ୟ ଓ ସଂସ୍କୃତ ଅତି ନିର୍ମଳ, ରୁଚିପୂର୍ଣ୍ଣ ଏବଂ ସମସ୍ତ ଜାତି ପକ୍ଷରେ ମଙ୍ଗଳଜନକ । ଏଥିପ୍ରତି ଲେଖକଙ୍କ ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟର କଥା ।

ସେ ଲେଖିଛନ୍ତି, "ଗାନ୍ଧି ଆନ୍ଦୋଳନ ସାଂସ୍କୃତିକ କ୍ଷେତ୍ରରେ ଅନୁର୍ବରତା ଆଣିଦେଇଛି । କେବଳ ଏଚ୍ କେ ମହତାବଙ୍କ କେତେକ ଉପନ୍ୟାସ ଓ ଜଣେ ସାମୟିକ କବିଙ୍କର କାବ୍ୟ 'କମଳାୟନ' ଏଥିରୁ ବାଦ୍‌ଯାଏ । ଶେଷୋକ୍ତ କାବ୍ୟର ନାୟକ ଓ ନାୟିକା ଜାତୀୟତାର ସୀମା ଅତିକ୍ରମ କରି ବିଶ୍ୱ-ନାଗରିକତା ଅନୁଭବ କରିଥିଲେ, ବିଶ୍ୱ ନାଗରିକ ଭାବେ ବଞ୍ଚିବାକୁ ଚେଷ୍ଟା କରିଥିଲେ । ଗାନ୍ଧି ଆନ୍ଦୋଳନର ଉତ୍ତେଜନା ହ୍ରାସ ହେବାର ବହୁଦିନ ପରେ ଏଗୁଡ଼ିକ ଲିଖିତ ହୋଇଥିଲା ।"

"ଗାନ୍ଧି ଆନ୍ଦୋଳନ ଅନୁର୍ବରତା" ଆଣିଲା-ଏହା କ'ଣ ସତ୍ୟ ?

ମାତ୍ର 'ବହୁଦିନ ପରେ' ତା'ରି ଫଳରେ ଶ୍ରୀ ମହତାବଙ୍କ ଉପନ୍ୟାସ ଓ ଶ୍ରୀ ମାନସିଂହଙ୍କ 'କମଳାୟନ' ପ୍ରକାଶ ପାଇଲା, ଏହା କେତେଦୂର ଠିକ୍ ? ସେ ଅନୁର୍ବର

Digitized by srujanika@gmail.com

ପ୍ରଭାବକୁ ଭେଦ କରିବା ପାଇଁ କଣ ଓଡ଼ିଶାରେ ମାତ୍ର ଦୁଇଟି ଉର୍ବର ଉଦ୍ଭିଦ ବହୁଦିନ ପରେ ଅଙ୍କୁରିତ ହେଲେ ? ଏହାକୁ ମିଥ୍ୟା, କପଟତା ସ୍ତୁତିଗାନ ଓ ଆତ୍ମବଡ଼ିମା ଛଡ଼ା କଣ କୁହାଯାଇପାରେ ? ଓଡ଼ିଶାର ଅନ୍ୟ କୌଣସି କବି ଓ ଲେଖକ କଣ ସେତେବେଳେ 'ଗାନ୍ଧୀ-'ଆନ୍ଦୋଳନ'ର ଚିନ୍ତା ଓ ଚେତନା ଦ୍ୱାରା ଅନୁପ୍ରାଣିତ ହୋଇ କିଛି ରଚନା କରି ନାହାନ୍ତି ? ଇତିହାସକୁ ପୋଛିବାକୁ ବସିବା ଚରମ ନିର୍ବୋଧତା । ସାହିତ୍ୟକ୍ଷେତ୍ରରେ ଅନ୍ୟକୁ ଦାବି ଯିଏ ଉଠିବାକୁ ଯାଏ ସେ ଲୋକ ଚକ୍ଷୁରେ ନିଜେ ଛୋଟ ହୋଇପଡ଼େ । ଏହା ସଂସ୍କୃତିର ପରିଚୟ ଦିଏ ନାହିଁ ।

ସମସ୍ତ ସତ୍ୟବାଦୀ ସାହିତ୍ୟ କେଉଁ ଆନ୍ଦେଳନରୁ ଜାତ ? ଓଡ଼ିଶା ଶିକ୍ଷା, ସାହିତ୍ୟ, ସଂସ୍କୃତିରେ ବିରାଟ ପରିବର୍ତ୍ତନ ଆଣିଥିବା 'ସମାଜ'ର ମୂଳ କେଉଁଠି ? ସେତେବେଳେ 'ମୁକୁର'ର ସ୍ରଷ୍ଟା କେଉଁ ପ୍ରଭାବରେ ପ୍ରଭାବିତ ? ଏହା ଛଡ଼ା ଜଗବନ୍ଧୁ ସିଂହ, ଗୋଦାବରୀଶ ମହାପାତ୍ର, ପଦ୍ମଚରଣ, ବୀରକିଶୋର, ବ୍ରଜସୁନ୍ଦର, କୃଷ୍ଣମୋହନ, ବାଞ୍ଛାନିଧି ଲକ୍ଷ୍ମୀକାନ୍ତ ପ୍ରଭୃତି ବହୁ କବି ଓ ଲେଖକ କାହା ଦ୍ୱାରା ଅନୁପ୍ରାଣିତ ? ଏ ଦିଗରେ ସବୁଜ ଦଳଙ୍କ ଦାନକୁ କଣ ଉପେକ୍ଷା କରାଯାଇପାରେ ? ସାମାନ୍ୟ କେତେକଙ୍କୁ ଛାଡ଼ି ଦେଲେ ଏମାନଙ୍କ ଦ୍ୱାରା ରଚିତ ସମସ୍ତ ଓଡ଼ିଆ ସାହିତ୍ୟ ଦ୍ୱାରା ଜାତୀୟଭାବ ଉଦ୍‌ବୁଦ୍ଧ ହୋଇଉଠିଛି । ଏ ଦୃଷ୍ଟାନ୍ତର ତ ଅଭାବ ନାହିଁ ।

ସେ ପୁଣି ଲେଖିଛନ୍ତି, "ଆଦର୍ଶବାଦୀ କଂଗ୍ରେସର କାମ (ପ୍ରଫେସନ) ଓ କଥା ଏବଂ ନେତା ଓ କର୍ମୀମାନଙ୍କର ଦୈନନ୍ଦିନ ଜୀବନରେ କାର୍ଯ୍ୟକଳାପର ପ୍ରଭେଦ ଏତେ ବେଶି ଯେ ଆନ୍ଦୋଳନ କୌଣସି ବୁଦ୍ଧିଜୀବୀକୁ ଅନୁପ୍ରାଣିତ କରିପାରିଲା ନାହିଁ ।" ଏଠି ଗୋପବନ୍ଧୁଙ୍କ ଅସହଯୋଗ ଆନ୍ଦୋଳନ ବେଳର କଂଗ୍ରେସ କଥା କୁହାଯାଇଛି । ସେତେବେଳର କଂଗ୍ରେସ ଆଉ ବର୍ତ୍ତମାନର କଂଗ୍ରେସ ଭିତରେ ଯେ ବହୁ ଫରକ ଅଛି, ଏହା ସମସ୍ତେ ମାନିବେ । ତେଣୁ ସେତେବେଳର କଂଗ୍ରେସ ଯେଉଁମାନଙ୍କୁ ଅନୁପ୍ରାଣିତ କରିଥିବ ଏବର କଂଗ୍ରେସ ସେମାନଙ୍କୁ ଅନୁପ୍ରାଣିତ କରିବ ନାହିଁ । ବର୍ତ୍ତମାନର କଂଗ୍ରେସ ଦ୍ୱାରା ଯେଉଁମାନେ ଅନୁପ୍ରାଣିତ ସେତେବେଳର କଂଗ୍ରେସ ଭାବ ସେମାନଙ୍କୁ ସ୍ପର୍ଶ କରି ନାହିଁ । ଅବଶ୍ୟ ସେତେବେଳେ ନିଃସ୍ୱାର୍ଥପର ଦେଶପ୍ରେମର ଯେଉଁ ବୁଦ୍ଧିଜୀବୀମାନେ ପ୍ରଭାବିତ ହୋଇ ନ ଥିଲେ ଏବେ ସେମାନଙ୍କ ପକ୍ଷରେ ପ୍ରଭାବିତ ହେବା ପାଇଁ ନାନାପ୍ରକାର ପନ୍ଥା ଖୋଲି ଯାଇଛି । କେଉଁ ପ୍ରକୃତ ବୁଦ୍ଧିଜୀବୀ ଦେଶପ୍ରେମ ଦ୍ୱାରା ପ୍ରଭାବିତ ନ ହେବ ବାନ

Digitized by srujanika@gmail.com

ହୋଇଛି ? ଆଉ ଏହି ଦେଶପ୍ରେମର ବାହାରେ ଥିବା ବ୍ୟକ୍ତିମାନେ ବୁଦ୍ଧିରେ ଜୀଇଁଥାଇ ପାରନ୍ତି, କିନ୍ତୁ ସେମାନେ କେତେଦୂର ବା ବୁଦ୍ଧିଜୀବୀ ପଦବାଚ୍ୟ ।

ସବୁଜ ଦଳଙ୍କ ସମ୍ପର୍କରେ ସେ ଲେଖିଛନ୍ତି, "ଦଳେ ଅଣ୍ଡର ଗ୍ରାଜୁଏଟ ବଙ୍ଗଳା ଟ୍ରେଡ୍‌ମାର୍କା ମରା" ସତ୍ୟବାଦୀ ଦଳଙ୍କ ପରେ ଆବିର୍ଭୂତ ହେଲେ । ସେମାନେ ରବୀନ୍ଦ୍ରଙ୍କୁ ଅନୁକରଣ କରିଥିଲେ । ତାଙ୍କର ମତାମତ ନେଇ ଶେଷ ଉପସଂହାର ହେଉଛି- "ଏଇ ଦଳରେ କେବଳ ଏକମାତ୍ର ଲେଖକ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ଥାଇ ବର୍ତ୍ତମାନ ପାଠ୍ୟପୁସ୍ତକ ରଚନାରେ ବ୍ୟସ୍ତ ।"

ସବୁଜ ସାହିତ୍ୟ ସମ୍ପର୍କରେ ମତଭେଦ ହୋଇପାରେ; କିନ୍ତୁ 'ଅଣ୍ଡର ଗ୍ରାଜୁଏଟ୍' 'ବଙ୍ଗଳା ଟ୍ରେଡ୍ ମାର୍କା କହି' ବିଦ୍ରୂପ କରିବାର ଉଦ୍ଦେଶ୍ୟ କ'ଣ ? ଅଣ୍ଡର ଗ୍ରାଜୁଏଟଙ୍କ ପକ୍ଷରେ କଣ ସାହିତ୍ୟ ରଚନା ନିଷିଦ୍ଧ ? ଓଡ଼ିଶାର ତ ଅଧିକାଂଶ ସାହିତ୍ୟିକ ଅଣ୍ଡର ଗ୍ରାଜୁଏଟ । 'ଫକୀର ମୋହନ' 'ମେହେର'ଙ୍କ ଠାରୁ ଆରମ୍ଭ କରି ଲେଖକ ଉଲ୍ଲେଖ କରିଥିବା ଶ୍ରୀ ମହତାବ, କବି ରାଧାମୋହନ ଗଡ଼ନାୟକ ଓ ଔପନାସିକ ଚନ୍ଦ୍ରମଣି ଦାସଙ୍କ ଯାଏ ବହୁ ଲେଖକଙ୍କୁ ତ ସେ ଆଖ୍ୟା ଦିଆଯାଇ ପାରିଥାନ୍ତା । ଏପରି କହିବା ଦ୍ୱାରା ସାହିତ୍ୟରେ ସବୁଜ ଦଳର ଦାନ ତ ହ୍ରାସ ହେଉ ନାହିଁ, ଲେଖକଙ୍କର ବ୍ୟକ୍ତିଗତ ଅଭିସନ୍ଧି ହିଁ ପ୍ରକାଶ ପାଉଛି ।

ପୁଣି "ପାଠ୍ୟପୁସ୍ତକ ରଚନାରେ ବ୍ୟସ୍ତ-" ଏହା ବି କି ଉଦ୍ଦେଶ୍ୟ ନେଇ ଲିଖିତ ? ସାହିତ୍ୟିକ ଅଭାବରେ ପଡ଼ି ନା ଜାତୀୟ ଶିକ୍ଷାର ବିକାଶ ଲାଗି ବା ନିଜର ଅଧୋଗତି ଫଳରେ ପାଠ୍ୟ ପୁସ୍ତକ ରଚନାର ଆଶ୍ରୟ ନେଲା ? କୁହାଯାଇପାରେ, କାରଣ ଯାହାହେଉ ପଛେ, ତାହା ବାସ୍ତବତା; କିନ୍ତି ତାହା ତ ସଂପୂର୍ଣ୍ଣ ସତ୍ୟ ନୁହେଁ । ତେବେ ବି ବାସ୍ତବତା ସମସ୍ତଙ୍କ ଚକ୍ଷୁରେ ସମାନ ନୁହେ କି ପ୍ରତ୍ୟେକେ ବାର ସମାନ ସଦ୍‌ବ୍ୟବହାର କରନ୍ତି ନାହିଁ ।

'ସବୁଜଯୁଗ ପରେ' 'କାଳିନ୍ଦୀ' 'ବୈକୁଣ୍ଠ'ଙ୍କର ସାହିତ୍ୟ ପ୍ରତି ସମସ୍ତ ଅବଦାନ ନଷ୍ଟ ହୋଇଗଲା ।' ଜାତୀୟ ସଂଗ୍ରାମ, ଗଡ଼ଜାତ ଆନ୍ଦୋଳନଠାରୁ ଆରମ୍ଭ କରି ନୂତନ ଚିନ୍ତାଧାରାକୁ ପ୍ରକାଶ କରିବାରେ ଏମାନଙ୍କର କଣ କିଛି ଅବଦାନ ନାହିଁ ?

ଯାହା ଦେଖାଯାଏ ଏ ଲେଖକମାନେ ସବୁଠାରୁ ସଂବେଦନଶୀଳ (Sensitive) ରବୀନ୍ଦ୍ରନାଥଙ୍କଠାରୁ ଆରମ୍ଭ କରି ବର୍ତ୍ତମାନ ଯାଏ ପ୍ରାୟ ସମସ୍ତ ନୂତନ ଯୁଗୀୟ ପ୍ରତିଭାଶାଳୀ

Digitized by srujanika@gmail.com

ଲେଖକଙ୍କ ସ୍ୱର ଏମାନଙ୍କ ଲେଖାରେ ଝଙ୍କୃତ ହୋଇ ଉଠିଛି । ତାହା ଉଚ୍ଚ ଧରଣର କି ନୁହେଁ ସେ ବିଷୟରେ ବା ମତଭେଦ ଘଟିପାରେ ! ତା ପରେ, ପାଠ୍ୟ ପୁସ୍ତକ ଲେଖା ! ଓଡ଼ିଶାର କେତେଜଣ କବି ବା ଲେଖକ ପାଠ୍ୟ ପୁସ୍ତକ ଲେଖିନାହାନ୍ତି ବା ନିଜର ବହିକୁ ପାଠ୍ୟ ପୁସ୍ତକ କରିବା ପାଇଁ ଉଦ୍ୟମ କରି ନାହାନ୍ତି ?

ଶେଷରେ 'ପିପୁଲ୍‌ସ ପୋଏଟ୍' "ଗଣକବି" ବୋଲି ଇନ୍‌ଭଟେଡ୍ କମା ଦେଇ ଲେଖକ ଏକ ଅଧ୍ୟାୟ ଆରମ୍ଭ କରିଛନ୍ତି । ଏ ବିଦ୍ରୂପ କାହିଁକି ?

ପଢ଼ିଲେ ଜଣାପଡ଼େ, ସବୁଜଦଳ ରବୀନ୍ଦ୍ରନାଥଙ୍କୁ ଆଣିଲେ ଆଉ ଏମାନେ ଫ୍ରୟେଡ୍, ହୁଇଟ୍‌ମାନ, ମାର୍କସଙ୍କୁ ଆଣିଲେ । ଆଉ ତାହା ଯେପରି ଦୋଷାବହ ହେଲା । ପୁଣି ଏମାନଙ୍କୁ ଟେକିବା ଲାଗି ଗୋଟାଏ ଦଳ ଥିଲା । ତାହା ଏମାନଙ୍କୁ ଉପରକୁ ଉଠାଇ ଦେଇଛି ।

ପ୍ରକୃତରେ ଦେଖିଲେ, ଏ ଧରଣର ଲେଖକମାନଙ୍କୁ ସବୁବେଳେ ପ୍ରତିକ୍ରିୟା ବିରୁଦ୍ଧରେ ଲଢ଼ିବାକୁ ପଡ଼ିଛି । ସ୍ୱାଧୀନତା ପୂର୍ବରୁ ବା ପରେ ଶାସକ ଗୋଷ୍ଠୀର ବାହୁଛାୟା ତଳେ ଏମାନେ ଆଶ୍ରୟ ନେଇ ନାହାନ୍ତି । 'ଆଧୁନିକ'ର ମୃତ୍ୟୁପରେ ଏମାନଙ୍କର ଗୋଟିଏ ହେଲେ ସାହିତ୍ୟ ପତ୍ରିକା ନାହିଁ । ଏମାନଙ୍କୁ କେହି କେବେ ଧୂପଦୀପ ଚନ୍ଦନରେ ବନ୍ଦିତ କରିନାହିଁ । ଏମାନଙ୍କ ଗୀତ ଓ କବିତା ସାଧାରଣ ଲୋକଙ୍କ ତୁଣ୍ଡରେ ଶୁଣାଗଲା । ସେଥିଲାଗି କଣ ଏମାନେ ଦୋଷୀ ?

ଲେଖକ ଯେତେବେଳେ ପ୍ରବନ୍ଧ, ଉପନ୍ୟାସ, ନାଟକ ରଚୟିତାମାନଙ୍କ ନାମ ଉଲ୍ଲେଖ କରିଛନ୍ତି, ସେଥିରେ ବହୁ ଲୋକଙ୍କ ନାମ ବାଦ୍ ପଡ଼ିଯାଇଛି । ହେଲେ, ସମସ୍ତଙ୍କ ନାମ ଦେବାର କଥା । ନହେଲେ ସାହିତ୍ୟର ବହୁମୁଖୀ ବିକାଶର ଧାରା ବା ଦିଗକୁ କେବଳ ଉଲ୍ଲେଖ କରିଥିଲେ ହୋଇଥାନ୍ତା । ତେବେ, ଏଠାରେ ବିଶ୍ୱନାଥ କର,ରତ୍ନାକର ପତି, ରାଧାନାଥ ରଥ, ଲକ୍ଷ୍ମୀକାନ୍ତ, ଗୋଦାବରୀଶ ମହାପାତ୍ର, ବାଞ୍ଛାନିଧି, ବୀରକିଶୋର, ସରଳା ଦେବୀ ପ୍ରଭୃତି ବହୁ ଲେଖକଙ୍କ ନାମ କଣ ଉଲ୍ଲେଖଯୋଗ୍ୟ ନୁହେଁ ? ନାମ ନେଇ କାହାର କେମିତି ମତଭେଦ ଘଟିପାରେ । ଏହା ବୋଲି ଏମାନଙ୍କର ଓ ଏମାନଙ୍କ ଭଳି ଆହୁରି ଅନେକଙ୍କର ନାମୋଲ୍ଲେଖ ନ କରିବା କ'ଣ ଇତିହାସ-ସମ୍ମତ ଓ ଯୁକ୍ତିସଂଗତ ?

ମୋଟ ଉପରେ ଯେତେବେଳେ କୌଣସି ଏକ ନୂଆ ପ୍ରଗତିଶୀଳ ଭାବ ଓ ଆଦର୍ଶ ଆସିଛି, ଲେଖକ ତାକୁ ସ୍ୱାଗତ କରି ପାରି ନାହାନ୍ତି; କିନ୍ତୁ ତାର ଫଳକୁ ଅସ୍ୱୀକାର କରିଦେବା

Digitized by srujanika@gmail.com

ଲେଖକ ପକ୍ଷରେ କଷ୍ଟକର ହୋଇପଡ଼ିଛି । ତେଣୁ ଏହି ବିରୋଧିତା ତାଙ୍କ ଲେଖାର ପ୍ରତ୍ୟେକ ପର୍ଯ୍ୟାୟରେ ଫୁଟି ଉଠିଛି । ସେ ଜାତୀୟ ଆନ୍ଦୋଳନର ପ୍ରଭାବ କଥା ଉଲ୍ଲେଖ କଲେ ବି ସେଥିରେ ଏଇ ଦୁର୍ବଳତା ଦେଖାଯାଏ ।

ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅଭାବ, ପଡ଼ୋଶୀ ଭାଷାଭାଷୀ ଲୋକଙ୍କ ଅନ୍ୟାୟ ଆଚରଣ ଆଦି ଦର୍ଶାଇଛନ୍ତି; ଅଥଚ ଇଂରେଜ ଆଧିପତ୍ୟ ଯେ ଏକ ପ୍ରଧାନ ଅନ୍ତରାୟ ତାହା ଭୁଲିଯାଇଛନ୍ତି । ପାଶ୍ଚାତ୍ୟ ସାହିତ୍ୟର ସଂସ୍ପର୍ଶ ଓଡ଼ିଆ ସାହିତ୍ୟକୁ ବିକାଶ ଦିଗରେ ସାହାଯ୍ୟ କରିଛି ସତ; କିନ୍ତୁ ଇଂରେଜ ଭାଷାର ଔପନିବେଶିକ ପ୍ରଚଳନ ହେତୁ ଆମର ଭାଷା ଓ ସାହିତ୍ୟର ଅଭିବୃଦ୍ଧି ମଧ୍ୟ ବହୁପରିମାଣରେ ସଂକୁଚିତ ହୋଇ ଯାଇଛ । ଏହା କେବଳ ଓଡ଼ିଆ ନୁହେଁ ଭାରତର ପ୍ରତ୍ୟେକ ପ୍ରାନ୍ତୀୟ ଭାଷଣ ପ୍ରତି ପ୍ରଯୁଜ୍ୟ ।

କିଏ କେଉଁ ଦୃଷ୍ଟି କୋଣରୁ ଲେଖିଲା ତାହା ଯେତେ ଦୁଃଖର ବିଷୟ ନୁହେଁ, ସେତେ ଦୁଃଖର ହେଉଛି ଯେ, ଯଦି କାଦୁଅ ଫିଙ୍ଗି କାଳି କରିବାର କଥା, ସେଥିଲାଗି କଣ ଆମ ଓଡ଼ିଶାରେ ପତ୍ରପତ୍ରିକାର ଅଭାବ ଅଛି ? ଆମ କଟକର ନର୍ଦ୍ଦମାପୂର୍ଣ୍ଣ ରାଜପଥ କଣ ସେଥିଲାଗି ଅରୁଚିକର ନା ଅପ୍ରଶସ୍ତ ? ଆମ ଘରକଥା ଦୁନିଆଦାଣ୍ଡକୁ ନେବା କାହିଁକି ? ଆମର ତ ପୁଣି ଓଡ଼ିଶାର ଚୋଟାଏ ଜାତୀୟ ସମ୍ମାନ ଓ ମର୍ଯ୍ୟାଦା ରହିଛି । ତାକୁ କ'ଣ ଭୁଲିଯିବା ?

ଉପରୋକ୍ତ କଥାଗୁଡ଼ିକ ବାଦ୍ ଦେଲେ ଶ୍ରୀଯୁକ୍ତ ମାନସିଂହଙ୍କ ଲେଖାରେ ଶୈଳୀ, ବିଷୟ ଆଦି ଉଚ୍ଚଧରଣର ଓ ଖୁବ୍ ସୁନ୍ଦର ହୋଇଛି । ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଦାନକୁ କେହି ଅସ୍ୱୀକାର କରିବ ନାହିଁ । କିନ୍ତୁ ଲେଖକ ମଧ୍ୟ ପାଠକମାନଙ୍କର ମତାମତ ଜାଣିବା ଉଚିତ, ଆଉ ଲୋକମାନଙ୍କୁ ସାହିତ୍ୟ ଦେବା ପାଠକମାନଙ୍କର କର୍ତ୍ତବ୍ୟ । ତେଣୁ କାହା ପ୍ରତି ଅସମ୍ମାନ ପ୍ରଦର୍ଶନ କରିବା ଏ ସମାଲୋଚନାର ଉଦ୍ଦେଶ୍ୟ ନୁହେଁ । ଆମର କବି ଓ ଲେଖକମାନେ ଯେପରି ଆମର ଜାତୀୟ ଜୀବନକୁ ଉନ୍ନତ ଓ ମାର୍ଜିତ କରିବାରେ ସାହଯ୍ୟ କରନ୍ତି, ପ୍ରେରଣା ଯୋଗାନ୍ତି, ସେଥିପ୍ରତି ପ୍ରତ୍ୟେକେ ଦୃଷ୍ଟି ଦେବା ଉଚିତ । ପାଠକ ଓ ଲେଖକର ଘନିଷ୍ଠ ସହଯୋଗରେ ଆମର ସାହିତ୍ୟ ନିଶ୍ଚୟ ସୁସ୍ଥ ଓ ବଳିଷ୍ଠ ହେବ ।

❑

Digitized by srujanika@gmail.com

ସଂସ୍କୃତି ଓ ଅପସଂସ୍କୃତି

ଓଡ଼ିଶାରେ ପ୍ରାୟ ଏକ ଚତୁର୍ଥାଂଶ ଆଦିବାସୀ । ବିଳମ୍ବରେ ହେଲେ ବି ସେମାନଙ୍କ ସଂସ୍କୃତି ନେଇ ଆଲୋଚନାର ଉଦ୍ୟମ ଏକ ସ୍ୱାଗତଯୋଗ୍ୟ ଘଟଣା । ଓଡ଼ିଆ ସାହିତ୍ୟ ଏକାଡ଼େମୀର ରଜତ ଜୟନ୍ତୀରେ ଓଡ଼ିଶାର ଦୁଇଜଣ ବିଶିଷ୍ଟ ବୁଦ୍ଧିଜୀବୀ ଓ ସାହିତ୍ୟିକ, ଶ୍ରୀ ସୀତାକାନ୍ତ ମହାପାତ୍ର ଓ ଶ୍ରୀ ଚିତ୍ତରଞ୍ଜନ ଦାସ ସେ ସମ୍ବନ୍ଧରେ ଦୁଇଟି ପ୍ରବନ୍ଧ ଉପସ୍ଥାପିତ କରିଛନ୍ତି । ବିଷୟଟିର ଗୁରୁତ୍ୱ ଦୃଷ୍ଟିରୁ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ।

ଶ୍ରୀ ମହାପାତ୍ର ସଂସ୍କୃତିର ବ୍ୟାଖ୍ୟା ଥୋଇ ଆଦିବାସୀ ସଂସ୍କୃତିର ମୂଲ୍ୟବୋଧ ଓ 'ବୈଶିଷ୍ଟ୍ୟ' ବିଚାର କରି ଚାରୋଟି "ଶିକ୍ଷଣୀୟ ବିଷୟ" ବାହାର କରିଛନ୍ତି, ଯାହାକୁ କି "ଉଚ୍ଚ" ସଂସ୍କୃତିର ଲୋକେ ଅନୁସରଣ କରିବା 'ଉଚିତ' ।

ତାଙ୍କ ମତରେ "ସଂସ୍କୃତି କେବଳ ଉତ୍ପାଦନ ଦ୍ରବ୍ୟର ପରିମାଣ, ଅର୍ଥନୀତିର ପ୍ରଗତି, କଥା କହିବା ଭଙ୍ଗୀ, ପୋଷାକର ଚାକଚକ୍ୟରେ ନିହିତ ନୁହଁ । ସଂସ୍କୃତି ବଞ୍ଚିବାର ଶୈଳୀ, ଜୀବନ ଧାରଣର ରୂପକ, ସଂସ୍କୃତି ମଣିଷ ହୃଦୟର କଥା, କେବଳ ମସ୍ତିସ୍କ ଗୋଡ଼ ହାତର କର୍ମକୁଶଳତା ନୁହଁ, ସଂସ୍କୃତି ଜୀବନ ପ୍ରତି ଆଭିମୁଖ୍ୟ-ସ୍ୱପ ଦେଖିବାର ଶୈଳୀ ।"

ସଂସ୍କୃତିର ଉପରୋକ୍ତ ବାଖ୍ୟା କେବଳ ଆଦିବାସୀ ଜୀବନ ନୁହେଁ, ସବୁ ଜୀବନ ପ୍ରତି ପ୍ରଯୁଜ୍ୟ । ଆଦିବାସୀ ଜୀବନର ଆଭିମୁଖ୍ୟ ଓ ସ୍ୱପ୍ନର ଶୈଳୀକୁ ଆଲେଚନା କଲା ଭିତରେ ଶ୍ରୀ ମହାପାତ୍ର ଅଲକ୍ଷ୍ୟରେ ନିଜର ଆଭିମୁଖ୍ୟ ଓ ସ୍ୱପ୍ନର ଶୈଳୀକୁ ମଧ୍ୟ ଉପସ୍ଥାପିତ

Digitized by srujanika@gmail.com

କରନ୍ତି । ତେବେ ଅନ୍ୟର ସଂସ୍କୃତିର ଆଲୋଚନାରେ ନିଜର ସଂସ୍କୃତିର ପରିଚୟ, ଅନ୍ୟର ଆଭିମୁଖ୍ୟର ଆଲୋଚନାରେ ନିଜର ଆଭିମୁଖ୍ୟର ପରୀକ୍ଷା ।

ସେ ଲକ୍ଷ୍ୟ କରିଛନ୍ତି, ବର୍ତ୍ତମାନର ଉନ୍ନୟନ ଯୋଜନା ଦ୍ୱାରା ଆଦିବାସୀ ଜୀବନରେ ପରିବର୍ତ୍ତନ ଘଟୁଛି । ଅବସ୍ଥା ବଦଳି ଯାଉଛି । ତେଣୁ ସେ ବ୍ୟସ୍ତ ହୋଇପଡ଼ି କହିଛନ୍ତି, "ଉନ୍ନୟନ ଯୋଜନା କଲାବେଳେ ଆମକୁ ସେମାନଙ୍କ ସଂସ୍କୃତିର ବୈଶିଷ୍ଟ୍ୟକୁ ଯେତେଦୂର ସମ୍ଭବ ବଜାୟ ରଖିବାକୁ ହେବ ।" ତା ଅର୍ଥ ଏପରି ଯୋଜନା ଦରକାର ଯେଉଁଠି ଆଦିବାସୀ ତାଙ୍କ ବୈଶିଷ୍ଟ୍ୟ ଦୃଷ୍ଟିରୁ ଆଦିବାସୀ ହୋଇ ରହିବେ ।

ତେଣୁ ଯେଉଁ ଅର୍ଥନୀତି, ସାମାଜିକ ବ୍ୟବସ୍ଥା, ଜୀବନଧାରା ଏବଂ ଆଭିମୁଖ୍ୟ ସେହି ବୈଶିଷ୍ଟ୍ୟକୁ ଜନ୍ମ ଦେଇଛି, ତାକୁ ସେଇପରି ଅକ୍ଷତ ଓ ଅପରିବର୍ତ୍ତିତ କରି ରଖିବାକୁ ହେବ । ସେ ଅନୁନ୍ନତ ଅବସ୍ଥା ଯେତେ ଦୁଃଖ ଓ ବେଦନାଦାୟକ ହେଲେ ବି ସଂସ୍କୃତିର ରକ୍ଷା ଦିଗରୁ ତାର ସୁରକ୍ଷା କରଣୀୟ ।

ଆଦିବାସୀଙ୍କର ସେହି ବୈଶିଷ୍ଟ୍ୟଗୁଡ଼ିକ ହେଉଛି, "ସେମାନଙ୍କ ପାରସ୍ପରିକ ସହଯୋଗ, ଗୋଷ୍ଠୀ ଅନୁରକ୍ତି, ହୃଦୟବତ୍ତା ଆଦି ଗୁଣ, ହୁଏତ ଆମ ସମାଜରେ ଭବିଷ୍ୟତ ଲାଗି ଜରୁରୀ ।" (ବର୍ତ୍ତମାନ ପାଇଁ ନୁହଁ ?) କେତେକ ଶିକ୍ଷଣୀୟ ବିଷୟ ହେଉଛି, "ଜୀବନରେ ଅନେକ ଦୁଃଖ ଥାଏ-ରହିବାର କଥା । ଯନ୍ତ୍ରଣା ଓ ଦୁଃଖ ଏସବୁ ସ୍ୱାଭାବିକ । ଆଦିବାସୀ ଭାବେ ତାକୁ ଛାଡ଼ି ତାର ଜୀବନ କହିଁ ? ଆଦିବାସୀ କବିତାରେ, ଗଳ୍ପରେ ଏସବୁ ଦୁଃଖର ଛାଇ ସୁସ୍ପଷ୍ଟ, କିନ୍ତୁ ଏହା ଭିତରେ ସୁଖ ଅଛି, ... ଜୀଇଁଥିବା ଯାଏ ସୁଖରେ ବଞ୍ଚେ, ଅନ୍ୟମାନଙ୍କ ସହ ବଞ୍ଚେ । ଜୀବନ ପ୍ରତି ବିମୁଖ ଭାବ ପ୍ରାୟ ଦୃଷ୍ଟିରେ ପଡ଼େନାହିଁ । ଆନନ୍ଦର ସ୍ୱରୂପ ଆମେ ଭୁଲି ଯାଉଛୁ । ତେଣୁ ଭୌତିକ ପ୍ରଗତି, ଅର୍ଥ-ନୀତିକ ଅଭ୍ୟୁଦୟ ଏସବୁ ସତ୍ତ୍ୱେ ଆନନ୍ଦ ଆମଠୁଁ ଦୂରେଇ ଯାଉଛି । ଏହି ଦୃଷ୍ଟିର ଆମର ଆଦିବାସୀ ସସ୍କୃତି ଠାରୁ ଶିଖିବାର ଅଛି ।"

ଅତଏବ ଆଦିବାସୀ "ଜୀବନରେ ଦୁଃଖର" ଛାଇ, କିନ୍ତୁ ସେ 'ସୁଖରେ ବଞ୍ଚେ ।' ଆମେ କିନ୍ତୁ ସୁଖରେ ରହି ଦୁଃଖରେ ବଞ୍ଚୁ । ଯେହେତୁ ଭୌତିକ ପ୍ରଗତି, ଅର୍ଥନୈତିକ ଅଭ୍ୟୁଦୟ" ସହିତ "ଆନନ୍ଦ ଆମଠୁ ଦୂରେଇଯାଏ" । ତା ମାନେ ଆନନ୍ଦ, ଓ ପ୍ରଗତି,

Digitized by srujanika@gmail.com

ଅର୍ଥନୀତିକ ଅଭ୍ୟୁଦୟ, ଏସବୁ ଏକ ସଙ୍ଗରେ ଚାଲି ନପାରନ୍ତି, ତେଣୁ ଆଦିବାସୀଙ୍କୁ (ଆମ ଲାଗି) ସୁଖରେ ବଂଚିବାକୁ ହେଲେ, ତାଙ୍କ ଜୀବନ-ସାମାଜିକ ଅର୍ଥନୀତିକୁ ଦୁଃଖମୟ କରି ରଖିବାକୁ ହେବ । ଆଉ ଆମକୁ ଆନନ୍ଦଲାଭ କରିବାକୁ ହେଲେ, ଆଦିବାସୀଙ୍କ ସେହି ଆଭିମୁଖ୍ୟ ଓ ସ୍ୱପ୍ନର ଶୈଳୀକୁ ଗ୍ରହଣ କରିବାକୁ ପଡ଼ିବ । ଧରିନେବାକୁ ହେବ ଯନ୍ତ୍ରଣା ଓ ଦୁଃଖ 'ସ୍ୱଭାବିକ', "ତାକୁ ଛାଡ଼ି ଜୀବନ କାହିଁ ?" ଆନନ୍ଦର ଏଇ ସ୍ୱରୂପକୁ ଭୂଲି ଯାଉଥିବାରୁ ତାହା ଆମଠାରୁ ଆମଠୁଁ ଦୂରେଇ ଯାଏ, ଓ ଆଦିବାସୀ ସେଇ ସ୍ୱରୂପ ବୁଝିଥିବାରୁ, ଦୁଃଖମୟ ଜୀବନ ଭିତରେ ସେ ସୁଖ ଦେଖେ । ଅତଏବ ସୁଖ ଦୁଃଖ, ସାମାଜିକ ଅର୍ଥନୀତିକ ବ୍ୟବସ୍ଥାର ଫଳ ନୁହଁ । ତା କେବଳ ମନ ଭିତରେ ରହିଛି । ସେଥିଲାଗି ସାମାଜିକ ଅର୍ଥନୀତିକ ବ୍ୟବସ୍ଥାର ପରିବର୍ତ୍ତନ ଦିଗରେ କୌଣସି ଉଦ୍ୟମ ବା ସଂଗ୍ରାମର ଆବଶ୍ୟକତା ନାହିଁ । କେବଳ ମନଟାକୁ ବଦଳାଇ ଦେଲେ ହେଲା, ସମସ୍ୟାର ସମାଧାନ ଆପେ ହୋଇଯିବ । ସୁଖ ଆପେ ଆପେ ଆସିଯିବ । ସେଥିପାଇଁ ମନ ବଦଳାଇବା ଲାଗି ଏକମାତ୍ର ବାଟ, ପ୍ରଚାରର ହିଁ ଆଶ୍ରୟ ନେବାକୁ ହେବ । ଅତଏବ ସେହିପରି ସାହିତ୍ୟ ରଚନା ଆବଶ୍ୟକ ।

ତେଣୁ ଆନନ୍ଦ ପାଇବାକୁ ହେଲେ ଆଦିବାସୀଙ୍କୁ ସେଇ ଅନୁନ୍ନତ ଓ ଅବସ୍ଥା ଭିତରେ ରହିବାକୁ ହେବ, ଆଉ ଆମେ ଅଣଆଦିବାସୀ, ଯେଉଁମାନେ ବହୁ ଦୂରକୁ ଆଗେଇ ଗଲେଣି, ଏବେ ମହାକାଶଚାରୀ ହେଲେଣି, ତାଙ୍କୁ ପଛକୁ ପୁଣି ସେହି ଅନୁନ୍ନତ ଅବସ୍ଥାକୁ ଫେରିବାକୁ ପଡ଼ିବ । ଏ ହେଲା ଏକ ଟେକାରେ ଦୁଇ ପକ୍ଷୀ ଶିକାର । ଉଭୟଙ୍କ ଅଗ୍ରଗତିର ପଥ ରୋଧ କରିବା । ଏଇଟି ହେଲା ପ୍ରଥମ ଶିକ୍ଷଣୀୟ ବିଷୟ ଓ ତାର ପରିଣତି ।

"ସ୍ୱପ୍ନ ଓ କର୍ମ, ବିଶ୍ରାମ ସମୟ ଓ କର୍ମ ସମୟ, ସମାଜରେ ସଂସ୍କୃତିର ସ୍ରଷ୍ଟା ଓ ଭୋକ୍ତା-ଏ ଦ୍ୱୈତବୋଧ ଆଦିବାସୀ ସମାଜରେ ନ ଥାଏ । ସେ ନିଜେ କଳା ସୃଷ୍ଟି କରି ନିଜେ ଉପଭୋଗ କରିବା, ଏ ସଂସ୍କୃତିର ଅନ୍ୟତମ ବୈଶିଷ୍ଟ୍ୟ .... ଏ ଗୁଣଟି ଶିକ୍ଷଣୀୟ ।"

"ପୁଣି ଶିକ୍ଷଣୀୟ, "ମଣିଷ ପ୍ରକୃତି ମଧ୍ୟରେ ଯେଉଁ ଚିରନ୍ତନୀ ଯୋଗସୂତ୍ର ତାକୁ ଆଦିବାସୀ ସମ୍ମାନ ଦିଏ - ସ୍ୱଭାବତଃ ଆପଣାର କରି ନିଏ ।... ତାରି କୋଳରେ ହସି ଖେଳି ଜୀବନ କଟାଏ । ତେଣୁ ଧୂଆଁ ଧୂଳି ଜଡ଼ିତ, ଟେକ୍‌ନୋଲାଜି ଜଡ଼ିତ ବ୍ୟାଧିର ଦୂରେ ସେ ଥାଏ ।" ଅତଏବ ତାର ସେଇ ସଂସ୍କୃତି ଭିତରୁ ତାକୁ ଆଧୂନିକ ସଭ୍ୟତା ଭିତରକୁ ଟାଣି ଆଣିବା ଅର୍ଥ, ତାର ହସ ଖେଳକୁ, ସୁଖକୁ, ଭାଙ୍ଗିଦେବା । ତାକୁ ଦୁଃଖର ସାଗର

Digitized by srujanika@gmail.com

ଭିତରେ ନିକ୍ଷେପ କରିବା ।

ଶ୍ରୀ ମହାପାତ୍ର, ନିଜ ଉକ୍ତିର ତାତ୍‌ପର୍ଯ୍ୟ ନିଜେ ବୁଝିଲା ପରି ମନେ ହୁଏ ନାହିଁ । ସଂକ୍ଷେପରେ କହିଲେ ଆଦିବାସୀ ସମାଜରେ ଦ୍ୱୈତବୋଧ ନାହିଁ କାହିଁକି ? କାହିଁକି ତାହା ଏକତ୍ୱବୋଧ ଉପରେ ପ୍ରତିଷ୍ଠିତ ? ସେଠି ଆମ ଭଳି ମଣିଷ ଗୋଟାଏ କଥା ଭାବେ, ଗୋଟାଏ କଥା କହେ, ଆଉ ଗୋଟାଏ କଥା କରେ, - ଏମିତି ନୁହଁ କାହିଁକି । କାରଣ ସେଠି ମଣିଷ ବିଭକ୍ତ ମଣିଷ ନୁହଁ । ମଣିଷରୁ ମଣିଷର ମଣିଷତ୍ୱର ବିଭେଦ ବା ନିର୍ବାସନ ଘଟି ନାହିଁ । ଦ୍ୱିତୀୟରେ ବ୍ୟକ୍ତି ଓ ସମାଜର ଏକତା, ତୃତୀୟରେ ମଣିଷ ଓ ପ୍ରକୃତିର ଐକ୍ୟ । ସେଠି ମଣିଷ, ପ୍ରକୃତି ସହିତ ଏକ ସ୍ୱତନ୍ତ୍ର ବିରୋଧୀ ସତ୍ତା ଭାବେ ନିଜକୁ ପ୍ରତିଷ୍ଠା କରିନାହିଁ । ଅର୍ଥାତ୍, ପ୍ରକୃତି ଉପରେ ଆଧିପତ୍ୟ ବିସ୍ତାର କରିବାରେ ସମର୍ଥ ହୋଇନାହିଁ ।

ଏଇ ପ୍ରକାର ବୈଶିଷ୍ଟ୍ୟ ସବୁଦେଶରେ ଆଦିବାସୀ ସମାଜରେ ରହି ଆସିଛି । ମଣିଷ ସଭ୍ୟତା ଯେତେ ଶୀର୍ଷ ଦେଶରେ ପହଞ୍ଚିଲେ ସୁଦ୍ଧା, ତା ସେଇ ଆଦିମ ଗୋଷ୍ଠୀ ସମାଜରୁ ଉଦ୍‌ଭବ । ପ୍ରଶ୍ନ ହେଉଛି, ସେଠି ସେ ଏକତ୍ୱବୋଧ କେଉଁଥିପାଇଁ, ଏବଂ କାହିଁକି ତାର ପତନ ଓ କିପରି ତାକୁ ଅଧିକ ଉନ୍ନତ ଅଧିକ ମହନୀୟ କରି ଗଢ଼ିବାକୁ ହେବ ? ଏ ପ୍ରକ୍ରିୟାକୁ ନ ଦେଖିଲାଯାଏ, ସେଥିରୁ ଶ୍ରୀ ମହାପାତ୍ରଙ୍କ ଶିକ୍ଷା, ଜେଲଖାନାରେ କଏଦୀଙ୍କୁ ପଣ୍ଡିତଙ୍କର ଧର୍ମଶିକ୍ଷା ଦେଲାଭଳି, ଏକ ଅତି ନିଷ୍ଫଳ ହାସ୍ୟାସ୍ପଦ ପ୍ରୟାସ ମାତ୍ର ।

ବ୍ୟକ୍ତିଗତ ସଂପତ୍ତିର ଅଭାବହିଁ ସେ ସମାଜର ପ୍ରକୃତ ବୈଶିଷ୍ଟ୍ୟ । ତେଣୁ ସେଠି ଶୋଷକ ଶୋଷିତ, ଶାସକ ଶାସିତ, ଅତ୍ୟାଚାରୀ ଅତ୍ୟାଚାରିତ ବୋଲି କେହି ନାହାଁନ୍ତି । ଲୋକଙ୍କୁ ଜବରଦସ୍ତି ମନାଇବା ବା ବାଧ ବାଧକତା କରାଇବା ଲାଗି ରାଷ୍ଟ୍ର ନାହିଁ । ସମସ୍ତେ ସମାନ ଓ ସ୍ୱାଧୀନ । ସେ ସମାଜ ଆଜିନାହିଁ । କିନ୍ତୁ ତାର ଅବଶେଷର ସ୍ମାରକୀର, ଧାରଣା ବର୍ତ୍ତମାନର ଅନୁନ୍ନତ ସମାଜରେ କେତେଠି ବିଭିନ୍ନ ରୂପରେ ରହିଛି, କେତେଠି ତା ବିକୃତ ରୂପ ମଧ୍ୟ ନେଇଛି ।

ତେବେ ସେହି ଏକତ୍ୱବୋଧ କୌଣସି ଏକ ମହାନ ଆଦର୍ଶର ସଚେତନ ଉପଲବ୍ଧି ନୁହେଁ । ତାକୁ କେହି ବୁଝି ବିଚାରି କରିନାହିଁ, ବା ମନ, ହୃଦୟ ପରିବର୍ତ୍ତନ ଦ୍ୱାରା ଆସିନାହିଁ । ତା ସେଇ ସମାଜର ଭୌତିକ ଅବସ୍ଥା ମଧ୍ୟରୁ ଜାତ । ସେହି ଅନୁନ୍ନତ ଅବସ୍ଥାର ଏକ

Digitized by srujanika@gmail.com

ଅପରିହାର୍ଯ୍ୟ ପ୍ରତିଫଳନ ମାତ୍ର । ପ୍ରକୃତିର ପ୍ରକୋପ, ବନ୍ୟ ଜନ୍ତୁଙ୍କ ଆକ୍ରମଣରୁ ବଞ୍ଚିବା, ଏବଂ ନିଜକୁ ବଞ୍ଚାଇବା ଲାଗି ଖାଦ୍ୟ ସଂଗ୍ରହ କରିବାକୁ ହେଲେ ସମଷ୍ଟି ହୋଇ ଠିଆ ହେବାକୁ ହେବ । ମଣିଷ ଏକାକୀ ବଞ୍ଚିନପାରେ । ତେଣୁ ସମୂହ ଉତ୍ପାଦନ, ସମୂହ ବଣ୍ଟନ ଓ ସମୂହ ଉପଭୋଗ ହେଉଛି ସେଇ ସମାଜର ମୂଳଭିତ୍ତି । ସେଠି "ତୋର" ନାହିଁ କି "ମୋର"' ନାହିଁ । ସବୁ "ଆମର " । ତେଣୁ ତାର ପରିବର୍ତ୍ତନରେ, ତା ଉପରେ ଆଧାରିତ ଏକତ୍ୱବୋଧର ଅବସାନ ଘଟିବ, ଏହା ଅତି ସ୍ୱାଭାବିକ ଘଟଣା ।

ଉତ୍ପାଦନର ମୂଳ ହେଲା ପ୍ରକୃତି । ଉତ୍ପାଦନର ବୃଦ୍ଧି ହେଲା ସେଇ ପ୍ରକୃତି ବିରୁଦ୍ଧରେ ମଣିଷର ସଂଗ୍ରାମ । ମଣିଷ, ଏକ ବାହ୍ୟ ବିରୋଧୀ ଶକ୍ତି ଭାବେ ପ୍ରକୃତିକୁ ଆୟତ ଓ ବଶୀଭୂତ କରିବାର ଉଦ୍ୟମ କରେ । ଫଳରେ ମଣିଷର ପ୍ରକୃତି ସହିତ ଆଦିମ ଐକ୍ୟ ଭାଙ୍ଗିବାରେ ଲାଗିଛି । ଏକତ୍ୱବୋଧର ଅବସାନ ଆସୁଛି । ଉତ୍ପାଦନ ବୃଦ୍ଧି ସହିତ ଆସିଛି ବ୍ୟକ୍ତିଗତ ସମ୍ପତ୍ତି ଓ ଶୋଷଣ । ଜଣେ, ସମସ୍ତଙ୍କ ବିରୋଧରେ ଠିଆ ହୋଇଛି । ନଷ୍ଟ ହୋଇଛି ବ୍ୟକ୍ତି ଓ ସମୂହର ଐକ୍ୟ, ଏକତା ପରିଣତ ହୋଇଛି ବିରୋଧିତାରେ । ମଣିଷ ମଣିଷର ସମ୍ପର୍କ ହୋଇଛି ଖାଦ୍ୟ ଖାଦକର ସମ୍ପର୍କ । ତାହା ଜନ୍ମ ଦେଇଛି ମଣିଷରୁ ମଣିଷର, ମନୁଷ୍ୟତାର ବିଛେଦକୁ । ମଣିଷ ନିଜେ ଖଣ୍ଡିତ, ବିଭକ୍ତ ମଣିଷରେ ପରିଣତ ହୋଇଛି । ଶ୍ରେଣୀ ବିଭକ୍ତ ସମାଜରେ ସେହି ବିରୋଧିତା ଗୁଡ଼ିକ ଅଧିକ ତୀବ୍ର ଅଧିକ ଉତ୍କଟ ହେବାରେ ଲାଗିଛି । ଏଇସବୁ ବିଭେଦ, ସଂଘର୍ଷ ଓ ଦ୍ୱୈତବୋଧ ଏପରି ଚରମ ଅବସ୍ଥାରେ ପହଞ୍ଚିଛି, ଯେଉଁଠି ହୁଏତ ମଣିଷ ସମାଜ, ତାକୁ ସମାଧାନ କରି, ସମୂହତ୍ୱକୁ ଆଲିଙ୍ଗନ କରିବ ନଚେତ ସମୂହ ମୃତ୍ୟୁକୁ ବରଣ କରିବ । ପରମାଣୁ ଯୁଦ୍ଧର ପ୍ରସ୍ତୁତି ଓ ତାର ଆଶଙ୍କା ହେଉଛି ତାର ସଦ୍ୟ ଦୃଷ୍ଟାନ୍ତ ।

ଅଥଚ ପ୍ରକୃତି, ସମାଜ ଓ ମନୁଷ୍ୟତ୍ୱ ବିନା ମଣିଷ ନାହିଁ, କି ରହି ନପାରେ । ମଣିଷ ତାକୁ ସବୁବେଳେ ଆପଣାର କରିବାର ଚେଷ୍ଟା କରେ । ଭୌତିକ ଉତ୍ପାଦନ ଅବସ୍ଥା ଅନୁସାରେ ସେଇ ଉଦ୍ୟମର ଚରିତ୍ର ଭିନ୍ନ ଭିନ୍ନ । ସାଧାରଣତଃ ସମାଜର ତିନୋଟି ଅବସ୍ଥା-ପ୍ରାକ୍ ଶ୍ରେଣୀ ବିଭକ୍ତ ସମାଜ ବା ଆଦିମ କମ୍ୟୁନିଷ୍ଟ ସମାଜ, ଶ୍ରେଣୀ ଶୋଷଣ ସମାଜ, ଏବଂ ଶୋଷଣହୀନ-କମ୍ୟୁନିଷ୍ଟ ସମାଜ । ସେହି ଅନୁସାରେ ପ୍ରକୃତି ପ୍ରତି ମଣିଷର ଆଭିମୁଖ୍ୟ, ଭୟ, ଜୟ ଓ ଲୟ ଏ ତିନି ରୂପରେ ପ୍ରକାଶ ପାଏ । ପ୍ରଥମ ଅବସ୍ଥାରେ ମଣିଷ ପ୍ରକୃତିକୁ

Digitized by srujanika@gmail.com

ଭୟ କରେ । ତେଣୁ ନିଜର କାମନା ପୂରଣ ଲାଗି, ସମୂହ ନାଚ ଗୀତ, ହୋମ ଯଜ୍ଞ, ପ୍ରାର୍ଥନା, ଉପାସନା ଦ୍ୱାରା ପ୍ରାକୃତିକ ଶକ୍ତିକୁ-ପ୍ରକୃତିକୁ ଆପଣାର କରିବାର ଚେଷ୍ଟା କରେ । ଦ୍ୱିତୀୟ ଅବସ୍ଥାରେ, ମଣିଷ ତାକୁ ଜୟକରି ଅଧୀନସ୍ଥ କରିବା ଦ୍ୱାରା ଆପଣାର କରିବାର ଚେଷ୍ଟା କରେ । ପ୍ରକୃତିକୁ ନିର୍ବିଚାରରେ, ମାରି, ଭାଙ୍ଗି, ତାଡ଼ି ଧ୍ୱଂସ କରେ । ତୃତୀୟ ଅବସ୍ଥାରେ, ମଣିଷ ଓ ପ୍ରକୃତି ଉଭୟଙ୍କ ଲୟ ସାଧିତ ହୁଏ । ପ୍ରକୃତିର ଅବଦାନରେ ମଣିଷର ନିଜସ୍ୱ ପ୍ରକୃତି, ଓ ମାନବ ସ୍ପର୍ଶରେ ପ୍ରକୃତିର ନିଜର ପ୍ରାକୃତିକ ମାନବିକତା, ଫୁଟି ଉଠେ । ଦୁହିଁଙ୍କର ମିଳନ ଓ ସମନ୍ୱୟ ସାଧିତ ହୁଏ ।

ସେମିତି, ପ୍ରଥମ ଆଦିମ ଅବସ୍ଥାରେ ମଣିଷ ସମାଜକୁ ଆପଣାର କରେ ଆତ୍ମସମର୍ପଣ ଦ୍ୱାରା । ସମାଜ ସହିତ ମିଳେଇଯାଏ ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଭାବରେ । ଦ୍ୱିତୀୟ ଅବସ୍ଥାରେ, ସମାଜକୁ ଅଧିକାର କରିବା ଦ୍ୱାରା ଅପଣାର କରିବାର ଉଦ୍ୟମ ହୁଏ । ସେଠି ପ୍ରତ୍ୟେକ ଚାହାନ୍ତି ଅନ୍ୟଠାରୁ, ସମାଜ ଠାରୁ ଯେତେ ପାରନ୍ତି ଆଦାୟ କରିବେ । ଶୋଷକ ଶ୍ରେଣୀ ନିଜର ସ୍ୱାର୍ଥ ଦିଗରୁ ତାକୁ ଏତେ ଦୂର ଆୟତ୍ତ ଆପଣାର କରି ରଖେ ଯେ, ସମାଜକୁ ସ୍ୱାଧୀନ ଭାବେ ଆଗେଇବା ଲାଗି ସେହି ଶୋଷକ ଶ୍ରେଣୀର ଧ୍ୱଂସ ଆବଶ୍ୟକ ହୋଇପଡ଼େ । ତୃତୀୟ ଅବସ୍ଥାରେ ଘଟେ ବ୍ୟକ୍ତି ଓ ସମଷ୍ଟିର ବିଲୟ । ବ୍ୟକ୍ତି ସ୍ୱାର୍ଥ ଓ ସାମାଜିକ ସ୍ୱାର୍ଥର ସମନ୍ୱୟ । କିନ୍ତୁ ଆଦିମ ସମାଜ ଭଳି ମଣିଷର ଶକ୍ତି ଏଠି ସୁପ୍ତ ସୀମିତ, ଗତି-ଶୂନ୍ୟ ନୁହଁ ତାହା ସଦା ଜାଗ୍ରତ ଓ ପ୍ରଚଣ୍ଡ ଗତିଶୀଳ । ଏଠି ଏକତ୍ୱବୋଧ ଆଦିମ ସମାଜ ଭଳି କୌଣସି ଏକ ଗୋଷ୍ଠୀ ବା ଏକ ଅଞ୍ଚଳ ଭିତରେ ସିମୀତ ନୁହଁ । ତା ଅସୀମ ପ୍ରାଚୂର୍ଯ୍ୟ ଭିତରେ ସ୍ୱାଧୀନ, ସଚେତନ ଏକତ୍ୱବୋଧ । ସେଠି ନାହିଁ ଅପରିହାର୍ଯ୍ୟତାର ଆଘାତ, ରହିଛି ସ୍ୱାଭାବିକତାର ସ୍ୱାଧୀନ ପ୍ରସ୍ଫୁଟନ । ଅପରିହାର୍ଯ୍ୟତା ସ୍ୱାଧୀନତାର ସମନ୍ୱୟ ।

ଉପରୋକ୍ତ ଏକତ୍ୱବୋଧର ବିକାଶ, ଶ୍ରୀ ମହାପାତ୍ରଙ୍କ ଲକ୍ଷ୍ୟ ନୁହେଁ । ତାଙ୍କର ଉଦ୍ଦେଶ୍ୟ ଆଦିବାସୀଙ୍କ ବୈଶିଷ୍ଟ୍ୟକୁ ରକ୍ଷା କରିବା । ଯାର ଏକମାତ୍ର ଉପାୟ-ଆଧୁନିକ ସଭ୍ୟତା ଭିତରେ ଲୋପ ପାଇବାକୁ ବସିଥିବା ବାଘ, କୁମ୍ଭୀର କଇଁଚଙ୍କୁ ରକ୍ଷା କଲାଭଳି, ଆଦିବାସୀଙ୍କ ରକ୍ଷା ଲାଗି - "ଅଭୟାରଣ୍ୟ" ସୃଷ୍ଟି କରିବାକୁ ହେବ । ଏଇପରି ମଣିଷମାନଙ୍କ କ୍ଷେତ୍ରରେ ଯାର ନାମ ହେଉଛି ସେଗ୍ରିଗ୍ରେସନ (Segregration), ଗୋରା ଲୋକେ କଳା ଲୋକଙ୍କ ପାଇଁ ଯାହା କରିଥାନ୍ତି, ଏବେ ବିଶେଷ କରି ଦକ୍ଷିଣ ଆଫ୍ରିକାରେ ତା

Digitized by srujanika@gmail.com

ଚାଲିଛି-ଯାର ପରିଣତି ବର୍ଣ୍ଣବୈଷମ୍ୟବାଦ ।

ଆଜି କୌଣସିଠି ହେଲେ ପୂର୍ବର ସେଇ ନିଖୁଣ ଆଦିମ ଶ୍ରେଣୀହୀନ ସମାଜ ନାହିଁ । ଏବେ ଆଦିବାସୀ ସମାଜର ଯେଉଁ ଶିକ୍ଷା ଗ୍ରହଣ କଥା କୁହାଯାଇଛି ତାହା ଅସଲରେ ସେଇ ଶ୍ରେଣୀହୀନ ସମାଜର ବିକୃତ ଧାରଣା । ସେଇ ସମାଜର ଭିତ୍ତି-ଭୂମି ମଧ୍ୟକୁ ଯିବା ଅର୍ଥ, ସେହି ଶ୍ରେଣୀହୀନ ସମାଜକୁ ଶିକ୍ଷଣୀୟ ବିଷୟ ବୋଲି ଗ୍ରହଣ କରିବା । ତେଣୁ ଏବର ଶ୍ରେଣୀ ସମାଜର ବିଲୋପକୁ ଆହ୍ୱାନ କରିବାକୁ ପଡ଼ିବ । ସେପରି ଶିକ୍ଷା, କିନ୍ତୁ ଏଇ ଶ୍ରେଣୀ ବିଭକ୍ତ ସମାଜର ଦ୍ୱାରା ସୃଷ୍ଟ ଚିନ୍ତା, ଆଦର୍ଶ, ସ୍ୱାର୍ଥ ଓ ସଂକୃତିର ମୂଳରେ କୁଠାରାଘାତ ଛଡ଼ା ଅନ୍ୟ କିଛି ନୁହେଁ । ଯାହାକି ଆତ୍ମହତ୍ୟାକୁ ବରଣ କରିବା ସହ ସମାନ । ଅତଏବ ଆଦିବାସୀ ତାଙ୍କର ସେଇ ଅବସ୍ଥାଭିତରେ ସେମିତି ସଢୁଥାନ୍ତୁ, ଆଉ ଆମେ ଆଧୁନିକ ସମାଜ ଭିତରେ ଏମିତି ରହି ତାଙ୍କର "ସହଯୋଗିତା', 'ହୃଦୟବତ୍ତା"' ଆଦି ଗୁଣକୁ ବାହାବା କରୁଥାଉ ।

ଲେଖକ ଭଲକରି ଜାଣନ୍ତି ସେ ଆଦିବାସୀ ସମାଜର ଜୀବନଧାରା ଆମ ଏ ସମାଜରେ ସଂପୂର୍ଣ୍ଣ ଅଚଳ । ଲେଖକ ଯେତେ ମୁଣ୍ଡ ଖଡି ଘୋରିଲେ ବି ସେ ଶିକ୍ଷାକୁ ଟିକିଏ ହେଲେ ଆୟତ୍ତ କରିପାରିବେ ନାହିଁ । ଅବଶ୍ୟ ଆଲୋଚନା ଚକ୍ରରେ ନିଜର ମହାନ ମାନବିକବୋଧର ପରିଚୟ ଦେବାରେ ତାଙ୍କୁ କାମରେ ଲଗାଯାଇ ପାରେ । ତାହା ଡ୍ରଇଙ୍ଗ ରୁମର ସୌଖୀନ ମାନବିକତା, ତାର ବ୍ୟବହାରିକ ତାତ୍ପର୍ଯ୍ୟ ନାହିଁ । ଏ ବିଷୟରେ ଲେଖକ ହୁଏତ ନିଜେ ଅଜ୍ଞ କିମ୍ବା ଅନ୍ୟ ଲୋକଙ୍କୁ ଅଜ୍ଞ ମନେକରି ତାହା କହିପାରିଥାନ୍ତି, ନାହିଁତ ସାଧାରଣ ଲୋକଙ୍କୁ, ବିଶେଷକରି ସାହିତ୍ୟକ ଗୋଷ୍ଠୀଙ୍କୁ ବିଭ୍ରାନ୍ତ, ବିପଥଗାମୀ କରିବା ଦିଗରେ ତାହା ଏକ ସୁଚିନ୍ତିତ ଉଦ୍ୟମ । ଓଡ଼ିଶାର ଜଣେ ସୁପ୍ରତିଷ୍ଠିତ ସାହିତ୍ୟିକ, ବିଖ୍ୟାତ ବୁଦ୍ଧିଜୀବୀ ଏବଂ ନିଜର କୃତୀ ଯୋଗୁଁ ବହୁ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କୁ ସେପରି ଭାବିବାର ଧୃଷ୍ଟତା କେହି କରି ନ ପାରେ ।

ମନେହୁଏ ଶ୍ରୀ ଚିତ୍ତରଞ୍ଜନ ଦାସଙ୍କ ଆଲୋଚନାଟି ସତେ ଯେପରି ଶ୍ରୀ ମହାପାତ୍ରଙ୍କୁ ଉତ୍ତର । ସେ କହିଛନ୍ତି, "ଆଦିବାସୀଙ୍କ କଥା ପକାଇବା ବେଳେ ଆମେ ନିରର୍ଥକ ଭାବ ବିହ୍ୱଳତାର ପରିଚୟ ଦେଇଥାଉ । କାର୍ଲମାର୍କସ ଯାହାକୁ worthless earnestness ବୋଲି କହନ୍ତି । ଆମ ଭାବ ବିହ୍ୱଳତା ଯେତେ ନିରୀହ ହେଲେ ବି, ତାହା ପ୍ରକୃତରେ ଏକ ବର୍ବରତା"

Digitized by srujanika@gmail.com

ସେ ଆରମ୍ଭରେ ପ୍ରକାଶ କରିଛନ୍ତି, "ଶିକାରୀକୁ ଯେପରି ମିରିଗ ଭଲ ଲାଗେ, ଗିନିପିଗ ଗୁଡ଼ିକ ଯେପରି ଲାବୋରଟରୀରେ ଘୋର ଗମ୍ଭୀର ଅଧ୍ୟୟନ କରୁଥିବା କୁଶଳୀ ବୈଜ୍ଞାନିକମାନଙ୍କୁ ଭଲ ଲାଗନ୍ତି, ଆମର ଅନେକଙ୍କୁ ଏଇ ଆଦିବାସୀମାନେ ହୁଏତ ସେହିପରି ଭଲ ଲାଗନ୍ତି । ..... ମିଉଜିୟମର ଇନ୍‌ଟରେଷ୍ଟ ନେଇ ଆମେ ଆଦିବାସୀମାନଙ୍କୁ ଅଧ୍ୟୟନ କରିବାରେ ପ୍ରବୃତ୍ତ ହେଉ । ସେମାନଙ୍କୁ ପ୍ରେମ ବି କରୁ । ଏସବୁ କରୁଥିବା ସମୟରେ ଆମେ ସ୍ୱୟଂ ଆଦିବାସୀଟିଏ ହେବାକୁ ଇଚ୍ଛା କରୁନାହିଁ । ସର୍ବଦା ନିରାପଦ ଦୂରତା ଓ ବିଜ୍ଞତା ରକ୍ଷାକରୁ" । ଏହା କଣ ଶ୍ରୀ ମହାପାତ୍ରଙ୍କ ଦୃଷ୍ଟିର କେନ୍ଦ୍ର ବିନ୍ଦୁନୁହେଁ ?

ଯେଉଁ ଆଦିବାସୀ ଜୀବନରେ ଶ୍ରୀ ମହାପାତ୍ର ଏତେ ମୁଗ୍ଧ ଓ ତାକୁ ଜୀଆଇଁ ରଖିବା ଲାଗି ଏତେ ବ୍ୟାକୁଳ, ତାକୁ ଶ୍ରୀ ଦାସ ଅତି ସରଳ ଓ ସଠିକ ଭାବେ ପ୍ରକାଶ କରି କହିଛନ୍ତି । ସେଠି "ପ୍ରକୃତ ସହିତ ମାନବ ଜନ୍ମଗ୍ରନ୍ଥି ଛିନ୍ନ ହୋଇନାହିଁ । ଆଦିବାସୀ ପ୍ରକୃତିକୁ ଜୟ କରେ ନାହିଁ । ପ୍ରକୃତି ବକ୍ଷରେ ଆପଣାର ଜୀବନରେ ଘରଟିକୁ ଅନୁକୂଳିତ କରି ରଖେ । "ସେମିତି ସମାଜ ସହିତ ବ୍ୟକ୍ତିର ନାହି କଟା ହୋଇନାହିଁ" । "ବର୍ତ୍ତମାନ ଆଦିବାସୀ ଉନ୍ନୟନ ଯୋଜନା ଦ୍ୱାରା "ନାନା ହାସ୍ୟସ୍ପଦ ଅନୁକରଣ ଭିତରେ ଇଜ୍ଜତ ହରାଇ ଆମର ଅଧଃବର୍ତ୍ତୀ ହୋଇ ରହିବାକୁ ଆମେ ସେମାନଙ୍କୁ ପାଠ ପଢ଼ାଉଛୁ । ଆମର ଛାଞ୍ଚ ଗୁଡ଼ାକ ନେଇ ତାଙ୍କ ଉପରେ ଲଦି ଦେଉଛୁ ... ରାଜନୀତି କ୍ଷେତ୍ରରେ ଆମର ଶିକୁଳି ସେମାନଙ୍କ ଗୋଡ଼ରେ ପିନ୍ଧଇ ଦେଉଛୁ ।"

ତେଣୁ, "ଏଠି ପଦେ କଥାରେ କହିଲେ ମାର୍କସଙ୍କ ଭାଷାରେ ବୁର୍ଜୁଆ ନିଜ ରୂପରେ ଦୁନିଆକୁ ଗଢ଼ିବା ଛଡ଼ା ଆଉ ଅଧିକା କଣ କରିପାରେ ।

ଶ୍ରୀ ମହାପାତ୍ରଙ୍କ ଶେଷ ବକ୍ତବ୍ୟ ହେଉଛି, "ଜୀବନ ବିମୁଖ ଆଜିର ସଂସ୍କୃତି, ତାଙ୍କ ସମାଜରୁ ଜୀବନ ପ୍ରେମ, ଜୀବନ ପ୍ରୀତି, ଗଭୀର ଅନୁରକ୍ତି, ଶିଖିବା ଉଚିତ । ..... ବାସ୍ତବତାର ରୁକ୍ଷ କାରଣତା ଭିତରେ ପ୍ରତିକ୍ଷୀତ ସ୍ୱର୍ଗର ଔଜଲ୍ୟ ଦପ୍ ଦପ୍ ଜଳେ ।" ଅତଏବ ସ୍ୱର୍ଗର ସେହି ଔଜଲ୍ୟ ଲାଭ ଲାଗି ରୁକ୍ଷ କାରଣତା'କୁ କର୍ଷଣ କରିବାକୁ ହେବ । ଆଉ ତାରି ଆଲୋକରେ ସଂସ୍କୃତିର ପଥକୁ ଆଲୋକିତ କରିବାକୁ ପଡ଼ିବ ।

ଏ କ୍ଷେତ୍ରରେ ଶ୍ରୀ ଦାସଙ୍କ ଶେଷ କଥାଟି ହେଲା "ଅସଲ ପ୍ରକ୍ରିୟାଟି ଦୟା ପ୍ରଦର୍ଶନ

Digitized by srujanika@gmail.com

ଏବଂ ଦାସତ୍ୱର ସଂପ୍ରସାରଣ ନୁହଁ । ଅସଲ ପ୍ରକ୍ରିୟାଟି ହେଉଛି, Conscientigation ବା ବିବେକ ଉଦ୍‌ବୋଧନ ପ୍ରକ୍ରିୟା । ଆଦିବାସୀଙ୍କୁ ଆଗ ଆଦିବାସୀ ବୋଲି ନ ଭାବି ମଣିଷ ଭଳି ଦେଖିବାର ପ୍ରକ୍ରିୟା ... ସେଥିପାଇଁ ଏକ ସରଳ ବିବେକ ସ୍ପନ୍ଦନ ସୃଷ୍ଟି କରିବାର ପ୍ରକ୍ରିୟା ।"

ଏଠାରେ ଦୁଇଟି ଦୃଷ୍ଟି କୋଣ ବେଶ ସୁସ୍ପଷ୍ଟ । ଜଣେ ଆଦିବାସୀ ଜୀବନର ରୁକ୍ଷ କାରଣତା ରକ୍ଷା କରି ତାର ଆଦର୍ଶରେ ନିଜର ସଂସ୍କୃତିକୁ ସମୃଦ୍ଧ କରିବାକୁ ଚାହୁଁଥିଲା ବେଳେ, ଅନ୍ୟ ଜଣେ ଦାବୀକରେ ତାର ପରିବର୍ତ୍ତନ । ଯେଉଁଠି ଆଦିବାସୀ ମଣିଷ ଭଳି ଗଣ୍ୟ ହେବ ।

ଜଣଙ୍କ ଆଗରେ ଆଦିବାସୀ ସଂସ୍କୃତି, ସ୍ୱର୍ଗର ଔଜଲ୍ୟକୁ ପ୍ରଜ୍ୱଳିତ କରୁଥିଲାବେଳେ, ଅନ୍ୟ ଜଣଙ୍କ ନିକଟରେ ତାହା ଏକ ବର୍ବରତା ।

ଜଣେ ଆଦିବାସୀଙ୍କୁ ବିକାଶହୀନ ଭବିଷ୍ୟତଶୂନ୍ୟ ଗହ୍ୱରରେ ନିକ୍ଷେପ କରୁଥିଲାବେଳେ, ଅନ୍ୟ ଜଣେ ସେମାନଙ୍କୁ ମଣିଷ କରିବା ଲାଗି ବିବେକର ସ୍ପନ୍ଦନ ଦାବୀ କରେ ।

ଜଣେ, ଆଦିବାସୀଙ୍କ ବିକାଶରେ ତାଙ୍କର ମାନବିକ ମୂଲ୍ୟବୋଧ, ସଂସ୍କୃତିର ଅବସାନ ଦେଖୁଥିଲାବେଳେ, ଆଜି ଜଣେ ସେମାନଙ୍କ ଲାଗି କାମନା କରେ ମାନବିକ ପ୍ରଗତି । ଉପରୋକ୍ତ ଦୁଇ ଦୃଷ୍ଟି କୋଣ, କେବଳ ଦୁଇ ବ୍ୟକ୍ତି ବିଶେଷଙ୍କର ଦୃଷ୍ଟିକୋଣ ନୁହଁ, ତା ସମାଜରେ ପ୍ରଚଳିତ ଦୃଷ୍ଟି କୋଣର ଏକ ପ୍ରତିଫଳନ ମାତ୍ର ।

ଗୋଟିଏ ଦୃଷ୍ଟି ହେଲା ଆଦିବାସୀଙ୍କୁ ମଣିଷ କରିବା । ଅନ୍ୟ ଦୃଷ୍ଟିଟି ଅତି ବିକୃତ ହେଲେ ବି, ତାର ଅସ୍ପଷ୍ଟ, ଅପ୍ରକାଶିତ ଓ ଅନିଶ୍ଚିତ ତାତ୍ପର୍ଯ୍ୟ ହେଉଛି, ମଣିଷ ସହିତ ତା ନିଜର, ମଣିଷ ସହିତ ପ୍ରକୃତିର ଓ ସମାଜର ସମନ୍ୱୟ କାମନା କରିବା-ଯାହାକୁ କହନ୍ତି, ଏକତ୍ୱବୋଧ ପ୍ରତିଷ୍ଠା । ଲେଖକ କିନ୍ତୁ, ସେ ବିଷୟରେ ଆଦୌ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ନୁହଁନ୍ତି । ତାଙ୍କର ଧାରଣା ବିଭ୍ରାନ୍ତିକର ହେଲେ ବି, ତାର ଭାବକୁ ଭଲ ଦୃଷ୍ଟି ରେ ବିଚାର କରିବାକୁ ହେବ । ତେଣୁ ଏମିତି ଦୁଇ ଦୃଷ୍ଟି କୋଣର ଆଶା ଓ ଅଭିପ୍ରାୟ ପ୍ରାୟ ସମାନ । କିନ୍ତୁ କାର୍ଯ୍ୟତଃ, ଦୁହିଁଙ୍କର ପଥ ଓ ତାର ପରିଣତି ଭିନ୍ନ ଭିନ୍ନ । ପରସ୍ପର ବିରୋଧୀ । ଜଣେ

Digitized by srujanika@gmail.com

ଆଗକୁ ଯିବାକୁ ଚାହିଁଲା ବେଳେ ଅନ୍ୟ ଜଣେ ପଛକୁ ଫେରିବାକୁ ଚାହେଁ ।

ସେ ଏକତ୍ୱବୋଧର ଆହ୍ୱାନରେ ଟିକିଏ ହେଲେ ନୂତନତ୍ୱ ନାହିଁ । ଏଇ ଧ୍ୱନି, ପ୍ରାଚୀନ ଯୁଗରେ, ସମାଜରେ ଶ୍ରେଣୀ ବିଭାଜନର ସଙ୍ଗେ ସଙ୍ଗେ ଉଠିଛି, ଏବଂ ତାହା ଏପର୍ଯ୍ୟନ୍ତ ଉପେକ୍ଷିତ ହେବାରେ ଲାଗିଛି । ଆଦିମ ଗୋଷ୍ଠୀ ସମାଜର ପତନ ଓ ଶ୍ରେଣୀ ବିଭକ୍ତ ଶୋଷଣ ସମାଜର ଆରମ୍ଭରେ ଦ୍ୱୈତବୋଧର ସମସ୍ତ ବିଲକ୍ଷଣ ପ୍ରକାଶ ପାଇଛି । ସେତେବେଳେ ମଣିଷ ବଡ଼ ବିଚଳିତ ଓ ଆତଙ୍କିତ ହୋଇ ଉଠିଛି । ପୂର୍ବର ସେଇ ସାମ୍ୟ, ମୈତ୍ରୀ ଶୋଷଣହୀନ ସମାଜକୁ ଫେରିବା ଲାଗି ଆକୁଳ ଆହ୍ୱାନ ଜଣାଇଛି । ଭାରତର ସର୍ବ ପ୍ରାଚୀନ ଗ୍ରନ୍ଥରେ ଋକ୍ ବେଦରେ ଏହା ପରିସ୍ଫୁଟ । ଉଦାହରଣସ୍ୱରୂପ, "ସମାନୀ ବା ଆକୃତିଃ ......" (୧୦-୧୯୧-୪) "ତମମାନଙ୍କର ପ୍ରଚେଷ୍ଟା ସମାନ ହେଉ, ହୃଦୟ ସବୁ ଏକ ହେଉ, ମନ ଏକ ହେଉ ଯଦ୍ୱାରା ତମମାନଙ୍କର ଐକ୍ୟ ପ୍ରତିଷ୍ଠା ହୁଏ ।" ଏଇପରି ବହୁ ଶ୍ଳୋକ ରହିଛି । ଋକ୍ ବେଦ ଋଷି କବିଙ୍କ ସେହି ଭାବଧାରା, ସେହିପରି ପ୍ରାଚୀନ୍ ଗ୍ରୀକ୍ କବିତାରେ ମଧ୍ୟ ଦେଖାଯାଏ । ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦିରେ ଗ୍ରୀକ୍ କବି ହାସିଅଦ୍ (Hasiod) ଆଦିମ କାଳକୁ "ସୁବର୍ଣ୍ଣ ଯୁଗ" ଆଖ୍ୟା ଦେଇ, ସେଠାକୁ ଫେରିଯିବା ପାଇଁ ଚାହିଁଛନ୍ତି ।

ତେବେ ଆଗର ଋଷି କବି ଓ ଏବର ସାହିତ୍ୟ ସଂସ୍କୃତିର ରଥୀଙ୍କ ମଧ୍ୟରେ ଗୋଟାଏ ଫରକ ଅଛି । ଦୁହେଁ ଭିନ୍ନ ଭିନ୍ନ ଯୁଗର, ଭିନ୍ନ ଭିନ୍ନ ସମାଜର ଲୋକ । ସେତେବେଳେ ସମାଜ ଶିଶୁ ଅବସ୍ଥାରେ, ତାର ନିଜର ସୃଷ୍ଟି, ସଂପର୍କ ଓ ବିକାଶ ନେଇ ତାହା ସଂପୂର୍ଣ୍ଣ ଅଜ୍ଞ, ବୁଝେ ନାହିଁ ତାର ଗତି କେଉଁଆଡ଼େ, କଣ ତାର ପରିବର୍ତ୍ତନର ନିୟମ, ଏବଂ ନିଜର ଆଭିମୁଖ୍ୟ ସମ୍ବନ୍ଧରେ ଅଚେତନ । ସେ ଅବସ୍ଥାରେ ଶ୍ରେଣୀ ବିଭାଜନ ଓ ଦ୍ୱୈତବୋଧର ଆଗମନରେ ଅଧୀର ହୋଇ, ପୁଣି ଥାରେ ସେହି ସାମ୍ୟ ଏକତ୍ୱବୋଧ ସମାଜକୁ ଫେରିଯିବା ଅସମ୍ଭବ ହେଲେହେଁ, ସେ ଡ଼ାକ କିନ୍ତୁ, ନିର୍ମଳ ମନ, ନିଷ୍କପଟ ହୃଦୟ ଓ ମହତ ଅଭିପ୍ରାୟରେ ଉଦିଷ୍ଟ । କିନ୍ତୁ ବର୍ତ୍ତମାନର ସମାଜ ଅତି ଉନ୍ନତ । ମଣିଷ ନିଜେ ଅଶେଷ ଶକ୍ତି, ବିପୁଳ ଅଭିଜ୍ଞତା ଓ ସାମାଜକ ବିକାଶର ଅବ୍ୟର୍ଥ ନିୟମର ଅଧିକାରୀ, ତାର ସମାଜର ଲକ୍ଷ୍ୟ ଓ ଆଭିମୁଖ୍ୟ ଅତି ସ୍ୱଷ୍ଟ । ଯେଉଁଠି ମଣିଷ, ସମାଜରୁ ଶ୍ରେଣୀ ବିଭାଜନ, ଶୋଷଣ, ନିର୍ଯ୍ୟାତନା ଧ୍ୱଂସ କରି ସମାଜବାଦୀ ସମାଜ ପ୍ରତିଷ୍ଠା କଲାଣି, ଦ୍ୱୈତବୋଧକୁ କବର ଦେଇ ସାମ୍ୟ

Digitized by srujanika@gmail.com

ମୈତ୍ରୀକୁ ପୁଣି ଫେରାଇ ଆଣିଛି, ପ୍ରକୃତ ମାନବିକ ଏକତ୍ୱବୋଧ ନିର୍ମାଣ କରୁଛି, ସେତେବେଳେ ସମାଜକୁ ପଶ୍ଚାତ୍‌ଗାମୀ କରିବାର ପ୍ରଚେଷ୍ଟା ଏକ ପ୍ରତିକ୍ରିୟାଶୀଳ ଉଦ୍ୟମ ଛଡ଼ା ଆଉ କଣ ହୋଇପାରେ ?

ଅନ୍ୟ ଦିଗରେ ମଣିଷକୁ "ମାନବିକ କରିବା", ସାହିତ୍ୟ ସଂକୃତିର ଆଜନ୍ମ ଲକ୍ଷ୍ୟ, ଆକାଂକ୍ଷା ଓ ଆହ୍ୱାନ । କିନ୍ତୁ ମାନବିକତା, ମାନବିକ ନିର୍ଯ୍ୟାସର ଏକ ବିମୁର୍ତ୍ତ ଧାରଣା ତାର କୌଣସି ମୂର୍ତ୍ତିମନ୍ତ ରୂପ ନାହିଁ । ତା ହେଉଛି "ମାନବିକ ସଂପର୍କର ସମାହାର" । ଯେଉଁ ସମାଜ ସଂପର୍କ ଯେମିତି, ତାର ମଣିଷତ୍ୱର ଭାବ ସେଇପରି । ଯେଉଁ ସମାଜରେ ମଣିଷ ମଣିଷର ସଂପର୍କ ଖାଦ୍ୟ ଖାଦକର ସଂପର୍କ, ସେଠାରେ ମଣିଷ, ତା ମଧ୍ୟରେ ନିଶ୍ଚୟ ଗୋଟିଏ ପକ୍ଷଭୁକ୍ତ । ଖାଦ୍ୟ ଯେପରି ଅମଣିଷ, ଖାଦକ ତାଠାରୁ ଆହୁରି ଅମଣିଷ । କେଉଁ ଆଦିମ କାଳରୁ ସମସ୍ତେ ମାନବିକତାର ଡାକ ଦେଉଥିଲେ ସୁଦ୍ଧା, ମଣିଷ ମାନବିକ ହୁଏ ନାହିଁ କାରଣ, ଏ ବିଷୟଟିକୁ କେହି ଦେଖନ୍ତି ନାହିଁ । ସ୍ଥାନ କାଳ ପାତ୍ର ନେଇ ମନୁଷ୍ୟତ୍ୱର ବାଖ୍ୟା ଚାଲିଛି । ଶୁଦ୍ରକୁ ମଣିଷ ବୋଲି ଗଣ୍ୟ ନ କରିବାଟାକୁ ଗୂଢ଼ ବ୍ରହ୍ମଜ୍ଞାନୀ ଲୋକେ ଦିନେ ଆଦର୍ଶ ମାନବିକ କାର୍ଯ୍ୟ ବୋଲି ମଣୁଥିଲେ । ସେହିପରି ବର୍ତ୍ତମାନ ସମାଜରେ ମଣିଷ ଦ୍ୱାରା ମଣିଷର ଶୋଷଣକୁ କେହି ଅମଣିଷ କାର୍ଯ୍ୟ ବୋଲି ବିଚାରନ୍ତି ନାହିଁ । ବରଂ ସେଥିଲାଗି ସମସ୍ତେ ଧରାପରା, ଓ ପ୍ରତିଦ୍ୱନ୍ଦିତା ସମାଜରେ ମୂର୍ତ୍ତ ମାନବମାନେ ଏଇ ସଂପର୍କର ମାନବ ।

ଉପରୋକ୍ତ ଦୁଇଟି ଯାକ ଦୃଷ୍ଟି, ମତାଦର୍ଶ କ୍ଷେତ୍ରରେ କିନ୍ତୁ, ଏକାଠି ମିଶିଯାଏ । ଯେହେତୁ, ଶୋଷଣରୁ ମୁକ୍ତିରେ ମାନବତ୍ୱର ବିକାଶର ଅଭାବ ଦୁଇ ଦୃଷ୍ଟିର ମୂଳ ଭିତ୍ତି । ଦୁଇ ମତର ଦର୍ଶନ ଏକ ଓ ସମାନ । ଜଣଙ୍କର ପଥ ହେଉଛି, "ବିବେକର ଉଦ୍‌ବୋଧନ ପ୍ରକ୍ରିୟା", ଅନ୍ୟ ଜଣଙ୍କର ବକ୍ତବ୍ୟ ହେଉଛି, "ବିଜ୍ଞାନ ବସ୍ତୁବାଦୀ ପ୍ରଗତି ମଧ୍ୟ ମାନସିକ ପ୍ରକ୍ରିୟା ତଥା ମୂଲ୍ୟବୋଧ ଉପରେ ନିର୍ଭରଶୀଳ ।" ଅତଏବ ବିବେକର ଉଦ୍‌ବୋଧନ ପ୍ରକ୍ରିୟା ଓ ମାନସିକ ପ୍ରକ୍ରିୟା, ଏ ଦୁହେଁ ଏକା ଜିନିଷ ମନ ଓ ହୃଦୟର ପ୍ରକ୍ରିୟା । ତାକୁ ଠିକ୍ କରିନେଲେ ଅର୍ଥାତ୍, ମନ ଓ ହୃଦୟକୁ ବଦଳାଇ ଦେଲେ, ତେଣିକି ସବୁ ଛାଏଁ ଛାଏଁ ବଦଳିଯିବ । ବାସ୍ତବ ସାମାଜିକ ଅର୍ଥନୈତିକ ଅବସ୍ଥାକୁ ବଦଳାଇବାର କୌଣସି ଆବଶ୍ୟକତା ନାହିଁ । ଅତଏବ, ଲୋକେ ସେହି ଖାଦ୍ୟ ଖାଦକ ସାମାଜିକ, ଅର୍ଥନୀତିକ ସଂପର୍କ ଅବସ୍ଥା ଭିତରେ ରହି ମଧ୍ୟ ତାହା ହାସଲ କରିପାରିବେ ।

Digitized by srujanika@gmail.com

ଏହାର ଏକମାତ୍ର ଅର୍ଥ, ପୁଞ୍ଜିବାଦୀ ବ୍ୟବସ୍ଥାକୁ ରକ୍ଷା କରି, ଆଦର୍ଶ ମାନବ, ମାନବିକତା ଓ ଏକତ୍ୱବୋଧ ସୃଷ୍ଟି କରିବାକୁ ହେବ । ଏସବୁ ଭାବବାଦୀ ଦର୍ଶନ ପ୍ରସ୍ତୁତ । ତାହା ମଣିଷର ଚିନ୍ତା, ମନ ଓ ଭାବନାକୁ ମୂଳ କରି ଧରେ । ତେଣୁ ଯୁଗ ଯୁଗ ହେଲା ସବୁ ମନୀଷି ଓ ମହାତ୍ମାମାନେ ମଣିଷର ମନ ହୃଦୟ ପରିବର୍ତ୍ତନର ଡାକ ଦେବାରେ ଲାଗିଛନ୍ତି । ସେମାନେ ଧରନ୍ତି, ମଣିଷର ପ୍ରକୃତ ଦୋଷଯୁକ୍ତ, ହିଂସା ଦ୍ୱେଷ, ଲୋଭ, ଈର୍ଷା, କପଟତା ଆଦି ଯାବତୀୟ ଅମାନୁଷିକ ଗୁଣରେ ପୂର୍ଣ୍ଣ । ସେ କିନ୍ତୁ ଯେଉଁ ସମାଜିକ, ଅର୍ଥନୈତିକ ଅବସ୍ଥା ଭିତରେ ବାସ କରେ ସେଥିରେ କୌଣସି ଦୋଷ ତ୍ରୁଟି ନାହିଁ । ତେଣୁ ସେହି ସମାଜକୁ ସେମିତି ଅକ୍ଷତ, ଅପରିବର୍ତ୍ତିତ ରଖି ସେଇ ରୁକ୍ଷ ମୁର୍ଖ ମୁଢ଼ ମଣିଷଗୁଡ଼ାଙ୍କୁ ଶୁଦ୍ଧପୂତ ପବିତ୍ର ମଣିଷରେ ପରିଣତ କରିବାକୁ ହେବ ।

ଆମର ଆଲୋଚକଗଣ, ଠିକ୍ ତାକୁଇ ଅନୁସରଣ କରନ୍ତି । ସେମାନେ ସଂସ୍କୃତିକୁ ଇତିହାସ ବକ୍ଷରେ, ଭୌତିକତାର ଭିତ୍ତିରେ ଦେଖନ୍ତି ନାହିଁ । ତେଣୁ ତାହା ଅନ୍ୟ ଦିଗରେ ଶେଷରେ ଧର୍ମ ଓ ଭଗବାନଙ୍କ ପାଖକୁ ଘେନିଯାଏ । ଭଗବାନ ସୃଷ୍ଟି କରିଛନ୍ତି ମଣିଷ, ମଣିଷ ସୃଷ୍ଟି କରିଛି ଏଇ ସମାଜକୁ । ମଣିଷର ସୃଷ୍ଟିରେ କିଛି ଦୋଷ ନାହିଁ, ଦୋଷ ରହିଛି ଭଗବାନଙ୍କ ସୃଷ୍ଟି ମଣିଷଠିଁ, ତେଣୁ ତାକୁ ସଜାଡ଼ିବାକୁ ହେବ । ସେଥିଲାଗି ଯୁଗ ଯୁଗ ଧରି ମଣିଷର ସେଇ ବିମୂର୍ତ୍ତ ଧର୍ମ ଆଉ ବିମୁର୍ତ୍ତତାର ନିର୍ଯ୍ୟାସ ଭଗବାନଙ୍କୁ ଖୋଜା ଚାଲିଛି । ଜଣକୁ ଧରିଲେ ଅନ୍ୟ ଜଣଙ୍କୁ ଧରି ହେବ । ଯେହେତୁ ମଣିଷ ଭଗବାନଙ୍କ ଅଂଶ । ଅର୍ଥାତ ଦୁହେଁ ଏକ ଧାତୁରେ ଗଢ଼ା । ମଣିଷ ଯେତେବେଳେ ମଣିଷତ୍ୱର ମର୍ମ ବୁଝିବ, ତାକୁ ଆୟତ୍ତ କରିବ, ସେତେବେଳେ ସେ ଭଗବାନଙ୍କୁ ବୁଝିବ ଓ ତାଙ୍କୁ ମଧ୍ୟ ଆୟତ୍ତ କରିବ । ତାମାନେ, ମଣିଷ ମଣିଷତ୍ୱ ଲାଭକଲା ବେଳେ ଭଗବାନ ନିଜର ଆବଶ୍ୟକତା ହରାଇ ବସିବେ । ଯେଉଁ ସାମାଜିକ ଅବସ୍ଥା ମଣିଷକୁ ତିଆରି କରୁଛି, ସେହି ସାମାଜିକ ଅବସ୍ଥାକୁ ତିଆରିବା ଦ୍ୱାରା ହିଁ ମଣିଷ କେବଳ ମଣିଷତ୍ୱର ମର୍ମ ଲାଭ କରିପାରେ ।

ତା କେବଳ କମ୍ୟୁନିଷ୍ଟ ସମାଜରେ ହିଁ ସମ୍ଭବ । କାରଣ ଯେତେ ପ୍ରକାର ବିରୋଧିତା ମନୁଷ୍ୟତ୍ୱର ପ୍ରସ୍ଫୁଟନ ଓ ତାର ଉପଲବ୍ଧିରେ ଅନ୍ତରାୟ ସୃଷ୍ଟି କରେ, ସେଠି ତାର ଚିର ପରିସମାପ୍ତି ସାଧିତ ହୁଏ । ମଣିଷ ଓ ପ୍ରକୃତି ବ୍ୟକ୍ତି ଓ ସମଷ୍ଟି, ମଣିଷ ଓ ମଣିଷ, ମଣିଷର ଅସ୍ତିତ୍ୱ ଓ ତାର ମାନବିକ ମର୍ମ, ବସ୍ତୁ ରୂପାୟନ ଓ ଆତ୍ମପ୍ରତିପାଦନ, ସ୍ୱାଧୀନତା ଓ

Digitized by srujanika@gmail.com

ଅପରିହାର୍ଯ୍ୟତା ମଧ୍ୟରେ ଦ୍ୱନ୍ଦର ଅବସାନ ସାଧିତ ହେବ । ସେଇ ଏକତ୍ୱରେ ଘଟିବ ମନୁଷ୍ୟତ୍ୱର ନିଦର୍ଶନ । ସେଇ ଚରମ ଏକତ୍ୱବୋଧର ଓ ତାର ପ୍ରତିଷ୍ଠାର ପ୍ରକ୍ରିୟା ପୂନର୍ବାର ଆଦିମ ଫେରିବାର ପ୍ରକ୍ରିୟା ନୁହେଁ, କମ୍ୟୁନିଷ୍ଟ ସମାଜକୁ ଗତି କରିବାର ପ୍ରକ୍ରିୟା । ତେଣୁ ସେଠାକୁ ଫେରିବାର ପ୍ରସ୍ତାବ ଯେପରି ଅବାସ୍ତବ, ତା ଅପେକ୍ଷା ତାହା ଅଧିକ ପ୍ରତିକ୍ରିୟାଶୀଳ ଓ ଉଦ୍ଦେଶ୍ୟମୂଳକ ।

ସଂସ୍କୃତିର ବ୍ୟାଖ୍ୟା ଯେତେ ଶ୍ରେଷ୍ଠ ସୁନ୍ଦର ମନୋହର ଆଉ ରମଣୀୟ ହେଲେ ବି ଯାହା ଶେଷରେ ମଣିଷ ଦ୍ୱାରା ମଣିଷର ଶୋଷଣର ପକ୍ଷପାତି, ତା ଅସଲରେ ଏ କାହାର ସଂସ୍କୃତି ?

ସଂସ୍କୃତିର ଅଭିଧାନ ଅର୍ଥ, "ସଂସ୍କାର, ପତିତ ଅବସ୍ଥାରୁ ଉଦ୍ଧାର, ଶୋଧନ, ଅନୁଶୀଳନ ଦ୍ୱାରା ଲବ୍‌ଧ ବିଦ୍ୟା ବୁଦ୍ଧି ରୀତିନୀତିର ଉତ୍‌କର୍ଷ ।"

ଏହା ଜଣାଇଦିଏ ଯେ ସଂସ୍କୃତି, ସ୍ଥିର ବା ସ୍ଥାଣୁ ନୁହେଁ, ଏକ କ୍ରମାଗତ, ଉତ୍‌କର୍ଷର ଧାରା; ଉତ୍‌କର୍ଷ, ଉତ୍‌କର୍ଷରୁ ଅଧିକ ଉତ୍‌କର୍ଷ; ଅର୍ଥାତ, ଅବିଶ୍ରାନ୍ତ ଉର୍ଦ୍ଧ୍ୱଗତି ତାର ଅନ୍ତର୍ନିହିତ ପ୍ରକୃତି, ତାର ବ୍ୟାପ୍ତି କୌଣସି ଏକ ସଂକୀର୍ଣ୍ଣ ବିଷୟ ବା ସୀମିତ କ୍ଷେତ୍ରରେ ଆବଦ୍ଧ ନୁହେଁ । ତାର ପରିସର ସର୍ବ ବ୍ୟାପୀ ଆଉ ସର୍ବଦା ଗତିଶୀଳ । ତେଣୁ, ସେଥିରୁ ବିଚ୍ୟୁତ ହେବା ଅର୍ଥ ସଂସ୍କୃତିକୁ ବିକୃତ କରି ଦେଖିବା, ତାର ସହଜାତ ଚରିତ୍ରକୁ ବିରୋଧ କରିବା ।

କଥାଟି ଅତି ସରଳ । ବାସ୍ତବ ଉପଲବ୍‌ଧି କିନ୍ତୁ ଏତେ ସହଜ ନୁହେଁ । ତାର ପ୍ରୟୋଗ ପୁଣି ଆହୁରି କଷ୍ଟକର । ସଂସ୍କୃତି ଭଳି ଏତେ ଭିନ୍ନ ଭିନ୍ନ ବ୍ୟାଖ୍ୟା ଆଉ କା'ର ନାହିଁ । ସାହିତ୍ୟ ସଂସ୍କୃତିର ନେତାମାନେ ତାକୁ ଭଗବାନ ଭଳି ବ୍ୟବହାର କରନ୍ତି । ନିଜ ଇଚ୍ଛା ଅନୁସାରେ ବୁଝନ୍ତି, ଖୁସି ଅନୁସାରେ ବ୍ୟାଖ୍ୟା କରନ୍ତି, ଆଉ ସ୍ୱାର୍ଥ ଅନୁସାରେ ପ୍ରୟୋଗ କରନ୍ତି । ସବୁ ଅଜଣା ଜିନିଷକୁ ସଂସ୍କୃତ ନାମରେ ପାର କରି ଦେବାର ଚେଷ୍ଟା ହୁଏ । ଯାବତୀୟ ଅପକର୍ମ ଓ ଅପସଂସ୍କୃତିକୁ ସଂସ୍କୃତିର ଆବରଣରେ ଭୂଷିତ କରାଯାଏ । ଏକାଡ଼େମୀର ରଜତ ଜୟନ୍ତୀରେ ଆଦିବାସୀ ସଂସ୍କୃତିର ଆଲୋଚନା ତାର ଏକ ଦୃଷ୍ଟାନ୍ତ ମାତ୍ର ।

ଏହାଛଡ଼ା ସଂସ୍କୃତି ନେଇ ଗଭୀର ଅଧ୍ୟୟନ ଓ ଗବେଷଣା କରୁଥିବା ଲୋକେ ମଧ୍

Digitized by srujanika@gmail.com

ସେ ବିଷୟରେ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି । ପ୍ରତ୍ୟେକ ସଂସ୍କୃତିକୁ ସାଧାରଣତଃ ନିଜର ବିଷୟଟି ଦୃଷ୍ଟିରୁ ବିଚାର କରନ୍ତି ଆଉ ତାକୁଇ ମୁଖ୍ୟ କରି ଦେଖନ୍ତି । ସାହିତ୍ୟିକ, ସାହିତ୍ୟର ପରାକାଷ୍ଠା ଅର୍ଥନୀତିଜ୍ଞ, ଅର୍ଥନୀତିର ବିକାଶ, ବୈଜ୍ଞାନିକ, ବିଜ୍ଞାନର ଅଗ୍ରଗତି, ଜାତି-ବିଜ୍ଞାନୀ, ଜାତୀୟ ପ୍ରଥା ଓ ପରମ୍ପରା ଇତ୍ୟାଦି ଯିଏ ଯେଉଁ ଦୃଷ୍ଟି ଉପରେ ଜୋର ଦିଅନ୍ତି । ଆଉ ମଧ୍ୟ ଇତିହାସର ବିଭିନ୍ନ ସ୍ତରରେ ସଂସ୍କୃତିର ଭୂମିକା ଭିନ୍ନ ଭିନ୍ନ । ପୁଣି ସମସ୍ତଙ୍କ ମୂଲ୍ୟବୋଧ ଓ ମତାଦର୍ଶ ମଧ୍ୟ ଏକ ନୁହେଁ । ତେଣୁ କୌଣସି ଗୋଟିକୁ ଧରି ଅନୁସରଣ କଲେ, ତାହା ଅନ୍ଧ ହାତୀ ଦେଖା ଭଳି ହୋଇଯିବ । ସେସବୁକୁ ମିଶାଇ ବିଚାର କଲେ, ତାର ପ୍ରକୃତ ତାତ୍ପର୍ଯ୍ୟ ଆସିବ ନାହିଁ । ତା ନବଗୁଞ୍ଜରରେ ପରିଣତ ହେବ । କାରଣ, ସଂସ୍କୃତି ସେସବୁର ଏକ ପରିମାଣାତ୍ମକ ସମିଶ୍ରଣ ନୁହେଁ, ସମୟର ସ୍ରୋତରେ, ଇତିହାସ ଚକ୍ଷୁରେ ତାହା ଏକ ଗୁଣାତ୍ମକ ପରିବର୍ତ୍ତନର ଅବିଶ୍ରାନ୍ତ ପ୍ରବାହ ।

ମୂଳ କଥା, ମଣିଷକୁ ଛାଡ଼ି ସଂସ୍କୃତି ନାହିଁ । ସଂସ୍କୃତି କେବଳ ମଣିଷ ଭିତରେ ହିଁ ଆତ୍ମପ୍ରକାଶ କରେ । ତେଣୁ ମଣିଷକୁ ଛାଡି ସଂସ୍କୃତିକୁ ବିଚାର କରିବା, ବା ମାପିବାର ଅନ୍ୟ କୌଣସି ମାନଦଣ୍ଡ ନାହିଁ । ମଣିଷ ଓ ସଂସ୍କୃତି ପରସ୍ପର ଅବଚ୍ଛେଦ୍ୟ । ସଂସ୍କୃତି, ମଣିଷ ସହ ମଣିଷର ସମ୍ପର୍କ, ମଣିଷ ସହ ସମାଜର ସମ୍ପର୍କ, ମଣିଷ ସହ ପ୍ରକୃତିର ସମ୍ପର୍କ ଭିତରେହିଁ ଫୁଟେ । ତା ହିଁ ତାର ବିକାଶର ଆଧାର । ଦ୍ୱିତୀୟରେ, କେବଳ ସୃଷ୍ଟି, ସୃଜନଶୀଳତା ଦ୍ୱାରାହିଁ ସଂସ୍କୃତିର ଲକ୍ଷ୍ୟ ଖୋଦ ମଣିଷ-ମଣିଷର ମାନବିକତାର ବିକାଶ । ସେଇ କାର୍ଯ୍ୟର ଉପାଦାନ ବା କଞ୍ଚାମାଲ ମଧ୍ୟ ନିଜେ ସେଇ ମଣିଷ । ସେ ତାକୁ ଭାଙ୍ଗେ, ଗଢ଼େ ତିଆରି କରେ । ସେ ଦୃଷ୍ଟିରୁ ସଂସ୍କୃତିର ବିକାଶ ମାନବିକତାର ବିକାଶ ସହ ସମ୍ପୃକ୍ତ । ତା ସହିତ ଖାପ ଖାଏ । କହିବାକୁ ଗଲେ ସମପଦକ୍ଷେପରେ ଚାଲେ । ତେଣୁ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯଥା,-ଭୌତିକ ବା ବୌଦ୍ଧିକ, କିମ୍ବା କଳା ସାହିତ୍ୟ ଇତ୍ୟାଦି କ୍ଷେତ୍ରରେ ତାହା ସୀମାବଦ୍ଧ ନୁହେଁ । ତାହା ଯେ କୌଣସି ସାମାଜିକ କାର୍ଯ୍ୟ ପ୍ରତି ପ୍ରଯୁଜ୍ୟ । ମଣିଷର କର୍ମ ଜୀବନ ସହିତ ସମ୍ପୃକ୍ତ । ଯେହେତୁ ତାହା ସଂସ୍କାର, ଉତ୍କର୍ଷ ତେଣୁ ସଂସ୍କୃତି ସବୁ କାମରେ, ସର୍ବଦା ଆବଶ୍ୟକ ।

ସଂସ୍କୃତିର ଫଳ ବା ଆବଦାନ ନାନା ଭାବରେ ପ୍ରକାଶ ପାଏ । ବୌଦ୍ଧିକ, ଭୌତିକ ମୂଲ୍ୟବୋଧ, ସାମାଜିକ ଅନୁଷ୍ଠାନ, ପ୍ରଥା ପରମ୍ପରା ଇତ୍ୟାଦି ସବୁ କ୍ଷେତ୍ରରେ ଦେଖା ଦିଏ ।

Digitized by srujanika@gmail.com

କିନ୍ତୁ ଚନ୍ଦନକୁ ଘସିଲା ପରି, କାର୍ଯ୍ୟରେ ପ୍ରୟୋଗ ହେଲେହେଁ ସେମାନେ ନିଜର ସଂସ୍କୃତିର ସୌରଭ ବିତରଣ କରନ୍ତି । ସଂସ୍କୃତିର ମର୍ମ ଓ ତାତ୍ପର୍ଯ୍ୟ ପରିସ୍ଫୁଟ ହୋଇ ଉଠେ । ସେହିସବୁ କାର୍ଯ୍ୟ ଓ ବିକାଶର ପ୍ରକ୍ରିୟା ଭିତରେ, ସଂସ୍କୃତିର ଅବଦାନ ଦ୍ୱାରା ମଣିଷ ସମୃଦ୍ଧ ହୁଏ । ସଂସ୍କୃତି, ମଣିଷର ଜୀବନ ଶକ୍ତି, ଦୃଷ୍ଟି, ଦକ୍ଷତା ଆଦିର ବୃଦ୍ଧି ବା ସୃଷ୍ଟିର ଆଧାର ଓ ଉପାଦାନ ହୋଇଥାଏ,-ଅର୍ଥାତ, ମଣିଷର ସୃଜନଶୀଳ ଶକ୍ତିର ମୁଖ୍ୟ ବିଷୟ-ବସ୍ତୁ ଭାବେ ଦେଖାଦିଏ-ସଂସ୍କୃତି ।

ଅତଏବ ସଂସ୍କୃତି, ଏକ ଦ୍ୱନ୍ଦାତ୍ମକ ପ୍ରକ୍ରିୟା । ପୂର୍ବର ଐତିହ୍ୟ ଓ ନୂତନତ୍ୱର ପ୍ରବର୍ତ୍ତନ, ପୂର୍ବର ପ୍ରତିଷ୍ଠିତ ବିଚାର-ବ୍ୟବସ୍ଥା ଓ ସୃଜନଶୀଳତା, ବଦ୍ଧମୂଳ ଧାରଣା ଓ ବିକାଶ-ଏମାନଙ୍କର ଦ୍ୱନ୍ଦାତ୍ମକ ଐକ୍ୟକୁ ପ୍ରକାଶ କରେ । ସେଇ ନୂଆ ପୁରୁଣାର ଦ୍ୱନ୍ଦ ଭିତରେ ସଂସ୍କୃତି ଜନ୍ମ ନିଏ ଓ ବିକାଶ ଲାଭକରେ । ତାହାହିଁ ସଂସ୍କୃତିର ମର୍ମ । ସେଇ ପ୍ରକ୍ରିୟା କେବଳ ମଣିଷ ଦ୍ୱାରା ସୃଷ୍ଟି ହୋଇ ନାହିଁ-ତାହା ଖୋଦ ମଣିଷକୁ ସୃଷ୍ଟି କରେ। ମଣିଷ ଯେପରି ସଂକୃତିର ସ୍ରଷ୍ଟା - ସେଇପରି ମଧ ତାର ସୃଷ୍ଟି । ଏ ଦ୍ୱନ୍ଦାତ୍ମକ ପ୍ରତିକ୍ରିୟା ଭିତରେ କେବଳ ଗୋଟିଏ ଦିଗ ପ୍ରତି ଦୃଷ୍ଟି ଦେଲେ ବିଚାରରେ ବିଭ୍ରାନ୍ତ ଉପୁଜିବା ସ୍ୱାଭାବିକ ।

ଭୌତିକ, ବୌଦ୍ଧିକ, ଆଧାତ୍ମିକ, ସାଂସ୍କୃତିକ-ସବୁ ପ୍ରକାର ସମ୍ପଦର ସୃଷ୍ଟିକର୍ତ୍ତା ମଣିଷ । ସେ ମଧ ସାମାଜିକ ସମ୍ପର୍କ ସୃଷ୍ଟି କରେ । ଏଗୁଡ଼ିକ ଅତି ସାଧାରଣ କଥା । ଅସଲ କଥା ସେଇ ପ୍ରକ୍ରିୟା ଭିତରେ ମଣିଷ ଆପଣାକୁ ସୃଷ୍ଟି କରେ । ମଣିଷ ସେ ଦିଗରେ ବିଜ୍ଞାନ ଅର୍ଥନୀତି, ସମାଜନୀତି ଆଦି ହରେକ ବିଷୟକୁ କାମରେ ଲଗାଏ । ତାଙ୍କର ବ୍ୟବହାରିକ ଫଳକୁ ଗ୍ରହଣ କରେ । କିନ୍ତୁ ସେଇ ବ୍ୟବହାରିକ ଫଳ ଗ୍ରହଣ ଭିତରେ ଆଉ ଏକ ବିଷୟ ପ୍ରଛନ୍ନ ଭାବେ ନିହିତ । ତା ହେଉଛି ମଣିଷର ଚିନ୍ତା, ଚେତନା ଓ ବିଚାର ଆଦି, ଯାହାକି ସଂସ୍କୃତି ସହିତ ସମ୍ପୃକ୍ତ । ସଂସ୍କୃତିର ପରିସର ମଧ୍ୟକୁ ପ୍ରବେଶ କରେ, ଆଉ ତାହାହିଁ ମଣିଷକୁ ମଣିଷ କରେ । ତାହା ତାକୁ ଦୃଷ୍ଟି କୋଣ ପ୍ରଦାନ କରେ, ତା ଜୀବନ ଓ ସମାଜକୁ ପରିଚାଳିତ କରେ । ଅତଏବ ମଣିଷ, ତା ନିଜ ଲାଗି ଯାହା ଆବଶ୍ୟକ ବା ଉପଯୋଗୀ, ତାହା ଉତ୍ପାଦନ କରିବାର ଉକ୍ତି ଓ ଦକ୍ଷତା ଯୋଗୁଁ କେବଳ ନୁହଁ, ମଣିଷ ତାକୁ ନିଜକୁ ସୃଷ୍ଟି କରିବା ଓ ନିଜେ ନିଜର ବିକାଶର କାରଣ ହୋଇଥିବା ହେତୁ, ସଂସ୍କୃତି ଜନ୍ମ ଲଭିଛି ଓ ବିକାଶ ଲାଭ କରୁଛି । ନିଜର ବ୍ୟବହାରିକ କର୍ମ ଭିତରେ ମଣିଷ, କେବଳ ନିଜର

Digitized by srujanika@gmail.com

ସାମାଜିକ କର୍ତ୍ତବ୍ୟ ସମ୍ପାଦନ କରେ ନାହିଁ, ନିଜର ସାମାଜିକ ସମ୍ପର୍କକୁ, ନିଜର ବ୍ୟକ୍ତିତ୍ୱକୁ ସୃଷ୍ଟି କରେ, ଏକ ସଂସ୍କୃତି ସୃଷ୍ଟିକାରୀ ଶକ୍ତିରେ ପରିଣତ ହୁଏ । ଅତଏବ ସଂସ୍କୃତି ମଣିଷର ସାମାଜିକ ସତ୍ତାର ପରିସରର ବାହାରେ ନାହିଁ । ଏବଂ ଯେହେତୁ ସଂସ୍କୃତି, ସାମାଜିକ ସତ୍ତା ମଧ୍ୟରେ ବିଦ୍ୟମାନ, ତେଣୁ ମଣିଷ ତାର ସେଇ ସାମାଜିକ ସତ୍ତା--ଉତ୍ପାଦନ କର୍ମ ଓ ସମ୍ପର୍କକୁ ପରିବର୍ତ୍ତନ ନ କରି ତାକୁ ହାସଲ କରି ନ ପାରେ ।

ଅତଏବ ସଂସ୍କୃତି, ମଣିଷର ସାମାଜିକ ବିକାଶ ଓ ମଣିଷ ଦ୍ୱାରା ସମାଜର ବିକାଶକୁ ବିଚାର କରିବାର ମାନଦଣ୍ଡ । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ମଣିଷର ମାନବସୁଲଭ ବ୍ୟକ୍ତିତ୍ୱ, ଆଉ ସମାଜର ମାନବସୁଲଭ ଶକ୍ତିର ବିକାଶ ହେଉଛି ସଂସ୍କୃତିର ଲକ୍ଷ୍ୟ । ସଂସ୍କୃତି ସେଇ ଦୃଷ୍ଟିରୁ ସବୁକୁ ବିଚାର କରେ । ତେଣୁ ସଂସ୍କୃତି, ସାମାଜିକ ବ୍ୟବସ୍ଥାର କୌଣସି ଗୋଟିଏ ଦିଗ, କୌଣସି ଗୋଟିଏ ବିଷୟ, ବା କୌଣସି ଏକ କର୍ତ୍ତବ୍ୟ ନୁହଁ । ତା ହେଉଛି ଇତିହାସର ମାନବସୁଲଭ ଚରିତ୍ର ।

କେବଳ ବ୍ୟକ୍ତି ଓ ସମାଜ ନୁହଁ, ସମାଜ ଓ ପ୍ରକୃତି ମଧ୍ୟରେ ସମ୍ପର୍କର ବିଚାରର ମାନଦଣ୍ଡ ହେଉଛି ସେଇ ସଂସ୍କୃତି । ଏ ବିଶ୍ୱ ପ୍ରକୃତି କେବଳ, ମାନବର ପରିବେଶ ବା ପରିବେଷ୍ଟନୀ ନୁହେଁ । ମାର୍କସଙ୍କ ଭାଷାରେ ତାହା ମଣିଷର "ଅଜୈବୀକ" ଶରୀର । ନିଜର ଶରୀର ଭଳି, ତାକୁ ହତାଦର କରାଯାଇ ନପାରେ । ନିଜର ଶରୀର ଭଳି ତାର ଯତ୍ନ ନେବାକୁ ହେବ । ତାହା ଅବଶ୍ୟ ବ୍ୟକ୍ତିବିଶେଷଙ୍କ ଶରୀର ନୁହେଁ । ତାହା ଅନ୍ୟମାନଙ୍କର-ସମାଜର "ଶରୀର" ହେବା ଦ୍ୱାରା କେବଳ ବ୍ୟକ୍ତି ବିଶେଷଙ୍କ ଶରୀର ହୁଏ । ଯେହେତୁ ପ୍ରକୃତି ବିନା ମଣିଷର ସ୍ଥିତି ନାହିଁ । ତେଣୁ ପ୍ରକୃତି ପ୍ରତି ଦୃଷ୍ଟି କୋଣ ମଧ୍ୟ ହେଇ ଭାବରେ ନିଜର ମଣିଷ ଜାତି, ସମାଜ ଓ ନିଜ ପ୍ରତି ଦୃଷ୍ଟିକୋଣ । ପ୍ରକୃତିକୁ ଧ୍ୱଂସ କରିବାର ପରିଣାମ ଓ ତାର ପ୍ରଭାବ ସମସ୍ତଙ୍କୁ ଭୋଗିବାକୁ ହୁଏ । 'ଇକୋଲଜି' ଆଜି ଏକ ବିରାଟ ସମସ୍ୟା ହେଲାଣି । ତେଣୁ ପ୍ରକୃତିକୁ ବ୍ୟବହାର ବା ଧ୍ୱଂସ କଲାବେଳେ ଉକ୍ତ କାର୍ଯ୍ୟର ପ୍ରଭାବ ଅନ୍ୟ ଲୋକ, ତଥା ସମାଜ ଓ ଆମର ଭବିଷ୍ୟତ ବଂଶଧରଙ୍କ ଉପରେ କିପରି ପଡିବ, ତାର ବିଚାର ହେଉଛି ମାନବସୁଲଭ ବିଚାର । ତା'ମାନେ ସ୍ୱତଃସ୍ଫୂର୍ତ୍ତ ଦାୟୀତ୍ୱହୀନ, ବିଚାରଶୂନ୍ୟ କାର୍ଯ୍ୟ ନକରି, ମାନବିକ ଭାବେ କାର୍ଯ୍ୟ କରିବାକୁ ହେବ । ତଦ୍ୱାରା ମଣିଷ ତାର ସଂସ୍କୃତିର ପରିଚୟ ଦିଏ ।

Digitized by srujanika@gmail.com

ସଂସ୍କୃତିର ସେଇ ବିଚାର ବା ମାନଦଣ୍ଡ ସବୁ ଦିନ ପାଇଁ ସ୍ଥିର ନୁହେଁ । ଚିରଦିନ ଲାଗି ତା ବନ୍ଧା ହୋଇନାହିଁ । ମଣିଷର ବିକାଶ ସହିତ ତା ବଦଳିବାରେ ଲାଗିଛି । ତେଣୁ ଚେତନଶୀଳ କାର୍ଯ୍ୟ ଭିତରେ ତାକୁ ଅନ୍ୱେଷଣ ଓ ଆବିଷ୍କାର କରିବାକୁ ହେବ । ସଂସ୍କୃତିର ଇତିହାସରେ ତାହା ଏକ ବଡ଼ ଜଟିଳ ଓ କଠିନ କାର୍ଯ୍ୟ । କାରଣ ତା ହେଉଛି ପ୍ରକୃତିର ମାନବସୁଲଭ ମାନ ଓ ମନୁଷ୍ୟର ପ୍ରକୃତିସୁଲଭ ମାନର ଅନ୍ୱେଷଣ । ତାକୁ ପୁଣି ବିଶ୍ୱଜନୀନ ସ୍ତରକୁ ଘେନି ଯିବା ତାର ଲକ୍ଷ୍ୟ । ଯେଉଁଠି ସେ ପ୍ରତ୍ୟେକ ନିଜର ସୀମା ଅତିକ୍ରମ କରି ଏକ ମହା ସମନ୍ୱୟରେ ପରିଣତ ହେବେ ।

ଉପରୋକ୍ତ ଦୃଷ୍ଟିରେ ଦେଖିଲେ ସଂସ୍କୃତି ହେଉଛି, ବ୍ୟକ୍ତିବିଶେଷ ରୂପରେ, ସମାଜ ଓ ପ୍ରକୃତି ପ୍ରତି ଦୃଷ୍ଟିକୋଣ, ଯେଉଁଠି ପ୍ରକୃତି ବି ମଣିଷର ଅଜୈବିକ ଶରୀରରେ ପରିଣତ ହୁଏ ତାମାନେ ସଂସ୍କୃତି ଉଭୟ ବ୍ୟକ୍ତି ଓ ସମାଜର ସଭ୍ୟଭାବରେ ମଣିଷର ମଣିଷ ପ୍ରତି ଦୃଷ୍ଟି କୋଣ; ଯେଉଁଠି ମଣିଷ ସମାଜ ଜୀବନରେ ନିଶ୍ଚୟତା ଆଣେ, ପ୍ରକୃତି ଓ ସମାଜ ସମ୍ପର୍କ ମଧ୍ୟରେ ସମନ୍ୱୟ ଆଣେ, ତଦ୍ୱାରା ଯାହା ସାମାଜିକ ଓ ପ୍ରାକୃତିକ ତାହା ତଦ୍ ଅନୁରୂପ ମାନବସୁଲଭ ବିଚାର ବା ମାନଦଣ୍ଡକୁ ଆବିଷ୍କାର କରେ ।

କେବଳ ଭୌତିକ ସମ୍ପଦ ବୃଦ୍ଧିରେ ସଂସ୍କୃତି ଆସେ ନାହିଁ । ସଂସ୍କୃତି କେବଳ ଭୌତିକ ବା ମାନସିକ ସମ୍ପଦ ନୁହେଁ । ତା ଦୁହିଁଙ୍କର ଅଖଣ୍ଡ ସମ୍ବନ୍ଧ । ସେଥିରୁ ଗୋଟିକୁ, ଅନ୍ୟଟିରୁ ଅଲଗା କରାଯାଇ ନପାରେ। ଯଦି ସଂସ୍କୃତିକୁ କେବଳ ମାନସିକ, ବୌଦ୍ଧିକ ପ୍ରକ୍ରିୟାର ଫଳ ବୋଲି ଧରାଯାଏ, ତେବେ ତାହା ଭୌତିକ ଭିତ୍ତିକୁ ପ୍ରତ୍ୟାଖ୍ୟାନ କରେ । ଇତିହାସକୁ ଆଡ଼େଇ ଦିଏ । ଶେଷରେ ତା ମନର ସୃଷ୍ଟି, ଅନ୍ତର୍ଦୃଷ୍ଟି, ବା ଗୁଢ଼ଜ୍ଞାନରେ ପହଞ୍ଚେ । ଧର୍ମ, କୁସଂସ୍କାର ଅନ୍ଧବିଶ୍ୱାସକୁ ଆହ୍ୱାନ କରେ । ସାଧାରଣ 'ଆଧ୍ୟାତ୍ମିକ' ସଂସ୍କୃତି ନାମରେ ତା ଉପରେ ନିର୍ଭରଶୀଳ ହୁଏ । ତାର ନିଦର୍ଶନ ହେଉଛି ଭାରତ ବର୍ଷ । ସେଇପରି ଭୌତିକ ସମ୍ପଦରେ ସବୁଠାରୁ ବଳିଷ୍ଠ ସଂସ୍କୃତିର ନିଦର୍ଶନ ହେଉଛି ଆମେରିକା, ଯେଉଁଠି ମଣିଷ ଶୋଷଣର ରକ୍ଷା ଓ ପ୍ରସାର ଲାଗି, ତାହା ସମଗ୍ର ମାନବଜାତି ଓ ପ୍ରକୃତିକୁ ଧ୍ୱଂସ କରିବାକୁ ବି ପ୍ରସ୍ତୁତ । ଏହା କଣ ସଂସ୍କୃତିର ଚରମ ଶୂନ୍ୟତା, ବା ଘୋର ବର୍ବରତାର ଲକ୍ଷଣ ନୁହେଁ ?

ତେଣୁ ଆଦର୍ଶ ଆଧ୍ୟାତ୍ମିକତା ଓ ସାଂସ୍କୃତିକ ମୂଲ୍ୟବୋଧ ଆଦି, ଯିଏ ଯେତେ ପ୍ରଚାର

Digitized by srujanika@gmail.com

କଲେ ସୁଦ୍ଧା, ତା ମଣିଷର ସେଇ ସମାଜସୁଲଭ ବ୍ୟକ୍ତିତ୍ୱ ଆଉ ସମାଜର ମାନବସୁଲଭ ସଂସ୍କୃତିକୁ ପ୍ରକଟିତ କରେ ନାହିଁ । ଅନ୍ୟ ଦିଗରେ ଉତ୍ପାଦନ ଶକ୍ତିର ବୃଦ୍ଧିରେ ଭୌତିକ ସମ୍ପଦର ଅଭିବୃଦ୍ଧି ଦ୍ୱାରା ମଧ୍ୟ ତାହା ପ୍ରକାଶ ପାଏନାହିଁ । ଦୋଷଟା ଉତ୍ପାଦନ ଶକ୍ତିବୃଦ୍ଧି ବା ଭୌତିକ ସମ୍ପଦରେ ନାହିଁ । ତା ରହିଛି, ସେହି ସାମାଜିକ ଅର୍ଥନୈତିକ ଅବସ୍ଥାରେ । ତେଣୁ ସଂସ୍କୃତି ଲାଗି ଅନୁକୂଳ ଅବସ୍ଥା ସୃଷ୍ଟି କରିବାକୁ ହେଲେ, ତାହା କେବଳ ଭୌତିକ ଅବସ୍ଥାର ସୃଷ୍ଟି, ଜୀବନଧାରଣ ମାନର ଉନ୍ନତି ଦ୍ୱାରା ସାଧିତ ହେବନାହିଁ, ଯେଉଁ ସମାଜରେ, ଯେଉଁ ସାମାଜିକ ସମ୍ପର୍କ ଭିତରେ ମଣିଷର ସେଇ ସାଂସ୍କୃତିକ ଅର୍ଥନୈତିକ କାର୍ଯ୍ୟ ସମ୍ପାଦିତ ହେଉଛି, ତାର ସଂସ୍କୃତି, ଫଳ ପୁଷ୍ପ ଧାରଣ କରୁଛି, ସେ ସମାଜକୁ ପରିବର୍ତ୍ତନ କରିବାକୁ ହେବ । ସେଥିଲାଗି ଆବଶ୍ୟକ ଏକ ବିରାଟ ସାଂସ୍କୃତିକ ବିପ୍ଳବ । ଯାର ଏକମାତ୍ର ଲକ୍ଷ୍ୟ ହେବ- ଲୋକଙ୍କ ଜୀବନଧାରଣ ଓ କାର୍ଯ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା । ଯୁଗ ଯୁଗ ହେଲା ଯେଉଁମାନେ ଏପର୍ଯ୍ୟନ୍ତ, ସଂସ୍କୃତିରୁ ବଞ୍ଚିତ ହୋଇ ରହିଛନ୍ତି, ବିପ୍ଳବ ଦ୍ୱାରା ସେଇ କୋଟି କୋଟି ଲୋକଙ୍କୁ ତାର ଅଧିକାରୀ କରିବା, ଯେଉଁମାନେ କି ସେଇ ସସ୍କୃତିର ସୃଷ୍ଟିରେ ସକ୍ରିୟ ସଚେତନ ଭାଗ ନେବେ, ନିଜର ଅବଦାନର ସ୍ୱାଦ ନିଜେ ଉପଭୋଗ କରିବେ । ସଂସ୍କୃତି ମୁଷ୍ଟିମେୟ ଲୋକଙ୍କ କବଳରୁ ମୁକ୍ତ ହେବ, ଚିର ସ୍ୱାଧୀନତା ଲାଭ କରିବ । ସଂସ୍କୃତିର ସ୍ରଷ୍ଟା ଓ ସୃଷ୍ଟିର ସମନ୍ୱୟ ସାଧିତ ହେବ ।

ସଂସ୍କୃତିର ଏହା ଏକ ସର୍ବାଙ୍ଗୀନ ଆଲୋଚନା ନୁହେଁ, କେବଳ ଏଇ ନିର୍ଦ୍ଦିଷ୍ଟ ଆଲୋଚନାର ଭିତ୍ତି ଓ ତାର ଦୃଷ୍ଟିକୋଣ ମାତ୍ର । ଏଠାରେ ନିର୍ଦ୍ଦିଷ୍ଟ ପ୍ରୟୋଗର ପ୍ରଶ୍ନ ନାହିଁ । କିନ୍ତୁ ତାହା ଯେ ଏକମାତ୍ର ନିର୍ଭୁଲ ଓ ବିଜ୍ଞାନସମ୍ମତ ଦୃଷ୍ଟି କୋଣ ଏଥିରେ ସନ୍ଦେହ ନାହିଁ । ପ୍ରଶ୍ନ ଉଠେ, ସଂସ୍କୃତି ଯଦି ଭୌତିକ ବୈଜ୍ଞାନିକ-ଆଧ୍ୟାତ୍ମିକ ସମ୍ପଦର ଅଖଣ୍ଡ ସମନ୍ୱୟ ହୁଏ, ତେବେ ଶରୀରିକ କର୍ମ ଓ ମାନସିକ କର୍ମର ବିଚ୍ଛେଦରେ ତା କଣ ଦୁଇ ଭାଗରେ ବିଭକ୍ତ ହେବ ନାହିଁ ? ଭୌତିକ ସମ୍ପଦର ଅଧିକାରୀ ଲୋକ ଧନୀ, ଏବଂ ବୌଦ୍ଧିକ-ଆଧ୍ୟାତ୍ମିକ ସମ୍ପଦର ଅଧିକାରୀ ଲୋକେ ଗୁଣୀ ଜ୍ଞାନୀ ହେଲାବେଳେ, ସେଥିରୁ ବଞ୍ଚିତମାନେ କଣ ନିର୍ଧନ, ଦୀନ ଦରିଦ୍ର ଓ ମୂଢ଼ ମୂର୍ଖ ହୋଇ ରହିବେ ନାହିଁ । ଏଇସବୁ କୋଟି କୋଟି ଲୋକଙ୍କୁ ଦୀନହୀନ ସଂସ୍କୃତିହୀନ କରି ରଖି ଯେଉଁମାନେ ନିଜର ଉଚ୍ଚ ସଂସ୍କୃତିର ଗର୍ବ ଅନୁଭବ କରନ୍ତି, ଏବଂ ସେହି ଅବସ୍ଥାକୁ ଚିରସ୍ଥାୟୀ କରିବାରେ ଲାଗନ୍ତି, ପ୍ରକୃତରେ ସେମାନେ

Digitized by srujanika@gmail.com

କେତେଦୂର ସାଂସ୍କୃତିକ ?

ଶ୍ରେଣୀ ବିଭକ୍ତ ସମାଜରେ ଏ ଅବସ୍ଥା ଅପରିହାର୍ଯ୍ୟ । କାରଣ ଯେଉଁ ଲୋକ ଉତ୍ପାଦନର ଉପକରଣକୁ ଅଧିକାର ଓ ପ୍ରୟୋଗ କରେ, ସେ ମଧ୍ୟ ବୌଦ୍ଧିକ ଆଧ୍ୟାତ୍ମିକକୁ ଉତ୍ପାଦନକୁ ଅଧିକାର ଓ ପରିଚାଳିତ କରେ । ଆଉ ସେଇ ଶ୍ରେଣୀର ସଂସ୍କୃତି ହୁଏ ଦେଶ ଓ ଜାତିର ସଂସ୍କୃତି । କିନ୍ତୁ ପ୍ରତ୍ୟେକ ଦେଶ ଓ ଜାତି, ଦୁଇ ଶ୍ରେଣୀର ବିଭକ୍ତ ହେଲା ଭଳି, ସଂସ୍କୃତି ମଧ୍ୟ ଦୁଇ ଭାଗରେ ବିଭକ୍ତ । ଗୋଟିଏ ଶୋଷକ ଶ୍ରେଣୀର ସେବାରେ ଲାଗିଲା ବେଳେ ଅନ୍ୟଟି ବାସ୍ତବରେ ଗଣତାନ୍ତ୍ରିକ, ମାନବିକ ଓ ବିଶ୍ୱଜନୀନ । ତାହା ଶ୍ରମଜୀବୀ ଲୋକଙ୍କର ସ୍ୱାର୍ଥ ପୂରଣ କରେ । ଲେନିନଙ୍କ ଭାଷାରେ ପ୍ରତ୍ୟେକ ଜାତୀୟ ସଂସ୍କୃତି ଭିତରେ, ଅତି ପ୍ରାଥମିକ ରୂପରେ ଗଣତାନ୍ତ୍ରିକ ସମାଜବାଦୀ ସଂସ୍କୃତି ଉପାଦାନ ରହିଛି । କାରଣ, ପ୍ରତ୍ୟେକ ଦେଶ ଓ ଜାତି ଭିତରେ ଶ୍ରମକାରୀ ଶୋଷିତ ଲୋକ ରହିଛନ୍ତି । ତାଙ୍କ ଜୀବନର ଅବସ୍ଥା, ଅନିର୍ବାର୍ଯ୍ୟ ଭାବେ ଗଣତାନ୍ତ୍ରିକ ସମାଜବାଦୀ ମତାଦର୍ଶକୁ ଜନ୍ମ ଦିଏ । କିନ୍ତୁ ପ୍ରତ୍ୟେକ ଦେଶରେ ଏକ କ୍ଷୁଦ୍ର ଉପାଦାନ ରୂପରେ ନୁହେଁ, ପ୍ରାଧାନ୍ୟ ବିସ୍ତାର କରି ରହିଛି ସେଇ ଧନୀକ ଶ୍ରେଣୀର ସଂସ୍କୃତି । ତାହା ବୃହ ସ୍ଥଳରେ ଧର୍ମୀୟ ସଂସ୍କୃତି ରୂପ ଧାରଣ କରେ । କିନ୍ତୁ ଆଧ୍ୟାତ୍ମିକ ସଂସ୍କୃତିର ବିଚାର କଲାବେଳେ ତାର ଆଧେୟ ପ୍ରତି ଦୃଷ୍ଟି ଦେବାକୁ ହେବ । ବିଶ୍ୱଜନୀନ ଗଣତାନ୍ତ୍ରିକ ମାନବିକତାକୁ, ତାର ଅଗଣାତାନ୍ତ୍ରିକ ଅମାନବିକ ବିଷୟବସ୍ତୁରୁ ପୃଥକ କରି ଦେଖିବାକୁ ହେବ ।

ଶ୍ରମକାରୀ, ଶ୍ରମିକଶ୍ରେଣୀର ମତାଦର୍ଶ ଓ ଦୃଷ୍ଟି କୋଣ ଯେପରି ଆନ୍ତର୍ଜାତୀୟ, ତାକୁ ପ୍ରତିହତ କରିବା ଲାଗି ପ୍ରତିକ୍ରିୟା ମଧ୍ୟ ସେଇପରି ଆନ୍ତର୍ଜାତୀୟ ଅଭିଯାନ ଚଳାଏ । ତାହା ସବୁ ଦେଶରେ ପ୍ରତିକ୍ରିୟାକୁ ଉତ୍ସାହିତ କରେ । ଅଜ୍ଞାନରେ ହେଉ ବା ସଜ୍ଞାନରେ ହେଉ, ଶ୍ରୀ ମହାପାତ୍ରଙ୍କ ସଂସ୍କୃତି ଦୃଷ୍ଟିକୋଣ ସେଇ ଅଭିଯାନର ଏକ ଅଙ୍ଗ ରୂପେ ଦେଖାଦିଏ । ସେ ଯେଉଁ ଆଦିବାସୀ ସଂସ୍କୃତିର ଗୌରବଗାନ କରନ୍ତି, ଠିକ୍ ତାହାହିଁ ପ୍ରତିକ୍ରିୟାର ପ୍ରଚାରକୁ ପ୍ରକାଶ କରେ। ତାହା, ଅନ୍ୟ ଦେଶର ଅର୍ଥନୀତିରେ ଅନୁପ୍ରବେଶ, ଓ ରାଜନୀତି କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କଲାଭଳି ସାଂସ୍କୃତିକ କ୍ଷେତ୍ରରେ ଆଧୁନିକତା ନାମରେ ଅନ୍ଧବିଶ୍ୱାସ, ଅତୀତର ବଦ୍ଧମୂଳ ଧାରଣ । ଆଦି ଯାହା ମଣିଷକୁ ପଛକୁ ଟାଣିଧରେ, ତାକୁ ପ୍ରତି ପଦେ ପଦେ ଉତ୍ସାହିତ, ପ୍ରସାରିତ ଓ ପ୍ରଚାରଣ କରେ । ଏବେ ତାର ନୂତନ ଡାକ ହେଉଛି, Return to

Digitized by srujanika@gmail.com

primordiality, primeval naturalism, primitivism, ଅର୍ଥାତ ସେଇ ଆଦିମ ଅତୀତକୁ ଫେରିଯିବା । ତା କହେ, ମଣିଷ ତାର ସହଜାତ ପ୍ରକୃତି ଦ୍ୱାରା ଅଧିକୃତ । ତାକୁ ପୁଣି ଆଧୁନିକ ସୌନ୍ଦର୍ଯ୍ୟବାଦର ଏକ ମୌଳିକ ଭାବ ଭାବେ ଗ୍ରହଣ କରାଯାଏ । ତେଣୁ ତା କହେ, ସେ ବସ୍ତୁକୁ ରକ୍ଷା କରିବାକୁ ହେବ । ଶ୍ରୀ ମହାପାତ୍ରଙ୍କ ଆଦିବାସୀ ବୈଶିଷ୍ଟ୍ୟର ସୁରକ୍ଷା ଏବଂ ସେଇ ଆଦିମ ପ୍ରାକୃତିକ ଅବସ୍ଥାକୁ ଫେରିବାର ଆହ୍ୱାନ କଣ ସେଇ ପାଶ୍ଚାତ୍ ଆର୍ନ୍ତଜାତୀୟ ପ୍ରତିକ୍ରିୟାର ଭାରତୀୟ ସଂସ୍କରଣ ନୁହେଁ ?

ବଡ଼ ଆଶ୍ଚର୍ଯ୍ୟର କଥା, ଆଦିବାସୀ ସଂସ୍କୃତି ଆଲୋଚନା କଲାବେଳେ ଆଦିବାସୀ ଭାଷା ଶିକ୍ଷା ସାହିତ୍ୟର ନାଁ ସୁଦ୍ଧା ଧରାଯାଏ ନାହିଁ । ଅଥଚ, ସଂସ୍କୃତିର ମୂଳ ହେଲା ଭାଷା । ଯେ କୌଣସି ଲୋକର ପ୍ରାଣ ତାର ମାତୃଭାଷା ଭିତରେ ହିଁ ପ୍ରକାଶ ପାଏ । ସେ ଭାଷା ଭିତରେ ନିଜର ହୃଦୟକୁ ଢାଳି ଦିଏ, ସେଇ ଭାଷା ଓ ସଂସ୍କୃତି ଜଣେ ଏକୁଟିଆ ଲୋକର ସୃଷ୍ଟି ନୁହେଁ । ସେଥିଲାଗି ମଣିଷ ଭିତରେ ଯୋଗାଯୋଗା, ସଂପର୍କ ଓ ଭାବେ ଆଦନ ପ୍ରଦାନ ଦରକାର । ତାର ମାଧ୍ୟମ ହେଉଛି ଭାଷା ଓ ସାହିତ୍ୟ । ଏବେ ପୁଣି ଆଦିବାସୀ ଲିପିକୁ ସ୍ୱୀକାର କରିବା ଓ ତାଙ୍କ ଭାଷାରେ ଶିକ୍ଷା ଦେବା ଲାଗି ଦାବୀ ଆନ୍ଦୋଳନ ହେଉଛି । ତାର ବିକାଶର ପ୍ରସାର ସହିତ, ପୁଣି ଏକ ଜାତିର ସ୍ୱତନ୍ତ୍ର ଜାତୀୟତାବୋଧ, ଜାତୀୟ ଭାବ ଭାଷା ଆଦି ବହୁ ବିଷୟ ଜଡ଼ିତ । ତାର ବି ଅର୍ଥନୈତିକ ରାଜନୈତିକ ତାତ୍ପର୍ଯ୍ୟ ଓ ଗୁରୁତ୍ୱ ରହିଛି । ଯେତେ ଯା ହେଲେ ମଧ୍ୟ, ସଂସ୍କୃତିର ଆଲୋଚନା ଦୃଷ୍ଟିରୁ ତାଙ୍କର ଭାଷାକୁ କୌଣସି ମତେ ଆଡ଼େଇ ଦିଆଯାଇ ନପାରେ । ତାହା ଯଦି ଉଦ୍ଦେଶ୍ୟ-ମୂଳକ କି ଆକସ୍ମିକ ନ ହୁଏ, ତେବେ ସେ ବିଷୟରେ ଉପଲବ୍ଧିରୁ ଅଭାବ ହେବ ଏକମାତ୍ର କାରଣ, ଯାହାକି ଆଦୀବାସୀଙ୍କୁ ସେମିତି ଆଦିବାସୀ କରି ରଖି, ତାଙ୍କର ବୈଶିଷ୍ଟ୍ୟ ରକ୍ଷା କରିବାର ସଂସ୍କୃତିରୁ ଉଦ୍‌ଭବ । କାରଣ, ସେମାନଙ୍କର ସେହି ଲିପି ଭାଷା ଶିକ୍ଷା ସାହିତ୍ୟ ଓ ସଭ୍ୟତାର ବିକାଶ ଘଟିଲେ ସେହି ବୈଶିଷ୍ଟ୍ୟଗୁଡ଼ାକୁ ରହିବ କିପରି ? ତା କଣ ନଷ୍ଟ ହୋଇଯିବ ନାହିଁ ?

ସବୁ ତତ୍ତ୍ୱର ପରୀକ୍ଷା ବାସ୍ତବ କର୍ମ କ୍ଷେତ୍ରରେ । କର୍ମହିଁ, ସତ୍ୟତାକୁ ପ୍ରତିପାଦିତ କରେ । ମୋଟ ଉପରେ, ସଂସ୍କୃତିର ଉପରୋକ୍ତ ଦୁଇ ଧାରାର ବିକାଶ ଏବେ ଦୁଇ ସାମାଜିକ ବ୍ୟବସ୍ଥା ଭିତରେ ବେଶ ପରିସ୍ଫୁଟ । ଆମେରିକା, ଯେଉଁଠି ମଣିଷ ଦ୍ୱାରା ମଣିଷର ଶୋଷଣ ତାର ସଂର୍ବଶ୍ରେଷ୍ଠ ରୂପ ଧାରଣ କରେ, ଅନ୍ୟଟି ସୋଭିଏତ ରୁଷ, ଯାହା ମଣିଷ ଦ୍ୱାରା

Digitized by srujanika@gmail.com

ମଣିଷର ଦ୍ୱାରା ମଣିଷର ଶୋଷଣ ଲୋପ କରି ସାମ୍ୟବାଦ ନିର୍ମାଣରେ ଅଗ୍ରସର । ଜଣେ ପୁଂଜିବାଦୀ ଦୃଷ୍ଟିରୁ ସଂସ୍କୃତିର ଅଭିମୁଖ୍ୟ ଓ ପ୍ରୟୋଗକୁ ପ୍ରତିଫଳିତ କରେ । ଅନ୍ୟ ଜଣକ ଶ୍ରମିକ ଶ୍ରେଣୀ ଦୃଷ୍ଟିରୁ ସଂସ୍କୃତିର ଅଭିମୁଖ୍ୟ ଓ ପ୍ରୟୋଗର ପରିଚୟ ଦିଏ । ଜଣେ ବିଶ୍ୱ ଯୁଦ୍ଧର ପ୍ରସ୍ତୁତି କଲାବେଳେ ଅନ୍ୟ ଜଣେ ଶାନ୍ତିର ଅଭିଯାନ ଚଳାଏ ଏବଂ ନିଜ ଦେଶର ଲୋକମାନଙ୍କ ପ୍ରତି ସେମାନଙ୍କ ଦୃଷ୍ଟିକୋଣ ମଧ୍ୟ ସେଇପରି ଭିନ୍ନ ଭିନ୍ନ ।

ଦୁଇ ଦେଶର ତୁଳନାତ୍ମକ ଆଲୋଚନା ଏଠାରେ ସମ୍ଭବ ନୁହେଁ । ଦୃଷ୍ଟାନ୍ତସ୍ୱରୂପ କୁହାଯାଇ ପାରେ, କଲମ୍ବସଙ୍କ ଆମେରିକା ଆବିଷ୍କାର କାଳରେ ସେଠାରେ ଥିବା ଆଦିବାସୀଙ୍କ ସଂଖ୍ୟା ଏକ କୋଟି ଚାଳିଶ ଲକ୍ଷରୁ ହ୍ରାସପାଇ ଏବେ ମାତ୍ର ଦଶ ଲକ୍ଷରେ ରହିଲାଣି । ତାଙ୍କ ପାଖରେ ଥିବା ଜମିର ପରିମାଣ ଶହେ ନବେ କୋଟି ଏକରରୁ ହ୍ରାସ ପାଇ ଏବେ ମାତ୍ର ପାଞ୍ଚ କୋଟି ଏକରରେ ପହଂଚିଲାଣି । ଆମେରିକାରେ ସେଇ ଆଦିବାସୀ ଲୋକଙ୍କ ଜୀବନକାଳ ସବୁଠାରୁ କମ (୪୦ବର୍ଷ) ସେମାନଙ୍କ ଭିତରେ ବେକାର ସଂଖ୍ୟା ସବୁଠାରୁ ଅଧିକ (ଶତକରା ୮୦), ଏବଂ ତାଙ୍କର ଆୟ ହରାହାରି ଜାତୀୟ ଆୟର ଦଶ ଗୁଣ ଊଣା । ସ୍ୱାସ୍ଥ୍ୟ ସଂସ୍କୃତି ଓ ଜୀବନ ନିର୍ବାହଦୃଷ୍ଟିରୁ ସେମାନଙ୍କ ପ୍ରତି କେବଳ ପାତର ଅନ୍ତର ବ୍ୟବହାର କରାଯାଏ ନାହିଁ, କାର୍ଯ୍ୟତଃ ତାଙ୍କୁ ବାସନ୍ଦ କରି ରଖା ଯାଇଛି । ଏପରିକି ଆମେରିକା ସେ ସବୁ ଦିଗରେ ଜାତିସଂଘର ନୀତି ଓ ଘୋଷଣାକୁ ଅନୁମୋଦନ କାର ନାହିଁ । ୧୯୪୮ ରେ ଜାତି ସଂଘ ଘୋଷଣା କଲା ଯେ Geneœde (ସୁଚିନ୍ତିତ ଓ ଇଚ୍ଛାକୃତ ଭାବେ ଅନ୍ୟଜାତି ବା ଏଥେନିକ୍ ଗ୍ରୁପ୍‌କୁ ବିଲୋପ କରିବା) ଏକ ଅପରାଧମୁଳକ କାର୍ଯ୍ୟ । ତାକୁ ନିଷେଧ କରିବାକୁ ହେବ । ମର୍କିନ ଆମେରିକା ତାକୁ ଏପର୍ଯ୍ୟନ୍ତ ସ୍ୱୀକାର କରେ ନାହିଁ । ସେମିତି ବର୍ଣ୍ଣବୈଷମ୍ୟ ଲୋପ କରିବା ଦିଗରେ ଜାତିସଂଘର ଘୋଷଣା, ଯାହାକୁ ଅଧିକାଂଶ ଦେଶ ଗ୍ରହଣ କରନ୍ତି, ତାକୁ ଆମେରିକା ଗ୍ରହଣ କରେ ନାହିଁ । ଉଗ୍ର ଜାତୀୟତାବାଦ ଓ ବର୍ଣ୍ଣ ବୈଷମ୍ୟବାଦକୁ ପ୍ରତିହତ କରିବା ଦିଗରେ ଜାତିସଂଘର କାର୍ଯ୍ୟକ୍ରମକୁ ଆମେରିକା ସମର୍ଥନ ଦିଏ ନାହିଁ । ଏପରିକି ମାନବିକ ଅଧିକାର କନ୍‌ଭେନ୍‌ସନର ଚାଳିଶଟି ଘୋଷଣା ଭିତରୁ ଆମେରିକା କେବଳ ଦଶଟିକୁ ଅନୁମୋଦନ କରେ, ଅବଶିଷ୍ଟ ତିରିଶଟିକୁ ପ୍ରତ୍ୟାଖ୍ୟାନ କରେ । ଏହାହିଁ ତାର ମାନବିକ ସଂସ୍କୃତିର ପରିଚୟ ।

କିନ୍ତୁ ସୋଭିଏତ ରୁଷରେ, ସେହି ଆଦିମ ଜାତି ଗୋଷ୍ଠୀ ଯେତେ କ୍ଷୁଦ୍ର ହେଲେ ବି,

Digitized by srujanika@gmail.com

ପ୍ରତ୍ୟେକଙ୍କର ସମାନ ଅଧିକାର । ତାଙ୍କର ଭାଷା ଯେତେ ଅଳ୍ପ ସଂଖ୍ୟକ ଲୋକଙ୍କ ଭିତରେ ସୀମିତ ରହିଥିଲେ ବି ତା ଅନ୍ୟସବୁ ବୃହତ ଉନ୍ନତ ଭାଷାଙ୍କ ସହ ସମାନ । ତା ସେମାନଙ୍କ ସାଂବିଧାନିକ ଅଧିକାର । ଲେନିନଙ୍କ ଘୋଷଣା ହେଲା, "ଆମେ ଜବରଦସ୍ତି ଚାହୁଁ ନା, ଆମେ ଚାହୁଁନା ଲୋକଙ୍କୁ ଠେଙ୍ଗା ସାହାଯ୍ୟରେ ସ୍ୱର୍ଗକୁ ଅଡ଼େଇ ନିଆଯାଉ । ତମେ "ସଂସ୍କୃତି" - ଯେତେ ସୁନ୍ଦର ଶୁଣାଇ ପାର, କିନ୍ତୁ ସରକାରୀ ଭାଷା ଜବରଦସ୍ତି ଠେଙ୍ଗାର ବ୍ୟବହାର ଆଣେ ।" ତେଣୁ ରୁଷରେ କୌଣସି ଭାଷା ବାଧ୍ୟତାମୂଳକ ନୁହେଁ, ବା କାହା ଉପରେ ତା ଲଦି ଦିଆ ଯାଇ ନପାରେ । ପ୍ରତ୍ୟେକ ନିଜ ଇଚ୍ଛା ଅନୁସାରେ ନିଜର ଭାଷା ବାଛିବ, ବା ବ୍ୟବହାର କରିବ । ପ୍ରତ୍ୟେକ ନିଜ ନିଜ ଭାଷାରେ ସରକାରୀ ବା ସାମାଜିକ ଅନୁଷ୍ଠାନ ସହିତ ପ୍ରତିବିନିମୟ ବା ଦରଖାସ୍ତ ଆଦି କରିପାରିବେ ଯେଉଁଠି କି ଓଡ଼ିଆ ଭାଷଣ ଓଡ଼ିଶାର ସରକାରୀ କ୍ଷେତ୍ରରେ ଏ ପର୍ଯ୍ୟନ୍ତ ଚାଲି ପାରିନାହିଁ) । ରୁଷ ବିପ୍ଳବ ବେଳକୁ ସେ ଦେଶ ୧୩୦ ଟି ଭାଷା ମଧ୍ୟରୁ ମାତ୍ର ୨୦ ଟିର ଲିଖିତ ଭାଷା ଥିଲା । ସେଥି ମଧ୍ୟରୁ କେବଳ ଚାରୋଟି ଭାଷା ଉନ୍ନତ ସାହିତ୍ୟ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା । କିନ୍ତୁ ବିପ୍ଳବ ପରେ ଅବସ୍ଥାର ମୌଳିକ ପରିବର୍ତ୍ତନ ଘଟିଛି ।

ସେଠି କଥିତ ଭାଷା କୁ ଲିଖିତ ଭାଷାରେ ପରିଣତ କରାଯାଇଛି ଓ ଲିଖିତ ଭାଷା ସାହିତ୍ୟିକ ଭାଷାରେ ବିକାଶଲାଭ କରିଛି । ସେ ଦିଗରେ ଚର୍ଚ୍ଚା ଓ ଗବେଷଣା ଲାଗି ବିଶେଷ ଧରଣର ଅନୁଷ୍ଠାନମାନ ଗଢ଼ାଯାଇଛି । କଥିତ ଭାଷା ପାଇଁ ଲିପି ଓ ଅକ୍ଷରମାନ ଯୋଗାଇ ଦିଆ ଯାଇଛି । ଦୃଷ୍ଟାନ୍ତସ୍ୱରୂପ ଏପରି କି ମାତ୍ର ୩୫୦୦ ସଂଖ୍ୟାର, ଭାଷାଭାଷୀ ଲୋକେ ତାଙ୍କର ଲିପି ଓ ଅକ୍ଷର ପାଇଛନ୍ତି । ତାଙ୍କ ଭାଷାରେ ମଧ୍ୟ ବହି ପ୍ରକାଶ ପାଉଛି । ଏସବୁ ପାଇଁ ଆଇନ ଓ ବ୍ୟବସ୍ଥା ରହିଛି । ନିରକ୍ଷରତା ସଂପୂର୍ଣ୍ଣ ଦୂର ହୋଇଛି । ବିପ୍ଳବ ପରଠାରୁ ୭୯ଟି ଏଥେନିକ ଗ୍ରୁପ ବା ଜନଗୋଷ୍ଠୀ, ତାଙ୍କର ଲିଖିତ ଭାଷା ଲାଭ କରିଛନ୍ତି । ଉଦାହରଣସ୍ୱରୂପ ୪୫୦୦ ସଂଖ୍ୟକ ଲୋକଙ୍କର ଏକ ଏଥେନିକ ଗ୍ରୁପ 'ନିଉଖର' ପ୍ରଥମ ପୁସ୍ତକ ପ୍ରକାଶ ପାଇଛି ୧୯୮୧ରେ । ତାଙ୍କ ମଧ୍ୟରୁ କବି ସାହିତ୍ୟକ ବାହାରୁଛନ୍ତି । ଆଦିମ ପଶ୍ଚାତପଦ ଜାତିମାନେ କେବଳ ସାମାଜିକ ଅର୍ଥନୈତିକ କ୍ଷେତ୍ରରେ ନୁହେଁ, ଭାଷା, ସଂସ୍କୃତି କ୍ଷେତ୍ରରେ ମଧ୍ୟ ସମାନ ସୁଯୋଗର ଅଧିକାରୀ । ଏହାହିଁ ହେଉଛି ପ୍ରତେକ ଆଦିମ ଜାତିଙ୍କର ସାହିତ୍ୟ ସାଂସ୍କୃତିକ ବୈଶିଷ୍ଟ୍ୟର ସୁରକ୍ଷା । ଏହା ବିନା ତାଙ୍କର ସାହିତ୍ୟ ସାଂସ୍କୃତିକ ବୈଶିଷ୍ଟ୍ୟ

Digitized by srujanika@gmail.com

ଲୋପ ପାଇଥାନ୍ତା । ଭାଷାର ବିକାଶ ଦ୍ୱାରା ତାହା ପୁନର୍ଜୀବିତ ପୁନଃପଲ୍ଲବିତ ହୋଇ ଉଠୁଛି, ମଣିଷର ଶୁପ୍ତ ପ୍ରତିଭାର ଉତ୍ସକୁ ଉନ୍ମୁକ୍ତ କରିବାରେ ଲାଗିଛି, ଆଉ ତାକୁ ସାଇତି ରଖୁଛି । ସେହି ଅତୀତଐତିହର ସେମାନଙ୍କର ସେ ସଂପଦ, ଆଜି ସମଗ୍ର ଜାତିର ସଂପଦରେ ପରିଣତ ହୋଇଛି ।

ଆଦିବାସୀ ସଂସ୍କୃତିର ସବିଶେଷ ଆଲୋଚନା ଗବେଷଣା ସାପେକ୍ଷ । ତା ବିନା କିନ୍ତୁ, ଓଡ଼ିଶାର ସାଂସ୍କୃତିକ ଚିତ୍ର ପୂର୍ଣ୍ଣାଙ୍ଗ ନୁହେଁ । ଓଡ଼ିଶାର ସଂସ୍କୃତି ଆଦିବାସୀ ଅଣଆଦିବାସୀ ଉଭୟଙ୍କ ସଂଯୋଗ, ସହଯୋଗ ଓ ସମିଶ୍ରଣରେ ଗଠିତ । ପ୍ରତ୍ୟେକ ଅନ୍ୟକୁ ପ୍ରଭାବିତ ଓ ସମୃଦ୍ଧ କରନ୍ତି । ଓଡ଼ିଶାର ଲୋକେ ଯେଉଁ ଜଗନ୍ନାଥ ସଂସ୍କୃତିକୁ ମୂଳକରି ଧରନ୍ତି, ଓ ସେଥିପାଇଁ ଗର୍ବ ଓ ଗୌରବ ଦାବୀ କରନ୍ତି, ତାହା ମୂଳତଃ ଆଦିବାସୀଙ୍କ ଅବଦାନ । ଜଗନ୍ନାଥଙ୍କ ଚୋରୀ, ପୌରାଣିକ କାହାଣୀର ଅସଲ ମର୍ମ ଆଦିବାସୀ ସଂସ୍କୃତିର ଚୋରୀ । ସବୁ ହିନ୍ଦୁ ଦେବତାଙ୍କ ଭଳି ଛୁଆଁ ଅଛୁଆଁ ଭାବ ଜଗନ୍ନାଥଙ୍କଠି ନାହିଁ । ରୂପ ରଙ୍ଗ ଓ ଗଢ଼ଣରେ ମଧ୍ୟ ସେହିପରି ଫରକ୍ । ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିଲେ ଯାଯାବର ଅବସ୍ଥାରେ, ପଶୁପାଳକ ଭାବରେ । ସେତେବେଳେ ଏଠାରେ ବହୁ ଆଦିମ ଅଧିବାସୀଙ୍କ ମଧ୍ୟରେ କୃଷିର ବିକାଶ ଘଟିଲାଣି । ଯାହାକି ଉତ୍ପାଦନ ପ୍ରଣାଳୀ, ସଭ୍ୟତାର ଏକ ଉନ୍ନତତର ସୋପାନ । ଓଡ଼ିଶାର ବାସ୍ତବ ଅବସ୍ଥା, ସେ କାଳରେ କେଉଁଠି କଣ ଥିଲା ତା କହିବା କଷ୍ଟକର । ତେବେ ବିଶ୍ୱାବସୁଙ୍କ କ୍ଷେତ୍ରରେ ଚୋରୀର ଆବଶ୍ୟକତା ଜଣାଇଦିଏ ଯେ, ସେହି ଆଦିମ ଗୋଷ୍ଠୀ ସେତେବେଳେ ନିଶ୍ଚୟ ଅପେକ୍ଷାକୃତ ଅଧିକ ଉନ୍ନତ ଅବସ୍ଥାରେ ଥିଲେ ।

ବର୍ତ୍ତମାନର ଅବସ୍ଥା ସମ୍ପୂର୍ଣ୍ଣ ବିପରିତ । ଆଦିବାସୀମାନେ ଅନୁନ୍ନତ ଅବସ୍ଥାରେ । ଭୌତିକ ଉତ୍ପାଦନ ଦୃଷ୍ଟିରୁ ଅତ୍ୟନ୍ତ ପଶ୍ଚାତପଦ । ଉତ୍ପାଦନର ସମସ୍ତ ଉପକରଣ-ଜମି, ଜମା, ଖଣି, ଶିଳ୍ପ, କଳକାରଖାନା ଓ କର୍ମକୁଶଳତା ଅଧିକାରରୁ ବଞ୍ଚିତ । ଶେଷରେ ଯାହା ସେମାନଙ୍କ ଭିତରେ ବିକାଶର ବିଶେଷ ସୁଯୋଗ ଓ ଦୃଢ଼ ଆତ୍ମପ୍ରତ୍ୟୟ ସୃଷ୍ଟି କରନ୍ତି, ସେହି ଅଧିକାର-ନିଜେ ନିଜର ଭାଗ୍ୟ ନିୟନ୍ତ୍ରଣ କରିବାର ଅଧିକାରରୁ ବଂଚିତ ।

ଅନ୍ୟ ଦିଗରୁ ତାଙ୍କର ଜୀବନ ହୋଇଛି ଚିର ଶୋଷଣ ନିର୍ଯ୍ୟତନାର ଜୀବନ । ବର୍ତ୍ତମାନର ଆଦିବାସୀ ଯୋଜନାରେ ଯେତେ ବିକାଶ ସାଧିତ ହେଉ, ଆଦିବାସୀ ସଂସ୍କୃତିକୁ

Digitized by srujanika@gmail.com

ଯେତେ ବାହାବା କରାଯାଉ, ତାଙ୍କ ଜୀବନର ସ୍ୱପ୍ନ ଓ ଶୈଳୀକୁ ଯେତେ ଆକର୍ଷଣୀୟ ଭାଷାରେ ପ୍ରକାଶ କରାଯାଉ, ତାହା ତାଙ୍କର ସେହି ଅଭାବ, ମୌଳିକ ଅବସ୍ଥାକୁ ଦୂର କରେନାହିଁ । ତାର ରୂପରେ କିଛି ପରିବର୍ତ୍ତନ ଆଣିପାରେ ମାତ୍ର ତାହା କେବଳ ପୁଞ୍ଜିବାଦୀ ଦୁନିଆର ଅର୍ଥନୀତି ଓ ସେହି ସମାଜର ସମ୍ପର୍କ, ସ୍ୱଭାବ, ଓ ସଭ୍ୟତା ସଂସ୍କୃତିକୁ ବିସ୍ତାର କରିବାରେ ଉଦ୍ଦିଷ୍ଟ । ପୁଞ୍ଜିବାଦ, ସେମାନଙ୍କ ଭିତରେ ନିଜ ଛାଞ୍ଚରେ କ୍ଷୁଦ୍ରକ୍ଷୁଦ୍ର ଧନିକ ଗୋଷ୍ଠୀ ସୃଷ୍ଟି କରେ । ନିଜର ସଂସ୍କୃତି ଓ ଭାବଧାରାକୁ ମାନବ ସଭ୍ୟତାର ଶ୍ରେଷ୍ଠ ନିଦର୍ଶନ କହି, ସେଥିରେ ସେମାନଙ୍କୁ ଭସାଇ ଦିଏ, ଯାର ତଳେ ତଳେ ଛୁଟିଚାଲେ ମଣିଷ ଦ୍ୱାରା ମଣିଷ ଶୋଷଣର ଅବାରିତ ସ୍ରୋତ । ଶ୍ରେଣୀ ବିଭାଜନ ପ୍ରସାରିତ ହୁଏ, ଯେଉଁଥିରୁ ମୁକ୍ତି ସହଜ ସାଧ୍ୟ ନୁହେଁ ।

ଅପର ଦିଗରେ ସେମାନଙ୍କୁ ମୌଳିକ ଅଧିକାର ଦେବା ଅର୍ଥ, ଉତ୍ପାଦନ ଉପକରଣଗୁଡ଼ିକୁ ଜାତୀୟକରଣ କରିବା, ଆଦିବାସୀଙ୍କ ଭଳି ସମସ୍ତ ଶୋଷିତ ଲୋକଙ୍କ ହାତରେ ତାହା ନ୍ୟସ୍ତ କରିବା, ତାଙ୍କର ଭାଷା ଓ ଭାବନାର ବିକାଶ ଲାଗି ଲିପି ଓ ଅକ୍ଷର ଯୋଗାଇ ଦେବା ଓ ମାତୃଭାଷାରେ ଶିକ୍ଷା ଦେବା । ତାଙ୍କ ସାହିତ୍ୟର ବିକାଶ ସାଧନ, ତାଙ୍କ ଭିତରେ ବିଜ୍ଞାନ ଭାବର ପ୍ରସାର କରିବାକୁ ହେବ । ସେମାନଙ୍କ ଭିତରେ କେବଳ ସାମ୍ୟ ଭାବର ପ୍ରଚାର କରିବା ନୁହେଁ, ତାହା ହାସଲ କରିବା ଦିଗରେ ଅବସ୍ଥାସୃଷ୍ଟି କରିବାକୁ ପଡ଼ିବ, ସେଥିଲାଗି ଉପାଦାନମାନ ଯୋଗାଇବାକୁ ହେବ । ନିଜେ ନିଜର ଭାଗ୍ୟ ନିୟନ୍ତ୍ରଣର ଅଧିକାର - ସ୍ୱୟଂ ଶାସନର ଅଧିକାର ସେମାନଙ୍କୁ ପ୍ରଦାନ କରିବାକୁ ପଡ଼ିବ ।

ଯେତେବେଳେ ଆଦିବାସୀମାନେ ଏକ ଶୋଷିତ, ଅତ୍ୟାଚାରିତ ଶ୍ରେଣୀ ଭାବରେ ନିଜର ଗତି ଶକ୍ତି, ମୁକ୍ତି ଆଉ ଲକ୍ଷ୍ୟ ସମ୍ବନ୍ଧରେ ସଚେତନ ହୋଇଉଠିବେ, ଓ ସେ ଦିଗରେ ଅଗ୍ରସର ହେବେ, ସେତେବେଳେ ତାଙ୍କର ଅନ୍ଧକାରାଚ୍ଛନ୍ନ ସଂସ୍କୃତିର ରହସ୍ୟ ସ୍ୱତଃ ଉଦ୍‌ଘାଟିତ ହେବ । ତାର ବୈଶିଷ୍ଟ୍ୟକୁ ସେମାନେ ନିଜେ ଆବିଷ୍କାର କରିବେ । ନିଜର ବିକାଶ ପରିପ୍ରେକ୍ଷୀରେ ସେମାନେ ତାର ସୁରକ୍ଷା ଓ ସମୃଦ୍ଧି ଉପାୟ ସ୍ଥିର କରିବେ-ଅନ୍ୟର ଉପଭୋଗର ବସ୍ତୁ ଭାବେ ନୁହେଁ । ସେଥିଲାଗ ଅଭୟାରଣ୍ୟ ସୃଷ୍ଟି ଭଳି ଆମର ବିଜ୍ଞ ପରାମର୍ଶକୁ ସେମାନେ ତିଳେ ହେଲେ ଭ୍ରୂକ୍ଷେପ କରିବେ ନାହିଁ ।

ଅତଏବ ସେହି ସାମାଜିକ ଅର୍ଥନୈତିକ ଅବସ୍ଥା ସୃଷ୍ଟି କରିବା, ତାର ଅନୁରୂପ

Digitized by srujanika@gmail.com

ଭାବଧାରାର ପ୍ରସାର ଲାଗ ଉଦ୍ୟମ କରିବା କେବଳ ସେଇ ଚିର ଦଳିତ, ଶୋଷିତ, ନିର୍ଯାତିତ ଆଦିବାସୀଙ୍କ କାର୍ଯ୍ୟ ନୁହେଁ, ତାହା ସମାଜର ସବୁ ଦଳିତ, ଶୋଷିତ, ନିର୍ଯାତିତ ଶ୍ରମଜୀବୀ ମାନଙ୍କର-ପ୍ରକୃତ ସଂସ୍କୃତି ପ୍ରେମୀ ମାନବ-ଧର୍ମୀ ବୁଦ୍ଧିଜୀବୀମାନଙ୍କର ଏକ ଅପରିହାର୍ଯ୍ୟ କର୍ତ୍ତବ୍ୟ । ମଣିଷ ଯେପରି ଅନ୍ୟ ମଣିଷ ଭିତରେ ନିଜକୁ ଚିହ୍ନେ, ସେମିତି ଅନ୍ୟ ମଣିଷର (ସମାଜର ମୁକ୍ତିରେ କେବଳ ତାର ମୁକ୍ତି ସମ୍ଭବ । ସେମିତି ଅନ୍ୟ ମଣିଷର ସଂସ୍କୃତି ସାଧନ କରିବାରେ ନିଜର ସାଂସ୍କୃତିକ ସାଧନାର ପରାକାଷ୍ଠା ପ୍ରତିଫଳିତ । ନିଜର ମାନବିକ ମହତ୍ତ୍ୱ ବିକାଶିତ ହୁଏ, ଅନ୍ୟ ଭିତରେ ମାନବିକ ଭାବ ସଂଚାର କରିବାରେ । ଓଡ଼ିଆ ସାହିତ୍ୟ କଣ ସେହି କର୍ତ୍ତବ୍ୟବର ସମକକ୍ଷ ହେବନାହିଁ ?

ଆପଣଙ୍କୁ ଅନ୍ୟ ଭିତରେ ପ୍ରତିଫଳିତ ଓ ପ୍ରସ୍ଫୁଟିତ କରିବାରେ ସଂସ୍କୃତିର ବିକାଶ, ତାହାହିଁ ସଂସ୍କୃତିର ଅବଦାନ ଚିର ବର୍ଦ୍ଧିଷ୍ଣୁ ସଂସ୍କୃତି ଯେତେବେଳେ ମଣିଷ ସମାଜର ସେହି ଆଦିମ ସ୍ତରର ଅବଶେଷକୁ ଆଲିଙ୍ଗନ କରି ଆପଣାର କରିନେବ, ସେତେବେଳେ ତାହା କେବଳ ମାନବ ସମାଜକୁ ଉତ୍କର୍ଷର ଶିଖରକୁ ଘେନିଯିବ ନାହିଁ, ସଂସ୍କୃତି ନିଜର ମଧ୍ୟ ଗୁଣାତ୍ମକ ପରିବର୍ତ୍ତନର ରୂପ ଧାରଣ କରିବ । ସେମିତି, ଉଲଗ୍ନ ଅଶିକ୍ଷା ଅନାହାରଗ୍ରସ୍ତ ପାଶବିକ ଅବସ୍ଥାରେ ପଡ଼ି ରହିଥିବା ଲୋକେ ଯେତେବେଳେ, ସମଗ୍ର ମାନବ ସମାଜ ସୃଷ୍ଟ ସଂସ୍କୃତିର ଅଧିକାରୀ ହେବେ ଓ ତାକୁ ଉପଭୋଗ କରିବେ ଏବଂ ସେଥିସହିତ ସେମାନେ ସଂସ୍କୃତିର ଚେତନଶୀଳ ସ୍ରଷ୍ଟାରେ ପରିଣତ ହେବେ, ତଦ୍ୱାରା କେବଳ ତାଙ୍କର ନିଜର ମାନବିକତା ପ୍ରସ୍ଫୁଟିତ ହେବ ନାହିଁ ମାନବ ସମାଜର ସାଂସ୍କୃତି, ତାର ମାନବିକତାର ଲକ୍ଷ୍ୟ ସାଧନ କରିବ ।

❑

Digitized by srujanika@gmail.com

ସାହିତ୍ୟ ସମାଲୋଚନାର ସମସ୍ୟା

ସମାଲୋଚନା, ଇତିହାସର ଏକ ବିରାଟ ଶକ୍ତି, ଅଗ୍ରଗତିର ଅସ୍ତ୍ର । ପୁରାତନର ପ୍ରତିବନ୍ଧକକୁ ପ୍ରତିହତ କରି ନୂତନକୁ ଜନ୍ମ ଦିଏ । ଏହାର ଅଭାବରେ ଆଧୁନିକ ସାହିତ୍ୟର ଅସୁବିଧା ସହଜରେ ଅନୁମେୟ । ଏଭଳି ଏକ ଅସ୍ତ୍ରର ଯଥାର୍ଥ ପ୍ରୟୋଗ ପୂର୍ବରୁ, ଯଥେଷ୍ଟ ଆଲୋଚନା ଆଗ ଦରକାର ।

ଆମ ଓଡ଼ିଆ ଲେଖକଙ୍କ ଭିତରେ ସାହିତ୍ୟ ସମାଲୋଚକଙ୍କ ସଂଖ୍ୟା ସବୁଠୁଁ ଊଣା । ଯେ କେତେଜଣ ଅଛନ୍ତି, ପ୍ରାୟ ସମସ୍ତେ ଅତୀତ ଆଲୋଚନାରେ ବ୍ୟସ୍ତ । ଆଧୁନିକ ସାହିତ୍ୟକୁ ଦୃଷ୍ଟି ପଡ଼ିନାହିଁ କହିଲେ ଚଳେ । ଅବଶ୍ୟ ବିଷୟଟି ଆକସ୍ମିକ ନୁହେଁ, ପ୍ରତ୍ୟେକ ଆକସ୍ମିକ ଘଟଣା ପଛରେ ଅଦୃଶ୍ୟ କାରଣ ନିହିତ ଥାଏ । ଏଠି ସେ ଅଦୃଶ୍ୟ ବାଧା ପ୍ରତିବନ୍ଧକକୁ ବାହାରକରି ଦୂର ନ କଲେ ସୁସ୍ଥ ଓ ସୃଜନଶୀଳ ସମାଲୋଚନା ସମ୍ଭବ ନୁହେଁ । ତେଣୁ, ବିନା ସୁଯୋଗରେ ସମାଲୋଚନା ଲାଗି ଆହ୍ୱାନ ଅର୍ଥହୀନ ହେବ ।

ଉଚ୍ଚ ଧରଣର ସମାଲୋଚନା ଲାଗି ସୁଦକ୍ଷ ସମାଲୋଚକ ଓ ଉପଯୁକ୍ତ ବାତାବରଣ ଲୋଡ଼ା । ଆମର ଏଠି ତାହା ବିଶେଷ ଅଭାବ । ଏଇ ଉପଲବ୍ଧି ସେ ଦିଗରେ ଆମକୁ ଅଧିକ କର୍ମତତ୍ପର କରିପାରେ ।

ସମାଲୋଚନା ପାଇଁ କେତୋଟି ଜିନିଷ ନିହାତି ଆବଶ୍ୟକ । ପ୍ରଥମରେ ବିଷୟ ବସ୍ତୁ ସଂପର୍କରେ ଗଭୀର ଅଧ୍ୟୟନ, ଦ୍ୱିତୀୟରେ ସାହିତ୍ୟର କଳା ଓ ଟେକ୍‌ନିକ ଆଦି

Digitized by srujanika@gmail.com

ବିଷୟରେ ବିଶଦ ଜ୍ଞାନ, ତୃତୀୟରେ ସମାଲୋଚନାର ଉଦ୍ଦେଶ୍ୟ ଓ ଦୃଷ୍ଟିକୋଣ ଘେନି ପରିଷ୍କାର ଧାରଣା ଏବଂ ଶେଷରେ ନିର୍ଭୀକତା ଓ ଈର୍ଷାଅକ୍ରୋଶହୀନ ନୀତିଗତ ବିଚାର-ଏ ଗୁଣଗୁଡ଼ିକ ସମାଲୋଚକ ପକ୍ଷରେ ଏକାନ୍ତ ପ୍ରୟୋଜନ ।

ଆଧୁନିକ ସାହିତ୍ୟ ସମାଲୋଚନା-ବିଷୟ ଚିନ୍ତା କଲେ ଅଧ୍ୟୟନର ବିସ୍ତୃତ ପରିସର ଆଖିରେ ପଡ଼େ । ଏଥିଲାଗି କେବଳ ଆଧୁନିକ ନୁହେଁ, ପ୍ରାଚୀନ ଓଡ଼ିଆ ସାହିତ୍ୟର ଚର୍ଚ୍ଚା ଏବଂ ଅନ୍ୟ ଭାଷାରେ ଆଧୁନିକ କଳା ଓ ସାହିତ୍ୟର ରୀତିଗତି ଜାଣିବା ଦରକାର । ସାହିତ୍ୟର କଳା ଓ ଟେକନିକ୍ ସମ୍ପର୍କରେ ଧାରଣା ବିନା ସମାଲୋଚନା କେବେହେଲେ ପୂର୍ଣ୍ଣାଙ୍ଗ ହେବ ନାହିଁ । ଏହାହିଁ ତ ସାହିତ୍ୟ ଓ ସାଧାରଣ ଲେଖା ଭିତରେ ମୁଖ୍ୟ ପାର୍ଥକ୍ୟ । ପ୍ରତ୍ୟେକ ବିଷୟ ପରି ସାହିତ୍ୟରେ ଶ୍ରେଣୀ ବିଭାଗ ଘଟୁଛି ଓ ଟେକନିକ୍ ବଦଳିବାରେ ଲାଗିଛି । ତେଣୁ, ଓଡ଼ିଆ ସହିତ ଅନ୍ୟାନ୍ୟ ଭାଷାର କଳା ଓ ଟେକନିକ୍ ପ୍ରତି ମଧ ଧ୍ୟାନ ଦେବାକୁ ହେବ । ଏହାଛଡ଼ା ସମାଜ ବିଜ୍ଞାନ, ଦର୍ଶନ ଓ ଅର୍ଥନୀତି ଆଦି ବିଷୟରେ ଗୋଟାଏ ସାଧାରଣଜ୍ଞାନ ଆବଶ୍ୟକ ଏସବୁ ହେଲେ ଯେ ସମାଲୋଚନା ଆରମ୍ଭ ହେବ, ତାହା ନୁହେଁ । ସମାଲୋଚନାର ଆରମ୍ଭ ଦ୍ୱାରା ହିଁ ସେ ଜ୍ଞାନ ଆହରଣର ପିପାସା ଓ ଆବଶ୍ୟକତା ଅଧିକ ଅନୁଭୂତ ହେବ । ସେ ଅଭାବ ପୂରଣ ଉଦ୍ୟମ ହିଁ ଦକ୍ଷତାର ମାର୍ଗ ଉନ୍ମୁକ୍ତ କରିବ ।

ଉଦ୍ଦେଶ୍ୟ ଓ ଦୃଷ୍ଟି କୋଣ-ସମାଲୋଚନାର ପ୍ରଧାନ ଉଦ୍ଦେଶ୍ୟ ହେଲା ସର୍ଜନ ବା ନୂତନ ସୃଷ୍ଟିକୁ ସାହାଯ୍ୟ କରିବା; ଦରକାର ପଡ଼ିଲେ ପୁରାତନ ପ୍ରତିବନ୍ଧକକୁ ଦୂର କରିବା । ଧ୍ୱଂସ ବିନା ବିକାଶ ଅସମ୍ଭବ । ସୃଷ୍ଟିର ଏ ଉଦ୍ଦେଶ୍ୟ ପୂରଣ ଲାଗି ନିର୍ଭୁଲ ଦୃଷ୍ଟି କୋଣ ଲୋଡ଼ା । ନ ହେଲେ ଭଲମନ୍ଦ ବିଚାରି ହେବ ନାହିଁ । ସାହିତ୍ୟର ବିକାଶ ଲାଗି ଗ୍ରହଣୀୟ ଓ ବର୍ଜନୀୟ ବିଷୟ ବୁଝିହେବ ନାହିଁ । ଏ ଧାରଣା ବିନା ସମାଲୋଚନାର ଗତି ବିଭ୍ରାନ୍ତ ହେବ । ସମାଲୋଚକ ନୂତନ ଯୁଗର ସ୍ରଷ୍ଟା ନ ହୋଇ କାଳର କଣ୍ଟକ ହେବ ।

ସାହିତ୍ୟ, ମଣିଷ ସମାଜର ସୃଷ୍ଟି, ସାମାଜିକ ବିକାଶର ସହାୟକ । ଫଳରେ, ସମାଜର ପରିବର୍ତ୍ତନ ଅନୁଯାୟୀ ସାହିତ୍ୟର ପରିବର୍ତ୍ତନ । ସେ ପରିବର୍ତ୍ତନଶୀଳ ସାହିତ୍ୟ ପକ୍ଷରେ ବିକାଶୋନ୍ମୁଖୀ ସମାଜକୁ ଆଗେଇନେବା ହେଲା ପରମ କର୍ତ୍ତବ୍ୟ । ସାହିତ୍ୟକ ଉକ୍ତ କର୍ତ୍ତବ୍ୟକୁ ଯେପରି ଯଥାଯଥ ଭାବେ ପାଳନ କରେ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟିଦେଇ ତାକୁ ସାହାଯ୍ୟ କରିବା ହେଲା ସମାଲୋଚକର ଏକମାତ୍ର କାର୍ଯ୍ୟ । ଏହି କର୍ତ୍ତବ୍ୟ ସଂପାଦନ ଦ୍ୱାରା

Digitized by srujanika@gmail.com

ହିଁ ସାହିତ୍ୟିକ ନିଜକୁ ଜନସାଧାରଣଙ୍କ ସେବାରେ ନିୟୋଜିତ କରେ । ଆଉ ଜନସାଧାରଣ ସେଇ ସାହିତ୍ୟ ଭିତରେ ନିଜ ଜୀବନର ଉତ୍ସ ଓ ପ୍ରାଣର ଆବେଗକୁ ଉପଭୋଗ କରନ୍ତି ।

ତେଣୁ ଯେତେବେଳେ ଜନସାଧାରଣଙ୍କୁ ନେଇ ସମାଜ ସୃଷ୍ଟି, ସମାଜର ପରିବର୍ତ୍ତନ ଅନୁସାରେ ଲୋକର ଆଶା ଓ ଅଭିରୁଚିର ପରିବର୍ତ୍ତନ ,ଆଉ ସାହିତ୍ୟ ସେସବୁ ପ୍ରତିଫଳନରେ ଆଧାର ଏବଂ ତାକୁ ଆଗେଇନେବାର ପ୍ରଧାନ ବାହକ, ସେତେବେଳେ ସାହିତ୍ୟିକ, ବିଶେଷକରିସମାଲୋଚକ ପକ୍ଷରେ ସେ ସମାଜକିକ ପରିବର୍ତ୍ତନ ନିୟମକୁ ଏଡ଼ିବାକୁ ଯିବା ଚରମ ନିବେଆଧନାତ । ସମସ୍ତ ସଂସାର ଗୋଟାଏ ନିୟମରେ ବନ୍ଧା ।

ମଣିଷ, ପଶୁପକ୍ଷୀ, ବୃକ୍ଷଲତା, ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ପ୍ରତ୍ୟେକ ଜିନିଷ ଭିତରେ କିଛିନା କିଛି ଶକ୍ତି ରହିଥିଲେ ସୁଦ୍ଧା ତାହା ବିଶ୍ୱର ବସ୍ତୁ ପ୍ରଭାବ ଧାରା ସହ ସମତାଳରେ ଗତି କରନ୍ତି । ଏ ନିୟମର ବ୍ୟତିକ୍ରମ ନାହିଁ । ଏହା ନହେଲେ ଗ୍ରୀଷ୍ମ ପରେ ଶୀତ ଆସନ୍ତା ଏବଂ ଶୀତରେ ପଦ୍ମଫୁଟନ୍ତା, ବର୍ତ୍ତମାନର ସଭ୍ୟ ମଣିଷ ପୁଣି ଆଦିମ ଯୁଗକୁ ବାହୁଡ଼ି ଯାଇ ପାରନ୍ତା, ଆଉ ଶହେ ବର୍ଷ ତଳର ଲୋକ ଏବର ଖାଦ୍ୟ କବିତା ଲେଖିବାକୁ ସମର୍ଥ ହୋଇଥାନ୍ତା । ଏହା ପ୍ରାକୃତିକ ନିୟମ ବିରୋଧୀ । ମାନବ ସମାଜ ସେ ନିୟମରୁ ବହିର୍ଭୂତ ନୁହେଁ ।

ଅତଏବ ସମାଜ, ଅର୍ଥାତ୍ ଜନସାଧାରଣଙ୍କ ବାସ୍ତବ, ସ୍ୱପ୍ନ, ଆଶା, ଓ ଅଭିମୁଖ୍ୟକୁ ରୂପ ଦେବାକୁ ହେଲେ ସାହିତ୍ୟ ସମାଲୋଚକ ପକ୍ଷରେ ସମାଜର ପରିବର୍ତ୍ତନ ଅନୁଯାୟୀ ପଦ ମିଳାଇ ଚାଲିବା ଛଡ଼ା ଅନ୍ୟ ଉପାୟ ନାହିଁ, ସେ ତାହା ଚାହୁଁ ବା ନ ଚାହୁଁ । ସମାଜର ପରିବର୍ତ୍ତନ ନିୟମ ତା' ଲାଗି ଅପେକ୍ଷା କରିବ ନାହିଁ । ଏ ବିଷୟରେ ଉପଲବ୍ଧିହୀନ ଅବାସ୍ତବ ସମାଲୋଚକ ପୋଥିର ହିମାଳୟରଚନା କଲେ ବି ତାହା ମୂଲ୍ୟହୀନ ହେବ । କାରଣ, ତାହା ସମାଜର ଅବସ୍ଥା, ଅଭିମୁଖ୍ୟକୁ ବିକୃତ କରିବ, ଆଲୋଚନାକୁ ଅବିଳ ଓ ଅସ୍ପଷ୍ଟ କରିବ, ସମାଲୋଚନାର ଲକ୍ଷ୍ୟ ବ୍ୟର୍ଥ ହେବ । ସାହିତ୍ୟର ଦାବୀ ସମାଜର ଭାଗ୍ୟଠାରୁ ଅଭିନ୍ନ ।

ବର୍ତ୍ତମାନ ସମାଜର ଗତି ହେଉଛି, କ୍ଷୁଦ୍ର ଗୋଷ୍ଠୀଗତ ଅଧିପତ୍ୟରୁ ନିଜକୁ ମୁକ୍ତ କରିବା, ସମଷ୍ଟି ଗତ ସହଯୋଗ ପ୍ରତିଷ୍ଠା କରିବା-ସିଧା କଥାରେ, ପୁଞ୍ଜିବାଦ ବଦଳରେ ସାମ୍ୟବାଦର ପ୍ରତିଷ୍ଠା କରିବା ।

Digitized by srujanika@gmail.com

ସମାଜ ତା' ଚାହେଁ । ନ ଚାହିଁବା ଲୋକକୁ ବି ଅଲକ୍ଷ୍ୟରେ ଆଘାତ କରେ । ସେ ଘାତପ୍ରତିଘାତର ଚିତ୍ର ଆଜି ସାହିତ୍ୟରେ ପ୍ରତିଫଳିତ । ଆମର ଅଧିକାଂଶ କବି ଓ ଲେଖକ ଅଚେତନ ଭାବରେ ହେଉ ସେଭଳି ପ୍ରଭାବର ବଶବର୍ତ୍ତୀ ହେଉଛନ୍ତି । ପୂର୍ବର ରାଧାକୃଷ୍ଣ ପ୍ରେମ, ଭଞ୍ଜଯୁଗର ନାୟକ ନାୟିକା ବା ତା'ପର ସମୟର ରାଜ-ଜୀବନର ବର୍ଣ୍ଣନା, ଏବେ ସାହିତ୍ୟରେ ଦେଖିବାକୁ ମିଳେ ନାହିଁ । ଏବେ ଲେଖକ ସାଧାରଣ ଲୋକଙ୍କ ପାଖକୁ ଓହ୍ଲାଇ ଆସୁଛି । ଜାଣିଶୁଣି ବା ଅଜାଣତରେ ଲୋକଙ୍କ ନାଁରେ କେତେଲୋକ ସତ ଲେଖିଥାନ୍ତି, ତା'ସତ୍ୱେ ସମୟର ଗତି ପ୍ରତ୍ୟେକ କଲମ ମୁନରେ ଆଘାତ ଦେବାରେ ଲାଗିଛି ।

ଅତଏବ, ପରିବର୍ତ୍ତନ ନିୟମକୁ ଆୟତ୍ତ କରିପାରିଲେ ସମସ୍ତ ସମାଜର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ, ଲେଖକ ସମ୍ମୁଖରେ ହାତଲେଖାଭଳି ପ୍ରାଞ୍ଜଳ ହେବ; ଜୀବନର ଗତି ନିର୍ଦ୍ଦେଶ ପରିସ୍ଫୁଟ ହେବ । ସେ ଅନ୍ଧ, ଅସହାୟ ଭାବେ ସାମାଜିକ ପରିବର୍ତ୍ତନରେ ପେଡ଼ି ନ ହୋଇ ବର୍ଦ୍ଧିଷ୍ଣୁ ଚେତନା ସହ ସମାଜ ଓ ସାହିତ୍ୟର ନିୟନ୍ତା ହେବ । ତା' ପକ୍ଷରେ କୌଣସି ଭୁଲ ବା ଭୟର ଅବକାଶ ରହିବ ନାହିଁ ।

ଏବେ ନିର୍ଭୀକତା ଓ ନିରପେକ୍ଷ ନୀତିଗତ ବିଚାର-ଏଇଟି ବଡ଼ କଷ୍ଟକର ବିଷୟ । ଉପରୋକ୍ତ ସାମାଜିକ ଜ୍ଞାନ ଫଳରେ ଲେଖକର ଆଦର୍ଶଗତ ଦୃଢ଼ତା ଓ ଆତ୍ମବିଶ୍ୱାସ ଆସିବ । କିନ୍ତୁ ସାହିତ୍ୟ ସମାଲୋଚନା ଲାଗି ତାହା ଯଥେଷ୍ଟ ନୁହେଁ । ପ୍ରକାଶର ପୀଠ ଓ ଉପାୟ ଥିବା ଦରକାର । ଏ ସମାଜରେ ଅର୍ଥ-ଚିନ୍ତା ହିଁ ସବୁଠୁଁ ବଳବର୍ତ୍ତର । ନିର୍ଭୀକ ଭାବେ ହକ୍ କଥା କହିବାକୁ ଭାବିଲାବେଳେ ଅନାଗତ ଭବିଷ୍ୟତ ବିପଦ ଆଶଙ୍କାରେ ଲେଖକ ସ୍ୱତଃ ଦବିଯାଏ । ମୁହଁରେ ନ ମାନିଲେ ବି ଭଣା ଅଧିକେ ଏହା ସମସ୍ତେ ଅଙ୍ଗେ ନିଭାନ୍ତି । ସାହିତ୍ୟ କ୍ଷେତ୍ରରେ ଏହାର ପ୍ରଭାବ ସର୍ବାଧିକ ।

ଦୁର୍ଭାଗ୍ୟ ବା ସୌଭାଗ୍ୟବଶତଃ ଆମର ଅଧିକାଂଶ ଲେଖକ ହେଉଛନ୍ତି ସରକାରୀ କର୍ମଚାରୀ । ଯେତେ ନିର୍ଭୀକ ହେଲେ ବି ନିର୍ଦ୍ଧାରିତ ସୀମା ଟପିବାର ପରିଣାମ ସେମାନେ ବୁଝନ୍ତି । ତା'ପରେ ଖୋଦ୍ ମୁଖ୍ୟମନ୍ତ୍ରୀ ହେଲେ ସାହିତ୍ୟ ପୁରୋଧା । ତାଙ୍କ ମତ ବା ତାଙ୍କ ସଂସ୍ପର୍ଶରେ ଜାତ ସାହିତ୍ୟ, ମତ ଓ କାର୍ଯ୍ୟ ଆଦି ଯେତେ ଭୁଲ, ଅବାସ୍ତବ ଓ ଯୁଗ ଅନୁପଯୋଗୀ ହେଲେ ସୁଦ୍ଧା କେଉଁ ସମାଲୋଚକ ଭୁଲରେ ତାହା ଖଣ୍ଡନ ବା ସମାଲେଚନା କରିବାକୁ

Digitized by srujanika@gmail.com

ସାହସ କରିବ ? ମୌନବ୍ରତ ଗ୍ରହଣ, ଦରକାର ପଡ଼ିଲେ 'ହୁଁ' କରି ଉନ୍ନତିର ମାର୍ଗ ଦର୍ଶନ ବରଂ ଶ୍ରେୟସ୍କର । ଓଡ଼ିଆ ସାହିତ୍ୟରଥୀମାନଙ୍କ ଦ୍ୱାରା ସମ୍ପାଦିତ "ଝଙ୍କାର" ସମ୍ପାଦନା ଏହାର ଜ୍ୱଳନ୍ତ ପ୍ରମାଣ ।

ଏହା ଛଡ଼ା ଲେଖକ ତ ସରକାରୀ ବିରୋଧୀ ବା ମନ୍ତ୍ରୀ ନୀତି ବିରୋଧୀ କାଗଜରେ ଲେଖିବାକୁ ଭୟଭୀତ । ତାହା ଆଇନ ବିରୋଧ ନ ହେଲେ ବି ଦୋଷାବହ । ଅଥଚ, ବ୍ରିଟିଶ ଅମଳରେ ରାଜଦ୍ରୋହକୁ ଛାଡ଼ିଦେଲେ ଅନ୍ୟାନ୍ୟ ବିଷୟ ଲେଖିବାରେ ବିଶେଷ ବାଧା ନ ଥିଲା । ଏଥିଯୋଗୁଁ ରାଜ ଅନୁଗ୍ରହ ଉପରେ ନିପଟ ନିର୍ଭରଶୀଳ 'ରାଧାନାଥ', 'ଫକୀରମୋହନ" ପ୍ରଭୃତି "ଦରବାର"ରେ, "ହାଟ ବାହୁଡ଼ା"'ରେ, 'ନାଜର ନଟବର ଦାସ ଗୋରା ଜଜ ସାହେବଙ୍କର ସରକାରୀ କାମ ନ କରି ଆଗ ବିଲାତ ଡାକ ଖୋଲି ମାଇଁ ଡିଅର ଲେଡ଼ି କରି' ଉତ୍ତର ଲେଖିବା ଆଦି ଅନେକ ଅପ୍ରିୟ ବାସ୍ତବ ବିଷୟ ଲେଖିପାରିଥିଲେ ।

ସ୍ୱାଧୀନତା ପରେ ସାହିତ୍ୟରେ ଏଇ ବାସ୍ତବତାର ଅବାଧ ପ୍ରସାର ଆଶା କରିବା ସ୍ୱାଭାବିକ । ସେତେବେଳର ରାଜଦ୍ରୋହ ଭୀତି ଆଜି ନାହିଁ । ଏ ବେଳରେ ରାଜଦ୍ରୋହ ହେଲା ସମ୍ବିଧାନର ବିରୁଦ୍ଧାଚରଣ । ତା'ଛଡ଼ା ଅନ୍ୟସବୁ ବିଷୟ ଲେଖିବାର ପୂର୍ଣ୍ଣ ସ୍ୱାଧୀନତା ରହିଚି । ଅଥଚ, ସମ୍ବିଧାନକୁ ଭାଙ୍ଗିବା, ନିଜ ସ୍ୱାଧୀନତା ଅନୁସାରେ ବ୍ୟାଖ୍ୟା କରିବାର ପନ୍ଥା ଯେଉଁମାନେ ନେଇଛନ୍ତି, ସେମାନେ ଅନ୍ୟ ଦିଗରେ ସାହିତ୍ୟରେ ସାମାନ୍ୟ ସମାଲୋଚନା ଭଳି ସମାଲୋଚନା ମଧ୍ୟ ତାଙ୍କର ଚକ୍ଷୁଶୂଳ ହେଉଛି । ସମାଲୋଚନା ସଂଶୋଧନର ପ୍ରତିକ୍ରିୟା ନ ହୋଇ ପ୍ରତିଶୋଧରେ ପରିଣତ ହେଉଛି । ଏ ଅବସ୍ଥାରେ ଲେଖକର ନିର୍ଭୀକତା ପିଲାଙ୍କ ମୁହଁକୁ ଦେଖିବାକ୍ଷଣି ନିଭିଯିବା ସ୍ୱାଭାବିକ ।

ସରକାରୀ କର୍ମଚାରୀଙ୍କ ବ୍ୟତୀତ ସ୍ୱାଧୀନ ସାହିତ୍ୟିକଙ୍କ ଭିତରୁ ଅଧିକାଂଶ ନାନାଦି ଭାବେ ସରକାରଙ୍କ ଦ୍ୱାରସ୍ଥ । ସେଥିଲାଗି କେତେକ ଲେଖା ବନ୍ଦ କରିଦେବା ବା ଟିକିଏ ବଞ୍ଚେଇ କରି ଲେଖିବା ବା ଅର୍ଥ ଉପାର୍ଜନ ଦୃଷ୍ଟିରୁ ପାଠ୍ୟପୁସ୍ତକରେ ମନୋନିବେଶ କରିବା ଶ୍ରେୟସ୍କର ମଣୁଛନ୍ତି । ଏ ଅବସ୍ଥାରେ ନିର୍ଭୀକତା ଓ ନିରପେକ୍ଷ ନୀତିଗତ ବିଚାର ଆସିବ କାହୁଁ ? ଆମର ତରୁଣ ଲେଖକମାନଙ୍କ ପ୍ରତି ଏହା ଏକ ଅବାଞ୍ଛନୀୟ ଆଦର୍ଶ; ଓଡ଼ିଆ ସାହିତ୍ୟ ଐତିହ୍ୟର ବିରୋଧୀ ।

Digitized by srujanika@gmail.com

ଏଇ ବାସ୍ତବତାର ସମ୍ମୁଖୀନ ହୋଇ କେତେ କବି, ଲେଖକ, ସମାଲୋଚକ ଯେ ମରିଯାଉଛନ୍ତି, ତାର ହିସାବ ରଖୁଛି କିଏ ? ତେବେ ଏମାନଙ୍କ ମୃତ୍ୟୁର ଚିହ୍ନ ଇତିହାସ ବକ୍ଷରେ ମରିପାରେ ନା । ଶିଳ୍ପୀ କଠୋର ରାଜଦଣ୍ଡ ଅଧୀନରେ କାର୍ଯ୍ୟ କଲେ ବି କୋଣାର୍କ ଗାତ୍ରାରେ ଅତି ନିଭୃତ କୋଣରେ ଯେପରି ରାଜ ଅତ୍ୟାଚାରର ଏକ କ୍ଷୁଦ୍ର ଚିତ୍ର ଅଙ୍କି ଦେଇଯାଇଛି, ଆଜି ସେମିତି ବଳିଷ୍ଠ ରାଜ ନେତୃତ୍ୱରେ ପରିଚାଳିତ 'ଝଙ୍କାର' ଗାତ୍ରରେ ଦୃଷ୍ଟିର ଅପଲକରେ ମରଣମୁଖୀ କବିର କରୁଣ କ୍ରନ୍ଦନ ଝଂକୃତ ହୋଇଉଠୁଚି । ରାଜଶକ୍ତି ଯେତେ ପ୍ରବଳ ହେଲେ ବି ପ୍ରକୃତ କବିର କଣ୍ଠରୋଧ କରିପାରେ ନା । ସମସ୍ତ ସମାଜର ଆବେଗ ଓ ଆକାଂକ୍ଷା ସେଇ କ୍ଷୁଦ୍ର କଲମ ମୁନରେ ଆତ୍ମପ୍ରକାଶ କରେ । ସମାଜର ବେଗ ଆଗରେ ଅତି ବଳିଷ୍ଠ ରାଜଶକ୍ତି ମଧ ଦୁର୍ବଳ । ୧୯୫୭ ଅଗଷ୍ଟ ୫ମ ସଂଖ୍ୟାରେ ଝଙ୍କାର ୫୦୦ ପୃଷ୍ଠା ଦେଖନ୍ତୁ ।

"ସାଫଲ୍ୟର ଗହ୍ୱରରେ ବିଫଳତା ହୋଇଛି ଚରମ
ଚେଷ୍ଟା କରି ଅର୍ଜି ଅଛି ନିରାଶାର ବିସ୍ତୃତ ମଣ୍ଡଳ,
ସ୍ୱପ୍ନର ବାସ୍ତବତା ଭିତ୍ତିରେ ମୁଁ ବାସ୍ତବର ସ୍ୱପ୍ନ
ହଜାଇ ବସିଲି ଖାଲି ସହିବାକୁ କ୍ଷତିର ଜଞ୍ଜାଳ ।

x x x

ପଥଭ୍ରଷ୍ଟ ଆତ୍ମାକୁ ମୋ ହଜିବାର ଅଧିକାର ମିଳୁ,
ଭ୍ରାନ୍ତିର ଅରଣ୍ୟ ମଧ୍ୟେ ଅନ୍ଧାରର ଆଲୁଅରେ ମୋର
ଚକ୍ଷୁ ପଡ଼ିଯାଉ, ଆଉ ସଂସ୍କାରରେ ଲାଭ କ'ଣ କହ;
ଅଧିକ ସଂଖ୍ୟକ କ୍ଷୋଭ ଯେତେବେଳେ ପରିଣାମ ତାର !

x x x

ବାଟ ହୁଡ଼ି ଯଦି ମୋର ମୁକ୍ତି ଆତ୍ମଗ୍ଳାନିରୁ, କ୍ଷୋଭରୁ
କ୍ଷୟିଷ୍ଣୁ ସନ୍ଧ୍ୟାରେ ଯଦି ପ୍ରବଞ୍ଚକ ସ୍ମୃତି ହୁଏ ଢଙ୍କା,

Digitized by srujanika@gmail.com

ତୁମକୁ ବି ଫୁଙ୍କି ଦେଇ ହୁଏ କିଛି ଉଦାସ ହାୱାରେ
ଜିଜ୍ଞାସା ବା ପରୀକ୍ଷା ବା ଆଦର୍ଶ ବା ଔଦ୍ଧତ୍ୟ କାହିଁକି ?

x x x

ଏହାର ଲେଖକ ଶ୍ରୀ ରମାକାନ୍ତ ରଥ, ଆଇ.ଏ.ଏସ୍. ହେଲା ଅବସ୍ଥାରେ ।

ଏଠି କବି ନିଜର ମୃତ୍ୟୁ ବିଷୟରେ ଅତି ସଚେତନ । କିନ୍ତୁ ସେ ଜୀଇଁବାକୁ ଚାହେଁ, ଉପାୟ ନାହିଁ, ମରିବାକୁ ପଡ଼ିବ । ତା' ଜୀବନ ସ୍ୱପ୍ନ ଆଜି ବିଦଗ୍ଧ, ତା' ପ୍ରାଣର ପୁଞ୍ଜୀଭୂତ ବେଦନା ଝରିପଡ଼ିଛି ମରଣର କ୍ରନ୍ଦନରେ । ଏ କ୍ରନ୍ଦନରେ ଯେକୌଣସି ପାଠକର ପ୍ରାଣ କାନ୍ଦି ଉଠିବ । ଏହା କେବଳ ଜଣେ କବିର କ୍ରନ୍ଦନ ନୁହେଁ, ଅଗଣିତ ଜନତାର କ୍ରନ୍ଦନ-ନିଜେ ଜୀଇଁ ଦୁନିଆକୁ ଜୀଆଁଇବାର ପ୍ରବଳ ବାସନା ଧରି ଯେଉଁମାନଙ୍କୁ ମରିବାକୁ ପଡୁଛି, ସେଇମାନଙ୍କର ଆକୁଳ ଆର୍ତ୍ତନାଦ ।

ସମାଲୋଚକ ! ତୁମେ କଣ ଏ କବିକୁ ବଞ୍ଚାଇପାର ? ବିଶ୍ୱ ପ୍ରଭାବର ଆକୂଳ ସ୍ରୋତରେ ନିଜକୁ ଭସାଇବା ଦ୍ୱାରା ହିଁ କବି ବଞ୍ଚିପାରେ । ଆଉ ତମେ ନିଜେ ସେଇ ସ୍ରୋତର ଅନୁକୂଳରେ ଆବାଧରେ ଭାସିବା ଦ୍ୱାରା ହିଁ ତାକୁ ରକ୍ଷା କରିପାର । ତା' ପାରିବ ତ ? ନ ହେଲେ କବିର ମୃତ୍ୟୁ ସଙ୍ଗେ ତୁମେ ମୃତ୍ୟୁ ମୁଖରେ ପଡ଼ିବ; ସନ୍ଦେହ ହେଲେ ଅଭିଜ୍ଞତାର ପୃଷ୍ଠା ଓଲଟାଅ ।

ଆମର ଜଣେ ବିଶିଷ୍ଟ ସମାଲୋଚକ ହେଉଛନ୍ତି ଶ୍ରୀ ନଟବର ସମାନ୍ତରାୟ । ତାଙ୍କର ଗଭୀର ସମୀକ୍ଷା ଗର୍ବର ବିଷୟ । କିଛି ଦିନ ତଳେ 'ନବଯୁଗ ସାହିତ୍ୟ ସଂସଦ' ଓ 'ଫକିର ମୋହନ'ଙ୍କ ସମ୍ପର୍କରେ ତାଙ୍କର ପ୍ରକାଶିତ କେତେକ ସମାଲୋଚନା ବାସ୍ତବରେ ଅତି ଚମତ୍କାର ସୃଜନଶୀଳ । ତାଙ୍କର ଅନ୍ୟ ପରବର୍ତ୍ତୀ ଆଲୋଚନା ସେ ସ୍ତର ସ୍ପର୍ଶ କରୁନାହିଁ ! ସେଇ ବାସ୍ତବ ଦୃଷ୍ଟି କୋଣ ଓ ମାନଦଣ୍ଡର ଅଭାବ କାହିଁକି ? କେଉଁ ପ୍ରତିବନ୍ଧକ ତାଙ୍କୁ ପଛକୁ ଟାଣୁଛି ?

ଆମର ବିଶିଷ୍ଟ ଔପନ୍ୟାସିକ ଶ୍ରୀ ଗୋପୀନାଥ ମହାନ୍ତି, ତାଙ୍କ ଲେଖା ଓଡ଼ିଶାର ଗୌରବ । ଆଦିମ ଯୁଗରୁ ଅବହେଳିତ, ନିଷ୍ପେଷିତ ଆଦିବାସୀ ଜୀବନର ଯେଉଁ ବାସ୍ତବ

Digitized by srujanika@gmail.com

ଚିତ୍ର ସେ ଆଙ୍କିଛନ୍ତି, ତାହା ଭାରତର ଅନ୍ୟ ସାହିତ୍ୟରେ ଦେଖିବାକୁ ମିଳେ ନାହିଁ । ବର୍ତ୍ତମାନ ସମାଜର ସର୍ବବ୍ୟାପୀ ବ୍ୟାଧି ଦୁର୍ନୀତିକୁ ପ୍ରତି ମୁହୂର୍ତ୍ତରେ ଭେଟୁଥିଲେ ସୁଦ୍ଧା କେହି ଆଘାତ କରିବାକୁ ସାହସ କରନ୍ତି ନାହିଁ । ତା'ପ୍ରତି ତାଙ୍କର ଦୃଷ୍ଟି ପଡ଼ିଛି । ତାକୁ ସେ ଫୁଟାଇଛନ୍ତି 'ଦାନାପାଣି'ରେ । ସେଠି ଦୁର୍ନୀତିକାରୀ ଲୋକ କୌଣସି ସରକାରୀ କର୍ମଚାରୀ ନୁହେଁ, କମ୍ପାନୀର କିରାନୀ; ମାତ୍ର ସେ ପ୍ରକାର ବର୍ଣ୍ଣିତ ବୃହତ୍ କମ୍ପାନୀ ଓଡ଼ିଶାରେ ନାହିଁ । ଏଠି ଏ ଅବାସ୍ତବତାର ଛିଟିକା କାହିଁକି ? ବିଷୟବସ୍ତୁ ଅବଲୋକନରେ ତାଙ୍କର ଦୃଷ୍ଟି ଆଦି ତୀକ୍ଷ୍ଣ । କ୍ଷୁଦ୍ର ଏକ ଫୁଲକୁ ଦେଖି ତା'ପରାଗର ପ୍ରତ୍ୟେକ ରେଣୁକୁ ବି ବର୍ଣ୍ଣିବାକୁ ସେ ଭୁଲନ୍ତି ନାହିଁ । ଏଠି କେଉଁ ଜିନିଷ ତାଙ୍କୁ ସେ ବାସ୍ତବତାକୁ ଭୁଲିଯିବାକୁ ବାଧ କରିଛି ?

ଏଇପରି ଅଜସ୍ର ଦୃଷ୍ଟାନ୍ତ ଦିଆଯାଇପାରେ । ଏଠି ଲୋକେ ପାରିପାର୍ଶ୍ୱିକ ଅବସ୍ଥାରେ ବନ୍ଦୀ, ତା' ସତ୍ତ୍ୱେ ସମାଲୋଚନା କରିବା ଅନ୍ୟାୟ ଓ ଅସମୀଚୀନ ନୁହେଁ । ଅନ୍ୟ ଦିଗରେ ବାସ୍ତବତାକୁ ଛାଡ଼ିଦେଲେ ସମାଲୋଚନା, ସମାଲୋଚନା ଯୋଗ୍ୟ ହେବ ନାହିଁ । ଏଥିଲାଗି କେଉଁ ଭବିଷ୍ୟତ ବଂଶଧର କ୍ଷମା ଦେବ ? ଲେଖକ, ସମାଲୋଚକ ପକ୍ଷରେ ଏହା ଏକ ସମସ୍ୟା ।

ବହୁ ସମସ୍ୟାର ସମାଧାନ ନ କରି ଲେଖକ ସମାଲୋଚକମାନଙ୍କୁ ଅଦୃଶ୍ୟ ବନ୍ଧନରୁ ମୁକ୍ତି ନ ଦେଇ ସମାଜଲାଗି ଅନୁକୂଳ ବତାବରଣ ସୃଷ୍ଟି ନ କରି ସମାଲୋଚନା ଲାଗି ଆହ୍ୱାନ ଦେବା ଏକ ଦୋଷଛଡ଼ା କର୍ତ୍ତବ୍ୟ, ବେଠିତୁଲା କାମ ।

ନୀତିଗତ ବିଚାରରେ ସମାଲୋଚନାର ଅର୍ଥ କେବଳ ଦୋଷ ବାଛିବା ନୁହେଁ, ଉପସ୍ଥିତ ସମସ୍ୟାର ଦାୟିତ୍ୱପୂର୍ଣ୍ଣ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବା । ସେଥିରେ ଗତିକୁ ଛାଡ଼ି ବ୍ୟକ୍ତିକୁ ଆଶ୍ରା କଲେ ତାହା ଲକ୍ଷ୍ୟଭ୍ରଷ୍ଟ ହେବ । ଲେଖାର ଶକ୍ତି ଓ ଦୁର୍ବଳତା ଦୁହିଁକି ଆଲୋଚନା କରି ସହାନୁଭୂତିର ସହ ନିର୍ଦ୍ଦିଷ୍ଟ ପନ୍ଥା ନ ଦର୍ଶାଇ କେବଳ ଧ୍ୱଂସାତ୍ମକ ସମାଲୋଚନା ଅନ୍ୟ ପକ୍ଷରେ କେବଳ ବିରୋଧ ସୃଷ୍ଟି କରିବ । ସମାଲୋଚନାର ପରିଣାମ ବ୍ୟର୍ଥ ହେବ । ଆଧୁନିକ ସାହିତ୍ୟ ଅଲୋଚନାରେ ସ୍ନେହ, ଆଦର, ଈର୍ଷା, ଦ୍ୱେଷ, ମୋହବତ ଆଦି ପ୍ରକାଶ ପାଇବା ଖୁବ୍ ସମ୍ଭବ । ତାହା ବର୍ଜନୀୟ ବୋଲି ସମସ୍ତେ ଘେନନ୍ତି; କିନ୍ତୁ ନିଜ ଦୁର୍ବଳତା ଏବଂ ବ୍ୟକ୍ତିକୈନ୍ଦ୍ରିକ ଦୃଷ୍ଟିକୋଣ ଯୋଗୁଁ ବହୁ ସ୍ଥାନରେ ତାର ବ୍ୟତିକ୍ରମ ଘଟିପାରେ,

Digitized by srujanika@gmail.com

ଭ୍ରମ ଧାରଣା ଜାତ ହୋଇପାରେ । ତେବେ ଘଷାମଜା ଭିତରେ ତା' ପରିଷ୍କାର ହେବ । ପ୍ରଥମରୁ ସେଥିପ୍ରତି ସତର୍କ ରହି ଧ୍ୟାନ ଦେଲେ, ହେଲା ।

ଅନାବଶ୍ୟକ ସମାଲୋଚନା ପରିତ୍ୟାଜ୍ୟ; ଯଥା-ସାରଳା ଦାସଙ୍କ ଜାତି-ବ୍ରାହ୍ମଣ କରଣ, କ୍ଷତ୍ରୀୟ, ଖଣ୍ଡାୟତ ନା ଚଷା ? ଏଥିଲାଗି ତୁମୂଳ ଆଲୋଚନା ହେଉଛି । ଏହା ସାହିତ୍ୟିକ ଶକ୍ତିର ଅପବ୍ୟୟ । ଏହାଦ୍ୱାରା ସାହିତ୍ୟର ଅଭିବୃଦ୍ଧି ନାହିଁ । କେବଳ ନିଜର ଜାତିଆଣ ଭାବ ଅନ୍ୟର ଜାତି ଖୋଜି ବୁଲୁଛି ।

ଏହା ଛଡ଼ା ସାମାନ୍ୟ କେତେକ ନିର୍ଭୀକ ସମାଲୋଚନା ହେଉଥିଲେ ମଧ୍ୟ ତାହା ବହୁ ସ୍ଥଳରେ କେବଳ ବ୍ୟକ୍ତିଗତ କୁତ୍ସା ରଟନାରେ ପର୍ଯ୍ୟବସିତ ହେଉଛି । ଏଥିରେ ନିଜର ସାଧ ମେଣ୍ଟନ ଛଡ଼ା ସମାଧାନର ମାର୍ଗ ନାହିଁ ।

ଏ ସମସ୍ତ ଆଲୋଚନାରୁ ଜଣାଯିବ, ଯେପରି କି ସମାଲୋଚନାର ମୁଖ୍ୟ ଦାୟିତ୍ୱ ସାମାନ୍ୟ କେତେଜଣ ସରକାରୀ ଅନୁଗୃହୀତ ଲେଖକଙ୍କୁ ହିଁ ବହନ କରିବାକୁ ହେବ । କିନ୍ତୁ ତା ଦ୍ୱାରା ସାହିତ୍ୟର ଅଭିବୃଦ୍ଧି ଅସମ୍ଭବ । ଲେଖକ ଶ୍ରେଣୀର ସକ୍ରୀୟ, ଚେତନଶୀଳ ଓ ସାମୂହିକ ଉଦ୍ୟମ ଦ୍ୱାରା ହିଁ ସାହିତ୍ୟର ବିକାଶ ସମ୍ଭବ । ତେବେ, ଏ ପଶ୍ନର ସମାଧାନ କେଉଁଠି ?

ଏବେ ଆମ ଲେଖକ, ସାହିତ୍ୟକ, ସମାଲୋଚକ ଆଗରେ ସିଧା ପ୍ରଶ୍ନ ହେଉଛି, ସେମାନେ ନିଜେ ବନ୍ଦୀ ହୋଇ ନିଜର କଲମ୍‌କୁ ବନ୍ଦକରି ଓଡ଼ିଶା ସାହିତ୍ୟର ପଥ କ'ଣ ଅବରୋଧ କରିବେ ? କାଇଁ, ଆମ ପୂର୍ବପୁରୁଷମାନେ ଏ ପଥର ଇଙ୍ଗିତ ଦେଇ ନାହାନ୍ତି ତ ! ଶାରଳାଙ୍କ ଠାରୁ ଆରମ୍ଭ କରି ରାଜ-ଅନୁଗ୍ରହୀ ଫକୀର ମୋହନଙ୍କ ଯାଏ କେହି ତ ସାମାଜିକ ଜୀବନର କଳଙ୍କ, ଆବିଳତାକୁ ଆକ୍ରମଣ କରିବାରେ ପଛଘୁଞ୍ଚା ଦେଇନାହାନ୍ତି ! ଆଜି ତେବେ ସେ ଐତିହ୍ୟ-ବିଚ୍ୟୁତି କାହିଁକି ? ପ୍ରକୃତ ଶିଳ୍ପୀ କ'ଣ କେବେହେଲେ ନିଜ ଜୀବନକୁ ତାର ସର୍ଜନା ଅପେକ୍ଷା ଅଧିକ ମହତ ବୋଲି ଜ୍ଞାନ କରେ ? ତେବେ ଭୟ କେଉଁଠି ?

ସେ ଭୟ ହେଉଛି, ସରକାରୀ ବାଘର ଭୟ । କିନ୍ତୁ ତାହା ଅତି ଦୁର୍ବଳ, ତାହା ସାହିତ୍ୟ କ୍ଷେତ୍ରରେ ସମ୍ମୁଖ ଆକ୍ରମଣକୁ ଭୟକରେ । ମତ ପାର୍ଥକ୍ୟ ଘଟିଲେ, ତାହା ସାହିତ୍ୟ

Digitized by srujanika@gmail.com

କ୍ଷେତ୍ରରେ ଆଲୋଚନା ବା ସିଧା ଆକ୍ରମଣ ନ କରି, ଅକସ୍ ରଖି ଅନ୍ୟ କ୍ଷେତ୍ରରେ ଦାଉ ସାଧେ । ତାହା ଶକ୍ତି ଓ ସୁସ୍ଥ ମନୋଭାବର ପରିଚୟ ନୁହେଁ, ଦୁର୍ବଳତାର ଲକ୍ଷଣ । ତେଣୁ ତାହା କ୍ଷଣସ୍ଥାୟୀ । ଯେତେ ଶକ୍ତିଶାଳୀ ମନେହେଲେ ବି ସାମାଜିକ ନିୟମର ଗତିରେ ଏମାନେ ଅଚିରେ ଅପସରି ଯିବେ । ଅନ୍ୟ ଶକ୍ତି ଯେତେ କ୍ଷୀଣ ହେଲେ ବି ଭବିଷ୍ୟତରେ ଶକ୍ତିଶାଳୀ ହେବ । ଯଦି ଭବିଷ୍ୟତ ଉପରେ ଆସ୍ଥାର ଅଭାବ, ତେବେ ବର୍ତ୍ତମାନ ଲୋକଙ୍କ ଆଡ଼କୁ ଆଖି ଫେରାଅ । ବଳ ଓ ସାହସର ଅଭାବ ରହିବ ନାହିଁ । ସେମାନେ ସମସ୍ତ ଶକ୍ତିର ଉତ୍ସ ଓ ଅଧାର । ସେମାନଙ୍କ ପ୍ରତି ଆସ୍ଥା, ଲେଖକର ସମସ୍ତ ଅଦୃଶ୍ୟ ବନ୍ଧନକୁ ଛିନ୍ନ କରିବ । ସେ ମୁକ୍ତ ହେବ । ତାର ଲେଖନୀ ମୁଖର ହୋଇ ଉଠିବ । ଓଡ଼ିଆ ସାହିତ୍ୟିକର ଜୀବନ ପ୍ରମାଣ କରିବ, ଲେଖକ ବଞ୍ଚିବାଲାଗି ବଞ୍ଚେଇକରି ଲେଖୁନାହିଁ; ଲେଖିବାଲାଗି ବଞ୍ଚିଛି ଏବଂ ଲୋକଙ୍କୁ ବଞ୍ଚେଇବାରେ ହିଁ ସେ ଚିରଦିନ ବଞ୍ଚିରହିବ ।

ବଞ୍ଚିବା-ଲେଖିବା ଦ୍ୱନ୍ଦ୍ୱ ଲେଖକ ଭିତରେ ବହୁଦିନୁ ଦେଖା ଦେଇଚି । କିଏ ଆଗ ? କାହାକୁ ସେ ମୁଖ୍ୟକରି ଧରିବ ? ଏହାର ମୀମାଂସା ସହଜ ନ ହେଲେ ବି ସମାଧାନ ଅତି ସହଜ । ଏ ସଂପର୍କରେ ଜଣେ ମନୀଷୀଙ୍କ ଉକ୍ତି ପ୍ରତି ଦୃଷ୍ଟି ଦିଆଯାଉ ।

"The writer, must naturally make a living in order to exist and write, but he must not exist and write in order to make a living.

The writer no way regards his works as a means. They are ends in themselves, so little are they means for him and others that when necessary, he sacrifices his existence to theirs, and like a preacher of religion he takes his principle.

"Obey God" more than man, men among whom he is himself included along with his human needs and desires. On the other hand imaine a tailor whom I order a persian frock cost brings me a Roman toga because it is more in accord with extenral law of the beautiful. The first freedom of press consists in its not being a business. The writer

Digitized by srujanika@gmail.com

who debases it to marerial means, deserves as punishment for inner lack of freedom and external lack of freedom namely censorship or rather its existence is already his punishment.

ଏହାର ମର୍ମ ହେଲା; ଲେଖକ ବଞ୍ଚିବ ଓ ଲେଖିବ । ସେଥିଲାଗି ନିଶ୍ଚୟ ଜୀବନଧାରଣର ବ୍ୟବସ୍ଥା କରିବା ସ୍ୱାଭାବିକ । କିନ୍ତୁ ଜୀବନ ଧାରଣର ବ୍ୟବସ୍ଥା ଲାଗି ସେ ବଞ୍ଚିବା ଓ ଲେଖିବା ଅନୁଚିତ ।

ଲେଖକ ତାର କାର୍ଯ୍ୟକୁ ଏକ ଉପାୟ ଭାବେ ବିଚାର କରେ ନାହିଁ । ତାହା ସବୁ ନିଜେ ନିଜର ଲକ୍ଷ୍ୟ; ଲେଖକ ଲାଗି ଓ ଅନ୍ୟମାନଙ୍କ ପାଇଁ ଉପାୟ ନୁହେଁ; ଯେତେବେଳେ ଦରକାର ପଡ଼େ, ସେଗୁଡ଼ିକର ଅସ୍ତିତ୍ୱ ରକ୍ଷାଲାଗି ସେ ନିଜର ଅସ୍ତିତ୍ୱକୁ ବଳିଦିଏ, ଏବଂ ଧର୍ମ-ପ୍ରଚାରକଙ୍କ ଭଳି ମନୁଷ୍ୟଙ୍କ ଅପେକ୍ଷା - ଯେଉଁମାନଙ୍କ ମଧ୍ୟରେ ସେ ନିଜର ଆଶା ଅପକାଙ୍‌କ୍ଷା ଘେନି ଅର୍ନ୍ତଭୁକ୍ତ (ସେହି ମନୁଷ୍ୟଙ୍କ ଅପେକ୍ଷା)- ଅଧିକ "ଭଗବାନଙ୍କୁ ମାନ" ନୀତି ଗ୍ରହଣ କରେ । ଅନ୍ୟ ଦିଗରେ କଳ୍ପନା କର, ଜଣେ ଦର୍ଜି, ତାଙ୍କୁ ମୁଁ ପାରସ୍ୟ-ଫ୍ରକି କୋଟ ବରାଦକଲି; କିନ୍ତୁ ସେ ମୋତେ ରୋମାନ ଅଲଖାଲ୍ଲା ଅଣିଦେଲା । କାରଣ, ତାହା ଅଧିକ ସୌନ୍ଦର୍ଯ୍ୟର ବାହ୍ୟ ନିୟମ ଦ୍ୱାରା ଅନୁମୋହିତ । ସଂବାଦପତ୍ରର ପ୍ରଥମ ସ୍ୱାଧୀନତା ହେଉଛି, ତାହା ଏକ ବ୍ୟବସାୟ ନ ହେବାରେ । ଯେଉଁ ଲେଖକ ଭୌତିକ ଉପାୟ ଭାବରେ ତାକୁ (ତାର ଲେଖାକୁ) କଳଙ୍କିତ କରେ, ଆଭ୍ୟନ୍ତରୀଣ ସ୍ୱାଧୀନତାର ଅଭାବ ଓ ବାହ୍ୟ ସ୍ୱାଧୀନତାର ଅଭାବ ଭଳି ଦଣ୍ଡରେ ସେ ଦଣ୍ଡିତ ହୁଏ, ଅର୍ଥାତ୍ ଯାଞ୍ଚକାର୍ଯ୍ୟ କିମ୍ବା ତାର (ଲେଖାର) ଅବସ୍ଥିତି ହିଁ ତା' ପକ୍ଷରେ ଶାସ୍ତି ହୋଇସାରିଥାଏ ।

ଏହା ମାର୍କସ୍‌ଙ୍କ ଉକ୍ତି । ଏଥି ସହିତ କିଏ ଦ୍ୱିମତ ହେଲେ ବି ତାହା ପ୍ରକୃତ ଲେଖକ ଜୀବନର କଠୋର ବାସ୍ତବତା । ତା' ପକ୍ଷରେ ଅନ୍ୟ ରାସ୍ତା ନାହିଁ । କମ୍ୟୁନିଷ୍ଟ ବିଦ୍ୱେଷରେ ଏ ବାସ୍ତବତାକୁ ଏଡ଼ି ଦିଆଯାଇ ନ ପାରେ । ମାର୍କସଙ୍କ ଉକ୍ତି ମଧ୍ୟ ଓଡ଼ିଆ ସାହିତ୍ୟର ଐତିହ୍ୟ । ମାର୍କସ୍‌ଙ୍କର ପ୍ରାୟ ଶହେ ବର୍ଷ ଆଗରୁ ଓଡ଼ିଆ କବି ରାଜଦ୍ୱାରୁ ବିତାଡ଼ିତ ହୋଇଛି; କିନ୍ତୁ ନିଜକୁ ବଳି ଦେଇନାହିଁ, ନିଜର ଲେଖନୀକୁ ବନ୍ଦୀ କରିନାହିଁ, ଅବାସ୍ତବ ରାଜ-ପ୍ରଶସ୍ତି ଗାଇ ଓଡ଼ିଆ ସାହିତ୍ୟକୁ କଳଙ୍କିତ କରିନାହିଁ । ସେ ମହାନ୍ ବ୍ୟକ୍ତି ହେଉଛନ୍ତି ଭକ୍ତକବି

Digitized by srujanika@gmail.com

ଦୀନକୃଷ୍ଣ । ନିଜର ବଂଶଧରଙ୍କ ପ୍ରତି ତାଙ୍କର ସେ ଅମର ଐତିହ୍ୟର ଇଙ୍ଗିତ ହେଉଛି :

କବି ଯା କରେ ମୂର୍ଖଙ୍କୁ ସ୍ତୁତି,
ଏଥିରୁ ବଳି ନାହିଁ ବିପତ୍ତି
ଏଥିକି ପ୍ରତି ଛାତିରେ କାତି
ମାରିବା ଭଲ ହେ ।

(ରସକଲ୍ଲୋଳ)

କି ମହାନ୍ ପରମ୍ପରା ! ଏବେ ତାହାର ବାହକ କେଉଁମାନେ ? ସେ ଦାୟିତ୍ୱ ପୂରଣ କଣ ବର୍ତ୍ତମାନ ଦାୟାଦମାନଙ୍କର ପ୍ରଧାନ କର୍ତ୍ତବ୍ୟ ନୁହେଁ ? କାମରେ ଅନ୍ୟଥା ହେଲେ ବି ଏହା ଆଗରେ ପ୍ରତ୍ୟେକ ଲେଖକ ମସ୍ତକ ଅବନତ କରିବାକୁ ବାଧ୍ୟ । ଯେଉଁମାନେ ଏହା ପୂରଣ କରିବାକୁ ଅସମର୍ଥ, ସେମାନେ ମନ୍ତ୍ର ଭଳି ଉଚ୍ଚାରଣ କଲେ ଅନ୍ତତଃ ଆଶ୍ୱସ୍ତି ପାଇବେ ତ !

ଆଧୁନିକ ଓଡ଼ିଆ ସାହିତ୍ୟ ଆଲୋଚନା ଲାଗି ସାହିତ୍ୟିକ, ସମାଲୋଚକ ଏବଂ ସାମାଜିକ ନେତୃତ୍ୱ-ଏ ସମସ୍ତଙ୍କର ଘନିଷ୍ଠ ସହଯୋଗ ଆବଶ୍ୟକ । ସୃଜନଶୀଳ ସମାଲୋଚନା ଲାଗି ସକଳ ପ୍ରକାର ଉପାଦାନ ଯୋଗାଇବା ସାମାଜିକ ନେତୃତ୍ୱର ପ୍ରଧାନ କର୍ତ୍ତବ୍ୟ । ସେ ନିଜେ ଯଦି ସମାଲୋଚକ ହୁଏ, ତା' ପକ୍ଷରେ ସହନଶୀଳତା ଅବଲମ୍ବନ କରିବା ଆଗ ଦରକାର । ସମାଲୋଚନାର ଲକ୍ଷ୍ୟ ବ୍ୟର୍ଥ ହେବ । ତେଣୁ, ସମାଲୋଚକର ସୃଜନଶୀଳ ପିପାସା ଏବଂ ସାମାଜିକ ନେତୃତ୍ୱର ସମାଲୋଚନାର ପ୍ରକୃତ ଉପଲବ୍ଧି, ଆମ ସାହିତ୍ୟର ବିକାଶ-ଦ୍ୱାର ଉନ୍ମୁକ୍ତ କରିବ । ଯଦି ଏମାନେ କର୍ତ୍ତବ୍ୟରେ ଅବହେଳା କରନ୍ତି, ତେବେ ତାର ଦାୟିତ୍ୱ ପାଠକ ଓ ସାହିତ୍ୟ ପ୍ରେମୀମାନଙ୍କୁ ବହନ କରିବାକୁ ପଡ଼ିବ । ତା' ନ ହେଲେ ସେଇମାନେ ହିଁ ପ୍ରକୃତ ସାହିତ୍ୟରୁ ବଞ୍ଚିତ ହେବେ । ଅତଏବ, ସମସ୍ତଙ୍କର ସାମୂହିକ ଚେତନଶୀଳ ପ୍ରଚେଷ୍ଟା ଦ୍ୱାରା ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ସୁନିଶ୍ଚିତ ।

❑

Digitized by srujanika@gmail.com

ସାଂପ୍ରତିକ ପ୍ରଗତି ସାହିତ୍ୟ

'ସାଂପ୍ରତିକ ପ୍ରଗତି ସାହିତ୍ୟର' ଆଲୋଚନା ଏକ କଠିନ ଓ ଜଟିଳ ବିଷୟ । ଓଡ଼ିଆ ସାହିତ୍ୟରେ ତାର ବ୍ୟାପ୍ତି ଓ ବିକାଶ, ଯେତେ କ୍ଷୀଣ ଦୁର୍ବଳ ଓ ସୀମିତ ହେଲେବି, ସେ ବିଷୟରେ ଏକ ସ୍ପଷ୍ଟ ଚିତ୍ର ଆଙ୍କିବାକୁ ଗଲେ ତାକୁ କେବଳ ନିର୍ଦ୍ଦିଷ୍ଟ ଲେଖା ଓ ଲେଖକଙ୍କ ଭିତ୍ତିରେ ହିଁ ଆଲୋଚନା କରିବାକୁ ହେବ । ସ୍ୱଳ୍ପ ସମୟ ଭିତରେ ଏପରି ଆଲୋଚନାର ଅବକାଶ ଏଠାରେ ନାହିଁ । ତାହା କରିବାକୁ ବସିଲେ, ତାହା କେବଳ କାଜିର ନ୍ୟାୟ ଭଳି ହୋଇଯିବ–ପ୍ରକୃତ ସାହିତ୍ୟ ଆଲେଚନା ହେବ ନାହିଁ । ଯେଉଁଠି ନ୍ୟାୟ ଦେବାରେ ବିଶ୍ୱାସର ଅଭାବ, ସେଠି ଅନ୍ୟାୟ କରିବାର ଅଧିକାର ଗ୍ରହଣ କରିବା ଅନୁଚିତ । ପୁଣି ଅନ୍ୟ ପ୍ରତି ଅନ୍ୟାୟ କରିବାକୁ ଗଲେ ନିଜକୁ ହିଁ ଆଗ ନ୍ୟାୟର ପଥ ଛାଡ଼ିବାକୁ ହୁଏ । ତାପରେ, ନ୍ୟାୟ, ଅନ୍ୟାୟ, ସତ୍ୟ ମିଥ୍ୟା, ଜୀବନ ଓ ମୃତ୍ୟୁ ମଧ୍ୟରେ କୌଣସି ସରହଦ ନାହିଁ ଯେ ମଣିଷ ସେଠି ଠିଆ ହୋଇଯିବ । ତେଣୁ ଆମକୁ ଏପରି ବିଚାର ବାଛିନେବାକୁ ହେବ, ଯାହାକୁ ଧରିଲେ ଆମେ ପ୍ରତ୍ୟେକ ସେହି ଲକ୍ଷ୍ୟରେ ପହଂଚି ପାରିବା ।

ସେ ଦୃଷ୍ଟିରୁ ଆଗ ଦେଖିବାକୁ ହେବ ପ୍ରଗତି କ'ଣ ? ସମସ୍ତେ ଜାଣନ୍ତି, ପ୍ରଗତିମାନେ ଅଗ୍ରଗତି–ଆଗକୁ ଯିବା, ଯେଉଁଠି ପହଂଚି ପାରି ନାହୁଁ ସେଠି ପହଂଚିବା, ଯାହା ନାହିଁ ତାକୁ ଆଣିବା–ମୋଟ ଉପରେ, ମଣିଷ ଜୀବନକୁ ସୁଖୀ, ସୁନ୍ଦର, ସମୃଦ୍ଧ କରିବା ଭିତରେ ତାର ପରିବେଶକୁ ମଧ୍ୟ ସୁରୁଚିପୂର୍ଣ୍ଣ କରିବା–ଏକ ନୂତନ ସୃଷ୍ଟି ନିର୍ମାଣ କରିବା । ଅତଏବ ପ୍ରଗତି ଓ ସୃଷ୍ଟି ଏ ଦୁହେଁ ପରସ୍ପର ସହ ଅତି ଘନିଷ୍ଠ ଭାବେ ଜଡ଼ିତ । ବିନା ପ୍ରଗତିରେ ସୃଷ୍ଟି ନାହିଁ

Digitized by srujanika@gmail.com

ଏବଂ ସୃଷ୍ଟି ଲାଗି ପ୍ରଗତି ଅପରିହାର୍ଯ୍ୟ । ତେଣୁ ସୃଷ୍ଟି କସ୍ମିନକାଳେ ପ୍ରତିକ୍ରିୟା ନୁହେଁ-କି ପ୍ରଗତି କସ୍ମିନ କ୍ଷେତ୍ରରେ ଅପସୃଷ୍ଟି ହୋଇ ନପାରେ ।

ସେହି ପ୍ରଗତି ଓ ସୃଷ୍ଟିର ଏକମାତ୍ର ଆଧାର ହେଲା ସତ୍ୟ ବା ବାସ୍ତବତା । ମିଥ୍ୟା, ଅସତ୍ୟ ବା ନେତିକୁ ଆଶ୍ରାକରି କଳ୍ପନାର ସୌଧ ଗଢ଼ାଯାଇପାରେ, ଧନ, ସମ୍ପଦ, ମନ୍ତ୍ରୀପଦ ଲାଭ ହୋଇପାରେ, ଗଦାଗଦା ପୁସ୍ତକ ମଧ୍ୟ ଲେଖା ଯାଇପାରେ, କିନ୍ତୁ ମଣିଷକୁ ବଂଚିବାକୁ ଆଗେଇବାକୁ ହେଲେ, ସେ ତାକୁ ଭାଙ୍ଗିବାକୁ, ଫିଙ୍ଗିବାକୁ, ଏବଂ ଧ୍ୱଂସ କରିବାକୁ ବାଧ୍ୟ । ତାହା ସମାଜ, ସାହିତ୍ୟର ଧର୍ମ । ଯୁଗ ଯୁଗ ହେଲା ସେମାନେ ତାହା ପାଳନ କରି ଆସୁଛନ୍ତି ଏବଂ ତା'ରି ଭିତର ଦେଇ ସମାଜ ଓ ସାହିତ୍ୟର ବିକାଶ । ତାହାହିଁ ହେଉଛି ପ୍ରଗତିର ପ୍ରକ୍ରିୟା । ସେହି ପ୍ରଗତିର ଅନ୍ୱେଷଣ ବା ଅନୁସରଣ କରିବାକୁ ହେଲେ ସେହି ସତ୍ୟ ଆଧାରିତ ନୂତନ ସୃଷ୍ଟିର ଦ୍ୱାର ଉଦ୍‌ଘାଟନ କରିବାକୁ ହେବ । ତାର ଆହ୍ୱାନର ଜବାବ ଦେବାକୁ ପଡ଼ିବ । ତାର ଆଲୋକରେ ନିଜର ପଥ ଆଲୋକିତ କରିବାକୁ ହେବ ।

ତେବେ ବର୍ତ୍ତମାନର ନିର୍ଦ୍ଦିଷ୍ଟ ଅବସ୍ଥାରେ କିଏ ସତ୍ୟ, କିଏ ମିଥ୍ୟା, କିଏ ପ୍ରଗତି, କିଏ ପ୍ରତିକ୍ରିୟା, କେଉଁଟା ସୃଷ୍ଟି, କେଉଁଟା ଅପସୃଷ୍ଟି, ଶେଷରେ କିଏ ଜୀବନ-ଦେବତା; କିଏ ମୃତ୍ୟୁର ଦୈତ୍ୟ ? ମଣିଷ ଯେ କୌଣସି ଦିଗକୁ ଗୋଡ କାଢ଼ିଲା ପୂର୍ବରୁ, ବିଶେଷକରି କଲମ ଧରିବା ଆଗରୁ, ତାକୁ ପ୍ରଥମେ ଏହି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ । ବାସ୍ତବ ଜୀବନ ଭଳି ସାହିତ୍ୟ ରାଜ୍ୟରେ ନିରପେକ୍ଷତାର ସ୍ଥାନ ନାହିଁ । ମଣିଷ ଦେଖୁ ବା ନଦେଖୁ, ସଜ୍ଞାନରେ ହେଉ ବା ଅଜ୍ଞାନରେ ହେଉ, ତାର ପ୍ରତ୍ୟେକଟି ଉକ୍ତି, ଓ ପ୍ରତ୍ୟେକଟି ପଦକ୍ଷେପର ଶେଷ ପରିଣତି ଅବଶେଷରେ ଉପରୋକ୍ତ ପକ୍ଷଗୁଡ଼ିକ ମଧ୍ୟରୁ ନିଶ୍ଚୟ ଗୋଟିକୁ ଆଶ୍ରା କରିବ ଓ ସେଇଠି ପହଂଚିବ ।

ବହୁ ସାହିତ୍ୟିକ ଅଛନ୍ତି, ଯେଉଁମାନେ ସ୍ଥାନ କାଳ ପାତ୍ର ଊର୍ଦ୍ଧ୍ୱରେ-ସମାଜ ଓ ସାହିତ୍ୟର ଊର୍ଦ୍ଧ୍ୱରେ ରହି, ଅତି ଉଚ୍ଚ ମହାନ ସାହିତ୍ୟ ରଚନାର ଦାବୀ କରନ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ ସେମାନେ ତାଙ୍କର ବୌଦ୍ଧିକ ଓ ଭୌତିକ ଜୀବନରେ ସଂକୀର୍ଣ୍ଣତାର କ୍ଷୁଦ୍ରତମ ପରିସର ଅତିକ୍ରମ କରିବାରେ ଅସମର୍ଥ । ତାଙ୍କର ନିରପେକ୍ଷତାର ଆବରଣ ବାସ୍ତବତାର ସାମାନ୍ୟ ଆଘାତରେ ଖସିପଡ଼େ । ସମାଜରେ ମଣିଷ ଭଳି ସାହିତ୍ୟ ମଧ୍ୟ ପକ୍ଷନେଇ ଲଢୁଛି ।

Digitized by srujanika@gmail.com

ପ୍ରତ୍ୟେକେ ନିଜର ଜ୍ଞାତ ବା ଅଜ୍ଞାତସାରରେ ତାହା କରି ଆସୁଛନ୍ତି । ଆଜି ତାଙ୍କୁ ସେହି ପକ୍ଷ ବାଛିନେବାକୁ ହେବ, ସଚେତନ ଭାବରେ ।

କାରଣ, ମଣିଷ ସମାଜର ବିକାଶ ଏପରି ସ୍ତରରେ ପହଂଚିଛି, ବାସ୍ତବତା ସାହିତ୍ୟକୁ ଏପରି ଆଘାତ ଦେବାରେ ଲାଗିଛି ଯେ, ସେଠି ସାହିତ୍ୟ ପକ୍ଷରେ ନିଜକୁ ରକ୍ଷା କରିବା, ବା ବଂଚିବାକୁ ହେଲେ, ତାକୁ ନିରପେକ୍ଷତାର ଆବରଣ ବର୍ଜନ କରିବାକୁ ହେବ । ମୃତ୍ୟୁର ସମ୍ମୁଖରେ ନିରପେକ୍ଷତାର ସ୍ଥାନ ନାହିଁ । ମୃତ୍ୟୁକୁ କେହି ଆଲିଙ୍ଗନ ବା ବରଦାସ୍ତ କରି ନପାରେ । ନିରପେକ୍ଷତା କେବଳ ନିର୍ଜୀବ, ସ୍ଥାଣୁ ବା ଗତିଶୂନ୍ୟତା ନୁହେଁ, ତାହା କାର୍ଯ୍ୟତଃ ଶେଷରେ ପକ୍ଷପାତି-ତାକୁ ହିଁ ବଳିଷ୍ଠ କରେ ।

ଆଜି ସମଗ୍ର ସୃଷ୍ଟି, ପ୍ରଗତି ଏପରିକି ସମସ୍ତ ଜୀବସତ୍ତା-ଏକାକାର, ଏକ ଅବିଚ୍ଛେଦ୍ୟ ଡୋରିରେ ବନ୍ଧା । ଏଥିରୁ ଗୋଟିକୁ ତ୍ୟାଗ ବା ଧ୍ୱଂସକରି ଅନ୍ୟଟିକୁ ରକ୍ଷା କରାଯାଇ ନପାରେ । ସେହିପରି ଅନ୍ୟ ପକ୍ଷରେ ମିଥ୍ୟା, ଜଡ଼ତା, ପ୍ରତିକ୍ରିୟା ଓ ମୃତ୍ୟୁ-ଏସବୁ ଏକାକାର, ଏକ ଅବିଚ୍ଛେଦ୍ୟ ସୂତ୍ରରେ ସଂଯୁକ୍ତ । ସେଥିରୁ ଗୋଟିକୁ ରଖି ଅନ୍ୟକୁ ଦୂର କରିହେବ ନାହିଁ । ଆଉ ସେଇ ଦୁଇ ଶକ୍ତି, ପରସ୍ପର ବିରୁଦ୍ଧରେ ଦଣ୍ଡାୟମାନ । ଏମାନଙ୍କର ଦ୍ୱନ୍ଦ ଏତେଦୂର ସ୍ପଷ୍ଟ ଓ ତାଡ଼ନାଦାୟକ ଯେ ତାକୁ ବୁଝିବାଲାଗି ବିଦ୍ୟାବୁଦ୍ଧି ଦରକାର ହୁଏ ନାହିଁ । ବର୍ତ୍ତମାନ ଦୁନିଆରେ ଯେତେ ପରମାଣୁ ଅସ୍ତ୍ର ମହଜୁଦ ଅଛି, ସେଥିରେ ଗତ ମହାଯୁଦ୍ଧରେ ମରିଥିବା ସାଢ଼େ ପାଞ୍ଚକୋଟି ଲୋକଙ୍କର ଦଶହଜାର ଗୁଣ ଲୋକଙ୍କୁ ନିମିଷକେ ମରାଯାଇପାରେ । ସେହି ଅସ୍ତ୍ରର ବିସ୍ଫୋରଣ ଶକ୍ତି କଳ୍ପନାର ବହିର୍ଭୂତ । ତାକୁ ଟି:ଏନ:ଟି ଶକ୍ତିରେ ଭାଙ୍ଗିଲେ ସେଗୁଡ଼ିକୁ ବୋହିନେବା ଲାଗି ଦୁଇଶ ମାଇଲ ଲମ୍ବର ଏକ ରେଳଗାଡ଼ିକୁ ଚାରିଶହ ବାର ପୃଥିବୀ ଚାରିପଟେ ଘୁରିବାକୁ ହେବ । ସେହି ଦୂରତ୍ୱ ପୃଥିବୀ ପୃଷ୍ଠରୁ ଚନ୍ଦ୍ର ଦୂରତ୍ୱର ୪୦ ଗୁଣରୁ ଅଧିକ । ଏହା ସାଙ୍ଗକୁ ପୁଣି ପ୍ରତିଦିନ ନୂତନ ଧରଣର ମାରଣାସ୍ତ୍ରମାନ ତିଆରି ଚାଲିଛି ।

ହଜାର, ହଜାର କୋଟି ଟଙ୍କା ବ୍ୟୟରେ ମୃତ୍ୟୁଲାଗି ଏଇ ଯେଉଁ ପ୍ରସ୍ତୁତି ଚାଲିଛି, ଆଉ ତାକୁ ଯେଉଁ ବ୍ୟବସ୍ଥା ଜନ୍ମଦିଏ ଓ ବୃଦ୍ଧି କରେ, ତାହା ସୃଷ୍ଟି ନା ଅପସୃଷ୍ଟି ? ସେହି ସୃଷ୍ଟିର ଉଦ୍ଦେଶ ଓ ପରିଣତି ଏକ ସମୂହ ସଂହାର ଓ ସର୍ବବ୍ୟାପୀ ଧ୍ୱଂସ ଛଡ଼ା ଆଉ କିଛି

Digitized by srujanika@gmail.com

ହୋଇପାରେ କି ? ତା' କଣ କେବେ କେଉଁଠି ହେଲେ ଜୀବନର ଏକ ସାମାନ୍ୟ କ୍ଷୁଦ୍ରତମ ଅଙ୍କୁରକୁ ଜନ୍ମଦିଏ ବା ଜାଗ୍ରତ କରିପାରେ ? କେବଳ ମଣିଷର ସୃଷ୍ଟି ସଭ୍ୟତା ସଂସ୍କୃତି ନୁହେଁ, ଏପରିକି କୋଟି କୋଟି ବର୍ଷଧରି ପ୍ରକୃତି ସୃଷ୍ଟ ସମସ୍ତ ସମ୍ପଦ, ସମସ୍ତ ଜୀବ ଜଗତକୁ ତା'କଣ ଲୋପ କରିଦେବ ନାହିଁ ? ଅତଏବ, ଯେଉଁମାନେ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ଏଇ ମୃତ୍ୟୁ ଓ ଧ୍ୱଂସର ଡାକ ଦିଅନ୍ତି, ତାର ବାହକ ଓ ପ୍ରଚାରକ, ଆଉ ତାର ଗୁଣ କୀର୍ତ୍ତନକାରୀ, ସେମାନେ କଣ ପ୍ରଗତିର ପକ୍ଷପାତୀ ନା ପ୍ରତିକ୍ରିୟାର ପ୍ରତିମୂର୍ତ୍ତି ?

ଅତୀତରେ ଏ ଅବସ୍ଥା କେବେହେଲେ ଏମିତି ସଂଘାତିକ ରୂପ ଧାରଣ କରି ନଥିଲା । ସାହିତ୍ୟ ମଧ୍ୟ ଅତୀତରେ କେବେହେଲେ ଏହିପରି ଏକ ଆହ୍ୱାନର ସମ୍ମୁଖୀନ ହୋଇ ନଥିଲା । ତେବେ ସେତେବେଳେ ବି ସାହିତ୍ୟ ରାଜ୍ୟର ଶ୍ରେଷ୍ଠ ମନୀଷୀଗଣ-ରବୀନ୍ଦ୍ରନାଥ, ରୋମାରୋଲା, ଗର୍କୀ, ଆନାତୋଲା ଫ୍ରାନସ ପ୍ରଭୃତି ପ୍ରତ୍ୟେକ-ଏହାର ଜବାବ ଦେଇଛନ୍ତି, ଯୁଦ୍ଧ ବିରୁଦ୍ଧରେ ଶାନ୍ତିର ପକ୍ଷଭୁକ୍ତ ହୋଇ ।

ବିଶ୍ୱଯୁଦ୍ଧ ଯେ ଏପର୍ଯ୍ୟନ୍ତ ସମ୍ଭବ ହୋଇ ପାରିନାହିଁ ତାର ଏକମାତ୍ର କାରଣ ଯୁଦ୍ଧ ବିରୁଦ୍ଧରେ ଶାନ୍ତି, ପ୍ରତିକ୍ରିୟା ବିରୁଦ୍ଧରେ ପ୍ରଗତି, ମୃତ୍ୟୁ ବିରୁଦ୍ଧରେ ଜୀବନ ଆପଣାକୁ ସାବ୍ୟସ୍ତ କରୁଛି । ସାମ୍ରାଜ୍ୟବାଦ ବିରୁଦ୍ଧରେ ସ୍ୱାଧୀନତାର ଶକ୍ତି ଅଧିକ ବ୍ୟାପକ ଓ ବଳିଷ୍ଠ । ଏହା ଆଣିବାରେ ବିଶ୍ୱ ସାହିତ୍ୟର ଅବଦାନକୁ କେହି ଅସ୍ୱୀକାର କରି ନ ପାରେ । ଶାନ୍ତିରେ ହିଁ କେବଳ ସୃଷ୍ଟି ଓ ପ୍ରଗତି ସମ୍ଭବ । ଏହା ଜଣାଇଦିଏ ବାସ୍ତବରେ କେଉଁମାନେ ଏହି ସୃଷ୍ଟି ଓ ପ୍ରଗତିର ପକ୍ଷରେ ଓ କିଏ ତାହାର ପରିପନ୍ଥୀ ?

ତେଣୁ ଜୀବନ ନା ମୃତ୍ୟୁ-ଏହାହିଁ ହେଲା ପ୍ରତ୍ୟେକ ଲୋକ ଆଗରେ, ସମାଜ ଓ ସାହିତ୍ୟ ଆଗରେ ସର୍ବପ୍ରଧାନ ପ୍ରଶ୍ନ । ଆଉ ଅନ୍ୟ ସମସ୍ତ ବିଚାର ଆଲୋଚନା ତାର ଅଧୀନସ୍ଥ । ସବୁର ଭାଗ୍ୟ-ସବୁର ଭବିଷ୍ୟତ ଓ ଯାବତୀୟ ବିଷୟ, ସେଇ ଦୁଇପକ୍ଷ ପ୍ରତି ଆଭିମୁଖ୍ୟ ଦ୍ୱାରା ନିର୍ଦ୍ଧାରିତ । ସାହିତ୍ୟ କ୍ଷେତ୍ରରେ ଏହାର ବ୍ୟତିକ୍ରମ ନାହିଁ, କି ସେ ଭୂଲର ମଧ୍ୟ ସଂଶୋଧନ ନାହିଁ । ନିର୍ଭୁଲ ପଦକ୍ଷେପ ନ ନେଲେ ସାହିତ୍ୟର ଆଦ୍ୟଧ୍ୱନୀ ଓଁକାର ଶବ୍ଦଟି ଉଚ୍ଚାରଣ କରିବାକୁ ମଧ୍ୟ କେହି ନଥିବେ ।

ଆମର ସାହିତ୍ୟ, ଏପରିକି ଯାହାକୁ ପ୍ରଗତିଶୀଳ ବୋଲି ଦାବୀ କରାଯାଏ ତାହା

Digitized by srujanika@gmail.com

ଭିତରୁ କେତେ ଏହାର ଗୁରୁତ୍ୱ ଉପଲବ୍ଧି କରନ୍ତି ? ଦେଶ ଭିତରେ, ସାଧାରଣ ରାଜନୀତି କ୍ଷେତ୍ରରେ, ଏଥିଲାଗି ଯେଉଁ ଉଦ୍‌ବେଗ ଓ ବ୍ୟାକୁଳତା ପ୍ରକାଶ ପାଏ, ତାର ପ୍ରତିଫଳନ ସାହିତ୍ୟ କ୍ଷେତ୍ରରେ ଦେଖାଯାଏ ନାହିଁ । ଏହାର କାରଣ କଣ ଓଡ଼ିଆ ସାହିତ୍ୟ କେବେ ଚିନ୍ତା କଲାଣି ?

ଦିନ ଥିଲା, ସେତେବେଳେ କଟୁଭାଷାରେ ବ୍ରିଟିଶଙ୍କୁ ଗାଳି ଦେଲେ, ରାଜା ଜମିଦାରଙ୍କ ଅତ୍ୟାଚାର ବର୍ଣ୍ଣନା କରି ବିଦ୍ରୋହର ଡାକ ଦେଲେ ଓ ସଦ୍ୟ ଉନ୍ମେଷିତ ସମାଜବାଦର ସରଳ ଭାବଧାରାକୁ ଆଲିଙ୍ଗନ କଲେ, ପ୍ରଗତିଶୀଳ ସାହିତ୍ୟ ସମ୍ଭବ ହେଉଥିଲା । ଅବଶ୍ୟ, ଆଜି ଯାହା ସହଜ ବୋଧ ହେଉଛି, ସେତେବେଳେ ତାହା ଖୁବ୍ କଷ୍ଟସାଧ୍ୟ ହେଉଥିଲା । ସେଥିଲାଗି କମ୍ ସଂଗ୍ରାମ କରିବା ପାଇଁ ପଡ଼ିନାହିଁ, କମ ଦୁଃଖକଷ୍ଟ ବରଣ କରିବାକୁ ହୋଇନାହିଁ । ଆଜି ସେ ବ୍ରିଟିଶ, ରାଜା, ଜମିଦାର ନାହାନ୍ତି । ସମସ୍ତଙ୍କ ମୁଖରେ ସମାଜବାଦର ସ୍ଲୋଗାନ । ତାହା ପୁଣି ଆମ ସମ୍ବିଧାନରେ ଲିପିବଦ୍ଧ । ପୁଣି ଅନ୍ୟ ଦିଗରେ ବିଭିନ୍ନ ଯୋଜନା, ଶିକ୍ଷାର ପ୍ରସାର, ସାଧାରଣ ଉନ୍ନୟନ କାର୍ଯ୍ୟ ଓ ଭୋଟ ଆଦି ବ୍ୟବସ୍ଥା ଦ୍ୱାରା ଲୋକେ ଉପକୃତ । ଅନେକଙ୍କ ମନରେ ଆଶାର ମୃଗତୃଷ୍ଣା ସେଥିଲାଗି ଜାଗ୍ରତ । ତାହା ସାଙ୍ଗକୁ ପାଶ୍ଚାତ୍ୟ ସାହିତ୍ୟ ପ୍ରଭାବ ମଧ୍ୟ ବେଶ୍ ପ୍ରବଳ । ପୁଞ୍ଜିବାଦୀ ସମାଜ ଭଳି ତାର ସାହିତ୍ୟ ସେହି ଚରମ ନୈରାଶ୍ୟ ହତାଶ, ଭବିଷ୍ୟତ ଶୂନ୍ୟତାର ଚିହ୍ନ ବହନ କରେ । ମଣିଷର ସାହସ, ଶୌର୍ଯ୍ୟ ଓ ଜୀବନର ସଙ୍କେତକୁ ଖର୍ବ ଓ ଲୋପକରି ତାକୁ କିଂକର୍ତ୍ତବ୍ୟ-ମୂଢତା ଭିତରେ ନିକ୍ଷେପ କରେ । ତଦ୍ୱାରା ସାହିତ୍ୟ କେବଳ ନିଜର ଦୃଷ୍ଟିଶକ୍ତି ହରାଏ ନାହିଁ, ତାହା ନିଜର ସାହିତ୍ୟିକ ଉପଲବ୍ଧି, ଭାବପ୍ରବଣତା ଓ କର୍ମଶକ୍ତିକୁ ହରାଇ ବସେ । ସେହି ପାଶ୍ଚାତ୍ୟ ସାହିତ୍ୟକୁ ଆଦର୍ଶ କରିବା ମାନେ, ତାର ସେହି ନୈରାଶ୍ୟବାଦର ଶୀକାର ହେବା । ତାର ସୋପାନରେ ଅଗ୍ରଗତିର ସ୍ୱପ୍ନ ଦେଖିବା ଅର୍ଥ, ସୁନିଶ୍ଚିତ ବ୍ୟର୍ଥତାର ଓ ଅପରିହାର୍ଯ୍ୟ ମୃତ୍ୟୁ ଦିଗରେ ଆଗେଇଯିବା ।

ଆମର ଏକ ସାହିତ୍ୟ ରହିଛି, ଯାହା କି ନିଜର ଉଜ୍ଜ୍ୱଳ ପରମ୍ପରା ଓ ବଳିଷ୍ଠ ଭିତ୍ତିଭୂମିରୁ କୁଆଁମେଲି ଉଠିଥିବା ନୂତନ ଶସ୍ୟର ଶିସାକୁ ଦେଖେନାହିଁ । ଅତି ଆଧୁନିକତାର ପରିଚୟ ଦେବା ଆଶାରେ ତାହା ସେହି ପାଶ୍ଚାତ୍ୟ ସାହିତ୍ୟର ଆକାଶ କୁସୁମ ଚୟନ କରେ ଛିନ୍ନମୂଳ

Digitized by srujanika@gmail.com

ହୋଇ । ପୁଞ୍ଜିବାଦର ସେହି ବିମୂର୍ତ୍ତ ମାନବତାର ଆବରଣ ତଳେ ମୂର୍ତ୍ତି ମାନବର ମୃତ୍ୟୁର ସ୍ତାବକ ହୁଏ । ମଣିଷର ଅନ୍ତର୍ନିହିତ ମୂଲ୍ୟବୋଧର ଅନ୍ୱେଷଣ କରି ତାର ଅନ୍ତରାତ୍ମାରେ ସୂକ୍ଷ୍ମତନ୍ତ୍ରୀର ଝଙ୍କାର ତୋଳିବାର ଦାବୀ କରୁଥିବାବେଳେ ସେହି ରକ୍ତମାଂସ ଦେହଧାରୀ ମଣିଷ ଦୁଃଖ ନିର୍ଯାତନା ପ୍ରତି ଉଦାସୀନ ରହେ, ବରଂ ତାର ଗୁଣଗାନ କରି ପରୋକ୍ଷରେ ତାକୁ ଉତ୍ସାହିତ କରେ । ମାନବତା ବିରୋଧୀ ଭାବର ସେଇ ସୂକ୍ଷ୍ମ ଅଦୃଶ୍ୟ ଅଭିଯାନ ଆମର ଅଜ୍ଞାତରେ ସାହିତ୍ୟରେ ପ୍ରବେଶ କରେ । ତାକୁ ଧରିବାଲାଗି ଯେଉଁ ଶକ୍ତିଶାଳୀ ଅଣୁବିକ୍ଷଣ ଯନ୍ତ୍ର ଦରକାର, ତାର ଆବଶ୍ୟକତା ମଧ୍ୟ ଅନେକ ଉପଲବ୍ଧି କରନ୍ତି ନାହିଁ ।

ପୁଣି ପ୍ରତିଦିନ ବହୁ ପ୍ରକାର ବିରୋଧାତ୍ମକ ଜିନିଷ ଘଟୁଛି । ଏତେ ପ୍ରକାରର ବିରୁଦ୍ଧାତ୍ମକ ପ୍ରଚାର ଚାଲିଛି ଯେ ସେସବୁର ପ୍ରକୃତ ରୂପ ବା ଉଦ୍ଦେଶ୍ୟଭେଦ କରିବା ସାହିତ୍ୟ ପକ୍ଷରେ କଷ୍ଟକର । ବର୍ତ୍ତମାନର ଅବସ୍ଥା ଆଗ ତୁଳନାରେ ଯେପରି ଅଧିକ ଜଟିଳ, ମଣିଷ ଜୀବନର କ୍ଷେତ୍ର ମଧ୍ୟ ସେଇପରି ଅଧିକ ଗଭୀର ଓ ପ୍ରସାରିତ । ଅନ୍ତରୀକ୍ଷର ଅଭିଯାନ ସହିତ, ଜୀବନର ଅନ୍ତରୀକ୍ଷ ମଧ୍ୟ ବିସ୍ତାର ଲାଭ କରିବାରେ ଲାଗିଛି । ସେହି ଚିର ଗତିଶୀଳ ବିସ୍ତାର ଭିତରେ ନିଜର ଦିଗ ନିର୍ଣ୍ଣୟ କରି ଅଗ୍ରସର ହେବା ହେଲା ପ୍ରଗତିର କର୍ତ୍ତବ୍ୟ ।

ଅନ୍ତରୀକ୍ଷରୁ ତଳକୁ ଦୃଷ୍ଟିପାତ କଲେ, ଦେଖାଯାଏ, ଆମର ଯୁଗ ଯୁଗର ଦୁଃଖ ଦୈନ୍ୟର ଅବସାନ ଘଟି ନାହିଁ । ସେହି ନିର୍ଯାତୀତ ଜୀବନ ନୂଆ ନୂଆ ରୂପରେ, ଏବେ ପୁଞ୍ଜିବାଦର ନୂତନ ଆବରଣ ତଳେ ପ୍ରକାଶ ପାଉଛି, ଆହୁରି ଅଧିକ ଉତ୍କଟ ଆକାର ଧାରଣ କରୁଛି । ସମସ୍ତ ଉନ୍ନୟନ ଯୋଜନା ସତ୍ତ୍ୱେ ଆମ ରାଜ୍ୟରେ ଦାରିଦ୍ର୍ୟର ପ୍ରସାର ତାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

ମଣିଷ ଅନ୍ତରୀକ୍ଷକୁ ଉଠୁଛି, ତାକୁ ନିଜକୁ, ନିଜର ଜନ୍ମଭୂମି ପୃଥିବୀକୁ ଅଧିକ ଜାଣିବା ପାଇଁ-ତାକୁ ଅଧିକ ସୁନ୍ଦର ଓ ସୁଖମୟ କରିବା ଲାଗି । ସାହିତ୍ୟ ଯଦି ଉର୍ଦ୍ଧ୍ୱକୁ ଉଠି ନିଜର ଜନ୍ମଦାତା ମଣିଷକୁ ଭଲ କରି ବୁଝି ନ ପାରେ, ତାର ଜୀବନକୁ ସୁନ୍ଦର ସୁଖମୟ ନ କରେ, ଜାଣିବାକୁ ହେବ ସାହିତ୍ୟର ସେହି ଉର୍ଦ୍ଧ୍ୱଗତି ଅଧୋଗତିର ଲକ୍ଷଣ । ତାହା କେବଳ ଅନ୍ତରୀକ୍ଷର ସାମରିକ ବ୍ୟବହାର ଭଳି ଭୟାବହ ଧ୍ୱଂସାତ୍ମକ ।

ସେଥିଲାଗି ପ୍ରଗତିର ସେହି ମହାନ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେଲେ, ବହୁ

Digitized by srujanika@gmail.com

କିଛି ଶିକ୍ଷା, ସାଧନା ଆବଶ୍ୟକ । ବହୁ ତ୍ୟାଗ ଓ ତପସ୍ୟା ଦରକାର । ତାହା ହାସଲ କରିବାକୁ ହେଲେ ତାର ଦାମ ମଧ୍ୟ ଦେବାକୁ ପଡ଼ିବ । ବୁଝିବାକୁ ହେବ-ସବୁ ବେଦନାର ଉପଶମ ଅଛି, କିନ୍ତୁ ନାହିଁ କେବଳ ସୃଷ୍ଟି ବେଦନାର । ନୂତନ ଶିଶୁକୁ ଜନ୍ମ ଦେବାକୁ ହେଲେ ଗର୍ଭ ବେଦନା ସହି କରିବାକୁ ହିଁ ହେବ ।

ଠିକ୍ ଏଇ କଥାଟି ବାମପନ୍ଥୀ ପ୍ରଗତିଶୀଳ ଲେଖକଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ । ତାହା ହିଁ ସାହିତ୍ୟର ଅଭିଜ୍ଞତା । ସେମାନେ ଆଗେ ଉଣା ଅଧିକେ ସେହି ପ୍ରଗତିଶୀଳ କାର୍ଯ୍ୟ ସହିତ-ଲୋକଙ୍କ ଜୀବନ ସହିତ ଜଡ଼ିତ ଥିଲେ । ସେମାନେ ଯାହା କହୁଥିଲେ ଓ ଲେଖୁଥିଲେ, ତାକୁ କାର୍ଯ୍ୟରେ ରୂପାୟିତ କରିବା ଲାଗି ଲଢୁଥିଲେ । ସେଠି ବୌଦ୍ଧିକ ଉପଲବ୍ଧି, ସାହିତ୍ୟରେ ବୈପ୍ଳବିକ ଭାବପ୍ରବଣତାର ଆବେଗ, ଦୈନନ୍ଦିନ ଜୀବନର କାର୍ଯ୍ୟଗତ ଅଭିଜ୍ଞତାର ସମନ୍ୱୟ ଘଟୁଥିଲା । ସେଥିରେ ପ୍ରଗତି ଜୀବନ୍ତ ରୂପନେବା ସାହିତ୍ୟ ପ୍ରାଣବନ୍ତ ହେବା ସ୍ୱାଭାବିକ । ଆଜିର ପ୍ରଗତିଶୀଳ ଲେଖକଙ୍କର କ୍ଷେତ୍ରରେ ଏହାର ଅଭାବ ପରିଲକ୍ଷତ ହୁଏ । ବର୍ତ୍ତମାନ ନିଷ୍ଠୁର ବାସ୍ତବତାର କଠୋର ଆଘାତରେ ବିଦୀର୍ଣ୍ଣ ହୃଦୟର ଆର୍ତ୍ତନାଦ, ତାର ହା-ହୁତାଶର ଧ୍ୱନି ବହୁ ଲେଖକଙ୍କର ଲେଖାରେ ଫାଟିପଡ଼େ । କିନ୍ତୁ ସେଥିରୁ ଉଦ୍ଧାରର ପନ୍ଥା କାହିଁ ? ପଥହରା ଜୀବନ ଭିତରେ ଜୀବନ ହିଁ ଏକମାତ୍ର ଦିଗବାରିଣୀ ଖୁଣ୍ଟି । ପ୍ରକୃତିର ବିବର୍ତ୍ତନ ଭିତରେ ଜୀବନୀ ଶକ୍ତି କେବଳ ବିକାଶ ଲାଭ କରିନାହିଁ, ତାହାହିଁ ଚିର ବିକାଶଶୀଳ । ତାହା ବିକାଶଲାଭ କରୁଛି, ଜୀବ-ସାମାଜିକ ବା Bio-Social ଶକ୍ତି ଭାବରେ । ତେଣୁ ସାହିତ୍ୟ ଦିଗହରା ହେଲାବେଳେ ତାହା ସେହି ଚିର ଗତିଶୀଳ ସାମାଜିକ ଜୀବଶକ୍ତି,-ଲୋକଙ୍କର ଜୀବନକୁ ହିଁ ଆଶ୍ରା କରିବା ଉଚିତ । ତାର ଗତି ସବୁବେଳେ ଆଗକୁ । ସେ ଲଢ଼େ, ମରେ, ପୁଣି ଜୀଇଁ ଉଠି ଲଢ଼େ,-ଅବିଶ୍ରାନ୍ତ ସେ ଗତି । ତାର ମୃତ୍ୟୁ ନାହିଁ । କେବଳ ତା ସହିତ ନିବିଡ ଭାବରେ ଜଡ଼ିତ ହେବା ଦ୍ୱାରା ହିଁ ସାହିତ୍ୟ ଓ ସାହିତ୍ୟିକ ନିଜର ପ୍ରଗତିପଥର ନିର୍ଭୁଲ ସନ୍ଧାନ ପାଇପାରିବ ।

ଦେଖାଯାଏ, ଆଜି କେତେକ କେବଳ ପଥହରା ନୁହନ୍ତି, ଭବିଷ୍ୟତ ପ୍ରତି ମଧ୍ୟ ଭୟଭୀତି । ଅତୀତ ଉଦ୍ଧାର କରି ଭବିଷ୍ୟତ ଉଦ୍ଧାରର ବାଟ ଖୋଜନ୍ତି । କିନ୍ତୁ ଅତୀତର ବିକାଶ ଭବିଷ୍ୟତ, ଭବିଷ୍ୟତର ବିକାଶ ଅତୀତ ନୁହେଁ । ଏହିପରି ବହୁ ବିଷୟ ପ୍ରତି ଆଜି

Digitized by srujanika@gmail.com

ପ୍ରଗତି ସାହିତ୍ୟର ଦୃଷ୍ଟି ପଡିବା ଦରକାର । ସମସ୍ତ ପ୍ରକାର ଅନ୍ଧ ବିଶ୍ୱାସ, ପଶ୍ଚାଦ୍‌ଗାମୀ ଧ୍ୟାନ ଧାରଣାକୁ ଚିହ୍ନି, ତା ବିରୁଦ୍ଧରେ ଅହରହ ସାଲିସହୀନ ସଂଗ୍ରାମ କରିବା ଦ୍ୱାରା ହିଁ କେବଳ ପ୍ରଗତି ନିଜକୁ ପ୍ରତିଷ୍ଠିତ କରିପାରେ ।

ଯେହେତୁ ଏହା ପ୍ରଗତିର ଆଲୋଚନା, ତେଣୁ ଏଠି ସାହିତ୍ୟର ଶୈଳୀ ସୁଷମା ଆଦି ବିଭିନ୍ନ ରୂପ ବିଭବର ପ୍ରଶ୍ନ ଉଠୁନାହିଁ । ପ୍ରଗତିକୁ ଆକର୍ଷଣୀୟ ଓ ଲୋକପ୍ରିୟ କରିବାକୁ ହେଲେ, ସୌନ୍ଦର୍ଯ୍ୟର ଆବରଣ ପ୍ରତି ଧ୍ୟାନ ଦେବା ସ୍ୱାଭବିକ ।

ଶେଷରେ, ପ୍ରଗତିକୁ ନିଜର କର୍ତ୍ତବ୍ୟ ପାଳନ ଲାଗି ତାକୁ କେବଳ ସତ୍ୟ, ଶାନ୍ତି, ସୃଷ୍ଟିର ମୂର୍ତ୍ତିମନ୍ତ ରୂପ ବୈଜ୍ଞାନିକ ସମାଜବାଦର ପକ୍ଷ ଗ୍ରହଣ କରିବାକୁ ହେବନାହିଁ, ସେଇ ପକ୍ଷର ଦୃଷ୍ଟିରେ ସବୁ ବିଷୟ ବିଚାର କରିବାକୁ ହେବ । କାରଣ, ତାହାହିଁ ହେଉଛି ସତ୍ୟର ଦୃଷ୍ଟି । ତେଣୁ ତାହା ସାହିତ୍ୟର ଦୃଷ୍ଟି ହେବାକୁ ବାଧ୍ୟ । ତାହାହିଁ ପ୍ରଗତିର ଏକମାତ୍ର ଅସ୍ତ୍ର । ସେଇ ସୃଷ୍ଟି ବା ଅଗ୍ରଗତି ଭିତରେ ହିଁ ପ୍ରଗତି, ପ୍ରଗତି ପଦବାଚ୍ୟ । ଆଉ ସେହି ଦୃଷ୍ଟି ଦ୍ୱାରା ହିଁ ସାହିତ୍ୟ ଦେଖିପାରିବ, କିଏ ପ୍ରଗତିର ସହାୟକ, କିଏ ତାର ପଥ ରୋଧକାରୀ; କାହାକୁ ନିଜର ଅଗ୍ରଗତି ଲାଗି ଉତ୍ସାହିତ, ଅନୁପ୍ରାଣିତ ଓ ବଳିଷ୍ଠ କରିବାକୁ ହେବ, ଏବଂ କାହା ବିରୁଦ୍ଧରେ ସାହିତ୍ୟରେ ଖଡ଼୍‌ଗ ଉତ୍ତୋଳନ କରିବାକୁ ପଡ଼ିବ ।

ମୃତ୍ୟୁର ଆହ୍ୱାନ ଜୀବନ; ଧ୍ୱଂସର ଆହ୍ୱାନ ସୃଷ୍ଟି; ପ୍ରତିକ୍ରିୟାର ଆହ୍ୱାନ ପ୍ରଗତି, ଓ ଶେଷରେ, ପ୍ରଗତି ହିଁ ବିଶ୍ୱର ପ୍ରକୃତି । ପ୍ରଗତି ଓ ପ୍ରକୃତି, ଦୁହେଁ ଅଭିନ୍ନ । ପ୍ରଗତି ଯେପରି ପ୍ରକୃତି ଭିତରେ ପ୍ରତିଫଳିତ ଓ ପ୍ରସ୍ଫୁଟିତ-ପ୍ରକୃତି ସେହିପରି ପ୍ରଗତି ଭିତରେ ହିଁ ଆପଣାକୁ ସାବ୍ୟସ୍ତ ଓ ଜୀବନ୍ତ କରେ । ସେଇ ପ୍ରକୃତି ବଳରେ ପ୍ରଗତି ବଳୀୟାନ । ତେଣୁ ତାହା ଅପରାଜେୟ । ସେଥିଲାଗି ପ୍ରଗତି ହିଁ ସାହିତ୍ୟର ବିକାଶ ପଥରେ ଅପ୍ରତିହତ ଶକ୍ତିର ଏକମାତ୍ର ଅଫୁରନ୍ତ ଉତ୍ସ ଓ ଆଧାର ।

❏

Digitized by srujanika@gmail.com

ମୁଁ କାହିଁକି ଲେଖେ

ମୁଁ ଲେଖେ କାହିଁକି ? ଏ ପ୍ରଶ୍ନର ଉତ୍ତର ଲେଖିକରି ଦେବାକୁ ହେବ, ଏ ବୟସରେ ! ଯେଉଁଠି ଆଉ ମାତ୍ର କେତେଟା ଦିନ ବାକି ୮୩ ପୂରି ୮୪ ଚାଲିବାକୁ ।

ଏ ଅବସ୍ଥାରେ ସ୍ମୃତିର ଅଭାବରେ ବିସ୍ମୃତି ଆସିପାରେ । ସେଠି କିନ୍ତୁ ଅପସ୍ମୃତିର ସ୍ଥାନ ନାହିଁ । ଯାହା ଦିନେ ଶୋଇଲା ଅବସ୍ଥାରେ ସୁଦ୍ଧା ମୋ ଭିତରେ ପଶିନାହିଁ, ଏବେ ଚେଇଁଲା ଅବସ୍ଥାରେ ତାହା ବାହାରିବ କୁଆଡୁ ?

ହଁ, ବୟସ ଭାରରେ ଲେଖାଟା କେଉଁଠି କେମିତି ଚାପି ହୋଇ ଖାପଛଡ଼ା ବା ବାଙ୍ଗଚାଉଳିଆ ଧରିପାରେ, ଅସଙ୍ଗତି ବୋଧ ହୋଇପାରେ । କିନ୍ତୁ ମୋର ବକ୍ତବ୍ୟର ବୈଶିଷ୍ଟ୍ୟ ଦିଗରୁ ତାହା କେତେଦୂର ଅକ୍ଷତ ଓ ବିଚ୍ୟୁତିମୁକ୍ତ ତାହାର ବିଚାରକ ପାଠକ ବୃନ୍ଦ । ତେବେ ଏକମାତ୍ର ଅନୁରୋଧ-

"ଆମୂଳଚୂଳ ବିଚାରି ଘେନିବ
ଲେଖନକାର ଦୋଷ ନ ଧରିବ
ମତ ଅମତକୁ ବିମର୍ଶ କରିବ ।"

ମୁଁ କାହିଁକି ଲେଖେ ? କେବଳ ମୁଁ ଲେଖେ ନାହିଁ, ଅନେକ ଲୋକ ଲେଖନ୍ତି, ମଣିଷ ମାତ୍ରେ ସମସ୍ତେ ଲେଖି ପାରନ୍ତି, ତା' ଭିତରେ ମୋର ବିଶେଷତ୍ୱ କେଉଁଠି ? ବୋଧହୁଏ, ଠିକ୍ ତା' ଜାଣିବା ପ୍ରଶ୍ନକର୍ତ୍ତାଙ୍କ ଉଦ୍ଦେଶ୍ୟ । ସେ ଏହି ପ୍ରଶ୍ନଟି ବହୁ ଲୋକଙ୍କୁ

Digitized by srujanika@gmail.com

ପଚାରିଛନ୍ତି । ସମସ୍ତଙ୍କୁ ପରଖ କରନ୍ତି ଏଇ ଗୋଟିଏ ପ୍ରଶ୍ନରେ ।

ଲେଖିବାଟା ମଣିଷର ଏକ ଗୁଣ, ତାର ପ୍ରାକୃତିକ ମାନବୀୟ ଗୁଣ । ମଣିଷର ସେହି ପ୍ରକୃତି, ଦୁଇଟି ବିଷୟକୁ ନେଇ ଗଢ଼ା । ଗୋଟିଏ ମଣିଷ ଲେଖିବାର ପ୍ରାକୃତିକ ଶକ୍ତି ଓ ଦକ୍ଷତା, ଯଦ୍ୱାରା ସେ ଆପଣାକୁ ଲେଖାରେ ବ୍ୟକ୍ତ କରେ, ତାର ଆକାଂକ୍ଷାକୁ ପ୍ରକାଶ କରିପାରେ-ଅର୍ଥାତ୍ ଯେଉଁ 'କାହିଁକି' ଯୋଗୁଁ ସେ ବସ୍ତୁଗତ ଭାବରେ ବାସ୍ତବରେ ଲେଖିବାରେ ସମର୍ଥ । ଅନ୍ୟଟି ହେଲା ତାର ଲେଖିବା କାରଣ-ତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ-ଅର୍ଥାତ୍ ଯେଉଁ 'କାହିଁକି' ପାଇଁ ସେ ଲେଖେ-ତାର ଚିନ୍ତା ଓ ଚେତନାର ଭାଗବତ ବିଷୟ ।

ପ୍ରଥମଟି ନିର୍ଭର କରେ ମଣିଷର ଜୈବିକ ସଙ୍ଗଠନ-ତାର ଶରୀର ଓ ମସ୍ତିଷ୍କର ଗଠନ ଉପରେ । ଯେଉଁଥିପାଇଁ, ସବୁ ପ୍ରାଣୀଙ୍କ ଭିତରେ ମଣିଷ ହିଁ କେବଳ ଲେଖିବାରେ ସମର୍ଥ । ତେଣୁ ଲେଖିବାଟା ନିର୍ଦ୍ଦିଷ୍ଟ ବ୍ୟକ୍ତି, ଜାତି, ବର୍ଣ୍ଣ, ଗୋଷ୍ଠୀ ବା ସମ୍ପ୍ରଦାୟର ଖାସ୍ ଗୁଣ ବା ଚରିତ୍ର ନୁହେଁ । କୌଣସି ଶକ୍ତିର ବିଶିଷ୍ଟ ଅବଦାନ ବା କୌଣସି ଜାତିର ନିର୍ଦ୍ଦିଷ୍ଟ ଅଧିକାର ନୁହେଁ । ସୁବିଧା ପାଇଲେ ମଣିଷ ମାତ୍ରେ ସମସ୍ତେ ଲେଖିପାରନ୍ତି ।

ଦ୍ୱିତୀୟରେ ଲେଖିବାର କାରଣ-ତାହା ନିର୍ଭର କରେ ମଣିଷର ରୁଚି, ପ୍ରବୃତ୍ତି, ଇଚ୍ଛା, ଆକାଂକ୍ଷା, ଅବସ୍ଥା ଓ ଆବଶ୍ୟକତା ଉପରେ-ତାର ସାମାଜିକ ସ୍ଥିତି, ଦୃଷ୍ଟି ଓ ଆଦର୍ଶଗତ ବିଚାରକୁ ଧରି । ଯେହେତୁ ମଣିଷ ଏକ ସାମାଜିକ ପ୍ରାଣୀ-ସେ ସେଇ ସାମାଜିକ ପ୍ରଭାବର ଅଧୀନ, ମଣିଷ ସେଥିପ୍ରତି ସଚେତନ ଥାଇପାରେ ବା ନଥାଇପାରେ । ଆଉ ଠିକ୍ ସେଇଥିପାଇଁ ତ ଲେଖାରେ ବୈଚିତ୍ର୍ୟ, ତାର ବିଭିନ୍ନ ପ୍ରକାରର ପ୍ରକାଶ, ଅକଳନ ତାର ସେଇ ରୂପ ରସ ଭାବର ମାଧୁର୍ଯ୍ୟ ।

ଲେଖିବାଟା କୌଣସି ବ୍ୟକ୍ତିର ଖାସ ଗୁଣ ହେବା ନହେବାର ଏକମାତ୍ର କାରଣ ହେଲା, ତାହା ଲେଖକର ପୂର୍ବଜନ୍ମର ଫଳ, ଐଶ୍ୱରିକ ଆଶୀର୍ବାଦ ବା କୌଣସି ଦେବଦେବୀଙ୍କ ବରପ୍ରାପ୍ତିକୁ ଅପେକ୍ଷା କରେନାହିଁ, ସେ ସବୁ ବିନା, ତା ବିରୁଦ୍ଧରେ, ତାକୁ ଉପେକ୍ଷା ଓ ଅସ୍ୱୀକାର କରି ମଧ୍ୟ ତାହା ଆପଣାକୁ ପ୍ରକାଶ କରିପାରେ ଏବଂ ତାହା କରିବା ଦ୍ୱାରା କେବଳ ମଣିଷ ନିଜର ମାନବିକ ମହତ୍ତ୍ୱ ଓ ପରାକାଷ୍ଠାକୁ ପ୍ରତିପାଦିତ କରେ । କିନ୍ତୁ ଲୋକ ଅଛନ୍ତି ଯେଉଁମାନେ ସେଥିଲାଗି ଦେବତାର ଆରାଧନା ଓ ଆଶୀର୍ବାଦରେ ବିଶ୍ୱାସୀ । ସେମାନେ କେବଳ ତଦ୍ୱାରା ପରୋକ୍ଷରେ ନିଜର ଆତ୍ମଶକ୍ତିକୁ ଆହରଣ କରନ୍ତି । ଆପଣାର ଆତ୍ମବିଶ୍ୱାସର

Digitized by srujanika@gmail.com

ବୃଦ୍ଧିକୁ ଦୃଢ଼ୀଭୂତ କରନ୍ତି । ତାଙ୍କର ସେହି ବିଶ୍ୱାସ ହୁଏ ମଣିଷର ଆତ୍ମପ୍ରତ୍ୟୟର ଏକ ଆକାଂକ୍ଷିତ ଅବଲମ୍ବନ ମାତ୍ର ।

ମୁଁ କାହିଁକି ଲେଖେ-ମୋ ପାଇଁ ଏକ ଅବାନ୍ତର ପ୍ରଶ୍ନ । ଯେଉଁମାନଙ୍କର ମନ, କଥା, କାମ ଆଉ ଲେଖାରେ ମେଳ ନାହିଁ, ବିରୋଧିତାରେ ପୂର୍ଣ୍ଣ, ଏପରି ପ୍ରଶ୍ନ କେବଳ ସେହିମାନଙ୍କୁ ସାଜେ । ମୋର ଅତୀତର ସବୁ ଲେଖା ଓ କାମର ବିଚାର ହେଲା, ମୁଁ କାହିଁକି ଲେଖେର ଯଥାର୍ଥ ଉତ୍ତର । ତାହା ଯେପରି ବାସ୍ତବ, ସେପରି ବିରୋଧିତାଶୂନ୍ୟ । ତା' ମଧ୍ୟ ମୋର ଆଜିର ବକ୍ତବ୍ୟର ପ୍ରକୃଷ୍ଟ ପ୍ରମାଣ । ସେଥିରୁ ବାହାରିଯିବା, ଖସି ପଳାଇବା ବା ତାକୁ ଫାଙ୍କିଦେବା ମୋ ପକ୍ଷରେ କସ୍ମିନ୍‌କାଳେ ସମ୍ଭବ ନୁହେଁ । ତେଣୁ ମୋର ଏବର କଥାର ସତ୍ୟତା ବୁଝିବାକୁ ହେଲେ ଆଗରୁ ଯାହା ସବୁ ମୁଁ ଲେଖି ଆସିଛି, କହି ଆସିଛି ଓ କରି ଆସିଛି, ତାହାହିଁ ମୋତେ ବିଚାର କରବାର ଭିତ୍ତି ହେବା ଉଚିତ । ମୋର ଲେଖା ମୋ-ଜୀବନର ଧର୍ମ ଓ କର୍ମର ଏକ ଅବିଚ୍ଛେଦ୍ୟ ଅଙ୍ଗ ।

କାରଣ, ମୋର ଲେଖିବାରେ କୌଣସି ଆଲୌକିକ ସ୍ରଷ୍ଟାର କରୁଣା ବା ପ୍ରେରଣା ନାହିଁ, ନାହିଁ ବା ରହିଛି କୌଣସି ଶକ୍ତିର ଶଙ୍କା ବା କୌଣସି ଆସକ୍ତିର ଆକର୍ଷଣ । ତେଣୁ କାହାର ଅଭୟଦାନର ଆଶ୍ରାରେ ବା କାହାର ଅଭିଶାପର ଆଳରେ ସତ୍ୟକୁ ଢାଙ୍କିଦେବା କିମ୍ବା ନାନାଦି କୈଫିୟତ୍ ଦ୍ୱାରା ତାକୁ ଉଡ଼ାଇ ଦେବାର ଅବକାଶ ମୋର ନାହିଁ । ସେଠି ରହିଛି କେବଳ ମଣିଷ ଭାବରେ ନିଜର ମାନବିକ କର୍ତ୍ତବ୍ୟର ସମ୍ପାଦନ, ଆଉ ସେହି କର୍ତ୍ତବ୍ୟପାଳନ ଦିଗରେ ଅବିଶ୍ରାନ୍ତ ତାଡ଼ନାର ନିରବଚ୍ଛିନ୍ନ ପ୍ରେରଣା । ସେହି ପ୍ରେରଣାର ଆହ୍ୱାନରେ ଉପସ୍ଥିତ ସମସ୍ୟାର ସମ୍ମୁଖୀନ ହେବା, ତାର ସମାଧାନ ଦିଗରେ ଯଥାସମ୍ଭବ ପଦକ୍ଷେପ ନେବା ମୋ ଜୀବନର ପବିତ୍ର ବ୍ରତ ହୋଇ ଆସିଛି ।

ତେଣୁ ଓଳିଆରୁ ପଡ଼ି ଗଜା ହେଲା ଭଳି ଦିବ୍ୟଜ୍ଞାନ ଧରି ଲେଖକ ହୋଇ ଜନ୍ମ ନେବା ମୋ ଭାଗ୍ୟରେ ଘଟିନାହିଁ । ଯାହା ମୁଁ ଲାଭ କରିଛି, ପାଇଛି ବା ହୋଇପାରିଛି ସେ ସବୁ ଘଟିଛି, ମୋ ଜୀବନ କର୍ମର ଆଲୋଡ଼ନ, ଆବର୍ତ୍ତନ ଭିତରେ । ତାହାରି ଭିତରେ ମୁଁ ବଞ୍ଚିଛି, ବଢ଼ିଛି ଆଉ ଲେଖିବାର ଆବଶ୍ୟକତା ଅନୁଭବ କରିଛି । ଆଉ ସେହି କର୍ମ ଭିତରେ ମୁଁ ଭେଟିଛି ମୋର ଲେଖିବାର ଲକ୍ଷ୍ୟକୁ ।

ମୋ ଜୀବନ କର୍ମର ଆରମ୍ଭ ଅତି ପିଲାଦିନୁ, ୧୩-୧୪ ବର୍ଷ ବେଳୁ, ସେତେବେଳେ

Digitized by srujanika@gmail.com

ମୁଁ ୧୯୩୦ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦିଏ । ସେହି ଦିନୁ ମୋର ସେହି ସମାଦୃତ କର୍ମରେ ବିରତି ନାହିଁ, ତାର ଆଶ୍ରିତ ପଥରେ ବିଚ୍ୟୁତି ନାହିଁ କି ତାର ଅନୁସୃତ ଲକ୍ଷ୍ୟରେ ନିବୃତ୍ତି ନାହିଁ । କାରଣ ସ୍ୱାଧୀନତା ଆସିଲେ ମଧ, ସାଧାରଣ ମଣିଷ-ସେହି ଦଳିତ କ୍ଷୁଧିତ ନିଷ୍ପେଷିତ ଲୋକେ-ଏବେ ବି ସ୍ୱାଧୀନତାର ସ୍ୱାଦ ଆସ୍ୱାଦନର ବହୁତ ଦୂରରେ । "କି ହେବ ସେ ସ୍ୱରଜ ଘେନି ଯେବେ ମୋର ନ ପୂରେ ପେଟ", କବି ବାଞ୍ଛାନିଧିଙ୍କ ମଣିଷ ଜୀବନର ସେହି ମୂଳ ପ୍ରଶ୍ନ ତେପନ ବର୍ଷର ସ୍ୱାଧୀନତା ପରେ ସେମିତି ଏବେ ବି ପୂର୍ବ ପରି ଜୀବନ୍ତ-ଉତ୍ତରର ଅପେକ୍ଷାରେ । ସ୍ୱାଧୀନତାର ସର୍ବନିମ୍ନ ସ୍ୱାଦରୁ ଲୋକଙ୍କୁ ବଞ୍ଚିତ କରି ରଖିବା ଶାସକ ଶ୍ରେଣୀର ଧର୍ମ, କର୍ମ ଓ କାମ୍ୟ ହୋଇ ଆସିଛି । ସମ୍ବିଧାନର ମୌଳିକ ଅଧିକାର ଏବେ ବି ଆକାଶକୁସୁମ । ସାଧାରଣ ମଣିଷର ଜୀବନ ବଦଳି ନାହିଁ, ବଦଳି ଯାଇଛନ୍ତି ସେହି ସଂଗ୍ରାମର ଲକ୍ଷ୍ୟ ଓ ପକ୍ଷମାନେ । କବି ଲେଖକ ଯିଏ ସ୍ୱାଧୀନତା ସଂଗ୍ରାମରେ ଲଢ଼ିଛି, ଜେଲ୍‌ରେ ସଢ଼ିଛି ଓ ଲୋକଙ୍କ ପ୍ରତି ସତ୍ୟନିଷ୍ଠ, ସେହି ସାହିତ୍ୟିକଙ୍କ ଉପଲବ୍ଧିର ଆହ୍ୱାନ ହୋଇଛି -

"ଧଳା ବଦଳରେ କଳା ହେଲେ ଜୋକ
ଘୁଞ୍ଚିବ କି କେବେ ଗରିବଙ୍କ ଦୁଃଖ ।

ଚାଷୀମୂଲିଆର ଖପୁରି ଚୂରିଣ
ଦିଲ୍ଲୀ ଦରବାର ଗଢ଼ିବ କି,
ତମେ କେତେ ଜଣ ଜୀବନକୁ ପାଣି
ଛଡ଼ାଇ ନ ଦେଲେ ଚଳିବ କି ।"

ଇଏ ହେଲା, ସ୍ୱାଧୀନତା ସଂଗ୍ରାମୀ କବି ବୀରକିଶୋର ଦାସ କଲମରେ ସାହିତ୍ୟର ଆପ୍ତବଚନ । ସାହିତ୍ୟ, ଯାହା ମାନବ ପ୍ରାଣର ଅପରୂପ ପ୍ରକାଶ, ତାହା ନିଜେ ଯଦି ଜୋକାକ୍ରାନ୍ତ ହୁଏ ତେବେ ମାନବତାର ପ୍ରଦୀପକୁ ପ୍ରଜ୍ୱଳିତ କରିବ କିଏ ? ଧର୍ମ, ଦର୍ଶନ, ବିଜ୍ଞାନ ଓ ରାଜନୀତିକ ନେତା, କର୍ତ୍ତା ଓ ମହାତ୍ମାଗଣ ଯେତେ ପ୍ରବଚନ ଢାଳନ୍ତୁ, ଯେତେ ମହାନ୍ ଧର୍ମବାଣୀ ଶୁଣାନ୍ତୁ ଏବଂ ମୁକ୍ତିର ଯେତେ ଯେତେ ମହାର୍ଘ୍ୟ ମାର୍ଗ ଦର୍ଶାନ୍ତୁ ନା କାହିଁକି, ସମାଜରେ ଜୋକବଂଶର ବିଲୋପ ବିନା ମାନବତାର ସ୍ଫୁରଣ କ'ଣ କେବେ ସମ୍ଭବ ହେଲାଣି ନା ହୋଇପାରେ ? ତେଣୁ ଧର୍ମ ଅଧର୍ମୀ, ସାଧୁ ଖଣ୍ଡ, ପଣ୍ଡିତ ମୂର୍ଖ – ସେ ଯେକୌଣସି

Digitized by srujanika@gmail.com

ମତପନ୍ଥୀ ହୋଇଥାନ୍ତୁ ପଛେ, ମଣିଷ ମାତ୍ରେ, ଯଦି ସେ ଜୋକବଂଶର ବିଲୋପକୁ ଆପଣା ଧ୍ୟେୟ କରେ ଓ ସେ ଦିଗରେ ଅଗ୍ରସର ହୁଏ, ତେବେ ସେ ଶେଷରେ ପହଞ୍ଚିବ କେଉଁଠି ? ସମାଜରୁ ସକଳ ପ୍ରକାରର ଶୋଷଣ ଓ ଶୋଷକ ଶ୍ରେଣୀର ବିଲୋପ ବିନା ତା' ପକ୍ଷରେ ଆଉ ଅନ୍ୟ କିଛି ବିକଳ୍ପ ଅଛି କି ? ଏକ ମାତ୍ର ମାର୍କ୍ସବାଦକୁ ଛାଡ଼ିଦେଲେ , ଆଉ କେଉଁ ମତାଦର୍ଶ ସେହି ବିକଳ୍ପର ଆହ୍ୱାନ ଦିଏ ? ତାର ବାସ୍ତବତାକୁ ବୈଜ୍ଞାନିକ ସତ୍ୟତା ଦୃଷ୍ଟିରେ ପ୍ରତିପାଦିତ କରେ ? ସେହି ଅନିବାର୍ଯ୍ୟ ମାର୍ଗରେ ତାର ଅମୋଘ ଶକ୍ତିକୁ ଶାଣିତ କରେ ?

ଅଥଚ ସେହି ମାର୍କ୍ସବାଦକୁ ଧ୍ୱଂସ କରିବାରେ ଯେଉଁ ଲୋକେ ବିଶ୍ୱରେ ଅଗ୍ରଣୀ ଓ ବଦ୍ଧପରିକର ଏବଂ ସେ ଦିଗରେ ତାଙ୍କର ସକଳ ବିଦ୍ୟା, ବୁଦ୍ଧି ଓ ପୁଞ୍ଜି ଆଉ ପରମାଣୁ ଅସ୍ତ୍ର ଯାଏ ସବୁ ଶକ୍ତି ନିୟୋଜିତ କରିଥାନ୍ତି,ଏବେ ସେହିମାନଙ୍କ ପ୍ରଚାର ମିଡ଼ିଆ ବି.ବି.ସି. ଦ୍ୱାରା ସଂଗୃହୀତ ବିଶ୍ୱଜନମତ ଘୋଷଣା କରେ, ବିଗତ ସହସ୍ରାବ୍ଦରେ ବିଶ୍ୱର ସର୍ବଶ୍ରେଷ୍ଠ ଚିନ୍ତାନାୟକ ହେଲେ ସେହି କାର୍ଲମାର୍କ୍ସ । ତେଣୁ ପ୍ରାକୃତିକ ବିକାଶର ମାର୍ଗ ସେହି ମାର୍କ୍ସବାଦ ହେଲାବେଳେ ମାର୍କ୍ସବାଦର ସ୍ୱାଭାବିକ ପ୍ରକାଶ ହୁଏ ମାନବତା । ସେ ଦୁହେଁ ଅବିଚ୍ଛିନ୍ନ, ଅବିଭକ୍ତ ସେମାନଙ୍କର ମର୍ମ । ମାର୍କ୍ସବାଦ ଯେପରି ମାନବତାରେ ମୁକୁଳିତ, ସେହିପରି ମାନବତାର ଫୁଟେ ମାର୍କ୍ସବାଦରେ । ସେମାନଙ୍କ ମର୍ମ ଓ ମାର୍ଗର ସମନ୍ୱୟରେ କେବଳ ମାନବତାର ପ୍ରକାଶ । ଏକ ବିନା ଅନ୍ୟ ସଦା ଅପୂର୍ଣ୍ଣ, ଅପେକ୍ଷାରତ । ମାନବ ଭାବରେ, 'କୌଣସି ମାନବତା ମୋର ସ୍ୱଭାବର ବହିର୍ଭୂତ ନୁହେଁ,' ଏହା ହେଲା ମାର୍କ୍ସଙ୍କ ନିଜର ଆତ୍ମୋକ୍ତି ।

ସ୍ୱାଧୀନତା ସଂଗ୍ରାମରେ, ସେହି ଦଳିତ କ୍ଷୁଧିତ ନିଷ୍ପେଷିତ ଲୋକଙ୍କ ଲଢ଼େଇ ଭିତରେ ମୋର କାର୍ଯ୍ୟର ଅଭିଜ୍ଞତା, ମୋତେ କ୍ରମଶଃ ମାର୍କ୍ସବାଦ ପ୍ରତି ଆକୃଷ୍ଟ କଲା । ସେହି ମତାଦର୍ଶ ଭିତରେ ତାହା ମୁକ୍ତିର ସନ୍ଧାନ ପାଇଲା । ଯଦି ଜଣେ ମାନବିକ ହୃଦୟ., ବୈଜ୍ଞାନିକ ବିଚାର ଓ ସାହିତ୍ୟିକ ସ୍ପନ୍ଦନ ଭିତରେ ସ୍ୱାଧୀନତା ଦିଗରେ ଅଗ୍ରସର ହୁଏ, ସିଏ ତାର ଚେତନା ରାଜ୍ୟରେ କେବଳ ଭେଟିବ ଶୋଷଣହୀନ ସମାଜରେ ସାମ୍ୟ, ମୈତ୍ରୀ, ପ୍ରୀତିର ଆଦର୍ଶକୁ ।

ମାର୍କ୍ସବାଦର ଆଲୋକରେ ମାନବର ଅତୀତର ମୃତ ଇତିହାସ, ମୋ ଆଗରେ ଜୀବନ୍ତ ହୋଇଉଠିଲା ଓ ଆଉ ମଲା ଘଟଣାବଳୀର ଏକ ଅଲୋଡ଼ା ଅନାହୂତ ନିର୍ଦ୍ଦେଶ ବିହୀନ କାହାଣୀ ହୋଇ ରହିଲା ନାହିଁ । ଏକ ମେସିହା (Messiah) ଭାବରେ, ମଣିଷର

Digitized by srujanika@gmail.com

ଚିରପ୍ରତ୍ୟାଶିତ ତ୍ରାଣକର୍ତ୍ତା ରୂପରେ ଦେଖାଦେଲା । ସେହି ଅତୀତର ବିକାଶର ପ୍ରକ୍ରିୟା ଭିତରେ ମଣିଷ ପାଇଲା ତା'ର ଭବିଷ୍ୟତ ପ୍ରଗତିର ସନ୍ଧାନ । ଭେଟିଲା ତା'ର ଉପସ୍ଥିତ କର୍ତ୍ତବ୍ୟର ଆହ୍ୱାନକୁ, ମଣିଷ ଲାଭ କଲା ତା'ର ଜୀବନର ଲକ୍ଷ୍ୟ ଓ କର୍ମର ଉଦ୍ଦେଶ୍ୟକୁ ଏବଂ ଅନୁଭବ କଲା ମାନବ ଜୀବନର ଚିରନ୍ତନ ପ୍ରବାହ – ଆପଣା ଜୀବନର ଦୈନନ୍ଦିନ ସଂଗ୍ରାମ ମଧ୍ୟରେ ।

ଶେଷରେ ମାର୍କ୍ସବାଦ ମୋ ପାଇଁ ଅପରିହାର୍ଯ୍ୟ ହୋଇ ଉଠିଲା । ମୁକ୍ତି ସଂଗ୍ରାମରେ ମାର୍କ୍ସବାଦର ଆବଶ୍ୟକତା ଅବଶ୍ୟମ୍ଭାବୀହେଲାବେଳେ ମାର୍କ୍ସବାଦ ଅଧ୍ୟୟନ ମୋ ପାଇଁ ମୁକ୍ତି ସଂଗ୍ରାମର ଆବଶ୍ୟକତାକୁ ଅପରିହାର୍ଯ୍ୟ କରିଦେଲା । ଏବେ ସେହି ନୂତନ ଚେତନା ଭିତରେ ମୋର ଚିନ୍ତା, କାର୍ଯ୍ୟ,ଲକ୍ଷ୍ୟ ସହିତ ଲେଖା ମଧ୍ୟ ବଦଳିଗଲା । ସେ ସବୁ ମିଶି ଏକ ଅଖଣ୍ଡ ଖଣ୍ଡରେ ପରିଣତ ହେଲେ । ସେ ସମସ୍ତେ ଚାଲିଲେ ଗୋଟିଏ ଦିଗରେ ଏକ ଦୃଷ୍ଟି ନେଇ, ଏକ କାମ୍ୟହୋଇ । 'ମୁଁ ଲେଖେ କାହିଁକି', ସେହି ଅଖଣ୍ଡ ଖଣ୍ଡର ଏକ ଲିପିବଦ୍ଧ ଅଭିବ୍ୟକ୍ତି ।

ସମାଜରେ ସମସ୍ତ ପ୍ରକାର ଶୋଷଣ, କଷଣ ଓ ଶାସନର ଧ୍ୱଂସ ସାଧନ ହେଲା ମୋର କାମ୍ୟ । ସମସ୍ତ ମାନବ ବିରୋଧୀ – ଅମାନବିକ ଭାବର ମାନସିକ ସ୍ମୃତିର ସ୍ଥିତି ଓ ତା'ର ସାମାଜିକ ଉତ୍ପତ୍ତିର ଭିତ୍ତିର ମୂଳୋତ୍ପାଟନ ହେଲା ମୋ ଜୀବନର ସୁଘୋଷିତ ଲକ୍ଷ୍ୟ । ପ୍ରତ୍ୟେକ ଦିନର ପ୍ରତ୍ୟେକଟି ପଦକ୍ଷେପର ପ୍ରଚେଷ୍ଟା ହେଲା, ସେହି ଅନ୍ତିମ ଲକ୍ଷ୍ୟ ଦିଗରେ ଉଦ୍ଦିଷ୍ଟ । ଅନ୍ୟ ଦିଗରେ ସେହି ଅନ୍ତିମ ଲକ୍ଷ୍ୟର ଆହ୍ୱାନରେ ନିୟନ୍ତ୍ରିତ ହେବାରେ ଲାଗିଲା ମୋ ପ୍ରତିଦିନର ପ୍ରତ୍ୟେକଟି ପଦକ୍ଷେପ । ମାର୍କ୍ସବାଦ - ସାମ୍ୟବାଦ ହେଉଛି ସାମ୍ୟ, ମୈତ୍ରୀ, ପ୍ରୀତିର ଚରମ ପ୍ରକାଶ – ତା'ର ନିରବଚ୍ଛିନ୍ନ ବିକାଶର ଅନନ୍ତ ପ୍ରବାହ – ତା'ର ସେହି ପ୍ରବାହ ମଧ୍ୟରେ ପ୍ରସ୍ଫୁଟିତ ହୁଏ ଅଖଣ୍ଡ ମାନବତାର ଅଫୁରନ୍ତ ସୌନ୍ଦର୍ଯ୍ୟ – ଅଚିନ୍ତନୀୟ ସୌରଭ ।

ସେହି ମାନବିକ ଆଦର୍ଶରେ ଅଟଳ ରହିଥିଲା ପର୍ଯ୍ୟନ୍ତ ମୁକ୍ତି ସଂଗ୍ରାମରେ ମଣିଷ ପାଦର ସ୍ଖଳନ ନାହିଁ । ସେହି ପାଦ ମୁକ୍ତି ସଂଗ୍ରାମରେ ପଡୁଥିଲା ଯାଏଁ, ତା'ର ସେହି ଲକ୍ଷ୍ୟରେ ବିଚ୍ୟୁତି ନାହିଁ । ସେହି ପଥରେ ଅଗ୍ରସର ହେବା, ସେହି କର୍ମରେ ଆପଣାକୁ ନିୟୋଜିତ କରିବା ହେଲା ମୋ ଜୀବନର ଧର୍ମ । ସେହି ଧର୍ମର ପାଳନ ହେଲା ମଣିଷ ଭାବରେ ନିଜକୁ ମାନବିକ କରିବାର ପ୍ରଚେଷ୍ଟା । ସେ ଦିଗରେ, ସମାଜକୁ ଓ ସଂସାରକୁ

Digitized by srujanika@gmail.com

ମାନବ କରିବାର ଉଦ୍ୟମ ଓ ସଂଗ୍ରାମ ଭିତରେ କେବଳ ଜଣେ ଆପଣାକୁ ମାନବ କରିବାର ଶକ୍ତି ଓ ସୌଭାଗ୍ୟ, ଜ୍ଞାନ ଓ ଯୋଗ୍ୟତା, ସାମର୍ଥ୍ୟ ଓ ଅଧିକାର ଅର୍ଜନ କରେ । ମାନବତା, ମଣିଷର ଅନ୍ୟ ମଣିଷ ପ୍ରତି କୌଣସି ଦୟା କରୁଣା ବା ଉଦାରତାର ଅଯାଚିତ ଅବଦାନ ନୁହେଁ । ତାହା ମଣିଷ ଭାବରେ କେବଳ ତା'ର ନିଜର କର୍ତ୍ତବ୍ୟର ପାଳନ, ଆପଣାର ମାନବିକ କର୍ମର ସଚେତନ ସମ୍ପାଦନ । ମଣିଷ ନିଜର ମାନବିକତାକୁ ବିକଶିତ କରେ ଅନ୍ୟ ଭିତରେ ମାନବିକତାକୁ ବିମୁକ୍ତ କରିବାରେ କେବଳ । ସେପରି କ୍ଷେତ୍ରରେ ଅର୍ଥ, ଯଶ, ଖ୍ୟାତି, ପ୍ରଶସ୍ତି ବା ପ୍ରଲୋଭନାର କୌଣସି ସ୍ଥାନ ନାହିଁ । ଦରକାର ପଡ଼ିଲେ ମଣିଷ ନିଜକୁ ମଧ୍ୟ ବିସର୍ଜନ କରିଦିଏ । ମାନବତା ସଦା ସାଲିସ୍‌ହୀନ, ଆପୋସଶୂନ୍ୟ ଚେଷ୍ଟା କରିଛି ତାକୁ ଆପଣାର କରିବାରେ, ତା'ର ସମକକ୍ଷ ହେବାରେ ।

ସମାଜର ରୀତିନୀତି, ଗତାନୁଗତିକ ଚଳନ, ଦେଶର ଶାସନ, ସରକାର, ଦର୍ଶନର ତତ୍ତ୍ୱ ଓ ମତ, ରାଜନୀତିର ପଥ ଓ ଆଦର୍ଶ, ଧର୍ମର ବିଚାର ଓ ବିଧାନ, ସାହିତ୍ୟର ମାନବତା ଓ ମୂଲ୍ୟବୋଧ ଆଦି ବିଭିନ୍ନ କ୍ଷେତ୍ରରେ ଯେଉଁଠି ମାନବତାର ବିରୋଧୀଭାବ, ଲେଖା ଓ ଲକ୍ଷ୍ୟକୁ ଭେଟିଛି, ଚେଷ୍ଟା କରିଛି ତାର ସମ୍ମୁଖୀନ ହେବା ପାଇଁ । ମୋର ଶକ୍ତି କିନ୍ତୁ ଅତିମାତ୍ରାରେ ସୀମିତ । ଆବଶ୍ୟକ ତୁଳନାରେ ଅତି ନଗଣ୍ୟ ।

ସେହି ସଂଗ୍ରାମ ଭିତରେ – ରାସ୍ତାରେ ସ୍ଲୋଗାନ, ସଭାରେ ଭାଷଣ, ପୁଲିସ ସହ ସଂଗ୍ରାମ, କାରାବରଣ, ଆତ୍ମଗୋପନ, କୁତ୍ସାଭର୍ତ୍ସନାର ପୀଡ଼ନ ଆଦି ସକଳ ନିର୍ଯାତନାକୁ ଆହ୍ୱାନ କଲାବେଳେ, ଲେଖନୀ ଚାଳନା ସେହି ସଂଗ୍ରାମର ଏକ ଅପରିହାର୍ଯ୍ୟ ଅସ୍ତ୍ର ହୋଇ ଉଠିଛି । ମୋର ଭିତରେ ସେହି ଉଦ୍‌ବେଳନର ପ୍ରକାଶ ମାତ୍ର ।

ରାଜନୀତିକ କାର୍ଯ୍ୟକ୍ଷେତ୍ରରେ ତାହା ପ୍ରଚାରମୂଳକ ହେଲେ, ମାନସିକ ସ୍ତରରେ ତାହା ମୁଖ୍ୟତଃ ଆନ୍ଦୋଳନାତ୍ମକ । ମୋର ଲେଖା ମଣିଷକୁ ତା'ର ମାନବିକ ଅଧିକାର ବିଷୟରେ ସଚେତନ କରିବା ଓ ସେହି ଅଧିକାର ପ୍ରାପ୍ତି ଦିଗରେ ତାକୁ ଘେନିଯିବା, ପ୍ରତିପକ୍ଷର ଅପପ୍ରଚାରରକୁ ଖଣ୍ଡନ କରିବା ଆଉ ତା'ର ଯଥାର୍ଥ ଉତ୍ତର ଦେବା ଦିଗରେ ସଦା ଉଦ୍ଦିଷ୍ଟ । ଅନ୍ୟତ୍ର ତାହା ଆଲୋଚନା, ସମାଲୋଚନା ବା ପର୍ଯ୍ୟାଲୋଚନା ଭିତରେ ସୀମାବଦ୍ଧ । ବୌଦ୍ଧିକ ରାଜ୍ୟରେ ଏକ ତାତ୍ତ୍ୱିକ ମନ୍ଥନ, ଯାହାର ନାମ ଆଦର୍ଶଗତ ସଂଗ୍ରାମ । ସାଧାରଣତଃ ଯାହା ମତେ ପ୍ରତିକ୍ରିୟାର ଅଭିଯାନ ବୋଲି ବୋଧହୁଏ, ତା ବିରୁଦ୍ଧରେ ସ୍ୱର ଉତ୍ତୋଳନକୁ

Digitized by srujanika@gmail.com

ମୁଁ ମୋର କର୍ତ୍ତବ୍ୟ ବୋଲି ଜ୍ଞାନ କରିଆସିଛି । ଇଚ୍ଛା କଲେ ବି ସବୁ କ୍ଷେତ୍ରରେ ପହଞ୍ଚିପାରିନି ।

ମୋର ସେହି ସଂଗ୍ରାମ ଭିତରେ – ଉତ୍ତର ଦିଏ ଇତିହାସ – ଆପଣଙ୍କ ପ୍ରଶ୍ନର – 'ମୁଁ କାହିଁକି ଲେଖେ ?' ଇତିହାସର ସେଇ ଉତ୍ତର, ମୋର ପ୍ରତିପକ୍ଷଙ୍କ କାର୍ଯ୍ୟର ଉଲଗ୍ନ ଦୃଷ୍ଟାନ୍ତ ରୂପରେ ସେଠାରେ ଲିପିବଦ୍ଧ । ଇତିହାସର ଉତ୍ତର କେବଳ ଆକାଟ୍ୟ ନୁହେଁ, ଭବିଷ୍ୟତ ପ୍ରତି ସଦା ଇଙ୍ଗିତପୂର୍ଣ୍ଣ ଓ ପ୍ରଣିଧାନଯୋଗ୍ୟ ।

ତା' ମଧ୍ୟରୁ ଗୋଟିଏ ବ୍ରିଟିଶ୍ ଅମଳର ହେଲେ, ଅନ୍ୟଟି ସ୍ୱାଧୀନତା ପରବର୍ତ୍ତୀକାଳର, ଏବର । ବ୍ରିଟିଶ ଅମଳରେ ମୋର ପ୍ରଥମ ଲିଖିତ, 'ଭାରତରେ ଇଂରେଜ ରାଜ' ଏକ କ୍ଷୁଦ୍ର ପୁସ୍ତକ, ବାଜ୍ୟାପ୍ତି ହେବା ସହ ମତେ ଦେଢ଼ ବର୍ଷ ଜେଲ ଆଦେଶ ହୋଇଥିଲା । ସ୍ୱାଧୀନ ଭାରତରେ ମୋର ଲିଖିତ 'ଜଗତ ଦର୍ଶନରେ ଜଗନ୍ନାଥ' ପୁସ୍ତକ ୧୯୯୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହେଲେ ବି 'ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ୍' ବହିବଛା କମିଟି ଦ୍ୱାରା ଗ୍ରାମ୍ୟ ପାଠାଗାର ପାଇଁ ଯୋଗ୍ୟ ବିବେଚିତ ହେଲା ନାହିଁ । ଅଥଚ ନିୟମ ରହିଛି ସବୁ ପୁରସ୍କୃତ ବହି ନେବା ପାଇଁ । ସେହିଦିନୁ ପ୍ରତିବର୍ଷ (୨୦୦୦) ଏ ପର୍ଯ୍ୟନ୍ତ ଉକ୍ତ କମିଟି ସେହି ବହିକୁ ପ୍ରତ୍ୟାଖ୍ୟାନ କରିବାରେ ଲାଗିଛନ୍ତି । ଏହି ଦୈବ ଘଟଣା ଯଦି କ୍ରମାଗତ ଘଟେ, ଜାଣିବାକୁ ହେବ ତାହା ମାନବକୃତ, ଉଦ୍ଦେଶ୍ୟମୂଳକ ଓ ନୀତିଗତ । ଉପରୋକ୍ତ ଦୁଇ ଘଟଣାର କର୍ତ୍ତା ଓ କର୍ମ ଭିନ୍ନ ଭିନ୍ନ ହେଲେ ମଧ୍ୟ ଦୁହିଁଙ୍କ ନୀତି ଏକ ଓ ଲକ୍ଷ୍ୟ ସମାନ । ଫରକ କେବଳ, ଜଣଙ୍କର ବହି ବାଜ୍ୟାପ୍ତ କରିବା ଓ ଲେଖକକୁ ଜେଲ୍ ଦେବାର କ୍ଷମତା ଥିଲାବେଳେ, ଅନ୍ୟ ଜଣଙ୍କର ତାହା ନାହିଁ ।

ଜଣେ କର୍ତ୍ତା ବ୍ରିଟିଶ୍ ଶାସକ ହେଲାବେଳେ ଅନ୍ୟ ଜଣେ ହେଲେ ସେଇ ରାଜା ରାମମୋହନ ରାୟ ବହିବଛା କମିଟି । ଉକ୍ତ କମିଟି ରାଜ୍ୟର କେତେକ ସାହିତ୍ୟିକ, ଆଧାପକ, ବୁଦ୍ଧିଜୀବୀ ଓ ଉଚ୍ଚପଦସ୍ଥ ଅଫିସରଙ୍କୁ ନେଇ ଗଠିତ । ତେଣୁ ଜଣେ ତାଙ୍କ ଶାସନ କ୍ଷମତା ପ୍ରୟୋଗ କଲାବେଳେ ଅନ୍ୟ ଜଣେ ପ୍ରୟୋଗ କରନ୍ତି ତାଙ୍କର ବୌଦ୍ଧିକ ବିଚାରସିଦ୍ଧ ମତର କ୍ଷମତାକୁ ।

ଉଭୟଙ୍କ ନୀତି ହେଲା ଲୋକସାଧାରଣଙ୍କ ମୌଳିକ ଗଣତାନ୍ତ୍ରିକ ଅଧିକାରକୁ ଆକ୍ରମଣ କରିବା । ଅବାଧ ଶିକ୍ଷା ଓ ସମ୍ବାଦ ଲାଭ କରିବାର ମୌଳିକ ଅଧିକାରରୁ ତାଙ୍କୁ ବଞ୍ଚିତ କରିବା । କାରଣ ବହିରେ ଆଲୋଚିତ ବିଷୟକୁ, ଉଭୟ ଏକ ବିଷମ ମାରାତ୍ମକ ବ୍ୟାଧି

Digitized by srujanika@gmail.com

ବୋଲି ମନେ କରନ୍ତି । ଲୋକଙ୍କୁ ସେହି ବ୍ୟାଧିରୁ ମୁକ୍ତ ରଖିବାକୁ ହେବ । ତେଣୁ ସେହି ବ୍ୟାଧି ଯେପରି ସଂକ୍ରମିତ ନ ହେବ ସେ ଦିଗରୁ ସେମାନେ ବହିର ପ୍ରଚାରକୁ ନିଷେଧ କରନ୍ତି, ତା'ର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତି (ବହି ତିନିଥର ପ୍ରତ୍ୟାଖ୍ୟାନ ହେବା ପରେ ବହି ଆଉ କମିଟିର ବିଚାରଯୋଗ୍ୟ ହେବ ନାହିଁ, ତେଣୁ ବହିଟି ଚିରଦିନପାଇଁ ବଞ୍ଚିତ ହେଲା) । ତେଣୁ ଦୁହେଁ ସମାନ ଲକ୍ଷ୍ୟର ଉପାସକ, ସମାନ ନୀତିର ପ୍ରଚାରକ, ଆଉ ସମାନ କର୍ମର ସାଧକ ।

ଅଥଚ, ଉଭୟ ମଧ୍ୟ ଭଲକରି ଜାଣନ୍ତି ଯେ ମୋ ବହିଦ୍ୱାରା ବିଶେଷ କିଛି ଘଟିକାବୁ ଯାଉନି । ମୋର ବହି ଖଣ୍ଡକ ଦ୍ୱାରା ବ୍ରିଟିଶ ଶାସନ ଟଳି ପଡୁନାହିଁ ବା କେତେ ଖଣ୍ଡ 'ଜଗତ ଦର୍ଶନରେ ଜଗନ୍ନାଥ' କେତୋଟି ପାଠାଗାରକୁ ଚାଲିଗଲେ ସମାଜଟା ଓଲଟି ପଡୁ ନଥିଲା, ତେବେ ସୁଦ୍ଧା ସେମାନେ ବହିର ପ୍ରଚାର ବନ୍ଦ କଲେ କାହିଁକି ? କ'ଣ ତାଙ୍କ ଭୟର କାରଣ ?

ତାହା ତାଙ୍କର ପ୍ରକୃତିଗତ-ସହଜାତ ସ୍ୱଭାବ ଓ ଜନ୍ମଗତ ଚରିତ୍ର । ତଦ୍ୱାରା ସେମାନେ ତାଙ୍କର ମୌଳିକତ୍ୱର ଯଥାର୍ଥତା ପ୍ରତିପାଦିତ କରନ୍ତି, ନିଜର ସ୍ୱକୀୟ ବୈଶିଷ୍ଟ୍ୟତାର ପ୍ରମାଣ ବାଢ଼ିଥାନ୍ତି । ସାମ୍ରାଜ୍ୟବାଦ ଯଦି ସ୍ୱାଧୀନତାର ଅପହରଣ, ଅନ୍ୟ ଦେଶର ଶୋଷଣ, ଗଣତନ୍ତ୍ରର ଦମନ ଆଉ ମାନବତା ନିଧନ ଆଦି ନ କରେ, ତେବେ ତା' ନାମ, କାମ ଓ ଚରିତ୍ରରେ ଯଥାର୍ଥତା କେଉଁଠି ? ତା' ପକ୍ଷରେ ସାମ୍ରାଜ୍ୟବାଦ ହୋଇ ରହିବାରେ ଆଉ ସାର୍ଥକତା ବା କଅଣ ?

ଉପରୋକ୍ତ ଦୃଷ୍ଟିକୋଣର ଅନୁଗତ ଲୋକେ, ଧଳା ବଦଳରେ କଳାଙ୍କ ଶୋଷଣ ଅଧିକାର ରକ୍ଷା କରିବା ଯେଉଁମାନଙ୍କ ମତାଦର୍ଶ, ସେହି ମତବାଦୀଗଣ ତାଙ୍କୁ ଅନୁରୂପ ଚରିତ୍ରର ପରିଚୟ ଦେବା ଅତି ସ୍ୱାଭାବିକ । ନୂତନ ଅବସ୍ଥା ଅନୁଯାୟୀ, ସେହି ମତାଦର୍ଶର ପ୍ରଚଳନ ଓ ତାକୁ ବଳିଷ୍ଠ କରିବା ଦିଗରୁ, ଯାବତୀୟ ସାମାଜିକ କୁସଂସ୍କାର, ବଦ୍ଧମୂଳ ଅନ୍ଧବିଶ୍ୱାସ ଓ ଧର୍ମର ସ୍ୱର୍ଗୀୟ ପ୍ରତାରଣା ଆଦିର ପ୍ରୟୋଗ ତାଙ୍କ ପକ୍ଷରେ ଅତି ସାଧାରଣ କଥା । ସେହି ଆବରଣ ତଳେ ମାନବଦ୍ୱାରା ମାନବର ଶୋଷଣକୁ ଯଦି ଆଧ୍ୟାତ୍ମିକ ରୂପ ଦେଇ ଐଶ୍ୱରିକ ଆଶୀର୍ବାଦରେ ସେମାନେ ତାକୁ ଚିରନ୍ତନ କରିବାର ଚେଷ୍ଟା ନ କରନ୍ତି— (ମୋର ପୁସ୍ତକ ଯାହାର ମୂଳୋତ୍ପାଟନ କରେ) ତେବେ ତାଙ୍କ ଜୀବନର ଯଥାର୍ଥତା କେଉଁଠି ?

Digitized by srujanika@gmail.com

ଆଉ କେଉଁଠି ରହିଲା ସେହି ମତାଦର୍ଶର ସମର୍ଥକଗଣଙ୍କ ସ୍ଥିତି, କୀର୍ତ୍ତି ଓ ପ୍ରକୃତିର ସାର୍ଥକତା ?

ଯଦି କେହି ବହି ବଛା କମିଟିଙ୍କ ମତାଦର୍ଶଗତ କାରଣକୁ ଗ୍ରହଣ ନକରେ, ତେବେ ତାକୁ ପ୍ରିୟାପ୍ରୀତି ତୋଷଣ, ବିଚାର ମୂଢ଼ତା ବା ଅର୍ଥଲାଳସା ଆଦି କାହାକୁ ହେଲେଗ୍ରହଣ କରିବାକୁ ହେବ । ସେପରି ନୀତିହୀନ କୁତ୍ସିତ ବିଚାର କ'ଣ ଆମ ବୁଦ୍ଧିଜୀବୀଙ୍କ ଠାରୁ ଆଶା କରାଯାଇପାରେ ? ସେପରି କୌଣସି ପ୍ରମାଣହୀନ ଅଭିଯୋଗକୁ ପ୍ରଶ୍ରୟ ଦେବା ଅର୍ଥ କୁତ୍ସାପ୍ରଚାରକୁ ଯିବା ଏବଂ ତଦ୍ୱାରା ନିଜର ଦୁରଭିସନ୍ଧିର ପରିଚୟ ଦେବା ହେବ ।

ଅତଏବ, ସାହିତ୍ୟିକ ବୁଦ୍ଧିଜୀବୀ ଗଣ,ଯେଉଁମାନେ ମାନବତାର ମୂଲ୍ୟବୋଧ ମହତ୍ୱକୁ ପ୍ରକୃତରେ ପ୍ରତିପାଦନ ଓ ସମ୍ପାଦନ କରିବାକୁ ଚାହାନ୍ତି, ସେମାନେ କ'ଣ ସେଠି ସେଇ ଜୋକଙ୍କର ଅନୁଗତ ସେବକ ଓ ତାଙ୍କ ସ୍ୱାର୍ଥର ବିଶ୍ୱସ୍ତ ରକ୍ଷକ ଭାବରେ ଆପଣାର ମାନବିକ ଲକ୍ଷ୍ୟକୁ ସାର୍ଥକ କରିବେ ? ନିଜ ଜୀବନର ମହତ୍ତ୍ୱକୁ ଚରିତାର୍ଥ କରିବେ ?

ମାନବତା ଦିଗରେ ସର୍ବପ୍ରଥମ ପଦକ୍ଷେପ ହେଲା, ମଣିଷର ସ୍ୱାଧୀନତାର ସନ୍ଧାନ । ପରାଧୀନ ମଣିଷ ପକ୍ଷରେ ମାନବତାର ଆହରଣ ଏକ ବିଡ଼ମ୍ବନା ମାତ୍ର । ଆମେ ସ୍ୱାଧୀନତା ପାଇଛେ ସତ କିନ୍ତୁ ସେହି ସ୍ୱାଧୀନତା ଭିତରେ ମଣିଷ ମଣିଷ ମଧ୍ୟରେ ଖାଦ୍ୟ ଖାଦକର ସମ୍ପର୍କ ପ୍ରତିଷ୍ଠିତ । ବଡ଼ ମାଛ ସାନ ମାଛକୁ ଗିଳୁଛି । କଳା ଧଳା ସବୁ ଜୋକଙ୍କ ପ୍ରାଦୁର୍ଭାବ ବଢୁଛି । ପଦେ କଥାରେ – ମଣିଷ ମଣିଷକୁ ଖାଉଥିଲା ଯାଏଁ ମାନବତାର ସ୍ଫୁରଣ କେଉଁଠି ? ତା'ର ବିଲୋପ ସାଧନ କ'ଣ ଯେକୌଣସି ଜାତି, ଧର୍ମ, ବର୍ଣ୍ଣ ଓ ମତର ପ୍ରକୃତ ମାନବିକତାବାଦୀଙ୍କ ପକ୍ଷରେ ସର୍ବପ୍ରଥମ, ସର୍ବପ୍ରଧାନ ଓ ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ନୁହେଁ ?

ଏହା କ'ଣ କହେ ନାହିଁ : 'ମୁଁ କାହିଁକି ଲେଖେ' ନୁହେଁ, ବରଂ 'ମଣିଷ ମାତ୍ରେ ଲେଖିବେ କାହିଁକି' ?

❑

Digitized by srujanika@gmail.com

ଆଜିର ଦିନରେ
ନବଯୁଗ ସାହିତ୍ୟ ସଂସଦ

ମୋର ପରମ ସୌଭାଗ୍ୟ ଆଜି ନବଯୁଗ ସାହିତ୍ୟ ସଂସଦର ୭୦ତମ ବାର୍ଷିକୀ ପାଳନର ପ୍ରସ୍ତୁତି ଉପଲକ୍ଷେ ମୁଁ ଆଜି ତା'ର ଶେଷ ସ୍ମାରକୀ ଭାବରେ ଆପଣଙ୍କ ଆଗରେ ଉପସ୍ଥିତ । ତା ପୁଣି ଅନନ୍ତ ପଟ୍ଟନାୟକଙ୍କ ୧୮ତମ ଶ୍ରାଦ୍ଧ ଦିବସରେ, ଯିଏ କି ତା'ର ପ୍ରତିଷ୍ଠାତାଙ୍କ ଭିତରୁ ଅନ୍ୟତମ । ଘୋର ଦୁର୍ଭାଗ୍ୟର ବିଷୟ, ସେହି ନବଯୁଗର ସେଦିନର ସେଇ କର୍ତ୍ତା, ଜନ୍ମଦାତା ଓ ତା'ର ବାର୍ତ୍ତାର ବାହକଙ୍କ ମଧ୍ୟରୁ ଆଜି ଆମ ଗହଣରେ ଆଉ କେହି ଜଣେ ନାହାଁନ୍ତି । ଫଳରେ, ସେଇ ସଂସଦର ଲକ୍ଷ୍ୟ, ଆଦର୍ଶ, ଓ ଆଭିମୁଖ୍ୟର ନିର୍ଦ୍ଦେଶକୁ ବର୍ତ୍ତମାନ ଅବସ୍ଥାରେ ଯଥାଯଥ ଭାବେ ଉପସ୍ଥାପିତ କରିବାର ଗୁରୁ ଦାୟିତ୍ୱକୁ ଏଡ଼ିଦେଇ ଯିବା ମୋ ପକ୍ଷେ ସମ୍ଭବ ନୁହେଁ । (ମୋ ଭିତରେ) 'ସଂସଦ'ର ସେଇ ଶେଷ ସନ୍ତକ ଲିଭି ଯିବା ପୂର୍ବରୁ ତା'ର ଯଥାର୍ଥ କର୍ତ୍ତବ୍ୟ ସମ୍ପାଦନ ମୋତେ କରିବାକୁ ହେବ ।

ସାଧାରଣ ସାହିତ୍ୟ ଓ ନବଯୁଗ ସାହିତ୍ୟର ତଫାତ

ଭାଷା ଓ ଭାବ – ସାହିତ୍ୟର ଆତ୍ମା, – ତାହା ଧର୍ମ, ଦର୍ଶନ, ସାହିତ୍ୟ, ରାଜନୀତି, ଅର୍ଥନୀତି ଆଦି ବିଭିନ୍ନ ନୀତି ଓ ବିଦ୍ୟା ଭାବରେ ସମାଜର ଶିରାପ୍ରଶିରାରେ ପ୍ରବାହିତ । ତାହା ସମାଜକୁ ପରିପୁଷ୍ଟ ତଥା ପ୍ରଭାବିତ ଓ ପରିଚାଳିତ କରେ । ସାହିତ୍ୟ ପାଇଁ ସାହିତ୍ୟ ବା ଖାଣ୍ଟି ସାହିତ୍ୟ , ନିରୋଳା ସାହିତ୍ୟ ବୋଲି କିଛି ନାହିଁ । ସାହିତ୍ୟିକମାନେ ହେଉଛନ୍ତି

Digitized by srujanika@gmail.com

ସମାଜର ବିନ୍ଧାଣୀ । ସେ ଦିଗରେ ସଚେତନ ବା ଅଚେତନ ଭାବେ, ପ୍ରଗତି କି ପ୍ରତିକ୍ରିୟା – ଯେଉଁ ପଥ ନେଉନା କାହିଁକି ତାହା ସମାଜ ବହିର୍ଭୂତ ନୁହେଁ । ତେଣୁ ନବଯୁଗ ସାହିତ୍ୟ ସଂସଦ ସର୍ବପ୍ରଥମେ ମଣିଷ ଜୀବନର, ସମାଜର ବିଭିନ୍ନ ବିଭାଗ – ଧର୍ମ, ଦର୍ଶନ, ସମାଜନୀତି, ରାଜନୀତି, ଇତିହାସ ଆଦିକୁ ସାହିତ୍ୟର ପରିସର ଭୁକ୍ତ କରିଛି ଏବଂ ଏକ ସପ୍ତାହ ବ୍ୟାପି ସେଇ ବିଷୟ ଗୁଡ଼ିକୁ ନେଇ ଲିଖିତ ପ୍ରବନ୍ଧ ପାଠ ଓ ଆଲୋଚନା ଚଳାଇଛି । ସେଦିନ ମୋର ପ୍ରବନ୍ଧ ଥିଲା "ସମସାମୟିକ ଇତିହାସର ଗତିଧାରା" । ମୋର ସେଇ ପ୍ରବନ୍ଧ ଉପରେ ସେଦିନ ଆଲୋଚନାରେ ଭାଗନେଇଥିଲେ ଭୂବନାନନ୍ଦ ଦାସ । ଯାହାଙ୍କୁ କହନ୍ତି ଭାରତ ପାର୍ଲ୍ୟାମେଣ୍ଟର ଜନକ (Father of Indian Parliament) । ମୋର କହିବାର କଥା, ଏହିପରି ବୁଦ୍ଧିଜୀବିମାନେ ସେତେବେଳେ ପ୍ରତିଦିନ ସେଇ ସଭାମାନଙ୍କରେ ଭାଗନେଉଥିଲେ । ପ୍ରଖ୍ୟାତ ବୁଦ୍ଧିଜୀବୀ ବୋଇଲେ ସେ ସମୟର ରେଭେନ୍ସା କଲେଜର ପ୍ରଫେସରଙ୍କୁ ବୁଝାଉଥିଲା । ଆଉ ସେ କାଳର ବୁଦ୍ଧିଜୀବୀଙ୍କୁ ଗଢୁଥିଲେ ସେମାନେ । ଅଧିକାଂଶ ସଭାପତିଙ୍କ ଆସନ ସେଇମାନଙ୍କ ଭିତରୁ କେତେକ ଅଳଂକୃତ କରିଥିଲେ । ସନ୍ଧ୍ୟାରେ ସବୁ ଶ୍ରେଣୀର ଲୋକଙ୍କ ଦ୍ୱାରା ସଭାଗୃହ ଭରପୁର ହୋଇଯାଉଥିଲା । ସଭାରେ ସେତେବେଳେ ମାଇକର ପ୍ରଶ୍ନ ନାହିଁ । ସଭାକାର୍ଯ୍ୟ ଚାଲିଥିଲା ପୂର୍ଣ୍ଣ ନିସ୍ତବ୍ଧତା ଭିତରେ । ଏକ ସପ୍ତାହ ଧରି ଏମାନେ କରୁଥିଲେ କ'ଣ ? ସବୁ କ୍ଷେତ୍ରରେ ବିଚାର, ବିତର୍କ ଓ ଆଲୋଚନାର ଗୋଟିଏ ମାତ୍ର ଲକ୍ଷ୍ୟ – "ଏକ ନବଯୁଗର ସନ୍ଧାନ" । ତାହା, ସାହିତ୍ୟିକକୁ ତା'ର ଶକ୍ତି, ତା'ର ସ୍ୱାଭାବ ଓ ଆଭିମୁଖ୍ୟ ବିଷୟରେ ସଚେତନ କରି, ତା' ଆଗରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥୋଇଥିଲା ।

ନବଯୁଗ ସାହିତ୍ୟ ସଂସଦର ଜନ୍ମ ଯେତେ ଆକସ୍ମିକ ବୋଧ ହେଲେବି, ତା ସେଇ କାଳ / ଯୁଗର ସ୍ୱତସ୍ଫୁର୍ତ୍ତ ଆହ୍ୱାନ – ସାହିତ୍ୟର ମାନବିକ ଧର୍ମର ସ୍ୱାଭାବିକ ପ୍ରକାଶ ।

୧୯୩୫ ଏକ ଘଡ଼ିସନ୍ଧି ମୁହୂର୍ତ୍ତ । ଭାରତର ସ୍ୱାଧୀନତା ସଂଗ୍ରାମ ବିପର୍ଯ୍ୟସ୍ତ । ବ୍ରିଟିଶ୍‌ର ଅଖଣ୍ଡ ଶାସନ । ଚର୍ତୁର୍ଦ୍ଦିଗରେ ବ୍ୟାପକ ଦମନ ଲୀଳା । ଦେଶୀୟ ରାଜ୍ୟ ଗଡଜାତମାନଙ୍କରେ ମନମୁଖୀ ଅନ୍ଧାରି ଶାସନ, ଅକଥନୀୟ ଅତ୍ୟାଚାରର ହା ହା କାର ଧ୍ୱନୀ । ମୋଗଲବନ୍ଦୀର ଜମିଦାର, ମୁସ୍ତାଦାର ଓ ସର୍ବରାକାରଙ୍କ ଆଖିବୁଜା ଶୋଷଣ, ଲୁଣ୍ଠନ, ଓ ଉତ୍ପୀଡନର ଅବାଧ ବିସ୍ତାର । ବ୍ରିଟିଶ୍ ଶାସନର ବିଲୋପ ପରେ କଣ ହେବ

Digitized by srujanika@gmail.com

ସେଇ ସ୍ୱାଧୀନ ଭାରତର୍ ରୂପ, ଜନସାଧାରଣଙ୍କ ପ୍ରତି ତାଙ୍କର ପ୍ରଚାରିତ ବାର୍ତ୍ତା ଓ ଅନୁସୃତ ଆଭିମୁଖ୍ୟ– ସମଗ୍ର ମାନବଜାତିର – ଆଉ ମଣିଷର - ମାନବତାର ବିକାଶ ଦିଗରେ ତା'ର ଧର୍ମର ଆହ୍ୱାନ । ସେଇ ଆଶୁ ଓ ଅନ୍ତିମ ଲକ୍ଷ୍ୟର ତାଡ଼ନାରେ ବିକାଶର ଅପରିହାର୍ଯ୍ୟ ଆବଶ୍ୟକତା ଏବଂ ଏକ (ଚେତନଶୀଳ) ଅନ୍ତରାତ୍ମା ଭିତରୁ ଜନ୍ମ ଲଭିଛି "ନବଯୁଗ ସାହିତ୍ୟ ସଂସଦ" ।

ସାହିତ୍ୟ-ଯୁଗ, ଯାହା ସାଧାରଣରେ ପ୍ରଚାରିତ ଓ ପ୍ରଚଳିତ , ତା' ଠାରୁ ନବଯୁଗ ସାହିତ୍ୟ ସଂସଦ ସମ୍ପୂର୍ଣ୍ଣ ଭିନ୍ନ । ମୌଳିକ ଓ ଗୁଣାତ୍ମକ ଭାବେ ପୃଥକ । ସାହିତ୍ୟରେ ଯୁଗର ଧାରଣା ଅତି ସଂକୀର୍ଣ୍ଣ । ଦେଶ ଓ ସମୟ ମଧ୍ୟରେ ସୀମାବଦ୍ଧ । ସେଥିରେ ମଣିଷର କୌଣସି ମୌଳିକ ପରିବର୍ତ୍ତନର ନିର୍ଦ୍ଦେଶ ବା ଆହ୍ୱାନ ନାହିଁ । ସେମିତି ଯେତେ ସାହିତ୍ୟ-ଯୁଗ ବିତିଗଲେ ବି ମଣିଷର ମତିଗତିରେ କୌଣସି ଗୁଣାତ୍ମକ ପରିବର୍ତ୍ତନର ଆସେ ନାହିଁ । ଆମ ସାହିତ୍ୟରେ ଭଞ୍ଜ ଯୁଗ, ରାଧାନାଥ ଯୁଗ, ସତ୍ୟବାଦୀ ଯୁଗ ଆଦି, ଯୁଗ – ସାହିତ୍ୟ ଆଲୋଚନା ଚାଲିଛି । ଏ ସବୁର ଲକ୍ଷ୍ୟ ଓ କାଳ ଓଡ଼ିଶାର ପରିସୀମା ଭିତରେ ଦଶ ପଚାଶ ବା ଶହେ ବର୍ଷ ମଧ୍ୟରେ ସୀମାବଦ୍ଧ । ସେଇଠି ତାଙ୍କ ଆୟୁଷ ସରିଯାଏ । ନିଜ ଦେଶ ଓ ବିଶ୍ୱ ମାନବର ମୁକ୍ତି ଦିଗରେ ତାହା ଅଭିପ୍ରେତ ନୁହେଁ । ଯେତେ ଯୁଗ ଗଲେବି ମଣିଷ ସେହିପରି ଦୁଃଖ ଦୈନ୍ୟ, ଶୋଷଣ କଷଣ, ଭିତରେ ଘାଣ୍ଟି ହେଉଥାଏ । ମଣିଷ ଭିତରୁ ତା'ର ମାନବତା, ସେହିପରି ଶୋଷିତ, ଅପହୃତ ହୋଇ ଚାଲିଥାଏ । ସାହିତ୍ୟ ମାନବତାର ମହନୀୟ ଭାବ କେବଳ ଭାବରେ ହିଁ, ରହିଥାଏ, ଓ ରହିଆସିଛି ଓ ରହି ଆସୁଥିବ – ଯେତେଦିନ ଯାଏ ସାହିତ୍ୟ ଯୁଗର ତାତ୍ପର୍ଯ୍ୟକୁ ଓ ନିଜକୁ ନବୁଝିଛି , ତାକୁ କାର୍ଯ୍ୟରେ ରୂପାୟିତ ନ କରିଛି ।

ଭାରତର ଚିନ୍ତା ରାଜ୍ୟରେ ଯୁଗ ପରିବର୍ତ୍ତନର ଧାରଣା ଅତି ମୌଳିକ । ସତ୍ୟ, ତ୍ରେତୟା, ଦ୍ୱାପର, କଳି ଆଦି ଯୁଗ ଧାରଣା କାଳ କାଳ ଧରି ଚଳି ଆସିଛି । ଏକ ପ୍ରଚଳିତ ଯୁଗର ଧାରଣା, ଅନ୍ୟ ଠାରୁ ମୌଳିକ ଭାବେ ଫରକ । – ଏ ପାର୍ଥକ୍ୟ ମଣିଷ ସମାଜର ପାର୍ଥକ୍ୟ, ସାହିତ୍ୟର ନୁହେଁ । କେଉଁ ସମାଜରେ ସତ୍ୟ, ନ୍ୟାୟ, ନିଷ୍ଠାର ଭାଗ କେତେ, ତା ତାହାହିଁ ଦର୍ଶାଇଥାଏ । ସେହି ଯୁଗର ବ୍ୟାଖ୍ୟା ଅନୁସାରେ ବର୍ତ୍ତମାନଟି ହେଲା କଳିଯୁଗ । ସବୁ କଳହ, ଦ୍ୱନ୍ଦ୍ୱ, ସଂଘର୍ଷ, ଅନ୍ୟାୟ, ଅନୀତି ସକଳ ପ୍ରକାର ଦୁର୍ନୀତି ପାପାଚାରର ଯୁଗ ।

Digitized by srujanika@gmail.com

ସମସ୍ତ ବିଶ୍ୱ ବର୍ତ୍ତମାନ ପରମାଣୁ ଧ୍ୱଂସର ସମ୍ମୁଖୀନ । ମଣିଷକୁ ବଞ୍ଚିରହିବାକୁ ହେଲେ ଏକ ନୂତନ ଯୁଗର ସୃଷ୍ଟି ଏକାନ୍ତ ଅବଶ୍ୟକ , ଯେଉଁଠି ନଥିବ ବର୍ତ୍ତମାନର ଏହି କଳିଯୁଗର ବୀଭତ୍ସ ନାରକୀୟ ତାଣ୍ଡବର ଲୀଳା, ଆଉ ସମଗ୍ର ଜୀବ ଓ ମାନବଜଗତର ନିଶ୍ଚିତ ବିଲୋପରେ ଆତଙ୍କିତ ଭବିଷ୍ୟତ । ସେଇପରି ଏକ ବିକଳ୍ପ ଯୁଗର ସୂଚନା ଦିଏ, ତା'ର ଆଗମନକୁ ଘୋଷଣା କରେ ନବଯୁଗ ସାହିତ୍ୟ ସଂସଦ । ନବଯୁଗ ସାହିତ୍ୟ ସଂସଦର ସେଦିନର ଉଦ୍‌ଘାଟନୀ ସଙ୍ଗୀତର ଆହ୍ୱାନରେ, ସେଇ ନବଯୁଗର ମର୍ମ ଅତି ସ୍ପଷ୍ଟ, ପ୍ରାଞ୍ଜଳ, ସରଳ ଓ ଶାଣିତ ଭାବେ ପ୍ରଚାରିତ –

"ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନ ହରା
ବକ୍ଷ ଶୋଷିତେ ଲକ୍ଷ ଜୀବନେ ଖେଳାଅ ଆଲୋକ ଧାରା ।
ଛିନ୍ନ କରରେ ବନ୍ଧନ ରାଜି କ୍ରନ୍ଦନ ହେଉ ଶେଷ
ଲୁପ୍ତ ହେଉରେ ଜାତି ଉପଜାତି ଖଣ୍ଡିତ ଶତ ଦେଶ ।
ମହାମାନବର ଶଙ୍ଖ ଶବଦେ ଶମୁରେ ଦୁଃଖ ଜ୍ୱାଳା
ଜାଗ ବନ୍ଧନ ହରା.... ।"

ଏ ଆହ୍ୱାନ କୌଣସି ନିର୍ଦ୍ଦିଷ୍ଟ ଦେଶ , ଜାତି କି କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀ ସଂପ୍ରଦାୟ କି ସେପରି ନିର୍ଦ୍ଦିଷ୍ଟ କୌଣସି ସ୍ୱାର୍ଥ ବା ସମୟର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ବିଶ୍ୱ ଜଗତର ସବୁ ବନ୍ଧନ କ୍ରନ୍ଦନର ବିନାଶ, ସବୁ ଜାତି ଓ ଉପଜାତି ଭିତରେ ବିଭେଦର ସମାପ୍ତି ଏବଂ ସବୁ ଦେଶ ଦେଶ ଭିତରେ ପ୍ରାଚୀରର ବିଲୁପ୍ତି – ଏକ ଗୁଣାତ୍ମକ ପରିବର୍ତ୍ତନର ସନ୍ଦେଶ ।

ଆଉ ସେହି ଆଲୋକର ଧାରା ଖେଳାଇବା ଲାଗି ନିଜର ବକ୍ଷ ଶୋଣିତ ଢାଳ,– ଏହା ପୂର୍ବଭଳି କୌଣସି ଏକ ନିର୍ଦ୍ଦିଷ୍ଟ ସାହିତ୍ୟିକ ଯୁଗର ନିର୍ଦ୍ଦେଶ ନୁହେଁ । ଏହା ଏକ ସମ୍ପୂର୍ଣ୍ଣ ନୂତନ ମାନବିକ ଯୁଗର ଆହ୍ୱାନ । ଏହା ହେଲା ସାହିତ୍ୟିକ ଯୁଗ,– ମାନବିକ ଯୁଗ,– ନବଯୁଗ ସାହିତ୍ୟ ସଂସଦ ଭିତରେ ଗୁଣାତ୍ମକ ପାର୍ଥକ୍ୟ ।

ନବଯୁଗ ନିର୍ମାଣ , ନବଯୁଗ ସାହିତ୍ୟର ଲକ୍ଷ୍ୟ ଓ ନୀତି :

ନବଯୁଗ ନିର୍ମାଣ,– ସେହି ସାହିତ୍ୟର ଲକ୍ଷ୍ୟ । ସମାଜରେ ଅର୍ଥନୀତି, ରାଜନୀତି,

Digitized by srujanika@gmail.com

ଦର୍ଶନ, ଧର୍ମ, ସମାଜ ବିଜ୍ଞାନ ଆଦି ଯେତେ ଯେତେ ବିଷୟ ରହିଛି ସେମାନଙ୍କ ମଧ୍ୟରୁ ସାହିତ୍ୟ ଗୋଟିଏ ମାତ୍ର । ନବଯୁଗ ଆଣିବାକୁ ହେଲେ ସେମାନଙ୍କୁ ତାହା ଆପଣାର ଲକ୍ଷ୍ୟରେ ପ୍ରଭାବିତ ଅନୁପ୍ରାଣିତ କରିବାକୁ ହେବ । କେବଳ ନିରୋଳା ସାହିତ୍ୟ ଚର୍ଚ୍ଚା ତାହାର ଲକ୍ଷ୍ୟ ନୁହେଁ । ତେଣୁ ମଣିଷର ଯେତେ ଯେତେ ଅଭିବ୍ୟକ୍ତି ବା ସମାଜରେ ଯେତେ ବିଭାଗ ରହିଛି, ନବଯୁଗ ସାହିତ୍ୟ ସଚେତନ ଭାବେ ଯେତେପାରେ ସେମାନଙ୍କ ଭିତରେ ପ୍ରବେଶର ଚେଷ୍ଟା କରିଛି । ତେଣୁ ପ୍ରାୟ ଏକ ସପ୍ତାହ ଧରି ସେ ସବୁ ବିଷୟରେ ଆଲୋଚନା କରିଛି । ଅନ୍ୟ କୌଣସି ସାହିତ୍ୟିକ ସଂସ୍ଥା ବା ସଭା ପକ୍ଷରୁ ସେପରି ଏକ ଆଲୋଚନା, କେବେ ହୋଇ ନାହିଁ । ସାହିତ୍ୟର ଖାଣ୍ଟି ନିଜସ୍ୱ ରାଜ୍ୟ ଛାଡ଼ି , ଅନ୍ୟମାନଙ୍କ ଭିତରେ ପ୍ରବେଶ କରିବାରେ ଏହା ସର୍ବପ୍ରଥମ ପ୍ରଚେଷ୍ଟା । ତା'ର ପ୍ରଧାନ କାରଣ, ସାହିତ୍ୟର ନିଜସ୍ୱ ଶକ୍ତି, ସ୍ୱଭାବ, ପ୍ରକୃତି ଓ ବୈଶିଷ୍ଟ୍ୟକୁ କେହି ଏପର୍ଯ୍ୟନ୍ତ ବିଚାରକୁ ନେଇ ନାହାଁନ୍ତି । ସେ ନେଇ ସଚେତନ ନୁହଁନ୍ତି କି ତାକୁ ଆଲୋଚନା କରନ୍ତି ନାହିଁ । ସମାଜରେ ବିଜ୍ଞାନ, ଅର୍ଥଶାସ୍ତ୍ର, ଭୂତତ୍ତ୍ୱ, ଜୈବ ବିଦ୍ୟା, ଅନ୍ତରୀକ୍ଷ ବିଜ୍ଞାନ ଆଦି ଯେତେ ସବୁ ବିଦ୍ୟା ରହିଛି, ସାହିତ୍ୟ ଯେ ସେହିପରି ଏକ ବିଦ୍ୟା, ଏହା ଅତି ଭୁଲ୍ ଧାରଣା । ସାହିତ୍ୟ କିନ୍ତୁ ସେମାନଙ୍କ ଠାରୁ ସମ୍ପୂର୍ଣ୍ଣ ରୂପେ, ମୌଳିକ ଭାବେ ପୃଥକ । ସବୁ ଶାସ୍ତ୍ର ବା ବିଦ୍ୟାର ଲକ୍ଷ୍ୟ ନିର୍ଦ୍ଦିଷ୍ଟ । ରୋଗର ନିରାକରଣ, ଚନ୍ଦ୍ରରେ ବସତି ସ୍ଥାପନ, ଅନ୍ତରୀକ୍ଷରେ ଭ୍ରମଣ, ଯନ୍ତ୍ରମାନବ ନିର୍ମାଣ, – କ୍ଲୋନ ଜୀବ ଉତ୍ପାଦନ, ଓ ସର୍ବନାଶୀ ପରମାଣୁ ବିସ୍ଫୋରଣ ଆଦି ବିଭିନ୍ନ ଦିଗରେ ତାହା ନିର୍ଦ୍ଦିଷ୍ଟ । ସେମାନଙ୍କ ସଫଳତାକୁ ଦେଖିଲେ ସାହିତ୍ୟର କ'ଣ ସେହି ସଫଳତା ? ସାହିତ୍ୟ-ବିଦ୍ୟାର ସେହି ସଫଳତା ଜିନିଷଟି କ'ଣ ? ତାହା ହେଲା,–ମନୁଷ୍ୟର ମନୁଷ୍ୟତା, ମାନବ ସମାଜର ମାନବିକତା, ବିଶ୍ୱ ମାନବବାଦକୁ ରୂପାୟିତ କରିବା । । ସାହିତ୍ୟର ସେହି ଅବଦାନ, ମଣିଷ ସମାଜର ଅଗ୍ରଗତି ପଥରେ ବିଭିନ୍ନ ବିଦ୍ୟାରେ ଘଟୁଥିବା ନାସ୍ତିମୂଳକ ବିପଦକୁ – ଅର୍ଥନୀତିରେ ଶୋଷଣର ବିପଦ, ରାଜନୀତିରେ ଶାସନ ଦମନର ବିପଦ, ସମାଜ ବିଜ୍ଞାନରେ କଳହ ଯୁଦ୍ଧ ସଂହାରର ବିପଦ, ଏବଂ ବିଜ୍ଞାନର ବିନାଶର ବିପଦକୁ,– (ଚିର ଦିନ ଲାଗି) ସମସ୍ତ ଅମାନବିକ ଅବସ୍ଥାକୁ ଦୂର କରିପାରେ । ସେହି ବିପଦ ବିଲୋପର ଚରିତ୍ର ଅନ୍ୟ କୌଣସି ବିଦ୍ୟାରେ ନାହିଁ ।

ଅନ୍ୟ ଦିଗରୁ ଦେଖିଲେ, ଦେହରେ ରକ୍ତର ପ୍ରାବହ ଭଳି, ସେହି ସବୁ ବିଦ୍ୟାର

Digitized by srujanika@gmail.com

ପ୍ରକାର ଦ୍ୱାରା ମାନବ ସମାଜ ପ୍ରଭାବିତ ଓ ନିୟନ୍ତ୍ରିତ । ଜୀବନର ପ୍ରତ୍ୟେକଟି ଅଭିବ୍ୟକ୍ତି ଭିତରେ, ମଣିଷର ଇଚ୍ଛା, କାମନା; ଭାବନା ସଜ୍ଞାନରେ ହେଉ ବା ଅଜ୍ଞାନରେ ହେଉ ପ୍ରବେଶ କରେ । ସମାଜରେ ସେଇ ରକ୍ତର ପ୍ରବାହ ଦୋଷଯୁକ୍ତ, ଦୂଷିତ ଥିବା ହେତୁ, ମାନବ ସମାଜ ଆଜି ବ୍ୟାଧିଗ୍ରସ୍ତ । ସାହିତ୍ୟର କର୍ତ୍ତବ୍ୟ ହେଲା, ସମାଜର ପ୍ରତ୍ୟେକଟି ଶିରା ପ୍ରଶିରାରେ ପ୍ରବେଶ କରି ନିଜର ସହଜାତ ସ୍ୱଭାବ / ପ୍ରକୃତି ଦ୍ୱାରା ସେମାନଙ୍କୁ ଆନ୍ଦୋଳିତ , ପ୍ରଭାବିତ ଓ ନୟନ୍ତ୍ରିତ କରିବା । ତାକୁ ତାଙ୍କର ଚିରାଚରିତ ବ୍ୟାଧିରୁ ମୁକ୍ତ କରିବା । ତାହା କରିବାକୁ ହେଲେ ସାହିତ୍ୟିକ ସର୍ବପ୍ରଥମେ ଆପଣାର ସହଜାତ ଚରିତ୍ର – ଶକ୍ତି , ପ୍ରକୃତି ଓ ବୈଶିଷ୍ଟ୍ୟ ପ୍ରତି ସଚେତନ ହେବାକୁ ପଡ଼ିବ । ନବଯୁଗ ସାହିତ୍ୟ ସଂସଦର ଉଦ୍ୟମ ସେ ଦିଗରେ ଯେତେ କ୍ଷୀଣ ସ୍ୱଳ୍ପ ହେଲେ ବି, ତାହା ସେଇ ପୂର୍ବର ସାହିତ୍ୟ-ଯୁଗ / ଜୀବନ ଠାରୁ ଗୁଣାତ୍ମକ ଭାବେ ସ୍ୱତନ୍ତ୍ର । ସର୍ବୋପରି ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକମାନଙ୍କ ପାଇଁ ନବଯୁଗ ସାହିତ୍ୟସଂସଦର ଆଭିମୁଖ୍ୟର ମର୍ମ ଓ ନିର୍ଦ୍ଦେଶ ହେଉଛି :–

୧) ସୌଖିନୀ ସୁଖଭୋଗୀ ସାହିତ୍ୟରୁ – ସଂଗ୍ରାମଶୀଳ ମୁକ୍ତିକାମୀ ସାହିତ୍ୟ

୨) ସ୍ଥିତପ୍ରଜ୍ଞ ମାନବତାରୁ – ଚିର ବିକଶିତ ଅଖଣ୍ଡ ମାନବିକତା

୩) ତେଣୁ ଶସ୍ତା ପୁରସ୍କାର , ଯଶ ଗୌରବ , ଖ୍ୟାତି ସମ୍ମାନ ଲାଳସାରୁ – ବିଶ୍ୱ ମାନବର ସର୍ବୋଚ୍ଚ କଲ୍ୟାଣ ଦିଗରେ ଅଟଳ ସାଧନା ଓ ଆତ୍ମୋତ୍ସର୍ଗର ସଂକଳ୍ପ

ତାହା ହେଲା,– ପୂର୍ବର ଓଡ଼ିଆ ସାହିତ୍ୟ , ପୁରାତନ ଭାବନା ଆଉ 'ଆଧୁନିକ' ସାହିତ୍ୟିକ ପ୍ରଚେଷ୍ଟାରୁ – ଆଗାମୀ ମାନବିକ ଭବିଷ୍ୟତର ନିର୍ମାଣ ଦିଗରେ ଏକ ଗୁଣାତ୍ମକ ପଦକ୍ଷେପ ।

ନବଯୁଗ ସାହିତ୍ୟ ଓ ପ୍ରଗତିଶୀଳ ସାହିତ୍ୟ :

ନବଯୁଗ ସାହିତ୍ୟ ସଂସଦ ସହିତ କେତେ ସ୍ଥଳରେ ପ୍ରଗତିଶୀଳ ସାହିତ୍ୟର କଥା ଉଠିଥାଏ । ସେ ଦୁହେଁ କେହି କାହାର ବିରୋଧୀ ନୁହଁନ୍ତି । ପରସ୍ପରର ପରିପୂରକ । ଆଗକୁ ଯିବାର ଗତି ହେଲା ପ୍ରଗତି, କିନ୍ତୁ ସେଇ ଗତିର ଲକ୍ଷ୍ୟ କ'ଣ ? ସେ ପହଁଞ୍ଚିବ କେଉଁଠି ?

Digitized by srujanika@gmail.com

ତା' ହେଉଛି ନବଯୁଗ । ଯାହା ନବଯୁଗକୁ ଗତି ନ କରେ ତାହା କସ୍ମିନ୍ କାଳେ ପ୍ରଗତି ହୋଇ ନପାରେ । ପ୍ରଗତିର ଚିର ବର୍ଦ୍ଧିଷ୍ଣୁ ପୁଞ୍ଜିଭୂତ ଆଲୋଡ଼ନ, ସାହିତ୍ୟକୁ ନବଯୁଗର ଆହ୍ୱାନ ଦେଲା ବେଳେ, ନବଯୁଗର ଚିରନ୍ତନ ଅନିର୍ବାଣ ଶିଖା ତାର ଗତିର ପଥକୁ ସଦା ଆଲୋକିତ କରୁଥାଏ । ଗୋଟିଏ ମାନବ ମୁକ୍ତିର ତାରା ହେଲେ, ଅନ୍ୟଟି ହେଲା ମାନବ ମୁକ୍ତିର ତରୀ । ଭବ ସାଗର ବକ୍ଷରେ ଝଡ଼ଝଞ୍ଜା ବିଭ୍ରାନ୍ତି ଭିତରେ ପ୍ରଗତିର ତରୀ ପଥ ହରା ହେଲେ ନିର୍ଭୁଲ ପଥର ସନ୍ଧାନ ଦିଏ ସେଇ ଅର୍ନିବାଣ ତାରା – ନବଯୁଗର ସଂକେତ । ପ୍ରଗତି ପଥରେ ବିଚ୍ୟୁତି ଓ ସ୍ଖଳନର ପ୍ରଧାନ କାରଣ ହେଲା ସେଥିପ୍ରତି ଅଙ୍ଗୀକାର ବଦ୍ଧତାର ଅଭାବ । ପ୍ରଗତିଶୀଳ ସାହିତ୍ୟ ଯେତେ ରମଣୀୟ ପ୍ରାଣସ୍ପର୍ଶୀ ହେଲେବି ଅଙ୍ଗୀକାରବଦ୍ଧତାର ସ୍ପର୍ଶବିନା ତାହା ମୌଳିକ ଦୁର୍ବଳତାରୁ ମୁକ୍ତ ହୋଇନପାରେ । ତାହା ଯେତେ ଉର୍ଦ୍ଧ୍ୱକୁ ଉଠିଲେ ବି ତା'ତାହାର ଦୋଦୂଲ୍ୟମାନ ଭାବର ଦୃଷଣକୁ ଦୂର କରି ନପାରେ । ସାମୟିକ ଖ୍ୟାତି, ସମ୍ମାନ ଓ ସ୍ୱାର୍ଥର ପ୍ରଲୋଭନରେ ପ୍ରଗତିର ମତ ଦୋହଲି ଯାଏ, ଏମିତିକି କେବେ କେବେ ଚିରଦିନ ପାଇଁ ପରିତ୍ୟକ୍ତ ହୁଏ । ନବଯୁଗ ପ୍ରତି ଦୃଢ଼ ଦୃଷ୍ଟିର ଅଭାବରେ, ଅନବରତ ଦ୍ୱନ୍ଦ୍ୱର ଶୀକାର ହୁଏ ପ୍ରଗତିଶୀଳ ସାହିତ୍ୟିକ । ଏକ ଦିଗରେ ମଞ୍ଚର ମୋହ ଓ ଆକର୍ଷଣ , ଅପର ଦିଗରେ ଆପଣାର ମତ ପ୍ରତି ମମତା ଓ ନିଷ୍ଠା , ଏ ଦୁହିଁଙ୍କ ମଧ୍ୟରେ ପ୍ରଚ୍ଛନ୍ନ ସଂଘର୍ଷ ନିୟନ୍ତ୍ରଣ କରେ ତା'ର ଜୀବନର ଗତିପଥକୁ । ସେତେବେଳେ ନବଯୁଗ ପ୍ରତି ପ୍ରଗାଢ଼ ଅଙ୍ଗୀକାର ବଦ୍ଧତା ହେଉଛି ଏକମାତ୍ର ସାହିତ୍ୟିକ ସାଞ୍ଜୁ, ଯାହାକୁ କୌଣସି ଶକ୍ତି ଭେଦ କରିବାରେ ସମର୍ଥ ନୁହେଁ ।

ବର୍ତ୍ତମାନ କଳିଯୁଗ,– ତା'ର ଏକମାତ୍ର ବିକଳ୍ପ ସତ୍ୟଯୁଗ । ତା' ବ୍ୟତୀତ ଆଉ କିଛି ହୋଇ ନପାରେ । ଆଉ ତାହାହିଁ ହେଉଛି ନବଯୁଗ । ସେହି ଯୁଗର ବାର୍ତ୍ତାବହ ଓ ଆବାହକ ସାହିତ୍ୟର ଏକ ଚେତନଶୀଳ ପଦକ୍ଷେପ ହେଲା, ସେହି ସଂସଦ । ସତ୍ୟଯୁଗ ହେଲା ସତ୍ୟ, ନ୍ୟାୟ, ନିଷ୍ଠା, ସାମ୍ୟ, ଶାନ୍ତି, ମୈତ୍ରୀ, ପ୍ରୀତି ଆଦିର ପ୍ରଚଳିତ ଧାରା , ମଣିଷର ସର୍ବଶ୍ରେଷ୍ଠ ଭାବନା, କଲ୍ୟାଣ ଓ କାମନାର ସର୍ବୋଚ୍ଚ ବିକାଶର ପଲ୍ଲବିତ ସ୍ତର । ଏପରି ଏକ ସତ୍ୟଯୁଗର ଭାବନା ହିନ୍ଦୁ ଶାସ୍ତ୍ର ପୁରାଣକୁ ଛାଡ଼ି ଦେଲେ ଅନ୍ୟତ୍ର କେଉଁଠି ଥିଲା ବୋଲି ମନେ ହୁଏ ନାହିଁ । ଅନ୍ୟ ସବୁ ଧର୍ମ ଶାସ୍ତ୍ର, ଆତ୍ମା ପରମାତ୍ମା ମିଳନ, ସ୍ୱର୍ଗ ବା ଭଗବାନ ପ୍ରାପ୍ତି, ଆପଣାର ମୁକ୍ତି ଦେଖନ୍ତି ନିଜ ନିଜ ଧର୍ମର ବାଟ ଦେଇ । ସେଦିଗରେ

Digitized by srujanika@gmail.com

କେଉଁ ବାଟ ଭଲ ବା ଶ୍ରେୟସ୍କର, ସେଥିଲାଗି ସେମାନେ ସଦା ହାଣକାଟ, ଦ୍ୱନ୍ଦ୍ୱ ଓ ସଂଘର୍ଷରେ ବ୍ୟାପୃତ । କିନ୍ତୁ ସତ୍ୟଯୁଗର ଭାବନା କାମନାରେ କୌଣସି ବ୍ୟକ୍ତି ଜାତି, ଧର୍ମ, ଦେଶ ବା କାଳର ପ୍ରଶ୍ନ ନାହିଁ । ତାହା ଏକ ସାମାଜିକ ବ୍ୟବସ୍ଥା – ସମସ୍ତ ମଣିଷ ସମାଜ ଲାଗି । ସମଗ୍ର ବିଶ୍ୱର ବାଣୀ । ଯେଉଁ ସମୟର ହେଉନା କାହିଁକି ତାହା ସକଳ ଭେଦାଭେଦର ଊର୍ଦ୍ଧ୍ୱରେ । ସତ୍ୟଯୁଗର ସେଇ ମହାନ୍ ଭାବନା , ଯାହା ଦ୍ୱାରା ହିନ୍ଦୁ ମତବାଦ ସମସ୍ତ ଜଗତ ଜିଣିପାରେ , ସବୁଲୋକଙ୍କୁ ଆପଣା କରିଦେଇ ସତ୍ୟଯୁଗର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିପାରେ, ତାହା ନକରି ଏବେ ହିନ୍ଦୁରାଷ୍ଟ୍ର କାୟମ ଦିଗରେ ଦ୍ୱନ୍ଦ୍ୱ, ସଂଘର୍ଷ, ନର ସଂହାର ସୃଷ୍ଟି କରେ କାହିଁକି ? ଇତିହାସରେ ଆପଣାର ବିଶ୍ୱ ସର୍ବଶ୍ରେଷ୍ଠ ଆଦର୍ଶକୁ ବଳିଦିଏ କାହିଁକି ? କାହିଁକି ତାହା ଅନ୍ୟସବୁ ଧର୍ମାଚାର ଭଳି ନିମ୍ନ ସ୍ତରକୁ ଖସିପଡ଼େ, ସଂକୀର୍ଣ୍ଣତା ଭିତରେ ବୁଡ଼ିଯାଏ,– ଫଳରେ କଳିଯୁଗକୁ ରକ୍ଷା କରେ । ତାହାର ଉତ୍ତର ରହିଛି ସେଇ ସତ୍ୟଯୁଗର ସୃଷ୍ଟି ଭିତରେ ।

ସାମ୍ୟବାଦ ଓ ସତ୍ୟଯୁଗ ଅଭିନ୍ନ :

କାହିଁକି ନା, ସାମ୍ୟ ହେଲା ସତ୍ୟ ଯୁଗର ଭିତ୍ତି । ଅସାମ୍ୟ ଉପରେ ସେଇ ଯୁଗର ପ୍ରତିଷ୍ଠା ଅସମ୍ଭବ । ଅସାମ୍ୟ - ସବୁ ଅନ୍ୟାୟ, ଅନୀତି, ଈର୍ଷା, ଦ୍ୱନ୍ଦ୍ୱ, କଳହ, ସଂଘର୍ଷ ଆଦିକୁ ଜନ୍ମ ଦିଏ, ଉତ୍ସାହିତ ଆଉ ପ୍ରସାରିତ କରେ । ଏଇ କଳିଯୁଗ ହେଉଛି ତା'ର, ପ୍ରତ୍ୟକ୍ଷ ନିଦର୍ଶନ । ହିନ୍ଦୁ ଶାସ୍ତ୍ରର ସେଇ ପୌରାଣିକ କାମନାର ଯଦି କେହି ପ୍ରଧାନ ଶତ୍ରୁ ଥାଏ, ତାହା ହେଲା ହିନ୍ଦୁତ୍ୱ ନାମରେ ବ୍ରାହ୍ମଣ୍ୟବାଦ – ଯିଏ ପିଲାଜନ୍ମ ପୂର୍ବରୁ ମା' ପେଟ ଭିତରେ ଜାତିଭେଦକୁ ଭର୍ତ୍ତି କରିଦିଏ । ସବୁ ଅସାମ୍ୟ ଅନ୍ୟାୟ ଅନୀତି ର ରକ୍ଷକ ଓ ଶୋଷଣର ଜାଗ୍ରତ ପ୍ରହରୀ ହୋଇ ରହିଥାଏ । ସାମ୍ୟ-ଅର୍ଥାତ ସତ୍ୟର ଭାବନାକୁ ସବୁ ଦିଗରୁ ପ୍ରତିହତ କରେ ଅସାମ୍ୟ ସେହି ଅସତ ସମାଜ, ଅମାନବିକ ସାମାଜିକ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବା ବ୍ରାହ୍ମଣ୍ୟବାଦର ଜନ୍ମଗତ ପ୍ରକୃତି । ତାହାହିଁ ତାର ଜୀବନର ଚିରାଚରିତ ସ୍ୱଭାବ ଓ ଏକମାତ୍ର କାମ୍ୟ ।

ସାମ୍ୟ ବିନା ସତ୍ୟ ଶକ୍ତିହୀନ , ଜୀର୍ଣ୍ଣ ଶୀର୍ଣ୍ଣ ତାତ୍ପର୍ଯ୍ୟ ଶୂନ୍ୟ , ସମାଜରେ ସବୁ ଅମାନବୀୟ ଭାବ ଧର୍ମ କର୍ମର ଆକର । ଆବହମାନ କାଳରୁ ସତ୍ୟର ଡାକ ଅହରହ

Digitized by srujanika@gmail.com

ପଡୁଥିଲେ ବି ଅସତ୍ୟର ଉତ୍କର୍ଷ / ଅପକର୍ଷ ବୃଦ୍ଧି ପାଇବାରେ ଲାଗିଛି । ସତ୍ୟର ଡାକ ଏମିତି ପାରି ପାରି ମଣିଷ ସମାଜ ମରିଗଲେ ବି ତାହା କଦାପି ସତ୍ୟଯୁଗର ମୁଖ ଦେଖି ପାରିବ ନାହିଁ । ସେହି ଡାକ ଭିତରେ ରହି, ତାହା ସେହି ଅସତ୍ୟକୁ ହିଁ ଦୃଢ଼ିଭୂତ କରିବାରେ ଲାଗିଥିବ । ଏହା ହେଲା ଏଇ କଳିଯୁଗର ଚରିତ୍ର । ତେଣୁ, ସତ୍ୟ ଯୁଗ ଆଣିବାକୁ ହେଲେ ସାମ୍ୟର ଭିତ୍ତି ଗଢ଼ିବାକୁ ହେବ । ସତ୍ୟଯୁଗର ସେଇ ଭିତ୍ତି ଯୋଗାଇ ଦିଅନ୍ତି କାର୍ଲମାର୍କ୍ସ,– ତାଙ୍କର ମତବାଦ – ସାମ୍ୟବାଦ ଦ୍ୱାରା ।

କଳିକୁ ଶ୍ରେଣୀ ସଂଘର୍ଷର ଯୁଗ ଓ ସତ୍ୟଯୁଗ କୁ ସମାଜବାଦର ଯୁଗ,– ତାଙ୍କୁ ଯେଉଁ ଭାଷାରେ, ଯେଉଁ ନାଆଁ ଦିଅନା କାହିଁକି, ତାଙ୍କର ମୂଳ ଚରିତ୍ର, ଅନୁସୃତ ମାର୍ଗ ଆଉ ଅନ୍ତିମ ଲକ୍ଷ୍ୟ ସମାନ । ସତ୍ୟ ପ୍ରତିଷ୍ଠା ଲାଗି ଯେପରି ଅସତ୍ୟର ନିଧନ ଦରକାର, ସାମ୍ୟର ପ୍ରତିଷ୍ଠା ଲାଗି ସେଇପରି ଅସାମ୍ୟର ବିଲୋପ ଆବଶ୍ୟକ । ଅସାମ୍ୟ ଦ୍ୱାରା ଯେପରି ସତ୍ୟର ପ୍ରତିଷ୍ଠା ନାହିଁ , ସେହିପରି ଅସତ୍ୟ ଦ୍ୱାରା ସାମ୍ୟର ପ୍ରତିଷ୍ଠା ଅସମ୍ଭବ ।

ପୂରାକାଳରେ ଭାରତୀର ସେଇ ମାନବୀୟ ଭାବନା କଳ୍ପନା ଓ କାମନା ଯାହା ସତ୍ୟଯୁଗ ଭାବେ ପ୍ରଚାରିତ, ତାହାହିଁ ମାନବତାର ସର୍ବଶ୍ରେଷ୍ଠ ନିଦର୍ଶନ । ତାହା ଏବେ ବାସ୍ତବତାରେ ରୂପାୟିତ ହୁଏ ସମାଜବାଦ ନାମରେ ।

ସେତେବେଳେ ସେଇ ସତ୍ୟଯୁଗ , ସେଇ ମହାନ ଭାରତୀୟ ଭାବନା, କଳ୍ପନା ଓ କାମନାକୁ ରୂପ ଦେବାରେ ବାସ୍ତବ ଅବସ୍ଥା ନଥିଲା । ତା'ର ଅନୁରୂପ ଅର୍ଥନୈତିକ ସାମାଜିକ ବ୍ୟବସ୍ଥାର ବିକାଶ ଘଟି ନଥିଲା । ତାହା ଅପେକ୍ଷା କରିଥିଲା ପୁଞ୍ଜିବାଦର ବିକାଶ ସହିତ ମାର୍କ୍ସବାଦର ଅଭ୍ୟୁଦୟକୁ । ତେଣୁ ସତ୍ୟଯୁଗ ମର୍ମର ଅମର ସନ୍ଦେଶ, କାଳ କାଳ ଏକ ପବିତ୍ର କାମନାର ଗତାନୁଗତିକ ଡାକ ଭିତରେ ଆତ୍ମ ପ୍ରକାଶ କରି ଚାଲିଛି "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖ ଭାଗ ଭବେତ୍" । ଦ୍ୱାରା କିନ୍ତୁ ତାହା ହେବ କେମିତି ? ସେଇ ସତ୍ୟଯୁଗର ଆଗମନ କିପରି ସମ୍ଭବ ? ଏବଂ କିଏ ହେବ ତାର ସ୍ରଷ୍ଟା ? ତାହା କେହି କହନ୍ତି ନାହିଁ । କି କେବେ କରିନାହାଁନ୍ତି । ତାର ଉତ୍ତର ଦିଏ ଏକମାତ୍ର ମାର୍କ୍ସବାଦ । ସତ୍ୟଯୁଗ ନିର୍ମାଣ ପଥ ପରିଷ୍କାର ହୁଏ କେବଳ ସମାଜବାଦର ଭିତ୍ତି ରଚନା ଓ ତା'ର ବିକାଶ ଦ୍ୱାରା । ତାହା ମଣିଷ ଦ୍ୱାରା ମଣିଷର ଶୋଷଣକୁ ଲୋପକରେ, ତାକୁ ମାନବିକ ଭାବେ ପ୍ରତିଷ୍ଠିତ କରେ । ତାକୁ, ତାର, ସେଇ

Digitized by srujanika@gmail.com

ସମାଜକୁ କ୍ରମବର୍ଦ୍ଧିଷ୍ଣୁ ବିକାଶର ପଥରେ ସର୍ବଦା ବିକଶିତ କରେ । ସତ୍ୟଯୁଗ – ସର୍ବୋଚ୍ଚ ମାନବିକ ଯୁଗ । ମଣିଷ ଉପରେ ଆଉ ଅଧିକ ସତ୍ୟ ବୋଲି କିଛି ନାହିଁ । କିନ୍ତୁ ସତ୍ୟ କଦାପି ସ୍ଥିର ଅଚଳ ନୁହେଁ । ଆଜିର ସତ୍ୟ କାଲିକି ବଦଳି ଯାଇ ପାରେ । ତେଣୁ ତାହା ବିଶ୍ୱ ଭଳି ସଦାସର୍ବଦା ବିକାଶଶୀଳ । ଫରକ ହେଉଛି, ତାହା ସେତେବେଳେ ଚରମ ଅଭାବଗ୍ରସ୍ତ ଦାରିଦ୍ର୍ୟତା ପ୍ରସୂତ ଫଳ ଓ କମନା ହେଲେ, ଏବେ ତାହା ହେବ ଚରମ ବିକଶିତ ପ୍ରାଚୁର୍ଯ୍ୟ ପ୍ରଦତ୍ତ ବାସ୍ତବ ତାର ପରିଣାମ ଓ ନିର୍ମାଣ । ସତ୍ୟର ସେଇ ସ୍ୱଭାବ ହେତୁ ତାହା କଳିଯୁଗକୁ ଲୋପ କରି ସତ୍ୟଯୁଗର ଦ୍ୱାର ଉଦ୍‌ଘାଟନ କରିବା , ତାର ଠିକ୍ ସେହି ଅଗ୍ରଗତିର ପ୍ରକୃତି ହେତୁ , ତାହା ସତ୍ୟଯୁଗର ପ୍ରବାହକୁ କଦାପି ସ୍ଥିର ଅଚଳ ଆବଦ୍ଧ କରି, ତାକୁ ଆବର୍ଜନା ପୂର୍ଣ୍ଣ ଓ ଆବିଳତାର ଆକର ହେବାକୁ ଛାଡ଼ିଦେବ ନାହିଁ ।

କେବଳ ମାର୍କ୍ସବାଦକୁ ଛାଡ଼ିଦେଲେ , ବିଶ୍ୱର ଅନ୍ୟକୌଣସି ଧର୍ମ ଦର୍ଶନ ଓ ମତବାଦ ନାହିଁ , ଯିଏ କି ଏହି ସତ୍ୟ – ମଣିଷ ଦ୍ୱାରା ମଣିଷ ଶୋଷଣର ବିଲୋପ ଓ ତାର ଅପରିହାର୍ଯ୍ୟ ପରିଣତି – ସତ୍ୟଯୁଗ ଏବଂ ତା'ର ନିରବଚ୍ଛିନ୍ନ ଚିରନ୍ତନ ବିକାଶର ପ୍ରବାହର ଧାରାକୁ ପ୍ରକାଶ କରେ । କାରଣ ସେ ସମସ୍ତଙ୍କ ସ୍ଥିତି ରହିଛି, ଗତି ନାହିଁ । ଆର୍ବିଭାବ ଅଛି ତିରୋଧାନ ନାହିଁ । ଜୀବନ ରହିଛି ମୃତ୍ୟୁ ନାହିଁ । ମାର୍କ୍ସର ମତବାଦ ଠିକ୍ ତା'ର ବିପରୀତ,– ବିନା ଗତିରେ ତା'ର ସ୍ଥିତି ନାହିଁ , ବିନା ପ୍ରସ୍ଥାନରେ ତାର ଉପସ୍ଥାନ ନାହିଁ , ବିନା ପରିବର୍ତ୍ତନରେ ତାର ପ୍ରତିଷ୍ଠା ନାହିଁ । ଜୀବନ ମୃତ୍ୟୁର ଚିରନ୍ତନ ପ୍ରକ୍ରିୟା ଭିତରେ ତାହା ସଦା ଅମର – ପଦେ କଥାରେ ବିଲୁପ୍ତିରୁ ବିଲୁପ୍ତି ଅହରହ ପ୍ରବାହ ଭିତରେ ତାର ଆତ୍ମ ପ୍ରକାଶ ଓ ବିକାଶ ।

ମାର୍କ୍ସବାଦକୁ ଛାଡ଼ିଦେଇ, ଯେହେତୁ ଅନ୍ୟ ସବୁ ଦର୍ଶନ ଓ ମତବାଦ ସ୍ଥିର, ସ୍ଥାଣୁ ଓ ଗତିହୀନ , ଆପଣକୁ ଚିରନ୍ତନ ସତ୍ୟ ବୋଲି ଦାବୀ କରନ୍ତି, ତେଣୁ ସେମାନେ କେହି କଳଯୁଗରୁ ସତ୍ୟଯୁଗକୁ ମଣିଷକୁ ଘେନିଯିବାରେ ସମର୍ଥ ନୁହଁନ୍ତି । ସେମାନେ ଗତିକୁ ଆଶ୍ରାକରିବା ବା ପରିବର୍ତ୍ତନକୁ ଆହ୍ୱାନ କରିବା ଅର୍ଥ, ଆପଣାର ଆତ୍ମହତ୍ୟାକୁ ବରଣ କରିବା , ନିଜର ଖାସ୍ ଅସ୍ତିତ୍ୱ ହରାଇବା । ପରିବର୍ତ୍ତନ ଫଳରେ ତାଙ୍କର ସ୍ୱଭାବ , ଶକ୍ତି ଓ ପ୍ରକୃତି ପରିବର୍ତ୍ତିତ ହେବ । ବା ଲୋପ ପାଇବା ସ୍ୱାଭାବିକ । ତେଣୁ ତାହା ନିଜସ୍ୱ ସତ୍ତା ହରାଇ ଅନ୍ୟ ଏକ ସତ୍ତାର ମର୍ମ ବା ରୂପ ଧାରଣ କରେ । ମାର୍କ୍ସବାଦ ସେଇ ଗତି ଓ ପରିବର୍ତ୍ତନ

Digitized by srujanika@gmail.com

ନିୟମକୁ ଆଶ୍ରାକରେ , ଓ ତା' ଉପରେ ପ୍ରତିଷ୍ଠିତ । ବିଶ୍ୱରେ ପରିବର୍ତ୍ତନ ଚାଲିଥିବା ନିୟମ ଓ ଧାରାକୁ ଉଦ୍‌ଘାଟନ କରନ୍ତି କାର୍ଲମାର୍କ୍ସ । ବିଶ୍ୱରେ ଅବିଶ୍ରାନ୍ତ ପରିବର୍ତ୍ତନର ପ୍ରବାହ ଭିତରେ ମାର୍କ୍ସବାଦ କେବେ ମୃତ, ନିଷ୍ପ୍ରୟୋଜନ, ପରିତ୍ୟକ୍ତ ହେବାର ପ୍ରଶ୍ନ ନାହିଁ । କାରଣ ତାହା ସଦା ନୂତନ ନୂତନ କଳେବରରେ ଆତ୍ମ ପ୍ରକାଶ କରେ । ତାକୁ ଠିକଣା ଭାବେ ଦେଖିବା ବୁଝିବା ଏବଂ ନର୍ଭୁଲ ଭାବେ ପ୍ରୟୋଗ କରିବା ଉପରେ ନିର୍ଭର କରେ ନିଜର ସଫଳତା – ବର୍ତ୍ତମାନର ବାସ୍ତବତା ତା'ର ସୁସ୍ପଷ୍ଟ ଦୃଷ୍ଟାନ୍ତ ।

ସେଇ ନବଯୁଗ ଅର୍ଥାତ ସତ୍ୟଯୁଗ ଆଣିବାରେ ଯେଉଁମାନେ ପ୍ରକୃତରେ ଆଗ୍ରହୀ ଓ ସଂକଳ୍ପବଦ୍ଧ ସେମାନଙ୍କ ପକ୍ଷରେ ମାର୍କ୍ସବାଦର ଅନୁଶୀଳନ ଓ ତା'ର ସବିଶେଷ ଆଲୋଚନା ଏକାନ୍ତ ପ୍ରୟୋଜନ । କାହିଁକି ନା ମାର୍କ୍ସବାଦ ବ୍ୟତୀତ ସତ୍ୟଯୁଗକୁ ଯିବାର ଅନ୍ୟକୌଣସି ବାଟ ନାହିଁ । ଆଉ ସବୁ ବାଟ ତା'ର ବିରୋଧ ଦିଗରେ ଉଦ୍ଦିଷ୍ଟ । ଆଉ ସେଇ ମାର୍କ୍ସବାଦର ଉପଲବ୍ଧି ଓ ତା'ର ପ୍ରୟୋଗ ଯଦି ଦୋଷଯୁକ୍ତ, ପ୍ରମାଦପୂର୍ଣ୍ଣ ହୁଏ , ତେବେ ତାହା ଶେଷରେ ଘୋର ବିପର୍ଯ୍ୟୟକୁ ହିଁ ବରଣ କରିବ । ପରିଣତି ଭୟାଭୟ ହେବା ସ୍ୱାଭାବିକ । ବର୍ତ୍ତମାନର ବାସ୍ତବ ଅଭିଜ୍ଞତା ତା'ର ସଦ୍ୟ ଦୃଷ୍ଟାନ୍ତ,– କିପରି ୭୦ବର୍ଷ କାଳ ପ୍ରତିଷ୍ଠିତ ସୋଭିୟତ ୟୁନିୟନ ଭାଙ୍ଗିପଡ଼ିଛି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଗଠିତ ୟୁରୋପୀୟ ସମାଜବାଦୀ ରାଷ୍ଟ୍ର ଗୋଷ୍ଠୀ ତା ସହିତ ଲୋପ ପାଇଛନ୍ତି । ତା' ପଛକୁ କମ୍ୟୁନିଷ୍ଟ ଚୀନରେ ଚାଲିଛି ବ୍ୟକ୍ତିଗତ ପୁଞ୍ଜିର ପ୍ରସାର, ବିଲୁପ୍ତ ପୁଞ୍ଜିର ବିକାଶ । କ୍ୟୁବା ଭଳି ରାଷ୍ଟ୍ର ଜବରଦସ୍ତ ତିଷ୍ଠି ରହିଥିଲେ ବି, 'ଆଗେ ସାରା ବିଶ୍ୱର ଭବିଷ୍ୟତ ସମାଜବାଦ' ବୋଲି ଯାହା ଲୋକମୁଖରେ ଶୁଣାଯାଉଥିଲା, ସର୍ବତ୍ର ପ୍ରଚାରିତ ହେଉଥିଲା, ଏବେ ତାର ସାମାନ୍ୟ ସୂଚନା ମିଳେ ନାହିଁ । ଆଗେ କମ୍ୟୁନିଷ୍ଟ ଓ ସୋସାଲିଷ୍ଟ ପାର୍ଟି, ଯେଉଁମାନେ ମାର୍କ୍ସବାଦକୁ ଦୃଢ଼କରି ଧରିଥିଲେ ସେମାନେ ଆଜି ବହୁଧା ବିଭକ୍ତ, ପ୍ରତ୍ୟେକ ଦାବୀ କରନ୍ତି ତାଙ୍କର ପ୍ରଚାରିତ ମାର୍କ୍ସବାଦ, ତା'ର ପ୍ରୟୋଗ ଏବଂ ତା'ଙ୍କ ପ୍ରଦର୍ଶିତ ମାର୍ଗ ହିଁ ପୁରାପୁରି ଠିକ୍ ଓ ଦୋଷଶୂନ୍ୟ, ସମ୍ପୂର୍ଣ୍ଣ ନିର୍ଭୁଲ , ଆଉ ନିର୍ଭରଯୋଗ୍ୟ ।

ମାର୍କ୍ସବାଦକୁ, ସର୍ବଶ୍ରେଷ୍ଠ ବୈଜ୍ଞାନିକ ତତ୍ତ୍ୱ , ପୁଞ୍ଜିବାଦର ଅପ୍ରତିଦ୍ୱନ୍ଦୀ ବିକଳ୍ପ, ଏବଂ ମାନବତାର ସର୍ବୋଚ୍ଚ ବିକାଶ ବୋଲି ଯେତେ କହିଲେ ବି, ବାସ୍ତବ କ୍ଷେତ୍ରରେ ବର୍ତ୍ତମାନ ତାହା ଅବାସ୍ତବ ବୋଲି ପ୍ରଚାରିତ । ପୁନର୍ବାର ଏବେ ବିଶ୍ୱରେ ପୁଞ୍ଜିବାଦର ଅଖଣ୍ଡ ଆଧିପତ୍ୟ ।

Digitized by srujanika@gmail.com

ରାଜନୀତିକ , ଆର୍ଥିକ, ସାମରିକ , ପରମାଣୁ ବିଜ୍ଞାନ , ଅନ୍ତରୀକ୍ଷ ବିଦ୍ୟା , ବିଶ୍ୱର ଯେକୌଣସି କ୍ଷେତ୍ରରେ କେହି ଆମେରିକାର ସମକକ୍ଷ ନୁହଁନ୍ତି । ଚର୍ତୁଦିଗରେ ତା'ର ଅଖଣ୍ଡ ଆଧିପତ୍ୟ ଓ ଅବାଧ ଶୋଷଣର ବିସ୍ତାର । ତା'ର ଲକ୍ଷ୍ୟ ଓ ଡାକ ହେଲା – ନିଜ ଜୀବନକୁ ଭୋଗ କର । ଯେତେ ପାଉଛ କିଣ । ପଇସା ନଥିଲେ ଋଣ କର । ତା'ର ନାମ ହେଉଛି ଉପଭୋକ୍ତାବାଦ । ତାର ସେଇ ପ୍ରଚାରରେ ଗଗନ ପବନ ଆଜି ମୁଖରିତ । ଆମେରିକା – ବହୁରାଷ୍ଟ୍ରୀୟ ପୁଞ୍ଜି ସେଇ ଋଣ ମଧ୍ୟ ଯୋଗାଇ ଦେବାରେ ତତ୍ପର । ସେ ଦିଗରେ ତା'ର ସର୍ତ୍ତ ହେଲା – ତମର ସ୍ୱାଧୀନତା, ସାର୍ବଭୌମତ୍ୱକୁ ବନ୍ଧାଦିଅ । ଆମ କଥା ମାନି, ଆମରି ନିର୍ଦ୍ଦେଶରେ ଚାଲ । ତମର ଅର୍ଥନୀତି ରାଜନୀତି ସମାଜନୀତି ଆଦିକୁ ଆମ ରୂପରେ, ଆମରି ଢାଞ୍ଚାରେ ରୂପାୟିତ କର ।

ଆଜି ଆମେରିକା (ବହୁରାଷ୍ଟ୍ରୀୟ ପୁଞ୍ଜି), ସାରା ବିଶ୍ୱର ନେତା ଓ ନିୟନ୍ତା ରୂପରେ ଦେଖାଦିଏ । ଜଗତୀକରଣ, ଘରୋଇକରଣ ଓ ଉଦାରୀକରଣ ହୁଏ – ତା'ର ସେଇ ଘୋଷିତ ନୀତି , ପ୍ରଦର୍ଶିତ ପଥ ଆଉ ଆଦେଶିତ କର୍ମ । ଜଗତୀକରଣର ପ୍ରକୃତ ଚରିତ୍ର ତା'ର ପକ୍ରିୟା ଓ ପରିଣତି, ଯିଏ ଯାହା ଯେତେ ପ୍ରଚାର କଲେ, କହିଲେ ବି ସ୍ପଷ୍ଟ ହୋଇ ଉଠେ, ଜାତିସଂଘର ରିପୋର୍ଟରେ । ତା'ର ରିପୋର୍ଟ (Equality Predicament) 'ଅସାମ୍ୟର ସଙ୍କଟ' କୁହେଯେ, (ଟାଇମସ୍ ଅଫ ଇଣ୍ଡିଆ ୨୮/୦୮/୨୦୦୫) ୧୯୯୦, ଅର୍ଥାତ ଜଗତୀକରଣ ଆରମ୍ଭ ଦିନୁ ଦେଶ ଭିତରେ ଓ ଦେଶ ଦେଶ ମଧ୍ୟରେ ଦରିଦ୍ର ଓ ଧନୀର ପାର୍ଥକ୍ୟ ବୃଦ୍ଧି ପାଇବାରେ ଲାଗିଛି । ଥିଲା ନ ଥିଲା ଲୋକ , ବିକଶିତ ଓ ବିକଶଶୀଳ ଦେଶଙ୍କ ଭିତରେ ତାହା ଘଟୁଛି । ସେଥିରେ ଭାରତ ମଧ୍ୟ ରହିଛି । ତାହା ମଧ୍ୟ ହିଂସା, ସଂତ୍ରାସବାଦ ବୃଦ୍ଧିର କାରଣ । ସେଇ ବ୍ୟତିକ୍ରମ, ଅସାମ୍ୟକୁ ନ ରୋକିଲେ ସନ୍ତ୍ରାସବାଦର ହ୍ରାସ ନାହିଁ ।

ଅର୍ଥନୈତିକ ସାମାଜିକ ଅସମତା ହେଲା ତା'ର ମୂଳ କାରଣ । ତା' କହେ ଯେ, ସମଗ୍ର ବିଶ୍ୱର ଛଅ ଶହ କୋଟି ଲୋକଙ୍କ ମଧ୍ୟରୁ ଶହେକୋଟି ଲୋକ ବିଶ୍ୱର ମୋଟ ଘରୋଇ ଉତ୍ପାଦନର (ଡୋମେଷ୍ଟିକ୍ ପ୍ରଡକ୍ସନ୍ର) ୮୦ ପ୍ରତିଶତ ଅଧିକାରୀ ହେଲାବେଳେ, ବାକି ୫୦୦ କୋଟି ଲୋକ ହେଲେ, ଅବଶିଷ୍ଟ ୨୦ ପ୍ରତିଶତ ଘରୋଇ ଉତ୍ପାଦନରେ ଭାଗିଦାର । ଏ ବିଚାର କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନର ନୁହେଁ । ତାହା ଖୋଦ

Digitized by srujanika@gmail.com

ଜାତିସଂଘର ଗବେଷଣାର ନୂତନ ସିଦ୍ଧାନ୍ତ । ସେଇ ସିଦ୍ଧାନ୍ତ ଅନୁଯାୟୀ ସବୁ ଅସାମ୍ୟ, ଦାରିଦ୍ର୍ୟ, ହିଂସା ଓ ସନ୍ତ୍ରାସ ବା ଆତଙ୍କବାଦକୁ ସୃଷ୍ଟି କରିବା ଓ ଜନ୍ମଦେବା ହେଲା ଜଗତୀକରଣର ଚରିତ୍ର । ତା'ର ସେଇ ପ୍ରକ୍ରୀୟା ହେଲା ତାକୁ ବ୍ୟାପକ ଓ ପ୍ରସାରିତ କରିବା । ଏହାର ଏକମାତ୍ର ପରିଣତି ହେଲା – ବର୍ତ୍ତମାନର ସେଇ ବ୍ୟବସ୍ଥା ଦିନକୁ ଦିନ ଅଧିକ ଦୃଢ଼ିଭୂତ ଘନିଭୂତ,– ତାହା ପ୍ରତିକାରହୀନ ଓ ସମାଧାନ ଶୂନ୍ୟ ହୁଏ । ତା'ର ଭୟାଭହ ରୂପର ବିକଟାଳ ମୁଖ ସମସ୍ତଙ୍କୁ ଗ୍ରାସିବାରେ ଉଦ୍ୟତ । ଜଗତୀକରଣର ସେଇ ଉଗ୍ର ରୂପ ହେଲା,– କଳିକାଳର ପ୍ରତିରୂପ କଳିଯୁଗ ଆତ୍ମପ୍ରକାଶ କରେ ଜଗତିକରଣ ଭାବରେ । ସର୍ବୋଚ୍ଚ ସଭ୍ୟତା ଭାବରେ ସେଇ କାଳ ହେବ,– ଚିରକାଳ,– କଳିକାଳ ମଣିଷ ଭାଗ୍ୟର ଲିଖନ, ଭୋଗବାଦର ଅପରିହାର୍ଯ୍ୟ ପରିଣତି ।

ମାନବ , ମାନବତାବାଦ ଓ ସାହିତ୍ୟ :

ସତ୍ୟ ହେଉ ବା କଳି ହେଉ , ସାମ୍ୟ ହେଉ ବା ଅସାମ୍ୟ ହେଉ, ବିନା ମାନବରେ ଯୁଗ ନାହିଁ, କି ବିନା ସାହିତ୍ୟରେ ମାନବ ନାହିଁ । ସାହିତ୍ୟ ଯେପରି ମନୁଷ୍ୟର ଭାବ ପ୍ରକାଶନର ମାଧ୍ୟମ, ଯୁଗ ସେହିପରି ମଣିଷର କର୍ମ ସାଧନାର ଜନ୍ମକାଳ । ଏହା ବାହାରେ ମଣିଷର ସ୍ଥିତି ନାହିଁ । ତେଣୁ ଯୁଗ ଭିତରେ ମଣିଷ ଆପଣାକୁ ସାବ୍ୟସ୍ତ କରେ ତାର ଭାବ ଓ କର୍ମ ଦ୍ୱାରା । କଳିଯୁଗର ବିଧାତାଗଣ ତାକୁ ଯେତେ ସୁବର୍ଣ୍ଣ ରୂପରେ ସଜାଇଲେ ବି ତା'ର କରାଳ ତାଣ୍ଡବ କାଣ୍ଡରୁ ମଣିଷର ନିସ୍ତାର ନାହିଁ । ତାହା ହିଁ ତା'ର ସ୍ୱାଭାବିକ ପ୍ରକୃତି । ତେଣୁ କଳିକାଳର ସେହି ତାଣ୍ଡବ ଗୌରବ କ'ଣ ମଣିଷର ଭାଗ୍ୟର ଲିଖନ ? ସେଥିରୁ କ'ଣ ତା'ର ଉଦ୍ଧାର ନାହିଁ ? ଠିକ୍ ତାହାହିଁ ଘୋଷଣା କରନ୍ତି ମଣିଷ ଭାଗ୍ୟ ବିଧାତା ଗଣ ।

ପ୍ରବଳ କ୍ରୋଧ ଓ ଘୃଣାର ସହ ତାକୁ ପ୍ରତ୍ୟାଖାନ କରେ ସାହିତ୍ୟ । କାରଣ ମଣିଷକୁ ମାନବତ୍ୱ ପ୍ରଦାନ କରିବା ସାହିତ୍ୟର ନିଜସ୍ୱ ଚରିତ୍ର, ସ୍ୱାଭାବିକ ଧର୍ମ, ସର୍ବୋଚ୍ଚ ଲକ୍ଷ୍ୟ । ତାକୁ ଭୁଲିଯିବା, ଏଡ଼ିଦେଇଯିବା, ବା ଅସ୍ୱୀକାର କରିବା ପଥରେ ଅଗ୍ରସର ହେବା ଅର୍ଥ ସାହିତ୍ୟ ପକ୍ଷରେ ଆପଣାର ଆତ୍ମହତ୍ୟାକୁ ବରଣ କରିବା ।

ମଣିଷ ଦିନେ ନର ଖାଦକ ଥିଲା । ପୁରାଣରେ ବର୍ଣ୍ଣିତ ରାକ୍ଷସ ହେଲେ ତା'ର

Digitized by srujanika@gmail.com

ନିଦର୍ଶନ । ଉତ୍ପାଦନର ଆରମ୍ଭ ଓ ବୃଦ୍ଧି ସହିତ କାଳକ୍ରମେ ଖାଦକ ମାନେ ଶୋଷକରେ ପରିଣତ ହେଲେ । ତାହା ଏବେ ଅଧିକ ଫଳପ୍ରଦ, ଲାଭଦାୟକ ଓ ବିକାଶମୂଳକ । ମଣିଷକୁ ମାରିବା ପରିବର୍ତ୍ତେ ତାକୁ ଦାସ କରିବା , ଗୋଟାସୁଦ୍ଧା ତାକୁ ବ୍ୟବହାର କରିବା ଏବଂ ତା ପଛକୁ କ୍ରୀତଦାସ, ଭୂଦାସ, କରଦାସ ବା ଆଜ୍ଞାଦାସ ଆଦି ବିଭିନ୍ନ ରୂପରେ ତାହା ପ୍ରକାଶ ପାଇଛି । ମେସିନ୍ ଯନ୍ତ୍ର ଆଦି ଆସିବାରେ ଶ୍ରମର ଶୋଷଣ ପ୍ରଣାଳୀରେ ପରିବର୍ତ୍ତନ ଆସିଛି । ବିଶ୍ୱବ୍ୟାପୀ ଗୋଟିଏ ବିରାଟ ଶ୍ରମିକ ଶ୍ରେଣୀ ସୃଷ୍ଟି ହୋଇଛି । ଏବେ ବିଜ୍ଞାନ , ପ୍ରଯୁକ୍ତି ବିଦ୍ୟା ଓ ଜ୍ଞାନ-କୌଶଳର କର୍ମ ବର୍ଦ୍ଧିଷ୍ଣୁ ବିକାଶ ଫଳରେ ଶୋଷଣ, ଶୋଷିତ, ଶୋଷକଙ୍କ ଚେହେରା ଓ ରୂପରେ ପରିବର୍ତ୍ତନ ଘଟୁଛି । ଆଗର ହାଡ଼ ଭଙ୍ଗା ଖଟଣି ପରିବର୍ତ୍ତେ ମଣିଷ ଏବେ ସହଜରେ ବୋତାମ ଟିପି ଉତ୍ପାଦନ କରିପାରେ । ସେ ନିଜେ ଗାଡ଼ିମଟର ଚଢ଼ି ଆସେ । କୋର୍ଟ ପ୍ୟାଣ୍ଟ ଟାଇ ପିନ୍ଧି ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି କାମକରେ । ପ୍ରକୃତ ମାଲିକ କିଏ , ସେ କେଉଁ ଦେଶର , ସେ କେଉଁ କୋଣରେ ରୁହେ , ତା ସହିତ ଭେଟ ହେବାତ ଦୂରର କଥା, ତାର ନାଁ, ଜାଣିବା କଷ୍ଟକର । ସେ କେବଳ ତା'ର କମ୍ପାନୀକୁ ଜାଣେ । ସିଏ ହେଲା ସେମାନଙ୍କ ପାଖରେ ଜଣେ ଶ୍ରମ ବିକ୍ରେତା । ଯେତେ ଅସମ୍ଭବ ମନେ ହେଲେ ବି ତାହା ଏକ ବାସ୍ତବତା । ଏବେ ଆମ ରାଜ୍ୟରେ ଗୋଟି ଶ୍ରମିକଙ୍କ ଠାରୁ ସେହି ସାହେବୀ ଶ୍ରମିକ ଯାଏଁ, ବିଶ୍ୱରେ ସବୁ ସ୍ତରର ସବୁ କିସମ ଶୋଷଣର ଲୋକ ଅଛନ୍ତି । ଅକଳନ ତାଙ୍କର ସଂଖ୍ୟା ।

ଗୋଟି ଶ୍ରମିକ ମଣିଷ ଭଳି ଚଳେ ନାହିଁ କି ମଣିଷ ଭାବେ ଗଣା ହୁଏ ନାହିଁ । ସେହିପରି, ଚଳନିରେ ଅତ୍ୟୁଚ ମଣିଷରେ ଗଣ୍ୟଲୋକ ବି ସଂପୂର୍ଣ୍ଣ ଅମଣିଷ । କାରଣ, ସେମାନେ ଜୀବନ କାଟନ୍ତି ଅମଣିଷ ଭାବେ । ସେମାନେ ଦେଖନ୍ତି ନାହିଁ ଯେ ଆଜି ସମଗ୍ର ବିଶ୍ୱ ଉପରେ ପରମାଣୁ ଧ୍ୱଂସର ଶତାଗ୍ନି ଉତ୍ତୋଳିତ, କେବଳ ସମଗ୍ର ମାନବ ସମାଜକୁ ଶୋଷିବା ଲାଗି । ଯେଉଁ ବହୁରାଷ୍ଟ୍ରୀୟ ପୁଞ୍ଜିଙ୍କ ପାଖରେ ମଣିଷ ଆପଣାକୁ ବିକ୍ରୟ କରେ, ତା'ର ଆଖିରେ ପଡ଼େନାହିଁ ଯେ, ତାରସେହି ଅଟ୍ଟାଳିକା ତଳେ ଝୁମ୍ପୁଡ଼ି ପଟିର ଧାଡ଼ି, ଅନାହାରୀ ଲୋକଙ୍କ ନିତିଦିନିଆ ପଟୁଆର । ମଣିଷ ଆଗ ଭଳି ଲୁହା ଶିକୁଳିରେ ବନ୍ଧା, ଚାବୁକ୍‌ଖିଆ ଦାସ ବା ଆଖିଦେଖା ଖର୍ଦ୍ଦି ବିକ୍ରିର ସାମଗ୍ରୀ ନୁହେଁ ସେ, ଯେତେ ଅର୍ଥ ଉପାର୍ଜନ କରି, ଯେତେ ପ୍ରକାର ଆଧୁନିକ ଅୟସର ଅଧିକାରୀ ହେଲେ ବି , ସିଏ ହୁଏ ପଶୁ ପକ୍ଷୀଙ୍କ

Digitized by srujanika@gmail.com

ଭଳି ଜୀବନ ସର୍ବସ୍ୱ । ଅନ୍ୟ ଜୀବନ ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ । ଅନ୍ୟମାନେ ମଲେ ଗଲେ ବା ବିଶ୍ୱ ଧ୍ୱଂସ ମୁଖକୁ ଗତିକଲେ ବି ଏମାନେ ସେଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନ , ତିଳେ ହେଲେ ଚିନ୍ତିତ କି ବିବ୍ରତ ନୁହଁନ୍ତି,– ପ୍ରକୃତ ମାନବ ଜୀବନର ବହୁ ଦୂରରେ । ତା' କାନରେ ପଡେ ନାହିଁ ମଣିଷର ଆର୍ତ୍ତନାଦ । ପ୍ରବଳ ଅର୍ଥଲାଳସା ଓ ବିଳାଶର ମୋହରେ ସେ ଆପଣାର ଶରୀରକୁ କେବଳ କ୍ଷୁନ୍ନ କରେ ନାହିଁ , ଆପଣାର ମାନବିକ ପ୍ରବୃତ୍ତିକୁ ମଧ ହତ୍ୟାକରେ । ସେ ଆରାଧନା କରେ ଆପଣାର ଜୀବନ ବୈକୁଣ୍ଠ ଭୋଗବାଦ ଓ ଭାଗ୍ୟବାଦକୁ ।

ଏବେ ମଣିଷ-ଶୋଷଣର ମାର୍ଗ ଯେତେ ସୂକ୍ଷ୍ମ ସୁନ୍ଦର ସରଳ ଓ ସୁରୁଚି ସମ୍ପନ୍ନ ହେଲେ ବି ତାହା କାର୍ଯ୍ୟତଃ ମାନବତାର ଅପହରଣର ଏକ ପ୍ରଚ୍ଛନ୍ନ ଆବରଣ ମାତ୍ର । ତାର ସେହି ସଭ୍ୟତା, ମାନବ-ଜୀବନ ସଭ୍ୟତାର ଉର୍ଦ୍ଧ୍ୱରେ ନୁହେଁ । ତାହା ଯେତେ ଉର୍ଦ୍ଧ୍ୱକୁ ଉଠୁନା କାହିଁକି , ତାହା ପାଶବ ଜୀବନର ଲକ୍ଷଣ । ତାହାହିଁ ତାର ପ୍ରକୃତିର ସ୍ୱାଭାବିକ ପ୍ରକାଶ ।

ମାନବବାଦର ଗତି – ଅବାରିତ ଅପ୍ରତିହତ :

ନଦୀ ଗିରିକନ୍ଦରରୁ ବାହାରି ସାଗରରେ ମିଶନ୍ତି । ତାଙ୍କର ଗନ୍ତବ୍ୟ ପଥରେ ପାହାଡ଼ , ପ୍ରାନ୍ତର , ଡଙ୍ଗର, ଜଙ୍ଗଲ ଯେତେ ବାଧାବିଘ୍ନ ଥାଉନା କାହିଁକି, କେହି ତାଙ୍କର ଗତିରୋଧ କରି ପାରନ୍ତି ନାହିଁ । ସେ ସବୁ ଅତିକ୍ରମ କରିବା ତା'ର ସ୍ୱାଭାବିକ ଧର୍ମ । ତାହା ବିନା ସାଗର ସହିତ ତା'ର ସଙ୍ଗମ ଅସମ୍ଭବ ,– ଯାହାକି ପ୍ରକୃତିର ନିୟମର ବିରୁଦ୍ଧ । ଠିକ୍ ସେହିପରି ମଣିଷର ବିକାଶର ପ୍ରବାହର ଧାରା । ମଣିଷ ପଶୁସ୍ତରରୁ ଉପରକୁ ଉଠିଲା ମାତ୍ରେ ତାହା କ୍ରମାଗତ ଭାବେ ପ୍ରତ୍ୟେକ କ୍ଷେତ୍ରରେ ପଶୁଠାରୁ ଆପଣାକୁ ଅଧିକ ଅଧିକ ପୃଥକ କରିବାରେ ଲାଗିଛି । ତାହା ସଦା ସର୍ବଦା ଅଗ୍ରସର ହୋଇ ଚାଲିଛି ମାନବତାର ସର୍ବୋଚ୍ଚ ଶିଖରକୁ , ଯେଉଁଠି ଉତ୍ତୁଙ୍ଗ ଶିଖର ରୂପାୟିତ ହୁଏ ମାନବତାର ଅତଳ ସାଗରରେ । ସେହି ମହାସାଗରରେ ଆପଣାକୁ ମିଶେଇ ଦେବା ହେଲା ତାର ସ୍ୱାଭାବିକ ଧର୍ମ । ସେ ଦିଗରେ ସମସ୍ତ ବାଧା ପ୍ରତିବନ୍ଧକ ଦୂର କରିବାରେ ମଣିଷ ପ୍ରତି ପଦେପଦେ ମାନବତାର ଶତ୍ରୁମାନଙ୍କ ପ୍ରଚଣ୍ଡ ଆକ୍ରମଣର ସମ୍ମୁଖୀନ । ସେମାନଙ୍କ ସେହି ଆକ୍ରମଣ ଯେତେ କ୍ରୂର ,

Digitized by srujanika@gmail.com

କଠୋର , ରକ୍ତାକ୍ତ ଆତ୍ମ ଧ୍ୱଂସାତ୍ମକ ହେଲେ ବି ମଣିଷର ସେହି ଗନ୍ତବ୍ୟ ପଥ ରୋଧକରିବାରେ ସମର୍ଥ ହୀନ । ମାନବତା ଦିଗରେ ତାର ଗତି ସଦା ଅପ୍ରତିହତ । ମାନବତ୍ୱ ଯେପରି ମଣିଷର ସହଜାତ ସ୍ୱଭାବ, ବିଶ୍ୱମାନବ ସାଗରରେ ଲୀନ ହେବା ସେଇପରି ତାର ପ୍ରାକୃତିକ ପରିଣତି । ତା'ର ପ୍ରତିହନ୍ତାମାନଙ୍କର ନିଧନ ମଧ୍ୟ ସେହିପରି ନିୟମର ନିର୍ଦ୍ଦେଶ ।

ମଣିଷର ଜନ୍ମ କାଳରୁ ମାନବତାର ପ୍ଲାବନ ପର୍ଯ୍ୟନ୍ତ,– ତାର ସେଇ ପ୍ରାକୃତିକ ପ୍ରବାହ ଭିତରେ ସେ ସଦାସର୍ବଦା ଅସଂଖ୍ୟ ପ୍ରତିବନ୍ଧକକୁ ଭେଟିଛି । ତାକୁ ପ୍ରତିହତ କରିବାରେ ସେ ଅଗଣିତ ତତ୍ୱ ଦର୍ଶନ ଓ ମତବାଦ ସୃଷ୍ଟି କରିଛି । ସେ ସମସ୍ତଙ୍କର ସର୍ବଶେଷ ପରିଣତି – ଦୁଇ ମତବାଦରେ – ସାମ୍ୟବାଦ / ସମାଜବାଦ ଏବଂ ପୁଞ୍ଜିବାଦ / ସାମ୍ରାଜ୍ୟବାଦ । ସାରା ବିଶ୍ୱରେ ସେମାନେ ପରସ୍ପରର ସମ୍ମୁଖୀନ । ତାଙ୍କର ଜୟ ପରାଜୟ ଉପରେ ନିର୍ଭର କରୁଛି ମାନବ ସମାଜର ଭବିଷ୍ୟତ । ମଣିଷର ସଦା ଆକାଂକ୍ଷିତ, କାମନା ହେଲା, ପରିପୂର୍ଣ୍ଣ ମାନବତା – ଯାହା ସଦା ଆନନ୍ଦର ସାଗର , ଯାହାର ଅତଳ ବାରିରାଶି ଚିର ସ୍ୱଚ୍ଛ ନିର୍ମଳ, ଓ ପବିତ୍ର – ଯାହା ସତତ ସାମ୍ୟ, ଶାନ୍ତି, ମୈତ୍ରୀ, ପ୍ରୀତିର ପିୟୁଷରେ ପୂର୍ଣ୍ଣ ।

ଏବେ ବିଜ୍ଞାନ , ପ୍ରଯୁକ୍ତି ବିଦ୍ୟା, ଅର୍ଥନୀତି , ରାଜନୀତି ଆଦି ପ୍ରତ୍ୟେକ କ୍ଷେତ୍ରରେ ବିକାଶର ପ୍ରତିଟି ପଦକ୍ଷେପ, ବିଶ୍ୱମାନବ ଜୀବନକୁ ଉନ୍ନତ ଓ ତାକୁ ଏକତାବଦ୍ଧ କରେ । ମଣିଷ ପୃଥିବୀର ଯେ କୌଣସି କୋଣରେ ରହିଥିଲେ ସୁଦ୍ଧା ତାକୁ ଏକ ପରିବାରରେ ଏକତା ବଦ୍ଧ କରିବାରେ ତାର ଅଭିଯାନ ଅପ୍ରତିହତ । ଅଥଚ, ସାମ୍ରାଜ୍ୟବାଦର ଅବାଧ ବିସ୍ତାର ସେଇ ଐକ୍ୟବଦ୍ଧ ପ୍ରକ୍ରିୟାକୁ ଆପଣାର ଉଦ୍ଦେଶ୍ୟ ସାଧନରେ ପ୍ରୟୋଗକରେ । ବିଶ୍ୱ ମାନବର ସେଇ ମିଳନ ପ୍ରକ୍ରିୟା ହୁଏ ସମ୍ରାଜ୍ୟବାଦୀଙ୍କ ହତିଆର । ତାର ଶାସନ ଶୋଷଣ ଲୁଣ୍ଠନର ଅଧିକାରକୁ ଅଧିକ ଦୃଢ଼ିଭୂତ କରେ । ବର୍ତ୍ତମାନ ଜଗତୀକରଣ ହେଉଛି ତା'ର ପ୍ରତ୍ୟକ୍ଷ ନିଦର୍ଶନ । ମନେହେବ, ଜଗତରେ ସାମ୍ରାଜ୍ୟବାଦର ସେଇ ଅଖଣ୍ଡ ଶକ୍ତି ଓ ଏକାଧିପତ୍ୟ ଶାସନ, କର୍ତ୍ତୃତ୍ୱର ଆଉ ଅବସାନ ନାହିଁ । ତାକୁ ପ୍ରତିହତ କରିବାର ଆସ୍ଫାଳନ କରୁଥିବା ମାର୍କ୍ସବାଦ ଏବେ ଚିରକାଳ ପାଇଁ ଲୁଚିଗଲା । ଏବେ ସାମ୍ରାଜ୍ୟବାଦ କାଳକାଳକୁ ଅଜର ଅମର ହୋଇରହିଗଲା । ଅରାତି ଶୂନ୍ୟ ହେଲା ସାମ୍ରାଜ୍ୟବାଦ ଲାଗି ଏ ଧାରଣା । ଆଉ ଭାରତୀୟ ଭାଷାରେ ଏହା ହେଲା କଳିଯୁଗର ଅବଦାନ ।

ବିକାଶର କ୍ରମାଗତ ପ୍ରକ୍ରୀୟା ଭିତରେ ଏଇ ବିଶ୍ୱ ଜଗତର ପ୍ରକାଶ । ପରିବର୍ତ୍ତନ,

Digitized by srujanika@gmail.com

ଆବର୍ତ୍ତନ, ବିବର୍ତ୍ତନ ଆଉ ବିପ୍ଳବର ତାହା ଏକ ଚିରନ୍ତନ ପ୍ରବାହ । ମୁହୂର୍ତ୍ତକ ପାଇଁ ସୁଦ୍ଧା ସେଥିରେ ବିରତି ନାହିଁ । ଆଉ ମଣିଷ ହେଉଛି ସେଇ ପ୍ରବାହର ସର୍ବୋଚ୍ଚ ସର୍ବଶ୍ରେଷ୍ଠ ଅବଦାନ । ଯେହେତୁ ମଣିଷ ଏକ ସଚେତନ ସତ୍ତା , ବର୍ତ୍ତମାନ ଏ କଳିଯୁଗକୁ ତା'ର ସର୍ବଶ୍ରେଷ୍ଠ ସୋପାନ ବୋଲି ସ୍ୱୀକାର କରିବାର ଅର୍ଥ ହେଲା ମଣିଷର ସେହି ସଚେତନ ସତ୍ତାକୁ ଅସ୍ୱୀକାର କରିବା, ତା'ର ମଣିଷତାର ବିକାଶକୁ ଚିରଦିନ ଲାଗି ଲୋପ କରିଦେବା । ସେହି ପ୍ରକ୍ରୀୟାକୁ ବଳବତ୍ତର କରିବା , ତାକୁ ଗ୍ରହଣ କରିଯିବା ଅର୍ଥ, କଳିଯୁଗର ସ୍ଥାୟିତ୍ୱ ଉପରେ ମୋହର ମାରିବା । ତାହାହିଁ ହେଉଛି ଜଗତୀକରଣର ଏକମାତ୍ର ଉଦ୍ଦେଶ୍ୟ ।

ଅଥଚ, ଧରାପୃଷ୍ଠରେ ମଣିଷ ବଞ୍ଚିଥିବା ଯାଏ ତା'ର କାମନାର ବିଲୋପ ନାହିଁ । ମଣିଷର ସେଇ କାମନା ଅନ୍ୟ କିଛି ନୁହେଁ ତା'ର ମାନବିକ କାମନା – ମାନବତା, ସେଇ କାମନାର ସ୍ୱାଭାବିକ ନିଦର୍ଶନ । ସେହି କାମନାର ପୂରଣ ଦିଗରେ ଅନୁସୃତ ମତ ଓ ପଥର ଯେଉଁ ମାନେ ବିରୋଧୀ, ବିଶ୍ୱରୁ ମାନବର ସତ୍ତାକୁ ନିଶ୍ଚିହ୍ନ ନକରି, ତାର ମାନବତାକୁ ଲୋପ କରିବା ସେମାନଙ୍କ ପକ୍ଷରେ ଅସମ୍ଭବ । ଇତିହାସରେ ସମସ୍ତ ନୃସଂଶ ଦମନ ଓ ସମସ୍ତ ନାରକୀୟ ଧ୍ୱଂସଲୀଳା ସତ୍ତ୍ୱେ ମଣିଷ ବିଦ୍ୟମାନ ଓ ବିକାଶ ଦିଗରେ ସଦା ଅଗ୍ରସର । କାହିଁକି ନା, ମାନବତାର ନିଧନ ମାନବ ସତ୍ତାର ବିଲୋପକୁ ଆହ୍ୱାନ କରେ । ତେଣୁ ମାନବର ଅସ୍ତିତ୍ୱ ସହିତ ମାନବତାର ଅଭିବୃଦ୍ଧି, – ତା'ର ବିଜୟ ଭଳି ତାର ବିରୋଧୀଙ୍କ ପରାଜୟ ଅବଶ୍ୟମ୍ଭାବୀ । ନିଜେ ଅକ୍ଷତ ରହି, ମାନବିକତାର ହତ୍ୟା କରିବା ହେଉଛି , ମାନବ ବିରୋଧିଙ୍କ ସ୍ୱାଭାବିକ ଚରିତ୍ର । ତା'ର ଦୃଷ୍ଟାନ୍ତ ହେଲା ସାମ୍ରାଜ୍ୟବାଦୀ ଜଗତୀକରଣ । ସେଥିଲାଗି ପରମାଣୁ ଅସ୍ତ୍ରର ଆସ୍ଫାଳନ ।

ମାନବର ଶୋଷଣ ଦିଗରେ ସାମ୍ରାଜ୍ୟବାଦ ଏବେ ବିଶ୍ୱବ୍ୟାପୀ ଶୀର୍ଷ ଦେଶରେ ଉପସ୍ଥିତ । ତାହା ଅମାନବିକତାର ଅନ୍ତିମ ପର୍ଯ୍ୟାୟ । ତେଣିକି ତା'ର ଆଉ ବିସ୍ତାରର ସ୍ଥାନ ନାହିଁ । ଆଉ ବଳ ପ୍ରୟୋଗ କରିବା ଚେଷ୍ଟା କରିବା ମାନେ ନିଜର କାଳକୁ ଆହ୍ୱାନ କରିବା । ଆଉ ପାଦେ ଅଗ୍ରସର ହେବା ଅର୍ଥ ଆପଣାର ଆତ୍ମହତ୍ୟାକୁ ବରଣ କରିବା । ମାନବ ଇତିହାସରେ ସେମାନେ କଶ୍ମିନ୍ କାଳେ ଏଭଳି ଆତ୍ମ ବିଲୋପର ଅବସ୍ଥାକୁ ଭେଟି ନଥିଲେ ।

ତେଣେ ମାର୍କ୍ସବାଦ ମୃତ , ସମାଜବାଦ ପରିତ୍ୟକ୍ତ, ମଣିଷର ମାନବତା ଉପେକ୍ଷିତ

Digitized by srujanika@gmail.com

ବୋଲି ଯେତେ ଉଚ୍ଚକଣ୍ଠରେ ବିଶ୍ୱସାରା ପ୍ରଚାର କଲେବି, ତାହା ସେମିତି ଅବ୍ୟାହତ,– ଅଲଂଘନୀୟ ତାର ସ୍ରୋତ । ସମଗ୍ର ବିଶ୍ୱରେ ତାର ପ୍ଲାବନର ପ୍ରକ୍ରିୟା ସାଗରର ନିକଟବର୍ତ୍ତି ନଦୀ ଭଳି । ନଦୀ ସେଠି ବିଭିନ୍ନ ଶାଖା ପ୍ରଶାଖାରେ ବିଭକ୍ତ ହୋଇ ସାଗରରେ ମିଶିବା ପାଇଁ ଧାଏଁ, ନିଜର ମୂଳ ନାମ ଛାଡ଼ି ବିଭିନ୍ନ ନାମ ଗ୍ରହଣ କରେ । ବର୍ତ୍ତମାନ ମାନବତାର ପ୍ରବାହ ହେଉଛି ତା'ର ଏକ ପ୍ରତିଛବି ।

ସେଇ ନଦୀର ପ୍ରତ୍ୟେକଟି ଧାରା, ତାର ମୂଳ ଧାରାର ଏକ ଏକ ଅଂଗ ମାତ୍ର । ସେ ପ୍ରତ୍ୟେକଟି ଧାର ଚାହାଁନ୍ତି , କିଏ କେଉଁ ବାଟରେ କେତେ ଶୀଘ୍ର ସହଜରେ ତା'ର ଲକ୍ଷ୍ୟ ସ୍ଥଳରେ ପହଁଚିବ । ପର୍ବତ କନ୍ଦରରୁ ଆଗତ ମୂଳ ମା'ନଦୀର ନାଁ ଯେତେ ହଜିଗଲେ ବି ତାହା ତା'ର ସନ୍ତାନଙ୍କ ଭିତରେ ଚିର ଜୀବନ୍ତ । ଗଙ୍ଗା ଯେପରି ଭାଗିରଥୀ , ମେଘନା ଆଦି ବିଭିନ୍ନ ନାମ ନେଇ ସାଗର ସହିତ ମିଳିତ ଆଉ ଆମ ମହାନଦୀ ସେହିପରି ମିଳିତ ହୁଏ – କାଠଯୋଡ଼ୀ, କୁଆଖାଇ, ଦେବୀ, ବିରୂପା, ଚିତ୍ରୋପ୍ତଳା ବିଭିନ୍ନ ନାମ ନେଇ ସମୁଦ୍ର ଭିତରେ । ସମସ୍ତେ କିନ୍ତୁ ଧାରଣ କରନ୍ତି ସେଇ ମା' ନଦୀର ଜଳକୁ ।

ବହୁ ମତ , ବହୁ ପଥ , ଏକ ଲକ୍ଷ୍ୟ – ସାମ୍ୟବାଦ – ସତ୍ୟଯୁଗ :

ବିଶ୍ୱରେ ବିଭିନ୍ନ ଦେଶରେ ହିଂସ୍ର ଅହିଂସ୍ର , ଗଣତନ୍ତ୍ର ସ୍ୱୈରତନ୍ତ୍ର, ବଚନ ସର୍ବସ୍ୱ ଓ ସଂଗ୍ରାମଶୀଳ ଆଦି ଯେତେ ପ୍ରକାର କମ୍ୟୁନିଷ୍ଟ , ସୋସାଲିଷ୍ଟ, ସମାଜବାଦୀ ଦଳ ଅଛନ୍ତି ଏବଂ ଚୀନ, ଭିଏତ୍‌ନାମ, କ୍ୟୁବା , ଉତ୍ତରକୋରିଆ ଆଦି ଦେଶ ଯିଏ ଯେତେ ମାର୍ଗରେ କମ୍ୟୁନିଷ୍ଟ ସମାଜ ଗଢୁଛନ୍ତି , ଆଫ୍ରିକା , ଲାଟିନ୍ ଆମେରିକା ଆଦି ଦେଶ ମାନଙ୍କରେ ଯେତେ ସ୍ୱାଧୀନତା ସାର୍ବଭୌମତ୍ୱ ଓ ଗଣତନ୍ତ୍ର ଲଢ଼େଇ ଲାଗିଛି, ମଣିଷର ଚିନ୍ତା ଚେତନା ଓ ଧାରଣାର ବିକାଶ ଦିଗରେ ଯେତେ ଯେତେ ପ୍ରବାହ, ଉଦ୍ୟମ ଓ ଆଲୋଡନ ଚାଲିଛି ଏବଂ ଶିକ୍ଷା ସାହିତ୍ୟ ସଂସ୍କୃତିର ସ୍ୱତଃସ୍ଫୁତ ସହଯାତ ସ୍ୱଭାବ ଆଉ ତାଙ୍କ ପ୍ରାଣର ନୈସର୍ଗିକ ପ୍ରକାଶ, ଏ ପ୍ରତ୍ୟେକଙ୍କ ଭିତରେ ଯେତେ ବିଭ୍ରାନ୍ତି ବିଚ୍ୟୁତି ଥିଲେ ବି, ସେମାନେ ସମସ୍ତେ ଏକ ପଥର ଯାତ୍ରୀ । ସେଇ ମାନବତାର ମହାସାଗରରେ ବିଲୀନ ହେବା ବ୍ୟତୀତ ସେମାନଙ୍କ ପକ୍ଷରେ ଅନ୍ୟ କୌଣସି ବିକଳ୍ପ ନାହିଁ । ବିଶ୍ୱର ଅଗଣିତ ମତ ଧ୍ୟାନ ଧାରଣା ଆଉ ସଂଗଠନ ଆନ୍ଦୋଳନକୁ ନେଇ ଗଠିତ ସମାବେଶ – World Social Forum ର ଗୋଟିଏ ମାତ୍ର

Digitized by srujanika@gmail.com

ଡାକ ହେଉଛି – ଏକ "ବିକଳ୍ପ ବିଶ୍ୱ ଗଠନ କର" – ବର୍ତ୍ତମାନ ଏଇ ବିଶ୍ୱର ପରିବର୍ତ୍ତେ ।

ସେଇ ବିକଳ୍ପ ବିଶ୍ୱ ଗଠନ,– ମାନବତାର ମହାସାଗରରେ ମିଳିତ ହେବା ଦିଗରେ ଦେଖା ଅଦେଖା ଯେଉଁ ଶତସହସ୍ର ଧାରା ପ୍ରବାହିତ ସେମାନେ ଯେଉଁ ନାମ ବହନ କରନ୍ତୁ, ବା ଯେଉଁ ବାଦର ଚିହ୍ନ ଦାବୀ କରନ୍ତୁ ନା କାହିଁକି, ସେମାନେ ସେହି ମହାନଦୀର ସ୍ରୋତଭଳି, ପ୍ରବାହିତ ମାର୍କ୍ସବାଦ ସ୍ରୋତର ଏକ ଏକ ପ୍ରତିଫଳନ ମାତ୍ର, – ତାହା କିଏ ସ୍ୱୀକାର କରୁ ବା ନକରୁ, ତା'ର ଗତି ସତ୍ୟ ଯୁଗକୁ।

ମାତ୍ର ବିଶ୍ୱରେ ଏକମାତ୍ର ବୃହତ୍ ଶକ୍ତି – ଆମେରିକା, ସେହିଁ ବହୁ ରାଷ୍ଟ୍ରୀୟ ପୁଞ୍ଜିର ନେତା, ବିଶ୍ୱର ଅର୍ଥନୀତି ଆଉ ରାଜନୀତିକୁ ନିୟନ୍ତ୍ରିତ କରେ । ଏପରିକି ଜାତିସଂଘକୁ ଉପେକ୍ଷା କରି ମିଥ୍ୟା ଆଳରେ ଇରାକ୍‌କୁ ଆକ୍ରମଣ କରି ଦଖଲ କରିପାରେ । ବିଶ୍ୱ ଜନମତକୁ ତିଳେ ହେଲେ ବୃକ୍ଷେପ କରେନାହିଁ । ଯେପରି ଜଣାଯାଏ ଆମେରିକା ହିଁ ବିଶ୍ୱର ନିୟନ୍ତା । ଆଗଭଳି ଏକ ସମାଜବାଦୀ ଦୁନିଆଁ ନାହିଁ ଯିଏ କି ପ୍ରତି କ୍ଷେତ୍ରରେ ତାକୁ ପ୍ରତିହତ କରୁଥିଲା । ତେଣୁ ତାର ଅଭାବରେ, ଆଜିର ଦୁନିଆର ବୃହତଶକ୍ତି ହେଲା – ଏକ, ସର୍ବୋଚ୍ଚ ଶୋଷକ ହେଲା– ଏକ, ସମସ୍ତଙ୍କର ସର୍ବଗ୍ରାସୀ ଶତ୍ରୁ ହେଲା – ଏକ । ସେଇ ଏକର ନିଧନରେ ବିଶ୍ୱର ମୁକ୍ତିର ଦ୍ୱାର ଉନ୍ମୁକ୍ତ ।

ନବଯୁଗ ସାହିତ୍ୟର ପ୍ରତିଷ୍ଠା,– ମାନବବାଦୀ ସାହିତ୍ୟର ପ୍ରତିଷ୍ଠା :

ଆପଣାର ଲକ୍ଷ୍ୟ,– ନବଯୁଗ ଗଢ଼ିବାକୁ ହେଲେ – ସାହିତ୍ୟ ସଂସଦକୁ ବର୍ତ୍ତମାନର ଯୁଗ – କଳିଯୁଗକୁ ଜାଣିବାକୁ ହେବ । ଚୁମ୍ବକରେ କହିଲେ କଳିଯୁଗର ମତି ବା ମତ ହେଲା – ଭୋଗବାଦ ଓ ଭାଗ୍ୟବାଦ । ଆପଣାର ଚରମ ଭୋଗ ଓ ପରମ ଭାଗ୍ୟ ପ୍ରାପ୍ତି ହେଲା ଜୀବନର ଏକମାତ୍ର ବ୍ରତ । କଳିଯୁଗର ସୃଷ୍ଟି ହେଲା, – ଅବିଶ୍ରାନ୍ତ କଳହ, ଦ୍ୱନ୍ଦ୍ୱ, ସଂଘର୍ଷର ନିରବଚ୍ଛିନ୍ନ ପ୍ରବାହ । କଳିଯୁଗର ମାର୍ଗ ହେଲା, – ଐଶ୍ୱର୍ଯ୍ୟର ପାହାଡ଼ ତଳେ ଶୋଷଣରର ନୈସର୍ଗୀକ ଲୀଳା । କଳିଯୁଗ ସର୍ବଶ୍ରେଷ୍ଠ ଅବଦାନ, – ଅସାମ୍ୟର ଚରମ ବିକାଶ ସହିତ ତା'ର ଅପରିହାର୍ଯ୍ୟ ବିନାଶର ଅଖଣ୍ଡ ଦର୍ଶନ ।

ଭୋଗ ଓ ଭାଗ୍ୟ – ଏହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ । ବ୍ୟକ୍ତି ବିଶେଷଙ୍କ ନିଜସ୍ୱ କାମନା ପୂରଣର ଏକ ଅଦମ୍ୟ ପ୍ରୟାସ । ଅନ୍ୟ ଲୋକର ସୁଖ, କି ସମାଜର ସ୍ୱାର୍ଥ, କି ବିଶ୍ୱ

Digitized by srujanika@gmail.com

ଜଗତର ହିତ ସହିତ ତାର କିଛି ଯାଏ ଆସେ ନାହିଁ । ନିଜର ସୁଖ ଭୋଗ ଓ ଭାଗ୍ୟ ଲାଭ ଲାଗି, ଅନ୍ୟର ସ୍ୱାର୍ଥ ଓ ସୁଖକୁ ବଳି ଦେବା ହେଲା କଳିଯୁଗର ଧର୍ମ । ସମାଜ ବିନିମୟରେ ନିଜକୁ ପ୍ରତିଷ୍ଠା କରିବା,– ବ୍ୟକ୍ତି ବନାମ ସମାଜ ଭାବରେ ତାର ପ୍ରକାଶ । ତାହାହିଁ ହେଲା, ସବୁ ଈର୍ଷା ଦ୍ୱେଷ, କଳହ ବିବାଦ ଆଦି ଅମାନବିକ ଭାବ, କର୍ମର ଜନ୍ମ ଓ ବୃଦ୍ଧିର ମୂଳ । ତାହା ହେଲା,– ମାନବ ବନାମ ମାନବ,– ସବୁ ଅସାମ୍ୟର ପ୍ରତିଫଳନ । ସେହି ପ୍ରକ୍ରୀୟା ଭିତରେ ଲୁଚି ରହିଛି ସବୁ ମାନବ ବିରୋଧୀତାର ଭାବ ଓ ଭାବନା , କର୍ମ ଓ କାମନା, ଏବଂ ନିଜର ଅଭିବୃଦ୍ଧି ପାଇଁ ଅନ୍ୟକୁ ଇନ୍ଧନ କରିବାର ପ୍ରଚେଷ୍ଟା । ସେଇ ଅସମତା ବୃଦ୍ଧିର ପ୍ରକ୍ରୀୟା ହେଲା ମାନବତା ବିରୋଧୀ , ଅମାନବିକତା ବୃଦ୍ଧିର ପ୍ରକ୍ରୀୟା । ସେହି ପ୍ରକ୍ରୀୟା ବଳବତ୍ତର ଥିବା ଯାଏ , ସାହିତ୍ୟରେ ମାନବିକତା ଯେତେ ସରସ ସୁନ୍ଦର ମଧୁର ଆଉ ବଳିଷ୍ଠ ହେଲେବି , ତାହା କସ୍ମିନ୍ କାଳେ ଆପଣାର ଲକ୍ଷ୍ୟ ପୁରଣରେ ସମର୍ଥ ହେବ ନାହିଁ । ଅନ୍ୟ ପକ୍ଷରେ, କାହିଁ ଅମାନବିକ ଭାବ ଓ ଭାବନାର ବାସ୍ତବ କାରଣକୁ ଅନାବୃତ ନ କରିବା ଦ୍ୱାରା ସାହିତ୍ୟିକ ସାହିତ୍ୟର , ଆତ୍ମଜାତ ଆଦର୍ଶ ପ୍ରତି ନିଜର ଶ୍ରଦ୍ଧା ନିଷ୍ଠା ସାଧୁତାର ଅଭାବର ପରିଚୟ ଦେବ । ଆପଣାର ସାହିତ୍ୟଦ୍ରୋହୀତା ଘୋଷଣା କରିବ ।

ସାହିତ୍ୟରେ ମାନବବାଦର ପ୍ରତିଷ୍ଠା ହେଉଛି , ମାନବତା ବିରୋଧୀ ଭାବ,– ଅମାନବିକତା ବିରୋଧରେ ସଂଗ୍ରାମର ପକ୍ରିୟା । ସେହି ପକ୍ରିୟାର ପ୍ରକୃତି ହେଉଛି ପରିବର୍ତ୍ତନ । ଯାହା ଅଛି, ତାକୁ ଛାଡ଼ିବାକୁ ହେବ । ଯାହା ନାହିଁ ତାକୁ ଆଣିବାକୁ ହେବ । କଳିଯୁଗର ମହାନ ଆବିଷ୍କାର ହେଉଛି ସେହି ପରିବର୍ତ୍ତନର ନିୟମର ଆବିଷ୍କାର । ଯାହାକି, ଏହି ବିଶ୍ୱ ଜଗତରେ – ପ୍ରକୃତି ବକ୍ଷରେ , ମାନବ ସମାଜରେ, ମାନବର ଚିନ୍ତା ରାଜ୍ୟରେ ସର୍ବତ୍ର ସଦାସର୍ବଦା ପ୍ରବାହିତ । ଏଇ ଅମାନବୀୟ ସମାଜକୁ ମାନବିକ କରିବାକୁ ହେଲେ ସାହିତ୍ୟକୁ ସେଇ ପରିବର୍ତ୍ତନ ନିୟମର ଅନୁସରଣ ଛଡ଼ା ଅନ୍ୟ ଗତି ନାହିଁ । ସାହିତ୍ୟ ନିଜର ଯେତେ ଆସ୍ପର୍ଦ୍ଧା , ଆସ୍ଫାଳନ କରୁନା କାହିଁକି , ମାନବତାର ଯୁଗ – ସତ୍ୟଯୁଗ ଆଣିବାକୁ ହେଲେ ତା ବ୍ୟତିତ ତାର ଅନ୍ୟ ବିକଳ୍ପ ନାହିଁ । ସେଇଥି ପାଇଁ ନବଯୁଗ ସାହିତ୍ୟ ସଂସଦର ଜନ୍ମ, ଓ ତାହାହିଁ ତାର ଧର୍ମ ହୋଇ ଆସିଛି । କଳିଯୁଗର ଅସ୍ତ ଓ ସତ୍ୟ ଯୁଗର ଉଦୟ , ସେଇ ଗୋଟିଏ ପକ୍ରିୟାର ଦୁଇଟି ପ୍ରତିଫଳନ ମାତ୍ର ।

Digitized by srujanika@gmail.com

ଯୁଗର ପ୍ରତୀକ,– ଭୋଗବାଦ ଓ ଭାଗ୍ୟବାଦ:

ଭୋଗ ଓ ଭାଗ୍ୟର କାମନା କିଛି ନୂଆ କଥା ନୁହେଁ । କେଉଁ ଆବହମାନ କାଳରୁ ମଣିଷ ତା' ପଛରେ ଧାଇଁଛି । ଭୋଗ ଲାଭ ପ୍ରତ୍ୟେକଙ୍କ କାମ୍ୟ ହେଲେ, ଭାଗ୍ୟ ପ୍ରାପ୍ତି ପ୍ରତ୍ୟେକଙ୍କ ଲଭ୍ୟ । ମଣିଷର ବିକାଶର ପରିବର୍ତ୍ତନ ଭିତରେ ସେଥିରେ ମଧ୍ୟ ପରିବର୍ତ୍ତନ ଆସିଛି । ତାହା ମଣିଷ ସମାଜର ଏକ ନିରୋଳା ଆକାଂକ୍ଷା ହୋଇ ରହିନାହିଁ । ତାହା ପ୍ରଚଳିତ ମତରୁ ଏକ ପ୍ରତିଷ୍ଠିତ ମତବାଦରେ ପରିଣତ ହୋଇଛି । ତେଣୁ ଭୋଗବାଦ ଓ ଭାଗ୍ୟବାଦର ଆଖ୍ୟା ଗ୍ରହଣ କରିଛି । ତାହା କେବଳ ତୁଚ୍ଛା ଭାଷାଗତ ପରିବର୍ତ୍ତନ ନୁହେଁ, ତାହା ଏକ ତତ୍ୱଗତ ଗୁଣାତ୍ମକ ମୌଳିକ ପରିବର୍ତ୍ତନ । ସେହି ମତବାଦର ଏକମାତ୍ର ଉଦ୍ଦେଶ୍ୟ ହେଲା, ନବଯୁଗ – ସତ୍ୟଯୁଗର ଆଗମନକୁ ପ୍ରତିହତ କରିବା, ସେ ଦିଗରେ , କଳିଯୁଗର ଭିତ୍ତିକୁ ଦୃଢ଼ିଭୂତ ଓ ତାହାର ଥୋପକୁ ଲୋଭନୀୟ ଆକର୍ଷଣୀୟ କରିବା । ବିଶ୍ୱ ଶୋଷଣବାଦର କୁତ୍ସିତ କଳଙ୍କିତ ରୂପକୁ ଢାଙ୍କିବା ପାଇଁ ସେଇ ଦୁଇ ମତବାଦ – ଭୋଗବାଦ ଓ ଭାଗ୍ୟବାଦର ପ୍ରତିଷ୍ଠା । ଗଗନ ପବନ ଭେଦୀ ତାଙ୍କର ସେହି ପ୍ରଚାର ବିଶ୍ୱବ୍ୟାପୀ । ସର୍ବୋପରି, ମାର୍କ୍ସବାଦ – ସାମ୍ୟବାଦ ବିରୁଦ୍ଧରେ ,– ସାମ୍ୟ ଶାନ୍ତି ମୈତ୍ରୀ ପ୍ରୀତିର ଧ୍ୱଂସ ଦିଗରେ ଏକ ଅମୋଘ ଅସ୍ତ୍ର ଭାବେ ତାର ପ୍ରୟୋଗ । ଭୋଗବାଦ ଓ ଭାଗ୍ୟବାଦ, ଏବେ ମାନବିକ ମହତ୍ୱର ପରାକାଷ୍ଠା ଭାବେ ଚର୍ତୁଦିଗରେ ବିଜ୍ଞପିତ ଆଉ ବିସ୍ତାରିତ ।

ଫଳ ଚିହ୍ନାଇ ଦିଏ ଗଛର ମୂଳ ଓ ତାର ଗୁଣକୁ । ଭୋଗବାଦ ଗଛର ମୂଳ କେଉଁଠି ? କଣ ତାର ଗୁଣ ? କଣ ତାର ଫଳ ? ଭୋଗବାଦର ଅର୍ପିତ ଫଳ ହେଲା – ଆତ୍ମ ସୁଖ ଓ ଆତ୍ମ ସ୍ୱାର୍ଥ । ଆତ୍ମ ଇଚ୍ଛା ପୂରଣ ତା'ର ଏକ ମାତ୍ର ଲକ୍ଷ୍ୟ । ଭୋଗବାଦର ଅନୁସୃତ ଗୁଣ ହେଲା, ସେଇ ଲକ୍ଷ୍ୟ ଲାଭ ଦିଗରେ ସବୁକିଛି କରଣୀୟ । ନୀତି ଅନୀତି ଦୁର୍ନୀତି , ଶୋଷଣ ଲୁଣ୍ଠନ, ଦମନ ଶାସନ, ଦ୍ୱନ୍ଦ୍ୱ କଳହ, ହିଂସା ହତ୍ୟା ନରସଂହାର କୌଣସି କଥାର ବାରଣ ନାହିଁ । ସମସ୍ତ କିଛି ପବିତ୍ର ଓ ସ୍ୱାଗତ ଯୋଗ୍ୟ । ଭୋଗବାଦର ଅସଲ ମୂଳ ହେଲା , ଭୋକର ପ୍ରସାରରେ ଭୋଗର ବିକାଶ । ଅସାମ୍ୟର ସୃଷ୍ଟି ସ୍ଥିତି ବୃଦ୍ଧି ଓ ତା'ର ସୁରକ୍ଷା ହେଲା ଭୋଗବାଦର ମୂଳ ଭିତ୍ତି , ତା ବିନା ଭୋଗବାଦ ନାହିଁ । ଭୋଗବାଦ ହେଲା ପ୍ରଚ୍ଛନ୍ନ ପୁଞ୍ଜିବାଦ । ଏବେ ପ୍ରତ୍ୟେକଟି ପ୍ରଚାର ମାଧ୍ୟମ ଭୋଗ ଲାଗି ଲୋକଙ୍କୁ ଉତ୍ସାହିତ ପ୍ରଲୋଭିତ କରିବାରେ ବ୍ୟସ୍ତ । କେବଳ ଭୋଗ୍ୟ ବସ୍ତୁ ଯୋଗାଇବା ନୁହେଁ , ତାକୁ କିଣିବା

Digitized by srujanika@gmail.com

ଲାଗି ନାନାଦି ମାଧ୍ୟମରେ ତାହା ଋଣ ଯୋଗାଇବାରେ ବ୍ୟଗ୍ର । ବହୁରାଷ୍ଟ୍ରୀୟ ପୁଞ୍ଜି ସରକାରଙ୍କ ଠାରୁ ଆରମ୍ଭ କରି ଖୁଚୁରା ବ୍ୟବସାୟ ଯାଏ ସମସ୍ତଙ୍କୁ ଧରନ୍ତି । ସବୁ କ୍ଷେତ୍ରରେ ପ୍ରବେଶ କରିନ୍ତି । ଜିନିଷ ବିକ୍ରି ଲାଭ, କିଣିବା ଲାଗି ଋଣ ଦେଇ ସୁଧରୁ ଲାଭ , ତେଣେ ଋଣ ପାଇଁ ସର୍ତ୍ତରୁ ସୁବିଧା ଲାଭ – ଦେଶର ଅର୍ଥନୀତି ସମାଜନୀତି ରାଜନୀତି ସାର୍ବଭୌମତ୍ୱର ନିୟନ୍ତ୍ରଣ ଯାଏ , ଆଉ କିଛି ବାକି ରହେ ନାହିଁ । ଏହା ହେଲା Consumerism ଭୋଗବାଦୀ ଅର୍ଥନୀତିର ପରିଣତି । ତେଣୁ ଦେଶ ଦେଶ ମଧ୍ୟରେ , ଓ ଦେଶ ଭିତରେ ଅସାମ୍ୟର ବ୍ୟବଧାନ ବଢ଼ିବଢ଼ି ଚାଲେ । ତାହା ଜାତିସଂଘ ମଧ୍ୟ ସ୍ୱୀକାର କରିଛି । ଭୋଗଲାଭ ପାଇଁ ମଣିଷର ହୀନ ଶୋଷକ ପ୍ରବୃତ୍ତିକୁ ଉତ୍ସାହିତ କରିବାରେ ସମସ୍ତ ସମାଜର ନୀତି ନିଷ୍ଠା ଓ ନୈତିକତାକୁ ମଧ ଧ୍ୱଂସ କରିଦିଏ । ମଣିଷ ଭୋଗବାଦ ପାଇଁ ଅସାମ୍ୟକୁ ବୃଦ୍ଧି କରିବା ସହିତ ଜଗତର ସବୁ ଅମଙ୍ଗଳ ଅଶାନ୍ତି ଉତ୍ପୀଡ଼ନକୁ ଆହ୍ୱାନ କରେ । ତାହା କେବଳ ପୂର୍ବଭଳି ଜଣେ ସାଧାରଣ ମଣିଷର ଭୋଗର କାମନା ନୁହେଁ, ତାହା ଏବେ ଭୋଗବାଦ ଭାବେ ଏକ ରୂପାନ୍ତରିତ ସର୍ବଗ୍ରାସୀ ଶକ୍ତିର ରୂପ ଧାରଣ କରେ । ତାହା ନିୟନ୍ତ୍ରଣ କରେ ମଣିଷ ଓ ତା'ର ସମାଜ ଆଉ ଭାଗ୍ୟକୁ । ଏପରିକି ବଳର ପ୍ରୟୋଗ ଦ୍ୱାରା ।

ଭୋଗବାଦ ଓ ଭାଗ୍ୟବାଦ ଦୁହେଁ ଅବିଚ୍ଛେଦ୍ୟ । ଏକ ବୃନ୍ତର ଦୁଇଟି ଫଳ । ଗୋଟିକୁ ଛାଡ଼ି ଅନ୍ୟଟି ନାହିଁ । ଆଦିମ ବୈଦିକ ସାହିତ୍ୟରେ ସେଇ ବାଦର ଦର୍ଶନ ନାହିଁ । ଆଦିମ ଗୋଷ୍ଠୀ ସମାଜରେ , ଭୋଗରେ ଯେପରି ପାର୍ଥକ୍ୟ ନାହିଁ, ସେହିପରି ପାର୍ଥକ୍ୟ ନାହିଁ ମଣିଷର ଭାଗ୍ୟରେ । ଭୋଗରେ ସମସ୍ତେ ସମାନ ଭାଗିଦାର ହେଲା ଭଳି ଭାଗ୍ୟ ମଧ ସେମାନଙ୍କ ସମସ୍ତଙ୍କ ଏକ ଓ ସମାନ । ଶୋଷଣର ସୃଷ୍ଟି ଅସାମ୍ୟର ଉତ୍ପତ୍ତି ସହିତ ଆର୍ବିଭାବ ଘଟିଛି, ସେଇ ବ୍ୟକ୍ତିଗତ ଭୋଗ ଆଉ ଭାଗ୍ୟର – ବୈଦିକ ଯୁଗର ପରବର୍ତ୍ତି ଉତ୍ପତି କାଳରେ । ତାର ପ୍ରଚାର ଘଟିଛି, ଓ ତାହା ପ୍ରତିଷ୍ଠା ଲାଭ କରିଛି ପୁରାଣ ଯୁଗରେ ।

ଆଗେ ଭୋଗ ଓ ଭାଗ୍ୟର ଧାରଣା, ଧର୍ମର ଧାରଣା ମଧ୍ୟରେ ଆବଦ୍ଧ ଥିଲା । ଧର୍ମର ଅନ୍ଧ ବିଶ୍ୱାସ ଥିଲା ତାର ପ୍ରଧାନ ବଳ ଓ ମଣିଷ ଜୀବନରେ ଶାନ୍ତି ସୁଖର ସମ୍ବଳ । ଏବେ ପୁଞ୍ଜିର ଲୁକ୍କାୟିତ ମତବାଦର ଆବରଣ ତଳେ ତାହା ବଳିଷ୍ଠ, ବିଶ୍ୱବ୍ୟାପୀ । ଅର୍ଥବଳ ଓ ଅନ୍ଧବିଶ୍ୱାସ ଦୁହିଁଙ୍କର ମିଳନରେ ତାହା ପରିବର୍ତ୍ତିତ ପରିମାର୍ଜିତ ଆଉ ବଳିୟାନ । ତାହା ଏକ ସଙ୍ଗରେ ଅର୍ଥ ଲାଭ ଆଉ ପରମାର୍ଥ ପ୍ରାପ୍ତିର ସହଜ ଉପାୟ । ଭାଗ୍ୟ କିନ୍ତୁ ବିଧାତାର

Digitized by srujanika@gmail.com

ଲିଖନ । ସେଇ ହେତୁ ଜଣେ ଭୋଗର ଅଧିକାରୀ ହେଲେ ଅନ୍ୟଜଣେ ସେଥିରୁ ବଞ୍ଚିତ । ଭାଗ୍ୟହିଁ ସବୁ ଦୁଃଖ ସୁଖର କାରଣ । ମଣିଷର ଶୋଷଣ ଓ ଧନର ଅସମ ବଣ୍ଟନର ହେତୁ । ତେଣୁ ଅର୍ଥନୀତିକ ସାମାଜିକ ଆଦି ସବୁ କ୍ଷେତ୍ରରେ ମଣିଷର ସମାନ ଅଧିକାରକୁ – ଭୋଗବାଦ ଭାଗ୍ୟବାଦ ଦୃଢ଼ଭାବେ ବିରୋଧ କରେ । ଧର୍ମ ମାତ୍ରେ ପରସ୍ପରର ଯେତେ ବିରୋଧୀ ହେଲେ ସୁଦ୍ଧା, ସେହି ଭୋଗବାଦ ଭାଗ୍ୟବାଦହିଁ ସମସ୍ତଙ୍କ ପ୍ରଚାରିତ ପ୍ରବଚନ ଓ ଆଧ୍ୟାତ୍ମିକ ବାଣୀ ।

ଯେତେଦିନ ପର୍ଯ୍ୟନ୍ତ ଭୋଗବାଦ ଓ ଭାଗ୍ୟବାଦ ରହିଛି, ସେତେଦିନ ଯାଏ କଳିଯୁଗର ଅବସାନ ନାହିଁ । ସେମିତି, କଳିଯୁଗ ବଳବତ୍ତର ଥିବା ଯାଏ, ଭୋଗବାଦ ଭାଗ୍ୟବାଦର ବିଲୋପ ଅସମ୍ଭବ । ସତ୍ୟଯୁଗ ଆଣିବାକୁ ହେଲେ, ତାକୁ କେବଳ ମନ୍ତ୍ର ସ୍ୱାଗତ ଜଣାଇଲେ ହେବ ନାହିଁ , ତାର ଆତ୍ମପ୍ରକାଶ ପ୍ରତିଟି ପଦକ୍ଷେପକୁ ସବୁମନ୍ତେ ସହଜ ସୁନ୍ଦର ଆଉ ସୁଗମ କରିବାକୁ ହେବ । ସେ ଦିଗରେ ଯେତେ ଯାହା ଉପଚାର ପ୍ରୟୋଜନ, ସେ ସବୁର ଯଥାର୍ଥ ଆହରଣ ଓ ସଙ୍କଳନ, ନବଯୁଗ ସାହିତ୍ୟ ସଂସଦର ସର୍ବ ପ୍ରଥମ କର୍ତ୍ତବ୍ୟ । ନବଯୁଗ ସାହିତ୍ୟ ସଂସଦକୁ ସମାଜର ସକଳ କ୍ଷେତ୍ରରେ ସଦା ଜାଗ୍ରତ ରହି, ଲୋକଙ୍କ ମନ ପ୍ରାଣ ହୃଦୟ ଜୟ କରିବାକୁ ହେବ । ତାଙ୍କର ଚିନ୍ତା ଭାବନା ଓ ଚେତନାକୁ ସମୁତ୍ଥିତ କରିବାକୁ ପଡ଼ିବ । ମଣିଷର ବିବେକ ଓ ବିଚାର ବୁଦ୍ଧିକୁ ଋଦ୍ଧିମନ୍ତ ଓ କ୍ରୀୟାଶୀଳ କରିବା, ତାର ପ୍ରଧାନ ଲକ୍ଷ୍ୟ ।

ଉପସଂହାର

ନବଯୁଗର ସାହିତ୍ୟିକମାନଙ୍କୁ ଗୋଟିଏ କଥା ସ୍ମରଣ ରଖିବାକୁ ହେବ । ସାହିତ୍ୟର ଅନ୍ତର୍ନିହିତ ସ୍ୱାଭାବିକ ଚରିତ୍ର ଓ ସତ୍ୟଯୁଗର ସହଜାତ ସାମାଜିକ ପବୃତ୍ତି, ଏ ଦୁହେଁ ତାଙ୍କର ରୀତି ନୀତି ଆଚାର ବିଚାର, ଭାବ ଭାବନା , ଆଦି ସବୁ ଦିଗରୁ ଅଭିନ୍ନ । ସାହିତ୍ୟ ତାକୁ କଳ୍ପନାରେ ରୂପାୟିତ କଲାବେଳେ, ସତ୍ୟଯୁଗ ତାକୁ ରୂପାୟିତ କରେ ବାସ୍ତବତା ଭିତରେ । ଯେହେତୁ ତାହା ମାନବତାର ଭିତ୍ତି ତାହା ଉପରେ ପ୍ରତିଷ୍ଠିତ,– ଆଉ ସେହି ମାନବ କସ୍ମିନ୍‌କାଳେ ଜଡ଼ ନିଷ୍କ୍ରୀୟ ଓ ଅଚେତନ ନୁହେଁ ,- ସଦା ବିକାଶଶୀଳ , ଠିକ୍ ସେହି ହେତୁ, ସାହିତ୍ୟରେ ମାନବତାର କଳ୍ପନା ରୂପାନ୍ତରିତ ହୁଏ ବାସ୍ତବତାରେ ।

Digitized by srujanika@gmail.com

ଏହା ଜଣାଇଦିଏ, ନବଯୁଗ ସାହିତ୍ୟିକ ଜଣେ ସାଧାରଣ ସାହିତ୍ୟ ସ୍ରଷ୍ଟା ନୁହେଁ । ସେ ଏକ ନୂଆ ଯୁଗର ସୃଷ୍ଟିକର୍ତ୍ତା । ତାର ଚିନ୍ତା ଭାବନା ଓ ଦୃଷ୍ଟି – ସଦା ଗତିଶୀଳ , ତାହା କଦାପି ସଂକୀର୍ଣ୍ଣ, ସୀମିତ ଓ ନିଶ୍ଚଳ ହୋଇ ରହି ନପାରେ । ସେଥିରେ ବାଧା ଅବରୋଧ ଆସିବା ମାତ୍ରେ, ତାହା ଯେଉଁ କୋଣରୁ ଆସୁନା କାହିଁକି, ତାକୁ ଆଘାତ କରିବା ତାର ଅଘୋଷିତ ଧର୍ମ । ଫଳରେ କଳିଯୁଗ ବିନାଶ ସତ୍ୟଯୁଗର ବିକାଶ ଦିଗରେ ତାର ମାର୍ଗ ଅପରିହାର୍ଯ୍ୟ । ତେଣୁ ସତ୍ୟଯୁଗର ସନ୍ଧାନରେ ତାର ମର୍ମର ପ୍ରକାଶ , ଧର୍ମର ପ୍ରଚାର ଓ ତାର କର୍ମକୁ ଉଜ୍ଜିବିତ କରିବା ହେଲା ନବଯୁଗ ସାହିତ୍ୟିକର ସ୍ୱତସ୍ଫୂର୍ତ୍ତ ସ୍ୱାଭାବିକ କର୍ତ୍ତବ୍ୟ । ସୃଷ୍ଟିର ସେଇ ଆହ୍ୱାନକୁ ଧରି ସମାଜର ପ୍ରତ୍ୟେକ ଶିରା ପ୍ରଶିରାରେ ପ୍ରବେଶ କରିବାକୁ ହେବ, ମଣିଷ ପ୍ରାଣର ପ୍ରତ୍ୟେକଟି ତନ୍ତ୍ରିକୁ ଚଞ୍ଚଳ ଓ ଜାଗ୍ରତ କରିବାକୁ ପଡ଼ିବ । ବିଶ୍ୱର ପ୍ରତ୍ୟେକ କୋଣରେ ସେହି ବାର୍ତ୍ତାର ପ୍ରଚାରକ ସାଜିବାକୁ ହେବ । ଯେତେ ସାହିତ୍ୟିକ, ସାହିତ୍ୟ ସଂସ୍ଥା ଆଉ ଅନୁଷ୍ଠାନମାନ ଅଛନ୍ତି , କେହି ମାନବତାର ନାମ ଉଚ୍ଚାରଣ ନକରି ନାହିଁ । ଏଇଠି, ସେଇ ସମସ୍ତଙ୍କ ପରୀକ୍ଷା । ସେମାନେ ଯଦି ମାନବତା ପ୍ରତି ସତ୍ୟନିଷ୍ଠ, ତେବେ ସେମାନଙ୍କର ସେ ଦିଗରେ ବିଚ୍ୟୁତି, ସ୍ଖଳନ ଓ ପଥହରା ଦୋଷରୁ ରକ୍ଷାପାଇବାର ଏକମାତ୍ର ବାଟ ହେଲା ସତ୍ୟଯୁଗ – ସମାଜବାଦରେ ।

ନବଯୁଗର ସେହି "ଦିଗ୍‌ଦ୍ରଷ୍ଟା ତାରାକୁ" ସଦା ଅନୁସରଣ କରିବା । ଭୋଗ ଓ ଭାଗ୍ୟ, ବର୍ତ୍ତମାନ ଯାହା ସମାଜ ବର୍ହିଭୂତ ଶକ୍ତି ଦ୍ୱାରା ନିୟନ୍ତ୍ରିତ, ସେତେବେଳେ ମଣିଷ ନିଜେ ହେବ ତା'ର ନିୟନ୍ତା । ଅହରହ ମତ ବିନିମୟ, କ୍ରମାଗତ ଆଳାପ ଆଲୋଚନା, ଅବିରାମ ତର୍କ ବିତର୍କ ଆଉ ଦ୍ୱନ୍ଦ ସଂଘର୍ଷ ଭିତରେ ଆପଣାକୁ ସଦା ଅଭ୍ରାନ୍ତ ଶାଣିତ ଶକ୍ତିଶାଳୀ କରିବାକୁ ହେବ । ଯାହାକି ସତ୍ୟଯୁଗର ସର୍ବକାଳୀନ ଭାବନା , ମଣିଷ ପ୍ରାଣର ଚିରାଚରିତ କାମନା, ଏବଂ ସାମ୍ୟବାଦର ନିରବିଚ୍ଛିନ୍ନ ସାଧନା, ତାହାହିଁ ହେବ ନବଯୁଗ ସାହିତ୍ୟ ସଂସଦର ଅଙ୍ଗୀକାରବଦ୍ଧତାର ଏକମାତ୍ର ଭିନ୍ନାଭିନ୍ନ ପ୍ରେରଣା ।

❑

Digitized by srujanika@gmail.com



୧୯୧୭ ମସିହା ଅକ୍ଟୋବର ୩୧ ତାରିଖରେ ପୁରୀ ଜିଲ୍ଲା ଅନ୍ତର୍ଗତ ଚଣାହାଟରେ ଏହି ପ୍ରଖ୍ୟାତ ଚିନ୍ତାନାୟକଙ୍କ ଜନ୍ମ । ମାର୍କସ୍‌ବାଦୀ ଅନୁଚିନ୍ତନ ଓ ଆନ୍ଦୋଳନକୁ ପ୍ରବର୍ଦ୍ଧିତ ତଥା ପରିପୁଷ୍ଟ କରିବାରେ ତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରାଣପ୍ରତିଷ୍ଠାତା ଭାବରେ ସେ ସୁପରିଚିତ । ସଂଗଠନ ସହିତ ସୃଜନ କ୍ଷେତ୍ରରେ ମଧ୍ୟ ତାଙ୍କ ସାଧନାର ସ୍ୱାକ୍ଷର ବେଶ୍ ସମୁଜ୍ଜ୍ୱଳ । ଦୀର୍ଘକାଳର ସାରସ୍ୱତ ସାଧନାର ଫଳଶ୍ରୁତି ସ୍ୱରୂପ, ଓଡ଼ିଆ ସାହିତ୍ୟ ତାଙ୍କ କଲମରୁ ଉପହାର ପାଇଛି ଅଜସ୍ର ଅମୂଲ୍ୟ ଗ୍ରନ୍ଥ । **ଓଡ଼ିଆ ସାହିତ୍ୟର ମତି ଓ ଗତି, ସୃଷ୍ଟି–ଦୃଷ୍ଟି–କୃଷ୍ଟି, ସଙ୍କଟରେ ସାହିତ୍ୟ ସଭ୍ୟତା ସଂସ୍କୃତି, ଜଗତ ଦର୍ଶନରେ ଜଗନ୍ନାଥ, ଜଗନ୍ନାଥ ଦର୍ଶନରେ ଜଗତ, ନୂତନ ଶତାବ୍ଦୀରେ ସାହିତ୍ୟ, ଇତିହାସର ଜିଜ୍ଞାସା, ଖଣ୍ଡା ଓ କଲମ, ଧର୍ମ ଓ ରାଜନୀତି** ପରି ବହୁ ଉଲ୍ଲେଖଯୋଗ୍ୟ ପୁସ୍ତକ ସହିତ ସେ ଲେଖିଛନ୍ତି **ରୁଷରେ ଯାହା ଦେଖିଲି, ପ୍ରଳୟ ଗର୍ଭରୁ ଓ ନବମାନବର ସୃଷ୍ଟି** ପ୍ରଭୃତି ନାନା ସୁସ୍ୱାଦ୍ୟ ଭ୍ରମଣ କାହାଣୀ – ଏହାଛଡ଼ା ଶତାଧିକ ଅନୁବାଦ ପୁସ୍ତକ । ନିଜର ଏହି ସୃଜନକର୍ମ ଏବଂ ଅନୁବାଦ ପାଇଁ ୧୯୭୧ ମସିହାରେ ସେ ପାଇଛନ୍ତି **ସୋଭିଏତ୍ ଦେଶ ନେହେରୁ ପୁରସ୍କାର** ।

ଜଗତ ଦର୍ଶନରେ ଜଗନ୍ନାଥ – ଶ୍ରୀ ପଟ୍ଟନାୟକଙ୍କ ବୁଦ୍ଧିଦୀପ୍ତ ବିଶ୍ଳେଷଣ ଓ ଅନନ୍ୟ ଅନୁଚିନ୍ତନର ଅନ୍ୟ ଏକ ଅଭିବ୍ୟକ୍ତି । ଏହି ଗ୍ରନ୍ଥ ପାଇଁ ସେ ଲାଭ କରିଛନ୍ତି ୧୯୯୨ର କେନ୍ଦ୍ର ସାହିତ୍ୟ ଆକାଦେମୀ ପୁରସ୍କାର ।

Digitized by srujanika@gmail.com